# ଉତ୍କଳ ପ୍ରସଙ୍ଗ

**The Utkal Prasanga**
**February-March 2013**

୬୯ ଭାଗ 	୭ମ/୮ମ ସଂଖ୍ୟା 	ମାଘ-ଚୈତ୍ର 	ଫେବୃଆରୀ-ମାର୍ଚ୍ଚ- ୨୦୧୩

**ପ୍ରଦୀପ କୁମାର ଜେନା,** ଭା.ପ୍ର.ସେ.
କମିଶନର ତଥା ଶାସନ ସଚିବ

**ଡକ୍ଟର ହୁସେନ ରବିଗାନ୍ଧୀ**
ସମ୍ପାଦକ

**ଦେବେନ୍ଦ୍ର ପ୍ରସାଦ ଦାସ,** ଓ.ପ୍ର.ସେ.
ନିର୍ଦ୍ଦେଶକ

ପ୍ରଚ୍ଛଦପଟ ଓ ଲେ-ଆଉଟ୍ ଡିଜାଇନିଂ
**ମାନସ ନାୟକ**

ସମ୍ପାଦନା ସହଯୋଗୀ
**ସଚିଦାନନ୍ଦ ବାରିକ**

ଫଟୋ :
**ରାଜୁ ସିଂ ଓ ମନୋରଂଜନ ମହାନ୍ତି**

କମ୍ପ୍ୟୁଟର ସେଟିଂ ଓ ଡିଜାଇନିଂ
**ହେମନ୍ତ କୁମାର ସାହୁ**
**ସୁମିତ୍ରା କର**

**ପ୍ରତିଖଣ୍ଡ : ଟ. ୫.୦୦**

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ରେ ମୁଦ୍ରିତ ।

ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର-୭୫୧୦୦୧

ଇ-ମେଲ୍ : iprsec@rediffmail.com, iprsec.or@nic.in, ୱେବ୍‌ସାଇଟ୍ : www.orissagov.nic.in
ଫୋନ୍ : ୦୬୭୪-୨୫୩୦୨୧୧

# ସୂଚୀ


| | | | |
|---|---|---|---|
| • ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ ଓ ଶିଳ୍ପର ସୌଷ୍ଠବ | ଡକ୍ଟର ନାରାୟଣ ପଣ୍ଡା | .... | ୧ |
| • ମଧୁବାବୁ ଓ ବିଜୁବାବୁ- ଏକ ତୁଳନାତ୍ମକ ଅଧ୍ୟୟନ | ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ | .... | ୮ |
| • କଳିଙ୍ଗର ବରପୁତ୍ର ସ୍ୱାଭିମାନୀ ବିଜୁ ପଟ୍ଟନାୟକ | ବିମଳା ସିଂହ | .... | ୧୨ |
| • ଓଡ଼ିଆ ଜାତୀୟତା ଓ ବିଜୁବାବୁ | ଅଧ୍ୟାପକ ପବିତ୍ରମୋହନ ବାରିକ | .... | ୧୫ |
| • ପଞ୍ଚାୟତିରାଜ ବ୍ୟବସ୍ଥା : ସେଦିନରୁ ଆଗାମୀ କାଲିଯାଏ | ଡକ୍ଟର ପ୍ରମୋଦ କୁମାର ପରିଡା | .... | ୧୭ |
| • ଗ୍ରାମସଭା ସଶକ୍ତିକରଣ କାର୍ଯ୍ୟକ୍ରମ - ୨୦୧୨ ସମୟର ଆହ୍ୱାନ | ଅପରାଜିତା ଷଡଙ୍ଗୀ | .... | ୨୩ |
| • ଗ୍ରାମୀଣ ଅଭିବୃଦ୍ଧିରେ ଗୋଷ୍ଠୀ ସହଭାଗିତା | ସନ୍ତୋଷ କୁମାର ପାତ୍ର | .... | ୨୬ |
| • ମହିଳା ଓ ଶିଶୁ ବିକାଶରେ ପଞ୍ଚାୟତିରାଜର ଭୂମିକା | ପ୍ରିୟମ୍ବଦା ପଟ୍ଟନାୟକ | .... | ୨୮ |
| • ପଞ୍ଚାୟତିରାଜ ଅନୁଷ୍ଠାନ ଓ ଅର୍ଥ ବ୍ୟବସ୍ଥା | ସ୍ୱପ୍ନେଶ୍ୱର ବାୟା | .... | ୩୦ |
| • ପଞ୍ଚାୟତିରାଜ ପ୍ରଥା ଓ ଏହାର ଉପାଦେୟତା | ଉଦୟନାଥ ତ୍ରିପାଠୀ | .... | ୩୩ |
| • ତୃଣମୂଳ ଗଣତନ୍ତ୍ର ଓ ଗ୍ରାମସଭା | ଡକ୍ଟର ପୁରୁଷୋତ୍ତମ ବିଶ୍ୱାଳ | .... | ୩୬ |
| • ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ | ଇଂ. ମାୟାଧର ସ୍ୱାଇଁ | .... | ୩୯ |
| • ଭାରତ, ଜଗତୀକରଣ ଏବଂ ଜଳବାୟୁ ପରିବର୍ତ୍ତନ | ଲୋକନାଥ ସୁଆର | .... | ୪୪ |
| • ସନାତନ ଧର୍ମ ଏବଂ ସଂସ୍କୃତିର ପ୍ରତୀକ : ଦୋଳ ଓ ହୋଲି | ନଗେନ୍ଦ୍ର ନାଥ ପଟ୍ଟନାୟକ | .... | ୪୮ |
| • ଜ୍ଞାନ ଓ ସତ୍ୟର ପୂଜା ଶ୍ରୀପଞ୍ଚମୀ | ଜ୍ଞାନେନ୍ଦ୍ର ମୋହନ ମିଶ୍ର | .... | ୫୧ |
| • ଓଡ଼ିଆ ଲୋକସାହିତ୍ୟରେ ଲୋକକାହାଣୀ ଓ ଲୋକଗୀତ | ବଶିଷ୍ଠ କୁମାର ବେହେରା | .... | ୫୫ |
| • ବଡଚଣାର ବିପ୍ଳବୀ ବାଘ ସଂଗ୍ରାମୀ ସ୍ୱର୍ଗତ କୃଷ୍ଣମୋହନ | ଗଂଗାଧର ମହାନ୍ତି | .... | ୫୮ |
| • ରାୟଗଡ଼ର ସାହିତ୍ୟ ଓ ସଂସ୍କୃତି | ବାସୁଦେବ ପାତ୍ର | .... | ୬୨ |
| • ଦକ୍ଷିଣ ଓଡ଼ିଶାର ପ୍ରମୁଖ ଶୈବପୀଠ: ଗୁପ୍ତେଶ୍ୱର | ଦାଶରଥି ପାତ୍ର | .... | ୬୭ |
| • ଆମର ସ୍ୱାସ୍ଥ୍ୟ ଓ ସେଲିନିୟମ | ବସନ୍ତ କୁମାର ଦାସ | .... | ୭୧ |
| • ବିଜୁବାବୁ ପରି କିଏ ହେବ | ବିକ୍ରମ ମହାରଣା | .... | ୭୪ |
| • କଟକରେ ଭୂମିଷ୍ଠ 'ଭୂମିପୁତ୍ର' | ବରଦା ପ୍ରସନ୍ନ ଦାସ | .... | ୭୮ |
| • ଓଡ଼ିଶା ବିଧାନସଭାରେ ରାଜ୍ୟପାଳ ଶ୍ରୀ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେଙ୍କ ଅଭିଭାଷଣ | | .... | ୮୧ |


❖ ❖ ❖

**ସମ୍ପାଦକୀୟ**

# ବିଜୁବାବୁ ଓ ଆମ ରାଜ୍ୟର ପଞ୍ଚାୟତିରାଜ ବ୍ୟବସ୍ଥା– ଏକ ବୈପ୍ଳବିକ ପଦକ୍ଷେପ

ନବେ ଦଶକରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବାବେଳେ ଆମ ରାଜ୍ୟରେ ବର୍ତ୍ତମାନ ପ୍ରବର୍ତ୍ତିତ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଆଇନ ପ୍ରଣୟନ କରାଯାଇଥିଲା । ଏଥିରେ ମହିଳା ସଂରକ୍ଷଣର ବ୍ୟବସ୍ଥା କରି ବିଜୁବାବୁ ଭାରତରେ ଅଗ୍ରଗାମୀ ମାର୍ଗଦର୍ଶକର ଭୂମିକା ଗ୍ରହଣ କରିଥିଲେ । ତା'ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ଭାରତୀୟ ସମ୍ବିଧାନ ସଂଶୋଧନ କରି ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ବଳବତ୍ତର କରିଥିଲେ । ଅବଶ୍ୟ ଏବେ ବିଜୁବାବୁଙ୍କ ସୁପୁତ୍ର ନବୀନବାବୁ ଏହି ସଂରକ୍ଷଣକୁ ଏକତୃତୀୟାଂଶରୁ ଅର୍ଦ୍ଧେକ କରିବା ପାଇଁ ଆଇନ ପ୍ରଣୟନ କରି ଗତବର୍ଷର ରାଜ୍ୟ ପଞ୍ଚାୟତିରାଜ ବ୍ୟବସ୍ଥା ପାଇଁ ହୋଇଥିବା ନିର୍ବାଚନରେ ଲାଗୁ କରିଛନ୍ତି ।

ସାରା ଭାରତରେ ବିଭିନ୍ନ ପ୍ରଦେଶର ପଞ୍ଚାୟତିରାଜ ବ୍ୟବସ୍ଥା ଅପେକ୍ଷା ବିଜୁବାବୁଙ୍କ ଦ୍ୱାରା ପ୍ରଣୀତ ପଞ୍ଚାୟତିରାଜ ଆଇନ ସର୍ବାଧିକ ପ୍ରଗତିଶୀଳ ଥିଲା ଏବଂ ଏବେ ନବୀନବାବୁଙ୍କ ସରକାରର ପଞ୍ଚାୟତିରାଜ ବ୍ୟବସ୍ଥା ମଧ୍ୟ ଅନ୍ୟାନ୍ୟ ରାଜ୍ୟର ଆଇନ ଅପେକ୍ଷା ଅଧିକ ପ୍ରଗତିଶୀଳ । ଏହି ପ୍ରଗତିଶୀଳ ଆଇନ ପ୍ରଣୟନ କରି ବିଜୁବାବୁ ଏକ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରିଥିଲେ । ତାଙ୍କରି ସମୟରେ ଗ୍ରାମାଞ୍ଚଳକୁ ରାଜ୍ୟ ରାଜସ୍ୱର ଅର୍ଦ୍ଧେକ ରାଜସ୍ୱ ଉନ୍ନୟନ କାର୍ଯ୍ୟରେ ଖର୍ଚ୍ଚ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା ।

ଆଜି ସେଇ ମହନୀୟ ପୁରୁଷ ବିଜୁବାବୁଙ୍କ ଜନ୍ମ ଦିବସରେ ସବୁବର୍ଷ ପରି ଏବର୍ଷ ମଧ୍ୟ ପାଳିତ ହେଉଛି, 'ପଞ୍ଚାୟତିରାଜ ଦିବସ' । ଏହି ଅବସରରେ 'ଉତ୍କଳ ପ୍ରସଙ୍ଗ' କଳିଙ୍ଗ କେଶରୀ ବିଜୁବାବୁଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଓଡ଼ିଶାର ଗ୍ରାମୀଣ ଜନତାଙ୍କର ଯେଉଁ ବୈପ୍ଳବିକ ବିକାଶ କାର୍ଯ୍ୟ ହେଉଅଛି, ତାହା ଆହୁରି କ୍ଷୀପ୍ରଗତିରେ ନିଜ ଲକ୍ଷ୍ୟ ସ୍ଥଳକୁ ଆଗେଇ ଚାଲୁ ବୋଲି କାମନା କରୁଛି ।

'ବନ୍ଦେ ଉତ୍କଳ ଜନନୀ'

---

ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପର୍କରେ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶ ପାଇଁ ବିଭିନ୍ନ ଲେଖାମାନ ସଂଗ୍ରହ କରିବାରେ ଅନ୍ତରଙ୍ଗ ଭାବେ ସହଯୋଗ କରିଥିବା ପଞ୍ଚାୟତିରାଜ ବିଭାଗ ଅଧୀନସ୍ଥ 'ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ'ର ଉପନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ଦାଶଙ୍କୁ ଆମେ ଧନ୍ୟବାଦ ଅର୍ପଣ କରୁଅଛୁ । ତତ୍ ସହିତ ପ୍ରବାଦ ପୁରୁଷ ବିଜୁବାବୁ ଓ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପର୍କରେ ବହୁ ଉତ୍କୃଷ୍ଟ ଲେଖାମାନ ଦେଇ ଆମକୁ ସହଯୋଗ କରିଥିବା ସମସ୍ତ ସମ୍ମାନାସ୍ପଦ ଲେଖକ/ଲେଖିକାମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

ସମ୍ପାଦକ, ଉତ୍କଳ ପ୍ରସଙ୍ଗ

# ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ ଓ ଶିଳ୍ପର ସୌଷ୍ଠବ

**ଡକ୍ଟର ନାରାୟଣ ପଣ୍ଡା**

Passion for fame: a passion which is the instinct of all great soul. ***Edmund Burke.***

ପରିବର୍ତ୍ତନଶୀଳ ପୃଥିବୀରେ ପ୍ରତି ପଦପାତରେ ମର୍ମିଳ ମୁହୂର୍ତ୍ତର ମୂର୍ଚ୍ଛନାରେ କୋଟି କୋଟି ବ୍ୟକ୍ତି ଜନ୍ମ ଗ୍ରହଣ କରୁଛନ୍ତି । ପୁନଶ୍ଚ ମୃତ୍ୟୁବରଣ କରୁଛନ୍ତି, କିନ୍ତୁ ସମସ୍ତଙ୍କ ଜନ୍ମ ମୃତ୍ୟୁ ଆନନ୍ଦର ଆସର ଓ ଶୋକର ସାଗର ସୃଷ୍ଟି କରୁନାହିଁ । ଯେଉଁମାନଙ୍କ ଆବିର୍ଭାବରେ ଅବନୀ ଆଲୋକରେ ଉଦ୍‌ଭାସିତ ହୁଏ, ତିରୋଧାନରେ ବିଷର୍ଣ୍ଣ ଓ ମୂର୍ଚ୍ଛିତ ହୁଏ, ସେହିପରି ଜଣେ ସାର୍ଥକ ଯୋଗଜନ୍ମା ବିଦଗ୍ଧ ବିନ୍ଧାଣି ବିଜୟାନନ୍ଦ ପଟ୍ଟନାୟକ ।



ସେ ଲକ୍ଷ୍ମୀନାରାୟଣଙ୍କ ଔରସରୁ ଆଶାଲତା ଦେବୀଙ୍କ ଜଠରରୁ କଟକ ଜିଲ୍ଲାର ତୁଳସୀପୁରରେ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ଶ୍ୟାମଳ ଶୈଶବରୁ ବିଜୁ ପଟ୍ଟନାୟକଙ୍କ ପ୍ରତିଭା ପ୍ରତିଭାତ ହୋଇଥିଲା । କୈଶୋରରେ ସ୍ୱାଧୀନ ମନ ଓ ଉନ୍ନତ ଚିନ୍ତା ନେଇ ବିଚରଣ କରୁଥିଲେ । ଅସୀମ ସାହସ ଓ ଅସାଧାରଣ ବୀରତ୍ୱର ସେ ଥିଲେ ମୂର୍ତ୍ତିମନ୍ତ ବିଗ୍ରହ । ତାଙ୍କ ଶରୀରରେ ଥିଲା ଶତସିଂହର ବଳ ଓ ମସ୍ତିଷ୍କରେ ଥିଲା ପ୍ରଚଣ୍ଡ ପ୍ରତ୍ୟୁତ୍ପନ୍ନମତି ପ୍ରତିଭା । ସେ ଥିଲେ ସମୟର ସୌଦାଗର ଓ ଶିଳ୍ପର ଭାସ୍କର । ଗାନ୍ଧିଜୀଙ୍କ ଅଭୟ ଆଶୀର୍ବାଦ ଓ ଗୋପବନ୍ଧୁଙ୍କ ସାରସ୍ୱତ ସାହଚର୍ଯ୍ୟ ବିଜୁ ପଟ୍ଟନାୟକଙ୍କ ଶୈଶବକୁ ସମୃଦ୍ଧ କରିଥିଲା । ଦୀନ ଦଳିତର ସେବାରେ କାୟ-ମନ-ବାକ୍ୟରେ ସେ ନିଜକୁ ଉତ୍ସର୍ଗ କରିଥିଲେ । ସବୁଜ ସ୍ୱପ୍ନର ନାୟକ ଓ ଗଣଗଣିତର ଗାୟକ ବିଜୁ ପଟ୍ଟନାୟକ ସାହସ ଓ ବୀରତ୍ୱର ଥିଲେ ପ୍ରତୀକ । ଅନ୍ୟାନ୍ୟ ଅନୀତି ବିରୁଦ୍ଧରେ ଦୃଢ ଭାବରେ ସ୍ୱର ଉତ୍ତୋଳନ କରୁଥିଲେ, ସେଥିପାଇଁ ସେ ବାରମ୍ବାର କାରାବରଣ କରିଥିଲେ ।

ଅସୀମର ଆହ୍ୱାନରେ ସେ ଥିଲେ ଉଦ୍‌ବେଳିତ ଓ କର୍ତ୍ତବ୍ୟର ସରଣୀରେ ଥିଲେ ଅବିଚଳିତ । ଜୀବନ ଥିଲା ତାଙ୍କର ସଂଗ୍ରାମ ଓ ସଂଗ୍ରାମ ଥିଲା ତାଙ୍କର ସଂସାର । ଅଭାବ ଅନଟନ ଭିତରେ ଦୃଢ ଇଚ୍ଛାଶକ୍ତି ବଳରେ ସେ ଅସାଧ୍ୟକୁ ସାଧନ କରୁଥିଲେ ଓ ଶତ୍ରୁକୁ ପଦାନତ କରି ବିଜୟ ବୈଜୟନ୍ତୀ ଉଡାଇଥିଲେ । ବେଗବତୀ ନଦୀ ପରି ସେ ଥିଲେ ଚଞ୍ଚଳ ଓ ଅସୀମ ଆକାଶପରି ପରିବ୍ୟାପ୍ତ ଅନନ୍ତ ସାଗରପରି ଗଭୀର । ଫୁଟିଲା ଫୁଲପରି କୋମଳ ସକାଳର ସୂର୍ଯ୍ୟପରି ନିର୍ମଳ ।

ପ୍ରତିକୂଳ ପରିବେଶ ଭିତରେ ପ୍ରତିଭା ପ୍ରତିଭାତ ହୁଏ, ଏଥିରେ ତିଳେହେଲେ ସନ୍ଦେହର ଅବକାଶ ନାହିଁ । ବିଜୁ ପଟ୍ଟନାୟକଙ୍କ ପ୍ରତିଭାର ପରିଚୟ ଓ ଉତ୍ସାହର ଉତ୍ସ ଶୈଶବର ଦୃଷ୍ଟି ଆକର୍ଷଣ କରିଥିଲା ଓ ଧୈର୍ଯ୍ୟ, ସାହସ ପ୍ରତି ଓଡିଆଙ୍କ ପକ୍ଷେ ଅଛପା ନଥିଲା । ଆଲୋକର ଆଭାପରି ସେ ଥିଲେ ଆକର୍ଷଣୀୟ ଓ କଳ୍ପନାର କାରୁକାର୍ଯ୍ୟରେ ସେ ବରଣୀୟ,

ବନ୍ଦନୀୟ । ବ୍ୟତିକ୍ରମ ବ୍ୟକ୍ତିତ୍ୱ ଓ ଅସାଧାରଣ ଚରିତ୍ର ବିଜୁ ପଟ୍ଟନାୟକ କରୁଣାର ଥିଲେ ଅନନ୍ୟ ଅବତାର ଓ ଦୟାର ସାଗର । ଦୀନଦଳିତର ସେବାରେ ସେ ନିଜକୁ ଉତ୍ସର୍ଗ କରିଥିଲେ । ଜୀବନ ଥିଲା ତାଙ୍କର ସାଧନା, ମାନବ ସେବା ଥିଲା ତାଙ୍କର କାମନା । ପାର୍ଥିବ କାମନା ବାସନାର ଊର୍ଦ୍ଧ୍ୱରେ ରହି ମାନବର ସେବାକୁ ମାଧବର ସେବା ଭାବରେ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ସେ ଥିଲେ ଗଣର ଗୌଣିକ ଓ ଐହିକର ଏକଲବ୍ୟ ।

ଭ୍ରମଣ ଥିଲା ତାଙ୍କର ନିଶା । ଦୃଢ ମନୋବଳ ଓ ଐକାନ୍ତିକ ନିଷ୍ଠା ତାଙ୍କୁ ସ୍ୱଦେଶରେ ଦେଇଥିଲା ପ୍ରତିଷ୍ଠା । ବହୁ ଘାତ ପ୍ରତିଘାତ ଭିତରେ ୧୯୩୨ ମସିହା ମଇ ମାସ ୩୧ ତାରିଖରେ ବିଜୁ ପଟ୍ଟନାୟକ ସାଇକେଲରେ କଟକରୁ ପେଶୱାର ଯାତ୍ରା କରିଥିଲେ । ତାଙ୍କ ସହ ଯାତ୍ରା କରିଥିଲେ ଅନ୍ତରଙ୍ଗ ଦୁଇବନ୍ଧୁ ଅମର ଦେଓ ଓ ଭ୍ରମରବର ସାହୁ । ସେମାନେ କଟକରୁ ବାହାରି ଚକ୍ରଧରପୁର, ରାଞ୍ଚି, ହଜାରିବାଗ୍, ସାସାରାମ୍, ଆହ୍ଲାବାଦ, କାନ୍‌ପୁର, ଲକ୍ଷ୍ନୌ, ଆଲିଗଡ, ଆଗ୍ରା, ଦିଲ୍ଲୀ, ପାନିପଥ, କାରନିଲ୍, ଜଳନ୍ଧର ଓ ଅମୃତସର ବାଟଦେଇ ପେଶୱାରଠାରେ ପହଞ୍ଚିଥିଲେ ।

ସାହସ ଓ ଧୈର୍ଯ୍ୟ ତାଙ୍କୁ ସଫଳତାର ଶୀର୍ଷରେ ଉପନୀତ କରିଥିଲା । କଟକରୁ ପେଶୱାର୍ ଏ ଦୁର୍ଗମ ପଥର ଅନୁଭୂତିକୁ ପାଥେୟ କରି ବିଜୁ ପଟ୍ଟନାୟକ ଏକ ସଫଳ ଭ୍ରମଣ କାହାଣୀ 'ବୁଲାନିଶା' ରଚନା କରିଥିଲେ । ତାହା ସାର୍ଥକ ପତ୍ରିକା ଉତ୍କଳ ସାହିତ୍ୟରେ ପ୍ରକାଶ ପାଇ ବହୁ ପାଠକୀୟ ସ୍ୱୀକୃତି ଓ ସମ୍ମାନ ଲାଭ କରିଥିଲା । ପାଶ୍ଚାତ୍ୟ ଦାର୍ଶନିକ ଜନ୍ ୱାଟସନ୍ ଫଷ୍ଟର ପ୍ରତିଭା ସମ୍ପର୍କରେ ମତ ପ୍ରଦାନ କରିବାକୁ ଯାଇ ପ୍ରକାଶ କରିଛନ୍ତି,- One of the strongest characteristics of genius is the power of lighting its own fire. ଭିନ୍ନ ପ୍ରତିଭାର ଅଧିକାରୀ ଥିଲେ ବିଜୁ ପଟ୍ଟନାୟକ । ଉତ୍କଳ ସାହିତ୍ୟର ଲବ୍ଧ ପ୍ରତିଷ୍ଠ ସମ୍ପାଦକ ବାଗ୍ମୀ ବିଶ୍ୱନାଥ ବିଜୁ ପଟ୍ଟନାୟକଙ୍କ 'ବୁଲାନିଶା' ଅଧ୍ୟୟନ କରି ବିସ୍ମିତ ହୋଇଥିଲେ ଓ ସାରସ୍ୱତ ପ୍ରତିଭାର ପରିଚୟ ପାଇଥିଲେ । ୧୯୩୪ ମସିହାରେ ବିଶ୍ୱନାଥ କରଙ୍କ ସମ୍ପାଦନାରେ ସମ୍ପାଦିତ ଉତ୍କଳ ସାହିତ୍ୟ ସମ୍ଭ୍ରାନ୍ତ ପତ୍ରିକାରେ ବିଜୁ ପଟ୍ଟନାୟକଙ୍କ ପରି ଜଣେ ତରୁଣ ଲେଖକଙ୍କ ଭ୍ରମଣ କାହାଣୀ ପୃଷ୍ଠାମଣ୍ଡନ କରିବା କମ୍ ଗୌରବର ବିଷୟ ନୁହେଁ । ସେତେବେଳେ ଯେଉଁମାନଙ୍କ ଲେଖା 'ଉତ୍କଳ ସାହିତ୍ୟ'ରେ ପ୍ରକାଶ ପାଉଥିଲା, ସେମାନେ ଲେଖକ ଭାବରେ ସମାଜରେ ମାନ୍ୟତା ପ୍ରାପ୍ତ ହେଉଥିଲେ ଓ ପରବର୍ତ୍ତୀ ସମୟରେ ସାହିତ୍ୟିକ ଭାବରେ ସମାଜରେ ପ୍ରତିଷ୍ଠା ଲାଭ କରିଥିଲେ ।

ବିଜୁ ପଟ୍ଟନାୟକଙ୍କ ସହିତ ଉତ୍କଳ ସାହିତ୍ୟରେ ଯେଉଁ ସାହିତ୍ୟିକମାନଙ୍କ ସୃଷ୍ଟି ପ୍ରକାଶ ପାଇଥିଲା, ସେମାନେ ହେଲେ ମାୟାଧର ମାନସିଂହ, ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠ ନାଥ ପଟ୍ଟନାୟକ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ରାଧାମୋହନ ଗଡନାୟକ । ସେସମୟରେ 'ବୁଲାନିଶା' ନାମରେ ବିଜୟାନନ୍ଦ ପଟ୍ଟନାୟକଙ୍କ ଭ୍ରମଣ କାହାଣୀ ପାଠକ ସମାଜରେ ବେଶ୍ ଆଦୃତ ହୋଇଥିଲା । ଦୁଃଖ ଓ ପରିତାପର ବିଷୟ ଏଯାବତ୍ ତାଙ୍କର ଭ୍ରମଣ କାହାଣୀ ପୁସ୍ତକ 'ବୁଲାନିଶା' ସାମ୍ପ୍ରତିକ ପାଠକର ଦୃଷ୍ଟି ଅନ୍ତରାଳରେ ରହିଯାଇଛି ।

ଦିନରାତି ଓଡ଼ିଶାରେ ବଡବଡ କଳକାରଖାନା ନିର୍ମାଣ, ଇସ୍ପାତ କାରଖାନା ପ୍ରତିଷ୍ଠାର ସ୍ୱପ୍ନ ଦେଖୁଥିବା ଜନନାୟକ ବିଜୁ ପଟ୍ଟନାୟକ ଯେ 'ଉତ୍କଳ ସାହିତ୍ୟ'ରେ ଛାତ୍ର ଅବସ୍ଥାରେ ଏକ ଦୀର୍ଘ ଭ୍ରମଣ କାହାଣୀ ଲେଖିଥିଲେ, ତାହା ଆଜି ବିଶ୍ୱାସ କରି ହୁଏନା । ଜାତି ଗଠନ ନିମନ୍ତେ ବିଜୟାନନ୍ଦ ପଟ୍ଟନାୟକ ଯେଉଁ ଦୁଃସାହସିକ ପଦକ୍ଷେପ ଗ୍ରହଣ କରିଥିଲେ, ତାହାର ଏକ ସରସ ସୁନ୍ଦର ଚିତ୍ର 'ବୁଲାନିଶା' ଭ୍ରମଣ କାହାଣୀରେ ପ୍ରକାଶ ପାଇଛି । 'ବୁଲାନିଶା' ଓଡିଆ ସାହିତ୍ୟରେ ଏକ ଉଚ୍ଚକୋଟୀର ଭ୍ରମଣ କାହାଣୀ ଏଥିରେ ତିଳେହେଲେ ସନ୍ଦେହର ଅବକାଶ ନାହିଁ । 'ବୁଲାନିଶା' ଭ୍ରମଣ କାହାଣୀରେ ସ୍ଥାନିତ ଶବ୍ଦଗୁଡିକ ବେଶ୍ ହୃଦୟସ୍ପର୍ଶୀ ଓ ଅନୁଭବଗୁଡିକ ମାର୍ଜିତ ଅଙ୍ଗେଲିଭା କଥାକୁ ଏପରି ଯାଦୁକରୀ ସ୍ପର୍ଶରେ କଥକ ଶୈଳୀରେ ସେ ପ୍ରକାଶ କରିଛନ୍ତି ଯେ, ଯେକୌଣସି ପାଠକ ଭ୍ରମଣ କାହାଣୀଟିକୁ ଆରମ୍ଭ କରିବାମାତ୍ରେ ଶେଷ ନକରିବା ଯାଏ ରହିପାରିବ ନାହିଁ । ପୁସ୍ତକ ପାଠ୍ୟୋତ୍କଣ୍ଠା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଭ୍ରମଣ ପିପାସା ମନରେ ଜାଗ୍ରତ କରେ । ବିଜୟାନନ୍ଦ ପଟ୍ଟନାୟକଙ୍କ ଭ୍ରମଣ କାହାଣୀ ଅନୁଭବର ଅନ୍ତରୀକ୍ଷ ଓ ବେଦନାର ବର୍ଣ୍ଣବୋଧ । କଳାର କୈବଲ୍ୟ ଭିତରେ କେତେବେଳେ ସେ ଲୀଳାର ଲଳନାମାନଙ୍କୁ ଖୋଜିଛନ୍ତି ତ ଆଉ କେତେବେଳେ ଶିଳ୍ପର ସୌଷ୍ଠବ ଭିତରେ ସେ ଦେଶ ଐତିହ୍ୟର ସନ୍ଧାନ ପାଇଛନ୍ତି । ସାଧନାର ସେ ସ୍ୱୟଂସିଦ୍ଧ ସବ୍ୟସାଚୀ ଓ ନବ ଉତ୍କଳର ସାର୍ଥକ ସ୍ଥପତି ।

ପ୍ରତିକୂଳ ପରିସ୍ଥିତିକୁ ପଦାନତ କରି ଦୃଢ ଇଚ୍ଛା ଶକ୍ତି ବଳରେ ବିଜୟାନନ୍ଦ ପଟ୍ଟନାୟକ ହେଲେ ଦକ୍ଷ ବୈମାନିକ । ନିଷ୍ଠା ଓ ଗଭୀର ଅଧ୍ୟବସାୟ ସଫଳତାର ଶୀର୍ଷରେ ଉପନୀତ କରାଏ ଏକଥା ସେ

ତାଙ୍କ ଜୀବନରେ ପ୍ରମାଣ କରି ଦେଖାଇ ଦେଇଥିଲେ । ନେପୋଲିୟନ୍‌ଙ୍କୁ ସେ ନିଜର ଆଦର୍ଶ ଭାବରେ ଗ୍ରହଣ କରିଥିଲେ । ନେପୋଲିୟନ୍ ପ୍ରକାଶ କରିଥିଲେ ଅସମ୍ଭବ ବୋଲି କିଛି ଶବ୍ଦ ତାଙ୍କ ଅଭିଧାନରେ ନାହିଁ । ବିଜୟାନନ୍ଦ ସେହିପରି କାମକୁ ଅସାଧ ମନେ କରୁନଥିଲେ । କୌଣସି କାମକୁ ଛୋଟବଡ ବିଚାର କରୁନଥିଲେ, ସମସ୍ତ କାମକୁ ସହୃଦୟତାର ସହ ସୁନ୍ଦର ଭାବରେ ସମ୍ପାଦନ କରୁଥିଲେ । କଥା ପ୍ରସଙ୍ଗରେ ଆମର ପରମପ୍ରିୟ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ବିଜୟାନନ୍ଦ ପଟ୍ଟନାୟକଙ୍କୁ ତାଙ୍କ ଜୀବନର ଆଦର୍ଶ ପୁରୁଷ କିଏ ବୋଲି ପଚାରିବାରୁ ସେ ନେପୋଲିୟନ୍‌ଙ୍କ ନାମ ଉଲ୍ଲେଖ କରିଥିଲେ । ତା'ର କାରଣ ମଧ ସେ ଉପସ୍ଥାପନ କରିଥିଲେ । ମାତ୍ର ୨୯ ବର୍ଷ ବୟସରେ ନେପୋଲିୟନ୍ ସମଗ୍ର ଇଉରୋପର ସମ୍ରାଟ ହୋଇଥିଲେ । ଯେଉଁସବୁ ଆଇନ୍ ସେ ପ୍ରବର୍ତ୍ତନ କରିଥିଲେ ଏବେ ମଧ ତାହା ପ୍ରଚଳିତ । ସେ ଯେଉଁ ପ୍ୟାରିସ ସହର ନିର୍ମାଣ କରିଥିଲେ, ତାହା ଏବେ ପୃଥିବୀର ସୌନ୍ଦର୍ଯ୍ୟତମ ନଗରୀରେ ପରିଗଣିତ ହୋଇଛି ।

ବିମାନ ଶିକ୍ଷା ଲାଭ ପରେ ବିଜୟାନନ୍ଦ ଶୋଭାନ ବ୍ରଦର୍ସ ଦ୍ୱାରା ପରିଚାଳିତ 'ଭାରତୀୟ ଜାତୀୟ 'ବିମାନପଥ' (Indian National Airways)ରେ ପାଇଲଟ ଭାବରେ ନିଯୁକ୍ତି ପାଇଲେ । ଦକ୍ଷ ବୈମାନିକ ଭାବରେ ସୁନାମ ଅର୍ଜ୍ଜନ କଲେ । ଅର୍ଥ ଓ ସମ୍ମାନର ଅଧିକାରୀ ହେଲେ । ନିୟତିର ନିୟମ ବିଚିତ୍ର । ନିୟତିର ଅଦୃଶ୍ୟ ହାତ ବ୍ୟକ୍ତିକୁ ନିୟନ୍ତ୍ରିତ କରେ । ସମସ୍ତ ଶକ୍ତି ଓ ସାମର୍ଥ୍ୟ ନିୟତି ନିକଟରେ ହାରମାନେ । ଯାହା ଅବଶ୍ୟମ୍ଭାବୀ ତାହା ନିୟତି । ବିଶିଷ୍ଟ ପାରସ୍ୟ କବି 'Omar Khayyam' ନିୟତି ସମ୍ପର୍କରେ ପ୍ରକାଶ କରିବାକୁ ଯାଇ ମନ୍ତବ୍ୟ ପ୍ରଦାନ କରିଛନ୍ତି–

'The moving finger writes, and having writ moves on, nor all all thy Piety not wit shall lure it back to cancel half a line Not all thy tears wash out a word of it'.

କୋଟି କିରୀଟୀ କିରୀଟିନୀ ତଟିନୀ ତଟ ମାଳିନୀ ପ୍ରଚ୍ଛନ୍ନରତ୍ନ ଧାରିଣୀ ସୁଜଳା ସୁଫଳା ଶସ୍ୟ ଶ୍ୟାମଳା କାନନକୁନ୍ତଳା ମାନିନୀ ମେଖଳା ଆଗଙ୍ଗା ପରିବ୍ୟାପ୍ତ ବୀର ପ୍ରସବିନୀ ଉତ୍କଳ ଜନନୀ ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ଥିଲାବେଳେ କେହି ବୀର ସନ୍ତାନ ପାର୍ଥିବ ଭୋଗସମ୍ପଦ ଭିତରେ ଶାନ୍ତିରେ ପ୍ରଶ୍ୱାସ ନେଇପାରେ ? ସେଥିରୁ ବିଜୟାନନ୍ଦ ପଟ୍ଟନାୟକ ବାଦ୍‌ଯିବେ କିପରି ! ଜନନୀର ରୋଦନ କର୍ଣ୍ଣପାତ କରି ବୈମାନିକ ବୃତ୍ତି ପଦାନତ କରି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଭାରତଛାଡ ଆନ୍ଦୋଳନରେ ଯୋଗ ଦେଲେ । କୌଣସି ସଂକୀର୍ଣ୍ଣତା ଭିତରେ ସେ ଆବଦ୍ଧ ନଥିଲେ । ଜନଗଣର ସେବାରେ ସେ ଜୀବନ ଉତ୍ସର୍ଗ କରିଥିଲେ । ପାର୍ଥିବ ଭୋଗ ବିଳାସଠାରୁ ଦୂରରେ ରହି ସାର୍ବଜନୀନ କାର୍ଯ୍ୟରେ ସମ୍ପୃକ୍ତ ଥିଲେ । ଯଥାର୍ଥରେ କବିବର ରାଧାନାଥ ରାୟ 'ଚନ୍ଦ୍ରଭାଗା' କାବ୍ୟରେ ପ୍ରକାଶ କରିଛନ୍ତି:

'ଯେ ଅଟେ ଜଗତ ଜନର
ମନ ନୟନ କାରା
ଅପ୍ରକଟ ହୋଇ ରହିବା–
ପାଇଁ କାହିଁ ତା ଚାରା ?

ଜନଜଗତର ଯିଏ ଆକର୍ଷଣର କେନ୍ଦ୍ରବିନ୍ଦୁ ତାଙ୍କୁ କ'ଣ ଭୋଗବିଳାସର ସଂକୀର୍ଣ୍ଣତା ଅଟକ କରିପାରିବ ? ସାଧାରଣ ଭିତରେ ଅସାଧାରଣ, ପଙ୍କରେ ପଙ୍କଜ, କଳାମେଘ କୋଳରେ ସୌଦାମିନୀର ଚମକ, ଶୁକ୍ତିରେ ମୌକ୍ତିକ ବିକାଶଲାଭ କଲାପରି ବିଜୟାନନ୍ଦ ପଟ୍ଟନାୟକଙ୍କ ବୀରତ୍ୱ ଓ ପୌରୁଷର ଆଭା ବିଭାରେ ଇଂରେଜମାନଙ୍କ ବକ୍ଷ ପ୍ରଦେଶରେ କମ୍ପନ ସୃଷ୍ଟି ହେଲା । ଗାନ୍ଧିଜୀଙ୍କ କର ସ୍ପର୍ଶରେ ତାଙ୍କ ହୃଦୟରେ ଶିହରଣ ସୃଷ୍ଟି ହୋଇଥିଲା । ଦେଶପ୍ରେମୀ ନେତାମାନଙ୍କୁ ସରକାରୀ ବିମାନରେ ବିଜୟାନନ୍ଦ ପଟ୍ଟନାୟକ ଗୁପ୍ତ ସ୍ଥାନମାନଙ୍କୁ ନେବା ଆଣିବା କରୁଥିଲେ । ଅରୁଣା ଆସଫ୍‌ଅଲ୍ଲୀ, ଶ୍ରୀମତୀ ପଟ୍ଟନାୟକ ଛଦ୍ମ ନାମରେ ଆସି କଟକ ତୁଳସୀପୁରସ୍ଥିତ ଆନନ୍ଦଭବନରେ ଅବସ୍ଥାନ କରିଥିଲେ । ଅଶୋକ ମେହେଟ୍ଟା, ରାମମନୋହର ଲୋହିଆ, ଅଚ୍ୟୁତ ପଟ୍ଟ ବର୍ଦ୍ଧନ ପ୍ରଭୃତି ମାନ୍ୟଗଣ୍ୟ ବ୍ୟକ୍ତି ଛଦ୍ମ ବେଶରେ ଗୁପ୍ତ ଜାଗାରେ ବିଜୟାନନ୍ଦ ପଟ୍ଟନାୟକଙ୍କ ସହ ସମ୍ପର୍କ ରଖିଥିଲେ । ବିଜୟାନନ୍ଦଙ୍କ ଦକ୍ଷତା ଓ ସାହସିକତାକୁ ପ୍ରଶଂସା କରୁଥିଲେ ।

୧୯୩୯ ମସିହାରେ ବିଜୟାନନ୍ଦଙ୍କର କାଶ୍ମୀରର ଏକ ସମ୍ଭ୍ରାନ୍ତ ପରିବାରର ଜ୍ଞାନଦେବୀଙ୍କ ସହିତ ବିବାହ ହୋଇଥିଲା । ଜ୍ଞାନଦେବୀ ଏକ ଧନୀକ ସମ୍ଭ୍ରାନ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର 'ରାଧାକିଶନ ଏଣ୍ଡକୋ ଲିଃ' ନାମକ ଏକ ସଂସ୍ଥା ଥିଲା । ଜ୍ଞାନଦେବୀଙ୍କ ଭିଣୋଇ ଭାରତୀୟ ଜାତୀୟ ବିମାନ ପଥରେ ବିଜୟାନନ୍ଦଙ୍କ ସହକର୍ମୀ ଥିଲେ । ସେହି ସୂତ୍ରରୁ ଉଭୟଙ୍କ ମଧରେ ଯୋଗସୂତ୍ର, ପରିଚୟ ହୋଇଥିଲା । ସେ ବିଜୟାନନ୍ଦଙ୍କ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହିତ ପୂର୍ଣ୍ଣ ସହଯୋଗକୁ ମନପ୍ରାଣରେ ସହଯୋଗ କରୁଥିଲେ । ପ୍ରତ୍ୟେକ ସଫଳ ପୁରୁଷ ପଛରେ ଜଣେ ନାରୀର ହାତ ଥାଏ । ଏହା ସର୍ବବାଦୀ ସମ୍ମତ, ସେଥିରୁ ବିଜୟାନନ୍ଦ ପଟ୍ଟନାୟକ ବାଦ୍‌ଯିବେ କିପରି ? ଜ୍ଞାନଦେବୀଙ୍କ ପ୍ରେରଣା ଓ ପ୍ରଚେଷ୍ଟା ଫଳରେ ଓଡ଼ିଶାରେ ବହୁ ଶିଳ୍ପ ପ୍ରତିଷ୍ଠା ହୋଇଥିଲା ।

ବିଶିଷ୍ଟ ନାଟ୍ୟକାର ଦାର୍ଶନିକ ଜର୍ଜ ବର୍ଣ୍ଣାଡଶ ଏକଦା ପ୍ରକାଶ କରିଥିଲେ 'ମୁଁ ମୋର ଜୀବନ ପ୍ରଦୀପକୁ ସ୍ୱଳ୍ପ ସମୟ ପାଇଁ ପାଇଛି । ଏହାକୁ ଅନ୍ୟକୁ ହସ୍ତାନ୍ତର କରିବା ପୂର୍ବରୁ ମୁଁ ଏହାର ପ୍ରଜ୍ୱଳନ ଚାହେଁ । ବ୍ୟକ୍ତି ବ୍ୟକ୍ତିତ୍ୱର ପ୍ରଧାନ ଆୟୁଧ ହେଉଛି 'ପୌରୁଷ' । ପୌରୁଷ ବ୍ୟକ୍ତିର ଅଭିବ୍ୟକ୍ତିକୁ ଶାଣିତ କରେ । ସେହିପରି ଏକ ଦୃଢମନା ବ୍ୟକ୍ତିକ୍ରମ ବ୍ୟକ୍ତିତ୍ୱ ପ୍ରବାଦ ପୁରୁଷ ବିଜୟାନନ୍ଦ ପଟ୍ଟନାୟକ । ତାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଓ ନୈତିକ ନେତୃତ୍ୱ ପାଇଁ ଓଡ଼ିଶା ଗର୍ବିତ । ତାଙ୍କର ଘଟଣାବହୁଳ ଜୀବନୀ କେବଳ ଓଡ଼ିଶା ଭିତରେ ନୁହେଁ, ସମଗ୍ର ଭାରତବର୍ଷ ପାଇଁ ଏକ ଆଦର୍ଶ । ଦୁଃଖ ଓ ପରିତାପର ବିଷୟ ବିବାହର ତିନିବର୍ଷ ପରେ ବିଜୟାନନ୍ଦ ପଟ୍ଟନାୟକ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଗିରଫ ହୋଇ ଦିଲ୍ଲୀର ରେଡ୍‌ଫୋର୍ଟ ଜେଲ୍‌ରେ କାଳାତିପାତ କଲେ । ପରେ ଫିରୋଜପୁର ଜେଲ୍ ଏବଂ ସେଠାରୁ କଟକ ଜେଲକୁ ସ୍ଥାନାନ୍ତର କରାଯାଇଥିଲା । ସେ ନିଜକୁ ସ୍ୱାଧୀନତା ସଂଗ୍ରାମରେ ନିୟୋଜିତ କରିଥିଲେ । ସେଥିପାଇଁ ୧୯୪୨–୪୫ ମସିହା ପର୍ଯ୍ୟନ୍ତ କାରାବରଣ କରିଥିଲେ ।

ସ୍ୱାଧୀନତା ପୂର୍ବରୁ ୧୯୪୬ ମସିହାରେ ନିର୍ବାଚନ ହୋଇଥିଲା । ଏହିବର୍ଷ ବିଜୟାନନ୍ଦ ପଟ୍ଟନାୟକ ଚୌଦ୍ୱାରରୁ ବିଧାୟକ ଭାବରେ ନିର୍ବାଚିତ ହେଲେ । ୧୯୪୬ ମସିହା ଏପ୍ରିଲ ୨୩ ତାରିଖରେ ମନ୍ତ୍ରିମଣ୍ଡଳ ଗଠନ କରାଗଲା । ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ ହୋଇଥିଲେ ପ୍ରଧାନମନ୍ତ୍ରୀ ।

୧୯୪୭ ମସିହାରେ ନୂଆଦିଲ୍ଲୀଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଦକ୍ଷିଣ ଏସିଆ, ଆଫ୍ରିକା ଓ ବିଭିନ୍ନ ଦେଶର ପ୍ରତିନିଧି ଯୋଗ ଦେଇଥିଲେ । ମହାତ୍ମା ଗାନ୍ଧୀ ସଭାରେ ସଭାପତି ହୋଇଥିଲେ । 'ଆଜିର ନେତା ଆସନ୍ତା କାଲି ସରକାର ଗଢିବେ' ଏକଥା ଉପରେ ସଭାରେ ଆଲୋଚନା ହୋଇଥିଲା । ସମସ୍ତ ଦେଶର ନେତାମାନଙ୍କୁ ଗାନ୍ଧିଜୀ ଓ ଜବାହରଲାଲ୍ ନେହେରୁ ଭଲମନ୍ଦ ଯାଇ ପଚାରି ବୁଝୁଥିଲେ । ପଛରେ ପଦାଙ୍କ ଅନୁସରଣ କରୁଥିଲେ ବିଜୟାନନ୍ଦ ପଟ୍ଟନାୟକ । ଇଣ୍ଡୋନେସିଆ ଦେଶର ପ୍ରତିନିଧି ଜବାହରଲାଲ୍ ନେହେରୁଙ୍କୁ ପଚାରିଲେ ବିଦେଶୀ ଉତ୍ପୀଡ଼କମାନଙ୍କ କବଳରୁ ତାଙ୍କ ନେତା ସୁଲ୍‌ତାନ ସାରିଅର୍ କେମିତି ରକ୍ଷା ପାଇବେ । ସେଥିପାଇଁ ସେମାନେ ତାଙ୍କୁ ସାହାଯ୍ୟ ମାଗିଲେ । ତାଙ୍କ କଥା ଶୁଣି ନେହେରୁ ହଁ କଲେ ନାହିଁ କି ନାହିଁ କଲେ ନାହିଁ । ତା'ପରେ ବିଜୟାନନ୍ଦ ପଟ୍ଟନାୟକଙ୍କ ଆଡକୁ ଟିକେ ବୁଲିପଡି ଚାହିଁଲେ । ଇଣ୍ଡୋନେସିଆ ପ୍ରତିନିଧିଙ୍କୁ ନେହେରୁ କହିଲେ 'ଏଇଠି ଜଣେ ପାଇଲଟ୍ ଅଛନ୍ତି ତାଙ୍କୁ ପଚାରନ୍ତୁ ? ଯଦି ସେ ପାରିବେ । ତାଙ୍କୁ ଏତିକି କହି ସାରି ନେହେରୁ ବିଜୟାନନ୍ଦ ପଟ୍ଟନାୟକଙ୍କୁ କହିଲେ ତାଙ୍କୁ ଟିକେ ସାହାଯ୍ୟ କର । ନେହେରୁଙ୍କ ମୁହଁରୁ ଅନୁକମ୍ପା କଥା ଶୁଣିବା ମାତ୍ରେ ନିଜର ଜୀବନ ବିପନ୍ନ କରି ସେ ଡାକୋଟା ବିମାନ ଯୋଗେ ଇଣ୍ଡୋନେସିଆର ଉପରାଷ୍ଟ୍ରପତି ଡ. ମହମ୍ମଦ ଓ ପ୍ରଧାନମନ୍ତ୍ରୀ ସାଇରିଆର୍‌ଙ୍କୁ ସୁମାତ୍ରାରୁ ଦିଲ୍ଲୀ ଆଣିଲେ ।

ସେଥିପାଇଁ ଇଣ୍ଡୋନେସିଆ ସରକାରଙ୍କ ତରଫରୁ ବିଜୟାନନ୍ଦ ପଟ୍ଟନାୟକଙ୍କୁ ଇଣ୍ଡୋନେସିଆର ସର୍ବଶ୍ରେଷ୍ଠ 'ଭୂମିପୁତ୍ର' ସମ୍ମାନ ପ୍ରଦାନ କରାଯାଇଥିଲା । ବିଜୟାନନ୍ଦ ପଟ୍ଟନାୟକଙ୍କୁ ଇଣ୍ଡୋନେସିଆବାସୀ ଉପାଧି ପରେ ଏକ ସୁରମ୍ୟ କୋଠା, ତେଲଖଣି, ଗୋଟିଏ ଜଙ୍ଗଲ ଉପହାର ଦେଇଥିଲେ । ପୁରସ୍କାର ସ୍ୱରୂପ ଇଣ୍ଡୋନେସିଆବାସୀ ତାଙ୍କୁ ଯାହା ପ୍ରଦାନ କରିଥିଲେ, ତାହାର ଆନୁମାନିକ ମୂଲ୍ୟ ଆଜିର ସମୟରେ ପ୍ରାୟ ଦଶହଜାର କୋଟି ଟଙ୍କା ହେବ । ବିଜୟାନନ୍ଦ ପଟ୍ଟନାୟକ ଇଣ୍ଡୋନେସିଆବାସୀଙ୍କୁ ନମ୍ରତାର ସହ ସମସ୍ତ ଉପହାର ଫେରାଇ ଦେଇଥିଲେ । ସ୍ମିତହସ ହସି କହିଥିଲେ 'କଳିଙ୍ଗର ରାଜା କୌଣସି ଉପହାର ନିଅନ୍ତି ନାହିଁ । ମୁଁ ସେହି କଳିଙ୍ଗ ମାଟିର ସନ୍ତାନ ଏସବୁକୁ ଗ୍ରହଣ କରିବି କେମିତି ?'

ବିଜୟାନନ୍ଦଙ୍କ ବଦାନ୍ୟତାର ପଟାନ୍ତର ନାହିଁ ? ଜଣେ ସୁଦକ୍ଷ ବୈମାନିକ ଭାବରେ ସେ ଯେପରି ପ୍ରଶଂସିତ, ସେପରି ଜଣେ ମହାନ୍ ଉତ୍ସର୍ଗୀକୃତ ଚରିତ୍ର ଭାବରେ ସ୍ୱନାମଧନ୍ୟ । ସେବା ମମତାର ସେ ଥିଲେ ସାତ୍ତ୍ୱିକ ସାଧକ ଓ ପରୋପକାର ସ୍ୱର୍ଗୀୟ ନୀତିର ଥିଲେ ପଥିକ । ପ୍ରତ୍ୟୟର ପୃଥକ ପୃଥିବୀର ପ୍ରଥିତଯଶା ପରିବ୍ରାଜକ ବିଜୟାନନ୍ଦ ଥିଲେ ଅନୁରକ୍ତର ଅନୁନାୟକ ଓ ସମୟର ସଫଳ ସାଧକ । ବହୁ ବାଧାବିଘ୍ନ ସତ୍ତ୍ୱେ ଦେଶ ଇଂରେଜ୍‌ମାନଙ୍କ କବଳରୁ ମୁକ୍ତ ହେଲା । କାଶ୍ମୀର ପ୍ରସଙ୍ଗ ନେଇ ଭାରତ ଓ ପାକିସ୍ଥାନ ମଧ୍ୟରେ ବିବାଦ ଦେଖାଦେଲା । ପାକିସ୍ଥାନ ସୈନ୍ୟ ପ୍ରବଳ ପରାକ୍ରମରେ କାଶ୍ମୀର ଉପତ୍ୟକାରେ ଲୁଟ୍ ତରାଜ ଓ ପୋଡାଜଳା ଆରମ୍ଭ କରିଦେଲେ । ତତ୍କାଳୀନ କାଶ୍ମୀରର ମହାରାଜା ହରିସିଂହ ଭାରତର ପ୍ରଧାନମନ୍ତ୍ରୀ ନେହେରୁଙ୍କ ଅନୁକମ୍ପା ଲୋଡିଲେ । ଭାରତୀୟ ସୈନ୍ୟଙ୍କୁ କିପରି କାଶ୍ମୀରରେ ପହଁଞ୍ଚାଇ ମହାରାଜାଙ୍କ ଜୀବନରକ୍ଷା କରାଯାଇପାରିବ, ସେଥିପାଇଁ ପଣ୍ଡିତ ନେହେରୁ ଉଦ୍‌ବେଗ ପ୍ରକାଶ କଲେ । କାଶ୍ମୀରରେ ସେତେବେଳକୁ ବିମାନ ବନ୍ଦର କିଛି ନଥିଲା । କେବଳ ଗୋଟିଏ ଏୟାର ଷ୍ଟ୍ରିପ୍‌ଟିଏ ଥିଲା ।

ସେଠାରେ ବିମାନ ବନ୍ଦର ଅସମ୍ଭବ ବୋଲି ବାୟୁସେନାର ପାଇଲଟ୍‌ମାନେ ମତ ପ୍ରଦାନ କରିଥିଲେ । ଅପଲକ ନୟନରେ ନେହେରୁ ଚାହିଁଲେ ବିଜୟାନନ୍ଦଙ୍କ ଆଡକୁ । କାଳ ବିଳମ୍ବ ନକରି ବିନା ବାକ୍ୟ ବିନିମୟରେ ବିଜୁ ବିମାନଚାଳନା କରି ଶ୍ରୀନଗର ଉପତ୍ୟକାରେ ବିମାନ ଅବତରଣ କଲେ । ଭାରତୀୟ ସୈନ୍ୟଙ୍କ ସହାୟତାରେ ହରିସିଂହଙ୍କୁ ଆଣି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କଲେ ।

ବିଜୟାନନ୍ଦଙ୍କ ଦୁଃସାହସିକ ବିମାନ ଚାଳନା ଯୋଗୁଁ ମହାରାଜା ହରିସିଂହ ଜୀବନରକ୍ଷା ପାଇଲେ ଓ ପାକିସ୍ଥାନ ସୈନ୍ୟଙ୍କ ଆତଙ୍କରାଜର ପୂର୍ଣ୍ଣଛେଦ ପଡିଲା । ସାହସ ଓ ଧୈର୍ଯ୍ୟର ପରାକାଷ୍ଠା ପ୍ରଦର୍ଶନ କରି ନେହେରୁଙ୍କ ପ୍ରିୟତର ହୋଇଗଲେ ବିଜୟାନନ୍ଦ ।

୧୯୫୦ ମସିହାରେ ପଣ୍ଡିତ ଜବାହରଲାଲ୍ ନେହେରୁ ବିଜୟାନନ୍ଦଙ୍କୁ ଆଉ ଏକ ବିପଦସଙ୍କୁଳ କାର୍ଯ୍ୟ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ । ବିଜୁ ବିନାସର୍ତ୍ତରେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ବି.ପି. କୋଇରାଲାଙ୍କ ନେତୃତ୍ୱରେ ନେପାଳର ବିଦ୍ରୋହୀମାନେ ରାଜଶକ୍ତି ବିରୋଧରେ ସଂଗ୍ରାମ ଚଳାଇ ଥିଲେ । ଇଣ୍ଡୋନେସିଆର ମୁକ୍ତି ସଂଗ୍ରାମର ନେତାମାନଙ୍କ ସହିତ ଯୋଗସୂତ୍ର ରଖିଲା ପରି ବିଜୟାନନ୍ଦ ପଟ୍ଟନାୟକ ନେପାଳର ବିପ୍ଳବୀ ନେତାମାନଙ୍କ ସହିତ ସୁସମ୍ପର୍କ ରଖିଥିଲେ । କେନ୍ଦ୍ରମନ୍ତ୍ରୀ ରଫି ମହମ୍ମଦ କିଦ୍‌ୱାଇଙ୍କ ସହ ଆଲୋଚନା ପରେ ନେପାଳ ବିଦ୍ରୋହୀମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦେବାର ସ୍ଥିର ହେଲା । ବିଜୟାନନ୍ଦ ପଟ୍ଟନାୟକ ଦଶହଜାର ବନ୍ଧୁକ ଧରି ବିମାନରେ ଗୁପ୍ତରେ ଯାଇ ଗୋଟିଏ ନିର୍ଦ୍ଦିଷ୍ଟ ଜଙ୍ଗଲରେ ପକାଇ ଦେଲେ । ଗୃହଯୁଦ୍ଧର ଅବସାନ ପରେ ଅସ୍ତ୍ରଶସ୍ତ୍ର ସହ ବିଜୁବାବୁ ପୁନଶ୍ଚ ନେପାଳରୁ ପ୍ରତ୍ୟାଗମନ କଲେ ।

ବିଜ୍ଞାନକୁ ଜନପ୍ରିୟ କରିବା ପାଇଁ ଜନନାୟକ ବିଜୟାନନ୍ଦ ପଟ୍ଟନାୟକ ୧୯୫୧ ମସିହାରେ କଳିଙ୍ଗ ପୁରସ୍କାର ଆରମ୍ଭ କରିଥିଲେ । ପୃଥିବୀର ଶ୍ରେଷ୍ଠ ବୈଜ୍ଞାନିକମାନଙ୍କୁ କଳିଙ୍ଗ ପୁରସ୍କାର ପ୍ରଦାନ କରାଯାଏ । ସାରା ପୃଥିବୀରେ ସେ ବିଜ୍ଞାନ ପ୍ରେମୀମାନଙ୍କ ନିକଟରେ ବେଶ୍ ସୁପରିଚିତ ।

୧୯୫୨ ମସିହାରେ ସାବାଳକ ଭୋଟ ଏବଂ ପ୍ରଥମ ନିର୍ବାଚନ ହୋଇଥିଲା । ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ନବ ମନ୍ତ୍ରିମଣ୍ଡଳ ଗଠିତ ହୋଇଥିଲା । ବିଜୟା ନନ୍ଦ ପଟ୍ଟନାୟକ କଂଗ୍ରେସ ଦଳର ପ୍ରାର୍ଥୀ ଭାବରେ ବିଧାନ ସଭାକୁ ନିବାଚିତ ହୋଇ ଆସିଥିଲେ । ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗଠିତ ମନ୍ତ୍ରିମଣ୍ଡଳ ୧୯୫୬ ମସିହା ଯାଏଁ ରହିଥିଲା । ୧୯୫୬ ମସିହାରେ ହରେକୃଷ୍ଣ ମହତାବଙ୍କୁ ନବକୃଷ୍ଣ ଚୌଧୁରୀଙ୍କ ଜାଗାରେ ମୁଖ୍ୟମନ୍ତ୍ରୀ କରିବାରେ ଦୀନବନ୍ଧୁ ସାହୁ ଓ ବିଜୁବାବୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୯୫୭ ମସିହାରେ ଦେଶରେ ଦ୍ୱିତୀୟ ସାଧାରଣ ନିର୍ବାଚନ ହେଲା । କଂଗ୍ରେସ ଦଳ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ଲାଭ କରି ପାରିଲା ନାହିଁ । ସ୍ୱାଧୀନ ସଭ୍ୟଙ୍କ ସମର୍ଥନ କଂଗ୍ରେସକୁ ମିଳିଲା । ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ ମନ୍ତ୍ରିମଣ୍ଡଳ ଗଠନ କଲେ । ଏହି ମନ୍ତ୍ରିମଣ୍ଡଳ ମାତ୍ର ୧୯୫୯ ମସିହା ଯାଏଁ ରହିଲା । କଂଗ୍ରେସ ଗଣତନ୍ତ୍ର ପରିଷଦ ସହିତ ହାତ ମିଳାଇଲା । ୧୯୫୯ ମସିହା ମଇ ମାସରେ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହେଲା । ମହତାବ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ନବଗଠିତ ମନ୍ତ୍ରିମଣ୍ଡଳ ମାତ୍ର ୨୧ ମାସ ଯାଏଁ ଚାଲିଲା । କୌଣସି କାରଣରୁ ମହତାବଙ୍କ ସହ ବିଜୁବାବୁଙ୍କ ପଡିଲା ନାହିଁ । ଗୋଟିଏ ପଟରେ ରହିଲେ ବିଜୁବାବୁ, ବୀରେନ୍ ମିତ୍ର ଓ ଦୀନବନ୍ଧୁ ସାହୁ ଅନ୍ୟ ପଟରେ ରହିଲେ କଂଗ୍ରେସ ନେତାଗଣ । ସେତେବେଳେ କଂଗ୍ରେସ ଦଳର ସଭାପତି ଥିଲେ ବନମାଳୀ ପଟ୍ଟନାୟକ । ଘଟଣାକ୍ରମେ ବନମାଳୀ ପଟ୍ଟନାୟକଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣିଲେ । ବନମାଳୀ ପଟ୍ଟନାୟକ ଅନାସ୍ଥା ଭୋଟରେ ହାରିଲେ ଓ ସଭାପତି ପଦରୁ ଓହରିଲେ । ବିଜୟାନନ୍ଦ ପଟ୍ଟନାୟକ ହେଲେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି । ବିଜୟାନନ୍ଦ ପଟ୍ଟନାୟକଙ୍କ ରାଜନୈତିକ ଜୀବନର ଦୃଶ୍ୟପଟ୍ଟ ନିମ୍ନରେ ପ୍ରଦାନ କରାଗଲା:

୧୯୫୨-ବିଧାୟକ, ଭଞ୍ଜନଗର, ୧୯୫୭- ବିଧାୟକ, ଜଗନ୍ନାଥ ପ୍ରସାଦ, ୧୯୬୧- ମୁଖ୍ୟମନ୍ତ୍ରୀ ଓଡ଼ିଶା, ୧୯୬୮- ସାଂସଦ, ରାଜ୍ୟସଭା, ୧୯୭୪- ବିରୋଧୀଦଳ ନେତା, ୧୯୭୭- ମନ୍ତ୍ରୀ, ଇସ୍ପାତ ଓ ଖଣି, ଭାରତ ସରକାର, ୧୯୮୦- ସାଂସଦ, ୧୯୮୫- ବିରୋଧୀଦଳ ନେତା, ରାଜ୍ୟ ବିଧାନସଭା ୧୯୯୦-୯୫ ମୁଖ୍ୟମନ୍ତ୍ରୀ, ଓଡ଼ିଶା । ବିଜୟାନନ୍ଦ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ ହେବା ସମୟରୁ ଏକ ସ୍ୱର୍ଣ୍ଣିମ ଯୁଗର ସୂତ୍ରପାତ ହେଲା । ତାଙ୍କ ଅବିସ୍ମରଣୀୟ ଅବଦାନଗୁଡ଼ିକ କାଳର କପାଳରେ ତିଳକ ସବୁଦିନ ପାଇଁ ରହିଗଲା ।

ଚୌଦ୍ୱାର ଓଟିଏମ୍, କଳିଙ୍ଗ ଟିଉବସ୍, କଳିଙ୍ଗ ରେଫ୍ରିଜେରେସନ୍, କଳିଙ୍ଗ ଆଇରନ୍ ୱାର୍କସ, କଳିଙ୍ଗ ଏୟାରୱେଜ୍ Kalinga Refactories, The Kalinga, a daily Odia, Newspaper, The Choudwar and Barbil Industrial Belts, The Cuttack-Jagatpur Mahanadi Highway Bridge.The Bhubaneswar Airport, Regional College

of Education at Bhubaneswar, The Odisha Aviation Centre, Paradeep Port, The MIG factory at Sunabeda, The thermal power plant at Talcher, Hydro-Electric Project at Balimela. The Odisha University Of Agriculture and Technology, Engineering and Medical College at Burla, The Odisha State Planning Board, Reorganisation of Districts, Ferrosilicon Complex at Theruvali, Engineering College at Rourkela,Express Highway Linking Daitari with Paradeep, sainik School at Bhubaneswar, Regional Research Laboratory of the Council of Scientific and Industrial Research, Odisha ପ୍ରଭୃତି ଅନୁଷ୍ଠାନ ତାଙ୍କ କଳ୍ପନାର କାରୁକାର୍ଯ୍ୟ ଓ ସାଧନାର ସୌଷ୍ଠବ । ନିରବଚ୍ଛିନ୍ନ ନିଷ୍ଠା ଓ ମହିମ୍ନ ମନୀଷା ତାଙ୍କ ବ୍ୟକ୍ତିତ୍ୱକୁ କରିଛି ମହିମାନ୍ୱିତ ।

୧୯୫୦ ମସିହା ଜାନୁଆରୀ ୨୬ ତାରିଖ ଦିନଠାରୁ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେଲା । ବହୁ ତର୍କବିତର୍କ ପରେ ଗ୍ରାମପଞ୍ଚାୟତ ବ୍ୟବସ୍ଥା ସମ୍ବିଧାନରେ ସ୍ଥାନ ପାଇଲା । ମାତ୍ର ଗାନ୍ଧିଜୀଙ୍କର ପରିକଳ୍ପିତ 'ଗ୍ରାମସ୍ୱରାଜ' ଏଥିରେ ସ୍ଥାନ ପାଇଲା ନାହିଁ । ସମ୍ବିଧାନର ଧାରା-୪୦ରେ ଉଲ୍ଲେଖ ରହିଲା-

'The State shall take steps to organise village Panchayats and endow them with such Power and authority as may be necessary to enable them to function as units of self-government.' ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ରାଜ୍ୟ ଗ୍ରାମପଞ୍ଚାୟତ ଗଠନ ନିମନ୍ତେ ପଦକ୍ଷେପ ନେବେ । ଗ୍ରାମପଞ୍ଚାୟତଗୁଡିକ ସ୍ୱାୟତ୍ତ ଶାସିତ ଅନୁଷ୍ଠାନ ରୂପେ କାର୍ଯ୍ୟ କରିବା ପାଇଁ ଆବଶ୍ୟକୀୟ କ୍ଷମତା ଓ କର୍ତ୍ତୃତ୍ୱ ରାଜ୍ୟ ସରକାର ପ୍ରଦାନ କରିବେ ।

ପଣ୍ଡିତ ଜବାହରଲାଲ ନେହେରୁ ୨.୧୦.୧୯୫୯ ତାରିଖରେ ରାଜସ୍ଥାନର ନାଗୌରଠାରେ ପଞ୍ଚାୟତ ରାଜ ବ୍ୟବସ୍ଥା ଉଦ୍‌ଘାଟନ କରିଥିଲେ । ସେହିଦିନଠାରୁ ବିଭିନ୍ନ ରାଜ୍ୟ ପଞ୍ଚାୟତିରାଜ ଅନୁଷ୍ଠାନ ପ୍ରତିଷ୍ଠା ନିମନ୍ତେ ପଦକ୍ଷେପଗ୍ରହଣ କଲେ । ଗ୍ରାମପଞ୍ଚାୟତିରାଜ ଗଠନମୂଳକ ପଦକ୍ଷେପ ନିମନ୍ତେ ବିଜୟାନନ୍ଦ ପଟ୍ଟନାୟକଙ୍କ ଅବଦାନ ଅବିସ୍ମରଣୀୟ । ଗଣତନ୍ତ୍ର ଓ କ୍ଷମତା ବିକେନ୍ଦ୍ରୀକରଣ ଉପରେ ତାଙ୍କର ଗଭୀର ବିଶ୍ୱାସ ଥିଲା । ୧୯୬୧ ମସିହାରେ ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଜୟାନନ୍ଦ ପଟ୍ଟନାୟକ ଉଦ୍‌ବୋଧନ ଦେଇ ପ୍ରକାଶ କରିଥିଲେ: 'The objective of this new experiment noble and so is the work involved Panchayati Raj will remove illiteracy. Poverty and Disease.'

ରାଜ୍ୟରୁ ଦାରିଦ୍ର୍ୟ, ଅଶିକ୍ଷା ଓ ପୀଡନ ଦୂର କରିବା ପାଇଁ ତାଙ୍କର ଅଭିବ୍ୟକ୍ତି ଓ ପଞ୍ଚାୟତିରାଜ ପ୍ରତି ତୀକ୍ଷ୍ଣ ଦୂରଦୃଷ୍ଟି ତାଙ୍କ ପ୍ରତ୍ୟୁତ୍ପନ୍ନମତି ପ୍ରତିଭାର ପରିଚୟ । ଷଷ୍ଠଦଶକରେ ମୁଖ୍ୟମନ୍ତ୍ରୀ ବିଜୁପଟ୍ଟନାୟକ ପ୍ରକାଶ କରିଥିଲେ ସରପଞ୍ଚ ହେଉଛି ଗ୍ରାମପଞ୍ଚାୟତର ମୁଖ୍ୟମନ୍ତ୍ରୀ । ଗ୍ରାମାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସେ ପଞ୍ଚାୟତ ଭିତରେ ଉନ୍ନୟନ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିଥିଲେ । ସର୍ବୋତ୍କୃଷ୍ଟ ବିବେଚିତ ଗ୍ରାମପଞ୍ଚାୟତ ସମିତି ପାଇଁ ଜିଲ୍ଲାସ୍ତରରେ ଆକର୍ଷଣୀୟ ପୁରସ୍କାରର ବ୍ୟବସ୍ଥା କରିଥିଲେ ।

ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ ହେବାପରେ ବିଜୟାନନ୍ଦ ପଟ୍ଟନାୟକ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକୁ ସକ୍ରିୟ କରିବାକୁ ଉଦ୍ୟମ କଲେ । ନିର୍ବାଚନରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ସ୍ଥାନ ସଂରକ୍ଷଣ କରାଯିବାରୁ ୨୭ ହଜାର ମହିଳା ନିର୍ବାଚିତ ପ୍ରତିନିଧି ହେବାର ଗୌରବ ଅର୍ଜନ କଲେ । ଗ୍ରାମପଞ୍ଚାୟତର ସରପଞ୍ଚ ଯଦି ପୁରୁଷ ଥିଲେ ତେବେ ମହିଳା ଥିଲେ ନାଏବ ସରପଞ୍ଚ ଏବଂ ପଞ୍ଚାୟତିରାଜ ସମିତିରେ ଯଦି ପୁରୁଷ ଚେୟାରମ୍ୟାନ ଥିଲେ, ମହିଳା ଭାଇସ ଚେୟାରମ୍ୟାନ୍ ରହିବା ନିମନ୍ତେ ଆଇନ ପ୍ରଣୟନ କରିଥିଲେ ।

ଗ୍ରାମାଞ୍ଚଳର ବିକାଶ ପାଇଁ ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ, ବନୀକରଣ, ପୁଷ୍ଟିକର ଖାଦ୍ୟ ଯୋଗାଣ ଅତ୍ୟାବଶ୍ୟକ ସାମଗ୍ରୀବଣ୍ଟନ କ୍ଷେତ୍ରରେ ମହିଳା ପ୍ରତିନିଧିମାନଙ୍କୁ ଦାୟିତ୍ୱରେ ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ ।

୧୯୯୩ ମାର୍ଚ୍ଚ ୫ତାରିଖ ତାଙ୍କ ଜନ୍ମଦିନରେ ରାଜଧାନୀ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ମହାସମାରୋହରେ ପାଳିତ ହୋଇଥିଲା । ଉକ୍ତ ସମାରୋହରେ ଓଡ଼ିଶାର ପୁରପଲ୍ଲୀରୁ ସମବେତ ହୋଇଥିବା ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକର ନିର୍ବାଚିତ ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ ସେ ଅଭିବ୍ୟକ୍ତି ପ୍ରଦାନ କରିଥିଲେ, 'ଏହି ଅନୁଷ୍ଠାନଗୁଡିକୁ ଅଧିକ ଦକ୍ଷ, ସକ୍ରିୟ ଓ ମଜଭୁତ ନକଲେ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଜନସହଯୋଗ ମିଳିବା କଷ୍ଟକର ହେବ ।

ଏହି ଯୋଗଜନ୍ମା ସାଧକଙ୍କ ଅବଦାନ ଉତ୍କଳ ଇତିହାସରେ ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ ।

ବିଭାଗ ମୁଖ୍ୟ
ଓଡ଼ିଶା ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ

ସହାୟକ ଗ୍ରନ୍ଥସୂଚୀ

୧. ଡକ୍ଟର ହରେକୃଷ୍ଣ ମହତାବ: ଓଡ଼ିଶା ଇତିହାସ: ପ୍ରକାଶକ ଡକ୍ଟର ହରେକୃଷ୍ଣ ମହତାବ ଫାଉଣ୍ଡେସନ: ବିହାରୀବାଗ୍, କଟକ-୭୫୩୦୦୨

୨. ପଣ୍ଡିତ କୃପାସିନ୍ଧୁ ମିଶ୍ର: ଉତ୍କଳ ଇତିହାସ: ପ୍ରକାଶନ, କଟକ ଟ୍ରେଡିଂ କମ୍ପାନୀ, ବାଲୁବଜାର କଟକ-୨

୩. ପ୍ୟାରୀମୋହନ ଆଚାର୍ଯ୍ୟ: ଓଡ଼ିଶାର ଇତିହାସ, ପ୍ରକାଶକ ଓଡ଼ିଶାବୁକ୍ ଷ୍ଟୋର, ବିନୋଦବିହାରୀ, କଟକ-୨

୪. ଅତୁଲଚନ୍ଦ୍ର ପ୍ରଧାନ: ଓଡ଼ିଶା ଇତିହାସ: ପ୍ରକାଶନ, ନାଳନ୍ଦା ବିନୋଦବିହାରୀ, କଟକ-୨

୫. ଡକ୍ଟର ସତ୍ୟନାରାୟଣ ରାଜଗୁରୁ: ମୋ ଜୀବନ ସଂଗ୍ରାମ: ପ୍ରକାଶକ, ଅନ୍ନପୂର୍ଣ୍ଣା ପବ୍ଲିଶର୍ସ: ବ୍ରହ୍ମପୁର-୨

୬. ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ: ମୋ ସମୟର ଓଡ଼ିଶା: ପ୍ରକାଶକ, କିତାବ ମହଲ: କଲେଜସ୍କୋୟାର, କଟକ

୭. ବିଜୟାନନ୍ଦ ପଟ୍ଟନାୟକ: ବୁଲାନିଶା: ପ୍ରକାଶକ, କଟକ, ଷ୍ଟୁଡେଣ୍ଟଷ୍ଟୋର, ବିନୋଦବିହାରୀ, କଟକ-୨

୮. କାଳିନ୍ଦୀ ବେହେରା: କଳିଙ୍ଗର ବରପୁତ୍ର: ପ୍ରକାଶକ: ଫ୍ରେଣ୍ଡସ୍ ପବ୍ଲିଶର୍ସ: ବିନୋଦବିହାରୀ: କଟକ-୨

୯. ଡକ୍ଟର ପ୍ରଫୁଲ୍ଲ କୁମାର ପଟ୍ଟନାୟକ: ଯଶୋଦେହେ- ଆୟୁଷ୍ମାନ: ଦ୍ୱିତୀୟଭାଗ: ପ୍ରକାଶକ: ବିଦ୍ୟାପୁରୀ, କଟକ-୨

୧୦. ଶୀର୍ଷଶ୍ଲୋକ: ଆମ ସମୟର ମହାନାୟକ, ବିଜୁ ପଟ୍ଟନାୟକ ସ୍ମୃତି ସମିତି: ଭୁବନେଶ୍ୱର

1. Bhaskar Parichha : Biju Pattnaik- A Political Biography.
2. C.B. Patel : Odisha Review: Feb-March-2010
3. M.S.Chaturvedi: History of Indian Air Force
4. Dr. H.K. Mahatab:Beginning of the End
5. Dr. P.K.Mishra: Odia Jatira Itihas O Sanskruti
6. Dr. N.K.Sahu: New Aspects of History of Odisha.
7. A.C.Mital:An Early History of Odisha
8. H.C. Das:Military History of Kalinga
9. Dr. K.C.Panigrahi: History of Odisha
10. Dr. N.K. Sahu: History of Odisha

❖ ❖ ❖

# ମଧୁବାବୁ ଓ ବିଜୁବାବୁ– ଏକ ତୁଳନାତ୍ମକ ଅଧ୍ୟୟନ

ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ

ପ୍ରଥମରୁ ହିଁ ସ୍ପଷ୍ଟ କରିଦିଏ ଯେ ଜଣକୁ ଅନ୍ୟଜଣଙ୍କ ସହ ତୁଳନା କରିହେବ ନାହିଁ । କିନ୍ତୁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ବେଳେ ବେଳେ ଏପରି କିଛି ସାମଞ୍ଜସ୍ୟ ଦେଖାଯାଏ, ସେ ବିଷୟରେ ଆଲୋଚନା ନକଲେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବ୍ୟକ୍ତିତ୍ୱର ସଠିକ୍ ଆକଳନ ହୋଇପାରିବ ନାହିଁ । ଓଡ଼ିଶାର ଜନଜୀବନରେ ମଧୁବାବୁ ଓ ବିଜୁବାବୁ ଦୁଇଜଣ ପ୍ରାତଃସ୍ମରଣୀୟ ବ୍ୟକ୍ତିତ୍ୱ । କଥା କଥାରେ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତର ଉକ୍ତି ଉଦ୍ଧାର କଲା ଭଳି ଏବେ ମଧ୍ୟ ସାଧାରଣ ଜନତା ବିଭିନ୍ନ ବିଷୟରେ ଏମାନଙ୍କ ବିଷୟରେ ଉଦାହରଣ ଦେବା ଦେଖାଯାଏ ।

ଓଡ଼ିଶାରେ ମଧୁ ନାମ ଧରି ଅତୀତରେ ବହୁ ବ୍ୟକ୍ତି ଥିଲେ ଏବଂ ବର୍ତ୍ତମାନ ମଧ୍ୟ ବହୁ ବ୍ୟକ୍ତି ଅଛନ୍ତି । କିନ୍ତୁ ମଧୁବାବୁ କହିଲେ ଲୋକେ ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ହିଁ ଚିହ୍ନନ୍ତି । ସେହିପରି ବିଜୁବାବୁଙ୍କ ନାମ ବିଜୟାନନ୍ଦ ପଟ୍ଟନାୟକ ହେଲେ ହେଁ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ବିଜୁବାବୁ ବୋଲି କହିଥାନ୍ତି । ଉଭୟଙ୍କୁ କେହି ମଧୁସୂଦନ ଦାସ ବା ବିଜୟାନନ୍ଦ ପଟ୍ଟନାୟକ ବୋଲି କହିନାହାନ୍ତି, ବରଂ କଥା ପ୍ରସଙ୍ଗରେ ଯଥାକ୍ରମେ ମଧୁବାବୁ ଓ ବିଜୁବାବୁ ବୋଲି ସମ୍ବୋଧିତ କରିଥାନ୍ତି ।

ମଧୁବାବୁଙ୍କ ଜନ୍ମ ତା ୩୦.୪.୧୮୪୮ରିଖ ଓ ମୃତ୍ୟୁ ତା୪.୨.୧୯୩୪ରିଖ ଏବଂ ବିଜୁବାବୁଙ୍କ ଜନ୍ମ ଓ ମୃତ୍ୟୁ ଯଥାକ୍ରମେ ତା ୫.୩.୧୯୧୬ରିଖ ଓ ୧୭.୪.୧୯୯୭ରିଖ । ଉଭୟ ପରିଣତ ବୟସରେ ମୃତ୍ୟୁବରଣ କରିଛନ୍ତି । ଦେଖିବାକୁ ଗଲେ ବିଜୁବାବୁ ଓ ମଧୁବାବୁଙ୍କ ମଧ୍ୟରେ ବୟସର ବ୍ୟବଧାନ ୬୮ବର୍ଷ । କିନ୍ତୁ ଦୁହିଁଙ୍କ ଭିତରେ ଆଦର୍ଶଗତ ସାମଞ୍ଜସ୍ୟ ବହୁତ ଥିଲା ବୋଲି କହିଲେ କିଛି ଭୁଲ୍ ହେବ ନାହିଁ ।

ମୃତ୍ୟୁର ଶେଷ ପର୍ଯ୍ୟନ୍ତ ଉଭୟ ଏ ଜାତିପାଇଁ ଚିନ୍ତା କରୁଥିଲେ । ବିଜୁବାବୁ ସେତେବେଳେ ଦିଲ୍ଲୀରେ ଚିକିତ୍ସାଧୀନ । ମୃତ୍ୟୁସହ ସଂଗ୍ରାମ କରୁଥାନ୍ତି । ଏତିକିବେଳେ ତାଙ୍କୁ ଚିକିତ୍ସା କରୁଥିବା ଜଣେ ଡାକ୍ତର ଶ୍ରୀମଦ୍ ଭାଗବତ ଗୀତା ଦେଇ ପଢିବାକୁ ଅନୁରୋଧ କଲେ ଏବଂ ଏହାଦ୍ୱାରା ତାଙ୍କ ମାନସିକ ଶାନ୍ତି ଆସିବ ବୋଲି କହିଥିଲେ । ବିଜୁବାବୁ ଏହାର ଉତ୍ତରରେ କହିଥିଲେ ବରଂ ଶୀଘ୍ର ଆରୋଗ୍ୟ ଲାଭ କଲେ ସେ (ବିଜୁବାବୁ) ନିଜ ନିର୍ବାଚନ ମଣ୍ଡଳୀର ଲୋକମାନଙ୍କ ନିକଟକୁ ଯାଇ ସେମାନଙ୍କ ସୁଖ ଦୁଃଖର ସାଥୀ ହେବେ ।

ମଧୁବାବୁଙ୍କ ମୃତ୍ୟୁ ଆଉ ଅଳ୍ପ କେଇ ଘଣ୍ଟା ବାକି । ସେ ପଣ୍ଡିତ ନୀଳକଣ୍ଠଙ୍କୁ ଖୁବ୍ ଖୋଜିଲେ । ନୀଳକଣ୍ଠ ମଧ୍ୟ ଆସି ସଙ୍ଗେ ସଙ୍ଗେ ତାଙ୍କ ପାଖରେ ପହଞ୍ଚିଗଲେ । ନୀଳକଣ୍ଠଙ୍କୁ ଦେଖି ମଧୁବାବୁଙ୍କ ମନ ପ୍ରଫୁଲ୍ଲ ହୋଇଗଲା । ନୀଳକଣ୍ଠ ମଧୁବାବୁଙ୍କ ହାତ ଉଠାଇ ନାଡି ପରୀକ୍ଷା କରି କହିଲେ, 'ନାଡି ଭଲ ଅଛି ।' ଏହାର ଉତ୍ତରରେ ମଧୁବାବୁ କହିଲେ, 'ନାଡି ଦେଖୁଛ ? ଅସଲ କାମ ହେଉଛି ଯେଉଁ କାମ ଲାଗି ତୁମେ ମୋତେ ଚାହଁ ସେହି ନାଡି । 'ଏଠାରେ ସୂଚନା ଯୋଗ୍ୟ ଯେ ଏହାର ପୂର୍ବଦିନ ସମ୍ବାଦପତ୍ରରେ ମଧୁସୂଦନଙ୍କ ଉପସ୍ଥିତି ଅତି ପ୍ରୟୋଜନୀୟ ବୋଲି ନୀଳକଣ୍ଠ ଦାସ ଏକ ବିବୃତି ଦେଇଥିଲେ । ମଧୁବାବୁ ପୁଣି କହି ଚାଲିଲେ, 'ଓଡ଼ିଶାକୁ ଚଳାଇବାକୁ ଆଉ କେହି ଲୋକ ଅଛନ୍ତି ?' ଗୋପବନ୍ଧୁଙ୍କ ତିରୋଧାନରେ ସେ ଖୁବ୍ ମର୍ମାହତ ହୋଇଥିଲେ । ତେଣୁ ପୁତ୍ରବତ୍ ସ୍ନେହ କରୁଥିବା ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ କହିଲେ, 'ଗୋପବନ୍ଧୁ ଫାଙ୍କିଦେଇ ଚାଲିଗଲା ।' ମୃତ୍ୟୁଶଯ୍ୟାରେ ସୁଦ୍ଧା ସେହି ଓଡ଼ିଶାର ଚିନ୍ତା !

ତୁଳସୀ ଦୁଇପତ୍ରରୁ ବାସିଲା ଭଳି ମଧୁବାବୁ ଓ ବିଜୁବାବୁ ଉଭୟେ ଯେ ଦିନେ ବଡ ଲୋକ ରୂପେ ପରିଗଣିତ ହେବେ, ଏକଥା ସେମାନଙ୍କ ପିଲାଦିନରୁ ହିଁ ଜଣାପଡିଥିଲା । ଦୁହେଁ ପିଲାଦିନରୁ ନିର୍ଭୀକ, ସ୍ପଷ୍ଟବାଦୀ, ସ୍ୱାଧୀନଚେତା ଓ ଉଦାରମନା ଥିଲେ ।

ମଧୁବାବୁ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ପ୍ରଧାନ ଶିକ୍ଷକଙ୍କ ଭୁଲ ଦର୍ଶାଇ ବିଦ୍ୟାଳୟରୁ ବହିଷ୍କୃତ ହୋଇଥିଲେ ମଧ୍ୟ ନିର୍ଭୟର ସହ ସ୍କୁଲ ସମୂହର ସର୍ବୋଚ୍ଚ କର୍ମକର୍ତ୍ତା ହେଲି ସାହେବଙ୍କୁ ଦେଖାକରି ପୁଣି ବିଦ୍ୟାଳୟରେ ପାଠପଢିବାର ସୁଯୋଗ ପାଇଥିଲେ । ୧୯୨୨ ମସିହାରେ ଗାନ୍ଧିଜୀ କଟକ ଆସି ସ୍ୱରାଜ ଆଶ୍ରମରେ ଅବସ୍ଥାନ କରୁଥାନ୍ତି । ତାଙ୍କୁ ଦେଖିବାକୁ ନେତାଙ୍କଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ଭିଡ ଜମିଥାଏ । ପୋଲିସର କଡା ପହରା । ଗାନ୍ଧିଜୀଙ୍କୁ ଦେଖିବାକୁ ବିଜୁବାବୁଙ୍କ ମନ ମଧ୍ୟ ଛଟପଟ ହେଉଥାଏ । ଭିଡ ଠେଲି ଆଗେଇ ଚାଲିଲେ । ଏତିକିବେଳେ ବ୍ରିଟିଶ ଏସ୍.ପି. ହରଗ୍ରୀଭ୍‌ଙ୍କ ପିତ୍ତଳ ଗୋବଲଗା ବାଡି ବିଜୁଙ୍କ ମୁଣ୍ଡରେ ବାଜିଲା । ଧାର ଧାର ହୋଇ ରକ୍ତ ବୋହିଗଲା । ଧାଇଁ ଆସିଲେ ମହାତ୍ମା ଗାନ୍ଧୀ । ସେଦିନ ମହାତ୍ମା ଗାନ୍ଧୀଙ୍କ ହାତ ବିଜୁଙ୍କ ରକ୍ତରେ ଭିଜି ଯାଇଥିଲା । ବିଜୁବାବୁଙ୍କ ମନରେ ମଧ୍ୟ ପ୍ରତିଶୋଧର ଅଗ୍ନି ଜଳୁଥିଲା । ସେ ସୁଯୋଗ ଉଣ୍ଡି ଦିନେ ରେଭେନ୍ସା କଲେଜ ଖେଳପଡିଆରେ ଏସ୍.ପି.ଙ୍କୁ ଏପରି ମାଡ ଦେଲେ ଯେ, ସେଥିରେ ତାଙ୍କ ଗୋଡ ଭାଙ୍ଗିଗଲା । ସାଧାରଣଭାବେ ଦେଖିଲେ ଏହା ଠିକ୍ କାମ ନହେଲେ ମଧ୍ୟ ବିଜୁବାବୁଙ୍କ ସ୍ୱାଭିମାନ ଓ ସ୍ୱାଧୀନଚେତା ମନୋଭାବଙ୍କୁ ଲକ୍ଷ୍ୟ କରିବାର କଥା ।

ମଧୁବାବୁ ଓ ବିଜୁବାବୁଙ୍କ ଚରିତ୍ରର ଅନ୍ୟ ଏକ ବିଶେଷତ୍ୱ ଥିଲା ସମୟାନୁବର୍ତ୍ତିତା । ଏପରି କୌଣସି ସଭାସମିତି ନାହିଁ ଯେଉଁଠାକୁ ବିଜୁବାବୁ ଓ ମଧୁବାବୁ ନିର୍ଦ୍ଧାରିତ ସମୟରେ ପହଞ୍ଚି ନାହାନ୍ତି । ଏଥିରେ ମିନିଟ୍ କଣ୍ଟା ଏପଟ ସେପଟ ହେବାର ନାହିଁ ।

ମଧୁବାବୁଙ୍କ ପରେ ବିଜୁବାବୁ ହିଁ ଓଡ଼ିଶାରେ ଶିଳ୍ପାୟନର ସ୍ୱପ୍ନ ଦେଖିଥିଲେ । ମଧୁବାବୁ ଉତ୍କଳ ଟ୍ୟାନେରୀ ଓ ଓଡ଼ିଶା ଆର୍ଟ ୱାରସ ପ୍ରତିଷ୍ଠା କରିଥିଲା ବେଳେ ବିଜୁବାବୁ ଥିଲେ କଳିଙ୍ଗ ଆଇରନ୍ ୱାର୍କ୍ସ, କଳିଙ୍ଗ ଟ୍ୟୁବସ୍ ଏବଂ ଚୌଦ୍ୱାର ଲୁଗାକଳର ପ୍ରତିଷ୍ଠାତା । ଏଠାରେ କହିବାକୁ ଉଚିତ ମନେ କରୁଛି ଯେ, ଉତ୍କଳ ଟ୍ୟାନେରୀର ଜୋତା ପରି କଳିଙ୍ଗ ଟ୍ୟୁବସ୍ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିଶ୍ୱ ଦରବାରରେ ଆଦୃତ ଲାଭ କରିଥିଲା ।

ମଧୁବାବୁ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ଏବଂ ବିଜୁବାବୁ ବ୍ରାହ୍ମଧର୍ମାବଲମ୍ବୀ ଥିଲେ ମଧ୍ୟ ଉଭୟଙ୍କ ଶ୍ରୀଜଗନ୍ନାଥଙ୍କଠାରେ ଥିଲା ଅତୁଟ ଭକ୍ତି ଓ ନିଷ୍ଠା । ଜୀବନ ସାୟାହ୍ନରେ ମଧୁବାବୁ ଶ୍ରୀମନ୍ଦିରର ସ୍ୱତ୍ତ୍ୱରକ୍ଷା ପାଇଁ ନିଜ ହାତରୁ ପଇସା ଖର୍ଚ୍ଚ କରି ଯେପରି ମକଦ୍ଦମାରେ ଜୟଯୁକ୍ତ ହୋଇଥିଲେ, ବିଜୁବାବୁ ମଧ୍ୟ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ପ୍ରତ୍ନତାତ୍ତ୍ୱିକ ସଂସ୍ଥାକୁ ଡାକି ସେମାନଙ୍କ କାର୍ଯ୍ୟର ତଦାରଖ ବ୍ୟକ୍ତିଗତ ଭାବେ କରିଥିଲେ ।

ମଧୁବାବୁ ଓ ବିଜୁବାବୁ ଉଭୟଙ୍କ ପତ୍ନୀ ଥିଲେ ଅଣଓଡ଼ିଆ । ମଧୁବାବୁ ବଙ୍ଗୀୟ ଲଳନା ସୌଦାମିନୀଙ୍କୁ କୋଲକତାରେ ବିବାହ କରିଥିଲାବେଳେ ବିଜୁବାବୁ କାଶ୍ମୀର କନ୍ୟା ଜ୍ଞାନଦେବୀଙ୍କୁ ରାୱଲପିଣ୍ଡିଠାରେ ବିବାହ କରିଥିଲେ । କିନ୍ତୁ ଉଭୟ ମଧୁବାବୁ ଓ ବିଜୁବାବୁଙ୍କ ଓଡ଼ିଆ ପ୍ରୀତିର ତଥା ସ୍ୱାଭିମାନ ଉପରେ ପ୍ରଶ୍ନବାଚୀ ନାହିଁ ।

ମଧୁବାବୁ ଭାରତର ତଦାନନ୍ତୀନ ବଡଲାଟ ଲର୍ଡ କର୍ଜନଙ୍କୁ ପ୍ରଭାବିତ କରିବା ଦ୍ୱାରା ୧୯୦୫ ମସିହାରେ ମଧ୍ୟପ୍ରଦେଶରୁ ସମ୍ବଲପୁର ଜିଲ୍ଲା, କଳାହାଣ୍ଡି, ପାଟଣା, ସୋନପୁର ଓ ବାମଣ୍ଡା ଦେଶୀୟ ରାଜ୍ୟ ଏବଂ ଦକ୍ଷିଣ ପଶ୍ଚିମ ସୀମାନ୍ତ ଅଞ୍ଚଳରେ ଥିବା ଗାଙ୍ଗପୁର ଓ ବଣାଇ ରାଜ୍ୟ ଦ୍ୱୟର ମିଶ୍ରଣ ଓଡ଼ିଶା ଡିଭିଜନ ସହ ସମ୍ଭବ ହୋଇଥିଲା । ବଙ୍ଗଭଙ୍ଗ ଯୋଗୁଁ ଲର୍ଡ କର୍ଜନଙ୍କୁ ବଙ୍ଗଳାରେ ଦୁର୍ଜନ କର୍ଜନ ବୋଲି କୁହାଯାଉଥିଲା ବେଳେ ଓଡ଼ିଶା ପାଇଁ ସେ ଥିଲେ ସଜ୍ଜନ କର୍ଜନ ।

ଅନୁରୂପ ଭାବେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ଉତ୍ତମ ସାନ୍ନିଧ୍ୟ ପାଇଥିଲେ ବିଜୁବାବୁ । ତିନିମୂର୍ତ୍ତି ଭବନକୁ ବିଜୁବାବୁଙ୍କ ଥିଲା ଅବାଧ ପ୍ରବେଶ । ଏକ ସମୟରେ ଅସମ୍ଭବ ମନେ ହେଉଥିବା ତିନୋଟି କାର୍ଯ୍ୟ ଯଥା ପାରାଦ୍ୱୀପ ବନ୍ଦର, ଏକ୍ସପ୍ରେସ୍ ହାଇୱେ ଓ ମିଗ୍ ବିମାନ କାରଖାନା ପଣ୍ଡିତ ନେହେରୁଙ୍କ ସାହାଯ୍ୟ ଓ ସହଯୋଗରେ ବିଜୁବାବୁ ସମ୍ପନ୍ନ କରିପାରିଥିଲେ ।

୧୯୧୨ ମସିହାରେ ଓଡ଼ିଶାର କିଛି ସ୍ୱାର୍ଥପର ଜମିଦାରଙ୍କ ଶୋଷଣ ପ୍ରକ୍ରିୟାକୁ ଅଧିକ ଉଗ୍ର କରିବାକୁ ଏଫ.ଏ.ସ୍ଲାକଙ୍କ ପ୍ରଣୀତ ଓଡ଼ିଶା ପ୍ରଜା ସ୍ୱତ୍ତ୍ୱ ବିଲ୍ ବଙ୍ଗ ବିଧାନ ସଭାରେ ମଧୁବାବୁଙ୍କ ତୀବ୍ର

ବିରୋଧ ସ୍ୱତ୍ତ୍ୱ ଗୃହୀତ ହୋଇଥିଲା । ମାତ୍ର ମଧୁବାବୁ ଏହାର ଦୃଢ ପ୍ରତିବାଦ କରି ଭାରତର ବଡଲାଟ ଲର୍ଡ ହାର୍ଡିଞ୍ଜଙ୍କୁ ଏହି ବିଲ୍‌ରେ ସ୍ୱାକ୍ଷର ନକରିବା ପାଇଁ ଅନୁରୋଧ କରିଥିଲେ । ଫଳରେ ଲର୍ଡ ହାର୍ଡିଞ୍ଜ ବିଲ୍‌କୁ ମଞ୍ଜୁରୀ ନଦେଇ ଫେରାଇ ଦେଇଥିଲେ । ସମଗ୍ର ଭାରତୀୟ ପାର୍ଲାମେଣ୍ଟାରୀ ଇତିହାସରେ ଏହା ଥିଲା ଏକ ବ୍ୟତିକ୍ରମ । ଅନ୍ୟ ପକ୍ଷରେ ବିଜୁବାବୁଙ୍କ ବ୍ୟକ୍ତିଗତ ଉଦ୍ୟମ ଦ୍ୱାରା ରାଜ୍ୟର ଶ୍ରମିକମାନଙ୍କ ପାଇଁ ମଜୁରୀ ୨୫ ଟଙ୍କାକୁ ବୃଦ୍ଧି ପାଇଥିଲା । ପରବର୍ତ୍ତୀ ସମୟରେ ବିଜୁବାବୁଙ୍କ ପ୍ରଚେଷ୍ଟାରେ ତାଳଚେର ଥର୍ମାଲ କାରଖାନା, କୃଷି ବିଶ୍ୱବିଦ୍ୟାଳୟ, ରାଉରକେଲା ଇଞ୍ଜିନିୟରିଂ କଲେଜ, ସୈନିକ ସ୍କୁଲ ଇତ୍ୟାଦି ବହୁ ଅନୁଷ୍ଠାନ ଗଢି ଉଠିଥିଲା । ଏତଦ୍‌ବ୍ୟତୀତ ପ୍ରଶାସନକୁ ଜନସାଧାରଣଙ୍କ ନିକଟବର୍ତ୍ତୀ କରିବା ପାଇଁ ଏକ ସମୟରେ ୧୩ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ବୃଦ୍ଧିକରି ବିଜୁବାବୁ ଏକ ଐତିହାସିକ ନିଷ୍ପତ୍ତି ନେଲେ ।

ସାମାଜିକ ଓ ରାଜନୈତିକ ଆଦି ଅନେକ କ୍ଷେତ୍ରରେ ହାରମାନି କୋର୍ଟରେ ମହିଳାମାନଙ୍କୁ ଓକିଲାତି କରିବାର ସୁଯୋଗ ପ୍ରଦାନ କରିଥିଲେ । ଅନ୍ୟ ପକ୍ଷରେ ବିଜୁବାବୁ ମହିଳାମାନଙ୍କ ପ୍ରଗତି ନିମନ୍ତେ ଚାକିରିଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଏବଂ ମହିଳା ବିକାଶ ନିଗମ ପ୍ରତିଷ୍ଠା କରିଥିଲେ ।

ମଧୁବାବୁ ମନ୍ତ୍ରୀପଦ ଅବୈତନିକ ହେବା ଉଚିତ ବୋଲି ଯୁକ୍ତି ବାଢିଥିଲେ ଏବଂ ସରକାର ଏଥିରେ ରାଜି ନହେବାରୁ ବିହାର ଓଡ଼ିଶା ମନ୍ତ୍ରୀ ପରିଷଦରୁ ଇସ୍ତଫା ଦେଇ ଏକ ନୂତନ ପରମ୍ପରା ସୃଷ୍ଟି କରିଥିଲେ । ସେହିପରି ବିଜୁବାବୁ ମଧ୍ୟ ବେତନ ସ୍ୱରୂପ ମାତ୍ର ଏକଟଙ୍କା ନେଇ ଆଉ ଏକ ପରମ୍ପରା ସୃଷ୍ଟି କଲେ । ବ୍ୟକ୍ତିଗତ ଭାବେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇନଥିଲେ ମଧ୍ୟ ମଧୁବାବୁ ଥିଲେ ସ୍ୱଦେଶୀ ଆନ୍ଦୋଳନର ଆଦି ଉଦ୍‌ଗାତା । ଏଥିପାଇଁ ମହାତ୍ମା ଗାନ୍ଧୀ ମଧ୍ୟ ତାଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରୁଥିଲେ । ମହାତ୍ମା ଗାନ୍ଧୀଙ୍କ ବହୁ ପୂର୍ବରୁ ମଧୁବାବୁ ଅରଟରେ ସୂତା କାଟିଥିଲେ ଏବଂ ଲୁଣମରା ଅଭିଯାନ ଆରମ୍ଭ କରିଥିଲେ । ସେହିପରି ବିଜୁବାବୁ ବ୍ରିଟିଶ ସରକାର ଆଖିରେ ଧୂଳିଦେଇ ଜୟପ୍ରକାଶ ନାରାୟଣ, ଅରୁଣା ଆସଫଅଲ୍ଲୀ, ଅଚ୍ୟୁତ ପଟ୍ଟବର୍ଦ୍ଧନ ଓ ରାମମନୋହର ଲୋହିଆ ଇତ୍ୟାଦି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ସ୍ଥାନାନ୍ତରିତ କରି ସ୍ୱାଧୀନତା ଆନ୍ଦୋଳନରେ ଏକ ବଳିଷ୍ଠ ଭୂମିକା ନିଭାଇ ଥିଲେ ।

୧୮୮୪ ମସିହାରେ କଟକ ମ୍ୟୁନିସିପାଲିଟି ପାଇଁ ହୋଇଥିବା ପ୍ରଥମ ନିର୍ବାଚନରେ ମଧୁବାବୁଙ୍କ ନାମରେ କୁତ୍ସାରଟନ କରାଯିବାରୁ ସେ ଦର୍ପନାରାୟଣ ଦାସ ନାମକ ଏକ ଅମଲାଠାରୁ ହାରି ଯାଇଥିଲେ । କିନ୍ତୁ ଉଭୟେ ଖେଳଓ୍ୱାଡ ମନୋବୃତ୍ତି ନେଇ ରାଜନୀତିରୁ ଅବ୍ୟାହତି ନେଇ ନଥିଲେ ଏବଂ ପରବର୍ତ୍ତୀ ସମୟରେ ନିର୍ବାଚନ ଲଢି ଜୟଯୁକ୍ତ ହୋଇଥିଲେ ।

ମଧୁବାବୁ ଓ ବିଜୁବାବୁ ଉଭୟ ଥିଲେ ଉଚ୍ଚମନା ବ୍ୟକ୍ତିତ୍ୱର ଅଧିକାରୀ । ମତଦ୍ୱୈଧ ସତ୍ତ୍ୱେ ମଧ୍ୟ ଉଭୟେ ବିରୋଧୀମାନଙ୍କୁ ପ୍ରଶଂସା କରୁଥିଲେ । ଏଠାରେ କିଛି ଉଦାହରଣ ଦେବାକୁ ଉଚିତ୍ ମନେ କରୁଛି । ଗୋପବନ୍ଧୁ ଓ ମଧୁବାବୁଙ୍କ ମଧ୍ୟରେ ମତଦ୍ୱୈଧ ଥିଲେ ମଧ୍ୟ ସ୍ଥଳ ବିଶେଷରେ ମଧୁବାବୁ ଗୋପବନ୍ଧୁଙ୍କ ଦେଶପ୍ରୀତିର ତାରିଫ୍ କରିଛନ୍ତି ଏବଂ ଗୋପବନ୍ଧୁଙ୍କ ଜୀବନୀ ମହାନ ବୋଲି ମଧ୍ୟ କହିବାକୁ କୁଣ୍ଠାବୋଧ କରି ନାହାନ୍ତି ।

ମଧୁବାବୁ ଆତ୍ମସ୍ତୁତି କରିବାକୁ ପସନ୍ଦ କରୁ ନଥିଲେ । ମଧୁବାବୁ ବିହାର ଓଡ଼ିଶା ବ୍ୟବସ୍ଥା ସଭାକୁ ଛୋଟଲାଟ୍‌ଙ୍କ ଦ୍ୱାରା ସଭ୍ୟ ରୂପେ ମନୋନୀତ ହୋଇଥିଲେ । ଏହି ଉଦ୍ଦେଶ୍ୟରେ ତା୯.୨.୧୯୨୩ରିଖରେ କଟକଠାରେ ମଧୁବାବୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହାର ଉତ୍ତରରେ ମଧୁବାବୁ କହିଥିଲେ, 'ନିଜ ପ୍ରଶଂସା ଶୁଣିବା ମାରାତ୍ମକ ଗୁଳିପ୍ରାୟ । ତହିଁରୁ ଆପଣାକୁ ବଞ୍ଚାଇବା ନିମନ୍ତେ ଚେଷ୍ଟା କରିବା ସର୍ବଦା ଉଚିତ । ଜନ୍ମଭୂମିର ହିତାର୍ଥେ ଆତ୍ମତ୍ୟାଗ ସ୍ୱୀକାର କରିବା ଏକାନ୍ତ କର୍ତ୍ତବ୍ୟ ।'

ବ୍ରିଟିଶ ପାର୍ଲିଆମେଣ୍ଟକୁ ସମ୍ବୋଧିତ କରିବାରେ ମଧୁବାବୁ ହେଉଛନ୍ତି ଏକମାତ୍ର ଓଡ଼ିଆ ଓ ତୃତୀୟ ଭାରତୀୟ । ମଧୁବାବୁଙ୍କ ପୂର୍ବରୁ ଦାଦାଭାଇ ନାରୋଜୀ ଏବଂ ସାର୍ ସୁରେନ୍ଦ୍ରନାଥ ବାନାର୍ଜୀ ଏହି ଗୌରବର ଅଧିକାରୀ ଥିଲେ । ଦୁଇଜଣ ଭାରତୀୟ ଅଦ୍ୟାବଧି ଅନ୍ୟ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନର ଅଧିକାରୀ ହୋଇପାରିଛନ୍ତି । ସର୍ବପ୍ରଥମେ ବିଜୁବାବୁ ଇଣ୍ଡୋନେସିଆର ଭୂମିପୁତ୍ର ରୂପେ ବିବେଚିତ ହୋଇଥିଲେ ଏବଂ ଏହାକୁ ଇଣ୍ଡୋନେସିଆର ସର୍ବୋଚ୍ଚ ବେସାମରିକ ସମ୍ମାନ 'ବୀର ତୁଙ୍ଗ ଯଶ' ମିଳିଥିଲା । ଏତଦ୍‌ବ୍ୟତୀତ ବିଜୁବାବୁଙ୍କୁ ଋଷିଆର ବେସାମରିକ ସମ୍ମାନ ମଧ୍ୟ ମିଳିଥିଲା ।

ମହାତ୍ମା ଗାନ୍ଧୀଙ୍କ ଚିନ୍ତା ଓ ଚେତନାକୁ ମଧୁବାବୁ ବହୁଳଭାବେ ପ୍ରଭାବିତ କରିଛନ୍ତି ବୋଲି ନିଜେ ମହାତ୍ମା ଗାନ୍ଧୀ ସ୍ୱୀକାର କରି ତାଙ୍କୁ ଦ୍ୱିତୀୟ ଟଲଷ୍ଟୟ ବୋଲି କହିବାକୁ ମଧ୍ୟ

କୁଣ୍ଠାବୋଧ କରିନାହାନ୍ତି । କିନ୍ତୁ ମଧୁବାବୁ ଭାରତ ଗୌରବ ପରିବର୍ତ୍ତେ ଆଜି ଉତ୍କଳଗୌରବ ବୋଲି ଅଭିହିତ । ଠିକ୍ ସେହିପରି ଦୁଇଟି ଦେଶର ସର୍ବୋଚ୍ଚ ବେସାମରିକ ଉପାଧିରେ ଭୂଷିତ ବିଜୁବାବୁଙ୍କ ତିରୋଧାନର ୧୪ବର୍ଷ ପରେ ମଧ୍ୟ ବହୁ ଅନୁରୋଧ ଓ ନିବେଦନ ସତ୍ତ୍ୱେ ଏ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ମିଳିନାହିଁ, ଏପରିକି ନୂଆଦିଲ୍ଲୀର କୌଣସି ରାସ୍ତା ତାଙ୍କ ନାମରେ ଅଦ୍ୟାବଧି ନାମିତ ହୋଇନାହିଁ ।


ଠିକ୍ ସେହିପରି ଓଡ଼ିଶାରେ ଜନ୍ମଲାଭ କରି ଓଡ଼ିଶାକୁ ନିଜ କର୍ମଭୂମି ରୂପେ ଆଦରି ନେଇ ଥିବାରୁ ଏହି ଦୁଇ ଉତ୍ତୁଙ୍ଗ ପୁରୁଷଙ୍କ ବ୍ୟକ୍ତିତ୍ୱ ଦିଗନ୍ତ ବିସ୍ତାରୀ ହୋଇପାରିଲା ନାହିଁ । ରକ୍ତ ମାଂସର ମଣିଷଭାବେ ଆମ ସମସ୍ତଙ୍କ ଭଳି ମଧୁବାବୁ ଓ ବିଜୁବାବୁଙ୍କର ମଧ୍ୟ କିଛି ଭୁଲଭଟକା ଥାଇପାରେ । ଏକଥା ଉଭୟ ମଧୁବାବୁ ଓ ବିଜୁବାବୁ ମଧ୍ୟ କଥା ପ୍ରସଙ୍ଗରେ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି । ଏହା ଏଠାରେ ଆଲୋଚନାର ପ୍ରସଙ୍ଗ ନୁହେଁ । ସମସ୍ତ ତ୍ରୁଟି ବିଚ୍ୟୁତି ସତ୍ତ୍ୱେ ସେମାନଙ୍କ ସାଧନା ଓ ସିଦ୍ଧିକୁ ମଧ୍ୟ ଆମକୁ ସ୍ୱୀକାର କରିବାକୁ ହେବ । ସେମାନେ ଆମର ବାରବାର ନମସ୍ୟ ।

ଚୈତନ୍ୟ ଧାମ
ଶବର ସାହି,
ଭୁବନେଶ୍ୱର-୭୫୧୦୦୬

# ଯୁବନୀତି ଉପରେ ପରାମର୍ଶୀୟ କର୍ମଶାଳା

ରାଜ୍ୟରେ ଏକ ଯୁବନୀତି ପ୍ରଚଳନ ନିମନ୍ତେ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ 'ଯୁବବର୍ଗ ଓ ଗଣମାଧ୍ୟମ' ଶୀର୍ଷକ ଏକ ପରାମର୍ଶୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ରାଜ୍ୟର ଅଭିଜ୍ଞ ସାମ୍ବାଦିକ ଏବଂ ବିଭିନ୍ନ ବର୍ଗର ଯୁବ ପ୍ରତିନିଧିମାନେ ଯୋଗଦେଇ ଯୁବନୀତି ପ୍ରଣୟନର ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ । ସ୍ଥାନୀୟ ସୂର୍ଯ୍ୟାଂଶ ହୋଟେଲର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାକୁ ପୂର୍ବାହ୍ନରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଆଇ. ଶ୍ରୀନିବାସ ଉଦ୍‌ଘାଟନ କରି ଯୁବବର୍ଗ ଲୋକସଂଖ୍ୟାର ୪୦ ଭାଗ ହୋଇଥିବା ଦୃଷ୍ଟିରୁ ସେମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ କରାଗଲେ ତାହା ଏହି ବର୍ଗ ପାଇଁ ଅନେକ ସୁଫଳ ଆଣି ପାରିବ ବୋଲି କହିଥିଲେ । ସମୟର ପରିବର୍ତ୍ତନ ସହ ଆମକୁ ଆମର ମାନସିକତାରେ ପରିବର୍ତ୍ତନ ଆବଶ୍ୟକ ବୋଲି ସେ ମତ ବ୍ୟକ୍ତ କରିଥିଲେ । ସେହିପରି ଅନ୍ୟମାନଙ୍କ ମଧ୍ୟରୁ ସନ୍‌ମାର୍ଗର ବରିଷ୍ଠ ସାମ୍ବାଦିକ ଡଃ ଅଶୋକ ପଣ୍ଡା କହିଲେ ଯୁବନୀତି ପ୍ରଣୟନ କ୍ଷେତ୍ରରେ ଅନେକ ସତର୍କତା ଅବଲମ୍ବନ କରିବାକୁ ପଡିବ, କାରଣ ଏମାନେ ହେଉଛନ୍ତି ରାଷ୍ଟ୍ର ଗଠନରେ ଶକ୍ତିର ପ୍ରତୀକ । ଏମାନଙ୍କୁ ଉଚିତ ମାର୍ଗ ପ୍ରଦର୍ଶନ କରାଗଲେ ସମାଜର ଉନ୍ନତି ସାଧିତ ହୋଇପାରିବ ବୋଲି କହିଥିଲେ । ଅନ୍ୟତମ ବିଶେଷଜ୍ଞ ଭାବେ ଟାଇମସ୍ ଅଫ୍ ଇଣ୍ଡିଆର ଶ୍ରୀ ରାଜାରାମ ଶତପଥୀ ଯୁବନୀତି କ'ଣ ଓ କାହିଁକି ଏହା ଭଲ ଭାବରେ ଜାଣିବା ସହ ଏହି ପ୍ରଣୟନ ପ୍ରକ୍ରିୟାରେ ସମସ୍ତଙ୍କୁ ସାମିଲ ହେବାରେ ସୁଯୋଗ ପ୍ରଦାନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । କର୍ମଶାଳାରେ ୟୁ.ଏନ୍.ଏଫ୍.ପି.ଏ.ର ରାଜ୍ୟ ସଂଯୋଜକ ଶ୍ରୀ ହେମନ୍ତ ଦ୍ୱିବେଦୀ ଯୁବନୀତିର ସ୍ୱରୂପ କ'ଣ ଓ ଏହା କିପରି ହେବା ଆବଶ୍ୟକ, ଏହାଦ୍ୱାରା ଯୁବ ସମାଜ କି ପ୍ରକାର ସୁବିଧା ପାଇପାରିବେ ସେ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ ।

ଅପରାହ୍ନରେ ଉପସ୍ଥିତ ଅତିଥିମାନେ ନିଜ ନିଜର ମତ ପ୍ରଦାନ ସହ ଏହି ପ୍ରକ୍ରିୟାକୁ ସ୍ୱାଗତ ଜଣାଇଥିଲେ । କର୍ମଶାଳା ପ୍ରାରମ୍ଭରେ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶକ ଶ୍ରୀ ଡି.ଭି.ସ୍ୱାମୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଦେବେନ୍ଦ୍ର ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଶାଳାରେ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଏବଂ ସାମ୍ବାଦିକ ଉପସ୍ଥିତ ଥିଲେ ।



# କଳିଙ୍ଗର ବରପୁତ୍ର ସ୍ୱାଭିମାନୀ ବିଜୁ ପଟ୍ଟନାୟକ

ବିମଳା ସିଂହ

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ବ୍ୟକ୍ତିକୁ ନେଇ ସମାଜ ଗଠିତ ଏବଂ ସମାଜ ବିନା ବ୍ୟକ୍ତିର ସତ୍ତା ଅସମ୍ଭବ । ଉଭୟେ ତେଣୁ ଉଭୟର ପରିପୂରକ । ସାମାଜିକ ବିକାଶ କ୍ଷେତ୍ରରେ ଏଇ ବ୍ୟକ୍ତିର ନେତୃତ୍ୱ ସର୍ବଦା ନିର୍ଭର କରି ଆସିଛି ଯୁଗଯୁଗ ଧରି । ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ବ୍ୟକ୍ତିର ନେତୃତ୍ୱ ନୀତି ଓ ପ୍ରଭାବ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ପାଗ୍-ଐତିହାସିକ ଯୁଗର ମନୁଷ୍ୟ ଓ ତା'ର ଚତୁଃପାର୍ଶ୍ୱସ୍ଥ ସମାଜଠାରୁ ଆରମ୍ଭ କରି ଆମର ଏଇ ଅତ୍ୟାଧୁନିକ ସମାଜ କ୍ଷେତ୍ରରେ ଯେଉଁ ଅଭୁତପୂର୍ବ ପରିବର୍ତ୍ତନ ଘଟିଛି ସାମାଜିକ, ଐତିହାସିକ, ବୈଜ୍ଞାନିକ, ଭୌଗଳିକ, ସାଂସ୍କୃତିକ ଆଦି କ୍ଷେତ୍ରରେ, ତାହା ବ୍ୟକ୍ତିର ନିଷ୍ଠା, ନୀତି, ପ୍ରଭାବ ଏବଂ ନେତୃତ୍ୱ ଦ୍ୱାରା ହିଁ ସମ୍ଭବ ହୋଇଛି ପୃଥିବୀର ବିଭିନ୍ନ ରାଷ୍ଟ୍ରରେ । ଯେମିତି ଗାନ୍ଧିଜୀଙ୍କର ଅହିଂସା ନୀତି ଓ ତାଙ୍କର ନେତୃତ୍ୱ ବଳରେ ଏ ଭାରତବର୍ଷରେ ସ୍ୱାଧୀନତାର ସ୍ୱାଦ ଚାଖିବାକୁ ସମ୍ଭବ ହୋଇଥିଲା ଏମିତି ଅନେକ ଆଖିଦୃଶିଆ କେତେକ ବ୍ୟକ୍ତିଙ୍କ ଜୀବନ ବୃତ୍ତାନ୍ତ ଅଧ୍ୟୟନ ସମାଜ ପାଇଁ ସର୍ବଦା ପରିବର୍ତ୍ତନର ସ୍ୱର ପ୍ରଦାନ କରିଥାଏ । କାରଣ ସେମାନଙ୍କର ବ୍ୟକ୍ତିତ୍ୱର ପ୍ରଭାବ ସମାଜ ଉପରେ ଏତେବେଶୀ ଥାଏ ଯେ ତାହା ପ୍ରତ୍ୟେକ ମଣିଷ ଉପରେ ଏକ ସ୍ୱତନ୍ତ୍ର ଶିହରଣ ସୃଷ୍ଟି କରେ, ସେମାନଙ୍କର ନାମ ଉଚ୍ଚାରଣ ମାତ୍ରକେ । ସେଇ କେତେଜଣ ଏଇ ମାଟିର ବରପୁତ୍ରମାନଙ୍କ ମଧ୍ୟରେ ବିଶିଷ୍ଟ ଚିନ୍ତାନାୟକ, ସଂଗ୍ରାମୀ, ରାଜନୀତିଜ୍ଞ, ସାହସୀ ଏବଂ ଦକ୍ଷ ସଂଗଠକ ହେଉଛନ୍ତି ବିଜୟାନନ୍ଦ ପଟ୍ଟନାୟକ । ସଂକ୍ଷେପରେ ଯାହାଙ୍କୁ ଏ ମାଟିର ପ୍ରତ୍ୟେକ ଓଡ଼ିଆ 'ବିଜୁବାବୁ' ନାମରେ ଚିହ୍ନେ ।

ଏଇ ମହାନ୍ ଜନନାୟକଙ୍କ ଜନ୍ମ ଉଣେଇଶ ଷୋହଳ ମସିହା ମାର୍ଚ୍ଚମାସ ପାଞ୍ଚ ତାରିଖରେ ହୋଇଥିଲା କଟକର ତୁଳସୀପୁରସ୍ଥ ଆନନ୍ଦ ଭବନରେ । ପୁଣ୍ୟଭୂମି, ବୀରଭୂମି ଉତ୍କଳର ଏଇ ସୁଯୋଗ୍ୟ ସନ୍ତାନଙ୍କର ପିତା ଥିଲେ ଶ୍ରୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏବଂ ମାତା ଥିଲେ ଶ୍ରୀମତୀ ଆଶାଲତା ଦେବୀ । 'ତୁଳସୀ ଦୁଇ ପତ୍ରରୁ ବାସେ' ଭଳି ଏଇ କିମ୍ବଦନ୍ତୀ ପୁରୁଷଙ୍କର ପିଲାଟି ଦିନରୁ ସମସ୍ତ ସୁଗୁଣ, ନିର୍ଭୀକ ପଣିଆ, କଥା ଆଉ କାମରେ ଥିବା ଅଙ୍ଗୀକାରବଦ୍ଧତା ପ୍ରକାଶ ପାଇଥିଲା । ପିଲାଟି ଦିନରୁ ସେ ଭଲ ପାଉଥିଲେ ମଣିଷକୁ, ଜନଜୀବନକୁ । ତାଙ୍କ ହୃଦୟରୁ ଜୀବନର ଦୀପ ଲିଭିବା ପର୍ଯ୍ୟନ୍ତ ଝରୁଥିଲା ପ୍ରେମ । ତାଙ୍କ ବ୍ୟକ୍ତିତ୍ୱ ଥିଲା ଅନନ୍ୟ । ରେଭେନ୍ସା କଲେଜିଏଟ୍ ସ୍କୁଲରୁ ଶିକ୍ଷା ସମାପ୍ତି ପରେ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିଥିଲେ ଏବଂ କୃତିତ୍ୱର ସହ ବି.ଏସ୍‌ସି ପାଶ୍ କଲା ପରେ ସେ ପାଇଲଟ୍ ଭାବରେ ଆଇ.ଏନ୍.ଏ.ରେ ଯୋଗ ଦେଇଥିଲେ । ଜଣେ ଦକ୍ଷ ଖେଳାଳୀ ଭାବରେ ସେ ଛାତ୍ର ଜୀବନରେ ସମସ୍ତଙ୍କର ପରିଚିତ ଥିଲେ ମଧ୍ୟ ଦେଶ ଭିତରେ ଜଣେ ସୁଦକ୍ଷ ପାଇଲଟ୍ ଭାବରେ ଅଧିକ ଜଣାଶୁଣା ଥିଲେ । ତେଣୁ ତାଙ୍କର ଅନେକ ଦୁଃସାହସିକ କାର୍ଯ୍ୟ ପ୍ରଣାଳୀ ଭିତରେ ଅନ୍ୟମାନଙ୍କ ଭିତରେ ବାରିହୋଇ ପଡୁଥିଲେ ଛାତ୍ର ଜୀବନରୁ । କଟକରୁ ପେଶଓ୍ୱାର ପର୍ଯ୍ୟନ୍ତ ଦୀର୍ଘ ୪୦୦୦କି.ମି. ପଥ ସାଇକେଲରେ ଅତିକ୍ରମ କରି ସେସମୟରେ ଜାତୀୟ ସ୍ତରରେ ସମସ୍ତଙ୍କର ଚର୍ଚ୍ଚାର ବିନ୍ଦୁ ପାଲଟି ଥିଲେ ଏଭଳି ଏକ ଦୁଃସାହସିକ ପଦକ୍ଷେପ ଯୋଗୁଁ ।

ଛାତ୍ର ଜୀବନରୁ ସେ ଥିଲେ ସଂଗ୍ରାମୀ । ଗାନ୍ଧୀ, ନେହେରୁଙ୍କର ସେ ଥିଲେ ପଟ୍ଟଶିଷ୍ୟ । ଦେଶ ମାତୃକାର ସେବା ପାଇଁ ସେ ଇଂରେଜମାନଙ୍କ ବିରୁଦ୍ଧରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ କରାଇ ଅନେକ ଥର ଜେଲ୍ ଯାଇଥିଲେ ମଧ୍ୟ ସେଥିରେ ସେ ପାଇଥିଲେ ଅପାର ଆନନ୍ଦ ଦୁଃଖ କରିବା ପରିବର୍ତ୍ତେ । ପିଲାଟି ଦିନରୁ ଏବଂ ପରବର୍ତ୍ତୀ ଜୀବନରେ ସେ ଉତ୍କଳମଣିଙ୍କ ଆଦର୍ଶରେ ନିଜକୁ ସାମିଲ କରାଇ ପାରିଥିଲେ । ସେଇଥି ପାଇଁ ସେ ଥିଲେ ଦୁସ୍ଥ ଜନତାର ବନ୍ଧୁ, ଚାଷୀକୁଳର ସଖା, ସାରା ଭାରତରେ 'ଜଗନ୍ନାଥ ଦେଶ' କହିଲେ ଯେମିତି ଓଡ଼ିଶାକୁ ବୁଝାଏ ଠିକ୍ ସେହିପରି ବିଜୁ ପଟ୍ଟନାୟକ କହିଲେ ଉତ୍କଳ, କଳିଙ୍ଗ ବା ଓଡ଼ିଶାକୁ ବୁଝାଏ । ଏ ମାଟିର ପାଣି ପବନ ସହିତ ସେ ନିଜକୁ ଏତେ ଅନ୍ତରଙ୍ଗ କରାଇ ପାରିଥିଲେ, ତାହା ଅନ୍ୟ ରାଜନୀତିଜ୍ଞ ବା ରାଜନେତାମାନଙ୍କ ପାଖରେ ଥିଲା ଏବଂ ଅଛି ସ୍ୱପ୍ନ ସଦୃଶ । ସ୍ୱାମୀ ବିବେକାନନ୍ଦଙ୍କ ପରେ ବିଜୁ ପଟ୍ଟନାୟକ ହେଉଛନ୍ତି ଦ୍ୱିତୀୟ ବ୍ୟକ୍ତି ଯାହାଙ୍କ ଯୋଗୁଁ ଉତ୍କଳର ପ୍ରତ୍ୟେକ ଓଡ଼ିଆ ଗର୍ବିତ । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହରଲାଲ୍ ନେହେରୁଙ୍କର ସିଏ ଥିଲେ ଅତିପ୍ରିୟ ପାଇଲଟ୍ ଯାହାଙ୍କ ଜୀବନର ଆଦର୍ଶ ଥିଲେ ବିଶ୍ୱବିଖ୍ୟାତ ବୀର ନେପୋଲିୟନ । ଦକ୍ଷ ପାଇଲଟ୍ ଭାବରେ ସେ ତାଙ୍କର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ସୁଦୂର ଇଣ୍ଡୋନେସିଆରେ । ଯେଉଁଥିପାଇଁ ତାଙ୍କୁ ମିଳିଥିଲା ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର' । ଓଡ଼ିଆ ଭାବରେ ସେ ହିଁ ଏକମାତ୍ର ବ୍ୟକ୍ତି ଯିଏକି ଏଇଭଳି ଏକ ବିଦେଶ ଭୂମିର ସର୍ବୋଚ୍ଚ ସମ୍ମାନ ପାଇଛନ୍ତି ।

କାଶ୍ମୀରର ଏକ ସମ୍ଭ୍ରାନ୍ତ ପରିବାରରେ ୧୯୩୯ ମସିହାରେ ବିଜୟାନନ୍ଦଙ୍କର ବିବାହ ହୋଇଥିଲା ଜ୍ଞାନଦେବୀଙ୍କ ସହ । ଏକ ଧନୀ ପରିବାରରେ ବୈବାହିକ ସମ୍ପର୍କ ସ୍ଥାପନ ହୋଇଥିଲେ ମଧ୍ୟ କାଣିଚାଏ ଗର୍ବ ତାଙ୍କୁ ସ୍ପର୍ଶ କରି ନଥିଲା । ଜଣେ ଶିଳ୍ପପତିଙ୍କ କନ୍ୟା ଭାବରେ ଜ୍ଞାନଦେବୀଙ୍କ ପ୍ରେରଣାରେ ବିଜୁବାବୁ ସ୍ଥାପନ କରିଥିଲେ ନିଜ ଜନ୍ମରେ ଅନେକ ଶିଳ୍ପ କାରଖାନା । କୋରାପୁଟର ଦାମନଯୋଡିଠାରେ ୧୨ଶହ କୋଟି ଟଙ୍କାରେ ତାଙ୍କ ଚେଷ୍ଟାରେ ନିର୍ମିତ ହୋଇଥିଲା ଆଲୁମିନିୟମ କାରଖାନା । କେନ୍ଦୁଝରର ନୟାଗଡଠାରେ ତାଙ୍କ ଚେଷ୍ଟାରେ ମଧ୍ୟ ନିର୍ମିତ ହୋଇଥିଲା ଏକ ସ୍ପଞ୍ଜ ଆଇରନ୍ ଫ୍ୟାକ୍ଟରୀ । ଏହା ବ୍ୟତୀତ ଦୁଇଟି ଚାର୍ଜକ୍ରୋମ କାରଖାନା, ମହାନଦୀ ବ୍ୟାରେଜ, ଇନ୍ଦ୍ରାବତୀ ଯୋଜନା, କୁଆଁରିଆ ଯୋଜନା ଓ ସମଲ ବ୍ୟାରେଜ ପ୍ରଭୃତି ବହୁମୁଖୀ କାର୍ଯ୍ୟକ୍ରମର ଭିତ୍ତି ତାଙ୍କରି ସମୟରେ ପଡିଥିଲା । ଚାଷୀକୁଳର ଉନ୍ନତି ଏସବୁ ଦ୍ୱାରା ସମ୍ଭବ ବୋଲି ସେ ଅନୁଭବ କରିଥିଲେ କଳକାରଖାନାର ପ୍ରଗତି ସହ । ଚୌଦ୍ୱାରର କଳିଙ୍ଗ ଟ୍ୟୁବସ୍ ଏବଂ ଲୁଗାକଳ ମଧ୍ୟ ତାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇ ଅନେକ ଲୋକଙ୍କୁ କର୍ମନିଯୁକ୍ତି ଦେଇ ପାରିଥିଲେ ।

ରାଜନୈତିକ କ୍ଷେତ୍ରରେ ହାଟ୍ରିକ୍ ଅର୍ଜନ କରିଥିଲେ କେନ୍ଦ୍ରାପଡା ନିର୍ବାଚନରୁ । କେନ୍ଦ୍ରମନ୍ତ୍ରୀ ଭାବରେ ସେ ନିଜ ଜନ୍ମଭୂମି ପାଇଁ ଅନେକ କିଛି କରିଥିଲେ ମଧ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର କାର୍ଯ୍ୟାବଳୀ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ଶାସନର ପ୍ରଥମସ୍ତର ପଞ୍ଚାୟତିରାଜ ବ୍ୟବସ୍ଥାର ଆଖିଦୃଶିଆ ପରିବର୍ତ୍ତନ ଆଣିଥିଲେ ସିଏ । ଗ୍ରାମାଞ୍ଚଳରେ ଲୋକମାନଙ୍କୁ ଅଳ୍ପ ଖର୍ଚ୍ଚରେ ଗୃହ ଯୋଗାଇ ଦେବା ପାଇଁ କଳିଙ୍ଗ କୁଟୀର ଯୋଜନା, ପଞ୍ଚାୟତ ବାସଗୃହ, ଦେଶୀମଦ ଉତ୍ପାଦନ ଓ ବିକ୍ରୟ ବନ୍ଦ, ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ମହିଳାମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ସହ ରାଜ୍ୟର ପୁନର୍ଗଠନ ଏବଂ ୩୦ଟି ଜିଲ୍ଲାରେ ଓଡ଼ିଶାକୁ ପରିଗଣିତ କରିବା ସହ ଅନେକ ବିଦ୍ୟାଳୟକୁ ଏକ ସମୟରେ ସରକାରୀ ଘୋଷଣା କରିବା ଥିଲା ତାଙ୍କ ଦକ୍ଷତାର ପରିଚାୟକ । ବହୁ ଲୋକାଭିମୁଖୀ ଯୋଜନାମାନ କାର୍ଯ୍ୟକାରୀ କରାଇ ସେ ଉତ୍କଳବାସୀଙ୍କର ଅତି ପ୍ରିୟ ହୋଇପାରିଥିଲେ । ସେ ଏତେ ସ୍ୱାଭିମାନୀ ଥିଲେ ଯେ ଓଡ଼ିଶାବାସୀଙ୍କର କ୍ଷତି ହେଲା ଭଳି କୌଣସି ପଦକ୍ଷେପ ଯେଉଁ ସରକାର ନେଉଥିଲା, ସେ ସରକାରରେ ସେ ଯଦି ମନ୍ତ୍ରୀଥିଲେ, ସେଠାରୁ ଇସ୍ତଫା ଦେଇଥିଲେ । ତାଙ୍କର ବ୍ୟକ୍ତିତ୍ୱ ଥିଲା ଅନନ୍ୟ । ସାହସୀ, ବଳିଷ୍ଠ ନେତୃତ୍ୱ ପାଇଁ ସେ କଳିଙ୍ଗର ଯୋଗ୍ୟ ପୁତ୍ର ଭାବରେ ଅଗ୍ରଗଣ୍ୟ । ତାଙ୍କର ଦୃଢ ପଦକ୍ଷେପ ଯେକୌଣସି ସାମାଜିକ ରାଜନୈତିକ, ଆର୍ଥିକ କ୍ଷେତ୍ରର ସମସ୍ତଙ୍କୁ ଚକିତ କରିଦେଉଥିଲା । ଜୀବନରେ ଅନେକ ବିପଦର ସମ୍ମୁଖୀନ ହୋଇଥିଲେ ମଧ୍ୟ ବହୁବାର ସ୍ୱାଧୀନତା ସଂଗ୍ରାମୀ ଭାବରେ ଜେଲ୍ ଯାଇଥିଲେ ଓ ସେ ପଛକୁ ହଟିବା ଶିଖି ନଥିଲେ । ସମସ୍ତ ଦୁଃଖ, ବିପଦକୁ ସେ ସାମ୍ନା କରିଥିଲେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ । ତାଙ୍କର ନିର୍ଭୀକପଣିଆ, ଅଙ୍ଗୀକାରବଦ୍ଧତା, ସ୍ୱାଭିମାନଗୁଣ, ଦୂରଦ୍ରଷ୍ଟା, ରାଜନୀତିରେ ମଙ୍ଗୁଆଳ ଆଦି ସୁଗୁଣ ଯୋଗୁଁ ସେ ଝଡର ଇଗଲ୍ ଓ ଏ ମାଟିର କୃଷ୍ଣସାର ଆଖ୍ୟା ପାଇଥିଲେ । ରାଜ୍ୟର ପଞ୍ଚାୟତି ଶାସନ କ୍ଷେତ୍ରରେ ଆଜି ଯେଉଁ ଅଭୁତପୂର୍ବ ପରିବର୍ତ୍ତନ ଘଟିଛି କେବଳ ସେଇ ଚିନ୍ତାନାୟକ, ଜନନାୟକ ବିଜୁବାବୁଙ୍କ ସ୍ୱପ୍ନ ଯୋଗୁଁ ଏବଂ ସେ ହିଁ ସେ ସ୍ୱପ୍ନକୁ ସାକାର

କରିଯାଇଛନ୍ତି । ତାଙ୍କର ଆବର୍ତ୍ତମାନରେ ଓଡ଼ିଶାରେ ଆଜି ସବୁଥାଇ କିଛିନଥିଲା ପରି ମନେହୁଏ । ଏଇ ମହାନ୍ ଆତ୍ମାଙ୍କର ଜନ୍ମ ଦିବସଟିକୁ ଓଡ଼ିଶା ସରକାର 'ପଞ୍ଚାୟତିରାଜ ଦିବସ' ରୂପେ ଘୋଷଣା କରି ତାଙ୍କର ଏ କ୍ଷେତ୍ରରେ ଅବଦାନ ପାଇଁ ଉପଯୁକ୍ତ ସମ୍ମାନ ଦେଇଛନ୍ତି । ଏହା ନିଃସନ୍ଦେହ ତାଙ୍କ ବିରୋଧରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସର୍ବୋଦୟ ନେତ୍ରୀ ସ୍ୱର୍ଗତା ଅନ୍ନପୂର୍ଣ୍ଣା ମହାରଣାଙ୍କ ଭାଷାରେ 'ଓଡ଼ିଶା ତା'ର ବୀର ଏବଂ ଶ୍ରେଷ୍ଠତମ ସନ୍ତାନଙ୍କୁ ହରାଇ ଧରିତ୍ରୀ ପରି ସର୍ବଂସହା ହୋଇଗଲା ।' ବିଶିଷ୍ଟ ସାମ୍ବାଦିକ, ଜନନାୟକ ସ୍ୱର୍ଗତ ରାଧାନାଥଙ୍କ ଭାଷାରେ 'ନେହେରୁଙ୍କୁ ଛାଡିଦେଲେ ଭାରତବର୍ଷରେ ତାଙ୍କଭଳି ନେତା ଆଉ କେହି ନାହାଁନ୍ତି ।' ଜୀବନର ଶେଷଦୀପ ୧୯୯୮ ଅପ୍ରେଲ୍‌ମାସ ୧୭ ତାରିଖରେ ସକାଳ ଆଠଟା ସମୟରେ ଦିଲ୍ଲୀଠାରେ ଚିକିତ୍ସିତ ଅବସ୍ଥାରେ ଲିଭିଗଲା ସିନା- ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତାଙ୍କ କଣ୍ଠରୁ ବାହାରି ଥିଲା 'ମୋ ରାଜ୍ୟ ଓଡ଼ିଶା ଭଲତ, ମୁଁ ଭଲ' । ଏହା ଥିଲା ପ୍ରଧାନମନ୍ତ୍ରୀ ପଦକୁ ତ୍ୟାଗକରି ନିଜ ଜନ୍ମମାଟିର ସେବା ପାଇଁ ଦୀର୍ଘବର୍ଷ ଧରି ନିଜକୁ ଉତ୍ସର୍ଗ କରିଯାଇଥିବା ସେଇ ପ୍ରାତଃ ସ୍ମରଣୀୟ ବିଶିଷ୍ଟ ସମାଜସେବୀ, ପ୍ରାଜ୍ଞ, ବିଜ୍ଞ, ଯୋଦ୍ଧା, କଳିଙ୍ଗବୀର ସ୍ୱାଭିମାନୀ ବିଜୁ ପଟ୍ଟନାୟକଙ୍କ ଭଳି ବିରଳ ବ୍ୟକ୍ତିତ୍ୱର ଉଦ୍‌ଘୋଷଣା ।

ଆସନ୍ତୁ ଏଇ ମହାନ୍ ନେତାଙ୍କର ଜନ୍ମ ଦିନରେ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ଯାହା ହେବ ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ।

ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚବିଦ୍ୟାଳୟ
ଖଣ୍ଡଗିରି, ଭୁବନେଶ୍ୱର-୩୦

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଅପ୍ରେଲରୁ ଆଧୁନିକ ପଦ୍ଧତିରେ ଇଂରାଜୀ ଶିକ୍ଷାଦାନ ଆରମ୍ଭ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଗୁଡିକରେ ଇଂରାଜୀ ଭାଷା ଗବେଷଣାଗାର ସ୍ଥାପନ କରାଯିବ । ଏହା ଅପ୍ରେଲ ୨୦୧୩ରୁ କାର୍ଯ୍ୟକାରୀ ହେବ । ଏଗୁଡିକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଇଂରାଜୀ ଭାଷାରେ ଦକ୍ଷ ହୋଇପାରିବେ । ଏ ସମ୍ବନ୍ଧରେ ଏକ ରାଜିନାମାପତ୍ର ଓଡ଼ିଶା ଆଦର୍ଶ ଆଦିବାସୀ ଶିକ୍ଷା ସମିତି(ଓମ୍‌ଟେସ୍) ଓ ଲିକ୍ୱିଭିଡ୍ ଇ-ଲରନିଙ୍ଗ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ସ୍ୱାକ୍ଷରିତ ହୋଇଛି । 'ଓମ୍‌ଟେସ୍' ସଚିବ ଶ୍ରୀ ଏ.ବି.ଓତା ଓ ଲିକ୍ୱିଭିଡ୍ ଇ-ଲରନିଙ୍ଗ୍ ପକ୍ଷରୁ ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ୍ ଶ୍ରୀ ଅମିତ୍ ଗୋଏଙ୍କା ଏହି ରାଜିନାମା ପତ୍ର ସ୍ୱାକ୍ଷର କରିଥିଲେ । ଲିକ୍ୱିଭିଡ୍ ଇ-ଲରନିଙ୍ଗ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନିୟୋଜିତ ଜଣେ ଇଂରାଜୀ ଶିକ୍ଷା ତାଲିମଦାତା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଏକବର୍ଷ ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ଇଂରାଜୀ ଭାଷା ଉପରେ ଶିକ୍ଷାଦାନ କରିବେ । ବିଦ୍ୟାଳୟର ଇଂରାଜୀ ଶିକ୍ଷକମାନେ ଏହି ଶିକ୍ଷାଦାନ ପଦ୍ଧତିକୁ ସଠିକ୍‌ରୂପେ ଆପଣେଇବା ପାଇଁ ମଧ୍ୟ ଇଂରାଜୀ ତାଲିମଦାତା ଆବଶ୍ୟକ ପ୍ରଶିକ୍ଷଣ ଦେବେ । ୧୩ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ୬ଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ଏହି ଇଂରାଜୀ ଗବେଷଣାଗାରରେ ତାଲିମ ଦିଆଯିବ । ଇଂରାଜୀ ଭାଷା ଶିକ୍ଷା ତାଲିମ କାର୍ଯ୍ୟକ୍ରମ ଦ୍ୱାରା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିବର୍ଗର ଛାତ୍ରଛାତ୍ରୀମାନେ ଇଂରାଜୀ ଭାଷା ସଠିକ୍ ବୁଝିବା, ପଢିବା, ଉଚ୍ଚାରଣ କରିବା ଏବଂ ଲେଖିବାରେ ଦକ୍ଷତା ହାସଲ କରିପାରିବେ । ଏହା ଦ୍ୱାରା ବିଦ୍ୟାର୍ଥୀମାନଙ୍କ ବ୍ୟକ୍ତିତ୍ୱର ମଧ୍ୟ ବିକାଶ ହୋଇପାରିବ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇବର୍ଷ ଧରି ଅନୁସୂଚିତ ଅନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ବିଭାଗୀୟ ବିଦ୍ୟାଳୟଗୁଡିକରେ ସି.ବି.ଏସ୍.ଇ. ଡାଞ୍ଚାରେ ଶିକ୍ଷା ଦିଆଯାଉଛି । ସମ୍ପ୍ରତି ଏହି ଇଂରାଜୀ ଗବେଷଣାଗାର ସ୍ଥାପନ ଦ୍ୱାରା ଛାତ୍ରଛାତ୍ରୀମାନେ ନିଜକୁ ଇଂରାଜୀ ଭାଷାରେ ଦକ୍ଷ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚଶିକ୍ଷା ନିମନ୍ତେ ପ୍ରସ୍ତୁତ ହୋଇପାରିବେ ।



# ଓଡ଼ିଆ ଜାତୀୟତା ଓ ବିଜୁବାବୁ

ଅଧ୍ୟାପକ ପବିତ୍ରମୋହନ ବାରିକ

ବୀର ପ୍ରସବିନୀ ଉତ୍କଳ ଜନନୀର ଜଣେ ସୁଯୋଗ୍ୟ ସନ୍ତାନ ବିଜୁ ପଟ୍ଟନାୟକ । ମାଟିର ମୂର୍ତ୍ତିକାର ଓ ଝଡର ଇଗଲ ବିଜୁବାବୁ ଏକାଧାରରେ ଜଣେ ଜନପ୍ରିୟ ଜନ ନାୟକ, ଅଭିଜ୍ଞ ରାଜନୀତିଜ୍ଞ, ସୁଦକ୍ଷ ବୈମାନିକ, ସଫଳ ଶିଳ୍ପୋଦ୍ୟୋଗୀ, ସୁନାମଧନ୍ୟ ସ୍ୱତନ୍ତ୍ର ସେନାନୀ ଓ ସ୍ୱାଭିମାନୀ ଓଡିଆ । ଅସାଧାରଣ ପ୍ରତିଭା ଓ ବ୍ୟକ୍ତିତ୍ୱର ଅଧିକାରୀ ବିଜୁବାବୁ ଲକ୍ଷ ଲକ୍ଷ ଓଡ଼ିଆଙ୍କର ଆଦର୍ଶ ଓ ଚିର ନମସ୍ୟ । ତାଙ୍କର ଜୀବନ ବ୍ୟାପୀ ସେବା, ତ୍ୟାଗ ଓ ବଳିଦାନକୁ ଏ ଜାତି ଶ୍ରଦ୍ଧାର ସହିତ ସ୍ମରଣ କରୁଥିବ । ଓଡ଼ିଆ ଜାତିର ସ୍ୱାଭିମାନକୁ ନିଜ ଜୀବନର ସର୍ବସ୍ୱ ରୂପେ ଗ୍ରହଣ କରିଥିବା ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ପରି ପ୍ରବାଦ ପୁରୁଷ ବିଜୁପଟ୍ଟନାୟକ ଥିଲେ ତାଙ୍କ ସମୟର ଚଳନ୍ତି ଇତିହାସ । ଓଡ଼ିଆ ଜାତୀୟତା, ନିର୍ଭୀକତା ଓ ବୀରତ୍ୱର ଜଣେ ମୂର୍ତ୍ତିମନ୍ତ ଅବତାର । ଉତ୍କଳ ଜନନୀର ଜଣେ ବରପୁତ୍ର ରୂପେ ସେ ଭଲ ପାଉଥିଲେ ପ୍ରାଚୀନ ଓଡ଼ିଆମାନଙ୍କର ବୀରତ୍ୱକୁ । ତାଙ୍କର ଚିନ୍ତା, ଚେତନା ଓ ଆଦର୍ଶରେ ବାରି ହୋଇ ପଡୁଥିଲା ଓଡ଼ିଆ ଜାତୀୟତାର ମହାମନ୍ତ୍ର । ମହାମେଘ ବାହନ ତଥା କଳିଙ୍ଗର ସାମ୍ରାଜ୍ୟବାଦୀ ସମ୍ରାଟ ଖାରବେଳ ଥିଲେ ତାଙ୍କର ଆଦର୍ଶ । 'କଳିଙ୍ଗ' ଓ 'ଖାରବେଳ' ଶବ୍ଦଥିଲା ତାଙ୍କର ଅତିପ୍ରିୟ ଓ ଏହା ତାଙ୍କ ହୃଦୟକୁ ଆନ୍ଦୋଳିତ କରୁଥିଲା । ଏକ ସ୍ୱାଭିମାନୀ ଓଡ଼ିଆ ଜାତୀୟତା ଗଠନ କରିବା ଥିଲା ତାଙ୍କର ଲକ୍ଷ୍ୟ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ମଧୁବାବୁ ଓ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଓଡ଼ିଆ ଜାତୀୟତା ଆଦିପର୍ବ । ଏହା ବିଜୁବାବୁଙ୍କ ହୃଦୟରେ ଜାତୀୟତା ଭାବ ସୃଷ୍ଟି କରିଥିଲା । ଓଡ଼ିଆ ବୋଲି ବିଜୁବାବୁ ନିଜକୁ ଗର୍ବ ଅନୁଭବ କରୁଥିଲେ । ତାଙ୍କର ଏହି ଓଡ଼ିଆ ପ୍ରୀତି ପାଇଁ ତାଙ୍କୁ ସାଧାରଣରେ 'କଳିଙ୍ଗ ବୀର', 'କଳିଙ୍ଗ ସମ୍ରାଟ' ଓ ଦ୍ୱିତୀୟ ଖାରବେଳ ରୂପେ ବିଦିତ କରାଯାଉଥିଲା । କଳିଙ୍ଗ ଶବ୍ଦ ପ୍ରତି ଥିଲା ତାଙ୍କର ଅସୀମ ଶ୍ରଦ୍ଧା । କଳିଙ୍ଗ ବୀରମାନଙ୍କର ଅଭୂତପୂର୍ବ ଲୋମହର୍ଷଣକାରୀ ଦୁଃସାହସିକ ବୀରତ୍ୱକୁ ଉଜ୍ଜୀବିତ କରିବା ପାଇଁ ସେ ମଧ୍ୟ ଅନେକ ଦୁଃସାହସିକ କାର୍ଯ୍ୟର ଅବତାରଣ କରିଥିଲେ । କଳିଙ୍ଗ ଶବ୍ଦ ଓଡିଆ ଜାତିପ୍ରାଣର ସ୍ପନ୍ଦନ । କଳିଙ୍ଗ ଶବ୍ଦ ଓଡ଼ିଆମାନଙ୍କ ଶରୀରରେ ଶିହରଣ ସୃଷ୍ଟି କରେ । ଅତୀତ ଓଡ଼ିଆ ଜାତିର ଶକ୍ତି, ସାମର୍ଥ୍ୟ, ପ୍ରତିଷ୍ଠା, ପ୍ରଭୁତ୍ୱ ଓ ବୀରତ୍ୱ ପ୍ରଭୃତି କଳିଙ୍ଗର କାଳଜୟୀ ଇତିହାସ ସହିତ ସମ୍ପୃକ୍ତ । ବିଜୁବାବୁଙ୍କୁ କଳିଙ୍ଗର ଅତୀତ ଗୌରବ ଓ ବୀର ପୁରୁଷମାନଙ୍କର ଦୁଃସାହସିକ କାର୍ଯ୍ୟକଳାପ ବିମୋହିତ କରିଥିଲା । ସେ ଚିହ୍ନିଥିଲେ ଓ ଭଲ ପାଉଥିଲେ କଳିଙ୍ଗକୁ ଏବଂ ଅନ୍ୟମାନଙ୍କୁ କଳିଙ୍ଗର ସମୃଦ୍ଧଶାଳୀ ଅତୀତ ପ୍ରତି ଆକର୍ଷିତ ହେବା ପାଇଁ ପ୍ରେରଣା ଓ ଉତ୍ସାହ ସୃଷ୍ଟି କରୁଥିଲେ । ବିଜୁବାବୁଙ୍କ ଦୃଷ୍ଟିରେ କଳିଙ୍ଗ ଶବ୍ଦର ଅର୍ଥ ସାହସୀ ଜନସାଧାରଣ । ନିର୍ଭୀକତା, ସାହସ, ଦୁଃସାହସିକ ବୀରତ୍ୱ, ତ୍ୟାଗ, ଆତ୍ମୋତ୍ସର୍ଗ, ବଳିଦାନ ପ୍ରଭୃତି କଳିଙ୍ଗର ପରିଚୟ । କଳିଙ୍ଗର ପୂର୍ବଗୌରବ ଫେରାଇ ଆଣିବା ପାଇଁ ବିଜୁବାବୁ ଓଡ଼ିଆ ଜାତୀୟତା ଉପରେ ଗୁରୁତ୍ୱ ଦେଉଥିଲେ । ଓଡ଼ିଶାର ଜାତୀୟ ଭାବନା ଓ ଚେତନାକୁ ଉଜ୍ଜୀବିତ କରିବା ପାଇଁ ଓ ଓଡ଼ିଶାବାସୀଙ୍କ ଜାତିପ୍ରୀତିକୁ ସମୃଦ୍ଧ କରିବା ପାଇଁ ବିଜୁବାବୁ ଆରମ୍ଭ କରିଥିଲେ 'କଳିଙ୍ଗ ବାଲିଯାତ୍ରା' ଉତ୍ସବ । ସେ କଳିଙ୍ଗକୁ ଭଲ ପାଉଥିଲେ ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସବୁ ସଂସ୍ଥା ଓ ଅନୁଷ୍ଠାନ କଳିଙ୍ଗ ନାମରେ ନାମିତ କରିଥିଲେ । ଏହା ପଛରେ ଗୋଟିଏ ମହତ ଉଦ୍ଦେଶ୍ୟ ନିହିତ ଥିଲା କେବଳ ଓଡ଼ିଆ ଜାତୀୟତା ସୃଷ୍ଟି କରିବା । ବିଜୁବାବୁଙ୍କ ହାତଗଢା ଅନୁଷ୍ଠାନ– କଳିଙ୍ଗ ଟ୍ୟୁବ୍‌ସ, କଳିଙ୍ଗ ଏୟାର ଲାଇନ୍ସ, କଳିଙ୍ଗ ଆଇରନ ୱାର୍କସ, କଳିଙ୍ଗ ପୁରସ୍କାର, କଳିଙ୍ଗ ରେଫ୍ରିଜେଟର କଳିଙ୍ଗ ସମ୍ବାଦପତ୍ର ଓ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ଇତ୍ୟାଦି କଳିଙ୍ଗର ନାମ ଧାରଣ କରି ଓଡ଼ିଆ ଜାତୀୟତା ଭାବନା

ସୃଷ୍ଟି କରୁଥିଲା । କଳିଙ୍ଗ ଥିଲା ବିଜୁବାବୁଙ୍କର ପରିଚୟ ଓ ସମ୍ମାନର ପ୍ରତୀକ । ସେତେବେଳେ ସେ ବ୍ୟବହାର କରୁଥିବା ମୋଟର ଗାଡି 'କଳିଙ୍ଗ ରଥ' ନାମରେ ନାମିତ । ବିଜୁବାବୁ ଅତୀତ କଳିଙ୍ଗର ଦୁଃସାହସିକ କୃତିତ୍ୱକୁ ଉଜ୍ଜୀବିତ କରିବା ପାଇଁ ପ୍ରୟାସ କରିଥିଲେ । ବକ୍ସି ଜଗବନ୍ଧୁ, କୃତିବାସ ପାଟଶାଣୀ, ପିଣ୍ଡିକ ବାହୁବଳେନ୍ଦ୍ର ଓ ଜୟୀ ରାଜଗୁରୁଙ୍କର ବଳିଦାନର କାହାଣୀ ଓଡ଼ିଆମାନଙ୍କ ନିକଟରେ ଦୃଢତାର ସହିତ ଉପସ୍ଥାପନ କରିବା ପାଇଁ ଚେଷ୍ଟା କରିଥିଲେ । ପାଇକ ସମ୍ମିଳନୀରେ ବିଜୁବାବୁ ହସ୍ତରେ ଖଡ୍‌ଗ ଓ ଢାଲ ସହିତ ପାଇକ ବେଶ ଧାରଣ କରି ଓଡ଼ିଆ ଜାତିର ବୀରତ୍ୱର କାହାଣୀକୁ ସ୍ମରଣ କରାଇ ଦେଇଥିଲେ । ବିଜୁବାବୁଙ୍କର ଲକ୍ଷ୍ୟ ଥିଲା ଏକ ସଂକଳ୍ପବଦ୍ଧ ଓଡ଼ିଆ ଜାତି ସୃଷ୍ଟି କରିବା । ବିଜୁବାବୁ ନିଜେ ଥିଲେ ଓଡ଼ିଆ ଜାତୀୟତାର ପ୍ରତୀକ । ତାଙ୍କର କାର୍ଯ୍ୟକଳାପ ଜାତୀୟତା ସୃଷ୍ଟି ପାଇଁ ଥିଲା ଉଦ୍ଦିଷ୍ଟ । ଏକ ସ୍ୱାଭିମାନୀ ଓ ସଂକଳ୍ପବଦ୍ଧ ଓଡିଆ ଜାତିର ସୃଷ୍ଟି ପାଇଁ ସେ ସ୍ୱପ୍ନ ଦେଖିଥିଲେ ।

ପ୍ରତ୍ୟେକ ଓଡ଼ିଆମାନଙ୍କ ହୃଦୟରେ ଓଡ଼ିଆତ୍ୱ ସୃଷ୍ଟି ପାଇଁ ତାଙ୍କର ପ୍ରୟାସ ଥିଲା ପ୍ରଶଂସନୀୟ । ବିଜୁବାବୁ ଥିଲେ ଓଡ଼ିଆ ଜାତିର ପ୍ରେରଣାର ଉତ୍ସ । ଜାତୀୟତାକୁ ରାଜ୍ୟ ଓ ଦେଶ ମଧ୍ୟରେ ସୀମିତ ନରଖି ସେ ଅନ୍ତର୍ଜାତୀୟ ସ୍ତରରେ ଦୃଢ ଭାବରେ ଉପସ୍ଥାପନ କରିଥିଲେ । ତାଙ୍କର ଘଟଣା ବହୁଳ ଜୀବନ ଓ କୃତିତ୍ୱ ଥିଲା ଓଡ଼ିଆ ଜାତୀୟତା ପ୍ରତୀକ । କଳିଙ୍ଗର କାଳଜୟୀ ସମ୍ରାଟ ଖାରବେଳ, କପିଳେନ୍ଦ୍ର ଦେବ ଓ ପୁରୁଷୋତ୍ତମ ଦେବଙ୍କ ବୀରତ୍ୱପୂର୍ଣ୍ଣ ଜୀବନଗାଥା ବିଜୁବାବୁଙ୍କୁ ଆମୋଦିତ କରିଥିଲା । ବିଜୁବାବୁ ତାଙ୍କ ବୀରତ୍ୱର ପ୍ରମାଣ ଦେଇଥିଲେ ଭାରତର ମୁକ୍ତି ଯୁଦ୍ଧରେ । ୧୯୪୨ ମସିହା ଭାରତ ଛାଡ ଆନ୍ଦୋଳନରେ ବିଜୁବାବୁଙ୍କ ଭୂମିକା କାହାକୁ ଅଜଣା ନାହିଁ । ଓଡ଼ିଆ ଜାତୀୟତା ଦ୍ୱାରା ସେ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ଓଡ଼ିଆ ଜାତୀୟତା ତାଙ୍କୁ ବୀର, ନିର୍ଭୀକ ଓ ଦୁଃସାହସିକ କରି ଗଢି ତୋଳିବାରେ ସାହାଯ୍ୟ କରିଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନର ବର୍ମା ଆକ୍ରମଣରେ ବିଜୁବାବୁ ନିଜ ଜୀବନ ବିପନ୍ନ କରି କେତେଜଣ ଇଂରେଜ ପରିବାରକୁ ମୃତ୍ୟୁ ମୁଖରୁ ରକ୍ଷା କରିଥିଲେ । ହିମାଳୟ ଉପରେ ବିମାନ ନେଇ ଚୀନ୍‌ର ବିପ୍ଳବୀମାନଙ୍କୁ ସେ ସାହାଯ୍ୟ କରିଥିଲେ । ୧୯୪୭ ମସିହାରେ ବିଜୁବାବୁ ଡଚମାନଙ୍କ ଅଧୀନରୁ ଇଣ୍ଡୋନେସିଆର ସୁଲତାନ ସାହାରିୟାର, ମହମ୍ମଦହଟ୍ଟା ଓ ଅନ୍ୟ ସଂଗ୍ରାମୀମାନଙ୍କୁ ବିମାନରେ ଦିଲ୍ଲୀ ନେଇଆସିଥିଲେ । ଇଣ୍ଡୋନେସିଆର ରାଷ୍ଟ୍ରପତି ସୁକର୍ଣ୍ଣଙ୍କର ଜୀବନ ସେ ରକ୍ଷା କରିଥିଲେ । ୧୯୪୮ ମସିହାରେ ପାକିସ୍ଥାନର ଭାରତ ଆକ୍ରମଣ ସମୟରେ ବିଜୁବାବୁ ସର୍ବପ୍ରଥମେ ଭାରତୀୟ ସୈନ୍ୟମାନଙ୍କୁ ବିମାନରେ ନେଇ ଶ୍ରୀନଗରରେ ପହଞ୍ଚାଇ ଥିଲେ । ବିଜୁବାବୁ ଏସବୁ ଦୁଃସାହସିକ କାର୍ଯ୍ୟ ଓ ଓଡ଼ିଆ ଜାତୀୟ ବୀରମାନଙ୍କର କୃତିତ୍ୱରୁ ପ୍ରେରଣା ପାଇଥିଲେ । ବିଜୁବାବୁ ପ୍ରତ୍ୟେକ ସଭା, ସମିତି, ଶୋଭାଯାତ୍ରା ଓ ଆଲୋଚନାଚକ୍ରମାନଙ୍କରେ ଓଡିଆ ଜାତୀୟତା ବାର୍ତ୍ତାକୁ ସ୍ମରଣ କରାଇ ଦେଉଥିଲେ । ବିଜୁବାବୁଙ୍କ ଭାଷାରେ– 'ମୁଁ ଖାରବେଳ ଜାତିର ଦାୟାଦ ପୁରୁଷୋତ୍ତମ ଜାତିର ବଂଶଧର, ମୋ ସଂସ୍କୃତି ଜଗନ୍ନାଥ ସଂସ୍କୃତି, କଳାର ଉତ୍କର୍ଷ ପାଇଁ ମୋ ରାଜ୍ୟର ନାମ କଳିଙ୍ଗ ।' ଏହି କଳିଙ୍ଗ ହେଉଛି ମୋ ମା', ସେଥିପାଇଁ ନିଜ ଜୀବନ ବିନିମୟରେ ଯଦି କିଛି କରିପାରିଲି ତେବେ ମୋ ଜୀବନର ଲକ୍ଷ୍ୟ ସଫଳ ହୋଇଛି ବୋଲି ମନେ କରିବି ।' ବିଜୁବାବୁଙ୍କର ଜାତିପ୍ରୀତିର ପଟାନ୍ତର ନାହିଁ । ଓଡ଼ିଆ ଜାତୀୟତାରେ ସେ ଅନୁପ୍ରାଣିତ ହୋଇଥିଲେ ଏବଂ ତାଙ୍କର କୃତିତ୍ୱ ଅନ୍ୟମାନଙ୍କ ମଧ୍ୟରେ ଜାତୀୟତା ସୃଷ୍ଟି ପାଇଁ ସମର୍ଥ ହୋଇଥିଲା । କଳିଙ୍ଗର ଅତୀତ ଗୌରବ ତାଙ୍କ ମାନସପଟରେ ଉଙ୍କି ମାରୁଥିଲା । ସେ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇଥିଲେ । ସୁପ୍ତ ଓଡ଼ିଆମାନଙ୍କ ମନରେ ଜାତିପ୍ରେମ ବହ୍ନି ପ୍ରଜ୍ୱଳନ କରିବା ପାଇଁ ବିଜୁବାବୁ ଉଦ୍ୟମ କରିଥିଲେ । ଉତ୍ତରଦାୟାଦମାନଙ୍କ ହୃଦୟରେ ଓଡ଼ିଆ ଜାତୀୟତାଭାବ ସୃଷ୍ଟି ପାଇଁ ବିଜୁବାବୁଙ୍କର ଉଦ୍ୟମ ସର୍ବଦା ସ୍ମରଣୀୟ । ଓଡ଼ିଆ ଜାତିପ୍ରତି ଅପମାନକୁ ସେ ସହଜରେ ସହ୍ୟ କରିପାରୁ ନଥିଲେ । ଓଡ଼ିଆ ପ୍ରୀତି ପାଇଁ ସେ ଆଗାମୀ ପିଢିର ପ୍ରେରଣାର ଉତ୍ସ । ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା, ପାଇକ ସଂସ୍କୃତି, ଦିଗ୍‌ବିଜୟୀ ସମ୍ରାଟମାନଙ୍କର ଲୋମହର୍ଷଣକାରୀ ସଂଗ୍ରାମ ଓ ସ୍ୱାଧୀନତା ସେନାନୀମାନଙ୍କର ସଂଘର୍ଷମୟ ଜୀବନୀ ମାଧ୍ୟମରେ ଓଡ଼ିଆ ଜାତୀୟତା ସୃଷ୍ଟି ପାଇଁ ବିଜୁବାବୁ ଇଚ୍ଛା ପ୍ରକାଶ କରିଥିଲେ । ବିଜୁବାବୁଙ୍କ ଦୃଷ୍ଟିଭଙ୍ଗୀରେ ଓଡ଼ିଶାର ବିକାଶ ହେଲେ ସମସ୍ତଙ୍କ ହୃଦୟରେ ଜାତିପ୍ରତି ସମ୍ମାନ ଓ ଶ୍ରଦ୍ଧା ରହିବ, ଯାହା ଫଳରେ ଓଡ଼ିଆ ଜାତିର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ । ବିଜୁବାବୁ ଓଡ଼ିଆ ଜାତି ପ୍ରତି ଥିଲେ ସମ୍ପୂର୍ଣ୍ଣ ସମର୍ପିତ ଓ ଅଙ୍ଗୀକାରବଦ୍ଧ । ବିଜୁବାବୁ ଦେଖିବାକୁ ଚାହୁଁଥିଲେ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଓଡ଼ିଆତ୍ୱ ଭାବ । ଆଜି ତାଙ୍କର ପୁଣ୍ୟ ଜନ୍ମତିଥିରେ କୃତଜ୍ଞ ଓଡ଼ିଆ ଜାତିର ତାଙ୍କର ଓଡ଼ିଆ ଜାତୀୟତା ପ୍ରୀତି ପ୍ରତି ସଭକ୍ତି ପ୍ରଣାମ ।

ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା–୭୫୨୦୫୪

# ପଞ୍ଚାୟତିରାଜ ବ୍ୟବସ୍ଥା : ସେଦିନରୁ ଆଗାମୀ କାଲିଯାଏ

ଡକ୍ଟର ପ୍ରମୋଦ କୁମାର ପରିଡା

ଗ୍ରାମୀଣ ଭାରତର ଚିତ୍ରରେ ଭାରତୀୟ ଚେତନାର ଉପସ୍ଥିତି ଉପଲବ୍ଧି କରି ସେଇ ଲୋକ, ମାଟି ଓ ପରିବେଶରେ ନୂତନ ପ୍ରାଣ ସଂଚାର କରିବାର ସ୍ୱପ୍ନ ଦେଖିଥିଲେ ମହାତ୍ମା ଗାନ୍ଧୀ । ତାରି ସଂକ୍ରମଣ ବିନୋବାଜୀଙ୍କୁ ଯେପରି ଘାରିଥିଲା, ସେଇପରି ପ୍ରତ୍ୟକ୍ଷ ଶାସନ ଦାୟିତ୍ୱରେ ଥିବା ନବ ଭାରତର ନିର୍ମାତାମାନଙ୍କୁ ମଧ୍ୟ ସ୍ୱପ୍ନାଚ୍ଛନ୍ନ କରିପାରିଥିଲା । ତେଣୁ ଯୋଜନା ପତ୍ରରେ କେବଳ ବିକାଶର ବାଣୀ ପ୍ରଚାରିତ ହେବାର ସଂବାଦକୁ ନ ଦେଖି ସେମାନେ ଲୋକଙ୍କ ପାଖରେ ପହଞ୍ଚିବାର ଆୟୋଜନ କରିଥିଲେ । ସେଇ ଆୟୋଜନର ଗାନ୍ଧିଜୀଙ୍କ ପରିଭାଷା ଥିଲା ଗ୍ରାମ ସ୍ୱରାଜ । ଏହି ପରିକଳ୍ପନାକୁ କାର୍ଯ୍ୟରୂପ ଦେବାପାଇଁ ଯେଉଁ ଆନୁଷ୍ଠାନିକ ପରିଯୋଜନା ଉଦ୍‌ଘୋଷଣା କରାଗଲା, ତାହାକୁ 'ପଞ୍ଚାୟତିରାଜ' କୁହାଗଲା । ଅଖଣ୍ଡ ସ୍ୱାଧୀନ ଭାରତର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ବିକାଶ ପାଇଁ ଯେତେଗୁଡ଼ିଏ ଜନହିତକର ଓ ପ୍ରଗତିଶୀଳ ବ୍ୟବସ୍ଥାପନ କରାଯାଇଛି ସେଥି ମଧ୍ୟରେ 'ପଞ୍ଚାୟତିରାଜ' ବ୍ୟବସ୍ଥାରେ ସାଧାରଣ ବ୍ୟକ୍ତିର ସଂପୃକ୍ତି, ମତାମତ, ଭାବଭାବନାକୁ ଯେତେ ଗୁରୁତ୍ୱର ସହିତ ସମ୍ମାନ ପ୍ରଦର୍ଶନ କରାଯାଇଛି, ତାହା ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ । ଦେଶର ଅତ୍ୟନ୍ତ ଅଗମ୍ୟ ଅଂଚଳର ଜଣେ ଅସତର୍କ ବ୍ୟକ୍ତିସତ୍ତା ନିକଟରେ ଶାସନ, ଯୋଜନା ଓ କାର୍ଯ୍ୟଧାରା ପହଞ୍ଚାଇ ଦେଇ ତାକୁ ରାଷ୍ଟ୍ର ନିର୍ମାଣର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ସ୍ୱାଭିମାନୀ କରାଇବାର ସଂକଳ୍ପ ହିଁ ଏହି କାର୍ଯ୍ୟକ୍ରମର ଏକ ଭରସାଯୋଗ୍ୟ ସମ୍ଭାବନା । ସେମାନଙ୍କୁ କର୍ତ୍ତବ୍ୟ ଓ ଅଧିକାରରେ ଅନୁବନ୍ଧିତ କରି ସାଧାରଣ ବ୍ୟକ୍ତି ହୃଦୟରେ ଉତ୍ତରଦାୟୀ ହେବାର ସଂକଳ୍ପ ଜାଗ୍ରତ କରାଇବା ଓ ନିଜ ଦର୍ପଣରେ ନିଜର ସଫାସୁତୁରା ପୂରିଲା ପୂରିଲା ଚେହେରାକୁ ଦେଖି ତୃପ୍ତିର ଜୀବନ ନିର୍ବାହ କରିବାର ମନ୍ତ୍ର ଏହି 'ପଞ୍ଚାୟତିରାଜ' ଦେଇଥାଏ ।

ଇତିହାସର ଦର୍ପଣରେ

ବହୁଦୂର ପଥ ଅତିକ୍ରମ କରିଛି ଏ ବ୍ୟବସ୍ଥା ।

- ୧୯୪୮-୪୯ରେ ସମ୍ବିଧାନ ପ୍ରଣୟନ ସଭାରେ 'ପଞ୍ଚାୟତିରାଜ'ର ଭୂମିକା ସଂପର୍କରେ ବିଶଦ ଆଲୋଚନା ହେଲା ।

-୧୯୫୩ ମସିହାରେ ବଳବନ୍ତରାୟ କମିଟିର ରିପୋର୍ଟ ହସ୍ତାନ୍ତର ।

-୧୯୫୯ ମସିହାରେ ସ୍ୱର୍ଗତ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଦ୍ୱାରା ପ୍ରଥମ ପଞ୍ଚାୟତର ଉଦ୍‌ଘାଟନ ।

-୧୯୬୧ରେ ନବ ଉତ୍କଳର ନିର୍ମାତା ବିଜୁ ପଟ୍ଟନାୟକ ଏହି ବ୍ୟବସ୍ଥାକୁ ଓଡ଼ିଶାରେ କାର୍ଯ୍ୟକାରୀ କଲେ ।

-୧୯୭୮ରେ ଅଶୋକ ମେହେଟା କମିଟି ।

-୧୯୮୪ରେ ହନୁମନ୍ତ ରାଓ କମିଟି ।

-୧୯୮୫ରେ ଜି.ଭି.କେ ରାଓ କମିଟି ।

-୧୯୮୬ରେ ପି.କେ. ଥୁଙ୍ଗନ କମିଟି ଇତ୍ୟାଦି ଏହି ଚିନ୍ତନର ସାରବତ୍ତା ବିଶ୍ଳେଷଣ କରି ସୁଦୃଢ଼ ପଞ୍ଚାୟତିରାଜ ଗଠନର ସୁପାରିଶ୍ କରିଥିଲେ ।

୧୯୪୮-୪୯ରୁ ଆରମ୍ଭ ହୋଇଥିବା ଯୋଜନାର ଏପରି ରୂପରେଖ ଜାତୀୟ ସ୍ତରରେ କାର୍ଯ୍ୟକାରୀ ହେବାକୁ ପ୍ରାୟ ଏକ ଦଶନ୍ଧି ଲାଗିଗଲା । ପୁଣି ଏହି ତ୍ରିସ୍ତରୀୟ ଶାସନ ବ୍ୟବସ୍ଥା ଓ ଯୋଜନାକୁ କାର୍ଯ୍ୟକାରୀ କରିବାର ବ୍ୟବସ୍ଥାକୁ ଅନ୍ତଃକରଣରେ କିପରି ପ୍ରୟୋଗ କରାଯିବ ସେଥିପାଇଁ ୧୯୯୨ ମସିହାର ୭୩ତମ ସମ୍ବିଧାନ ସଂଶୋଧନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେଲା । ଏହା ଭିତରେ ବିଭିନ୍ନ ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ

ବ୍ୟବସ୍ଥାର ପ୍ରଣୟନ, କାର୍ଯ୍ୟଧାରା ଓ ଉଦ୍ଦେଶ୍ୟ ପ୍ରତି ଏକମୁଖୀନତା ସଂପର୍କରେ ବିଶ୍ଳେଷଣ କଲେ ହତୋତ୍ସାହିତ ହେବାକୁ ହୁଏ । ମାତ୍ର ଯୋଜନା ରୂପରେ ଏହା କେତେ ଲୋକାଭିମୁଖୀ, ସାଧାରଣ ଜନତାକୁ ସେମାନଙ୍କର ଅଧିକାର ଓ କର୍ତ୍ତବ୍ୟ ସଚେତନ କରାଇବାରେ କେତେ ଉତ୍ସାହପ୍ରଦ, ତାହା ବ୍ୟବସ୍ଥାଗତ ଆୟୋଜନ ଓ ପରିଯୋଜନାରୁ ସ୍ପଷ୍ଟ ବାରି ହୋଇପଡ଼େ ।

| ପଞ୍ଚାୟତିରାଜ ପରିଯୋଜନାର ରୂପରେଖ | | | |
|---|---|---|---|
| ୧ମସ୍ତର | ଗ୍ରାମପଞ୍ଚାୟତ (ଗ୍ରାମସଭା, ପଲ୍ଲୀସଭା) | ଜନ ପ୍ରତିନିଧି<br>- ୱାର୍ଡର ସଭ୍ୟ / ସଭ୍ୟା<br>- ନାଏବ ସରପଞ୍ଚ<br>- ସରପଞ୍ଚ | ସରକାରୀକର୍ମକର୍ତ୍ତା<br>- ପିଅନ / ଜଗୁଆଳ<br>- ଗ୍ରାମ ରୋଜଗାର ସେବକ<br>- କାର୍ଯ୍ୟନିର୍ବାହୀ ଅଧିକାରୀ |
| ୨ୟ ସ୍ତର | ପଞ୍ଚାୟତ ସମିତି (କେତୋଟି ଗ୍ରାମପଞ୍ଚାୟତ) | ଜନ ପ୍ରତିନିଧି<br>- ସମିତି ସଭ୍ୟ / ସଭ୍ୟା<br>- ଉପାଧ୍ୟକ୍ଷା / ଉପାଧ୍ୟକ୍ଷ<br>- ଅଧ୍ୟକ୍ଷା / ଅଧ୍ୟକ୍ଷ | ସରକାରୀ କର୍ମଚାରୀ<br>- ପିଅନ<br>- କମ୍ପ୍ୟୁଟର ସହକାରୀ<br>- ଅଫିସ୍ ସହକାରୀ<br>- କନିଷ୍ଠ ଯନ୍ତ୍ରୀ<br>- ସହକାରୀ ଯନ୍ତ୍ରୀ<br>- ସଂପ୍ରସାରଣ ଅଧିକାରୀ<br>- ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ<br>- ଗୋଷ୍ଠୀ ଉନ୍ନୟନ ଅଧିକାରୀ |
| ୩ୟ ସ୍ତର | ଜିଲ୍ଲା ପରିଷଦ | ଜନପ୍ରତିନିଧି<br>- ଜିଲ୍ଲାପରିଷଦ ସଭ୍ୟ/ସଭ୍ୟା<br>- ଉପସଭାପତି<br>- ସଭାପତି | ସରକାରୀ କର୍ମଚାରୀ<br>- ଅଫିସ୍ ସହକାରୀ<br>- କମ୍ପ୍ୟୁଟର ପ୍ରୋଗ୍ରାମ୍ ଅଫିସର<br>- ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ<br>- ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ<br>- ପ୍ରକଳ୍ପ ନିର୍ଦ୍ଦେଶକ<br>- ଜିଲ୍ଲାପାଳ |

ତୃଣମୂଳ ସ୍ତରରୁ ବିଶ୍ୱସ୍ତ ଭାବରେ ଆରମ୍ଭ ହେବାକୁ ଥିବା ଏ ସଂଗଠନ ରାଜନୈତିକ ଦଳ, ସରକାରୀ କର୍ମଚାରୀ, ସାଧାରଣ ଜନତା, ପ୍ରଶାସକ, ଲୋକ ପ୍ରତିନିଧିମାନଙ୍କ ମଧ୍ୟରେ ଐକ୍ୟ ରକ୍ଷା କରି ସାମୂହିକ ବିକାଶରେ ପ୍ରୟାସରତ ରହିବାର ଏପରି ଆନୁଷ୍ଠାନିକ ଅନୁବନ୍ଧନ ଅନ୍ୟକୌଣସିଠାରେ ଦେଖିବାକୁ ମିଳେ ନାହିଁ। ପରିଯୋଜନାଗତ ପ୍ରକ୍ରିୟା ଧାରାର ଏପରି ବୈଶିଷ୍ଟ୍ୟ ଅନ୍ୟତ୍ର ମଧ୍ୟ ମିଳେ ନାହିଁ – ଯେଉଁଠି ପ୍ରତ୍ୟେକ ଜଣେ ଜଣେ ସ୍ୱାଧୀନସତ୍ତା ଏବଂ ସମସ୍ତେ ଗୋଟିଏ ସୂତ୍ରରେ ବନ୍ଧା। ସମସ୍ତେ ସ୍ୱତନ୍ତ୍ର ମାତ୍ର ଐକ୍ୟମନ୍ତ୍ରର ଗୋଟିଏ ଗୋଟିଏ ଅଭାବିତ ମୂର୍ତ୍ତି। ଏତେ ଶକ୍ତିଶାଳୀ ଓ ବହୁ ସଭ୍ୟ ବିଶିଷ୍ଟ ସଂସ୍ଥା ଅନ୍ୟତ୍ର ବିରଳ। ଏଇ ସନ୍ଦେଶ, ଏଇ ବିବେଚନା, ଏଇ ସଚେତନତା ଯେପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିକଟରେ ପହଞ୍ଚି ପାରିନାହିଁ, ଯେପର୍ଯ୍ୟନ୍ତ ରକ୍ଷଣଶୀଳତାର ଭ୍ରାନ୍ତ ପରିଧିରୁ ଆମେ ମୁକ୍ତ ହୋଇନାହୁଁ, ଯେପର୍ଯ୍ୟନ୍ତ ନିଜ କାମ ନିଜେ କରିବାରେ ଅପରିସୀମ ତୃପ୍ତିର ଅନୁଭବ ଆମେ କରିନାହୁଁ, ଯେପର୍ଯ୍ୟନ୍ତ ସାଧାରଣ ଜନତାର ଦାୟିତ୍ୱ, କର୍ତ୍ତବ୍ୟ, ଅଧିକାର ତାକୁ ହସ୍ତାନ୍ତରିତ ହୋଇ ନାହିଁ, ସବୁ ପ୍ରୟାସ, ସବୁ ପ୍ରଯତ୍ନ, ପୂର୍ବ ପୁରୁଷମାନଙ୍କର ସମସ୍ତ ସ୍ୱପ୍ନ କେବଳ ପ୍ରଚାର ସର୍ବସ୍ୱ ହୋଇ ହିଁ ରହିଯିବାର ଆଶଂକା କରାଯିବା ବିଚିତ୍ର ନୁହେଁ।

ଓଡ଼ିଶାରେ ପଞ୍ଚାୟତିରାଜ

ନବ ଉତ୍କଳର ନିର୍ମାତା, କ୍ରାନ୍ତିଦର୍ଶୀ, ଉତ୍କଳପ୍ରାଣ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ୧୯୬୧ ମସିହାରେ ଓଡ଼ିଶାରେ 'ପଞ୍ଚାୟତିରାଜ' କାର୍ଯ୍ୟକ୍ରମର ଅର୍ଥପୂର୍ଣ୍ଣ ଶୁଭାରମ୍ଭ ହୋଇଥିଲା। କ୍ଷମତା ହସ୍ତାନ୍ତର ଓ ବିକେନ୍ଦ୍ରୀକରଣ ମାଧ୍ୟମରେ ଶାସନତନ୍ତ୍ରକୁ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ଦ୍ୱାରା ପରିଚାଳିତ କରିବା ଏବଂ ତତ୍ ସହିତ ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସେମାନଙ୍କର ସର୍ବାନ୍ତକରଣ ସଂପୃକ୍ତି ଏଇ ଯୋଜନାର ପଶ୍ଚାତ୍‌ପଟରେ ମୁଖ୍ୟ ଆଭିମୁଖ୍ୟ ଥିଲା। ଏହି ଲୋକ ଶାସନର ବ୍ୟବସ୍ଥା କିନ୍ତୁ ପରବର୍ତ୍ତୀ ସମୟରେ କିଛିକାଳ ପାଇଁ ସୀମିତ ହୋଇ ଆସିଲା। ମାତ୍ର ୧୯୯୦ ମସିହା ବେଳକୁ ପୁଣି ସେହି ଦୃଢ଼ମନା ବିଜୁବାବୁଙ୍କ ଦ୍ୱାରା ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ଅଧିକ କ୍ରିୟାଶୀଳ, ସାମାଜିକ ନ୍ୟାୟ ଓ ଆର୍ଥିକ ବିକାଶର ପରିବାହକ ରୂପେ ଗଢିତୋଳିବାର ପ୍ରୟାସ କରାଗଲା। ତାଙ୍କରି ନେତୃତ୍ୱରେ ସଂବିଧାନ ସଂଶୋଧନରେ ଅଭିପ୍ରେତ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଚଳନ କରାଗଲା। ୧୯୬୮ରୁ ଭାଙ୍ଗି ଦିଆଯାଇଥିବା ଜିଲ୍ଲାପରିଷଦର ପୁନର୍ଗଠନ ହେଲା।

ମାତ୍ର ୧୯୯୨ ମସିହାର ୭୩ତମ ସଂବିଧାନ ସଂଶୋଧନ ମାଧ୍ୟମରେ ପଞ୍ଚାୟତିରାଜକୁ ଅଧିକ ସକ୍ରିୟ ଓ ଗୁଣାତ୍ମକ ରୂପ ପ୍ରଦାନର ପ୍ରୟାସ କରାଗଲା। ଓଡ଼ିଶାର ଏହି ବରପୁତ୍ର ପଞ୍ଚାୟତିରାଜ ବିଧି ବ୍ୟବସ୍ଥାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଇବାର ଶ୍ରେୟ ବହନ କରନ୍ତି। ଯେପରିକି ମହିଳା ସଶକ୍ତୀକରଣ ଉଦ୍ଦେଶ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କର ନିର୍ବାଚିତ ପ୍ରତିନିଧିମାନଙ୍କର ମଧ୍ୟରୁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ, ଲୋକସଂଖ୍ୟା ଅନୁପାତରେ ଆଦିବାସୀ ହରିଜନଙ୍କ ପାଇଁ ପ୍ରତିନିଧି ସ୍ଥାନୀୟ ସ୍ଥାନ ସଂରକ୍ଷଣ, ଗ୍ରାମପଞ୍ଚାୟତଗୁଡ଼ିକର ପୁନର୍ଗଠନ, ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧିମାନଙ୍କର ସମ୍ମିଳନୀ ଡ଼କାଇ ସେମାନଙ୍କର ଦାୟିତ୍ୱ ଓ କ୍ଷମତା ସଂପର୍କରେ ସେମାନଙ୍କୁ ତାଲିମ୍ ଦେବା ରାଜ୍ୟ ବଜେଟ୍‌ରେ ପଞ୍ଚାୟତିରାଜ ବିଭାଗ ପାଇଁ ଅଧିକ ଅର୍ଥ ବ୍ୟବସ୍ଥା କରାଇବା। ବାସ୍ତବରେ ଏହି ବ୍ୟବସ୍ଥାକୁ ସାମ୍ବିଧାନିକ ସ୍ୱୀକୃତି ମିଳିବା ପୂର୍ବରୁ ବିଜୁବାବୁ ସେ ସବୁର କାର୍ଯ୍ୟକାରିତା ନିମନ୍ତେ ପଦକ୍ଷେପ ନେଇ ସାରିଥିଲେ। ମାତ୍ର ଏକ ସ୍ୱୟଂଶାସିତ ଅନୁଷ୍ଠାନର ତ୍ରିସ୍ତରୀୟ ରୂପକୁ ସାଂବିଧାନିକ ସ୍ୱୀକୃତି ୭୩ତମ ଓ ୭୪ତମ ସଂଶୋଧନରେ ମିଳିଗଲା ଏବଂ ସେମାନଙ୍କର ସାମ୍ବିଧାନିକ ଲକ୍ଷ୍ୟ ରଖାଗଲା ଯେ (କ) ସେମାନେ ସାଧାରଣ ଜନତାର ଅର୍ଥନୈତିକ ପ୍ରଗତି ପାଇଁ (ଖ) ସାମାଜିକ ନ୍ୟାୟ ପ୍ରତିଷ୍ଠା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ।

ଏଇ ଉଦ୍ଦେଶ୍ୟରେ ସଂବିଧାନର ୧୧ଶ ତମ ପରିଶିଷ୍ଟରେ ଉଲ୍ଲିଖିତ ୨୯ଟି ବିଷୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ହସ୍ତାନ୍ତରିତ ହେଲା। ସେଗୁଡ଼ିକ ହେଲା–

- କୃଷିର ପ୍ରସାର
- ଭୂ ଉନ୍ନୟନ, ଭୂ ସଂସ୍କାର, ଚକବନ୍ଦୀ, ମୃତ୍ତିକା ସଂରକ୍ଷଣ
- ପଶୁପାଳନ
- ମତ୍ସ୍ୟ ସଂପଦର ବିକାଶ
- କ୍ଷୁଦ୍ର ଜଳସେଚନ, ଜଳଯୋଗାଣ
- ସାମାଜିକ ବନୀକରଣ ଓ କୃଷିକ୍ଷେତ୍ର ନିକଟରେ ବନୀକରଣ
- ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ
- କ୍ଷୁଦ୍ରଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ
- ଖଦୀ ଓ ଗ୍ରାମ୍ୟ କୁଟୀର ଶିଳ୍ପ
- ଗ୍ରାମ୍ୟ ବାସଗୃହ
- ପାନୀୟ ଜଳ
- ଘାସ ତୃଣାଦି ପଶୁଖାଦ୍ୟ ଓ ଜାଳେଣି

- ଗମନାଗମନ (ରାସ୍ତା, ନାଳ, ପୋଲ, ଜଳପଥ ଇତ୍ୟାଦି)
- ଗ୍ରାମ୍ୟ ବିଦ୍ୟୁତିକରଣ
- ଅଣ ପାରମ୍ପରିକ ଶକ୍ତିଉତ୍ସ
- ଦାରିଦ୍ର୍ୟ ଦୂରୀକରଣ
- ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା
- ବୈଷୟିକ ଓ ବୃତ୍ତିଗତ ଶିକ୍ଷା
- ଅଣ ଆନୁଷ୍ଠାନିକ ଓ ପ୍ରୌଢ଼ଶିକ୍ଷା
- ପାଠାଗାର
- ସାଂସ୍କୃତିକ କାର୍ଯ୍ୟକ୍ରମ
- ବଜାର ଓ ମେଳା
- ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସ୍ୱାସ୍ଥ୍ୟ ରକ୍ଷା
- ପରିବାର କଲ୍ୟାଣ
- ମହିଳା ଓ ଶିଶୁ କଲ୍ୟାଣ
- ସମାଜ ସଂଗଠନ (ଶାରୀରିକ ଅକ୍ଷମ ଓ ମାନସିକ ଅନଗ୍ରସର ଲୋକ ସେବା)
- ଅର୍ଥନୈତିକ ଓ ସାମାଜିକ ଦୁର୍ବଳ ଶ୍ରେଣୀ ସେବା (ତଫସିଲ୍‌ଭୁକ୍ତ ଜାତି ଓ ଜନଜାତି କଲ୍ୟାଣ)
- ସାର୍ବଜନୀନ ବଣ୍ଟନ ବ୍ୟବସ୍ଥାର ପରିଚାଳନା
- ଗୋଷ୍ଠୀ ସଂପଦର ରକ୍ଷଣାବେକ୍ଷଣ

ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କର ସହଭାଗିତାରେ ରାଜ୍ୟ ସରକାର କେତେ କାର୍ଯ୍ୟକ୍ରମର ପରିଚାଳନାଗତ ଦାୟିତ୍ୱ 'ପଞ୍ଚାୟତିରାଜ'କୁ ହସ୍ତାନ୍ତରିତ କରିଛନ୍ତି । ତତ୍ ସହିତ ସାଧାରଣ ଜନତାର ସର୍ବାଙ୍ଗୀନ ଉନ୍ନତି ପାଇଁ ମାନସିକ ସ୍ତରରେ, ଅର୍ଥନୈତିକ କ୍ଷେତ୍ରରେ, ସାମାଜିକ ସ୍ତରରେ, ବ୍ୟକ୍ତିଗତ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ, ଦୃଢ଼ମନା, ଅଧିକ ଜୀବନବାଦୀ କରିବା ପାଇଁ ଅନେକ ଅଭିନବ ଯୋଜନା ମଧ୍ୟ ଅତ୍ୟନ୍ତ ବିଶ୍ୱସ୍ତତାର ସହ କାର୍ଯ୍ୟକାରୀ କରିବାରେ ଯତ୍ନଶୀଳ ଅଛନ୍ତି । ଯୋଜନାଗୁଡ଼ିକ ହେଲା-

ଗ୍ରାମାଞ୍ଚଳରେ ଥିବା ପ୍ରତ୍ୟେକ ଅଣକୁଶଳୀ ସାବାଳକ ସଦସ୍ୟଙ୍କୁ ବର୍ଷରେ ୧୦୦ଦିନର କର୍ମ ଯୋଗାଇବା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ।

ଗ୍ରାମାଞ୍ଚଳରେ ବସବାସ କରୁଥିବା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବ ଲୋକମାନଙ୍କ ପାଇଁ ବ୍ୟାଙ୍କଋଣ ଓ ସରକାରୀ ରିହାତି ମାଧ୍ୟମରେ ସେମାନଙ୍କର ଆର୍ଥିକ ସ୍ଥିତିର ଉନ୍ନତି ପାଇଁ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା ।

ତୃଣମୂଳ ସ୍ତରରେ ଦୃଢ଼ ଅନୁଷ୍ଠାନ ଗଠନ ମାଧ୍ୟମରେ ଗରିବ ପରିବାରର ସଦସ୍ୟଙ୍କ ପାଇଁ ଆତ୍ମନିଯୁକ୍ତି ଓ କର୍ମନିଯୁକ୍ତି ସୁଯୋଗ ପାଇଁ ଜାତୀୟ ଗ୍ରାମୀଣ ଜୀବିକା ମିଶନ ।

ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ପରିବାରକୁ ବାସଗୃହ ଯୋଗାଣ ପାଇଁ ଇନ୍ଦିରା ଆବାସ ଯୋଜନା ।

ଦୁର୍ବଳ ଗୃହଶୂନ୍ୟ ଗରିବ ପରିବାରଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ କେବଳ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଗଢି ଉଠିଥିବା 'ମୋ କୁଡ଼ିଆ' ଯୋଜନା ।

ନିଜସ୍ୱ ସମ୍ବଳ ସୃଷ୍ଟି କରିବା, ରକ୍ଷଣାବେକ୍ଷଣ କରିବାରେ ସହାୟତା କରିବା ମାଧ୍ୟମରେ ପଞ୍ଚାୟତିରାଜ ଓ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ଅଧିକ କାର୍ଯ୍ୟକ୍ଷମ କରାଇବା ପାଇଁ ନିର୍ଦ୍ଦିଷ୍ଟ ୧୯ଟି ଅନଗ୍ରସର ଜିଲ୍ଲାର ୨୦୫ଟି ବ୍ଲକ୍ ୩୬୭୨ଟି ପଞ୍ଚାୟତ ଓ ୭୦ଟି ପୌରପାଳିକା ଓ ଏନ୍.ଏ.ସି.କୁ ପାଣ୍ଠି ଯୋଗାଣ ପାଇଁ ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି ଗଠନ ।

ଗମନାଗମନ ପାଇଁ ଗାଁମାନଙ୍କରେ ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ଯୋଜନାର ପ୍ରବର୍ତ୍ତନ ।

ଅନୁସୂଚିତ ଜନଜାତିମାନଙ୍କର ଜଙ୍ଗଲ, ଜଙ୍ଗଲଜାତ ପଦାର୍ଥ, ପାରମ୍ପରିକ ଜ୍ଞାନ କୌଶଳ ତଥା ସୁରକ୍ଷା ଏବଂ ଜଙ୍ଗଲ ଓ ଜୈବ ବିବିଧତାର ସୁରକ୍ଷା ପାଇଁ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ୍ ୨୦୦୬ର ପ୍ରବର୍ତ୍ତନ ।

ଭିନ୍ନକ୍ଷମ କଲ୍ୟାଣ, ଶିଶୁ କଲ୍ୟାଣ, ସମନ୍ୱିତ ଶିଶୁ ବିକାଶ, ଖାଦ୍ୟ ସୁରକ୍ଷା, ମମତା ଯୋଜନା ଇତ୍ୟାଦି ସମାଜ କଲ୍ୟାଣକର କାର୍ଯ୍ୟକ୍ରମର ପରିଚାଳନା ।

ସାମାଜିକ ଓ ଅର୍ଥନୈତିକ ଦୁର୍ବଳ ଶ୍ରେଣୀକୁ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକ ଖାଦ୍ୟଦ୍ରବ୍ୟ ଯୋଗାଇ ନେବା ପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥାର ପ୍ରଚଳନ ।

ଗ୍ରାମ୍ୟ ଉନ୍ନୟନ ଯୋଜନା ଅନ୍ତର୍ଭୁକ୍ତ

- ପାନୀୟ ଜଳ ଯୋଗାଣ ଯୋଜନା
- ସଂପୂର୍ଣ୍ଣ ପରିମଳ ଅଭିଯାନ
- ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା
- ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ
- ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ଇତ୍ୟାଦିର ପ୍ରଚଳନ ଓ ପରିଚାଳନା

- ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ସର୍ବ ଶିକ୍ଷା ଅଭିଯାନର ଅନୁବର୍ତ୍ତନ।
- କୃଷି ଓ ଉଦ୍ୟାନକୃଷିର ବିକାଶ ଓ ପ୍ରୋତ୍ସାହନ ପାଇଁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା
- ଜାତୀୟ ଉଦ୍ୟାନ ମିଶନ ଯୋଜନାର ପ୍ରଚଳନ
- ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା
- ବିଜୁ ଗ୍ରାମଜ୍ୟୋତି ଯୋଜନା ଇତ୍ୟାଦି

କାର୍ଯ୍ୟକ୍ରମଗୁଡ଼ିକର ପରିକଳ୍ପନା, ପ୍ରଚଳନ, ରାଜ୍ୟ ସରକାରଙ୍କର ନିଷ୍ଠା ଓ ଐକାନ୍ତିକତାର ପରିଚୟ ଏବଂ ସାମଗ୍ରିକ ସମାଜ କଲ୍ୟାଣ ପାଇଁ ସରକାରଙ୍କର ପ୍ରତିବଦ୍ଧତା ଓ ଇଚ୍ଛାଶକ୍ତିର ପରିଚୟ ଦିଏ। ଏସବୁ କାର୍ଯ୍ୟକ୍ରମର ଘୋଷଣା କେବଳ କାଗଜପତ୍ରରେ ଘଟିନାହିଁ ବରଂ ସମୁଦାୟ ଓଡ଼ିଶାର ଆଭ୍ୟନ୍ତରୀଣ ଭୌଗୋଳିକ ରୂପଚିତ୍ର ଓ ଉତ୍କଳୀୟମାନଙ୍କର ମାନସିକ ପରିବର୍ତ୍ତନ ଏବଂ ଆଭିମୁଖ୍ୟଗତ ଉଦାରୀକରଣ ଭାବ ଏହାର ସତ୍ୟତା ବହନ କରେ।

ମାନ୍ୟବର ମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ ସଦସ୍ୟ, ମାନ୍ୟବର ଲୋକ ପ୍ରତିନିଧିମାନଙ୍କର ସାମାଜିକ ଐକ୍ୟ ପ୍ରତିଷ୍ଠାରେ ଉତ୍ସର୍ଗୀକୃତ ମନୋଭାବ ଏବଂ ଏସବୁ ଜନହିତକର ଉଦ୍ଦେଶ୍ୟ ଓ କାର୍ଯ୍ୟସାଧନ ପାଇଁ ସରକାରୀ କର୍ମଚାରୀମାନଙ୍କର ନିଷ୍ଠା ସହିତ ସାଧାରଣ ଜନପ୍ରତିନିଧି ଓ ଜନତାଙ୍କର ଉତ୍ସାହ ଏସବୁ ଯୋଜନାକୁ ସଜୀବତା ପ୍ରଦାନ କରିବାର ଲକ୍ଷ୍ୟ କରାଯାଏ।

ଏ ସମସ୍ତ କାର୍ଯ୍ୟଧାରାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସରକାରୀ ସ୍ତରରେ ଆରମ୍ଭ ହୋଇଥିବା ଇ-ପ୍ରଶାସନ ପଦକ୍ଷେପ ଏକ ବହୁ ଚର୍ଚ୍ଚିତ ଓ ଆଦୃତ ପଦକ୍ଷେପ। କ୍ଷମତା ବିକେନ୍ଦ୍ରୀକରଣ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ଓ ଶାସନର ବିଧି ବ୍ୟବସ୍ଥାକୁ ତୃଣମୂଳ ସ୍ତରରେ ପହଞ୍ଚାଇବାର ତ୍ୱରିତ ବ୍ୟବସ୍ଥା ଏହା ମାଧ୍ୟମରେ ହିଁ ହୋଇପାରିବା ସମ୍ଭବ ହୋଇପାରିଛି। ଅନ୍ତତଃ ଯୋଗାଯୋଗ ସମ୍ବାଦ ପରିବେଷଣ ଇତ୍ୟାଦି କ୍ଷେତ୍ରରେ ଆଦୌ କାଳକ୍ଷେପଣ ନୀତି ଅବଲମ୍ବନ ନକରିବା ଏ ଯୋଜନାର ଲକ୍ଷ୍ୟ ଏବଂ ଏ କାର୍ଯ୍ୟକ୍ରମର ଅନ୍ତର୍ନିହିତ ଉଦ୍ଦେଶ୍ୟ। ଏହା ସହିତ ମାନବ ସମ୍ବଳ ବିକାଶ ପାଇଁ ଏକ ସମନ୍ୱିତ ପ୍ରଶିକ୍ଷଣ ବ୍ୟବସ୍ଥା ମଧ୍ୟ ପଞ୍ଚାୟତିରାଜ ବିଭାଗର ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନର ଆନୁକୂଲ୍ୟରେ ଆୟୋଜିତ ହେଉଅଛି।

### ୨୦୧୩-୧୪ ପାଇଁ ସରକାରୀ ନିର୍ଦ୍ଦେଶନାମା

ପ୍ରତିବର୍ଷ ଯୋଜନାର ବିକଶିତ ରୂପ କେତେ ପରିମାଣରେ ସାଧାରଣ ଜନତାର ହିତସାଧନ କରିଛି, ତାହାର ଆକଳନ ଉପରେ ପରବର୍ଷର ସମ୍ଭାବ୍ୟ ଭିତ୍ତିରୂପ ପ୍ରସ୍ତୁତ ହୋଇଥାଏ। ଏହି କ୍ରମରେ ଉପରୋକ୍ତ ଯୋଜନାର ସଠିକ କାର୍ଯ୍ୟକାରିତା, ପାଣ୍ଠିର ଉପଯୁକ୍ତ ବିନିଯୋଗ ଏବଂ ଯୋଜନା କାର୍ଯ୍ୟକାରିତାର ପ୍ରକୃତ ତଦାରଖ କରାଯିବାର ଯେଉଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତ ହୋଇଛି, ତାହା ହିଁ ସରକାର ଓ ସରକାରୀ କଳର ଆନ୍ତରିକତାର ସୂଚନା ଦିଏ।

୨୦୧୩-୧୪ ମସିହାରେ ପଞ୍ଚାୟତିରାଜ ବିଭାଗଦ୍ୱାରା ପରିକଳ୍ପିତ ଯୋଜନାବଦ୍ଧ କାର୍ଯ୍ୟକ୍ରମଗୁଡ଼ିକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ଯେଉଁ ସଂକଳ୍ପ ସରକାରୀ ସ୍ତରରେ ନିଆଯାଇଛି ସେଗୁଡ଼ିକ ହେଲା -

- ପରିକଳ୍ପିତ ଜନହିତକର ପ୍ରକଳ୍ପଗୁଡ଼ିକର କାର୍ଯ୍ୟାରମ୍ଭ ଯଥା ସମ୍ଭବ ଠିକ୍ ସମୟରେ ହିଁ ହେବା ଆବଶ୍ୟକ। ସେଥିପାଇଁ :

- ଏପ୍ରିଲ୍ ୧୯ ତାରିଖ ସୁଦ୍ଧା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାଦେଶ ପ୍ରସ୍ତୁତ।

- ମାନ୍ୟବର ସାଂସଦ, ବିଧାୟକ, ପଞ୍ଚାୟତ ସମିତିର ସଭାପତିଙ୍କ ଦ୍ୱାରା ୨୦୧୩ ଏପ୍ରିଲ୍ ୨୦ରୁ ୨୦୧୩ ମେ' ୨୦ ଭିତରେ କାର୍ଯ୍ୟାଦେଶ ପ୍ରଦାନ।

- ଏପ୍ରିଲ୍ ୧୯ ତାରିଖ ୨୦୧୩ ସୁଦ୍ଧା ଏଷ୍ଟିମେଟ୍, ବୈଷୟିକ ଅନୁମୋଦନ ଏବଂ ଗ୍ରାମ ଶ୍ରମିକ ନେତା ଚୟନ ସମାପ୍ତ।

- ଗୋପବନ୍ଧୁ ଗ୍ରାମୀଣ ଯୋଜନା, ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି, ମହାତ୍ମା ଗାନ୍ଧୀ ଜାତୀୟ ଗାମୀଣ ନିର୍ଣ୍ଣିତ କର୍ମ ନିଯୁକ୍ତି ଯୋଜନା, ସିମେଣ୍ଟ କଂକ୍ରିଟ୍ ରାସ୍ତା ଇତ୍ୟାଦି ଯୋଜନାମାନଙ୍କର କାର୍ଯ୍ୟରୂପ ଏପ୍ରିଲ୍ ୨୦ ତାରିଖ ମଧ୍ୟରେ ଚୂଡ଼ାନ୍ତ ହେବ।

- ଏସବୁ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପୂର୍ବ ପ୍ରସ୍ତୁତି ରୂପ, ପଦ୍ଧତି ସବୁକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସିମିତ ରଖି ସରକାରୀ ସ୍ତରରେ ଏକମୁଖିତାର ସୂଚନା ଏଥିରୁ ମିଳିପାରୁଛି।

ପୁଣି ପ୍ରକଳ୍ପ କାର୍ଯ୍ୟକାରିତାରେ ବିଳମ୍ବର ପ୍ରତିରୋଧ ପାଇଁ ମଧ୍ୟ କେତେକ ପଦକ୍ଷେପ ନେବାର ସ୍ଥିରିକୃତ ହୋଇଛି। ଯେପରି ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି ଅନ୍ତର୍ଗତ ପ୍ରକଳ୍ପକୁ ଛାଡ଼ି ଅନ୍ୟ ସମସ୍ତ ପ୍ରକଳ୍ପ ଯେଉଁଗୁଡ଼ିକ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସେଗୁଡ଼ିକ ଗ୍ରାମୀଣ ଶ୍ରମିକ ନେତାଙ୍କ ଦ୍ୱାରା କରାଯିବ।

ପୁଣି ଯଦି କୌଣସି କାରଣରୁ ପ୍ରକଳ୍ପ କାର୍ଯ୍ୟାରମ୍ଭ ଠିକ୍ ସମୟରେ ହୋଇ ନପାରେ ବା ଠିକ୍ ସମୟରେ ସରି ନପାରେ ତେବେ ବି.ଡି.ଓ.ମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି, ସେମାନେ ପୂର୍ବ କାର୍ଯ୍ୟାଦେଶକୁ ବାତିଲ୍ କରାଇ ବିଭାଗ ଦ୍ୱାରା ପ୍ରକଳ୍ପ କାର୍ଯ୍ୟ ସମାପନ କରାଇ ପାରିବେ।

ଏଗୁଡ଼ିକ ହେଉଛି ପ୍ରକଳ୍ପ ଯୋଜନା ଓ ସେଗୁଡ଼ିକର ପରିସମାପ୍ତି ନେଇ ସରକାରୀ ସଚେତନତା ସମ୍ପର୍କୀୟ ବିବରଣୀ। ସଦର ମହକୁମାରେ ସରକାରୀ କର୍ମଚାରୀଙ୍କ ଉପସ୍ଥିତ ଓ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ସରକାରୀ ନିର୍ଦ୍ଦେଶନାମା ପ୍ରଣିଧାନଯୋଗ୍ୟ। ଯଦି କୌଣସି ବିଡ଼ିଓ ନିଜ ସଦର ମହକୁମାରେ ନରହନ୍ତି, ତେବେ ଜିଲ୍ଲା ପାଳଙ୍କ ଗୁପ୍ତ ରିପୋର୍ଟ ଆଧାରରେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ। ଏପରି ଜଣେ ବି.ଡି.ଓ. ନିଜ ଅଞ୍ଚଳରେ ଅତିକମ୍‌ରେ ୧୫ଦିନ ଗସ୍ତ କରି ଲୋକ ସମ୍ପର୍କ ରକ୍ଷାକରିବା ଓ ସାଧାରଣ ଜନତାର ସରକାରୀ ଉଦ୍ଦେଶ୍ୟ ପ୍ରତି ଥିବା ଧ୍ୟାନ ଧାରଣାକୁ ଅଧିକ ମଜବୁତ୍ କରିବାରେ ବନ୍ଦୋବସ୍ତ ମଧ୍ୟ କରାଯାଇଛି।

ଗଣତାନ୍ତ୍ରିକ ଶାସନ ପଦ୍ଧତିରେ ପଞ୍ଚାୟତିରାଜ ବ୍ୟବସ୍ଥାର ସ୍ଥାନ ଅତ୍ୟନ୍ତ ଉଚ୍ଚରେ। ପ୍ରଣୀତ ଯୋଜନାର ପ୍ରଚାର ସାଧାରଣ ଲୋକ ନିକଟରେ ସେଗୁଡ଼ିକର ପରିଚିତି, ବ୍ୟକ୍ତି ସତ୍ତାକୁ ରାଜନୈତିକ, ସାମାଜିକ ସଚେତନତା ପ୍ରଦାନ କରିବାର ଉପାୟ ହିଁ ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା। ଗ୍ରାମୀଣ ଭାରତ, ଓଡ଼ିଶାର ସାମୂହିକ ଉନ୍ନତି, ସାଧାରଣ ଜନତାର ମାନସିକ ପୃଷ୍ଟି ଏହି ବ୍ୟବସ୍ଥା ମାଧ୍ୟମରେ ହିଁ ହୋଇପାରିବ। ବିଗତ ବର୍ଷମାନଙ୍କରେ ଅନୁବର୍ତ୍ତିତ ଯୋଜନାମାନଙ୍କର ପ୍ରଭାବରେ ଗ୍ରାମୀଣ ଭାରତରେ ଯେଉଁ ରୂପ ପରିବର୍ତ୍ତନ ଘଟିଛି, ଭବିଷ୍ୟତରେ ଏହି ପ୍ରତିବଦ୍ଧତା, ଏହି ଦୂରଦୃଷ୍ଟି, ଏହି ସଚେତନତା ନେଇ ସରକାର, ସରକାରୀ କଳ ଯେ ନିଜକୁ ନିୟୋଜିତ କରିବା ପାଇଁ ସଂକଳ୍ପବଦ୍ଧ ଏ ନେଇ ଦ୍ୱିରୁକ୍ତି ନାହିଁ। ଅଗ୍ରଗତିର ସ୍ୱର ଓ ପଦଧ୍ୱନି ତୀବ୍ର ନ ହୋଇପାରେ - ମାତ୍ର ଅତ୍ୟନ୍ତ ଉତ୍ସାହ ଓ ଦୃପ୍ତ, ଏହି ବିଶ୍ୱାସ କରାଯାଇପାରେ।

ସେବା ନିବୃତ୍ତ ପ୍ରାଧ୍ୟାପକ
୨୪୧୫, ନୀଳକଣ୍ଠେଶ୍ୱର କଲୋନୀ
ବରମୁଣ୍ଡା, ଭୁବନେଶ୍ୱର

ସୌଜନ୍ୟ

ପଞ୍ଚାୟତିରାଜ, ସହାୟିକା ପୁସ୍ତିକା, ଏସ୍.ଆଇ.ଆର୍.ଡ଼ି.

ଉତ୍କଳ ପ୍ରସଙ୍ଗ - ଫେବୃୟାରୀ ମାର୍ଚ୍ଚ - ୨୦୧୦, ପଞ୍ଚାୟତ ସମାଚାର - ୨୦୧୦, Resolutions: 21.1. 2013, 7. 2. 2013

# ଅତିଥି ଶିକ୍ଷକ ଓ ରିସୋର୍ସ ପର୍ସନଙ୍କ ପାରିଶ୍ରମିକ ବୃଦ୍ଧି

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଅତିଥି ଶିକ୍ଷକ ଓ ରିସୋର୍ସ ପର୍ସନ ପାଉଥିବା ପୂର୍ବ ପାରିଶ୍ରମିକରେ ବୃଦ୍ଧି କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।

ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଅତିଥି ଶିକ୍ଷକ ଓ ରିସୋର୍ସ ପର୍ସନମାନଙ୍କୁ କ୍ଲାସ ପିଛା ୩୦୦ଟଙ୍କା ଓ ମାସିକ ସର୍ବାଧିକ ୯,୩୦୦ ଟଙ୍କା ପାଇବେ । ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅତିଥି ଶିକ୍ଷକ ଓ ରିସୋର୍ସ ପର୍ସନମାନଙ୍କୁ କ୍ଲାସ ପିଛା ୩୦୦ଟଙ୍କା ମିଳିବ । ସେମାନେ ସର୍ବାଧିକ ଦୈନିକ ୩ଟି କ୍ଲାସ୍ ନେଇପାରିବେ । ଦିନକୁ ସେମାନେ ସର୍ବାଧିକ ୮୦୦ଟଙ୍କା ପାରିଶ୍ରମିକ ପାଇବେ । ପ୍ରତ୍ୟେକ ମାସର ୮ଟି କାର୍ଯ୍ୟ ଦିବସ ନିମନ୍ତେ ସେମାନଙ୍କୁ ସର୍ବାଧିକ ୬,୪୦୦ଟଙ୍କା ମିଳିବ । ଜାନୁଆରୀ ୨୯ ତାରିଖରୁ ଏହା କାର୍ଯ୍ୟକାରୀ କରାଯାଇଛି ।

# ଗ୍ରାମସଭା ସଶକ୍ତିକରଣ କାର୍ଯ୍ୟକ୍ରମ - ୨୦୧୨ ସମୟର ଆହ୍ୱାନ

**ଅପରାଜିତା ଷଡଙ୍ଗୀ**

ତୃଣମୂଳ ସ୍ତରରେ ଗ୍ରାମୀଣ ଲୋକଙ୍କ ପ୍ରତ୍ୟକ୍ଷ ସହଭାଗିତା ନିମନ୍ତେ ପଞ୍ଚାୟତ ଶାସନ ବ୍ୟବସ୍ଥାରେ ଗ୍ରାମସଭାକୁ ଏକ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି । ଗ୍ରାମସ୍ତରରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ସହିତ ଅର୍ଥନୈତିକ ଉନ୍ନତି ଆଣିବା ପାଇଁ ଗ୍ରାମସଭାକୁ ସାମ୍ବିଧାନିକ ଦାୟିତ୍ୱ ମିଳିଛି । ଏହା ସାର୍ବଜନୀନ ଭାବରେ ସ୍ୱୀକାର କରାଯାଇଛି ଯେ ଲୋକମାନଙ୍କ ନିକଟରେ ଥିବା ସ୍ଥାନୀୟ ଶାସନ ହେଉଛି ଗଣତନ୍ତ୍ରର ମୂଳଦୁଆ । ଏହା ସୁଦୃଢ଼ ହେଲେ ହିଁ ଉପର ସ୍ତରର ଗଣତନ୍ତ୍ର ସଫଳ ହୋଇପାରିବ । ତୃଣମୂଳ ଗଣତନ୍ତ୍ରର ପ୍ରକୃତ କ୍ଷେତ୍ର ହେଉଛି ପଞ୍ଚାୟତିରାଜ । ଆମ ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନର ଗ୍ରାମପଞ୍ଚାୟତ ସ୍ତରରେ କେନ୍ଦ୍ରବିନ୍ଦୁ ହେଲା ଗ୍ରାମସଭା ଓ ଗାଁ ସ୍ତରରେ ପଲ୍ଲୀସଭା । ଗ୍ରାମୀଣ ବିକାଶ ତଥା ଗୋଷ୍ଠୀଭିତ୍ତିକ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର ରୂପରେଖ ଓ କାର୍ଯ୍ୟାନ୍ୱୟନରେ ଗ୍ରାମସଭା ଓ ପଲ୍ଲୀସଭା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି, ଯାହା ସ୍ଥାନୀୟ ସମ୍ବଳ, ଅନୁଦାନ, ଜ୍ଞାନ, କୌଶଳ, ନେତୃତ୍ୱ ଓ ବିକାଶରେ ଗ୍ରାମୀଣ ଗୋଷ୍ଠୀଙ୍କ ପାଇଁ ସହାୟକ ହୋଇଥାଏ ।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଦ୍ୱାରା ସମଗ୍ର ରାଜ୍ୟରେ ୨ ଅକ୍ଟୋବର ପବିତ୍ର ଗାନ୍ଧୀ ଜୟନ୍ତୀଠାରୁ ୧୮ ଅକ୍ଟୋବର ପର୍ଯ୍ୟନ୍ତ ଗ୍ରାମସଭା ସଶକ୍ତିକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଫଳପ୍ରଦ କରିବା ପାଇଁ ଯଥେଷ୍ଟ ପୂର୍ବପ୍ରସ୍ତୁତି କରାଯାଇ ଗ୍ରାମୀଣ ପ୍ରଶାସନ ତଥା ଗ୍ରାମପଞ୍ଚାୟତ ବ୍ଲକ୍ ଓ ଜିଲ୍ଲାକୁ ୪୫ ଦିନ ଧରି ଚଳଚଞ୍ଚଳ କରାଯାଇଥିଲା । ସମଗ୍ର ରାଜ୍ୟରେ ଏକ ସଙ୍ଗରେ ଗ୍ରାମସଭା ଓ ପଲ୍ଲୀସଭା ଅନୁଷ୍ଠିତ ହେବା ଏକ ଐତିହାସିକ ଘଟଣା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ତୃଣମୂଳ ସ୍ତରରେ ପଲ୍ଲୀସଭା ଓ ଗ୍ରାମସଭା ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ଶାସନ ପ୍ରକ୍ରିୟାରେ ସକ୍ରିୟ ଓ ପ୍ରଭାବଶାଳୀ ସହଭାଗିତା ବୃଦ୍ଧି କରିବା ଏବଂ ଜନସଚେତନତା ସୃଷ୍ଟି କରି ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଫଳ କାର୍ଯ୍ୟକାରୀ କରିବା । ଲୋକମାନଙ୍କର ସଚେତନତା, ସଂପୃକ୍ତି ଓ ସକ୍ରିୟ ସହଯୋଗ ହିଁ ଗାଁ ତଥା ଅଞ୍ଚଳର ବିକାଶ ଘଟାଏ । ସୁତରାଂ ଜନତା ହିଁ ଅନେକାଂଶରେ ଯେକୌଣସି ଯୋଜନାର ସଫଳତା କିମ୍ବା ବିଫଳତା ପାଇଁ ଦାୟୀ ରହନ୍ତି । ସେମାନଙ୍କର ଅନୁପସ୍ଥିତି, ଅନାଗ୍ରହଭାବ ଓ ଅସହଯୋଗ ଯୋଜନା ପରିଚାଳନାରେ ପ୍ରତିକୂଳ ପ୍ରଭାବ ପକାଇ ବିକାଶ ପ୍ରକ୍ରିୟାକୁ ସଂବେଦନଶୀଳ କରାଇବାରେ ବିଫଳ ହୋଇଥାଏ ।

ଉପରୋକ୍ତ ପୃଷ୍ଠଭୂମିରେ ଗ୍ରାମସଭା ସଶକ୍ତିକରଣ କାର୍ଯ୍ୟକ୍ରମର ସଫଳ ପରିଚାଳନା ନିମନ୍ତେ ବିସ୍ତୃତ ଭାବେ କାର୍ଯ୍ୟ ଖସଡ଼ା ଅଗଷ୍ଟ ମାସରୁ ପ୍ରସ୍ତୁତ ହୋଇଥିଲା । ଏହାର ତଦାରଖ, ସମୀକ୍ଷା ଓ କାର୍ଯ୍ୟକାରୀ ସମ୍ବନ୍ଧୀୟ ସମସ୍ତ ନୀତି ନିର୍ଦ୍ଧାରଣ କରାଯାଇଥିଲା । କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ପାଇଁ ରାଜ୍ୟସ୍ତରରେ ଗଠିତ ହୋଇଥିବା ଟିମ୍ ଦ୍ୱାରା ସୂଚନା, ଶିକ୍ଷା ଓ ଯୋଗାଯୋଗ ସମ୍ବନ୍ଧୀୟ ଏକ କାର୍ଯ୍ୟପନ୍ଥା ସ୍ଥିର ହୋଇଥିଲା । ସମଗ୍ର ରାଜ୍ୟରେ ଏକାଭଳି ଗୁଣାତ୍ମକ ଯୋଗାଯୋଗ ସାମଗ୍ରୀ ପ୍ରସ୍ତୁତ ହୋଇ ଜିଲ୍ଲା, ବ୍ଲକ୍, ପଞ୍ଚାୟତ ଓ ଗ୍ରାମରେ କାର୍ଯ୍ୟକ୍ରମର ନିର୍ଦ୍ଧାରିତ ଦିନ ପୂର୍ବରୁ ଉପଲବ୍ଧ କରାଯାଇଥିଲା । ପଲ୍ଲୀସଭା ଓ ଗ୍ରାମସଭାରେ ଲୋକଙ୍କ ବ୍ୟାପକ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ ସୂଚନା, ଶିକ୍ଷା ଓ ଯୋଗାଯୋଗ କୌଶଳକୁ ଗୁରୁତ୍ୱ ଦିଆଯାଇ ବହୁମୁଖୀ ପଦକ୍ଷେପ ନିଆଯାଇଥିଲା ।

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ପତ୍ର ମାଧ୍ୟମରେ ରାଜ୍ୟର ସମସ୍ତ ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ଜିଲ୍ଲା ପରିଷଦ

ସଭ୍ୟ/ସଭ୍ୟା, ମାନ୍ୟବର ବିଧାୟକ, ମାନ୍ୟବର ସାଂସଦଙ୍କୁ ଏହି କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇବା ସହିତ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ନେତୃତ୍ୱ ନେବା ପାଇଁ ଅନୁରୋଧ କରାଯାଇଥିଲା।

ଦୂରଦର୍ଶନ, ରେଡ଼ିଓ ଓ ସମ୍ବାଦପତ୍ରରେ ବିଜ୍ଞାପନ ଦିଆଯାଇ ଏହି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରାଯାଇଥିଲା।

ସରପଞ୍ଚଙ୍କ ଦସ୍ତଖତ ସମ୍ବଳିତ ଚିରିକୁଟ୍ ବଣ୍ଟନ କରାଯାଇ ପଲ୍ଲୀସଭା ଓ ଗ୍ରାମସଭା ବୈଠକର କାର୍ଯ୍ୟନିର୍ଘଣ୍ଟ ସମ୍ବନ୍ଧରେ ସମସ୍ତ ଗ୍ରାମୀଣ ପରିବାରମାନଙ୍କୁ ଅବଗତ କରାଯାଇଥିଲା।

କାର୍ଯ୍ୟକ୍ରମ ସମ୍ବନ୍ଧରେ ଜନସାଧାରଣଙ୍କ ଅବଗତ ପାଇଁ ଜିଲ୍ଲା ଓ ଗ୍ରାମପଞ୍ଚାୟତ ସ୍ତରରେ ଦୁଇ ଗୋଟି, ବ୍ଲକ୍ ସ୍ତରରେ ଗୋଟିଏ ବଡ଼ ହୋର୍ଡିଂ ଟଙ୍ଗା ଯାଇଥିଲା।

କାର୍ଯ୍ୟକ୍ରମର ସଫଳତା ପାଇଁ ଜନପ୍ରତିନିଧି, କର୍ମକର୍ତ୍ତା ଓ ଅନ୍ୟାନ୍ୟ ନେତୃସ୍ଥାନୀୟ ବ୍ୟକ୍ତିବିଶେଷମାନଙ୍କୁ ନେଇ ଜିଲ୍ଲା, ବ୍ଲକ୍ ଓ ପଞ୍ଚାୟତସ୍ତରରେ ଏକାଧିକ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା। ବ୍ଲକ୍ ଓ ଗ୍ରାମପଞ୍ଚାୟତ ସ୍ତରରେ ମାଇକ୍ ଦ୍ୱାରା ସ୍ୱତନ୍ତ୍ର ଗୀତ ସହିତ କାର୍ଯ୍ୟକ୍ରମ ସମ୍ବନ୍ଧରେ ପ୍ରଚାର ପ୍ରସାର କରାଯାଇଥିଲା।

ଗ୍ରାମସଭାର ପ୍ରଥମ ଦିବସ ତଥା ୧୭ ଅକ୍ଟୋବର ୨୦୧୨ ଦିନ ଏକ ଜନସଚେତନତା ମେଳା ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ବିଭିନ୍ନ ଗ୍ରାମୀଣ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏଥି ନିମନ୍ତେ ଗ୍ରାମସଭା ବୈଠକ ସ୍ଥଳରେ ବ୍ୟାପକ ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା। ଏହି ବୈଠକରେ ସମସ୍ତ କ୍ଷେତ୍ର କର୍ମଚାରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଫଳପ୍ରଦ କରିବା ପାଇଁ ପଞ୍ଚାୟତିରାଜ ବିଭାଗର ଶାସନ ସଚିବଙ୍କ ସହିତ ମିଳିତ ଭାବରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ବିଦ୍ୟାଳୟ ଓ ଗଣ ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପର୍ଯ୍ୟଟନ ଓ ସଂସ୍କୃତି, ମହିଳା ଓ ଶିଶୁ ବିକାଶ, କୃଷି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବଙ୍କ ମିଳିତ ଦସ୍ତଖତ ସମ୍ବଳିତ ପତ୍ର ଜାରି କରାଯାଇଥିଲା।

କାର୍ଯ୍ୟକ୍ରମର ସଫଳତା ପାଇଁ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଜନପ୍ରତିନିଧିଙ୍କ ସହିତ ସିଧା ସଳଖ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲା।

ଜିଲ୍ଲା / ବ୍ଲକ୍ କଳା ଓ ସାଂସ୍କୃତିକ ସଂଘ ଜରିଆରେ ବିଭିନ୍ନ ବିଭାଗର ଜନକଲ୍ୟାଣକାରୀ ଯୋଜନାର ବାର୍ତ୍ତା ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କ ନିକଟରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଥିଲା।

ଗଣତାନ୍ତ୍ରିକ ଶାସନ ପ୍ରକ୍ରିୟାରେ ପ୍ରଶାସନ ବ୍ୟବସ୍ଥାର ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ହେଉଛି ମୁଖ୍ୟ ବିଷୟ। ସୁଶାସନ ପାଇଁ ମୂଳମନ୍ତ୍ର ରୂପେ ପରିଚିତ ଏହି ଦୁଇଟି ପ୍ରମୁଖ ନୀତିକୁ ଦୃଷ୍ଟିରେ ରଖି ସରକାରଙ୍କ ତରଫରୁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିଲା। ସମସ୍ତ ଗ୍ରାମସଭାର ଭିଡ଼ିଓ ରେକର୍ଡିଂ କରାଯାଇ ଚୂଡ଼ାନ୍ତ ହୋଇଥିବା ପ୍ରକଳ୍ପଗୁଡ଼ିକ ୱେବ୍‌ସାଇଟ୍‌ରେ ଦରଜ ପାଇଁ ପଦକ୍ଷେପ ନିଆଯାଇଥିଲା। ଏହା ଏକ ଅନନ୍ୟ ସଫଳତା। ମୋଟ୍ ୪୪୨୯୪ ପଲ୍ଲୀସଭା ଅନୁଷ୍ଠିତ ହୋଇଥିବା ସ୍ଥଳେ, ୬୦୭୨ ଗ୍ରାମସଭା ଅନୁଷ୍ଠିତ ହୋଇ ୮୪ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରସ୍ତାବ ଅନୁମୋଦନ ହୋଇଅଛି। ଲୋକମାନେ ନିଜେ ସ୍ଥିର କରିଛନ୍ତି ସେମାନଙ୍କର ଯୋଜନା ପାଇଁ ପ୍ରକଳ୍ପ। ଅନୁମୋଦିତ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାର ଏବେ ତତ୍ପର ହେଲେଣି। ଏହି କ୍ରମରେ ପ୍ରତି ଗାଁରେ କଂକ୍ରିଟ୍ ରାସ୍ତା ପାଇଁ ପ୍ରାଥମିକତା ଦେଇଛନ୍ତି। ପ୍ରତ୍ୟେକ ଗ୍ରାମପଞ୍ଚାୟତ ନିମନ୍ତେ ୧୦ ଲକ୍ଷ ଟଙ୍କାର ଆର୍ଥିକ ବ୍ୟବସ୍ଥା କରିଛନ୍ତି। ସେହିଭଳି ଇନ୍ଦିରା ଆବାସ ଓ ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍. ଯୋଜନାର ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସରକାରଙ୍କର ଅନ୍ୟାନ୍ୟ ବିଭାଗ ମଧ୍ୟ ଗ୍ରାମସଭା ସଶକ୍ତିକରଣ କାର୍ଯ୍ୟକ୍ରମ ଜରିଆରେ ଆସିଥିବା ପ୍ରସ୍ତାବଗୁଡ଼ିକୁ ଗୁରୁତ୍ୱ ଦେଇ ପଦକ୍ଷେପ ଆରମ୍ଭ କଲେଣି। ଏଭଳି ପଦକ୍ଷେପ ଉତ୍ସାହ ଜନକ। ଏହା ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧିରେ ନିଶ୍ଚୟ ସହାୟକ ହେବା ସଙ୍ଗେ ସଙ୍ଗେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଜୀବିକାର ସୁରକ୍ଷା ବୃଦ୍ଧି, କୃଷି, ସାଧାରଣ ବଣ୍ଟନ, ମହିଳା ଓ ଶିଶୁ ବିକାଶ ଇତ୍ୟାଦି କ୍ଷେତ୍ରରେ ଜନପ୍ରତିନିଧିମାନଙ୍କର ପ୍ରତ୍ୟକ୍ଷ ପରିଚାଳନା ଓ ଜନସାଧାରଣଙ୍କର ପ୍ରତ୍ୟକ୍ଷ ସହଭାଗିତାକୁ ଅଧିକ କ୍ରିୟାଶୀଳ କରାଇ ପାରିବ।

ୱେବ୍‌ସାଇଟ୍‌ରେ ଦରଜ ହୋଇଥିବା ପଞ୍ଚାୟତିରାଜ ବିଭାଗର ମୁଖ୍ୟ ଯୋଜନା ପ୍ରକଳ୍ପର ମୁଖ୍ୟାଂଶ

କ) ବି.ଆର.ଜି.ଏଫ୍. ୨୧୧୬୦୬
ଖ) ସି.ସି.ରୋଡ୍ ୧୮୧୪୪୭
ଗ) ଜି.ଜି.ୱାଇ. ୭୫୬୬୧
ଘ) ଆଇ.ଏ.ୱାଇ. ୧୪୬୩୮୦୫

ଡ) ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍. ୬୫୪୩୫୨୨

ମୋଟ୍ ୮୪୭୬୦୪୧

ଓଡ଼ିଶାରେ ପାଖାପାଖି ୫୦ ହଜାରରୁ ଊର୍ଦ୍ଧ୍ୱ ଗାଁ ଅଛି। ଗାଁଗୁଡ଼ିକ ଦେଶର ଆତ୍ମା ବୋଲି ଗାନ୍ଧିଜୀ ଲୋକଙ୍କୁ ବାରମ୍ବାର ମନେପକାଇ ଦେଉଥିଲେ। ଗ୍ରାମ ସ୍ୱରାଜ ଥିଲା ତାଙ୍କର ସ୍ୱପ୍ନ। ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାର ଆଦ୍ୟ ପ୍ରବର୍ତ୍ତକ ଥିଲେ ସ୍ୱର୍ଗତ ବିଜୁ ପଟ୍ଟନାୟକ। ପଞ୍ଚାୟତିରାଜ ବ୍ୟବସ୍ଥାର ଦୃଢ଼ୀକରଣ ଲାଗି ସେ ଚିନ୍ତା କରୁଥିଲେ। ବିଳମ୍ବରେ ହେଲେ ବି ଗ୍ରାମ ସଭା ସଶକ୍ତିକରଣ କାର୍ଯ୍ୟକ୍ରମ - ୨୦୧୨' ଏଥିପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି କାର୍ଯ୍ୟକ୍ରମକୁ ନେଇ ଲୋକମାନଙ୍କ ମଧ୍ୟରେ ଯେଉଁ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଥିଲା ତାକୁ ବଜାୟ ରଖିବା ପାଇଁ ରାଜ୍ୟ ସରକାର ୨୦୧୩-୧୪ ଆର୍ଥିକ ବର୍ଷରୁ ଏହି ପ୍ରୟାସକୁ ଏକ ସ୍ୱତନ୍ତ୍ର ଯୋଜନାର ମାନ୍ୟତା ଦେଇ ରାଜ୍ୟ ସରକାରଙ୍କ ବଜେଟ୍‌ରେ ବ୍ୟୟବରାଦର ବ୍ୟବସ୍ଥା କରାଯାଇଅଛି। ଚଳିତ ବର୍ଷର ଭୁଲ୍‌ଭଟକାକୁ ସଂଶୋଧନ କରି ଅଧିକ ବ୍ୟବସ୍ଥିତ ଢଙ୍ଗରେ ଗ୍ରାମସଭା ଓ ପଲ୍ଲୀସଭା ଅନୁଷ୍ଠିତ ପାଇଁ ପଦକ୍ଷେପ ନିଆଯାଉ। ପ୍ରଶାସନକୁ ଦୁଆର ମୁହଁରୁ ପାଇବାର ଏହି ସୁଯୋଗକୁ ଗ୍ରାମବାସୀମାନଙ୍କୁ ଦିଆଯାଉ। ଲୋକଙ୍କ ସଶକ୍ତିକରଣ ହିଁ ଗଣତନ୍ତ୍ର। ପଲ୍ଲୀସଭା ଓ ଗ୍ରାମସଭାର ସଶକ୍ତିକରଣ ଦ୍ୱାରା ଏହା ହାସଲ ହୋଇପାରିବ। ଏହା ହିଁ ସରକାରଙ୍କର ସାମ୍ବିଧାନିକ ଦାୟିତ୍ୱ ଓ ସମୟର ଆହ୍ୱାନ। ଏହି ପ୍ରୟାସ ହିଁ ଏକ ଶୋଷଣମୁକ୍ତ ଓ ସମତାଯୁକ୍ତ ସମାଜ ସୃଷ୍ଟି କରି ଗ୍ରାମାଞ୍ଚଳର ଅର୍ଥନୈତିକ ଉନ୍ନତିର ଧାରାକୁ ଆଗେଇ ନେବ ବୋଲି ଦୃଢ଼ ବିଶ୍ୱାସ।

କମିଶନର ତଥା ଶାସନ ସଚିବ
ପଞ୍ଚାୟତିରାଜ ବିଭାଗ
ଭୁବନେଶ୍ୱର

# ନିର୍ମାଣ ଶ୍ରମିକମାନଙ୍କ ପାଇଁ ନୂତନ ସରକାରୀ ସହାୟତା

ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କ କାର୍ଯ୍ୟସ୍ଥଳରେ ନିରାପତ୍ତା ପାଇଁ ସରକାର ଯୋଗାଇ ଦେବେ ହେଲ୍‌ମେଟ୍, ଜୋତା, ଗ୍ଲୋଭ୍‌ସ । ଯୋଗ୍ୟ ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କୁ ମାଗଣା ସାଇକେଲ ଯୋଗାଇଦେବା ସହ ୨୦୧୩-୧୪ ଆର୍ଥିକ ବର୍ଷରେ ରାଜ୍ୟର ୫୦ଟି ସ୍ଥାନରେ ଶ୍ରମିକ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ । ରେଜିଷ୍ଟ୍ରିଭୁକ୍ତ ନିର୍ମାଣ ଶ୍ରମିକମାନେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ ୩୦ ହଜାର ଟଙ୍କାର ଚିକିତ୍ସା ସୁବିଧା ପାଇବେ । ବିକାଶ ମାର୍ଗରେ ଶ୍ରମିକ ଆମର ସାଥି ହୋଇଥିବାରୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ପାଇଁ ଦିଆଯାଇଥିବା ସହାୟକ ରାଶିକୁ ଦୁଇଗୁଣ କରାଯାଇଛି । ଅକ୍ଷମତା ବା କ୍ଷତି ଅନୁପାତରେ ଦୁର୍ଘଟଣା ଜନିତ ସହାୟତା ୭୫ ହଜାର ଟଙ୍କାରୁ ୧ଲକ୍ଷ ୫୦ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ମୃତ୍ୟୁ କାଳୀନ ସହାୟତା ସ୍ୱାଭାବିକ ମୃତ୍ୟୁ ପାଇଁ ୫୦ ହଜାର ଟଙ୍କାରୁ ୧ଲକ୍ଷ ଟଙ୍କା ଓ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୧ଲକ୍ଷ ଟଙ୍କାରୁ ୨ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଶିକ୍ଷାବୃତ୍ତି ସହାୟତାରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ବର୍ଷକୁ ୧ହଜାର ୫୦୦ଟଙ୍କାରୁ ୩୦୦୦ଟଙ୍କା(ପୁଅକୁ), ୨ହଜାର ଟଙ୍କାରୁ ୪ହଜାର ଟଙ୍କା (ଝିଅକୁ), ସ୍ନାତକ ଓ ବୈଷୟିକ ଶ୍ରେଣୀ ପାଇଁ ବର୍ଷକୁ ୨ହଜାର ଟଙ୍କାରୁ ୪ହଜାର ଟଙ୍କା (ପୁଅକୁ), ୨ହଜାର ୫୦୦ଟଙ୍କାରୁ ୫ହଜାର ଟଙ୍କା (ଝିଅକୁ) ବୃଦ୍ଧି କରାଯାଇଛି । ଦୂରାରୋଗ ଯଥା: କ୍ୟାନ୍‌ସର, ହୃଦ୍‌ରୋଗ, ବୃକକ, ଡାଇବେଟିସ୍, ଥାଲସେମିଆ ଓ ମସ୍ତିଷ୍କ ଆଘାତ ଜନିତ ଚିକିତ୍ସା ନିମନ୍ତେ ସମସ୍ତ ଖର୍ଚ୍ଚ ପ୍ରଦାନ କରାଯିବ । ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଖର୍ଚ୍ଚ ନିମନ୍ତେ ୩ ହଜାର ଟଙ୍କାରୁ ୬ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ୨ଟି ଶିଶୁ ପାଇଁ ୨ହଜାର ଟଙ୍କାରୁ ୪ହଜାର ଟଙ୍କା ପ୍ରସୂତିକାଳୀନ ସହାୟତା ବୃଦ୍ଧି କରାଯାଇଛି । ନିର୍ମାଣ ଶ୍ରମିକଙ୍କ ୨ଟି କନ୍ୟା ଓ ଅବିବାହିତ ନିର୍ମାଣ ଶ୍ରମିକଙ୍କ ପାଇଁ ବିବାହ ସହାୟତା ୫ହଜାର ଟଙ୍କାରୁ ୧୦ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।

ରାଜ୍ୟରେ ଏବେ ସୁଦ୍ଧା ୧ଲକ୍ଷ ୩୦ ହଜାର ଶ୍ରମିକ ନିଜକୁ ପଞ୍ଜିକୃତ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୦୮ରେ ଓଡ଼ିଶା ନିର୍ମାଣ ଶ୍ରମିକ ବୋର୍ଡ ଗଠନ କରାଯାଇଛି ।

# ଗ୍ରାମୀଣ ଅଭିବୃଦ୍ଧିରେ ଗୋଷ୍ଠୀ ସହଭାଗିତା

**ସନ୍ତୋଷ କୁମାର ପାତ୍ର**

ଗ୍ରାମୀଣ ବିକାଶ କହିଲେ ଗ୍ରାମାଞ୍ଚଳର ଉନ୍ନତି ତଥା ଏଥିରେ ବାସ କରୁଥିବା ଜନସାଧାରଣଙ୍କ ଜୀବନଧାରଣର ଉନ୍ନତ ମାନକୁ ବୁଝାଏ । ଏକ ସୁସ୍ଥ ଗ୍ରାମୀଣ ଅର୍ଥନୀତି, ସମୃଦ୍ଧ ଏବଂ ସଶକ୍ତ ସମାଜ ଦ୍ୱାରା ଏହା ହାସଲ କରାଯାଇପାରିବ। ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ସବୁଠାରୁ ବଡ଼ ଆହ୍ୱାନ ଏବଂ ଏହା ସମସ୍ତେ ସ୍ୱୀକାର କରିଛନ୍ତି। ୧୯୫୧ ମସିହା ପରଠାରୁ ପ୍ରତ୍ୟେକ ପଞ୍ଚବାର୍ଷିକ ଯୋଜନାରେ ଗ୍ରାମୀଣ ଅଭିବୃଦ୍ଧି ଏକ ପ୍ରମୁଖ ଉଦ୍ଦେଶ୍ୟ ଭାବେ ସ୍ଥାନ ପାଇଥିଲେ ମଧ୍ୟ ସାମାଜିକ ନ୍ୟାୟ ସହିତ ଅର୍ଥନୈତିକ ଅଭିବୃଦ୍ଧି ଜନସାଧାରଣଙ୍କ ନିକଟରେ ଆଜି ବି ପହଞ୍ଚିବା ସମ୍ଭବ ହୋଇଛି ।

ଗ୍ରାମୀଣ ବିକାଶ ନିମନ୍ତେ ଅନେକଗୁଡ଼ିଏ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଅଛି। ଏହାର ବ୍ୟାପକ ସଫଳତା ନିମନ୍ତେ ଏହାର କାର୍ଯ୍ୟକାରିତାର ପ୍ରକ୍ରିୟାରେ ସ୍ଥାନୀୟ ଲୋକମାନଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ଜରୁରୀ। ନିରବଚ୍ଛିନ୍ନ ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ସ୍ଥାନୀୟ ପ୍ରତିଭା ଓ ସଂବଳର ଉପଯୁକ୍ତ ବିନିଯୋଗ କରାଯିବା ଆବଶ୍ୟକ। ଲୋକମାନଙ୍କୁ ସାମିଲ କରି ଓ ସେମାନଙ୍କ ଦ୍ୱାରା ଗ୍ରାମୀଣ ଜୀବନ ଜୀବିକାର ଉନ୍ନତି ଆଣିବା ହେଉଛି ବିକାଶର ମୂଳ ଲକ୍ଷ୍ୟ।

୨୦୧୨-୧୩ ବର୍ଷର ଜାତୀୟ ବଜେଟ୍‌ରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ନିମନ୍ତେ ୮୭୬,୩୭୬ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି। ଏକାକି ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍. ଯୋଜନା ନିମନ୍ତେ ୩୩,୦୦୦ କୋଟି ଟଙ୍କାର ପ୍ରାବଧାନ ରହିଛି। ଏଥି ସହିତ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଦ୍ୱାରା ବିଭିନ୍ନ ଜନକଲ୍ୟାଣ ଓ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ପ୍ରତିବର୍ଷ ହାରାହାରି ୮,୦୦,୦୦୦ କୋଟି ଟଙ୍କା ବିନିଯୋଗ ପାଇଁ ପଦକ୍ଷେପ ନିଆଯାଉଛି। ଯେକୌଣସି କାର୍ଯ୍ୟକ୍ରମ କିମ୍ବା ଯୋଜନାର ସଫଳତା ଗ୍ରାମୀଣ ଲୋକଙ୍କର ସଚେତନତା ଏବଂ ଉତ୍ତମ ବୁଝାମଣା ଉପରେ ନିର୍ଭର କରେ। ସାମୂହିକ ଜନସଚେତନତା ବିନା କାର୍ଯ୍ୟକ୍ରମର ଯୋଜନା ତିଆରି, କାର୍ଯ୍ୟକାରୀ ତଥା ଏହାର ତଦାରଖ, ମୂଲ୍ୟାୟନ ଭଳି ସବୁ ପର୍ଯ୍ୟାୟରେ ଗଠନମୂଳକ ଜନସହଭାଗିତା ଆଶା କରିବା କଷ୍ଟସାଧ୍ୟ।

ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂର କରିବାକୁ ହେଲେ ଗ୍ରାମୀଣ ଜନସାଧାରଣଙ୍କୁ ସକ୍ଷମ ଓ ସାମର୍ଥ୍ୟ କରିବାକୁ ହେବ। ବିକାଶମୂଳକ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା କର୍ମକର୍ତ୍ତା, ଜନପ୍ରତିନିଧି ଓ ଜନସାଧାରଣଙ୍କର ବୋଧ, ପ୍ରଜ୍ଞା, ଦକ୍ଷତା ଓ କର୍ତ୍ତବ୍ୟନିଷ୍ଠା ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଆବଶ୍ୟକ। ସମାଜର ପଛୁଆବର୍ଗ, ଅବହେଳିତ ଗୋଷ୍ଠୀ ଯେପରି ସେମାନଙ୍କର ହକ୍ ଓ ଅଧିକାରକୁ ଜାହିର କରିପାରିବେ ସେ ଦିଗରେ ସୁସ୍ଥ ବାତାବରଣ ସୃଷ୍ଟି ହେବା ବାଞ୍ଛନୀୟ। ଗାଁ ଲୋକମାନଙ୍କ ମଧ୍ୟରେ ଥିବା ସୃଜନ ଶକ୍ତିକୁ ବିକଶିତ କରାଇ ତାର ବିନିଯୋଗ କରି ସେମାନଙ୍କୁ ବିକାଶ ପାଇଁ ପ୍ରସ୍ତୁତ କରିବା, ସଂଗଠିତ କରିବା ଏବଂ ଲୋକଙ୍କ ପାଇଁ ଏକ ଉନ୍ନତ ଜୀବନ ନିର୍ବାହ ଲକ୍ଷ୍ୟକୁ ହାସଲ କରିବା ସକାଶେ ଗାଁଲୋକେ ସମର୍ଥ ହୋଇପାରିଲେ ଗ୍ରାମ୍ୟବିକାଶ ତ୍ୱରାନ୍ୱିତ ହୋଇପାରିବ।

ଦେଶର ବିକାଶ ମୋଟାମୋଟି ଭାବରେ ରାଷ୍ଟ୍ରୀୟ ସଂପଦ ଓ ଲୋକମାନଙ୍କର ସମୃଦ୍ଧି ଉପରେ ନିର୍ଭର କରେ। ମୁଣ୍ଡପିଛା ଆୟ, ସମୁଦାୟ ଘରୋଇ ଉତ୍ପାଦକ କିମ୍ବା ସମୁଦାୟ ରାଷ୍ଟ୍ରୀୟ ଉତ୍ପାଦକର ଅଭିବୃଦ୍ଧି ଘଟିଲେ ଦାରିଦ୍ର୍ୟ କମିଯିବ, ଏହା ହିଁ ବାସ୍ତବତା। ସୁତରାଂ, କେବଳ ଦାରିଦ୍ର୍ୟକୁ କମାଇବା ପାଇଁ ପଦକ୍ଷେପ ଯଥେଷ୍ଟ ନୁହେଁ, ବରଂ ଏହାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଫଳପ୍ରଦ

ରଣକୌଶଳ ସ୍ଥିରହେବା ଜରୁରୀ । ବର୍ତ୍ତମାନ ଅଧିକାଂଶ ଯୋଜନାର ସଫଳତାକୁ ଏଥି ନିମନ୍ତେ ଆବଣ୍ଟିତ ଅର୍ଥର ବିନିଯୋଗ ଆଧାରରେ ବିଚାର କରାଯାଉଅଛି। ଯୋଜନା କହିଲେ ଏଥି ନିମନ୍ତେ ଉଦ୍ଦିଷ୍ଟ ଅର୍ଥର ଆକଳନ ଓ ଏହାର ବିନିଯୋଗ। ଏହା ବିକାଶ ଆଡ଼କୁ ବାଟ ଦେଖାଇବ, ଏଭଳି ମାନସିକତା କେବଳ ଅର୍ଥ ବିନିଯୋଗକୁ ଅଧିକ ଗୁରୁତ୍ୱ ଦେଇଥାଏ। ଯୋଜନାର ମୂଳଲକ୍ଷ୍ୟ ଓ ଏହାର ବ୍ୟୟ ଅଟକଳ ମଧ୍ୟରେ ଥିବା ଫରକକୁ ଠିକ୍‌ରୂପେ ବିଶ୍ଳେଷଣ କରିବା ବିଧେୟ। ଅନ୍ୟଥା ଅଣଆର୍ଥିକ ବିଷୟଗୁଡ଼ିକ ଯଥା ସାମାଜିକ ପ୍ରଭାବ, ଗୋଷ୍ଠୀ ଉପକାରିତା, ସଶକ୍ତିକରଣ, ଗ୍ରାମୀଣ ସଂଗଠନ ଓ ନୀତି, ନିୟମ ଇତ୍ୟାଦି ବହୁଳ ମାତ୍ରାରେ ଅଣଦେଖା ହୋଇଯିବ ଏବଂ କାର୍ଯ୍ୟକ୍ରମ ଜରିଆରେ ଆଶା କରାଯାଉଥିବା ଫଳାଫଳ ନିର୍ଦ୍ଧାରିତ ଲୋକଙ୍କ ପାଖରେ ପହଞ୍ଚିବାରେ ପ୍ରତିବନ୍ଧକ ସୃଷ୍ଟି ହେବ।

ଉପରୋକ୍ତ ପୃଷ୍ଠଭୂମିରେ ପଞ୍ଚାୟତିରାଜ ଏକ ସଫଳ ତୃଣମୂଳ ସ୍ତରୀୟ ଶାସନ ବ୍ୟବସ୍ଥା ଯାହା ଗୋଷ୍ଠୀ ସହଭାଗିତାରେ ଗ୍ରାମୀଣ ବିକାଶକୁ ଆଶାନୁରୂପ କରିବାରେ ବ୍ୟାପକ ସହାୟକ ହୋଇପାରିବ। ଗ୍ରାମାଞ୍ଚଳରେ ବିଭିନ୍ନ ସମସ୍ୟା ସମାଧାନ କରିବାରେ ପଞ୍ଚାୟତିରାଜ ବ୍ୟବସ୍ଥାର ସାମର୍ଥ୍ୟ, ଫଳପ୍ରଦତା ଓ ସମ୍ଭାବନା ପ୍ରମାଣିତ ହୋଇସାରିଛି। ଏହି ବ୍ୟବସ୍ଥାକୁ ସାମ୍ବିଧାନିକ ମାନ୍ୟତା ମିଳିଛି ଓ ଏହା ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକ୍ଷମ ହୋଇପାରୁଛି । ପଞ୍ଚାୟତଗୁଡ଼ିକରେ ଯଥେଷ୍ଟ ମାନବ ସମ୍ବଳ ତଥା କାର୍ଯ୍ୟ ସଂପାଦନ ପାଇଁ ଆବଶ୍ୟକୀୟ ଉପକରଣ ଓ ଭିତ୍ତିଭୂମିର ଅଭାବ ଉପଲବ୍ଧି କରାଯାଉଅଛି। ଏ କ୍ଷେତ୍ରରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଥିବା ବ୍ଲକସ୍ତରର ଅବସ୍ଥା ଟିକିଏ ଭଲ। ସୁତରାଂ ପଞ୍ଚାୟତିରାଜ ଅନୁଷ୍ଠାନ ବିଶେଷ କରି ଗ୍ରାମପଞ୍ଚାୟତର ଦକ୍ଷତା ଓ କ୍ଷମତା ବୃଦ୍ଧି ଦିଗରେ ଅନେକ କିଛି କରିବାର ଆବଶ୍ୟକତା ରହିଛି।

ଆମ ରାଜ୍ୟର ଅଭିବୃଦ୍ଧି ବିଶେଷ କରି କୃଷି ଓ କୃଷକ ଉପରେ ନିର୍ଭର କରୁଛି। ଯଦିଓ ସରକାର ରାଜ୍ୟର ଅଭିବୃଦ୍ଧି ପାଇଁ ବହୁତ କିଛି ପଦକ୍ଷେପ ନେଉଛନ୍ତି, ତଥାପି ବାସ୍ତବରେ ଏହା ଅସଂପୂର୍ଣ୍ଣ ରହିଯିବ ଯଦି ଗ୍ରାମାଞ୍ଚଳରେ ବାସ କରୁଥିବା ସମସ୍ତ ଜନସାଧାରଣଙ୍କର ଜୀବନଧାରଣର ମାନ ବୃଦ୍ଧିରେ ତାହା ସହାୟକ ହୋଇପାରିବ ନାହିଁ। ସୁତରାଂ କୃଷି, ଜଳସେଚନ, ଉତ୍ପାଦନ ବୃଦ୍ଧି, ଗ୍ରାମୀଣ ଋଣ, ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପିଇବା ପାଣି ଭଳି ମୌଳିକ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକମାନେ ହିଁ ସେମାନଙ୍କର ଚିନ୍ତା ଓ ବିଚାର ବ୍ୟକ୍ତ କରି ଏହାର ଦୀର୍ଘସ୍ଥାୟୀ ସମାଧାନ କରିପାରିବେ। ଗ୍ରାମୀଣ ଜୀବିକାର ପ୍ରଧାନଶତ୍ରୁ ବଢ଼ି ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ପ୍ରତିକାର ହୋଇପାରିବ। ଗ୍ରାମ୍ୟ ଜନଜୀବନରେ କୃଷି ତଥା କୃଷିଭିତ୍ତିକ କାର୍ଯ୍ୟକ୍ରମର ସ୍ଥାନ ଅତି ଗୁରୁତ୍ୱପୂର୍ଣ୍ଣ । ଏଥି ନିମନ୍ତେ ସରକାର ଅନେକ ଯୋଜନା ଯଥା ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଜାତୀୟ ଉଦ୍ୟାନ ମିଶନ, ସମନ୍ୱିତ ଜଳଛାୟା କାର୍ଯ୍ୟକ୍ରମ, ସେହିଭଳି, ସ୍ୱାସ୍ଥ୍ୟ ପାଇଁ ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ନିର୍ମଳ ଭାରତ ଅଭିଯାନ, ଶିକ୍ଷା ପାଇଁ ସର୍ବଶିକ୍ଷା ଅଭିଯାନ, କର୍ମନିଯୁକ୍ତି ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଜାତୀୟ ଗ୍ରାମୀଣ ଜୀବିକା ମିଶନ, ପିଇବା ପାଣି କାର୍ଯ୍ୟକ୍ରମ, ଗୃହହୀନଙ୍କ ପାଇଁ ଇନ୍ଦିରା ଆବାସ ଯୋଜନା ଓ ମୋ' କୁଡ଼ିଆ, ଖାଦ୍ୟ ସୁରକ୍ଷା ପାଇଁ ଏକ ଟଙ୍କାରେ ଚାଉଳ ଯୋଗାଣ, ଅନ୍ତୋଦୟ, ଅନ୍ନପୂର୍ଣ୍ଣା ଯୋଜନା ଇତ୍ୟାଦି କାର୍ଯ୍ୟକାରୀ କରୁଛନ୍ତି। ଉପରୋକ୍ତ ଯୋଜନା ସମ୍ବନ୍ଧରେ ବ୍ୟାପକ ଜନସଚେତନତା ଆବଶ୍ୟକ ଏବଂ ସାମୂହିକ ଅଂଶଗ୍ରହଣ ଉପରେ ହିଁ ଏହାର ଫଳପ୍ରଦ କାର୍ଯ୍ୟକାରିତା ନିର୍ଭର କରୁଛି।

ପ୍ରାକୃତିକ ସମ୍ବଳର ପରିଚାଳନା, ଏହାର ପୁନରୁଜ୍ଜୀବିକରଣ ଓ ତାକୁ ସମୃଦ୍ଧ କରି କାର୍ଯ୍ୟକାରୀ କରିବାକୁ ଗ୍ରାମର ଲୋକେ ଆଗେଇ ଆସିବା ଉଚିତ । ଗ୍ରାମଗୋଷ୍ଠୀ ପଲ୍ଲୀସଭା ଓ ଗ୍ରାମସଭା ଜରିଆରେ ସେମାନଙ୍କର ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କଲେ ହିଁ ଗ୍ରାମଶକ୍ତି ଏବଂ ଲୋକଶକ୍ତିର ଅଭିବୃଦ୍ଧି ଘଟିବ। ଲୋକେ ନିଜ ନିଜ ଅଞ୍ଚଳର ଅବସ୍ଥା ସୁଧାରିବାକୁ ନିଜ ନିଜର ଚିନ୍ତା, ବିଚାର ଓ କାର୍ଯ୍ୟକ୍ରମ ନେଇ ଆଗେଇ ଆସିବେ। ବିକାଶର ଧାରାରେ ସମସ୍ତେ ସାମିଲ୍ ହେବେ। ଏହା ହିଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବ। ଏହା ଦ୍ୱାରା ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ ଓ ବିଜୁବାବୁଙ୍କ ସଫଳ ପଞ୍ଚାୟତିରାଜର ସ୍ୱପ୍ନ ସାକାର ହେବ।

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ
ଭୁବନେଶ୍ୱର

❖ ❖ ❖

# ମହିଳା ଓ ଶିଶୁ ବିକାଶରେ ପଞ୍ଚାୟତିରାଜର ଭୂମିକା

ପ୍ରିୟମ୍ବଦା ପଟ୍ଟନାୟକ

ଦେଶର ଭବିଷ୍ୟତକୁ ଜନ୍ମ ଦେଉଥିବା ମା, ମହିଳା, ନାରୀ ଯେପର୍ଯ୍ୟନ୍ତ ଏକ ସୁସ୍ଥ, ନିରାପଦ ଶିକ୍ଷିତ, ଆତ୍ମନିର୍ଭରଶୀଳ, କୁସଂସ୍କାରମୁକ୍ତ ଜୀବନଟିଏ ନିର୍ଭୀକତାର ସହିତ ବଞ୍ଚିବାର ମୌଳିକ ଅଧିକାର ପାଉନାହିଁ, ସେପର୍ଯ୍ୟନ୍ତ କୌଣସି ସଭ୍ୟତାର ଉନ୍ନତି ସମ୍ଭବପର ନୁହେଁ।

ଏକ ଜାତି, ଏକ ରାଷ୍ଟ୍ର ତାର ଜନସଂଖ୍ୟାର ମୁଖ୍ୟ ଆଧାର ମହିଳା ଓ ଶିଶୁଙ୍କ ସର୍ବାଙ୍ଗୀନ ବିକାଶକୁ ନେଇ ବିକଶିତ ହୁଏ। ମାନବ ସମାଜ କେବଳ ପୁରୁଷର ସର୍ବୋତ୍ତମ ବିକାଶରେ ସମୃଦ୍ଧ ହୋଇନାହିଁ। ଉଭୟ ପୁରୁଷ ଓ ମହିଳାଙ୍କ ସାମାଜିକ, ଆର୍ଥିକ, ରାଜନୈତିକ, ଆଇନଗତ ଓ ନୈତିକତାର ସମାନତା ହିଁ ଆମ ରାଜ୍ୟକୁ ସମୃଦ୍ଧି ପଥରେ ଅଗ୍ରସର କରାଇଥାଏ। କିନ୍ତୁ ବର୍ତ୍ତମାନ ଆମ ରାଜ୍ୟରେ ମହିଳାମାନଙ୍କ ସ୍ଥିତି ସମଗ୍ର ଲୋକସଂଖ୍ୟାର ମାତ୍ର ୪୭.୦ ଶତାଂଶ। ଗତ କେତେବର୍ଷ ଧରି ଆମ ରାଜ୍ୟରେ ଯେପରି ଗର୍ଭ ନିରୂପଣ ଆଳରେ କନ୍ୟାଭ୍ରୂଣ ହତ୍ୟା କରାଯାଉଛି, ତାହାରି ଦୁରବସ୍ଥା ନିକଟ ଭବିଷ୍ୟତରେ ଆମ ସମସ୍ତଙ୍କୁ ଭୋଗିବାକୁ ପଡିବ। ସାମାଜିକ ପାରିବାରିକ ଜୀବନରେ ଘୋର ବୈଷମ୍ୟ ସୃଷ୍ଟି ହେବାକୁ ଯାଉଛି।

ସୁତରାଂ ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟର ମହିଳା ଓ ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ, ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଅନେକ କ୍ରାନ୍ତିକାରି ଯୋଜନା କାର୍ଯ୍ୟକାରୀ ହେଉଛି। ସେହି ଯୋଜନାର ଚିନ୍ତାଧାରା ସମ୍ପର୍କରେ ସମ୍ୟକ୍ ଆଲୋକପାତ କରାଯାଇଛି।

ସମନ୍ୱିତ ଶିଶୁ ବିକାଶ ଯୋଜନା

ଶିଶୁ ମୃତ୍ୟୁ ହାର ଓ ମାତୃ ମୃତ୍ୟୁ ହାରର ହ୍ରାସ କରିବା ହେଉଛି ଏହି ଯୋଜନାର ଲକ୍ଷ୍ୟ ଛଅ ଗୋଟି ସେବାକୁ ନେଇ ଏହି ଯୋଜନା ଉଦ୍ଦିଷ୍ଟ, ଯାହାକି ସ୍ୱତନ୍ତ୍ର ପୁଷ୍ଟିକର କାର୍ଯ୍ୟକ୍ରମ, ପ୍ରାକ୍ ବିଦ୍ୟାଳୟ, ପ୍ରତିଷେଧକ, ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ସେବା, ପୁଷ୍ଟି ଓ ସ୍ୱାସ୍ଥ୍ୟକର ଶିକ୍ଷା। ଏହି ଯୋଜନା ମାଧ୍ୟମରେ ୦-୬ ବର୍ଷ ଶିଶୁ, ଗର୍ଭବତୀ ଓ ପ୍ରସୂତି ମା'ମାନେ ଉପକୃତ ହୋଇଥାନ୍ତି। ସ୍ୱତନ୍ତ୍ର ପୁଷ୍ଟିକର କାର୍ଯ୍ୟ ଅଧୀନରେ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁଙ୍କୁ ସକାଳ ଜଳଖିଆ ମଧ୍ୟାହ୍ନରେ ରନ୍ଧା ଖାଦ୍ୟ ପ୍ରଦାନର ବ୍ୟବସ୍ଥା ରହିଛି।

ମମତ।

ଗର୍ଭବତୀ ଏବଂ ପ୍ରସୂତୀ ମା'ମାନଙ୍କ ସଶକ୍ତିକରଣ ନିମନ୍ତେ ଏହି ଯୋଜନା ଉଦ୍ଦିଷ୍ଟ। ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କ ସ୍ୱାସ୍ଥ୍ୟର ଓ ପୁଷ୍ଟିର ଉନ୍ନତି ଉଦ୍ଦେଶ୍ୟରେ ଚାରିଗୋଟି କିସ୍ତିରେ ସମୁଦାୟ ଟ୫୦୦୦/- ଅର୍ଥରାଶି ପ୍ରଦାନ କରାଯାଇଥାଏ।

ମହିଳା ଓ ଶିଶୁ ଡେସ୍କ

ମହିଳା ଓ ଶିଶୁଙ୍କୁ ନ୍ୟାୟିକ ସହାୟତା ପ୍ରଦାନ କରିବା ହେଉଛି ଏହାର ଉଦ୍ଦେଶ୍ୟ।

ଘରୋଇ ହିଂସାରୁ ମୁକ୍ତ- ୨୦୦୫ ଆଇନ୍

କୌଣସି ମହିଳା ନିଜ ସ୍ୱାମୀ କିମ୍ବା ପରିବାରରେ ଆତ୍ମୀୟ ସ୍ୱଜନଙ୍କ ଦ୍ୱାରା ହିଂସାର ଶିକାର ହୋଇଥାନ୍ତି, ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ୨୦୦୫ ମସିହାରେ ଏହି ଆଇନ୍ ପ୍ରଣୟନ କରାଯାଇଛି।

ଅସହାୟ ଶିଶୁଙ୍କ ସହାୟତା

ଜରୁରିକାଳୀନ ସମୟରେ କୌଣସି ଶିଶୁର ଅସୁବିଧାକୁ ବିଚାର କରି ଆବଶ୍ୟକୀୟ ସହାୟତା ନିମନ୍ତେ ସରକାରୀ କିମ୍ବା

ବେସରକାରୀ ସଂସ୍ଥା ସହିତ ଯୋଗାଯୋଗ କରାଯାଇଥାଏ। ଏହି ସେବା ନିମନ୍ତେ ଏକ ଶୁଳ୍କ ବିହୀନ ଟେଲିଫୋନ୍‌ର ବ୍ୟବସ୍ଥା ରହିଛି, ଯାହାର ନଂ ହେଉଛି ୧୦୯୮ ।

ପୋଷ୍ୟ ସନ୍ତାନ ଗ୍ରହଣ

ଯେଉଁ ଅଭିଭାବକ ନିଃସନ୍ତାନ ଥାନ୍ତି ସେମାନଙ୍କୁ ଆଇନତଃ ସନ୍ତାନ ଗ୍ରହଣର ସୁବିଧା ଓ ସୁଯୋଗ ଏହି ଯୋଜନା ପ୍ରଦାନ କରିଥାଏ। ଏଥି ନିମନ୍ତେ ଏକ ରାଜ୍ୟସ୍ତରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା ସ୍ଥାପନ କରାଯାଇଛି।

କିଶୋରୀ ଶକ୍ତି ଯୋଜନା

ଏହି ଯୋଜନା ଝିଅଙ୍କ ବାଲ୍ୟ ବିବାହ, ଅପରିପକ୍ୱ ଗର୍ଭଧାରଣ ଓ ଅନେକ ସମସ୍ୟାକୁ ଦୂର କରିବା ପାଇଁ କିଶୋରି ବାଳିକାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରାଇଥାଏ।

ଅସହାୟ ମହିଳାଙ୍କ ଥଇଥାନ

କୌଣସି ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହୋଇଥିବା ମହିଳାଙ୍କୁ ଉଦ୍ଧାର କରି ତଥା ସେମାନଙ୍କୁ ଆବଶ୍ୟକୀୟ ଦକ୍ଷତା ପ୍ରଦାନ କରି ଥଇଥାନ କରିବା ହେଉଛି ଏହି ଯୋଜନାର ଲକ୍ଷ୍ୟ । ଏଥି ନିମନ୍ତେ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ 'ସ୍ୱଧାର ହୋମ୍' ସ୍ଥାପନ କରାଯାଇଛି।

ମିଶନ୍ ଶକ୍ତି

ସ୍ୱୟଂ ସହାୟକ ଦଳ ମାଧ୍ୟମରେ ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ରାଜନୈତିକ ସ୍ଥିତିକୁ ସୁଦୃଢ଼ କରିବା ନିମନ୍ତେ ୨୦୦୧ ମସିହାରୁ ଆମ ରାଜ୍ୟରେ ଏକ ବିପ୍ଳବର ଶୁଭାରମ୍ଭ କରାଯାଇଅଛି। ଏହି ଯୋଜନା ମାଧ୍ୟମରେ ଆଜି ୫୮ ଲକ୍ଷ ୪୧ ହଜାର ମହିଳାଙ୍କୁ ନେଇ ସମୁଦାୟ ୪.୮୬ ଲକ୍ଷ ସଂଘ ସ୍ୱାବଲମ୍ବୀ ହେବା ନିମନ୍ତେ ଆଗେଇ ଆସିଛନ୍ତି।

ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅସହାୟ, ବିଧବା, ଭିନ୍ନକ୍ଷମ, ବୃଦ୍ଧବୃଦ୍ଧାମାନଙ୍କୁ ବଞ୍ଚିବାର ରାହା ଯୋଗାଇଥାଏ। ଏହି ଯୋଜନା ଅଧୀନରେ ମଧୁବାବୁ ପେନ୍‌ସନ୍, ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା, ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା ଏବଂ ଜାତୀୟ ପରିବାର ମଙ୍ଗଳ ଅର୍ଥରାଶି ଉପଯୁକ୍ତ ହିତାଧିକାରୀଙ୍କୁ ଚୟନ ପୂର୍ବକ ପ୍ରଦାନ କରାଯାଇଥାଏ। ବିଭିନ୍ନ ଭତ୍ତା ନିମନ୍ତେ ବିଭିନ୍ନ ବୟସ ସୀମା ଧାର୍ଯ୍ୟ କରାଯାଇଛି। କିନ୍ତୁ ଅର୍ଥରାଶିର ପରିମାଣ ପ୍ରାୟତଃ ୨୦୦ଟଙ୍କା ।

ଏହି ସମାପ୍ତ ସୁଦୂର ପ୍ରସାରୀ ଯୋଜନାର ଏକ ସମନ୍ୱୟ ପଞ୍ଚାୟତିରାଜ ବିଭାଗର ସମନ୍ୱିତ ରୂପ ପାଇଁ ବିଶେଷ ଫଳପ୍ରଦ ହୋଇପାରିଛି। ଉଦାହରଣ ସ୍ୱରୂପ ପଲ୍ଲୀସଭା ଓ ଗ୍ରାମସଭାରେ ମହିଳାମାନଙ୍କ ନିଷ୍ପତ୍ତି ନେବା, ସମସ୍ୟା ଉପସ୍ଥାପନ ଓ ମତବ୍ୟକ୍ତ କରିବାର ଅଧିକାର ଓ ସହଭାଗିତା ଯୋଗୁଁ ଗ୍ରାମରୁ ଜିଲ୍ଲାସ୍ତରରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି।

ଗ୍ରାମର ପୁରୁଷ ଓ ମହିଳାଙ୍କୁ ଆଜି ଆଉ ଦାଦନ ଖଟିବାକୁ ସୁଦୂର ବମ୍ବେ, ରାଜସ୍ଥାନ, ସୁରଟ୍, ଦିଲ୍ଲୀ ଯିବାକୁ ପଡୁନାହିଁ। ୧୦୦ ଦିନର କାମ ୧୦୦ ଦିନର ମଜୁରୀ ଅନ୍ତତଃ ନିଶ୍ଚିତ କରି ଦେଇଛି ଗ୍ରାମର ପ୍ରତ୍ୟେକ ପରିବାରର ଆର୍ଥିକ ମାନଦଣ୍ଡକୁ।

ପଞ୍ଚାୟତିରାଜ ବ୍ୟବସ୍ଥାରେ ପଚାଶ ଶତାଂଶ ମହିଳାଙ୍କ ଯୋଗଦାନ ପଞ୍ଚାୟତିରାଜ ଦିଗନ୍ତକୁ ଏକ ନୂତନ ଦିଗ୍‌ଦର୍ଶକ ପ୍ରଦାନ କରିଛି। ଯାହା ଫଳରେ ଗାଁର ପ୍ରତି ଘରେ ଘରେ ଆଣି ଦେଇଛି ବଞ୍ଚିବାର ଶୈଳୀରେ ଏକ ନୂତନ ମହକ ଓ ବିଶ୍ୱାସ।

ଆମ ରାଜ୍ୟରେ ମହିଳା ଓ ଶିଶୁଙ୍କୁ ଏକ ନିରାପଦ, ଶୈକ୍ଷିକ, ସୁସ୍ଥ ମନ ନେଇ ଜିଇଁବା ପାଇଁ ପଞ୍ଚାୟତିରାଜ ବିଭାଗ ସମସ୍ତ ସମ୍ଭାବନା ଓ ସ୍ୱପ୍ନକୁ ସାକାର କରିପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ
ଭୁବନେଶ୍ୱର

❖ ❖ ❖

# ପଞ୍ଚାୟତିରାଜ ଅନୁଷ୍ଠାନ ଓ ଅର୍ଥ ବ୍ୟବସ୍ଥା

ସ୍ୱପ୍ନେଶ୍ୱର ବାୟା

ମହାତ୍ମା ଗାନ୍ଧୀ 'ଗ୍ରାମ ସ୍ୱରାଜ' ପରିକଳ୍ପନା କରିଥିଲେ। ଗାଁର ଲୋକମାନେ ନିଜର ସମସ୍ୟା ସମ୍ବନ୍ଧରେ ଆଲୋଚନା କରିବେ। ଆଲୋଚନା ପରେ ଯାହା ନିଷ୍ପତ୍ତି ନେବେ ସେହି ନିଷ୍ପତ୍ତି ସେମାନେ କାର୍ଯ୍ୟକାରୀ କରିବେ। ସେଥିରେ ବାହ୍ୟ ହସ୍ତକ୍ଷେପ ରହିବ ନାହିଁ। ପ୍ରତ୍ୟେକ ଗାଁ ସ୍ୱାବଲମ୍ବୀ ହେବେ। ମହାତ୍ମା ଗାନ୍ଧୀଙ୍କର ଚିନ୍ତାଧାରା ସମ୍ବିଧାନ ପ୍ରଣେତା ସମ୍ପୂର୍ଣ୍ଣ ଗ୍ରହଣ କଲେ ନାହିଁ। ୧୯୫୦ ଜାନୁୟାରୀ ୨୬ରେ ସମ୍ବିଧାନ କାର୍ଯ୍ୟକାରୀ ହେଲା। ସେଥିରେ ବ୍ୟବସ୍ଥା ରହିଲା ପ୍ରତ୍ୟେକ ରାଜ୍ୟ ଗ୍ରାମପଞ୍ଚାୟତ ଗଠନ ନିମନ୍ତେ ପଦକ୍ଷେପ ନେବେ। ଗ୍ରାମପଞ୍ଚାୟତଗୁଡ଼ିକ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ରୂପେ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକୀୟ କ୍ଷମତା ଓ କର୍ତ୍ତୃତ୍ୱ ରାଜ୍ୟ ସରକାର ପ୍ରଦାନ କରିବେ। ଗ୍ରାମପଞ୍ଚାୟତମାନଙ୍କର ଦାୟିତ୍ୱ କ'ଣ ଓ ଦାୟିତ୍ୱ ନିର୍ବାହ ପାଇଁ କେଉଁଠାରୁ ଅର୍ଥ ଆସିବ, ସେ ସମ୍ବନ୍ଧରେ ସମ୍ବିଧାନର ଉକ୍ତ ଧାରା ନିରବ। ପରବର୍ତ୍ତୀ ସମୟରେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ସୁଦୃଢ଼ କରିବା ପାଇଁ ସମ୍ବିଧାନର ୭୩ତମ ସଂଶୋଧନ ଏକ ଐତିହାସିକ ଘଟଣା। ଏହି ସମ୍ବିଧାନ ସଂଶୋଧନ ଦ୍ୱାରା ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ସାମ୍ବିଧାନିକ ସ୍ୱୀକୃତି ମିଳିଲା। ୧୧ଶ ପରିଶିଷ୍ଟରେ ଉଲ୍ଲିଖିତ ୨୯ଟି ବିଷୟ ଯଥା - କୃଷି, ସମବାୟ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ରାସ୍ତା, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ ଇତ୍ୟାଦି ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ହସ୍ତାନ୍ତର କରିବା ପାଇଁ ବ୍ୟବସ୍ଥା ରହିଲା। ଓଡ଼ିଶାରେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ୨୧ଟି ବିଷୟ ହସ୍ତାନ୍ତର କରାଯାଇଅଛି, ବିଭିନ୍ନ ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମ ନିମନ୍ତେ ପ୍ରଭୂତ ଅର୍ଥ ଆବଶ୍ୟକ । ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ମଧ୍ୟରୁ କେବଳ ଗ୍ରାମପଞ୍ଚାୟତରେ ଟିକସ୍ ଓ ଫିସ୍ ଆଦାୟ କରିବା କ୍ଷମତା ଅଛି। ଏହାଛଡ଼ା ହାଟ, ପୋଖରୀ, ଘାଟ ଇତ୍ୟାଦି ନିଲାମରୁ କିଛି ନିଜସ୍ୱ ଆୟ ମିଳିଥାଏ। ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦମାନଙ୍କର ଟିକସ ଆଦାୟ କରିବା କ୍ଷମତା ନାହିଁ। ପଞ୍ଚାୟତିରାଜ ଅନୁଷ୍ଠାନମାନେ କେଉଁ ସୂତ୍ରରୁ ଅର୍ଥ ପାଇଥାଆନ୍ତି ସେ ସମ୍ବନ୍ଧରେ ଆଲୋକପାତ କରିବା ପାଇଁ ଏହି ପ୍ରବନ୍ଧରେ ପ୍ରୟାସ କରାଯାଇଅଛି।

ପଞ୍ଚାୟତିରାଜ ଅନୁଷ୍ଠାନମାନେ ମୁଖ୍ୟତଃ ନିମ୍ନଲିଖିତ ସୂତ୍ରରୁ ଅର୍ଥ ପାଇଥାଆନ୍ତି।

କ) ନିଜସ୍ୱ ଆଦାୟ।
ଖ) କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରୁ ମିଳୁଥିବା ଅର୍ଥ।
ଗ) କେନ୍ଦ୍ର ଅର୍ଥ କମିଶନଙ୍କ ସୁପାରିଶରୁ ମିଳୁଥିବା ଅର୍ଥ
ଘ) ରାଜ୍ୟ ସରକାରଠାରୁ ମିଳୁଥିବା ଗ୍ରାଣ୍ଟ।
ଙ) ରାଜ୍ୟ ସରକାରଙ୍କଠାରୁ ମିଳୁଥିବା ଅନୁଦାନ।
ଚ) ଅନ୍ୟାନ୍ୟ ସୂତ୍ରରୁ ଆୟ।

ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କରୁ ଆର୍ଥିକ ଅବସ୍ଥାର ଅନୁଧ୍ୟାନ କରି ସେଥିରେ ଉନ୍ନତି ଆଣିବା ପାଇଁ ସୁପାରିଶ କରିବା ନିମନ୍ତେ ୭୩ତମ ସମ୍ବିଧାନରେ ବ୍ୟବସ୍ଥା କରାଯାଇଅଛି। ସମ୍ବିଧାନ ଧାରା ୨୪୩ (ଆଇ) ଓ (ୱାଇ) ଅନୁସାରେ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରସଂସ୍ଥାମାନଙ୍କର ଆର୍ଥିକ ବ୍ୟବସ୍ଥାର ଅନୁଧ୍ୟାନ କରି ସୁପାରିଶ କରିବା ନିମନ୍ତେ ପ୍ରତି ୫ ବର୍ଷରେ ରାଜ୍ୟ ଅର୍ଥ କମିଶନ ଗଠନ କରାଯିବ। ଏହି କମିଶନ ରାଜ୍ୟ ସରକାରଙ୍କର ଟିକସ, ଟୋଲ୍ ଓ ଫିସ୍ ଇତ୍ୟାଦିରୁ ମିଳୁଥିବା ନିଟ୍ ଆୟରୁ କେତେକ ପରିମାଣ ଅର୍ଥ ପଞ୍ଚାୟତିରାଜ ଓ ପୌର ସଂସ୍ଥାମାନଙ୍କୁ ଗ୍ରାଣ୍ଟ ଆକାରରେ ଦେବେ ତାହା ସୁପାରିଶ୍ କରିବେ। ଦ୍ୱିତୀୟତଃ ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହୀତ ହେଉଥିବା କେତେକ ନିର୍ଦ୍ଦିଷ୍ଟ ଟିକସ, କର, ଟୋଲ ଓ ଫିସ୍ ସିଧାସଳଖ ପଞ୍ଚାୟତିରାଜ ଅନୁଷ୍ଠାନ ଓ

ପୌର ସଂସ୍ଥାମାନଙ୍କୁ ଦେବା ପାଇଁ ସୁପାରିଶ୍ କରିବେ। ତୃତୀୟତଃ ରାଜ୍ୟ ସରକାରଙ୍କର କନ୍‌ସୋଲିଡେଟେଡ୍ ଫଣ୍ଡରୁ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌର ସଂସ୍ଥା କେତେ ଅନୁଦାନ ପାଇବେ ଓ ଶେଷରେ ଉକ୍ତ ଅନୁଷ୍ଠାନମାନଙ୍କର ଆର୍ଥିକ ସ୍ଥିତି ଦୃଢ଼ କରିବା ପାଇଁ କି ପଦକ୍ଷେପ ନିଆଯାଇପାରିବ ସେ ସମ୍ବନ୍ଧରେ ସୁପାରିଶ୍ କରିବେ। ରାଜ୍ୟ ତୃତୀୟ ଅର୍ଥ କମିଶନ ଉପରୋକ୍ତ ବିଷୟ ସମ୍ବନ୍ଧରେ ଅନୁଧ୍ୟାନ କରିଥିଲେ।

ନିଜସ୍ୱ ଆୟ

ଗ୍ରାମପଞ୍ଚାୟତମାନେ ୨୦୦୨-୦୩ରୁ ୨୦୦୭-୦୮ ଆର୍ଥିକ ବର୍ଷଗୁଡ଼ିକରେ ବାର୍ଷିକ ୪୧୦ କୋଟିରୁ ୫୨୪ କୋଟି ଟଙ୍କା ମଧ୍ୟରେ ବ୍ୟୟ କରୁଥିବା ବେଳେ ତହିଁ ମଧ୍ୟରୁ ନିଜସ୍ୱ ଆୟରୁ ଖର୍ଚ୍ଚ କରାଯାଇଥିବା ଅର୍ଥର ପରିମାଣ ୯ କୋଟିରୁ ୧୦ କୋଟି ଟଙ୍କା ମଧ୍ୟରେ ସୀମିତ। ଅର୍ଥାତ୍ ସମୁଦାୟ ବ୍ୟୟର ପ୍ରାୟ ୨% ନିଜସ୍ୱ ଆୟରୁ ମିଳିଥାଏ।

ସର୍ବ ଭାରତୀୟ ସ୍ତରରେ ମ୍ୟୁନିସ୍‌ପାଲ୍ କର୍ପୋରେସନ୍ ନିଜକୁ ଛାଡ଼ିଦେଲେ ଅନ୍ୟ ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କର ନିଜସ୍ୱ ଆୟ ପ୍ରାୟତଃ ନଗଣ୍ୟ।

କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରୁ ମିଳିଥିବା ଅର୍ଥରାଶି

ପଞ୍ଚାୟତିରାଜ ଅନୁଷ୍ଠାନମାନେ କେନ୍ଦ୍ର ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ବିଭାଗ, ଅନ୍ୟାନ୍ୟ ବିଭାଗ ଏବଂ ଯୋଜନା କମିଶନଙ୍କରଠାରୁ ମିଳୁଥିବା ଅର୍ଥରାଶି ଉପରେ ବିଶେଷ ଭାବରେ ନିର୍ଭର କରନ୍ତି।

୨୦୦୨-୦୩ରୁ ୨୦୦୭-୦୮ ଆର୍ଥିକ ବର୍ଷମାନଙ୍କରେ ଗ୍ରାମପଞ୍ଚାୟତମାନେ ୪୧୦ ରୁ ୫୨୪ କୋଟି ଟଙ୍କା ମଧ୍ୟରେ ଅର୍ଥ ବ୍ୟୟ କରିଥିଲେ। ତହିଁ ମଧ୍ୟରୁ କେନ୍ଦ୍ର ସରକାରଙ୍କଠାରୁ ମିଳିଥିବା ଅର୍ଥର ପରିମାଣ ୧୬୮ କୋଟିରୁ ୨୩୩ କୋଟି ଟଙ୍କା ମଧ୍ୟରେ ଅଟେ ଅର୍ଥାତ୍ ବାର୍ଷିକ ବ୍ୟୟର ପ୍ରାୟ ୪୦% ଭାଗ ଅର୍ଥ କେନ୍ଦ୍ର ସରକାରଙ୍କର ଦ୍ୱାରା ମିଳିଥିଲା।

ରାଜ୍ୟର ୩୧୪ଟି ପଞ୍ଚାୟତ ସମିତି (ବ୍ଲକ୍) ମୁଖ୍ୟଭାଗ ଅର୍ଥ ବ୍ୟୟ କରିଥାଆନ୍ତି। ୨୦୦୨-୦୩ରୁ ୨୦୦୭-୦୮ ଆର୍ଥିକ ବର୍ଷଗୁଡ଼ିକରେ ପଞ୍ଚାୟତ ସମିତିମାନେ ୩୫୪ କୋଟିରୁ ୧୨୭୫ କୋଟି ଟଙ୍କା ବ୍ୟୟ କରିଛନ୍ତି। ତହିଁ ମଧ୍ୟରୁ କେନ୍ଦ୍ର ସରକାରଙ୍କଠାରୁ ମିଳିଥିବା ଅର୍ଥର ପରିମାଣ ୧୧୫ କୋଟିରୁ ୯୯୩ କୋଟି ଟଙ୍କା। ଏହା ପଞ୍ଚାୟତ ସମିତିମାନଙ୍କ ଦ୍ୱାରା ମୋଟ ବ୍ୟୟର ପ୍ରାୟ ୭୦% ଅର୍ଥ କେନ୍ଦ୍ରସରକାର ବିଭିନ୍ନ ସ୍କିମ୍‌ରୁ ମିଳିଥିଲା।

କେନ୍ଦ୍ର ଅର୍ଥ କମିଶନଙ୍କ ସୁପାରିଶରୁ ମିଳୁଥିବା ଅର୍ଥ

ଦଶମ କେନ୍ଦ୍ର ଅର୍ଥ କମିଶନ ପ୍ରଥମେ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌର ସଂସ୍ଥାମାନଙ୍କର ଆର୍ଥିକ ସ୍ଥିତି ଅନୁଧ୍ୟାନ କରି ଉଲ୍ଲିଖିତ ଅନୁଷ୍ଠାନମାନଙ୍କୁ ଅନୁଦାନ ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ। ଏକାଦଶ ଅର୍ଥ କମିଶନ ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଓ ଅନ୍ୟାନ୍ୟ ସୁବିଧା ଯୋଗାଇବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ଅନୁଦାନ ଦେବା ନିମନ୍ତେ ସୁପାରିଶ କରିଥିଲେ। ଏକାଦଶ ଅର୍ଥ କମିଶନଙ୍କର ଅନୁଦାନ ଉପଯୋଗ କରି ଗ୍ରାମ୍ୟ ସଡ଼କଗୁଡ଼ିକୁ କଂକ୍ରିଟ୍ କରିବା ପାଇଁ ପଦକ୍ଷେପ ନିଆଗଲା। ପରବର୍ତ୍ତୀ ସମୟରେ ଗାଁ ରାସ୍ତା କଂକ୍ରିଟ୍ କରିବା ଲୋକଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଛି। ଓଡ଼ିଶାର ପ୍ରତି ଗ୍ରାମପଞ୍ଚାୟତରେ କୌଣସି ନା କୌଣସି ଗାଁ ରାସ୍ତା ଇତିମଧ୍ୟରେ କଂକ୍ରିଟ୍ ହୋଇ ପାରିଛି। ଏହାଛଡ଼ା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଆୟ ବ୍ୟୟ ହିସାବରେ ଉନ୍ନତି ପାଇଁ କେନ୍ଦ୍ର ଅର୍ଥ କମିଶନ ଅନୁଦାନ ଦେବା ଫଳରେ ଓଡ଼ିଶାର ପ୍ରତ୍ୟେକ ବ୍ଲକ୍‌ର ଆୟ ବ୍ୟୟ ହିସାବ କମ୍ପ୍ୟୁଟରିକରଣ କରାଯାଇ ପାରିଛି। ଓଡ଼ିଶାର ପଦକ୍ଷେପ ସର୍ବଭାରତୀୟ ସ୍ତରରେ ଆଦୃତ ହୋଇପାରିଛି। କେନ୍ଦ୍ର ଅର୍ଥ କମିଶନଙ୍କର ଅନୁଦାନ ବିନିଯୋଗ କରି ଗାଁକୁ ପାଇପ୍ ଜଳ ଯୋଗାଣ ପାଇଁ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଅଛି। ୨୦୦୨-୦୩ରୁ ୨୦୦୭-୦୮ ଆର୍ଥିକ ବର୍ଷ ମଧ୍ୟରେ ଗ୍ରାମପଞ୍ଚାୟତମାନଙ୍କ ଦ୍ୱାରା ଦଶମ ଓ ଏକାଦଶ ଅର୍ଥ କମିଶନଙ୍କର ବାର୍ଷିକ ଅନୁଦାନ ବିନିଯୋଗ ପରିମାଣ ୬୭ କୋଟିରୁ ୧୫୮ କୋଟି ଟଙ୍କା ମଧ୍ୟରେ ଅଟେ। ଗ୍ରାମପଞ୍ଚାୟତଗୁଡ଼ିକ ବାର୍ଷିକ ବିନିଯୋଗ କରିଥିବା ସମୁଦାୟ ଅର୍ଥର ପ୍ରାୟ ୩୦% କେନ୍ଦ୍ର ଅର୍ଥ କମିଶନଙ୍କ ଅନୁଦାନରୁ ମିଳିଥିଲା।

ରାଜ୍ୟ ସରକାରଙ୍କ ବଜେଟ୍‌ରୁ ମିଳୁଥିବା ଅନୁଦାନ

ସମ୍ବିଧାନର ୭୩ତମ ସଂଶୋଧନ ପୂର୍ବରୁ ରାଜ୍ୟ ସରକାର ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ଅନୁଦାନ ଦେଇ ଆସୁଛନ୍ତି। ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କରେ କାର୍ଯ୍ୟରତ କର୍ମଚାରୀଙ୍କର ବେତନ ଓ ନିର୍ବାଚିତ ପ୍ରତିନିଧିମାନଙ୍କର ଭତ୍ତା ରାଜ୍ୟ ସରକାର ବହନ କରିଥାଆନ୍ତି। ତା'ଛଡ଼ା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଯଥା ଗୋପବନ୍ଧୁ ଗ୍ରାମୀଣ ଯୋଜନା, ମୋ କୁଡ଼ିଆ ଯୋଜନା,

ରାସ୍ତା ନିର୍ମାଣ, ପୋଖରୀ ଖନନ ଇତ୍ୟାଦି ପାଇଁ ରାଜ୍ୟ ସରକାର ଅନୁଦାନ ଦେଇଥାଆନ୍ତି । ୨୦୦୨-୦୩ରୁ ୨୦୦୫-୦୬ ଆର୍ଥିକ ବର୍ଷ ମଧ୍ୟରେ ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତିଗୁଡ଼ିକ ଯଥାକ୍ରମେ ପ୍ରାୟ ୨୦ କୋଟି ଓ ୫ କୋଟି ବାର୍ଷିକ ଅନୁଦାନ ପାଉଥିଲା ବେଳେ ୨୦୦୭-୦୮ ଆର୍ଥିକ ଅନୁଦାନ ପରିମାଣ ଗ୍ରାମପଞ୍ଚାୟତ ପାଇଁ ପ୍ରାୟ ୮୫ କୋଟି ଓ ପଞ୍ଚାୟତ ସମିତିଗୁଡ଼ିକ ପାଇଁ ପ୍ରାୟ ୬୩ କୋଟି ଟଙ୍କାରୁ ବୃଦ୍ଧି ପାଇଥିଲା । ଗ୍ରାମପଞ୍ଚାୟତମାନେ ୨୦୦୭-୦୮ ଆର୍ଥିକ ବର୍ଷରେ ବ୍ୟୟ କରିଥିବା ସମୁଦାୟ ଅର୍ଥର ପ୍ରାୟ ୨୨% ରାଜ୍ୟ ସରକାରଙ୍କର ଅନୁଦାନ ରୂପେ ମିଳିଥିଲା ।

ଅନ୍ୟାନ୍ୟ ସୂତ୍ରରୁ ଆୟ

ରାଜ୍ୟ ସରକାର ସଇରାତ, କେନ୍ଦୁପତ୍ର, ଭୂମି ଉପରେ ମିଳୁଥିବା ସେସ୍‌ରୁ ଯେଉଁ ଆୟ କରନ୍ତି, ତାହା ଗ୍ରାମପଞ୍ଚାୟତଗୁଡ଼ିକୁ ଦେଇଥାଆନ୍ତି । ଉପରୋକ୍ତ ସୂତ୍ରରୁ ଗ୍ରାମପଞ୍ଚାୟତମାନଙ୍କୁ ବାର୍ଷିକ ପ୍ରାୟ ୩୭ କୋଟି ଟଙ୍କା ମିଳିଥାଏ ।

ରାଜ୍ୟ ତୃତୀୟ ଅର୍ଥ କମିଶନ ୨୦୦୫-୦୬ରୁ ୨୦୦୭-୦୮ ଆର୍ଥିକ ବର୍ଷର ଗ୍ରସ୍ ଟାକ୍ସ ରାଜସ୍ୱ ଆୟର ୧୫% ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ଦେବା ପାଇଁ ସୁପାରିଶ କରିଥିଲେ । ବାର୍ଷିକ ୮୯୬.୧୭ କୋଟି ହିସାବରେ ୨୦୧୦ରୁ ୨୦୧୫ ପର୍ଯ୍ୟନ୍ତ ୫ ବର୍ଷରେ ମୋଟ ୪୪୮୦.୮୫ କୋଟି ମଞ୍ଜୁର କରିବା ପାଇଁ ସୁପାରିଶ୍ କରିଥିଲେ । ତା ସଙ୍ଗେ ସଙ୍ଗେ ମଧ୍ୟ ସୁପାରିଶ କରିଥିଲେ ଉକ୍ତ ୪୪୮୦.୮୫ କୋଟି ଟଙ୍କା ତ୍ରୟୋଦଶ କେନ୍ଦ୍ର ଅର୍ଥ କମିଶନ ଭରଣା କରିବେ । ଅର୍ଥ ବିଭାଗ ରିପୋର୍ଟରୁ ଜଣାଯାଏ ତ୍ରୟୋଦଶ କେନ୍ଦ୍ର ଅର୍ଥ କମିଶନ ୩୨୭୦.୯୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଅବଶିଷ୍ଟ ୧୨୦୯.୯୫ କୋଟି ଟଙ୍କା ରାଜ୍ୟ ସରକାର ନିଜ ପାଣ୍ଠିରୁ ମଞ୍ଜୁର କରିବେ ।

କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ଅର୍ଥ କମିଶନ ଅର୍ଥ ମଞ୍ଜୁର କଲାବେଳେ କେତେକ ସର୍ତ୍ତ ଆରୋପ କରିଥାଆନ୍ତି । ଅର୍ଥ ନିର୍ଦ୍ଦିଷ୍ଟ ଯୋଜନାରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବିନିଯୋଗ କରିବାକୁ ପଡ଼ିବ । ଆର୍ଥିକ ବର୍ଷ ମଧ୍ୟରେ କେତେକ କିସ୍ତିରେ ଅର୍ଥ ମିଳିଥାଏ । ପ୍ରଥମ କିସ୍ତି ଖର୍ଚ୍ଚ ନହେବା ପର୍ଯ୍ୟନ୍ତ ପରବର୍ତ୍ତୀ କିସ୍ତି ଟଙ୍କା ମଞ୍ଜୁର ହୁଏ ନାହିଁ । ବର୍ଷ ଶେଷରେ ଯେତେ ଟଙ୍କା ବିନିଯୋଗ ନ ହୋଇ ରହିଯାଏ, ପରବର୍ତ୍ତୀ ବର୍ଷରେ ସେତିକି ଟଙ୍କା କାଟି ଦିଆଯାଏ । ପ୍ରତି ବ୍ଲକ୍‌ରେ ବାର୍ଷିକ ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଓ ପ୍ରତି ଗ୍ରାମପଞ୍ଚାୟତରେ ବାର୍ଷିକ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଉଅଛି । ଅର୍ଥ ପାଇଁ ଦାବୀ ଯେତେ ଗୁରୁତ୍ୱପୂର୍ଣ୍ଣ ସମୟସୀମା ମଧ୍ୟରେ ଦୁର୍ନୀତି ନଥାଇ ଅର୍ଥ ବିନିଯୋଗ କରିବା ଅନୁରୂପ ଗୁରୁତ୍ୱପୂର୍ଣ୍ଣ ।

୧୯୬୧ ମସିହାରେ ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତିଷ୍ଠା ଅବସରରେ ବିଜୁ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଥିଲେ 'The objective of this new experiment is noble and so is the work involved. Panchayati Raj will remove illiteracy, povety and diseases.'

ଏବେ ତାଙ୍କର ଉକ୍ତିର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି । ସଂସଦ ଓ ବିଧାନସଭା ରହିଲେ ଦିଲ୍ଲୀ ଓ ଭୁବନେଶ୍ୱରରେ । ଗ୍ରାମପଞ୍ଚାୟତ ରହିଲେ ଗାଁଗୁଡ଼ିକରେ । ଗାଁରୁ ଅଶିକ୍ଷା, ରୋଗ ଓ ଦାରିଦ୍ର୍ୟ ଦୂର କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନରେ ଜଡ଼ିତ ଲୋକପ୍ରତିନିଧି, କର୍ମଚାରୀ ତଥା ଜନସାଧାରଣ ଗଠନମୂଳକ ଭୂମିକା ନିର୍ବାହ କରିପାରିବେ ।

ମୈତ୍ରୀ ବିହାର, ଭୁବନେଶ୍ୱର

❖ ❖ ❖

# ପଞ୍ଚାୟତିରାଜ ପ୍ରଥା ଓ ଏହାର ଉପାଦେୟତା

ଉଦୟନାଥ ତ୍ରିପାଠୀ

ଭାରତ ହେଉଛି ବିଶ୍ୱର ଏକ ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର । ଏହାର ଜନସାଧାରଣ ନିଜ ନିଜ ନିର୍ବାଚନ କ୍ଷେତ୍ରରୁ ନିଜର ପ୍ରତିନିଧିମାନଙ୍କୁ ପାଞ୍ଚବର୍ଷ ପାଇଁ ନିର୍ବାଚନ କରିଥାନ୍ତି । ଏମାନେ କେନ୍ଦ୍ର ତଥା ରାଜ୍ୟମାନଙ୍କର ଲୋକସଭା ଓ ରାଜ୍ୟମାନଙ୍କରେ ରାଜ୍ୟ ବିଧାନ ସଭାର ସଦସ୍ୟ ରୂପେ କାର୍ଯ୍ୟ କରିଥାନ୍ତି । କୌଣସି ଏକ ସଂଖ୍ୟା ଗରିଷ୍ଠ ଦଳର ସଦସ୍ୟମାନେ ସରକାର ଗଠନ କରନ୍ତି । ଅନ୍ୟ ଦଳର ସଦସ୍ୟମାନେ ଲୋକସଭା ଓ ରାଜ୍ୟ ବିଧାନ ସଭାମାନଙ୍କରେ ବିରୋଧୀ ଦଳର ସଦସ୍ୟ ରୂପେ କାର୍ଯ୍ୟ ନିର୍ବାହ କରିଥାନ୍ତି ।

କେନ୍ଦ୍ରର ଶାସନ କେନ୍ଦ୍ର ସରକାର ଓ ରାଜ୍ୟମାନଙ୍କରେ ଶାସନ ଦାୟିତ୍ୱ ରାଜ୍ୟ ବିଧାନ ସଭାର ସଦସ୍ୟମାନେ ସମ୍ଭାଳି ଥାନ୍ତି । ମାତ୍ର ଆଞ୍ଚଳିକ ସ୍ତରରେ ଲୋକମାନଙ୍କର ପ୍ରକୃତ ସମସ୍ୟା ଓ ତା'ର ସାମାଧାନ ପାଇଁ ସମାଧାନର ଉପାୟ ଠିକ୍ ଢ଼ଙ୍ଗରେ କରି ପାରନ୍ତି ନାହିଁ । ବିଜୁ ପଟ୍ଟନାୟକଙ୍କ ପରି ଜୟ ପ୍ରକାଶ ନାରାୟଣଙ୍କ ପରି ସମାଜବାଦୀ ଲୋକ ପ୍ରିୟ ନେତାମାନେ ଚାହିଁଥିଲେ ଯେ, କେନ୍ଦ୍ର ତଥା ରାଜ୍ୟମାନେ ଲୋକମାନଙ୍କର ପ୍ରକୃତ ସମସ୍ୟାଗୁଡ଼ିକୁ ଚାହିଁଲେ ମଧ୍ୟ ଜାଣି ପାରିବେ ନାହିଁ, କାରଣ ସେମାନେ ଜନସାଧାରଣ ଓ ଆଞ୍ଚଳିକବାସୀଙ୍କଠାରୁ ଦୂରରେ ରହିଥାନ୍ତି । ଏଣୁ ଆଞ୍ଚଳିକ ସମସ୍ୟାଗୁଡ଼ିକର ବାସ୍ତବ ସମାଧାନ ପାଇଁ ଆଞ୍ଚଳିକ ସଂଗଠନମାନ ସ୍ଥାପିତହେବା ନେତା ତଥା ଜନସାଧାରଣଙ୍କର କଲ୍ୟାଣ ପାଇଁ ଅପରିହାର୍ଯ୍ୟ । ଏପରି କାର୍ଯ୍ୟର ବାସ୍ତବ ରୂପାୟନ ପାଇଁ କେନ୍ଦ୍ର ତଥା ରାଜ୍ୟମାନଙ୍କର କ୍ଷମତାର ବିକେନ୍ଦ୍ରୀକରଣ ହେବା ଆବଶ୍ୟକ ।

ଏହି ଚିନ୍ତାଧାରାର ସଫଳ ରୂପରେଖ ପାଇଁ ମେହେଟା କମିଟିର ସୁପାରିଶ ଅନୁସାରେ ରାଜସ୍ଥାନରେ ପ୍ରଥମେ ୨ ଅକ୍ଟୋବର ୧୯୫୯ ମସିହାରେ ପଞ୍ଚାୟତ ରାଜ୍ୟ ପ୍ରଥା ଜନ୍ମ ନେଲା । ଏବେ ପଞ୍ଚାୟତ ରାଜ୍ୟ ପ୍ରଥା ସମଗ୍ର ଦେଶରେ ପ୍ରଚଳିତ ଓ ଓଡ଼ିଶା ସରକାର ଏ ଦିଗରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମାନ୍ୟବର ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ହେଲା । ଏହା ଆମ ରାଜ୍ୟରେ ୧୯୬୨ ମସିହାଠାରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ସଫଳତାର ସହ ଆଞ୍ଚଳିକ ସ୍ତରରେ କାର୍ଯ୍ୟ କରି ଆସୁଅଛି ।

ପଞ୍ଚାୟତିରାଜ ମୁଖ୍ୟତଃ ତିନୋଟି ସୋପାନ ବିଶିଷ୍ଟ । ଏହାର ସର୍ବନିମ୍ନ ସୋପାନ ହେଉଛି ଗ୍ରାମପଞ୍ଚାୟତ ଓ ସର୍ବୋଚ୍ଚ ପ୍ରଥା ହେଉଛି ଜିଲ୍ଲା ପରିଷଦ । ଏ ଦୁଇଟି ସୋପାନର ମଧ୍ୟବର୍ତ୍ତୀ ସୋପାନ ହେଉଛି ପଞ୍ଚାୟତ ସମିତି ଯାହା ଉଚ୍ଚତମ ଓ ନିମ୍ନତମ ସୋପାନ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିଥାଏ ।

ପ୍ରଥମେ ପଞ୍ଚାୟତିରାଜର ପରିଚାଳନା ମୁଖ୍ୟ ପଞ୍ଚାୟତ କମିଶନର ଓ ଏହି ବିଭାଗଟିକୁ ନୂତନ ଭାବେ କାର୍ଯ୍ୟ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଦ୍ୱାରା ସମସ୍ତ ଆନୁଷଙ୍ଗିକ ସୁବିଧା ସୁଯୋଗ ଓ ଆର୍ଥିକ ସମ୍ବଳ ମଧ୍ୟ ଯୋଗାଇ ଦିଆ ଯାଇଥିଲା ।

ଏବେ ପଞ୍ଚାୟତ ରାଜ୍ୟ ପ୍ରଥାର ନିର୍ଦ୍ଦେଶକ ହେଉଛନ୍ତି ଜଣେ ଆଇ.ଏ.ଏସ୍. ଅଫିସର ଏବଂ ଏହା ଲୋକ ସଂପ୍ରଦାୟିକ ବିଭାଗ ରୂପେ କାର୍ଯ୍ୟ କରୁଅଛି । ପଞ୍ଚାୟତିରାଜ ପ୍ରଥାରେ ଜିଲ୍ଲା ପରିଷଦର ମୁଖ୍ୟ ହେଉଛନ୍ତି ଜିଲ୍ଲା ପରିଷଦ ଚେୟାରମାନ୍ ଓ ପଞ୍ଚାୟତ ସମିତିର ମୁଖ୍ୟ ଲୋକ ପ୍ରତିନିଧି ହେଉଛନ୍ତି ପଞ୍ଚାୟତ ସମିତିର ଚେୟାରମାନ୍ । ଗ୍ରାମ ପଞ୍ଚାୟତରେ ମୁଖ୍ୟ ହେଉଛନ୍ତି ସରପଞ୍ଚ ।

ଗ୍ରାମର ଲୋକମାନେ ତାଙ୍କ ନିଜ ନିଜ ଗ୍ରାମରୁ ଜଣେ ଲେଖାଏଁ ୱାର୍ଡ ମେମ୍ବର ନିର୍ବାଚିତ କରିଥାନ୍ତି । ଏହି ୱାର୍ଡମେମ୍ବରମାନେ ଗ୍ରାମପଞ୍ଚାୟତର ନିର୍ବାଚିତ ଲୋକ ପ୍ରତିନିଧି ରୂପେ କାର୍ଯ୍ୟ କରିଥାନ୍ତି ଓ ସେମାନଙ୍କ ମଧ୍ୟରୁ ଜଣଙ୍କୁ ସରପଞ୍ଚ ଭାବେ ମନୋନୟନ

କରିଥାନ୍ତି । ସେହିପରି ତାଙ୍କୁ ସହଯୋଗ କରିବା ପାଇଁ ପଞ୍ଚାୟତରେ ନ୍ୟାୟବ ସରପଞ୍ଚଙ୍କୁ ମନୋନୟନ କରାଯାଏ ଯେ, ଗ୍ରାମର ଝଗଡ଼ା ମନୋମାଳିନ୍ୟ, ନ୍ୟାୟଗୁଡ଼ିକୁ ଗ୍ରାମ ଲୋକମାନଙ୍କୁ ଏକାଠି କରାଇ ଆଲୋଚନା ମାଧ୍ୟମରେ ଆପୋଷ ସମାଧାନ କରିଥାନ୍ତି ।

ପ୍ରତ୍ୟେକ ପଞ୍ଚାୟତ ସମିତିମାନଙ୍କରେ ନିର୍ବାଚିତ ସଦସ୍ୟମାନଙ୍କ ସଂଖ୍ୟା ୨୦ରୁ ବେଶୀ ନୁହେଁ । ସେମାନେ ମିଳିମିଶି ପଞ୍ଚାୟତ ସମିତିର ଚେୟାରମାନଙ୍କୁ ନିର୍ବାଚିତ କରିଥାନ୍ତି । ଜିଲ୍ଲା ପରିଷଦର ଚେୟାରମାନଙ୍କ ପାଇଁ ଓ ପଞ୍ଚାୟତ ସମିତିର ଚେୟାରମାନଙ୍କ ପଦବୀ ପାଇଁ ଆଜିକାଲି ଲୋକମାନେ ପ୍ରାର୍ଥୀମାନଙ୍କୁ ନିର୍ବାଚନ କରୁଛନ୍ତି ।

ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦର କାର୍ଯ୍ୟ ଓ କ୍ଷମତାଗୁଡ଼ିକୁ ମଧ୍ୟ ଭିନ୍ନ ଭିନ୍ନ ଆକାରରେ ନିଜ ନିଜର ପରିସରରେ ଅନ୍ତର୍ଭୁକ୍ତ କରାଯାଇଛି । ଏଣୁ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ସ୍ତରରେ ଜିଲ୍ଲା ପରିଷଦମାନେ ନିଜ ନିଜର ପରିସରର ଅନ୍ତର୍ଭୁକ୍ତ କାର୍ଯ୍ୟ ଓ କ୍ଷମତା ବଳରେ ଶାସନ କାର୍ଯ୍ୟ ପରିଚାଳନା ଅବାଧରେ ସମାଧାନ କରିଥାନ୍ତି । ଭୂମିକର, ଟୋଲକର, ସେସ୍, ଟାକ୍ସ ସରକାରଙ୍କ ଦ୍ୱାରା ଶିକ୍ଷା ପାଇଁ ଅନୁଦାନ ଅନ୍ୟାନ୍ୟ ଉପାୟରେ ପଞ୍ଚାୟତ ନିଜର ଆୟ କରିଥାଏ ଓ ସେହି ଧନକୁ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ପଞ୍ଚାୟତ ସ୍ତରରେ ଖର୍ଚ୍ଚ କରିଥାଏ । ଗ୍ରାମପଞ୍ଚାୟତଗୁଡ଼ିକର ଗଠନ ଯେହେତୁ ଗ୍ରାମ ପ୍ରତିନିଧି ୱାର୍ଡ଼ ମେମ୍ବରମାନଙ୍କ ଦ୍ୱାରା ଗଠିତ ହୋଇଥାଏ, ତେଣୁ ଗ୍ରାମପଞ୍ଚାୟତ ତା'ର ଶାସନ ପ୍ରଣାଳୀ ଜନ କଲ୍ୟାଣ କାର୍ଯ୍ୟ, ସଫେଇ, ଗ୍ରାମ୍ୟ ନ୍ୟାୟ ଓ ଶାନ୍ତି ଶୃଙ୍ଖଳା, ଗ୍ରାମ୍ୟ ସଡ଼କ, ମତ୍ସ୍ୟ ପୋଖରୀ, ନଦୀ, ନାଳର ନିଲାମ, ଗ୍ରାମ୍ୟ ବିଦ୍ୟୁତିକରଣ, ଜନସାଧାରଣଙ୍କ ସ୍ୱାସ୍ଥ୍ୟ ରକ୍ଷା ବ୍ୟବସ୍ଥା, ପ୍ରାଇମେରୀ ବିଦ୍ୟାଳୟଗୁଡ଼ିକର ଶିକ୍ଷାଦାନ ଓ ନିୟନ୍ତ୍ରଣ ବ୍ୟବସ୍ଥା । ଗ୍ରାମ୍ୟ ପୁସ୍ତକାଳୟ ପରିଚାଳନା, କମ୍ୟୁନିଟି କେନ୍ଦ୍ର ପରିଚାଳନା ବ୍ୟବସ୍ଥା ନିଜ ହାତକୁ ନେଇଥାଏ । ଏହା ଜାତୀୟ କୃଷିର ଉନ୍ନତିକରଣ, ପଶୁପାଳନ ବିଭାଗ ଦ୍ୱାରା ପଶୁ ସମ୍ପଦର ଉନ୍ନତିକରଣ, ଗୃହ ଶିଳ୍ପ କେନ୍ଦ୍ରଗୁଡ଼ିକର ଗଠନ ଓ ସେଗୁଡ଼ିକର ସୁପରିଚାଳନା ଓ ସମବାୟ ସମିତିର ଗଠନ ଓ ଏଗୁଡ଼ିକ ଦ୍ୱାରା ଗ୍ରାମବାସୀମାନେ ଯେପରି ଉପକୃତ ହୋଇ ପାରିବେ ଓ ସୁବିଧାରେ ଆର୍ଥିକ ସହାୟତା ତାଙ୍କର ଆବଶ୍ୟକ ସମୟରେ ପାଇପାରିବେ, ତାହାର ବ୍ୟବସ୍ଥା କରିବା ହେଉଛି ଗ୍ରାମପଞ୍ଚାୟତମାନଙ୍କର କାର୍ଯ୍ୟ । ଏହା ବ୍ୟତୀତ ଗ୍ରାମବାସୀମାନଙ୍କ ମଧ୍ୟରେ ଉପୁଜିଥିବା ଛୋଟ ଛୋଟ କଳହର ଆପୋଷ ସମାଧାନ ଗ୍ରାମପଞ୍ଚାୟତ ନ୍ୟାୟବ ସରପଞ୍ଚ କରିଥାନ୍ତି ।

ପଞ୍ଚାୟତ ସମିତିର ଲୋକ ପ୍ରତିନିଧି ମୁଖ୍ୟ ହେଉଛନ୍ତି ପଞ୍ଚାୟତ ସମିତି ଚେୟାରମାନ ଓ ବି.ଡ଼ି.ଓ ହେଉଛନ୍ତି କାର୍ଯ୍ୟକାରିଣୀ ଅଧିକାରୀ । ଏଣୁ ପଞ୍ଚାୟତ ସମିତି ସାଧାରଣତଃ ପଞ୍ଚାୟତ ସମିତି ଚେୟାରମାନ ଓ କାର୍ଯ୍ୟକାରିଣୀ ଅଧିକାରୀ ବି.ଡ଼ି.ଓ ଙ୍କ ସହଯୋଗ ଓ ପରସ୍ପର ପରାମର୍ଶ ଓ ସିଦ୍ଧାନ୍ତ ଦ୍ୱାରା ପରିଚାଳିତ ହୋଇଥାଏ । ପଞ୍ଚାୟତ ସମିତି ଯେଉଁ କାର୍ଯ୍ୟକ୍ରମଗୁଡ଼ିକୁ ହାତକୁ ନିଏ, ସେଗୁଡ଼ିକର କାର୍ଯ୍ୟକାରୀ କରିବାର ମୁଖ୍ୟ ଦାୟିତ୍ୱ ହେଉଛି ବି.ଡ଼ି.ଓଙ୍କର । ସମୟେ ସମୟେ କାର୍ଯ୍ୟକାରିଣୀ ସମିତିଗୁଡ଼ିକରେ ଅଧିବେସନ କରାଯାଇ, ପଞ୍ଚାୟତ ସମିତି ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟକ୍ରମଗୁଡ଼ିକରେ ତଦାରଖ କରିଥାଏ । ପଞ୍ଚାୟତ ସମିତି ଚେୟାରମାନଙ୍କୁ ସହାୟତା କରିବା ପାଇଁ ଉପ ପଞ୍ଚାୟତ ସମିତି ଚେୟାରମାନଙ୍କୁ ଜନସାଧାରଣମାନେ ନିଯୁକ୍ତ କରିଥାନ୍ତି । ଚେୟାରମାନଙ୍କ ଅନୁପସ୍ଥିତି ଉପପଞ୍ଚାୟତ ସମିତି ଚେୟାରମାନ କାର୍ଯ୍ୟ କରିଥାନ୍ତି । ଉନ୍ନୟନମୂଳକ ଯୋଜନା ପ୍ରସ୍ତୁତ କରିବା, ସେଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ଓ ଏଗୁଡ଼ିକର କାର୍ଯ୍ୟ ଠିକ୍ ଭାବରେ ତଦାରଖ କରିବା, ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଶିକ୍ଷାଦାନ ବ୍ୟବସ୍ଥାର ପରିଚାଳନା କରିବା, ଉଦ୍ୟୋଗ, ଟ୍ରେଡ଼ଗୁଡ଼ିକର ପରିଚାଳନା ଓ ନିୟନ୍ତ୍ରଣ କରିବା, ବ୍ଲକ ସ୍ତରରେ ନିୟମ ବ୍ୟବସ୍ଥାର ନିୟନ୍ତ୍ରଣ କରିବା, ଜନ୍ମ, ମୃତ୍ୟୁର ତାଲିକା ଇତ୍ୟାଦି ରଖିବା ହେଉଛି ପଞ୍ଚାୟତ ସମିତିମାନଙ୍କର ମୁଖ୍ୟ କାର୍ଯ୍ୟ । ଏହା ବ୍ୟତୀତ ସମୟେ ସମୟେ ପଞ୍ଚାୟତ ସମିତିମାନେ ଅନେକ କାର୍ଯ୍ୟକୁ ହାତକୁ ନେଇ ପଞ୍ଚାୟତ ଓ ପଞ୍ଚାୟତ ସମିତିର ପରିସରଭୁକ୍ତ ସ୍ଥାନ, ଶାନ୍ତି, ଶୃଙ୍ଖଳା, ନିୟମ, କାନୁନ୍ ବଜାୟ କରିଥାଏ ।

ଜିଲ୍ଲା ପରିଷଦ ସମଗ୍ର ଜିଲ୍ଲାର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ କରିଥାଏ ଓ ଜିଲ୍ଲା ମଧ୍ୟରେ ନିୟମ କାନୁନ୍ ପ୍ରଣୟନ କରି ଶାନ୍ତି ଶୃଙ୍ଖଳା, ଜନହିତକର କାର୍ଯ୍ୟମାନ କରିଥାଏ । ଜିଲ୍ଲା ସ୍ତରରେ କଲେକ୍ଟର ହେଉଛନ୍ତି ଶାସନ ମୁଖ୍ୟ ।

ଜିଲ୍ଲା ପରିଷଦ, କୃଷି, ପଶୁପାଳନ ବିଭାଗ, ଶିକ୍ଷା, ଇଞ୍ଜିନିୟରିଂ, ଜନସାଧାରଣ କାର୍ଯ୍ୟ, ସ୍ୱାସ୍ଥ୍ୟ, ପଞ୍ଚାୟତ ସମିତିମାନଙ୍କର କାର୍ଯ୍ୟର ତଦାରଖ କାର୍ଯ୍ୟ କରିଥାଏ । ଜିଲ୍ଲା ସ୍ତରରେ ଲାଗୁ କରାଯାଇଥିବା ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ସେଗୁଡ଼ିକ ତଦାରଖ କରି ଜିଲ୍ଲା ପରିଷଦ ଚେୟାରମାନ ଓ କଲେକ୍ଟରଙ୍କୁ ରିପୋର୍ଟ ଦେବା ପାଇଁ ଗୋଟିଏ ସ୍ୱତନ୍ତ୍ର ତଦାରଖ ପରିଷଦ ଗଠନ କରିଥାଏ ।

ଓଡ଼ିଶାରେ ପଞ୍ଚାୟତ ରାଜ୍ୟର ପ୍ରଣୟନ କରିଛନ୍ତି ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ । ସେ କ୍ଷମତାର ବିକେନ୍ଦ୍ରୀକରଣ ମାଧ୍ୟମରେ

ଲୋକମାନଙ୍କୁ ଓ ମହିଳାମାନଙ୍କୁ ପରିଚିତ କରାଇବା ପାଇଁ ଓ ସେମାନଙ୍କ ଅଞ୍ଚଳର ଉନ୍ନତି ତଥା ଶାସନ ପରିଚାଳନା କରିବାର କ୍ଷମତା ଜନସାଧାରଣଙ୍କ ହାତରେ ନ୍ୟସ୍ତ କରିଥିଲେ । ସେ ପଞ୍ଚାୟତ ସ୍ତରରେ ଏକତୃତୀୟାଂଶ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷିତ ରଖି, ମହିଳାମାନଙ୍କୁ ସମାଜରେ ପୁରୁଷମାନଙ୍କ ସମକକ୍ଷ କରିବା ପାଇଁ ପ୍ରଚେଷ୍ଟା କରି ଧନ୍ୟବାଦର ପାତ୍ର ହୋଇ ପାରିଛନ୍ତି । ଏହାଛଡ଼ା ଅନୁସୂଚିତ ଜାତି ଓ ଉପଜାତିର ସଦସ୍ୟମାନଙ୍କୁ ଜିଲ୍ଲା ପରିଷଦରେ ସ୍ଥାନ ଦେବା ବ୍ୟବସ୍ଥା କରାଯାଇଛି ।

ମାତ୍ର ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦର ସଦସ୍ୟମାନଙ୍କର ଦୁଇଟିରୁ ଅଧିକା ସନ୍ତାନଥିବା ଦରକାର ବୋଲି ନିୟମ ପ୍ରଣୟନ କରାଯାଇ ଏହାକୁ ରୀତିମତ କାର୍ଯ୍ୟରେ ପରିଣତ କରାଯାଉଛି । ଏହି ନିୟମକୁ ପାଳନ ନ କରୁଥିବା ପ୍ରାର୍ଥୀ ପଞ୍ଚାୟତିରାଜର ସଦସ୍ୟ ହେବାକୁ ଅଯୋଗ୍ୟ ବୋଲି ଘୋଷଣା କରାଯାଇଛି ।

ପଞ୍ଚାୟତିରାଜ ପ୍ରଥା ହେଉଛି ତୃଣମୂଳ ସ୍ତରୀୟ ସଂସ୍ଥା । ଏଥିରେ ଜନସାଧାରଣମାନଙ୍କର ସଂପର୍କ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏଣୁ ଗ୍ରାମ, ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପଞ୍ଚାୟତ ସ୍ତରରେ ନିଯୁକ୍ତ କର୍ମଚାରୀ ଓ ଲୋକପ୍ରତିନିଧିମାନେ ନିଷ୍ଠାର ସହ କାମ କରିବା ଆବଶ୍ୟକ । ସେମାନେ ଦୁର୍ନୀତି ମୁକ୍ତ ହୋଇ କର୍ମରତ ହେଲେ ଜନସାଧାରଣ ଓ ପଞ୍ଚାୟତିରାଜ ଅନ୍ତର୍ଗତ ଉଦ୍ୟୋଗ ଓ ଅନ୍ୟ ସମସ୍ତ ସଂସ୍ଥା ଠିକ୍ ଭାବେ କାମ କରି ବିଶେଷ ଲାଭାନ୍ୱିତ ହୋଇ ପାରିବେ । ଜନସାଧାରଣଙ୍କର ଏହା ଦ୍ୱାରା ଆର୍ଥିକ, ମାନସିକ, ଶାରୀରିକ, ବୌଦ୍ଧିକ, ଶିକ୍ଷା, ସ୍ୱାସ୍ଥ୍ୟ ଓ କର୍ମ କୁଶଳତାରେ ନିପୁଣତାର ଅଭିବୃଦ୍ଧି ଘଟିବ । ସେମାନେ ସାମାଜିକ ଓ ରାଜନୀତି ଜ୍ଞାନ ପ୍ରାପ୍ତ ହୋଇପାରିବେ ।

ଭବିଷ୍ୟତରେ ପଞ୍ଚାୟତିରାଜର ଉନ୍ନତି ଉପରେ, ଦେଶର ଓ ଜାତିର ସର୍ବାଙ୍ଗୀନ ଉନ୍ନତି ସାଧିତ ହେବ ଓ ଦେଶର ଉଲ୍ଲେଖନୀୟ ଅଭିବୃଦ୍ଧି ଓ ଉନ୍ନତି ସାଧିତ ହୋଇ ପାରିବ । ଜନସାଧାରଣଙ୍କ ମଧ୍ୟରେ ଜାଗରଣ, ସେବା ଓ ଜାତି ପ୍ରୀତି ବୃଦ୍ଧି ହେବ । ଶିକ୍ଷା ଦିଗରେ ସେମାନେ ଓ ସେମାନଙ୍କ ବଂଶଧରମାନେ ଅଗ୍ରଗତି କରିବେ ।

ପଞ୍ଚାୟତିରାଜର ମୌଳିକ ଲକ୍ଷ୍ୟ ହେଉଛି ଅଧିକରୁ ଅଧିକ ସଂଖ୍ୟକ ଲୋକଙ୍କୁ ପଞ୍ଚାୟତିରାଜର ବିଭିନ୍ନ କାର୍ଯ୍ୟ ପ୍ରଣାଳୀ ସହିତ ପରିଚିତ କରିବା ଏବଂ ଦେଶର ଓ ଗ୍ରାମାଞ୍ଚଳର ନେତୃତ୍ୱ ନେବା ପାଇଁ ଉପଯୁକ୍ତ ତାଲିମ ପ୍ରଦାନ କରିବା । ଏହା ଦ୍ୱାରା ଆମର ଗଣତନ୍ତ୍ର ସୁଦୃଢ଼ ହେବ । ଦେଶର ସଶକ୍ତିକରଣ ପାଇଁ ଲୋକମାନଙ୍କୁ, ନାଗରିକମାନଙ୍କୁ ତୃଣମୂଳ ସ୍ତରରୁ ଉପଯୁକ୍ତ କରି ଗଢ଼ିବା । ତାହାହେଲେ ଆମ ଦେଶର ନେତା ଜୟ ପ୍ରକାଶ ନାରାୟଣ ଓ ବିଜୁବାବୁଙ୍କ ସ୍ୱପ୍ନ ସାକାର ହେବ ଓ ଦେଶର ଶାସନ କ୍ଷେତ୍ରର ବିକେନ୍ଦ୍ରୀକରଣ ହୋଇ ପାରିବ । ସ୍ଥାନୀୟ ଜନସାଧାରଣ ନିଜ ଅଞ୍ଚଳର ତଥା ଦେଶର ରାଜନୀତି, ଅର୍ଥନୀତି ଓ ସାମାଜିକ ଏକୀକରଣରେ ପ୍ରତ୍ୟକ୍ଷ ଭାଗ ନେଇ ପାରିବେ । ଆମ ଆଗରେ ଥିବା ସମସ୍ୟାଗୁଡ଼ିକୁ ଆମେ ସମାଧାନ କରିବାର ବାଟ ମିଳିବ ଓ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଉପରେ ଆମର ସମସ୍ୟାଗୁଡ଼ିକ ବୋଝ ସୃଷ୍ଟି କରି ପାରିବ ନାହିଁ । ଆମ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ସୁଚାରୁ ରୂପେ ପରିଚାଳିତ ହେବ ଓ ଶାସନ ପ୍ରଣାଳୀ ସୁଚାରୁ ରୂପେ ଚାଲି ଜନସାଧାରଣଙ୍କୁ ସେମାନଙ୍କର ସମାଧାନ ବାଟରେ ଶୀଘ୍ର ପହଁଚାଇ ପାରିବ ଏକଥା ନିଶ୍ଚିତ । ଆସନ୍ତୁ ସମସ୍ତେ ମିଶି ଦେଶ ଗଠନ ଓ ପଞ୍ଚାୟତିରାଜର ଦ୍ରୁତ ଅଭିବୃଦ୍ଧି ପାଇଁ ହାତ ମିଳାଇବା ଏବଂ ଦେଶ ଓ ଜାତିର କଲ୍ୟାଣ ସାଧନରେ ବ୍ରତୀ ହେବା ।

ଆଦିମାତା କଲୋନୀ
ମଞ୍ଚେଶ୍ୱର, ଭୁବନେଶ୍ୱର–୧୭

❖ ❖ ❖

# ତୃଣମୂଳ ଗଣତନ୍ତ୍ର ଓ ଗ୍ରାମସଭା

**ଡକ୍ଟର ପୁରୁଷୋତ୍ତମ ବିଶ୍ୱାଳ**

ଏକବିଂଶ ଶତାବ୍ଦୀରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମ ସଭାର ଭୂମିକା ଓ ଦାୟିତ୍ୱ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ମହାମାନବ ମହାତ୍ମା ଗାନ୍ଧୀ ତାଙ୍କ ମହାପ୍ରୟାଣର ପ୍ରାୟ ଏକମାସ ପୂର୍ବରୁ 'ହରିଜନ' ପତ୍ରିକାରେ ପଞ୍ଚାୟତିରାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ନିଜର ମତବ୍ୟକ୍ତ କରିଥିଲେ । ଗାନ୍ଧିଜୀ ଲେଖିଥିଲେ- 'The greater the power of the panchayats, the better for the people'.(ହରିଜନ, ୨୧.୧୨.୧୯୪୭) ଅର୍ଥାତ ପଞ୍ଚାୟତକୁ ଯେତେ ବେଶୀ କ୍ଷମତା ଦିଆଯିବ, ଜନସାଧାରଣଙ୍କ ପାଇଁ ସେତେ ମଙ୍ଗଳ । ଗ୍ରାମାଞ୍ଚଳର ସାଧାରଣ ଜନତାଙ୍କ ସ୍ୱଶାସନରେ ସହଭାଗିତା ନିମନ୍ତେ ଗ୍ରାମସଭା ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ଆନୁଷ୍ଠାନିକ ଆଭିମୁଖ୍ୟ । ଗ୍ରାମ୍ୟ ଭାରତରେ ସକ୍ରିୟ ଭାବେ କାର୍ଯ୍ୟରତ ଥିବା ତୃଣମୂଳ ଗଣତନ୍ତ୍ରର ଏହା ହେଉଛି ପ୍ରଥମ ସୋପାନ । ସାଧାରଣ ଜନତାଙ୍କ ସଶକ୍ତିକରଣ ନିମନ୍ତେ ଗ୍ରାମସଭା ହେଉଛି ଏକ ବଳିଷ୍ଠ ମାଧ୍ୟମ ।

ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ରାଜସ୍ଥାନ ରାଜ୍ୟର ନଗୌର ଜିଲ୍ଲାଠାରେ ୧୯୫୯ ମସିହା ଅକ୍ଟୋବର ମାସ ୨ ତାରିଖ ପବିତ୍ର ଗାନ୍ଧୀ ଜୟନ୍ତୀ ଦିନ ପଞ୍ଚାୟତିରାଜ ଅନୁଷ୍ଠାନର ଶୁଭ ଉଦ୍‌ଘାଟନ କରିଥିଲେ । ଇତିମଧ୍ୟରେ ଆମ ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ସୁବର୍ଣ୍ଣ ଜୟନ୍ତୀ ସଂପୂର୍ଣ୍ଣ ହୋଇ ସାରିଛି । ସେଥିପାଇଁ ୨୦୦୯ ମସିହା ଅକ୍ଟୋବର ୨ ତାରିଖରୁ ୨୦୧୦ ମସିହା ଅକ୍ଟୋବର ମାସ ୨ତାରିଖ ପର୍ଯ୍ୟନ୍ତ ବର୍ଷକୁ ଭାରତରେ ଗ୍ରାମସଭା ବର୍ଷଭାବେ ପାଳନ କରାଯାଇଥିଲା । ସମଗ୍ର ଦେଶରେ ଗ୍ରାମସଭା ବର୍ଷକୁ ଘଟଣାବହୁଳ ଓ ସମ୍ଭାବନାମୟ ବର୍ଷ ଭାବେ ପାଳନ କରିବା ପାଇଁ କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ରଭାବେ ନିର୍ଦ୍ଦେଶନାମା ଜାରି କରାଯାଇଥିଲା ।

ଗ୍ରାମସଭା ହେଉଛି ଗ୍ରାମପଞ୍ଚାୟତର ପ୍ରାଣକେନ୍ଦ୍ର । ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ ହେବା ପୂର୍ବରୁ ଭାରତର ବିଭିନ୍ନ ପ୍ରାନ୍ତରେ ଗ୍ରାମସଭାର ପ୍ରଚଳନ ଥିଲା । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କୁ ସାମିଲ କରିବା ନିମନ୍ତେ ଏହି ସଭା ଥିଲା ଏକ ଫଳପ୍ରଦ ସାଧନ । ୧୯୫୯ ମସିହାରୁ ୧୯୬୨ ମସିହା ମଧ୍ୟରେ ଯେତେବେଳେ ବିଭିନ୍ନ ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ସୂତ୍ରପାତ ହେଲା, ସେତେବେଳେ ଅନେକ ରାଜ୍ୟର ଆଇନରେ ଗ୍ରାମସଭାର ଉଲ୍ଲେଖ ନ ଥିଲା । ଏହିଭଳି ଅଭାବ ଦୃଷ୍ଟିଗୋଚର ହେବା ପରେ ୧୯୬୨ ମସିହା ଜୁନ ମାସ ୨୬ ତାରିଖ ଦିନ ତତ୍‌କାଳୀନ କେନ୍ଦ୍ର ସରକାରଙ୍କ ଗୋଷ୍ଠୀ ଉନ୍ନୟନ ଓ ସହଯୋଗ ମନ୍ତ୍ରଣାଳୟ ପକ୍ଷରୁ ଏକ ସଂକଳ୍ପ ଜରିଆରେ ଗ୍ରାମସଭା ଗଠନ ନିମନ୍ତେ ବ୍ୟବସ୍ଥା କରାଗଲା । ତା'ପରେ କେନ୍ଦ୍ର ସରକାର ଆର.ଆର ଦିବାକରଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମସଭାର ସ୍ଥିତି ସଂପର୍କରେ ଅନୁଧ୍ୟାନ କରିବା ପାଇଁ ଏକ ଅନୁଧ୍ୟାନକାରୀ ଦଳ ଗଠନ କରିଥିଲେ । ଏହି ଦଳ ତାଙ୍କ ରିପୋର୍ଟ ୧୯୬୩ ମସିହା ମାର୍ଚ୍ଚ ମାସ ୩୦ ତାରିଖ ଦିନ ପ୍ରଦାନ କରିଥିଲେ । ବିଭିନ୍ନ ରାଜ୍ୟରେ ଗ୍ରାମସଭାର କାର୍ଯ୍ୟକାରିତା ସମ୍ବନ୍ଧରେ ଅଧ୍ୟୟନ କରିବା ପରେ ଅନୁଧ୍ୟାନକାରୀ ଦଳ ମତ ଦେଇଥିଲେ ଯେ ଗ୍ରାମ୍ୟସ୍ତରୀୟ ଗଣତନ୍ତ୍ରକୁ ସାମାଜିକ ଆଧାର ଉପରେ ପ୍ରତିଷ୍ଠିତ କରିବା ପାଇଁ ଗ୍ରାମସଭା ଏକ ଅନୁକୂଳ ବାତାବରଣ ସୃଷ୍ଟି କରିପାରିବ ।

ଭାରତୀୟ ସମ୍ବିଧାନର ଐତିହାସିକ ୭୩ତମ ସଂଶୋଧନ ଫଳରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇଥିବା ଗ୍ରାମସଭାକୁ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ

କରାଯାଇଛି । ସମ୍ବିଧାନର ଅନୁଚ୍ଛେଦ ୨୪୩ (ଏ)ରେ ବର୍ଣ୍ଣନା କରାଯାଇଛି- 'A gram sabha may exercise such powers and perform such functions at the village level as the legislature of a state may by law provide.' ଅର୍ଥାତ୍ ଗ୍ରାମ ସଭା ଗ୍ରାମ ସ୍ତରରେ ଏଭଳି କ୍ଷମତା ପ୍ରୟୋଗ କରିବେ ଓ ଏଭଳି କାର୍ଯ୍ୟ ସଂପାଦନ କରିବେ, ଯାହା ରାଜ୍ୟ ବିଧାନସଭା ଆଇନ ପ୍ରଣୟନ ଦ୍ୱାରା ବ୍ୟବସ୍ଥା କରିବେ । ଉକ୍ତ ଅନୁଚ୍ଛେଦରୁ ସ୍ପଷ୍ଟ ଜଣାଯାଇଛି ଯେ ସମ୍ବିଧାନରେ ଗ୍ରାମସଭାର କେବଳ ମାତ୍ର ବ୍ୟବସ୍ଥା କରାଯାଇଛି । ଗ୍ରାମସଭାର ନିର୍ଦ୍ଦିଷ୍ଟ କ୍ଷମତା, କାର୍ଯ୍ୟ ଓ ଦାୟିତ୍ୱ ବିଷୟରେ ସମ୍ବିଧାନରେ ବିଶେଷ ବର୍ଣ୍ଣନା କରାଯାଇନାହିଁ । ଗ୍ରାମସଭାର କ୍ଷମତା ଓ ଦାୟିତ୍ୱ ସଂପୂର୍ଣ୍ଣଭାବେ ରାଜ୍ୟ ସରକାରଙ୍କ ହାତରେ ଛାଡ଼ି ଦିଆଯାଇଛି । ବହୁ ଚର୍ଚ୍ଚିତ ସମ୍ବିଧାନ ସଂଶୋଧନ ପରେ ଗ୍ରାମସଭା ସାମ୍ବିଧାନିକ ମର୍ଯ୍ୟାଦା ପାଇଛି ।

ଗ୍ରାମପଞ୍ଚାୟତ ମଧ୍ୟରେ ଥିବା ଗ୍ରାମମାନଙ୍କର ସଭାକୁ ଗ୍ରାମସଭା କୁହାଯାଇଥାଏ । ସବୁଗ୍ରାମର ଭୋଟର ତାଲିକାରେ ନାମ ରହିଥିବା ପୁରୁଷ ଓ ମହିଳାମାନେ ଗ୍ରାମସଭାର ସଭ୍ୟ ଅଟନ୍ତି । ଓଡ଼ିଶା ସମେତ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଗୁଜୁରାଟ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ପଞ୍ଜାବ ପ୍ରଭୃତି ରାଜ୍ୟରେ ଏହିଭଳି ବ୍ୟବସ୍ଥା ରହିଛି ।

ଗ୍ରାମସଭା ବିଭିନ୍ନ ଗ୍ରାମରେ ସରପଞ୍ଚଙ୍କ ଦ୍ୱାରା ନିର୍ଦ୍ଧାରିତ ଏକ ସୁବିଧାଜନକ ସ୍ଥାନରେ ଅନୁଷ୍ଠିତ ହୁଏ । ଓଡ଼ିଶା ଗ୍ରାମପଞ୍ଚାୟତ ଅଧିନିୟମ- ୧୯୬୪ର ଧାରା ୫(୧)ରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଗ୍ରାମସଭା ବର୍ଷକୁ ଦୁଇଥର ନିଶ୍ଚିତଭାବେ ବସିବ । ରାଜ୍ୟସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଅନୁଯାୟୀ ଗ୍ରାମପଞ୍ଚାୟତମାନେ ଆବଶ୍ୟକ ହେଲେ ଅଧିକ ସଂଖ୍ୟକ ଗ୍ରାମସଭା ଡାକି ପାରିବେ । ନିୟମ ଅନୁସାରେ ଗ୍ରାମସଭାର ବୈଠକ ଫେବୃଆରୀ ଓ ଜୁନ ମାସରେ ବସିଥାଏ । ଏହା ବ୍ୟତୀତ ଗ୍ରାମସଭାର ଅତିରିକ୍ତ ବୈଠକ ପ୍ରତିବର୍ଷ ଜାନୁୟାରୀ ୨୬ ତାରିଖ, ମଇ ପହିଲା, ଅଗଷ୍ଟ ୧୫ ତାରିଖ ଓ ଅକ୍ଟୋବର ମାସ ୨ ତାରିଖରେ ବସି ପାରିବ । ଏହା ବାଦ ଦରକାର ପଡ଼ିଲେ ଅଧିକ ଥର ମଧ୍ୟ ବୈଠକ ଡ଼କାଯାଇ ପାରେ ।

ଅଧିକାଂଶ ରାଜ୍ୟରେ ବର୍ଷରେ ଦୁଇଥର ଗ୍ରାମସଭା ଅନୁଷ୍ଠିତ ହୁଏ । ବିହାର, ରାଜସ୍ଥାନ, ଆସାମ, ହିମାଚଳ ପ୍ରଦେଶ ଭଳି ରାଜ୍ୟରେ ବର୍ଷରେ ଚାରିଥର ଗ୍ରାମସଭା ଅନୁଷ୍ଠିତ ହୋଇଥାଏ । ତ୍ରିପୁରାରେ ବର୍ଷକୁ ଥରେ ମାତ୍ର ଗ୍ରାମସଭା ଅନୁଷ୍ଠିତ ହୁଏ । କେରଳ ଓ ମଧ୍ୟପ୍ରଦେଶରେ ପ୍ରତିମାସରେ ଗ୍ରାମସଭା ବୈଠକ ବସିବ ବୋଲି ନିୟମ ପ୍ରଣୟନ କରାଯାଇଛି ।

ଗ୍ରାମସଭାରେ କୋରମ ନିମନ୍ତେ ଏକଦଶମାଂଶ ସଭ୍ୟ ବୈଠକରେ ଉପସ୍ଥିତ ରହିବା ଆବଶ୍ୟକ । ସେଥିରୁ ଏକ ତୃତୀୟାଂଶ ସଭ୍ୟ ମହିଳା ହୋଇଥିବା ଦରକାର । ଆନ୍ଧ୍ରପ୍ରଦେଶ, ଗୁଜୁରାଟ, କର୍ଣ୍ଣାଟକ ଓ ତାମିଲନାଡୁ ପ୍ରଭୃତି ରାଜ୍ୟର ଆଇନ ଅନୁସାରେ ଗ୍ରାମ ସଭାରେ କୌଣସି କୋରମର ଆବଶ୍ୟକତା ନାହିଁ, କୋରମ ପାଇଁ ହରିୟାଣା ରାଜ୍ୟରେ ଏକଦଶମାଂଶ ଓ ପଞ୍ଜାବରେ ଏକ ପଞ୍ଚମାଂଶ ସଭ୍ୟମାନଙ୍କର ଉପସ୍ଥିତ ଦରକାର । କେରଳ ରାଜ୍ୟର ନିୟମ ଅନୁସାରେ ଏକ ତୃତୀୟାଂଶ ବା ସର୍ବନିମ୍ନ ୫୦ଜଣ ସଭ୍ୟ ଉପସ୍ଥିତ ରହିବା ଆବଶ୍ୟକ । ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଝାଡ଼ଖଣ୍ଡ ଭଳି ରାଜ୍ୟର ଆଇନ ଅନୁସାରେ ମହିଳା, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସବ୍-କୋରମ ବ୍ୟବସ୍ଥା କରାଯାଇଛି ।

ଗ୍ରାମସଭା ପ୍ରକୃତରେ ଏକ ଲୋକମୂଳକ ସଂସ୍ଥା । ଏହି ସଭାରେ ସ୍ୱୟଂ ଜନସାଧାରଣ ସମ୍ମିଳିତ ହୋଇ ନିଷ୍ପତ୍ତି ଗ୍ରହଣ କରିଥାନ୍ତି । ସମଗ୍ର ଦେଶରେ ଏହା ଏକମାତ୍ର ରାଜନୈତିକ ଅନୁଷ୍ଠାନ, ଯେଉଁଠି ପ୍ରତ୍ୟକ୍ଷ ଗଣତନ୍ତ୍ର ବିଦ୍ୟମାନ ରହିଛି । ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଭାଷାରେ ''ଗ୍ରାମ ସଭା କହିଲେ ବୁଝାଏ ଗ୍ରାମ୍ୟ ଗଣତନ୍ତ୍ର'' । ରାଜ୍ୟରେ ଯୋଜନା ପ୍ରସ୍ତୁତ କରିବା ପାଇଁ ରାଜ୍ୟ ବିଧାନସଭାର ଯେଭଳି ଦାୟିତ୍ୱ ରହିଛି, ଗ୍ରାମପଞ୍ଚାୟତରେ ଗ୍ରାମସଭାର ସେହିଭଳି ଗୁରୁଦାୟିତ୍ୱ ରହିଛି ।

ଯୋଜନା ପ୍ରଣୟନରେ ଗ୍ରାମ୍ୟ ଜନତାଙ୍କ ସହଭାଗିତା କ୍ଷମତା ବିକେନ୍ଦ୍ରୀକରଣର ଅନ୍ୟ ଏକ ମହତ ଉଦ୍ଦେଶ୍ୟ । ଯୋଜନା ପ୍ରଣୟନରେ ଜନସାଧାରଣ ସାମିଲ ନ ହେଲେ ଯୋଜନାର କାର୍ଯ୍ୟକାରିତା ସଫଳ ହୋଇ ପାରିବ ନାହିଁ । ଯାହା ଫଳରେ ଯୋଜନାର ସୁଫଳ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚି ପାରିବ ନାହିଁ । ଜନସାଧାରଣଙ୍କ ବିକାଶ ନିମନ୍ତେ ସେମାନଙ୍କ ହାତରେ କ୍ଷମତା ଅର୍ପଣ କରିବାର ଦାୟିତ୍ୱ ହେଉଛି ଏକମାତ୍ର ପଞ୍ଚାୟତିରାଜ ଅନୁଷ୍ଠାନର । ସେଥିପାଇଁ ରାଜସ୍ୱ ମୌଜା ସ୍ତରରେ ପଲ୍ଲୀସଭା ଓ ଗ୍ରାମପଞ୍ଚାୟତ ସ୍ତରରେ ଗ୍ରାମସଭା ବ୍ୟବସ୍ଥା କରାଯାଇଛି । କିନ୍ତୁ ବହୁ କ୍ଷେତ୍ରରେ ପଲ୍ଲୀସଭା ଓ ଗ୍ରାମସଭା ନିୟମ ଅନୁଯାୟୀ ଅନୁଷ୍ଠିତ ହେଉନାହିଁ । ନିୟମିତ ଭାବେ ବୈଠକ

ଡକାଯାଉ ନାହିଁ । ସରପଞ୍ଚ ବା କେତେକ ମୁଷ୍ଟିମେୟ ବ୍ୟକ୍ତିଙ୍କ ହସ୍ତକ୍ଷେପ ଫଳରେ ବୈଠକ ଡକା ନ ଯାଇ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଉଛି । 'ଗଣ' ବଦଳରରେ ଜଣଙ୍କ ନିଷ୍ପତ୍ତି ପ୍ରାଧାନ୍ୟ ଗ୍ରହଣ କରୁଛି । ଯାହା ପଞ୍ଚାୟତ ବ୍ୟବସ୍ଥାର ପରିପନ୍ଥୀ ।

ଗ୍ରାମସଭା ହେଉଛି ତୃଣମୂଳ ଗଣତନ୍ତ୍ରର କେନ୍ଦ୍ରବିନ୍ଦୁ । ଏହି ସଭା ବିକେନ୍ଦ୍ରୀକୃତ ପ୍ରଶାସନ, ଯୋଜନା ଓ ବିକାଶରେ ଅଂଶ ଗ୍ରହଣ ପାଇଁ ପ୍ରତ୍ୟେକ ଜନସାଧାରଣଙ୍କୁ ସୁଯୋଗ ଦେଇଥାଏ । ଗ୍ରାମପଞ୍ଚାୟତ ଉପରେ ନ୍ୟସ୍ତଥିବା ଦାୟିତ୍ୱ ଓ କାର୍ଯ୍ୟକ୍ରମ ସଂପର୍କରେ ଗ୍ରାମସଭା ବୈଠକରେ ଆଲୋଚନା କରାଯାଏ । ସରପଞ୍ଚ ଏହି ସବୁ କାର୍ଯ୍ୟଗ୍ରମ ପ୍ରସ୍ତୁତ କରିଥାନ୍ତି । ପ୍ରତିବର୍ଷ ଫେବୃୟାରୀ ମାସରେ ଗ୍ରାମସଭାର ଯେଉଁ ବୈଠକ ବସେ, ସେଥିରେ ଆଗାମୀ ବର୍ଷ ପାଇଁ ଗ୍ରାମପଞ୍ଚାୟତର କାର୍ଯ୍ୟକ୍ରମ ସ୍ଥିର କରାଯାଏ । ଆଗାମୀ ବର୍ଷ ପାଇଁ ବାର୍ଷିକ ଖର୍ଚ୍ଚ ଅଟକଳ ବା ବଜେଟ ବିଷୟରେ ବିଚାର କରାଯାଏ । ପ୍ରତିବର୍ଷ ଜୁନ ମାସରେ ବସୁଥିବା ବୈଠକରେ ଗ୍ରାମପଞ୍ଚାୟତ ଦ୍ୱାରା କରାଯାଇଥିବା କାର୍ଯ୍ୟକ୍ରମ ଓ ଯୋଜନାଗୁଡ଼ିକର ରିପୋର୍ଟ ଉପସ୍ଥାପନ କରାଯାଏ । ଆଗାମୀ ବର୍ଷରେ ଏହି ଯୋଜନା କିପରି କାର୍ଯ୍ୟକାରୀ ହେବ, ତାହା ଉପରେ ଆଲୋଚନା କରାଯାଏ । ପଲ୍ଲୀସଭାରେ ପ୍ରସ୍ତୁତ କରାଯାଇଥିବା ବିକାଶମୂଳକ ଯୋଜନାଗୁଡ଼ିକୁ ଗ୍ରାମ ସଭାରେ ବିଚାର କରାଯାଏ । ଗ୍ରାମସଭାରେ ଯେଉଁ ଯୋଜନାଗୁଡ଼ିକ ଅନୁମୋଦନ ଲାଭ କରେ, ତାହା ହେଉଛି ଚୂଡ଼ାନ୍ତ । ଗ୍ରାମ ସଭାରେ ଅନୁମୋଦିତ ଯୋଜନାଗୁଡ଼ିକୁ ପରେ ପରିବର୍ତ୍ତନ କରାଯାଇପାରିବ ନାହିଁ । ୨୦୧୨ ମସିହା ଅକ୍ଟୋବର ମାସରେ ଆମ ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତରେ ପଲ୍ଲୀସଭା ଓ ଗ୍ରାମସଭା ଅନୁଷ୍ଠିତ ହେବା ପାଇଁ ରାଜ୍ୟସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଗ୍ରାମ ସଭାର ବିବରଣୀକୁ ଭିଡ଼ିଓ ରେକଡ଼ିଙ୍ଗ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା । ଗ୍ରାମସଭାର ସଶକ୍ତିକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହା ନିଶ୍ଚିତ ଭାବେ ଏକ ପ୍ରଶଂସନୀୟ ପଦକ୍ଷେପ ।

ଅନୁସୂଚିତ ଅଞ୍ଚଳ ନିମନ୍ତେ କେନ୍ଦ୍ର ସରକାର ଗ୍ରାମସଭାକୁ କେତେକ ବିଶେଷ କ୍ଷମତା ପ୍ରଦାନ କରିଛନ୍ତି । ଏହି ଆଇନ ୧୯୯୬ ମସିହା ଡ଼ିସେମ୍ବର ମାସ ୨୪ ତାରିଖଠାରୁ ଲାଗୁ ହୋଇଛି । ଏହି ନିୟମ ଅନୁସାରେ ଗ୍ରାମସଭା ଜନସାଧାରଣଙ୍କ ପରମ୍ପରା, ରୀତିନୀତି, ସାଂସ୍କୃତିକ ପରିଚୟ ରକ୍ଷା କରିବା ନିମନ୍ତେ ଉଦ୍ୟମ କରିବା ସହିତ ବିବାଦ ସମାଧାନ ନିମନ୍ତେ ପ୍ରଚଳିତ ପାରମ୍ପରିକ ପ୍ରଥାକୁ ବଜାୟ ରଖିବାକୁ ଯତ୍ନବାନ ହେବ । ଏହି ନିୟମ ଅନୁସାରେ ସରକାର କୌଣସି ଯୋଜନାରେ ଗାଁର କାହାର ଜମି ଅଧିଗ୍ରହଣ କରିବାକୁ ଚାହୁଁଥିଲେ ଗ୍ରାମସଭାର ପରାମର୍ଶ ନେବା ବାଧ୍ୟତାମୂଳକ ।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିକାଶ ଓ ରାଜନୈତିକ ପ୍ରକିୟାରେ ସାଧାରଣ ଜନତାଙ୍କ ସହଭାଗିତାର ଏକ ପ୍ରମୁଖ ମତ ହେଉଛି ପଞ୍ଚାୟତିରାଜ ଅନୁଷ୍ଠାନ । ଏହାହିଁ ପ୍ରତ୍ୟକ୍ଷ ଗଣତନ୍ତ୍ରର କାର୍ଯ୍ୟକାରିତାର ଉପଯୁକ୍ତ କ୍ଷେତ୍ର । ଦେଶର ଅଗଣିତ ସାଧାରଣ ଜନତାଙ୍କୁ ରାଜନୈତିକ ସାର୍ବଭୌମତ୍ୱ ପ୍ରଦାନ କରିବା ଦିଗରେ ଗ୍ରାମସଭା ଏକ ଉତ୍କୃଷ୍ଟ ମାଧ୍ୟମ । ଗ୍ରାମସଭାକୁ ଗ୍ରାମର ବିଧାନସଭା ଭାବେ ବର୍ଣ୍ଣନା କରାଯାଇଛି । ଗ୍ରାମସଭା ମାଧ୍ୟମରେ ପଞ୍ଚାୟତିରାଜ ଅନୁଷ୍ଠାନ ମଜବୁତ ହେବା ସହିତ ସାଧାରଣ ମଣିଷର ସଶକ୍ତିକରଣ ସମ୍ଭବ ହୋଇପାରିବ ।

ଶାନ୍ତିବଜାର, ପୋ: ଧର୍ମଶାଳା
ଜି: ଯାଜପୁର, ପିନ୍-୭୫୫୦୦୮

❖ ❖ ❖

# ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ

ଇଂ. ମାୟାଧର ସ୍ୱାଇଁ

ସମସ୍ତ ଶକ୍ତି ମଧ୍ୟରେ ବ୍ୟବହାର ପାଇଁ ବିଦ୍ୟୁତ୍ ଶକ୍ତି ହେଉଛି ସବୁଠାରୁ ସୁବିଧାଜନକ । ଦିନକୁ ଦିନ ପ୍ରତ୍ୟେକ ଦେଶରେ ଏହାର ଚାହିଦା ବୃଦ୍ଧି ପାଉଛି । ଆମ ଓଡ଼ିଶାରେ ମଧ୍ୟ ଏହା ଘଟୁଛି । ମାତ୍ର ଚାହିଦା ବୃଦ୍ଧି ତୁଳନାରେ ଉତ୍ପାଦନ ହେଉନାହିଁ । ଏଣୁ ଅନେକ ସମୟରେ ବିଦ୍ୟୁତ୍ କାଟ୍ ହେଉଛି । ଓଡ଼ିଶାରେ ହାରାହାରି ୩୫୦୦ମେଗାଓ୍ୱାଟ୍ ବିଦ୍ୟୁତ୍ ଚାହିଦା ଥିବାବେଳେ ବିଭିନ୍ନ ଉତ୍ସରୁ ହାରାହାରି ୨୭୦୦ ମେଗାଓ୍ୱାଟ୍ ବିଦ୍ୟୁତ୍ ମିଳୁଛି । ଏଥିପାଇଁ ଶିଳ୍ପ ଓ କୃଷି ଉତ୍ପାଦନ ବ୍ୟାଘାତ ହେବା ସଙ୍ଗେ ସଙ୍ଗେ ଲୋକମାନେ ଖରାଦିନେ ଅସହ୍ୟ ଗରମରେ ରହୁଛନ୍ତି । ୨୦୧୨ ମସିହା ସୁଦ୍ଧା ସମସ୍ତଙ୍କୁ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ସ୍ଥିର କରିଛନ୍ତି । ଏଥିପାଇଁ ବିଭିନ୍ନ ଯୋଜନାରେ ଗ୍ରାମ୍ୟ ବିଦ୍ୟୁତିକରଣ କରାଯାଉଛି । ଏହା ସାଙ୍ଗକୁ ଗତ କେତେ ବର୍ଷ ମଧ୍ୟରେ ଓଡ଼ିଶାରେ ଦ୍ରୁତ ଶିଳ୍ପାୟନ ବିଦ୍ୟୁତ ଚାହିଦାକୁ ବଢାଇ ଦେଇଛି । ଏହି ପ୍ରବନ୍ଧରେ ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନର ସ୍ଥିତି ଦର୍ଶାଯାଇଛି ।

ଓଡ଼ିଶାରେ ମୁଖ୍ୟତଃ ତାପଜ ବିଦ୍ୟୁତ୍ ଓ ଜଳବିଦ୍ୟୁତ୍ ଭଳି ପାରମ୍ପରିକ ବିଦ୍ୟୁତ୍ ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି । ଅନ୍ୟ ଏକ ପାରମ୍ପରିକ ଉତ୍ସ ଆଣବିକ ବିଦ୍ୟୁତ୍ କେନ୍ଦ୍ର ଓଡ଼ିଶାରେ ନାହିଁ କିମ୍ବା ଭବିଷ୍ୟତରେ ନିର୍ମାଣ ହେବାର ଯୋଜନା ନାହିଁ । ଅଣପାରମ୍ପରିକ ଉତ୍ସରୁ ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ହେଉଛି ନଗଣ୍ୟ ।

ତାପଜ ବିଦ୍ୟୁତ୍ କେନ୍ଦ୍ର

ତାପଜ ବିଦ୍ୟୁତ୍ କେନ୍ଦ୍ରରେ ମୁଖ୍ୟତଃ କୋଇଲାକୁ ଜାଳି ବିଦ୍ୟୁତ୍ ଉତ୍ପାଦନ କରାଯାଏ । ଓଡ଼ିଶାର ତାଳଚେର, ଇବ୍ ଉପତ୍ୟକା ଆଦି ସ୍ଥାନରେ ପ୍ରଚୁର ପରିମାଣର କୋଇଲା ମହଜୁଦ ଅଛି । ଏଣୁ କୋଇଲା ଖଣି ନିକଟରେ ତାପଜ ବିଦ୍ୟୁତ୍ କେନ୍ଦ୍ରମାନ ନିର୍ମାଣ କରାଯାଉଛି । ଓଡ଼ିଶାରେ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକୁ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ । ସେଗୁଡିକ ହେଉଛି ସାଧାରଣ ବିତରଣ ପାଇଁ ବିଦ୍ୟୁତ୍ କେନ୍ଦ୍ର ଓ ନିଜସ୍ୱ ବିଦ୍ୟୁତ୍ କେନ୍ଦ୍ର । ସାଧାରଣ ବିତରଣ ପାଇଁ ଉଦ୍ଦିଷ୍ଟ ବିଦ୍ୟୁତ୍ କେନ୍ଦ୍ରଗୁଡିକ ବିଦ୍ୟୁତ୍ ଉତ୍ପାଦନ ପରେ ଏହାକୁ ବିଦ୍ୟୁତ୍ ପ୍ରସାରଣ ଓ ବିତରଣ କମ୍ପାନୀ ଜରିଆରେ ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଏ । ଅନ୍ୟପକ୍ଷରେ ବିଭିନ୍ନ ଶିଳ୍ପ ସଂସ୍ଥା କେବଳ ନିଜ ବ୍ୟବହାର ପାଇଁ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । ସେମାନେ ଏହି ବିଦ୍ୟୁତ୍‌କୁ ସାଧାରଣ ଗ୍ରାହକମାନଙ୍କୁ ବିକ୍ରୀ କରି ପାରିବେ ନାହିଁ । ଅବଶ୍ୟ ବିଦ୍ୟୁତ୍ ଉତ୍ପାଦନ ବଳକା ହେଲେ କିମ୍ବା ନିଜର ଦରକାର ହେଉନଥିବା ବେଳେ ଏହାକୁ ସେମାନେ ବିଦ୍ୟୁତ୍ ପ୍ରସାରଣ କମ୍ପାନୀକୁ ଦେଇଥାଆନ୍ତି ।

ଓଡ଼ିଶାରେ ପ୍ରଥମ ତାପଜ ବିଦ୍ୟୁତ କେନ୍ଦ୍ର ଓଡ଼ିଶା ସରକାରଙ୍କ ଦ୍ୱାରା ୧୯୬୪ ମସିହାରେ ତାଳଚେରଠାରେ ସ୍ଥାପିତ ହୋଇଥିଲା । ଓଡ଼ିଶା ସରକାର ଏହାକୁ ୧୯୯୫ ମସିହାରେ ଜାତୀୟ ତାପଜ ବିଦ୍ୟୁତ୍ ନିଗମକୁ ହସ୍ତାନ୍ତର କଲେ । ଜାତୀୟ ତାପଜ ବିଦ୍ୟୁତ୍ ନିଗମ ତାଳଚେରର କଣିହାଁଠାରେ ୩୦୦୦ ମେଗାଓ୍ୱାଟ୍ କ୍ଷମତାର ଗୋଟିଏ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରିଛନ୍ତି । ଝାରସୁଗୁଡା ଜିଲ୍ଲାର ଇବ୍‌ଠାରେ ଓଡ଼ିଶା ସରକାର ୪୨୦ ମେଗାଓ୍ୱାଟ୍ କ୍ଷମତାର ଗୋଟିଏ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରିଥିଲେ । ଏହାର ଅଂଶଧନର ୪୯ ପ୍ରତିଶତ ଏ.ଇ.ଏସ୍. କମ୍ପାନୀକୁ ବିକ୍ରୀ କରିଦେବା ପରେ ଏହା ବର୍ତ୍ତମାନ ଉଭୟଙ୍କର ତତ୍ତ୍ୱାବଧାନରେ ଅଛି । ନିମ୍ନରେ ସାରଣୀ-୧ରେ ସାଧାରଣ ବିତରଣ ପାଇଁ ଉଦ୍ଦିଷ୍ଟ ତାପଜ ବିଦ୍ୟୁତ୍ କେନ୍ଦ୍ରର ତାଲିକା ଏବଂ ସାରଣୀ ୨ରେ ଓଡ଼ିଶାରେ ସ୍ଥାପିତ ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ରର ତାଲିକା ଦିଆଯାଇଛି ।

ସାରଣୀ-୧

ଓଡ଼ିଶାରେ ପ୍ରତିଷ୍ଠିତ ସାଧାରଣ ବିତରଣ ତାପଜ ବିଦ୍ୟୁତ୍ କେନ୍ଦ୍ର

| କ୍ର.ସଂ | ପ୍ରକଳ୍ପ ନାମ | ପ୍ରତିଷ୍ଠିତ କ୍ଷମତା (ମେଗାୱାଟ୍) |
|---|---|---|
| ୧- | ତାଳଚେର ସୁପର ଥର୍ମାଲ୍ | ୩୦୦୦ |
| ୨- | ତାଳଚେର ଥର୍ମାଲ୍ | ୪୬୦ |
| ୩- | ଇବ୍ ଥର୍ମାଲ୍ | ୪୨୦ |
| | ମୋଟ୍ | ୩୮୮୦ |

ସାରଣୀ-୨

ଓଡ଼ିଶାରେ ପ୍ରତିଷ୍ଠିତ ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ର

| କ୍ରମିକ ସଂଖ୍ୟା | ବିଦ୍ୟୁତ୍ କେନ୍ଦ୍ର ନାମ | ପ୍ରତିଷ୍ଠିତ କ୍ଷମତା (ମେଗାୱାଟ୍) |
|---|---|---|
| ୧- | ନାଲ୍କୋ, ଅନଗୁଳ | ୧୨୦୦ |
| ୨- | ଇମ୍ଫା, ଚୌଦ୍ୱାର | ୧୦୮ |
| ୩- | ରାଉରକେଲା ଇସ୍ପାତ କାରଖାନା | ୨୪୮ |
| ୪- | ଇଣ୍ଡଲ୍, ହୀରାକୁଦ | ୩୬୭ |
| ୫- | ନୀଳାଚଳ ଇସ୍ପାତ ନିଗମ, ଡୁବୁରି | ୬୨.୫ |
| ୬- | ନବଭାରତ, ମେରାମୁଣ୍ଡଳି | ୩୦ |
| ୭- | ମେସ୍କୋ, ଡୁବୁରି | ୯ |
| ୮- | ଆର୍.ଡି. ଇସ୍ପାତ | ୪୦ |
| ୯- | ଇଫ୍କୋ, ପାରାଦୀପ | ୧୧୦ |
| ୧୦- | ଟାଟା ସ୍ପଞ୍ଜ | ୨୬ |
| ୧୧- | ଶ୍ୟାମ ଡିଆର୍ଆଇ | ୩୦ |
| ୧୨- | ଜିନ୍ଦଲ୍ ଷ୍ଟେନ୍‌ଲେସ୍, ଡୁବୁରି | ୧୨୫ |
| ୧୩- | ବେଦାନ୍ତ ଆଲୁମିନିୟମ୍ | ୧୨୧୫ |
| | ମୋଟ | ୩୫୭୦.୫ |

ଓଡ଼ିଶାର ଦ୍ରୁତ ଶିଳ୍ପାୟନ ହେତୁ ଭବିଷ୍ୟତର ବିଦ୍ୟୁତ୍ ଚାହିଦାକୁ ଦୃଷ୍ଟିରେ ରଖି ସରକାରୀ ଓ ବେସରକାରୀ ସ୍ତରରେ କେତେଗୁଡିଏ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରିବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏସବୁର ମୋଟ କ୍ଷମତା ହେଉଛି ୩୦,୦୦୦ ମେଗାୱାଟ୍ (ସାରଣୀ-୩ ଦ୍ରଷ୍ଟବ୍ୟ) ।

ଜଳ ବିଦ୍ୟୁତ୍ କେନ୍ଦ୍ର

ଜଳବିଦ୍ୟୁତ୍ ହେଉଛି ଏକ ଅକ୍ଷୟ ଓ ନିର୍ମଳ ଶକ୍ତି ଉତ୍ସ । ଏହା ପରିବେଶ ପ୍ରଦୂଷଣ କରେ ନାହିଁ । ଏହି ବିଦ୍ୟୁତ୍ ଉତ୍ପାଦନ ପାଇଁ କେବଳ ପ୍ରକୃତି ଦତ୍ତ ଜଳ ଦରକାର ହୋଇଥାଏ । ଏଣୁ ଏହାର ଉତ୍ପାଦନ ଖର୍ଚ୍ଚ କମ୍ ହୋଇଥାଏ । କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ କରିଥିବା ଅଟକଳ ଅନୁଯାୟୀ ସମଗ୍ର ଦେଶରେ ଜଳ ବିଦ୍ୟୁତ୍ ସ୍ଥିତି ହେଉଛି ୧୪୮୭୦୧ ମେଗାୱାଟ୍ ଏବଂ ଏଥିରୁ ମାତ୍ର ୩୪୦୬୨ ମେଗାୱାଟ୍ କ୍ଷମତାକୁ ଆମେ ବ୍ୟବହାର କରିପାରିଛେ । ଏହି ଅଟକଳ ଅନୁଯାୟୀ ଓଡ଼ିଶାର ଜଳବିଦ୍ୟୁତ୍ ସ୍ଥିତି ୨୯୯୯ ମେଗାୱାଟ୍ ହୋଇଥିବାବେଳେ ଆମେ ୨୧୪୨ ମେଗାୱାଟ୍ କ୍ଷମତାର ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରିପାରିଛେ । ଓଡ଼ିଶାର ଜଳବିଦ୍ୟୁତ୍ କେନ୍ଦ୍ରଗୁଡିକର ତାଲିକା ଓ କ୍ଷମତା ସାରଣୀ-୪ରେ ଦିଆଯାଇଛି । ଏଗୁଡିକ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଅଧୀନରେ ଅଛି ।

ଓଡ଼ିଶାରେ ଅଧିକ ଜଳବିଦ୍ୟୁତ୍ ଉତ୍ପାଦନ ପାଇଁ ସୁଯୋଗ ଥିଲେ ସୁଦ୍ଧା ବିସ୍ଥାପନ ଓ ପୁନର୍ବସତି ସମସ୍ୟା ଯୋଗୁଁ ଏହା କାର୍ଯ୍ୟକାରୀ ହୋଇ ପାରୁନାହିଁ । ଓଡ଼ିଶା ସରକାର ୨୦୧୧ ମସିହା ଜୁଲାଇ ମାସରେ ତିନୋଟି ଜଳବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ପାଇଁ ଜାତୀୟ ଜଳବିଦ୍ୟୁତ୍ ନିଗମସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ହୀରାକୁଦ ଜଳଭଣ୍ଡାରର ନିମ୍ନଭାଗରେ ପ୍ରସ୍ତାବିତ ଏହି ତିନୋଟି ପ୍ରକଳ୍ପ ହେଉଛି ସିନ୍ଦୋଲ-୧ (୧୦୦ ମେଗାୱାଟ୍) ସିନ୍ଦୋଲ-୨(୧୦୦ ମେଗାୱାଟ୍) ଓ ସିନ୍ଦୋଲ-୩(୧୨୦ ମେଗାୱାଟ୍) । ଏହି ତିନୋଟି ଯଥାକ୍ରମେ ସମ୍ବଲପୁର, ସୁବର୍ଣ୍ଣପୁର ଓ ବୌଦ ଜିଲ୍ଲାରେ ଅବସ୍ଥିତ । ୨୬୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ମୋଟ ୩୨୦ ମେଗାୱାଟ୍ କ୍ଷମତାର ଏହି ପ୍ରକଳ୍ପକୁ ସ୍ଥାନୀୟ ଅଧିବାସୀମାନଙ୍କ ବିରୋଧ ଯୋଗୁଁ ସରକାର ବନ୍ଦ କରିଦେଲେ ।

ସାରଣୀ-୩

ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ତାପଜ ବିଦ୍ୟୁତ୍ କେନ୍ଦ୍ର

| କ୍ର.ସଂ | ପ୍ରକଳ୍ପନାମ | ସ୍ଥାନ | ପ୍ରତିଷ୍ଠିତ କ୍ଷମତା (ମେଗାୱାଟ୍) |
|---|---|---|---|
| ୧- | ଜାତୀୟ ତାପଜ ବିଦ୍ୟୁତ୍ ନିଗମ | କଣିହା, ତାଳଚେର | ୫୦୦ |
| ୨- | ସାହାରା ଇଣ୍ଡିଆ | ଟିଟିଲାଗଡ, ବଲାଙ୍ଗିର | ୧୩୨୦ |
| ୩- | ଆଧୁନିକ ପାୱାର | ଗୋବିନ୍ଦପୁର, ଢେଙ୍କାନାଳ | ୧୩୨୦ |
| ୪- | ଓପିଜିସି | ଇବ୍, ଝାରସୁଗୁଡା | ୧୩୨୦ |
| ୫- | ଟାଟାପାୱାର | ନରାଜ, କଟକ | ୧୦୦୦ |
| ୬- | କେଭିକେ ନୀଳାଚଳ | ଆଠଗଡ, କଟକ | ୧୨୦୦ |
| ୭- | ଷ୍ଟରଲାଇଟ୍ ଏନର୍ଜି | ଭୁର୍ଖାମୁଣ୍ଡା, ଝାରସୁଗୁଡା | ୨୪୦୦ |
| ୮- | ମୋନେଟ୍ ପାୱାର | ଛେଣ୍ଡିପଦା, ଅନଗୁଳ | ୧୦୦୦ |
| ୯- | ଏସାର୍ ପାୱାର | ତାଳଚେର, ଅନଗୁଳ | ୧୦୦୦ |
| ୧୦- | ଜିନ୍ଦଲ ଇଣ୍ଡିଆ ଥର୍ମାଲ୍ | ଡେରଙ୍ଗ, ଅନଗୁଳ | ୧୨୦୦ |
| ୧୧- | ଭୂଷଣ ଏନର୍ଜି | ନୂଆହାଟ, ଅନଗୁଳ | ୨୦୦୦ |
| ୧୨- | ଭିସା ପାୱାର | ଆଠଗଡ, କଟକ | ୧୦୦୦ |
| ୧୩- | ଲାଙ୍କୋ ଗ୍ରୁପ୍ | ଢେଙ୍କାନାଳ | ୧୩୨୦ |
| ୧୪- | ମହାନଦୀ ଆବାନ୍ ପାୱାର | ତାଳଚେର, ଅନଗୁଳ | ୧୦୩୦ |
| ୧୫- | ନବଭାରତ ପାୱାର | ମେରାମୁଣ୍ଡଳି, ଢେଙ୍କାନାଳ | ୧୦୪୦ |
| ୧୬- | ଜି.ଏମ୍.ଆର୍.ଏନର୍ଜି | କମଳାଙ୍ଗ, ଅନଗୁଳ | ୧୦୦୦ |
| ୧୭- | ସି.ଇ.ଏସ୍.ସି. | ନେଉଳପୋଇ, ଢେଙ୍କାନାଳ | ୧୦୦୦ |
| ୧୮- | ଅସ୍ତରଙ୍ଗ ପାୱାର | ଅସ୍ତରଙ୍ଗ, ପୁରୀ | ୨୬୦୦ |
| ୧୯- | କଳିଙ୍ଗ ଏନର୍ଜି | ବାବୁରାକୁଳି, ସମ୍ବଲପୁର | ୧୦୦୦ |
| ୨୦- | ଆରତୀ ଷ୍ଟିଲ୍ସ | ଘଣ୍ଟିଖାଲ, କଟକ | ୫୦୦ |
| ୨୧- | ଚମ୍ବଲ ଇନ୍‌ଫ୍ରା | ସିଆରିଆ, ଢେଙ୍କାନାଳ | ୧୨୦୦ |
| ୨୨- | ଇଣ୍ଡ୍ ଭାରତ ଏନର୍ଜି | ସହଜବାହାଲ, ଝାରସୁଗୁଡା | ୭୦୦ |

| | | | |
|---|---|---|---|
| ୨୩- | ବିଶାଖା ଥର୍ମାଲ୍ | ଭଣ୍ଡାରୀପୋଖରୀ, ଭଦ୍ରକ | ୧୧୦୦ |
| ୨୪- | ଜାତୀୟ ତାପଜ ବିଦ୍ୟୁତ୍ ନିଗମ | କୁଣ୍ଡାନାଳି, ଢେଙ୍କାନାଳ | ୨୦୦୦ |
| ୨୫- | ବାଲେଶ୍ୱର ଆଲଏଜ୍ | ବାଳଗୋପାଳପୁର, ବାଲେଶ୍ୱର | ୧୩୫ |
| ୨୬- | ମାଙ୍ଗିଲାଲ ରୁଙ୍ଗଟା | ତୁଳସୀଡିହ, ଢେଙ୍କାନାଳ | ୬୦ |
| ୨୭- | ବିର୍ଲା ଟାୟାରସ୍ | କୁରୁଡା, ବାଲେଶ୍ୱର | ୭.୫ |
| ୨୮- | ଉତ୍କଳ ପାୱାର | ଚୌଦ୍ୱାର, କଟକ | ୧୨୦ |
| ୨୯- | ଶ୍ୟାମ ଡିଆର୍ଆଇ | ପଣ୍ଡଲୋଇ, ସମ୍ବଲପୁର | ୧୫ |
| ୩୦- | ଭିସା ଷ୍ଟିଲ୍ | ଡୁବୁରି, ଯାଜପୁର | ୫୦ |

ସାରଣୀ-୪

ଓଡ଼ିଶାର ଜଳବିଦ୍ୟୁତ୍ କେନ୍ଦ୍ର

| କ୍ରମିକ ସଂଖ୍ୟା | ପ୍ରକଳ୍ପ ନାମ | କ୍ଷମତା(ମେଗାୱାଟ୍) |
|---|---|---|
| ୧- | ହୀରାକୁଦ-୧ (ବୁର୍ଲା) | ୨୭୫.୫ |
| ୨- | ହୀରାକୁଦ-୨(ଚିପିଲିମା) | ୭୨ |
| ୩- | ବାଲିମେଳା | ୫୧୦ |
| ୪- | ରେଙ୍ଗାଲି | ୨୫୦ |
| ୫- | ଅପର କୋଲାବ | ୩୨୦ |
| ୬- | ଇନ୍ଦ୍ରାବତୀ | ୬୦୦ |
| ୭- | ମାଛକୁଣ୍ଡ | ୧୧୪.୭୫ |
| | ମୋଟ | ୨୧୪୨.୨୫ |

ଉତ୍ସ: ଓଡ଼ିଶା ଜଳବିଦ୍ୟୁତ୍ ନିଗମ, ଭୁବନେଶ୍ୱର

### କ୍ଷୁଦ୍ର ଜଳବିଦ୍ୟୁତ୍ କେନ୍ଦ୍ର

ଜଳବିଦ୍ୟୁତ୍ କେନ୍ଦ୍ରର ମୋଟ ପ୍ରତିଷ୍ଠିତ କ୍ଷମତା ୨୫ ମେଗାୱାଟ୍ କିମ୍ବା ତା'ଠାରୁ କମ୍ ହେଲେ ତାହା କ୍ଷୁଦ୍ର ଜଳବିଦ୍ୟୁତ୍ ଶ୍ରେଣୀରେ ଗଣାଯାଏ । ଏହାର ବଡ ସୁବିଧା ହେଉଛି ଯେ ଏହାଦ୍ୱାରା କୌଣସି ଅଞ୍ଚଳ ଜଳମଗ୍ନ ହୁଏନାହିଁ । ଫଳରେ ଏଠାରେ ବିସ୍ଥାପିତ ଓ ପୁନର୍ବସତି ସମସ୍ୟା ନଥାଏ । ପାହାଡ ପର୍ବତରୁ ତଳକୁ ପଡିଥିବା ଛୋଟଛୋଟ ଝରଣାରେ ମଧ୍ୟ ଏହାର ନିର୍ମାଣ କରାଯାଇପାରିବ । ଏହା ବ୍ୟତୀତ ଜଳସେଚନ ପାଇଁ ନିର୍ମିତ କେନାଲଗୁଡିକରେ ମଧ୍ୟ ଏହା ନିର୍ମାଣ କରାଯାଇଥାଏ । ଅନେକ କ୍ଷେତ୍ରରେ ଏଥିରୁ ଉତ୍ପାଦିତ ବିଦ୍ୟୁତ୍‌ର ଗ୍ରୀଡ୍ ସହିତ ସଂଯୋଗ ନକରି ସ୍ଥାନୀୟ ଅଞ୍ଚଳକୁ ଯୋଗାଇ ଦିଆଯାଇଥାଏ ।

ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ପୋଟେରୁଠାରେ ୬ ମେଗାୱାଟ୍ ବିଶିଷ୍ଟ ଗୋଟିଏ ଜଳବିଦ୍ୟୁତ୍ କେନ୍ଦ୍ର ନିର୍ମାଣାଧୀନ ଅଛି । ସମଲ ବନ୍ଧରୁ ବାହାରିଥିବା କେନାଲରେ ୨୦ ମେଗାୱାଟ୍‌ର ବିଦ୍ୟୁତ୍ କେନ୍ଦ୍ର ସ୍ଥାପିତ ହୋଇଛି । ଓଡ଼ିଶାରେ ୨୦୬ଟି ଜାଗାରେ ୨୧୮ ମେଗାୱାଟ୍‌ର କ୍ଷୁଦ୍ର ଜଳବିଦ୍ୟୁତ୍ ଉତ୍ପାଦନ ହୋଇ ପାରିବାର ଚିହ୍ନଟ କରାଯାଇଛି । ଏହାର ବିକାଶ ପାଇଁ ବେସରକାରୀ କମ୍ପାନୀ ସହ ୩୨ଟି ବୁଝାମଣା ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଲୋଓର୍ କୋଲାବରେ ୩୭ ମୋଗାୱାଟ୍ କ୍ଷମତାର ବିଦ୍ୟୁତ୍ କେନ୍ଦ୍ର ସ୍ଥାପିତ ହୋଇଛି ।

### ପବନ ବିଦ୍ୟୁତ୍ କେନ୍ଦ୍ର

ପବନ ବିଦ୍ୟୁତ୍ କେନ୍ଦ୍ର ହେଉଛି ଗୋଟିଏ ଅଣପାରମ୍ପରିକ, ନିର୍ମଳ ଓ ଅକ୍ଷୟ ଶକ୍ତି ଉତ୍ସ । ମାତ୍ର ଏହାକୁ ଲାଭଜନକ ଭାବେ ଉତ୍ପାଦନ କରିବା ପାଇଁ ବର୍ଷର ଅଧିକାଂଶ ସମୟ ପବନର ବେଗ ଏକ ନିର୍ଦ୍ଦିଷ୍ଟ ପରିମାଣରୁ ଅଧିକ ହେବା ଦରକାର । ଓଡ଼ିଶାର ପୁରୀ, ଗୋପାଳପୁର, ଛତ୍ରପୁର ଆଦି ଏଥିପାଇଁ ପ୍ରକୃଷ୍ଟ ସ୍ଥାନଭାବେ ଚିହ୍ନଟ କରାଯାଇଛି । ପୁରୀଠାରେ ୧୯୮୬ ମସିହାରେ ୫୫ କିଲୋୱାଟ୍ ବିଶିଷ୍ଟ ୨୦ଟି ପବନ ଜେନେରେଟର ସ୍ଥାପନ କରାଯାଇଥିଲା । କିଛି ବର୍ଷ କାମ କଲାପରେ ଏହା ଅଚଳ ହୋଇପଡିଲା । ଏହାପରେ ଏହା ଆଉ କାର୍ଯ୍ୟକ୍ଷମ ହୋଇନାହିଁ ।

ସୌର ବିଦ୍ୟୁତ୍ କେନ୍ଦ୍ର

ସୂର୍ଯ୍ୟ ହେଉଛି ସକଳ ଶକ୍ତିର ଆଧାର । ସୂର୍ଯ୍ୟ ରଶ୍ମିରୁ ମୁଖ୍ୟତଃ ଦୁଇଟି ଉପାୟରେ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି । ତାହା ହେଉଛି ସୌର ବ୍ୟାଟେରୀ ଓ ସୌର ତାପଜ ବିଦ୍ୟୁତ୍ କେନ୍ଦ୍ର । ସୌରବିଦ୍ୟୁତ୍ କେନ୍ଦ୍ରର ଯନ୍ତ୍ରାଂଶଗୁଡିକର ମୂଲ୍ୟ ଅଧିକ ହୋଇଥିବାରୁ ଏହି ବିଦ୍ୟୁତ୍‌ର ଉତ୍ପାଦନ ଖର୍ଚ୍ଚ ଅଧିକ ହେଉଛି । ଯନ୍ତ୍ରାଂଶଗୁଡିକ ମୁଖ୍ୟତଃ ବାହାର ଦେଶରୁ ଆମଦାନୀ ହେଉଛି । ଆମ ଦେଶରେ ସୌର ବିଦ୍ୟୁତ୍‌ର ଉତ୍ପାଦନ ଖର୍ଚ୍ଚ ୟୁନିଟ୍ ପିଛା ୧୬.୫୦ ଟଙ୍କା ହେଉଛି । କେନ୍ଦ୍ର ସରକାର ଏଥିପାଇଁ ୧୨ଟଙ୍କା ରିହାତି ଦେଉଛନ୍ତି । ଏଣୁ ଉଦ୍ୟୋଗୀଙ୍କୁ ଏଥିପାଇଁ ୟୁନିଟ୍ ପିଛା ୪.୫୦ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଭାରତ ସରକାର ଜାତୀୟ ସ୍ତରରେ ୨୦୦୯ ମସିହାରୁ ଜବାହରଲାଲ ନେହେରୁ ଜାତୀୟ ସୌର ମିଶନ କାର୍ଯ୍ୟକାରୀ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ୨୦୨୨ ମସିହା ସୁଦ୍ଧା ଦେଶରେ ୨୦,୦୦୦ ମେଗାୱାଟ୍ ସୌର ବିଦ୍ୟୁତ୍ ଉତ୍ପାଦନ କରିବା ପାଇଁ ଯୋଜନା କରାଯାଇଛି ।

ଓଡ଼ିଶାରେ ଆଠଟି ସୌର ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ପାଇଁ କାମ ଚାଲିଛି । ଏଗୁଡିକ ସୁବର୍ଣ୍ଣପୁର, ଦେବଗଡ ଜିଲ୍ଲାର ବାରକୋଟ୍, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗି, ନୟାଗଡ, ସୁନ୍ଦରଗଡ ଜିଲ୍ଲାର ବଣେଇ, ସମ୍ବଲପୁର ଜିଲ୍ଲାର ବାମରା, ବଲାଙ୍ଗିର ଜିଲ୍ଲାର ଖଣ୍ଡେଇପଲ୍ଲୀ ଓ କଟକ ଜିଲ୍ଲାର ବାରଙ୍ଗଠାରେ ସ୍ଥାପିତ ହେବ । ପ୍ରତ୍ୟେକ ବିଦ୍ୟୁତ୍ କେନ୍ଦ୍ରର କ୍ଷମତା ୫ ମେଗାୱାଟ୍ ହେବ ।

ଉପସଂହାର

ଓଡ଼ିଶାରେ ସରକାରୀ ସ୍ତରରେ ଗତ କିଛି ବର୍ଷ ଧରି କୌଣସି ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରାଯାଇ ନାହିଁ । ଦ୍ରୁତ ଶିଳ୍ପାୟନକୁ ଲକ୍ଷ୍ୟ ରଖି ବର୍ତ୍ତମାନ ରାଜ୍ୟରେ ଅନେକଗୁଡିଏ ବିଦ୍ୟୁତ୍ କେନ୍ଦ୍ରର ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି । ମାତ୍ର ଅଧିକାଂଶ ହେଉଛି ତାପଜ ବିଦ୍ୟୁତ୍ କେନ୍ଦ୍ର । ପୁନଶ୍ଚ ଅଧିକାଂଶ ତାପଜ ବିଦ୍ୟୁତ୍ କେନ୍ଦ୍ର ଢେଙ୍କାନାଳ, ଅନଗୁଳ, ଓ ଝାରସୁଗୁଡା ଜିଲ୍ଲାରେ ସ୍ଥାପିତ ହେଉଛି । ଅନଗୁଳ ଓ ଝାରସୁଗୁଡା ବର୍ତ୍ତମାନ ରାଜ୍ୟର ଅଧିକ ପ୍ରଦୂଷିତ ଜିଲ୍ଲାଭାବେ ପରିଚିତ ଅଛି । ଏଣୁ ପରିବେଶ ପ୍ରତି ଧ୍ୟାନ ରଖି ଅଧିକରୁ ଅଧିକ ଅଣପାରମ୍ପରିକ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ପାଇଁ ଆମେ ଚେଷ୍ଟା କରିବା ଉଚିତ୍ ।

ଡେପୁଟି ଜେନେରାଲ୍ ମ୍ୟାନେଜର
ପି.ପି.ଏଣ୍ଡ୍ ଇ.ଇ. ସେକସନ୍
ମେକନ, ରାଞ୍ଚି-୮୩୪୦୦୨

❖ ❖ ❖

## ଅପ୍ରେଲ ୧ରୁ ସମସ୍ତ ସରକାରୀ କାର୍ଯ୍ୟାଳୟରେ ପ୍ରିପେଡ୍ ମିଟର

ଚଳିତ ବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ରାଜ୍ୟ, ଜିଲ୍ଲା ତଥା ବ୍ଲକ୍‌ସ୍ତରରେ ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍ୱୟଂଶାସିତ ସଂସ୍ଥା, ସରକାରୀ ସମିତି ଆଦିରେ ପ୍ରିପେଡ୍ ମିଟର ସ୍ଥାପନ କରାଯିବ । ପ୍ରିପେଡ୍ ମିଟର ବସାଯିବା ପରେ ବଣ୍ଟନ କମ୍ପାନୀ ସରକାରୀ କାର୍ଯ୍ୟାଳୟ ଉପରେ ବକେୟା ଦେୟ ପ୍ରସଙ୍ଗ ଉତ୍‌ଥାପନ କରିବେ ନାହିଁ । ଅପ୍ରେଲ ୧ ପରଠାରୁ ସରକାର ବକେୟା ଦେୟ ପାଇଁ ଦାୟୀ ରହିବେ ନାହିଁ ବୋଲି ଶକ୍ତି ବିଭାଗର ଏକ ଅଧିସୂଚନାରେ ପ୍ରକାଶ ପାଇଛି ।

ଏହା ସହିତ ସମସ୍ତ ବିଭାଗ, ବିଭାଗ ମୁଖ୍ୟ, ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳମାନଙ୍କୁ ପ୍ରିପେଡ୍ ମିଟର ସ୍ଥାପନ ନିମନ୍ତେ ସମ୍ପୃକ୍ତ ବଣ୍ଟନ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ପରାମର୍ଶ କରି କାର୍ଯ୍ୟ କରିବାକୁ କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି ।

# ଭାରତ, ଜଗତୀକରଣ ଏବଂ ଜଳବାୟୁ ପରିବର୍ତ୍ତନ

ଲୋକନାଥ ସୁଆର

ଜାତିସଂଘ ଅନ୍ତଃ ସରକାର ପ୍ୟାନେଲ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଏକ ସବିଶେଷ ତଥ୍ୟ ପ୍ରକାଶ କରିଛନ୍ତି । ଯେଉଁଥିରେ ୧୩୦ଟି ଦେଶରୁ ୨୫୦୦ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ଏହାର ସଦସ୍ୟ ଅଛନ୍ତି, ସେମାନେ ନିଶ୍ଚିତ ମତବ୍ୟକ୍ତ କରିଛନ୍ତି ଯେ, ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନ ପୃଥିବୀ ପୃଷ୍ଠରେ ଥିବା ଜୀବସତ୍ତାକୁ ଲୋପ କରିଦେଇପାରେ । ସେମାନେ ପ୍ରକାଶ କରିଛନ୍ତି ଯେ, ମାନବକୃତ ଜଳବାୟୁ ପରିବର୍ତ୍ତନ ଧରାପୃଷ୍ଠରେ ଜୀବସତ୍ତା ପ୍ରତି ବିପଦ ସୃଷ୍ଟି କରୁଅଛି ।

ବୈଜ୍ଞାନିକମାନେ ଧାରଣା ନେଲେଣି ଯେ, ୨୧୦୦ ମସିହା ବେଳକୁ ପୃଥିବୀରେ ତାପମାତ୍ରା ସମ୍ଭବତଃ ୧.୧ ଡିଗ୍ରୀ ସେଣ୍ଟିଗ୍ରେଡ଼ରୁ ୬.୪ ଡିଗ୍ରୀ ସେଣ୍ଟିଗ୍ରେଡ଼ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ସମୁଦ୍ର ଜଳ ପତ୍ତନର ଉଚ୍ଚତା ପ୍ରାୟତଃ ୧୮ ରୁ ୬୦ ସେଣ୍ଟିମିଟର ବୃଦ୍ଧି ପାଇବ । ଯଦି ମେରୁ ଅଞ୍ଚଳର ବରଫ ସ୍ତୁପମାନ ଯଦି ଜଲଦି ଜଲଦି ତରଳେ ତେବେ ଗଣନା କରି କୁହାଯାଉଥିବା ପରିସଂଖ୍ୟାନଠାରୁ ଅଧିକ ଜଳସ୍ତର ବୃଦ୍ଧି ପାଇବ । ଆର୍କଟିକ୍ ଅଞ୍ଚଳର ବରଫ ସ୍ତୁପମାନ ୨୧୦୦ ମସିହା ଗ୍ରୀଷ୍ମ ମାସ ସୁଦ୍ଧା ଲୋପ ପାଇଯିବ । ବିଶ୍ୱ ତାପନ (ଗ୍ଲୋବାଲ ୱାର୍ମିଙ୍ଗ) ଦ୍ୱାରା ହିମାଳୟର ୫.୦୧୮ ଟି ହିମସ୍ରୋତ ପ୍ରଭାବିତ ହେବେ । ଦେଖାଯାଉଛି ପୁଦାରି ହିମଖଣ୍ଡ ପ୍ରତ୍ୟେକ ବର୍ଷ ୧୩ ମିଟର ପଛକୁ ଘୁଞ୍ଚି ଘୁଞ୍ଚି ଯାଉଛି ଏବଂ ଗାଙ୍ଗେୟ ହିମଖଣ୍ଡ ଯେଉଁଥିରୁ ଗଙ୍ଗା ନଦୀର ସୃଷ୍ଟି, ସେହି ଗ୍ଲାସିୟର ପ୍ରତ୍ୟେକ ବର୍ଷ ୩୦ ମିଟର ପଛକୁ ଘୁଞ୍ଚିଚାଲିଛି । ବିଗତ ୧୩ ବର୍ଷ ମଧ୍ୟରେ ୧ କିଲୋମିଟରରୁ ଏକ ତୃତୀୟାଂଶ କିଲୋମିଟର ପଛକୁ ଘୁଞ୍ଚି ଯାଇଛନ୍ତି । ଚଳିତ ଦୁଇ ଦଶନ୍ଧି ମଧ୍ୟରେ ହିମାଳୟ ହିମଖଣ୍ଡ ପ୍ରାୟତଃ ୫୦୦,୦୦୦ ବର୍ଗ କିଲୋମିଟରରୁ ୧୦୦,୦୦୦ ବର୍ଗ କିଲୋମିଟର ସଙ୍କୋଚିତ ହୋଇଯିବ ବୋଲି ଆଶଙ୍କା ଦେଖାଦେଲାଣି । ଆଗାମୀ ଦଶନ୍ଧିରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ହିମାଳୟ ସଂଲଗ୍ନ ନଦୀମାନଙ୍କରେ ଆଉ ବରଫ ସ୍ରୋତର ପ୍ରବାହ ଦେଖିବାକୁ ମିଳିବ ନାହିଁ, ଯାହାଫଳରେ ଭବିଷ୍ୟତରେ ମରୁଡ଼ି ସୃଷ୍ଟି ହେବାର ଆଶଙ୍କା କରାଯାଉଛି । ଯାହାଫଳରେ ଜଳର ଅଭାବ ଘୋର ଦେଖାଯିବ । ଜଳ ଧାରଣ ଅବସ୍ଥା ସଙ୍କୋଚିତ ହୋଇ ୧୮୦୦ କ୍ୟୁବିକ ମିଟରରୁ ୧୦୦୦ କ୍ୟୁବିକ ମିଟର ହୋଇଯିବ ।

ସମୁଦ୍ର ପତ୍ତନର ଉଚ୍ଚତା ବୃଦ୍ଧି ପାଇବା ଫଳରେ ଭାରତର ୭୦୦୦ କି.ମି ଉପକୂଳ ଅଞ୍ଚଳ ପ୍ରଭାବିତ ହେବ । ଗୋଟିଏ ମିଟର ସମୁଦ୍ର ଜଳପତ୍ତନ ଉଚ୍ଚତା ୫୭୬,୦୦୦ ହେକ୍ଟର ଅଞ୍ଚଳକୁ ଜଳମଗ୍ନ କରିଦେବ ଏବଂ ୭.୧ ନିୟୁତ ଜନସଂଖ୍ୟା ବିସ୍ଥାପିତ ହେବେ । ମହାନଗରୀ ମୁମ୍ବାଇ ଆମେରିକୀୟ ମୁଦ୍ରା ହିସାବରେ ୪୮୬ ମିଲିୟନ ଡଲାର (ପ୍ରାୟତଃ ୨୨୮୭୦୦ କୋଟି) କ୍ଷତି ସହିବ ଏବଂ ଓଡ଼ିଶାର ବାଲେଶ୍ୱର ପ୍ରାୟତଃ ୭୫ ନିୟୁତ ଆମେରିକୀୟ ଡଲାର କ୍ଷତି ସହିବା ନିଶ୍ଚିତ । ଯଦି କେବଳ ଏହା ସାମୁଦ୍ରିକ ଜଳପତ୍ତନର ଉଚ୍ଚତା ବୃଦ୍ଧି ଦ୍ୱାରା ପ୍ରଭାବିତ ହୁଅନ୍ତି, ଏହିଭଳି ବିପୁଳ କ୍ଷତି ଘଟିପାରେ ।

ଜଳବାୟୁ ପରିବର୍ତ୍ତନ ଦ୍ୱାରା ଖାଦ୍ୟ ସୁରକ୍ଷା ନିଶ୍ଚିତ ପ୍ରଭାବିତ ହେବ । ଯଦି ତାପମାତ୍ରାରେ ୨ଡିଗ୍ରୀ ସେଣ୍ଟିଗ୍ରେଡ୍ ବୃଦ୍ଧି ଘଟେ ବର୍ଷାର ପରିମାଣ ଶତକଡ଼ା ୭ ଭାଗ କମିଯାଏ, ତେବେ ଧାନ ଉତ୍ପାଦନର ପରିମାଣ ଶତକଡ଼ା ୧୫ ରୁ ଶତକଡ଼ା ୪୨ ଭାଗ ହ୍ରାସ ପାଇବ । ଗହମ ଉତ୍ପାଦନ ଶତକଡ଼ା ୩ ରୁ ୪ ଭାଗ ହ୍ରାସ ପାଇବ । ଯାହାଫଳରେ କୃଷି ଦ୍ୱାରା ଅର୍ଜିତ ରାଜସ୍ୱର ଶତକଡ଼ା ୧୨.୩ ଭାଗ ନିଶ୍ଚିତ ଭାବେ କ୍ଷତି ହେବ ।

ଶତକଡ଼ା ୯ ଭାଗ (ଜି.ଡ଼ି.ପି.) ମୋଟ ଜାତୀୟ ଉତ୍ପାଦନ ଜଳବାୟୁ ଓ ପରିବେଶର ପରିବର୍ତ୍ତନର କୁପ୍ରଭାବରେ ମୂଳପୋଛ

ହୋଇଯିବ । ତଥାପି ଭାରତ ମୋଟ ଜାତୀୟ ଉତ୍ପାଦନର ହାର ଶତକଡ଼ା ୧୦ ଭାଗ ବୃଦ୍ଧି ପାଇଁ ଚେଷ୍ଟିତ । ଯାହା ପଛରେ ବିଶାଳ ଆର୍ଥିକ ଜଗତୀକରଣ ପ୍ରକ୍ରିୟାର ପ୍ରଭାବ ରହିଛି । ତେବେ ମନରେ ପ୍ରଶ୍ନ ଉଠେ ଯେ ଜାତୀୟ ଉତ୍ପାଦନର ହାର ଯେତେ ଅଭିବୃଦ୍ଧି ଘଟିବ, ଏହା ପରିବେଶ ଅନ୍ତର୍ଭୁକ୍ତ ନହୋଇ ପ୍ରତିକୂଳ ଅବସ୍ଥାକୁ ଆମନ୍ତ୍ରଣ କରିପାରେ । ଫଳରେ ପ୍ରତିବର୍ଷ ନିର୍ଦ୍ଧାରଣ କରାଯାଉଥିବା ଆର୍ଥିକ ଅଭିବୃଦ୍ଧି ହାର ନିଃସନ୍ଦେହରେ ମୂଳପୋଛ ହେବ ଏବଂ ଆହୁରି ଅନେକ କିଛି କ୍ଷତି ମଧ୍ୟ ଘଟିପାରେ ।

ଭାରତ ଆଜି ପର୍ଯ୍ୟନ୍ତ ପ୍ରାଥମିକ ଭାବରେ କୃଷିଭିତ୍ତିକ ଅର୍ଥନୀତି ଦ୍ୱାରା ପରିଚାଳିତ ଯେଉଁଥିରେ କୃଷି ଓ କୃଷକର ଅବଦାନ ବହୁତ । ଭାରତରେ ଶକ୍ତି ଉତ୍ପାଦନ ନବୀକରଣକ୍ଷମ ବା ଅକ୍ଷୟ ଶକ୍ତି ଅଟେ । ଯାହାହେଉନା କାହିଁକି, ଜଗତୀକରଣର ଚାପ ଫଳରେ ଭାରତ ବର୍ତ୍ତମାନ ଚନ୍ତାଶୂନ୍ୟ ଭାବରେ ମୁଣ୍ଡ ଆଗକୁ କରି ଜୀବାଶ୍ମ ଇନ୍ଧନ ଅର୍ଥନୀତିକୁ ଗ୍ରହଣ କରି ନିଜର ଗ୍ରାମାଞ୍ଚଳ ତଥା କୃଷି ଭିତ୍ତିକ ଜୈବ ବିଭିନ୍ନତା ଅର୍ଥନୀତିକୁ ଧ୍ୱଂସ କରିବାରେ ଲାଗିଛି ।

ଭାରତ ନିଜେ ଏକ ବିଚାରବନ୍ତ ନେତୃସ୍ଥାନୀୟ ଦେଶ ହୋଇ ଜଳବାୟୁ ଓ ପରିବେଶ ପରିବର୍ତ୍ତନକୁ ରକ୍ଷା କରିବା ପରିବର୍ତ୍ତେ ମରୁଭୂମିର ଓଟପକ୍ଷୀ ଭଳି ସମୟ ବାଲିର ଝଡ଼ରେ ନିଜକୁ ଲୁଚାଇ ରଖି ବେଶ୍ ପଛଘୁଞ୍ଚା ଦେଇଛି । ଏହା କେବଳ ପରିବେଶ ପ୍ରତି ଦାୟିତ୍ୱ ହୀନତା ମନୋଭାବ ନୁହେଁ ବରଂ ଗ୍ରାମାଞ୍ଚଳର ଗରିବ ଲୋକଙ୍କ ଅର୍ଥନୀତି ପ୍ରତି ଦାୟିତ୍ୱ ହୀନତା ଦେଖାଇବା ଅତ୍ୟନ୍ତ ଦୁଃଖର ବିଷୟ ।

ଆମର ଯୋଜନା ଓ ଅର୍ଥନୈତିକ କାର୍ଯ୍ୟକ୍ରମମାନ କାର୍ବନ ଡାଇଅକ୍ସାଇଡ୍ ବୃଦ୍ଧି କରିଛି । କୃଷି ଓ କୃଷକ ତଥା ଗରିବ ଜଙ୍ଗଲୀ ଆଦିବାସୀମାନଙ୍କୁ ଉତ୍ପାଟନ କରିଛି । ସାମ୍ପ୍ରତିକ ଯୋଜନାମାନ ଗରିବୀ ଦୂର କରିବା ପାଇଁ ଚେଷ୍ଟା କରାଯାଉଛି ।

ଯେତେବେଳେ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଚୁକ୍ତିମାନ ସ୍ୱାକ୍ଷର ହେଉଛି, ସେତେବେଳେ ଶିଳ୍ପ ଉନ୍ନତ ପାଶ୍ଚାତ୍ୟ ରାଷ୍ଟ୍ରମାନେ ନିଜର ସୁବିଧା ପାଇଁ ଅନ୍ୟାୟ ଭାବରେ ବିଷୟ ବସ୍ତୁକୁ ପରିଚାଳନା କରୁଅଛନ୍ତି । ଶିଳ୍ପାୟନର ଆଗମନ ଫଳରେ ଜୀବାଶ୍ମ ଇନ୍ଧନ ବିପୁଳ ବ୍ୟବହାର ଦ୍ୱାରା କାର୍ବନ ଡାଇଅକ୍ସାଇଡ୍ (ଅଙ୍ଗାରକାମ୍ଳ) ଗ୍ୟାସର ନିର୍ଗତ ହେବା ଫଳରେ, ସନ୍ତୁଳିତ ଜଳବାୟୁ ଓ ପରିବେଶ ବିଗିଡ଼ିବାରେ ଲାଗିଛନ୍ତି । କିନ୍ତୁ ନିକଟରେ ଦେଖାଯାଉଛି ସବୁଜ ଗୃହ ଗ୍ୟାସରୁ ପ୍ରଦୂଷଣର ପ୍ରଭାବ ଦ୍ୱାରା ଜଳବାୟୁ ତଥା ଆମ ପରିବେଶ ଉପରେ ଆଖି ଦୃଶିଆ ପ୍ରଭାବ ପକାଉଛି ।

ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ କଳ୍ପନାର ବାହାର ହିସାବରେ ବଢ଼ିବାରେ ଲାଗିଛି । ଯଦିଓ ଭାରତ ଏବଂ ଅନ୍ୟାନ୍ୟ ବିକାଶଶୀଳ ଦେଶମାନେ ଐତିହାସିକ ଭାବେ ପ୍ରଦୂଷିତ ରାଷ୍ଟ୍ର ନୁହନ୍ତି, କାୟୋଟା ଯୁକ୍ତି ଅନୁସାରେ ସେମାନଙ୍କୁ ଅଧୀନରେ ରଖା ନଯିବା ଉଚିତ ହେବ । ଯାହାହେଉନା କାହିଁକି, ଜଗତୀକରଣ ପାଇଁ ଗଠିତ ବିଶ୍ୱ ବାଣିଜ୍ୟିକ ସଂଗଠନ ୧୯୯୨ ମସିହାରେ ଗଠନ ପରେ ନିୟମମାନ ତିଆରି କରାଯାଇ ବ୍ୟବସାୟ ଓ ବାଣିଜ୍ୟ ପାଇଁ ଉଦାରୀକରଣ ନୀତି ଗ୍ରହଣ କରିବାରୁ ଏକରକମ ବାଧ୍ୟ କରାଯାଇଛି । ଉଦାରୀକରଣ ବାଣିଜ୍ୟ ଏବଂ କର୍ପୋରେଟ୍ ଜଗତୀକରଣର ଦୁଇଟି ବଳିଷ୍ଠ ପ୍ରଭାବ ପଡ଼ିଛି ।

ପ୍ରଥମତଃ ବହୁଳ ଭାବରେ ଶକ୍ତିର ଖର୍ଚ୍ଚ କରୁଥିବା ଏବଂ ପ୍ରଦୂଷଣକାରୀ କଳକାରଖାନାମାନ ଭାରତବର୍ଷ ଭଳି ବିକାଶଶୀଳ ଦେଶମାନଙ୍କଠାରେ ଉପସ୍ଥିତ ଥିବାର ଦେଖାଗଲାଣି । ବର୍ତ୍ତମାନ ଶିଳ୍ପ ବିସ୍ଫୋରଣ ଦେଖାଯାଇଛି, ଯାହାଫଳରେ ଷ୍ଟିଲ, ଆଲୁମିନିୟମ ଓ ସ୍ପଞ୍ଜ ଆଇରନ୍ ଉତ୍ପାଦନକୁ ବିଶେଷ ଗୁରୁତ୍ୱ ଦିଆଯାଉଅଛି । ଆମ ଦେଶରେ ଗାଡ଼ି ମଟର ତିଆରି ଓ ତୈଳ ଉତ୍ପାଦନ ଶିଳ୍ପକୁ ପ୍ରଭୁତ ଗୁରୁତ୍ୱ ଦିଆଯାଉଛି ।

ଦ୍ୱିତୀୟତଃ, ଆମେ ବର୍ତ୍ତମାନ ଦେଶୀୟ ତଥା ସ୍ଥାନୀୟ ଅର୍ଥନୀତିକୁ ଓ ଉତ୍ପାଦନକୁ ଉଜାଡ଼ି ଚାଲିଛେ । ଉଦାରୀକରଣ ନୀତି ଫଳରେ ବିଦେଶୀ ଜିନିଷର ଚାହିଦା ବୃଦ୍ଧି ପାଇଛି । ମଣିଷର ଦୈନନ୍ଦିନ ବଢୁଥିବା ମନୁଷ୍ୟକୃତ ଅଭାବକୁ ପୂରଣ କରିବାକୁ ଯାଇ ଜଗତୀକରଣ ନାମରେ ଆମ ପାରିପାର୍ଶ୍ୱିକ ପରିବେଶରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି କରିଚାଲିଛୁ । ଆନ୍ତର୍ଜାତିକ ଶିଳ୍ପ ଉତ୍ପାଦନର ଉପଭୋଗର ବୋଝ ବିନା କାରଣରେ ଆମ ଦେଶ ଭାରତ ବହନ କରିଚାଲିଛି । ଏହା ହେଉଛି ନବଦିଗନ୍ତ ବିଶ୍ୱ ପରିବେଶ । ଏହା ଜଗତୀକରଣ ପରିବେଶଗତ ବର୍ଣ୍ଣବିଦ୍ୱେଷବାଦର ଅଂଶ । ଯାହାଫଳରେ ପରିବେଶ ବିନଷ୍ଟକାରୀ ଏବଂ ପ୍ରଦୂଷିତ ଅର୍ଥନୈତିକ କାର୍ଯ୍ୟକ୍ରମମାନ ଦକ୍ଷିଣଭାଗ ପୃଥିବୀରେ ପ୍ରତିଷ୍ଠିତ କରାଯାଉଛି । ଏ ସମ୍ପର୍କରେ ବିଶ୍ୱ ବ୍ୟାଙ୍କର ଅର୍ଥନୈତିକ ମୁଖ୍ୟ ଲରେନ୍ସ ସମର ବିସ୍ତୃତ ଭାବେ ବର୍ଣ୍ଣନା କରିଛନ୍ତି । ଅର୍ଥନୀତିଜ୍ଞ ସମର ତାଙ୍କର ଦୃଢ଼ ମତ ରଖିଛନ୍ତି ଯେ ତୃତୀୟ ବିଶ୍ୱରେ ପ୍ରଦୂଷଣ ମାତ୍ରା ବଢ଼ିବା ପଛରେ ଅର୍ଥନୀତିର ଦୃଢ଼ ସମ୍ପର୍କ ରହିଛି । ଏହା ଫଳରେ ତିନୋଟି କାରଣ ରହିଛି ।

ପ୍ରଥମତଃ ଯେହେତୁ ତୃତୀୟ ବିଶ୍ୱର ଅନୁନ୍ନତ ରାଷ୍ଟ୍ରମାନଙ୍କର ଶ୍ରମ ମଞ୍ଜୁରୀ ବହୁତ କମ । ପ୍ରଦୂଷିତ ଅର୍ଥନୈତିକ ଦର ପ୍ରଭାବ

ଫଳରେ ଉପୁଜୁଥିବା ସ୍ୱାସ୍ଥ୍ୟ ସମସ୍ୟା ଏବଂ ମୃତ୍ୟୁହାର ସବୁ ଗରିବ ରାଷ୍ଟ୍ରମାନଙ୍କ କ୍ଷେତ୍ରରେ କମ୍ ଦେଖାଯାଏ । ତେଣୁ ମିଷ୍ଟର ସମରଙ୍କ ଯୁକ୍ତି ଅନୁଯାୟୀ କମ୍ ମଜୁରୀ ମିଳୁଥିବା ରାଷ୍ଟ୍ରରେ ପ୍ରଦୂଷିତ କରୁଥିବା ଶକ୍ତିମାନ ନିଶ୍ଚିତ ଦେଖାଦେବେ । ଏହି ମତ ଏକ ରକମ କହିଲେ, ତ୍ରୁଟିଶୂନ୍ୟ ଅଟେ । ତେଣୁ ଭଲ ମନ୍ଦର ସମ୍ମୁଖୀନ ହେବା ଏଥିରେ ସନ୍ଦେହ ନାହିଁ ।

ଦ୍ୱିତୀୟତଃ ଯେହେତୁ ତୃତୀୟ ବିଶ୍ୱର ବିସ୍ତୃତ ଭାଗ, ପ୍ରଦୂଷଣ ମାତ୍ରା କମ ରହିଛି, ତେଣୁ ଅର୍ଥନୈତିକ ବିକାଶ ପାଇଁ ଯଥେଷ୍ଟ ସୁଯୋଗ ରହିଛି । ଆଫ୍ରିକୀୟ ରାଷ୍ଟ୍ରମାନଙ୍କରେ ଅର୍ଦ୍ଧ ପ୍ରଦୂଷିତ, ସେ ଅଞ୍ଚଳର ବାୟୁମଣ୍ଡଳ ସ୍ତର ସମ୍ଭବତଃ ଏତେ ଭଲ ନୁହେଁ । ଲସ୍ ଏଞ୍ଜଲସ୍ କିମ୍ବା ମେକ୍ସିକୋ ସହର ବାୟୁମଣ୍ଡଳର ସ୍ତର ଏହାଠାରୁ ଉତ୍କୃଷ୍ଟ ।

କହିବାକୁ ଗଲେ, ଗରିବମାନେ ହିଁ ଗରିବ, ତେଣୁ ସେମାନେ ସମ୍ଭବତଃ ପରିବେଶ ସମସ୍ୟା ନଷ୍ଟ ହୋଇଯିବା ପ୍ରତି ତିଳେମାତ୍ର ଚିନ୍ତା କରନ୍ତି ନାହିଁ । ପରିବେଶ ପ୍ରଦୂଷଣରେ ରହିଥିବା ଉପାଦାନମାନ ବର୍ତ୍ତମାନ ଲୋକମାନଙ୍କ ଶରୀରରେ ପ୍ରୋଷ୍ଟେଟ୍ କ୍ୟାନସରକୁ ଜନ୍ମ ଦେବାରେ ଲାଗିଛି । ବର୍ତ୍ତମାନ ତୃତୀୟ ବିଶ୍ୱରେ ଏହି ରୋଗ ବିରୁଦ୍ଧରେ ବଞ୍ଚିବା ପାଇଁ ଲୋକମାନେ ସଂଘର୍ଷ କରୁଛନ୍ତି । ଯେଉଁ ଦେଶରେ କି ଜୀବନଟାକୁ ଶସ୍ତା ବୋଲି ଗଣ୍ୟ କରାଯାଏ । ଅର୍ଥନୀତି ବିଶାରଦମାନଙ୍କ ମତ କିନ୍ତୁ ସଂପୂର୍ଣ୍ଣ ଭିନ୍ନ । ସେ ଧନୀ ଉତ୍ତର ବିଶ୍ୱ ଓ ଗରିବ ଦକ୍ଷିଣ ବିଶ୍ୱ ମଧ୍ୟରେ ଜୀବନର ମୂଲ୍ୟକୁ ଅନ୍ୟରୂପରେ ଦେଖନ୍ତି । ଯାହାହେଉ ନା କାହିଁକି, ସମସ୍ତ, ଗରିବ ହେଉ ବା ଧନୀ ହେଉ ଅତ୍ୟନ୍ତ ମୂଲ୍ୟବାନ । ପୁରଷ ଓ ମହିଳାମାନେ ସମସ୍ତେ ସମାନ ।

ଖରାପ ତଥା ଅସୁରକ୍ଷିତ ଶିଳ୍ପମାନେ ଭାରତକୁ ଧୀରେ ଧୀରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗମନ କଲେଣି । କାରଣ ଜମି ଶକ୍ତାୟନ ପାଇଁ ନିତାନ୍ତ ଆବଶ୍ୟକ । ତେଣୁ ଜମି ମାଫିଆମାନେ ବେଶ୍ ସକ୍ରିୟ ହୋଇ ଉଠିଛନ୍ତି, ଜମିର ଆବଶ୍ୟକ ବେଳେ ସଂରକ୍ଷିତ ଜଙ୍ଗଲ ତଥା କୃଷିଉପଯୋଗୀ ଜମିକୁ ବେଆଇନ ଭାବେ ଅକ୍ତିଆର କରି ପରିବେଶ ଅନୁପଯୋଗୀ ସମସ୍ୟାମାନ ସୃଷ୍ଟି କରିବାରେ ବ୍ୟସ୍ତ ।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ବିଶ୍ୱ ଅର୍ଥନୀତିରେ କ୍ଷତି ଭୟ ଥିବା ଅର୍ଥ ଉପାର୍ଜନ ବୃଦ୍ଧି ପାଉଥିବା ଉପଭୋକ୍ତାବାଦ ଦ୍ୱାରା ଜମିଉପରେ ଚାପ ପଡୁଛି । ଏହାଦ୍ୱାରା ଖଣିଜଦ୍ରବ୍ୟ ଉତ୍ତୋଳନ, ଶିଳ୍ପୋଦ୍ୟୋଗ ପ୍ରତିଷ୍ଠା, ସହରାଞ୍ଚଳ ବୃଦ୍ଧି ତଥା ରାଜପଥ ଏବଂ ଗମନାଗମନର ସୁବିଧା ପାଇଁ ରାସ୍ତାଘାଟ ବହୁଳ ଭାବରେ ନିର୍ମାଣ କରାଯାଉଛି । ସମ୍ପ୍ରତି ବାସ୍ତବ ଅର୍ଥନୀତିଠାରୁ କ୍ଷତି ଭୟଥିବା କାଳ୍ପନିକ ଅର୍ଥନୀତିର ପରିମାଣ ୧୦୦ ଗୁଣରୁ ଅଧିକ । ଅର୍ଥ ବିନିଯୋଗ ପାଇଁ ସବୁଠାରେ ଆମନ୍ତ୍ରଣ ତଥା ପ୍ରତିବଦଳରେ ଲୋଭଯୁକ୍ତ ଫେରସ୍ତ ନିବେଶ ପୁଞ୍ଜି ସମ୍ପର୍କରେ ସବୁଠାରେ ଚର୍ଚ୍ଚା । ଯାହାଫଳରେ ଆମ ଜୀବଜଗତର ପ୍ରତ୍ୟେକ ଜିନିଷ ପଣ୍ୟଦ୍ରବ୍ୟ ହୋଇଯାଇଛି । ଜମି, ଜଳ, ବୃକ୍ଷଲତା ତଥା ଜିନ୍, ଅଣୁଜୀବ ତଥା ଜୀବଜନ୍ତୁ ମାନଙ୍କଠାରେ ଅର୍ଥନୈତିକ ଲାଭ ଦେଖାଯାଉଛି । ଯେହେତୁ ଜମି ଜଗତୀକରଣ ଯୁଗରେ କଞ୍ଚାମାଲ ହୋଇପଡ଼ିଛି, ତେଣୁ କମ୍ପାନୀମାନେ ଜମି ହଡ଼ପ କରିବାପାଇଁ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ କିମ୍ବା ଜମିବାଡ଼ି ବେପାରୀମାନଙ୍କଠାରେ ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜି ବିନିଯୋଗ ଆରମ୍ଭ ହୋଇଯାଇଛି ।

ଆହୁରି ମଧ୍ୟ ବର୍ତ୍ତମାନ ବିଶ୍ୱ ଅର୍ଥନୀତି ଆମର ସୀମାହୀନ ଉପଭୋକ୍ତାବାଦ ଉପରେ ପ୍ରତିଷ୍ଠା ଲାଭ କରିଛି । ଯାହାଫଳରେ ପ୍ରାକୃତିକ ସମ୍ପଦ ଉପରେ ଏହାର ଚାହିଦା ବଢୁଛି । ବାଣିଜ୍ୟିକ ଉଦାରୀକରଣ ଫଳରେ ଏହାର ପଦଚିହ୍ନ ବହୁଳଭାବରେ ଦକ୍ଷିଣ ବିଶ୍ୱ ରାଷ୍ଟ୍ରମାନଙ୍କରେ ଦେଖାଯାଉଛି । ଏହିସବୁ ଅନୁନ୍ନତ ଦକ୍ଷିଣ ବିଶ୍ୱ ରାଷ୍ଟ୍ରମାନଙ୍କରେ ଥିବା ଆଦିବାସୀ ତଥା କୃଷକମାନଙ୍କ ଜମି ଉପରେ ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି । ଜଗତୀକରଣ କହିଲେ, ଧନୀକଙ୍କ ଦ୍ୱାରା ବିଳାସ ବ୍ୟସନ ପୂର୍ଣ୍ଣ ଉପଭୋଗ, ବାକ୍ ଚିନ୍ତାଧାରାକୁ ବୁଝାଏ । ଦିନକୁ ଦିନ ନୂତନ ନୂତନ ଆଭିଜାତ୍ୟ ତଥା ବିଳାସ ପୂର୍ଣ୍ଣ ମଟରଗାଡ଼ିମାନ ତିଆରି କରାଯାଉଅଛି ଏବଂ ପ୍ରଚୁର ଭାବେ ମଧ୍ୟ ଚାଲିଛି । ବେଶୀ ବେଶୀ ମଟର ଗାଡ଼ି ଆବଶ୍ୟକତାର ଅର୍ଥ ବେଶୀ ବେଶୀ ତତ୍ ସଂପର୍କୀୟ କାରଖାନା ନିର୍ମାଣ । ତାହା ଅର୍ଥ କାରଖାନାରେ ଉତ୍ପାଦନ ପାଇଁ କଞ୍ଚାମାଲ ଦରକାର, ତେଣୁ ଖଣିଜ ପଦାର୍ଥ ଯଥା- ଲୁହା, ବକ୍ସାଇଟ୍‌ର ଆବଶ୍ୟକତା ବଢ଼ିଚାଲିବା ଦ୍ୱାରା ଖଣି ଖାଦାନ ଖୋଲା କାର୍ଯ୍ୟମାନ ଦେଶର ବିଭିନ୍ନ ସ୍ଥାନ ଦ୍ରୁତଗତିରେ ଚାଲୁ ରହିଛି । ଫଳରେ ପରିବେଶ ଦୂଷିତ ହୋଇ ସନ୍ତୁଳିତ ଅବସ୍ଥା ହରାଇ ବସିଛି ।

ଗତ ଜାନୁୟାରୀ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଆଗାମୀ ଦଶବର୍ଷ ଯୋଜନାରେ ମଟରଗାଡ଼ି ଶିଳ୍ପରେ ଭାରତ ପୃଥିବୀରେ ଜଗତୀକରଣ ଯୋଗୁଁ ଗାଡ଼ି ଉତ୍ପାଦନ କ୍ଷେତ୍ରରେ ସଜାଇବା, ସୁକ୍ଷ୍ମ ଯନ୍ତ୍ରପାତି ତିଆରି କ୍ଷେତ୍ରରେ ବୈପ୍ଳବିକ ଲାଭ ପାଇବ, ଯାହାକି ୨୦୧୬ ମସିହା ବେଳକୁ ୧୪୫ ବିଲିୟନ ଆମେରିକୀୟ ଡଲାରର ବାଣିଜ୍ୟ କରିବ । ସ୍ୱତନ୍ତ୍ର ଅର୍ଥନୈତିକ ଜୋନ ଗଠନ

ଦେଶର ବିଭିନ୍ନ ମହାନଗରୀ ଯଥା, ଚେନ୍ନାଇ, ମୁମ୍ବାଇ ଏବଂ କଲିକତା ଭଳି ସ୍ଥାନମାନଙ୍କରେ ଗଢ଼ି ଉଠିବ । ବର୍ତ୍ତମାନ ଭାରତର ମଟର ଯାନ ଶିଳ୍ପ ୧୦ ବିଲିୟନ ଗାଡ଼ି ପ୍ରତିବର୍ଷ ଉତ୍ପାଦନ କରନ୍ତି । ବିଶ୍ୱରେ ୬୬.୪୬ ମିଲିୟନ ଗାଡ଼ି ବଜାରରେ ବିକ୍ରୟ ହୁଅନ୍ତି ।

ସରକାରଙ୍କର ମଟର ଗାଡ଼ି ଶିଳ୍ପ ଯୋଜନାର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ବର୍ଷ ୫୦ ମିଲିୟନ ଗାଡ଼ି ଉତ୍ପାଦନ କରିବା । ଯେଉଁ ସମୟରେ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଏବଂ ତୈଳର ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଛି, ସେସମୟରେ କାର ଶିଳ୍ପ ପାଇଁ ବିଶ୍ୱକୁ ଉତ୍ପାଦନର ପେଣ୍ଠସ୍ଥଳୀ କରିବା ବିଶେଷଭାବେ ଦୁଃଖଦାୟକ । ଜମି ଅଧିଗ୍ରହଣ ଆଇନ କରି ଶିଳ୍ପ ପାଇଁ ଜମି ଅକ୍ତିଆର କରିବା ଏବଂ ତତ୍‌ସକାଶେ ଜମିବିବାଦ ସୃଷ୍ଟି ହୋଇ ନିରୀହ ଜନତା ମରିବା ଅତ୍ୟନ୍ତ ପରିତାପର ବିଷୟ । ତେଣୁ ଯେତେ ଶିଳ୍ପ, ସେତେ ପରିବେଶ ପ୍ରଦୂଷଣ ଓ ତାହା ସହିତ ସେତିକି ପରିମାଣ ଜନ ଅସନ୍ତୋଷ ଜନିତ ବିବାଦମାନ ବଢ଼ିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ଆଜି ଆମ ଦେଶ ଶକ୍ତି ଉତ୍ପାଦନ ପାଇଁ ଦୋ ଛକିର ରାସ୍ତାରେ ଠିଆ ହୋଇଛି । ଆମର ଏହି ମହାନ ସଭ୍ୟତା ସମ୍ପୂର୍ଣ୍ଣ ଦେଶ ନିଜର ବହୁମୁଖୀ ଅକ୍ଷୟ ଶକ୍ତି ତଥା ଉତ୍ସ ତିଆରି ସମ୍ପର୍କରେ ଚିନ୍ତା କରିବା ଦରକାର ଯଥା ସଂସ୍କୃତି ଭିତ୍ତିକ ଶକ୍ତି ବା ଉତ୍ସ, ଜନଶକ୍ତି, ସୌରଶକ୍ତି, ପଶୁଶକ୍ତି ତଥା ଏହି ସଂଲଗ୍ନ ଜୈବବିବିଧତା, ଜୈବବସ୍ତୁର ଉନ୍ନତିକରଣ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ଉପଲବ୍ଧ ହେଲାଣି । ଭାରତବର୍ଷର ଆଭିଜାତ୍ୟ ସମ୍ପୂର୍ଣ୍ଣ ନବପିଢ଼ି ଜୀବାଶ୍ମ ଇନ୍ଧନ ତଥା ପେଟ୍ରୋଲ, ଡ଼ିଜେଲ୍ ବହୁଭାବେ ବ୍ୟବହାର କରୁଛନ୍ତି ଏବଂ ସେମାନଙ୍କ ଉପରେ ନୂତନ ବିଶ୍ୱବ୍ୟାପ୍ତି ପ୍ରୀତି ପ୍ରଭାବ ବଢ଼ିଚାଲିଛି । ଫଳରେ ଗ୍ରାମ୍ୟ ଜୀବନ ଗୋଷ୍ଠୀବାଦ ତଥା ଜଳବାୟୁ ଉପରେ ଗୋଳମାଳିଆ ପରିସ୍ଥିତିକୁ ବଢ଼ାଇଚାଲିଛି ।

ବର୍ତ୍ତମାନ ଦୁଇପ୍ରକାର ଢ଼ାଞ୍ଚା ବା କଳ୍ପିତ ରୂପରେଖ ଆମ ପାଖରେ ଠିଆ ହୋଇଛି ଏବଂ ଏହା ଉପରେ ବିତର୍କ ଚାରିଆଡ଼େ ଚାଲିଛି । ସେଗୁଡ଼ିକ ହେଲା, ଶକ୍ତି, ଜଳବାୟୁ ଭାରତଭଳି ବିକାଶଶୀଳ ଦେଶ ସମୂହଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା । ଗୋଟିଏ ରୂପରେଖ ହେଲା, 'ବିକାଶ' ପାଇଁ ଯୁଦ୍ଧକାଳୀନ ବ୍ୟବସ୍ଥା, ଜଳବାୟୁ ତଥା ପରିବେଶର ସୁରକ୍ଷା ପାଇଁ ଚିନ୍ତା ଚାଲିଥିବାବେଳେ ବିକାଶ ନାମରେ ବିଷାକ୍ତ ଗ୍ୟାସର ବହୁଳ ନିର୍ଗତ କରିବା, ବେଶୀ ବେଶୀ ଜଳବାୟୁ ସମ୍ପର୍କିତ ଗୋଳମାଳିଆ ପରିସ୍ଥିତି ଏବଂ ବେଶୀ ପରିମାଣରେ ଦୁର୍ବଳ ହୋଇ ପଡୁଥିବା ଜୈବ ବିବିଧତାକୁ କଦାପି କମ୍ ପରିମାଣର ବିଷାକ୍ତ ଗ୍ୟାସ ନିର୍ଗମନ, ଶିଳ୍ପ ପ୍ରତିଷ୍ଠା ଦ୍ୱାରା ସୁରକ୍ଷା ଦେଇହେବ ନାହିଁ । ଜଳବାୟୁ ତଥା ପରିବେଶ ପ୍ରତି ବର୍ବରତାପୂର୍ଣ୍ଣ ଆଚରଣ ନ କରିବା ହିଁ ସମୟର ଆହ୍ୱାନ । ଶିଳ୍ପାୟନରେ ପରବର୍ତ୍ତୀ ବିକାଶ ସମ୍ପର୍କରେ ନମୁନାକୁ ଚିନ୍ତା କରିବା ଜରୁରୀ ? ଦ୍ୱିତୀୟ ରୂପରେଖ ହେଉଛି ଜଳବାୟୁ ସଂପର୍କୀୟ ନ୍ୟାଯ୍ୟ ଚିନ୍ତାଧାରା ଆବଶ୍ୟକ । ଯଥାଯଥ ସନ୍ତୁଳିତ ପରିବେଶ ରୂପରେଖ ହେଉଛି, ଆବଶ୍ୟକତାଠାରୁ ଅଧିକ ପ୍ରଦୂଷଣ କରିବାକୁ ଆଦୌ ବୁଝାଏ ନାହିଁ ।

ଜଳବାୟୁ ତଥା ପରିବେଶର ସୁରକ୍ଷା ବା କ୍ଷୁଧା ନିବାରଣ ପାଇଁ ଯୋଜନା ପ୍ରାୟତଃ ଏକାଭଳି । ଜୀବନ ଜୀବିକାର ସଠିକ୍ ସୁରକ୍ଷା କର୍ମ ସଂସ୍ଥାନ ଜୈବିକ ଅର୍ଥନୀତିକୁ ଗୁରୁତ୍ୱ ଦେଲେ ଲାଭାନ୍ୱିତ ଉପଭୋଗ ବାଦରୁ ଦୂରରେ ରହିଲେ ପରିବେଶ ସୁରକ୍ଷା ସଠିକ୍ ଭାବେ ହୋଇପାରିବ । ଖାଦ୍ୟ ଅର୍ଥନୈତିକ ସୁରକ୍ଷା ଏବଂ ଶକ୍ତି ସମାନତା ସୁରକ୍ଷା ପାଇବାର ସଠିକ ଆଭାସ ହେଉଛି ବେଶୀ କୃଷିଭିତ୍ତିକ ଫାର୍ମ ତିଆରି କରିବା । ଯେଉଁଥିରେ ଲୋକମାନେ ନିଯୁକ୍ତି ପାଇବା ସହ ଗୁଜୁରାଣ ମେଣ୍ଟାଇପାରିବେ । ବଡ଼ ବଡ଼ କୃଷିକ୍ଷେତ୍ରରେ ଯନ୍ତ୍ରପାତି, ରାସାୟନିକ ପ୍ରୟୋଗ ବ୍ୟବହାର କରିବା ଦ୍ୱାରା ସବୁଜ ଗୃହ ଗ୍ୟାସ ବୃଦ୍ଧି କରିଥାଏ ।

ତେଣୁ ସମୟର ଆହ୍ୱାନ ଯେ ସ୍ଥାନୀୟ ପଦ୍ଧତିକୁ ଅନୁସରଣ କରି ଖାଦ୍ୟ ସୁରକ୍ଷା ପାଇବା ପାଇଁ ଚେଷ୍ଟା କରିବା ଏବଂ ଜଗତୀକରଣ ଦ୍ୱାରା ଉତ୍ପାଦନଠାରୁ ସଠିକ୍ ଦୂରତ୍ୱ ରଖିବା । ବହୁ ଦୂରଦେଶରୁ ତଥା ସ୍ଥାନରୁ ଆସୁଥିବା ବାଣିଜ୍ୟିକ ପଦାର୍ଥ କାର୍ବନ୍ ଗ୍ୟାସ ବୃଦ୍ଧି କରାଏ ଏବଂ ପରିବେଶ ତଥା ଜଳବାୟୁକୁ ପ୍ରଭୂତ କ୍ଷତି ପହଞ୍ଚାଏ । ତେଣୁ ଖାଦ୍ୟ ପାଇଁ ସ୍ଥାନୀୟ କୃଷି ଉତ୍ପାଦନ ଓ ସ୍ଥାନୀୟ ବଜାରକୁ ସୃଷ୍ଟି କରିପାରିଲେ ସୁସ୍ଥ ନିରାପଦ ବିଶ୍ୱକୁ ଆମେ ପାଇ ପାରିବା । ତେଣୁ ପରିବେଶ ଓ ଜଳବାୟୁର ସୁରକ୍ଷା କରିବାକୁ ହେଲେ ଭାରତବର୍ଷରେ ଛୋଟ ଓ ମଧ୍ୟମ ଧରଣର କୃଷି କ୍ଷେତ୍ର ଓ କୃଷକମାନଙ୍କୁ ସମସ୍ତ ସୁରକ୍ଷା ଦେବା ଯଦି ଏହି କ୍ଷୁଦ୍ର ଚାଷୀମାନଙ୍କ ଜୀବିକା ଓ ଜୀବନ ସୁରକ୍ଷିତ ରହେ ତେବେ ବେପାର ବାଣିଜ୍ୟର ରୂପରେଖ ଉଲ୍ଲେଖନୀୟ ଭାବେ ପରିବର୍ତ୍ତନ ହେବ । ତେଣୁ ବେଳ ଥାଉ ଥାଉ ଚିନ୍ତା କଲେ ଆମର ଅସନ୍ତୁଳିତ ହୋଇପଡ଼ିଥିବା ପରିବେଶ ସଜାଡ଼ି ହେବ ଏଥିରେ ସନ୍ଦେହ ନାହିଁ ।

ଆଇନ ଅଧ୍ୟାପକ
ଜି.ଏମ୍.ଲ କଲେଜ
ଶ୍ରୀବିହାର, ପୁରୀ, ୭୫୨୦୦୩

# ସନାତନ ଧର୍ମ ଏବଂ ସଂସ୍କୃତିର ପ୍ରତୀକ : ଦୋଳ ଓ ହୋଲି

**ନଗେନ୍ଦ୍ର ନାଥ ପଟ୍ଟନାୟକ**

ଆମ ସନାତନ ଧର୍ମ ଓ ସଂସ୍କୃତିରେ ଫାଲ୍‌ଗୁନ ପୂର୍ଣ୍ଣିମା ଭାବେ ସର୍ବଜନବିଦିତ । ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରୁ ଏହି ପର୍ବର ମହତ୍ତ୍ୱ ଅନନ୍ୟ । ମଧୁମାସଭାବେ ପରିଚିତ ଫାଲ୍‌ଗୁନ ମାସରେ ପାଳନ କରାଯାଏ ଏ ପର୍ବ । କେବଳ ଶ୍ରୀକ୍ଷେତ୍ରରେ ନୁହେଁ, ସମଗ୍ର ଭାରତବର୍ଷରେ ଏହି ଉତ୍ସବ ପାଳନ କରାଯାଏ ମହାସମାରୋହରେ । ଋତୁରାଜ ବସନ୍ତର ଆଗମନ, ଫାଲ୍‌ଗୁନ ପୂର୍ଣ୍ଣମୀ ଓ ମଦନ ମୋହନ ପୂଜାର୍ଚ୍ଚନା ଏକକାଳୀନ ହୋଇଥିବାରୁ ଏହାକୁ ଯଥାକ୍ରମେ ବସନ୍ତ ମହୋତ୍ସବ, ଫଲଗୁ ଉତ୍ସବ ଓ ମଦନ ମହୋତ୍ସବ ବୋଲି ଅଭିହିତ କରାଯାଏ । ଶ୍ରୀକୃଷ୍ଣଙ୍କ ଅତିପ୍ରିୟ ଉତ୍ସବ ହେଉଛି ଫାଲ୍‌ଗୁନ ମାସରେ ଅନୁଷ୍ଠିତ ଏହି ବସନ୍ତ ଉତ୍ସବ । ଶ୍ରଦ୍ଧାଳୁ ଭକ୍ତ ଓ ଯାତ୍ରୀମାନେ ରାଧାକୃଷ୍ଣଙ୍କ ମନକୁ ଉଲ୍ଲାସ ବା ପ୍ରସନ୍ନ ରଖିବା ଉଦ୍ଦେଶ୍ୟରେ ଏହି ଯାତ୍ରାରେ ନିମଗ୍ନ ରହନ୍ତି । ପରମାତ୍ମା ମିଳନର ଏହି ପର୍ବ ପାଳନ ଦ୍ୱାରା ମନୁଷ୍ୟର ଆତ୍ମାରୁ କାଳିମା, କଳୁଷ ପ୍ରକ୍ଷାଳିତ ହୋଇ ମାନବାତ୍ମା ରୂପାନ୍ତରିତ ହୋଇଯାଏ ପରମାତ୍ମାରେ । ଆପଣାକୁ ନାଶବାନ ନମଣି ନରକୁ ନାରାୟଣରେ ପରିଣତ କରାଇ ପାରିଲେ ସେହି ପରମାତ୍ମା ପରମେଶ୍ୱରଙ୍କର ଶାଶ୍ୱତ ଚିରନ୍ତନ ପ୍ରେମକୁ ଲାଭ କରିପାରିବ ବୋଲି ରହିଛି ଅଖଣ୍ଡ ବିଶ୍ୱାସ । ଶୁକ୍ଳପକ୍ଷ ଦଶମୀ ତିଥିରୁ ଏହି ପର୍ବ ଆରମ୍ଭ ହୋଇ ପାଞ୍ଚଦିନ ପର୍ଯ୍ୟନ୍ତ ଚାଲେ । ଦଶମକୁ ଫଗୁ ଦଶମୀ, ଏକାଦଶମୀକୁ ଦୋଳ ଏକାଦଶୀ, ପୂର୍ଣ୍ଣମୀକୁ ଦୋଳ ପୂର୍ଣ୍ଣମୀ, ପୂର୍ଣ୍ଣମୀ ପରେ ପାଞ୍ଚଦିନ ପର୍ଯ୍ୟନ୍ତ ଫଗୁଦୋଳ ଓ ପୂର୍ଣ୍ଣମୀ ପରଦିନ ହୋଲି ଉତ୍ସବ ପାଳନ କରାଯାଏ ।

ଆମ ପରମ୍ପରା ଓ ସଂସ୍କୃତିରେ ଦୋଳ ଯାତ୍ରା ହେଉଛି ସର୍ବପ୍ରାଚୀନ । ପ୍ରାରମ୍ଭରେ ଏହି ପର୍ବ ଉତ୍ତର ଭାରତରେ ପାଳନ ହେଉଥିଲା ରାଧାକୃଷ୍ଣଙ୍କ ଉପାସନା ପାଇଁ । ଏହା ସହିତ ଶ୍ରୀକୃଷ୍ଣଙ୍କର ଅତିପ୍ରିୟ ଗୋ-ବତ୍ସାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଉଥିଲା ଏହି ଉତ୍ସବରେ । ବୃନ୍ଦାବନରେ ଋତୁରାଜ ବସନ୍ତର ଆଗମନକୁ ନେଇ ବସନ୍ତ ରାସ ଉତ୍ସବ ଅନୁଷ୍ଠିତ ହେଉଥିଲା । ଗୋପାଙ୍ଗନାମାନଙ୍କ ହର୍ଷୋଲ୍ଲାସରେ ଏହା ଆହୁରି ପ୍ରାଣବନ୍ତ ହୋଇ ଉଠୁଥିଲା । ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ବୃନ୍ଦାବନରେ ଯମୁନା ନଦୀ ତଟରେ ଏହି ପବିତ୍ର ପୂର୍ଣ୍ଣିମା ଦିନ ଗୋପନାରୀମାନେ ଶ୍ରୀକୃଷ୍ଣଙ୍କୁ ଝୁଲଣରେ ବସାଇ ଝୁଲାଉ ଥିଲେ । ତେଣୁ ଏହା ବାସନ୍ତିକ ରାସ ନାମରେ ଅଭିହିତ । ଅନ୍ୟଏକ ପୌରାଣିକ ବ୍ୟାଖ୍ୟାନ ଅନୁଯାୟୀ ଶ୍ରୀକୃଷ୍ଣ ଫଗୁଣ ପୂର୍ଣ୍ଣମୀରେ ଝୁଲଣରେ ଉପବେଶନ କରିଥିବାରୁ ଏହା ଦୋଳଗୋବିନ୍ଦ ନାମରେ କଥିତ । ରାଧିକା ଏହି ଦିନ ଗୋପାଙ୍ଗନାଙ୍କ ଗହଣରେ ଶ୍ରୀକୃଷ୍ଣଙ୍କ ସହ ଫଗୁ ଖେଳିଥିଲେ । ତେଣୁ ଫଗୁ ଦଶମୀ, ଫଗୁଣ ପୂର୍ଣ୍ଣମୀ ଓ ଫଗୁ ବା ଅବିର ଖେଳରେ ଏସବୁ ସ୍ମୃତି ଜୀବନ୍ତ ରୂପେ ଫୁଟି ଉଠି ପରିବେଶ ଆଧ୍ୟାତ୍ମିକତାର ନବଚେତନା ଲାଭ କରିଥାଏ । କାଳକ୍ରମେ ଆର୍ଯ୍ୟ ସଂସ୍କୃତିର ବହୁଳ ପ୍ରସାର ଓ ପ୍ରଚାର ଫଳରେ ଏହି ପର୍ବ ଓଡ଼ିଶାକୁ ସଂପ୍ରସାରିତ ହୋଇଥିଲା । ଶ୍ରୀଚୈତନ୍ୟଙ୍କ ଆଗମନ ପରେ ଏହି ପର୍ବ ଉତ୍କଳୀୟ ସଂସ୍କୃତିରେ ପ୍ରଭାବ ବିସ୍ତାର ଲାଭ କଲା ଶ୍ରୀଚୈତନ୍ୟଙ୍କ ଜନ୍ମ ଫଗୁ ଦଶମୀ ଦିନ ହୋଇଥିବାରୁ ସେହିଦିନଠାରୁ ଏହି ପର୍ବ ପାଳନର ସୂତ୍ରପାତ ହୋଇଥିଲା । ଏତଦ୍‌ବ୍ୟତୀତ, ମାଦଳା ପାଞ୍ଜିର ସବିଶେଷ ବର୍ଣ୍ଣନାନୁସାରେ ଏହି ଉତ୍ସବ ବ୍ରହ୍ମାଙ୍କ ଆଦେଶକ୍ରମେ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଚୋଳଗଙ୍ଗ ଦେବଙ୍କ ରାଜତ୍ୱ କାଳରୁ ସମାହିତ ହୋଇ ଆସୁଥିବା ଏହି ଯାତ୍ରା ଶ୍ରୀମନ୍ଦିରରେ ଦଶମୀଠାରୁ ଆରମ୍ଭ ହୋଇଥାଏ । ଦଶମୀ ଦିନ ମଧ୍ୟାହ୍ନ ଧୂପ ଉତ୍ତାରୁ ଜୀଉଙ୍କୁ ଚାଚେରୀ ବେଶରେ ସୁଶୋଭିତ କରାଯାଇଥାଏ । ଚାଚେରୀ ଭୋଗ ଲାଗିବା ପରେ ପ୍ରସାଦ ଲାଗି, ଷୋଡଶ ଉପଚାର, ପୂଜା ବନ୍ଦାପନା, ଫଗୁ ଅଞ୍ଜଳି ହୋଇଥାଏ । ଦଶମୀଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ଏହିପରି ରୀତି ତଥା ବିଧିରେ ଏହି ଉତ୍ସବ ପାଳିତ ହୋଇଥାଏ । ଚତୁର୍ଦ୍ଦଶୀ ଦିନ ମଧ୍ୟାହ୍ନ ଧୂପ, ଫଗୁଲାଗି ହୋଇଥାଏ ଏବଂ ଗୃହରେ ଅଗ୍ନି ସଂଯୋଗ ପରେ ସାତ ଥର ପ୍ରଦକ୍ଷିତ କରାଯାଇ

ଠାକୁରଙ୍କୁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଏ । ଏହା ରାଜାଗ୍ନି ନାମରେ ପରିଚିତ । ଯେଉଁ ଶ୍ରଦ୍ଧାଳୁ ଭକ୍ତମାନେ ଏହି ଉତ୍ସବକୁ ସଂଦର୍ଶନ କରନ୍ତି, ସେମାନେ ସ୍ୱଦେହରେ ବୈକୁଣ୍ଠଧାମ ଗମନ କରନ୍ତି ବୋଲି ହିନ୍ଦୁମାନଙ୍କର ଅଖଣ୍ଡ ବିଶ୍ୱାସ ରହିଛି । ଏତଦ୍‌ଭିନ୍ନ, ଶ୍ରୀରାଧାଙ୍କର ହଜି ଯାଇଥିବା ଅଳଙ୍କାର ଶ୍ରୀକୃଷ୍ଣଙ୍କର ହସ୍ତଗତ ହେବା ଓ ଏହି ଘଟଣାକୁ କେନ୍ଦ୍ର କରି ରାଧାଙ୍କ ସହ ମିଳନ ହେବା ପାଇଁ ସେ ଏ ଯାତ୍ରାର ଆୟୋଜନ କରିଥିବା ପୌରାଣିକ ଆଖ୍ୟାନରୁ ଜଣାଯାଏ ।

ଓଡ଼ିଶାର ପୁରପଲ୍ଲୀରେ ଦୋଳଯାତ୍ରା ମହାସମାରୋହରେ ପାଳନ ହୋଇଥାଏ । ଶ୍ରୀକୃଷ୍ଣଙ୍କର ଚଳନ୍ତି ବିଗ୍ରହ ବା ପ୍ରତିମାକୁ ରାତ୍ରିର ଦ୍ୱିତୀୟ ପ୍ରହର ପରେ ଏକ ସୁସଜ୍ଜିତ ବିମାନରେ ବିଜେ କରାଯାଇ କୀର୍ତ୍ତନ, ତାଳ, ବାଦ୍ୟ, କାହାଳୀ ନାଦରେ ଗ୍ରାମ ପରିକ୍ରମା କରାଯାଇ ଆଲଟ ଚାମର ବୁଲାଯାଏ । ଗାଁ ଗଣ୍ଡାର ନରନାରୀଙ୍କ ଶଙ୍ଖ, ହୁଳହୁଳି ନାଦରେ ସମଗ୍ର ପରିବେଶ ଉତ୍ସବ ମୁଖରିତ ହୋଇଉଠେ । ମହିଳାମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଭୋଗ ନୈବେଦ୍ୟ ସମର୍ପଣ କରି ଭକ୍ତିରେ ବନ୍ଦାପନା କରିଥାନ୍ତି ଏହି ବିମାନକୁ । ଏହିପରି ଭାବରେ ପାଞ୍ଚଦିନ ବ୍ୟାପୀ ଏହି ଆଧ୍ୟାତ୍ମିକ ପରିବେଶ ଲୋକଙ୍କ ଧର୍ମଭାବନାକୁ ବ୍ୟାପକ ଭାବେ ଭଗବତ୍ ମୁଖୀ କରାଇଥାଏ ।

ଏହିଦିନ ଋତୁରାଜ ବସନ୍ତ ପ୍ରକୃତିର ଅବର୍ଣ୍ଣନୀୟ ଶୋଭା ସମ୍ଭାର ନେଇ ଧରାପୃଷ୍ଠକୁ ଆଗମନ କରିଥାନ୍ତି । ବଉଳ ପୁଷ୍ପର ସୁରଭି, ଆମ୍ର ବୃକ୍ଷର କଅଁଳିଆ ଆମ୍ରକଷିର ମହକ ଚତୁର୍ଦ୍ଦିଗକୁ ସଂଚରିତ ହୋଇଯାଏ । ମଳୟ ପବନର ମୃଦୁସ୍ପର୍ଶ ପାଇ ନବପଲ୍ଲବ ହସ ଝରାଇଥାନ୍ତି । କୋକିଳର କୁହୁତାନ ମନ ପ୍ରାଣରେ ସୃଷ୍ଟି କରିଥାଏ ଅପୂର୍ବ ଉନ୍ମାଦନା, ଢାଳି ଦିଏ ଶାନ୍ତିର ପୀୟୁଷ । ଏହି ଯାତ୍ରା ସଭିଙ୍କ ମନ ପ୍ରାଣରେ ଭରି ଦିଏ ଅଫୁରନ୍ତ ତଥା ଅପାର ଆନନ୍ଦ । ସୃଷ୍ଟି କରେ ଅପୂର୍ବ ପୁଲକ ଆଉ ରଙ୍ଗାଇଦିଏ ଉନ୍ମାଦନାର ରଙ୍ଗ ।

ପଶ୍ଚିମ ଓଡ଼ିଶାରେ ଏହା ହୁଏଲ ପୂଜା ପର୍ବ ଭାବେ ପ୍ରସିଦ୍ଧ । ଗଉଡ ସମ୍ପ୍ରଦାୟ ନିଆରା ଢଙ୍ଗରେ ପାଳନ କରିଥାନ୍ତି ଏହି ପର୍ବକୁ । ଏହିଦିନ ସେମାନେ ଗୋ-ମାତା ସେବା ଅତି ନିଷ୍ଠାର ସହ ସମାପନ କରିଥାନ୍ତି । ନୂତନ ବସ୍ତ୍ର ପରିଧାନ କରି ଗାଁ ଦାଣ୍ଡରେ ବିଭିନ୍ନ କିସମର ଲହଡି ଖେଳ ପ୍ରଦର୍ଶନ କରିଥାନ୍ତି । ଯାତ୍ରାର ଅନ୍ତିମ ଦିବସରେ ଗ୍ରାମବାସୀମାନେ ହସ୍ତରେ ଶୁଷ୍କ କାଷ୍ଠ, କୁଟା କୌଣସି ସ୍ଥାନରେ ସ୍ତୁପ ଆକାରରେ ଗଦା କରିଥାନ୍ତି ଏବଂ ପୁରୋହିତଙ୍କ ପୂଜାପାଠ, ମନ୍ତ୍ର ଉଚ୍ଚାରଣରେ କାଷ୍ଠ କାଠିରେ ଅଗ୍ନି ସଂଯୋଗ କରାଯାଇ ଶ୍ରଦ୍ଧାଳୁ ଭକ୍ତମାନେ ସାତ୍ତ୍ୱିକ ମନରେ ଠାକୁରଙ୍କ ସ୍ତୁତି ବା ପ୍ରଶସ୍ତି ଗାନ କରିଥାନ୍ତି ।

ଏହି ପବିତ୍ର ଦିବସରେ ଓଡ଼ିଶାରେ କେତେକ ସ୍ଥାନରେ ମେଣ୍ଢାକୁଡିଆ ଦହନ କରାଯାଇଥାଏ । ପୌରାଣିକ ଆଖ୍ୟାୟିକା ଅନୁସାରେ ଦ୍ୱାପର ଯୁଗରେ ବୃନ୍ଦାବନରେ ମେଣ୍ଢା ନାମକ ଜଣେ ରାକ୍ଷସ ଥିଲା । ତାର ଅତ୍ୟାଚାର ବା ଉପଦ୍ରବରେ ସମସ୍ତ ନରନାରୀ ଅତିଷ୍ଠ ହୋଇଉଠିଲେ । ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନବାସୀଙ୍କୁ ରାକ୍ଷସ ଦାଉରୁ ଉଦ୍ଧାର କରିବାକୁ ଯାଇ ଏହିଦିନ ମେଣ୍ଢା ଦୈତ୍ୟକୁ ନିଧନ କରିଥିଲେ । ଏହି ଅବସରରେ ନଗରବାସୀ ଶୋଭାଯାତ୍ରାରେ ଗମନ କରି ମେଣ୍ଢା ରାକ୍ଷସ ଦହନ କରିଥିଲେ । ସେହି ସ୍ମୃତିକୁ ଲୋକଙ୍କ ମାନସପଟରେ ଉଜ୍ଜୀବିତ କରାଇବା ପାଇଁ ଏବେବି ମେଣ୍ଢା କୁଡିଆ ପର୍ବ ପାଳନ କରାଯାଉଅଛି ।

ଦୋଳରେ ଦୋଳଗୋବିନ୍ଦ, ଚାପରେ ମଧୁସୂଦନ ଓ ରଥରେ ବାମନକୁ ଅବଲୋକନ କଲେ ପୁଣ୍ୟ ଲାଭ ହୁଏ ବୋଲି ପୁରାଣରେ ସବିଶେଷ ବର୍ଣ୍ଣନା ରହିଛି । ସାଂସ୍କୃତିକ ପରମ୍ପରାର ବାର୍ତ୍ତାବହ ଫଗୁଦଶମୀ, ଦୋଳଯାତ୍ରା, ହୋଲିପର୍ବ ଆଖଡା ପୋଡି ଓଡ଼ିଶାରେ ଜନାଦୃତ ବା ଲୋକପ୍ରିୟ ଅଥବା ସାର୍ବଜନୀନ ପର୍ବ ଭାବେ ପାଳିତ ।

ପୂର୍ଣ୍ଣମୀ ପରଦିନ ହୋଲିପର୍ବ ପାଳନ କରାଯାଏ । ଓଡ଼ିଶାରେ ହୋଲି ଖେଳ ଦୋଳ ପୂର୍ଣ୍ଣିମା ଦିନଠାରୁ ହିଁ ଆରମ୍ଭ ହୋଇଥାଏ । ଇଂରାଜୀରେ ହୋଲି ଶବ୍ଦର ଅର୍ଥ ପବିତ୍ରତା । ଏହା ପରମ ସୁଖ, ଶାନ୍ତି, ଆନନ୍ଦ, ପ୍ରେମ, ପବିତ୍ରତା, ଜ୍ଞାନ ଓ ଶକ୍ତିର ସମାହାର ପରମାତ୍ମା ରଙ୍ଗରେ ରଙ୍ଗାୟିତ ହୋଇ ନିରନ୍ତର ଅତିନ୍ଦ୍ରିୟ ସୁଖରେ ଝୁମିବାର ଏକ ଦୃଷ୍ଟାନ୍ତ ମାତ୍ର । ଏହାର ମୂଳମନ୍ତ୍ର ପବିତ୍ରତା ଓ ଆତ୍ମିକ ସ୍ମୃତି, ଯଦ୍ୱାରା ମୁକ୍ତି ଓ ଜୀବନ ମୁକ୍ତିର ପଥ ସୁଗମ ହୋଇଥାଏ । ଏହା ହିଁ ହୋଲି ପର୍ବର ମହାତ୍ମ୍ୟ । ଭୌତିକ ରଙ୍ଗ ବିକାରର ପ୍ରତୀକ । ଏହା ଶରୀର, ମନ ଓ ମୁଖମଣ୍ଡଳକୁ ବିବର୍ଣ୍ଣ, ବିକୃତ କରୁଥିବା ବେଳେ ପରମାତ୍ମା ରଙ୍ଗ ମନୁଷ୍ୟକୁ ନର୍ବିକାରରେ ପରିଣତ କରିଥାଏ । ମାନବାତ୍ମାକୁ ଦେବାତ୍ମାରେ ପରିଣତ କରାଇ ଦିବ୍ୟ ଶରୀର ପ୍ରଦାନ କରିବାରେ ସକ୍ଷମ ହୋଇଥାଏ । ଏହି ହୋଲି ଉତ୍ସବ ହିଁ ବସନ୍ତୋତ୍ସବ । ଏହି ସମୟରେ ପ୍ରକୃତି ନବଚେତନାରେ ପରିପୂର୍ଣ୍ଣତା ଲାଭ କରେ । ଭାରତୀୟ ସଂସ୍କୃତିରେ ବସନ୍ତ ଋତୁରେ ହୋଲି ଉତ୍ସବ ଖେଳକୁଦ ଓ ପ୍ରାକୃତିକ ରଙ୍ଗର ହୋଲି ଖେଳିବାର ଉତ୍ସବ । ସ୍ୱାସ୍ଥ୍ୟ ଉପରେ ଏହାର ଉତ୍ତମ ପ୍ରଭାବ ପଡିଥାଏ । ଏହି ଦିନରେ ପଳାଶ ଫୁଲ ରଙ୍ଗର ହୋଲି ଖେଳିବା ଦ୍ୱାରା ଶରୀରର ଗରମ ସହ୍ୟ କରିବାର କ୍ଷମତା ବୃଦ୍ଧିପାଏ ତଥା ମାନସିକ ସନ୍ତୁଳନ ବଜାୟ ରହିଥାଏ । ଶାସ୍ତ୍ରରେ ମଧ ପଳାଶ ଫୁଲରେ ହୋଲି ଖେଳିବା କଥା ଉଲ୍ଲେଖ ଅଛି । ଆୟୁର୍ବେଦ ଅନୁସାରେ ଏହା କଫ, କୁଷ୍ଠ ଓ ଦାହ, ମୂତ୍ର, ବାୟୁ

ଓ ରକ୍ତଦୋଷ ନାଶ କରିଥାଏ । ବସନ୍ତ ଋତୁର ଏହି ଅନୁପମ ହୋଲି ପର୍ବ ମୁକ୍ତି ପ୍ରଦାନ କରିବାର ଓ ମୁକ୍ତି ହେବାର ଦିବସ । ହୋଲି ଉତ୍ସବ ଆମକୁ ଏହି ସନ୍ଦେଶ ଦିଏ ଯେ, ଆମେ ମଧ୍ୟ ଆମ ଜୀବନରେ ଆସୁଥିବା ବାଧା ବିଘ୍ନ ପାଦରେ ଦଳି ଆଗକୁ ଅଗ୍ରସର ହେବା, ପରମାତ୍ମା ସହ ଯୋଗର ଲାଭ ଉଠାଇ ସବୁ ସମସ୍ୟାରୁ ପାର ହୋଇଯିବା । ଏହି ହୋଲି ଦିନ ସଙ୍କୁଚିତ ଓ ଅହଂକାରୀ ମନ ଏବଂ ଦୂଷିତ ଓ ଶୁଦ୍ଧ ମନ ସବୁ ଅମନ ହୋଇ ପ୍ରଭୁଙ୍କର ରଙ୍ଗରେ ରଙ୍ଗେଇ ହେବା ପାଇଁ ପ୍ରସ୍ତୁତ ହୋଇଥାନ୍ତି । ହୋଲି ଉତ୍ସବ ମନକୁ ସ୍ୱତନ୍ତ୍ରତା ପ୍ରଦାନ କରେ । ଐତିହାସିକ ଦୃଷ୍ଟିକୋଣରୁ ଦେଖିଲେ ହୋଲି ପର୍ବର ମହତ୍ୱ ସର୍ବଜନବିଦିତ । ହୋଲିର ଅଗ୍ନିରେ ଅଧାଭଜା ଚଣା ଓ ଶସ୍ୟକୁ ପ୍ରସାଦ ରୂପେ ବିତରଣ କରାଯିବାର ପ୍ରାଚୀନ ପରମ୍ପରା ହେତୁ ସମ୍ଭବତଃ ଏ ଉତ୍ସବର ନାମ ହୋଲି ବୋଲି ଆଖ୍ୟା ଦିଆଯାଇଛି । ଏହା ସର୍ବବିଦିତ ଯେ ମାଧୁର୍ଯ୍ୟ ଅବତାର, ପ୍ରେମାବତାର ଭଗବାନ ଶ୍ରୀକୃଷ୍ଣ ନିଜର ଭକ୍ତକୁ ଆନନ୍ଦିତ, ଉଲ୍ଲସିତ କରିବା ଉଦ୍ଦେଶ୍ୟରେ ଏହି ମହୋତ୍ସବକୁ ଅବଲମ୍ବନ କରିଥିଲେ । ଆଧ୍ୟାତ୍ମିକ ବିଚାରରେ ଦେଖିଲେ ଏହିପର୍ବ ଆମକୁ ଅନ୍ତର୍ମୁଖୀ କରାଇ ଆତ୍ମା ସ୍ୱରୁପ ଆବରଣ ସମସ୍ତ ଦୁଷ୍ଟବାସନା ବା ବିକାରକୁ ଦହନ କରିବାର ସନ୍ଦେଶ ପ୍ରଦାନ କରିଥାଏ । ମନ୍ଦ ଉପରେ ଭଲର ବିଜୟ ହିଁ ଏହି ପର୍ବର ପ୍ରତୀକ ବା ସଙ୍କେତ । ଏହି ପର୍ବ ପାଳନ ମୂଳରେ ଏକ ତତ୍ତ୍ୱ ନିହିତ ଅଛି । ଏହି ତତ୍ତ୍ୱ ଅନୁସାରେ ହିରଣ୍ୟକାଶ୍ୟପଙ୍କ ମୃତ୍ୟୁପରେ ତାର ହୋଲିକା ନାମ୍ନୀ ଭଗିନୀର ନିଧନ ଏହି ଦିନରେ ହିଁ ହୋଇଥିଲା ଏବଂ ତାର ନିଧନ ପରେ ଲୋକ ଅତ୍ୟନ୍ତ ଉଲ୍ଲାସରେ ପୂର୍ଣ୍ଣମୀ ପର୍ବରେ ବଳକା ରହିଥିବା ଅବିରକୁ ନିଜନିଜ ମଧ୍ୟରେ ବୋଳାବୋଳି ହୋଇ ପରସ୍ପର ପରସ୍ପରକୁ ଆଲିଙ୍ଗନ କରିଥିଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, କଠୋର ତପସ୍ୟା ଓ ଅଧ୍ୟବସାୟ ବଳରେ ଆୟତ୍ତ କରାଯାଇଥିବା ଅଲୌକିକ ଶକ୍ତି କେବଳ ଜଗତ କଲ୍ୟାଣ ପାଇଁ ଅଭିପ୍ରେତ । ଏହି ଶକ୍ତିର ଅଧିକାରୀ ଅହଂକାରର ବଶବର୍ତ୍ତୀ ହୋଇ ଅମଙ୍ଗଳ, ଅଶୁଭ, ଅକଲ୍ୟାଣ ଭାବନାରେ ଏହାର ଦୁରୁପଯୋଗର ନିଷ୍ଫଳ ପ୍ରୟାସ ଦ୍ୱାରା ଅନ୍ତିମରେ ନିଜେ ହିଁ ଭସ୍ମୀଭୂତ ହେବା ସାର ହୋଇଥାଏ । ତେଣୁ ଦୋଳ ଓ ହୋଲି ପର୍ବର ଆଧ୍ୟାତ୍ମିକ ରହସ୍ୟକୁ ଉପଲବ୍ଧ କରିବା ଅର୍ଥ ପରମାତ୍ମାଙ୍କର ଦିବ୍ୟ ଅଲୌକିତ ଧରାବତରଣକୁ ମର୍ମେ ମର୍ମେ ଅନୁଭବ କରିବା ଏବଂ ଲୁଚ୍କାୟିତ ଭାବରେ ଥିବା ପଶୁ ପ୍ରବୃତ୍ତି ବା ବିକାରକୁ ଜ୍ୱାଳାମୁଖୀ ଅଗ୍ନିରେ ସମ୍ପୂର୍ଣ୍ଣ ଦହନ କରିବା ।

ପରମ୍ପରା ବା ବିଧି ଅନୁସାରେ ରାଧାକୃଷ୍ଣ ବିଗ୍ରହକୁ ସୁସଜ୍ଜିତ ବିମାନରେ ଉପବେଶନ କରାଯାଇ ଘର ଘର ପରିକ୍ରମା କରାଯାଇଥାଏ । ଚଳନ୍ତି ପ୍ରତିମାକୁ ଭୋଗ ନୈବେଦ୍ୟ ଆଦି ଅର୍ପଣ କରାଯାଏ ଏବଂ ଏହି ପବିତ୍ର ଦିବସରେ ଆବାଳବୃଦ୍ଧବନିତା ସମସ୍ତେ ରଙ୍ଗ ଖେଳରେ ମାତି ଉଠନ୍ତି । ଆମ ରାଜ୍ୟରେ ଗୋପାଳ ସମ୍ପ୍ରଦାୟ ଲୋକଙ୍କ ପାଇଁ ଏହା ଏକ ମହାନ ପର୍ବ । ହୋଲି ଦିନ ବା ରାତ୍ରି ବେଳା ସେହି ସମ୍ପ୍ରଦାୟର ଲୋକମାନେ ବାଡି ସାହାଯ୍ୟରେ ଗୀତଗାନ କରି ଲହଡି ଖେଳ ପ୍ରଦର୍ଶନ କରିଥାନ୍ତି । ଏହାକୁ ମଧ୍ୟ ଦାଣ୍ଡି ଖେଳ କୁହାଯାଏ । ରାତ୍ରିରେ ଦୋଳ ବିମାନକୁ ଝୁଲଣ ମଣ୍ଡପରେ ଝୁଲାଯାଏ । କେତେକ ସ୍ଥାନରେ ନଡାକୁଟାରେ ଅଗ୍ନି ସଂଯୋଗ କରି ତା ଚତୁର୍ଦ୍ଦିଗରେ ବିମାନକୁ ପ୍ରଦକ୍ଷିଣ କରାଯାଏ । ଏହାର ଅର୍ଥ ହେଲା ଦୁଷ୍ଟ ଶକ୍ତିର ବିନାଶ ଓ ସତ୍ୟ ଧର୍ମର ଜୟ । ଏହିଦିନ ଲୋକମାନେ ପରସ୍ପର ମଧ୍ୟରେ ଅବିର ବୋଳାବୋଳି ହୁଅନ୍ତି । କାଳକ୍ରମେ ଅବିର ବୋଳାର ଆନନ୍ଦ ମୁଣ୍ଡଫଟା ରଙ୍ଗ ବାର୍ଣ୍ଣିସ୍ ଓ ନାନା ବିଷାକ୍ତ ରାସାୟନିକ ଦ୍ରବ୍ୟରେ ବ୍ୟବହାର ଓ ମଦ୍ୟପାନ ଇତ୍ୟାଦିକୁ ସମ୍ପ୍ରସାରିତ ହୋଇଛି । ପୌରାଣିକ ଆଖ୍ୟାନ ଅନୁସାରେ ଏହିଦିନ ଏକ କ୍ଷୁଦ୍ର କୁଟୀର ମଧ୍ୟରେ ପତିତ ଥିବା ହୋଲିକା ଶବକୁ ଅପରାହ୍ନରେ ଦହନ କରାଯାଇଥିଲା । ସେହି ପରମ୍ପରାର ଆଧାରରେ ହୋଲିଦିନ ଉପରବେଳା ମେଣ୍ଢା କୁଡିଆ ନାମରେ ଏହି କ୍ଷୁଦ୍ର କୁଡିଆ ତିଆରି କରାଯାଇ ତାକୁ ଦହନ କରାଯାଏ । ଏହାପରେ ଠାକୁର ଓ ଉପସ୍ଥିତ ଦର୍ଶନାର୍ଥୀ ଆସନ୍ତା ବର୍ଷଲାଗି ପଣାସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ପାଞ୍ଜି ଜ୍ୟୋର୍ତିବିଦ୍‌ଙ୍କଠାରୁ ଶ୍ରବଣ କରନ୍ତି ।

ଭୁବନେଶ୍ୱର, କ୍ୱାର୍ଟର ନଂ ୧୨/୪,
ୟୁନିଟ୍-୯, ଭୁବନେଶ୍ୱର

❖ ❖ ❖

# ଜ୍ଞାନ ଓ ସତ୍ୟର ପୂଜା ଶ୍ରୀପଞ୍ଚମୀ

**ଜ୍ଞାନେନ୍ଦ୍ର ମୋହନ ମିଶ୍ର**

ହିନ୍ଦୁ ସଂସ୍କୃତିରେ ଦେବୀ ସରସ୍ୱତୀଙ୍କର ଉପାସନା ବହୁ ପ୍ରାଚୀନ । ଆଦ୍ୟ ବସନ୍ତର ବର୍ଣ୍ଣାଢ୍ୟ ପୃଷ୍ଠଭୂମିରେ ଅନୁଷ୍ଠିତ ହୋଇଥାଏ ବାଗ୍‌ଦେବୀ ସରସ୍ୱତୀଙ୍କର ପବିତ୍ର ପାର୍ବଣ ।

ଶାସ୍ତ୍ର ମତେ ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀଙ୍କର ସମନ୍ୱିତ ଶକ୍ତିକୁ ମହାମାୟା ଓ ଆଦ୍ୟଶକ୍ତି ଭାବରେ ବର୍ଣ୍ଣନା କରାଯାଇଛି । ଶକ୍ତିତତ୍ତ୍ୱ ଦୃଷ୍ଟିରେ ସରସ୍ୱତୀ ମହାଶକ୍ତିଙ୍କର ଅଂଶବିଶେଷ ବା ଏକ ପ୍ରକାଶ ସ୍ୱରୂପ ।

ଶ୍ରୀ ସରସ୍ୱତୀ ତତ୍ତ୍ୱ ସକଳ ସାଧନାର ମୂଳାଧାର ଓ ଅନ୍ତିମ ପରିଣାମ । ସତ୍ୟ ଉପଲବ୍ଧି ପାଇଁ ପ୍ରାଣର ଐକାନ୍ତିକ ବ୍ୟାକୁଳତା ହିଁ ଏହି ସରସ୍ୱତୀ ତତ୍ତ୍ୱର ପ୍ରାଥମିକ ସ୍ତର ଏବଂ ସତ୍ୟଲାଭ ପରେ ଅନୁଭୂତ ଅନିର୍ବଚନୀୟ ଆନନ୍ଦ ହିଁ ଏହାର ଅନ୍ତିମ ପରିଣାମ । ଏହା ଏକ ଓ ଅଭିନ୍ନ ।

ଜ୍ଞାନୋଦୟ ବିନା ସତ୍ୟ ଲାଭ ପାଇଁ ଓ ବ୍ୟାକୁଳତା ଆସିବା ଅସମ୍ଭବ । ସେହିପରି ଜ୍ଞାନୋଦୟ ନହେଲେ ସତ୍-ଚିତ୍ ଓ ଆନନ୍ଦ ଅନୁଭୂତି ମଧ୍ୟ ସମ୍ଭବ ହେବନାହିଁ । ତେଣୁ ସାଧନାର ଏହା ଏକ ମୌଳିକ ସିଦ୍ଧାନ୍ତ ଯେ, ଜ୍ଞାନର ଅଧିଷ୍ଠାତ୍ରୀ ଦେବୀ ମା' ସରସ୍ୱତୀ ଶକ୍ତି ଉପାସନାର କେନ୍ଦ୍ରବିନ୍ଦୁ । ସରସ୍ୱତୀ ଆତ୍ମଜ୍ଞାନର ଅବିଚ୍ଛେଦ୍ୟ ଅଙ୍ଗ । ସେ ନିତ୍ୟା, ଶୁଦ୍ଧା, ବିକାର ବିବର୍ଜିତା । ସେ ବ୍ରାହ୍ମଣୀ, ରୁଦ୍ରାଣୀ । ତାଙ୍କ ବିନା ଆଧ୍ୟାତ୍ମିକତାକୁ ପରିକଳ୍ପନା କରିବା ଅସମ୍ଭବ । ସେ ସକଳ ପ୍ରାଣୀଙ୍କ ମଧ୍ୟରେ ଅବସ୍ଥାନ କରୁଥିବା ବିଶୁଦ୍ଧ ଜ୍ଞାନ, ବୁଦ୍ଧି, ବିଦ୍ୟା ଓ ଚେତନା ସ୍ୱରୂପା । ଅର୍ଥାତ୍ ମା' ସରସ୍ୱତୀ ସୃଷ୍ଟିର ଉଦ୍ଭବ ତଥା ବିକାଶ କାରିଣୀ । ସୃଜନ କର୍ମର ସେ ନାରୀ । ଏଣୁ ସେ ସମସ୍ତଙ୍କ ଶୀର୍ଷରେ । ସୃଜନ ଏବଂ ପାଳନକାରିଣୀ ଭାବରେ ଅତି ସୁଲଭରେ ଅଭୟ ବର ପ୍ରଦାନ କରିଥାନ୍ତି । ସେ ଜ୍ଞାନ, ପୃଥିବୀ



ଏବଂ ପ୍ରକୃତି । ସେ ଅନ୍ନ ପ୍ରଦାନ କାରିଣୀ ଓ ଯଜ୍ଞରେ ସଫଳତା ଦାୟିନୀ । ମା' ସତ୍‌କର୍ମ, ସତ୍ ବୁଦ୍ଧି, ଜ୍ଞାନ ପ୍ରଦାୟତ୍ରୀ ଓ ପ୍ରେରଣାର ସ୍ରୋତ । ବ୍ରହ୍ମ ସ୍ୱରୂପିଣୀ ବାଗ୍‌ଦେବୀଙ୍କ କୃପାରେ ମାନବ ବ୍ରହ୍ମାଙ୍କ ଭଳି ତେଜସ୍ୱୀ ଓ ପରମ ମେଧାବୀରେ ପରିଣତ ହୁଅନ୍ତି । ସେ ସମସ୍ତଙ୍କୁ ସୁଜ୍ଞାନୀ, ମେଧାବୀ ଓ ସତ୍ୟନିଷ୍ଠାରେ ପରିଣତ କରିଥାନ୍ତି ।

ଦେବୀଙ୍କର ଅନ୍ୟନାମ 'ଭଗବତୀ' । ଭଗବତୀ ସରସ୍ୱତୀ ରୂପରେ ମଧ୍ୟ ପ୍ରକଟିତା । ସେଥିପାଇଁ ତାଙ୍କୁ 'ଭଗବତୀ ଭାରତୀ ଦେବୀ ନମସ୍ତେ' ଭାବରେ ସ୍ତୁତି କରାଯାଇଛି, ଯାହାକି ଦେବୀଙ୍କର ଦ୍ୱିତୀୟ ରୂପ ।

ଦେବୀ ସରସ୍ୱତୀଙ୍କର ଜନ୍ମ ପ୍ରସଙ୍ଗ ଦେବୀ ଭାଗବତରେ ବର୍ଣ୍ଣିତ । ସେ ଶ୍ରୀକୃଷ୍ଣଙ୍କର ଶ୍ରୀମୁଖରୁ ପ୍ରକଟିତ ହୋଇଥିଲେ । ସେହି ଭାଗବତର ଚତୁର୍ଥ ଅଧ୍ୟାୟରେ ଉଲ୍ଲେଖ ଅଛି, ପ୍ରଥମେ କୃଷ୍ଣଚନ୍ଦ୍ର ସରସ୍ୱତୀଙ୍କର ପୂଜା ସ୍ଥାପନ କରି କରିଲେ ବିଚାର- ହେ ମୁନି ଏ ବାଣୀଙ୍କ ମହତ ପ୍ରସାଦେ ମୂର୍ଖ ହୁଏ ପଣ୍ଡିତ ଅପ୍ରମାଦେ ମୋଦେ, କୃଷ୍ଣଙ୍କ ମୁଖାମ୍ବୋଦୁ ହୋଇ ଆବିର୍ଭୂତା, କାମରୂପା କାମରେ ହେଲେ ଆତୁରତା ।

ବିଭିନ୍ନ ପୁରାଣ ଶାସ୍ତ୍ରରେ ସରସ୍ୱତୀଙ୍କୁ ଭିନ୍ନ ଭିନ୍ନ ରୂପରେ ଭିନ୍ନ ଭିନ୍ନ ଅଙ୍ଗଭଙ୍ଗୀରେ ବର୍ଣ୍ଣନା କରାଯାଇଛି । ଅଂଶୁମାଦ ଭେଦଗମ୍‌ରେ ସରସ୍ୱତୀଙ୍କୁ ଶ୍ୱେତ ବର୍ଣ୍ଣା, ଶ୍ୱେତବସ୍ତ୍ର ପରିହିତା, ଚତୁର୍ବାହୁ ବିଶିଷ୍ଟା ଓ ପଦ୍ମାସନା ଭାବରେ ବର୍ଣ୍ଣନା କରାଯାଇଛି । ବାମହସ୍ତ ଦ୍ୱୟରେ ଏକ ପୁସ୍ତକ ଓ ଏକ ଶ୍ୱେତପଦ୍ମ ଏବଂ ଡାହାଣ ହସ୍ତ ଦ୍ୱୟରେ ରୁଦ୍ରାକ୍ଷ ମାଳା ଓ ବାଖ୍ୟାନ ମୁଦ୍ରାରେ ଥିବା ଲିଖିତ ହୋଇଛି । ମସ୍ତକରେ ଜଟାମକୁଟ ଓ ଅଳଙ୍କାର ଯୁକ୍ତ ଯଜ୍ଞୋପବୀତ ଧାରଣ କରିଥିବା ମଧ୍ୟ ବର୍ଣ୍ଣିତ ଅଛି ।

ବାୟୁ ପୁରାଣରେ ହଂସ ରୂଢ଼ା ଚତୁର୍ଭୂତା, ଦକ୍ଷିଣ ହସ୍ତରେ ଜପମାଳା ଓ ଅଭୟ ମୁଦ୍ରା, ବାମପାର୍ଶ୍ୱରେ ରହିଛି ଗ୍ରନ୍ଥ ଓ ବରଦ ମୁଦ୍ରା । ଆଉମଧ୍ୟ ବର୍ଣ୍ଣିତ ହୋଇଛି ଯେ, କଳ୍ପାନ୍ତରେ ସମଗ୍ର ଜଗତ ରୁଦ୍ରଙ୍କର କର୍ତ୍ତୃକ ସଂହାର ହେବାପରେ ପୁନର୍ବାର ପ୍ରଜାସୃଷ୍ଟି ନିମିତ୍ତ ପ୍ରଜାପତି ବ୍ରହ୍ମା ଧ୍ୟାନ ମଗ୍ନ ହେଲେ । ସେହି ଧ୍ୟାନମଗ୍ନ ଅବସ୍ଥାରେ ପ୍ରାର୍ଦୁଭୂତା ହେଲେ ଦେବୀ ସରସ୍ୱତୀ- ମହାନାଦ ଶାଳିନୀ, ବିଶ୍ୱଧାରିଣୀ । ନିଜଠାରୁ ତାହାଙ୍କୁ ଉତ୍ପତ୍ତି କରି ତାଙ୍କର ଆଶ୍ରୟରେ ପ୍ରଜା ସୃଷ୍ଟିକଲେ ପ୍ରଜାପତି ବ୍ରହ୍ମା । ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ଏହାର ଅର୍ଥ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ବୋଲି ପ୍ରତିପାଦିତ ହୁଏ ।

ମତ୍ସ୍ୟ ପୁରାଣ ବର୍ଣ୍ଣନାନୁସାରେ ଦଶଜଣ ମାନସ ପୁତ୍ର ଏବଂ ଏକମାତ୍ର କନ୍ୟା ସରସ୍ୱତୀଙ୍କ ଆବିର୍ଭାବ ପରେ ଦେବୀ ସରସ୍ୱତୀଙ୍କର ରୂପ ଲାବଣ୍ୟରେ ମୁଗ୍ଧ ହୋଇ ଚତୁର୍ଦ୍ଦିଗ ଏବଂ ଉର୍ଦ୍ଧ୍ୱ ଭାଗକୁ ଦୃଷ୍ଟିପାତ କରି ଦେବୀଙ୍କୁ ପୁନଃ ପୁନଃ ଦର୍ଶନ ଦ୍ୱାରା ବ୍ରହ୍ମା ବାରମ୍ବାର ଉଚ୍ଚାରଣ କରିବାକୁ ଲାଗିଲେ- 'ଅହୋରୂପଂ... ଅହୋରୂପଂ' ଏବଂ ପରବର୍ତ୍ତୀ ସମୟରେ ପୁତ୍ରୀ ସରସ୍ୱତୀଙ୍କୁ ପତ୍ନୀରୂପେ ଗ୍ରହଣ କଲେ । କନ୍ୟାଙ୍କୁ ପତ୍ନୀରୂପେ ଗ୍ରହଣ କରିଥିବା ଯୋଗୁଁ ତାଙ୍କୁ କନ୍ୟାଗାମୀ ଦୋଷ ଲାଗିଲା ।

ଶିବପୁରାଣରେ ସରସ୍ୱତୀଙ୍କୁ ଶିବଶାନ୍ତି ଦୁର୍ଗା ବିଦ୍ୟାଦାତ୍ରୀ ରୂପେ ବର୍ଣ୍ଣନା କରାଯାଇଛି । କେଉଁଠି କେଉଁଠି ଦେବୀ ମୟୂର ଓ ସିଂହ ବାହିନୀ ରୂପେ କଳ୍ପିତା । ମରାଳ, ମୟୂର, ସିଂହ ତିନୋଟି ପ୍ରତୀକାତ୍ମକ । ହଂସ-ଜୀବର, ମୟୂର ଐଶ୍ୱର୍ଯ୍ୟ ଓ ଗାମ୍ଭୀର୍ଯ୍ୟର, ସିଂହ-ବୀରତ୍ୱ ବା ପୌରୁଷର । ସରସ୍ୱତୀ କେବଳ ହଂସ ବାହିନୀ ରୂପେ ଜୀବର ନିଷ୍କଳଙ୍କ ଉଜ୍ଜ୍ୱଳବର୍ଣ୍ଣ, ଚରିତ୍ର ଓ ଗୁଣର ଅଧିଷ୍ଠାତ୍ରୀ ନୁହନ୍ତି । ସେ ଜୀବର ଆବଶ୍ୟକ ଐଶ୍ୱର୍ଯ୍ୟ ଗାମ୍ଭୀର୍ଯ୍ୟ ଦାନ କରନ୍ତି ।

ଅଗ୍ନିପୁରାଣରେ ସେ ଅଷ୍ଟଭୁଜା । ବାଣ, ଗଦା, ପାଶ, ବୀଣା, ଚକ୍ର, ଶଙ୍ଖ, ମୂଷଳ ଓ ଅଙ୍କୁଶ ଧାରିଣୀ । ବ୍ରହ୍ମ ବୈବର୍ତ୍ତ ପୁରାଣରେ ଦେବୀଙ୍କ ଉତ୍ପତ୍ତି ବିଷୟରେ ବର୍ଣ୍ଣିତ ଅଛି- ପରମାତ୍ମାଙ୍କ ମୁଖରୁ ଶୁକ୍ଳବର୍ଣ୍ଣ, ବୀଣାଧାରିଣୀ ଓ କୋଟି କୋଟି ଚନ୍ଦ୍ର-ପ୍ରଭାଦେବୀ ଆବିର୍ଭୂତା ହେଲେ । ଦେବୀ ଶ୍ରୁତି ଓ ଶାସ୍ତ୍ର ମଧ୍ୟରେ ଶ୍ରେଷ୍ଠା ଓ ପଣ୍ଡିତମାନଙ୍କ ଦ୍ୱାରା ପୂଜ୍ୟା । ଏହି ପୁରାଣର ଗଣେଶ ଖଣ୍ଡରେ ବର୍ଣ୍ଣିତ ଯେ, ସୃଷ୍ଟି କାଳରେ ପ୍ରଧାନ ଶକ୍ତି ଈଶ୍ୱରଙ୍କ ଇଚ୍ଛାନୁସାରେ ପଞ୍ଚଧା ବିଭକ୍ତା ହେଲେ । ଯଥା- ରାଧା, ପଦ୍ମା, ସାବିତ୍ରୀ, ଦୁର୍ଗା ଓ ସରସ୍ୱତୀ । ଏମାନଙ୍କ ମଧ୍ୟରୁ ବାଗ୍ ଅଧିଷ୍ଠାତ୍ରୀ, ଶାସ୍ତ୍ରଜ୍ଞାନ ଦାୟିନୀ, କୃଷ୍ଣକଣ୍ଠୋଦ୍ଭବା ଦେବୀ ସରସ୍ୱତୀ । ଶ୍ରୀକୃଷ୍ଣ ପ୍ରଥମେ ଏହି ଦେବୀଙ୍କ ପୂଜା କରିଥିଲେ ।

ସ୍କନ୍ଦ ପୁରାଣରେ ସେ ତ୍ରିନେତ୍ରୀ, ନୀଳକଣ୍ଠୀ, ଶ୍ୱେତଭୁଜା ଚନ୍ଦ୍ରଶେଖରୀ, ମାର୍କଣ୍ଡେୟ ପୁରାଣର ଦେବୀ ମହାତ୍ମ୍ୟରେ ସେ ଚତୁର୍ଭୁଜା ହସ୍ତରେ ରୁଦ୍ରାକ୍ଷମାଳା, ପୁସ୍ତକ, ଆଙ୍କୁଶ ଓ ବୀଣାଧାରଣ କରିଥିବା ଉଲ୍ଲେଖ ଅଛି ।

ବେଦାକାର ଆଦିରଷି ଦେବୀ ସରସ୍ୱତୀଙ୍କୁ ବାଗ୍‌ଦେବୀ, ଧୀର୍ଷଣା, ଭାରତୀ ଆଦି ନାମରେ ଅଭିହିତ କରିଛନ୍ତି । ଏହାଙ୍କୁ 'ସରସ୍ୱତୀ' ଅର୍ଥାତ୍ ସୂର୍ଯ୍ୟଙ୍କ କନ୍ୟା ଓ ପତ୍ନୀ ବୋଲି ମଧ୍ୟ କୁହାଯାଇଛି । ମାତ୍ର ପୁରାଣରେ ଦେବୀ ସରସ୍ୱତୀ ବ୍ରହ୍ମାଙ୍କ ପୁତ୍ରୀ ରୂପେ ବର୍ଣ୍ଣିତ ହୋଇ ପରେ ପତ୍ନୀ ରୂପେ ସ୍ଥାନୀତ ହୋଇଛନ୍ତି ।

ବେଦ ମନ୍ତ୍ରରେ ବ୍ରାହ୍ମଣ ଓ ଉପନିଷଦରେ ସରସ୍ୱତୀଙ୍କ ଗୁଣର ବର୍ଣ୍ଣନା ମିଳେ । ମାତ୍ର ଆକୃତିର ସୂଚନା ମିଳେନାହିଁ । କିନ୍ତୁ ଐତରେୟ ବ୍ରାହ୍ମଣ ଗ୍ରନ୍ଥରେ ତାଙ୍କର ଦୁଇଟି ସ୍ତନର କଳ୍ପନା ସତ୍ୟ ଓ ମିଥ୍ୟା

'ବାଚ ବାବ ତୌ ସ୍ତନୈ ସତ୍ୟାନୃନେ'

ଶୁକ୍ଳ ଯଜୁଃବେଦରେ ସେହି ସ୍ତନ ଦୁଗ୍ଧ ସୁଖକର । ବିଶ୍ୱ ପାଳକଙ୍କ କୃପାଭିକ୍ଷା କରି କବି କଣ୍ଠରୁ ଝରି ଆସିଛି-

'ଯସ୍ତେ ସ୍ତନଃ ଶଶୟୋ ଯୋ
ମୟୋଭୂର୍ଯ୍ୟୋ ରତ୍ନଧା ବସୁବିଦ୍ୟଃ ସୁଦତ୍ରଃ
ଯେନ ବିଶ୍ୱା ପୁଷ୍ୟସି ବାର୍ଷାଣି
ସରସ୍ୱତୀ ତା ମିହ ଧାତ ବେହ କଃ।'

ହେ ଦେବୀ ! ହେ କାଳିରୂପା ସରସ୍ୱତୀ, ତୁମେ ଆମର ପାନ ନିମିତ୍ତ ତୁମର ସ୍ତନ୍ୟଦାନ କର । ଯେଉଁ ସ୍ତନ ଗୁଣାତୀତ, ସୁଖକର, ରତ୍ନଧାରଣକାରୀ, ଧନ ଦାତା, ଉତ୍କୃଷ୍ଟ ବସ୍ତୁ ଦାତା- ଯେଉଁ ସ୍ତନ ଦ୍ୱାରା ତୁମେ ବିଶ୍ୱଭୁବନ ପାଳନ କର ସେହି ସ୍ତନ୍ୟଦାନ କରି ଆମକୁ ଧନ୍ୟ କର । ସ୍ତନ ଦୁଗ୍ଧ ହୁଏତ ଆକାଶର ବୃଷ୍ଟିଧାରା କିମ୍ବା ସରସ୍ୱତୀ ନଦୀର ପୂତଜଳ ପ୍ରବାହ ।

ଋଗ୍‌ବେଦରେ ସରସ୍ୱତୀଙ୍କୁ 'ବାଗ୍‌ଦେବୀ' ବୋଲି କୁହାଯାଇଛି । କିନ୍ତୁ ପରବର୍ତ୍ତୀ କାଳରେ ତାଙ୍କୁ ମହାବିଦ୍ୟା, ମହାବାଣୀ, ଭାରତୀ, ଆର୍ଚ୍ଚା, ବ୍ରାହ୍ମୀ, ବାଗୀଶ୍ୱରୀ, ବେଦଗର୍ଭା, ବିଦ୍ୟାଦେବୀ, ବିଦ୍ୟା ବାଣୀ ଆଦି ବହୁ ନାମରେ ସମ୍ବୋଧନ କରାଯାଇଛି । ସେ ବିଦ୍ୟାର ଭଣ୍ଡାର । ଜ୍ଞାନର ଗନ୍ତାଘର, ବୁଦ୍ଧିର ବତୀଘର । ତାଙ୍କର କରୁଣା ନହେଲେ କଣ୍ଠରୁ ବାକ୍ୟ ସ୍ଫୁରେ ନାହିଁ । ତେଣୁ ବିଦ୍ୟାର୍ଥୀଙ୍କଠାରୁ ଆରମ୍ଭ କରି ଲେଖକ ଓ ସାହିତ୍ୟ ସାଧକଙ୍କ ପର୍ଯ୍ୟନ୍ତ ସମସ୍ତେ ମା'ଙ୍କର ଅନୁଗ୍ରହ ଲାଭ ପାଇଁ ପୂଜାର୍ଚ୍ଚନା କରିଥାନ୍ତି ।

ବୌଦ୍ଧ ଧର୍ମାବଲମ୍ବୀମାନେ ସରସ୍ୱତୀଙ୍କୁ ବୁଦ୍ଧିମତାର ଦେବୀ ବୋଲି ପ୍ରଥମେ ଗ୍ରହଣ କରିଥିଲେ ହେଁ ବୌଦ୍ଧଦେବୀ ମଞ୍ଜୁଶ୍ରୀଙ୍କ ସହ ସଶ୍ଳିଷ୍ଟ କରିଦେଲେ । ବୌଦ୍ଧ ଧର୍ମଶାସ୍ତ୍ର 'ସାଧନ ମାଳା'ରେ ଲିଖିତ ଅଛି ଯେ ସରସ୍ୱତୀ ଭକ୍ତମାନଙ୍କୁ ଜ୍ଞାନ ଓ ବୁଦ୍ଧି ପ୍ରଦାନ କରନ୍ତି । କିନ୍ତୁ ଗବେଷକମାନଙ୍କ ମତରେ ବୌଦ୍ଧଧର୍ମ ଉପରେ ତାନ୍ତ୍ରିକ ପ୍ରଭାବ ଯୋଗୁଁ ହିଁ ଜ୍ଞାନ ବୁଦ୍ଧିମତ୍ତାର ପ୍ରଜ୍ଞାପାରମିତା ପରବର୍ତ୍ତୀ କାଳରେ ସରସ୍ୱତୀ ରୂପେ ପରିଚିତା ହେଲେ ।

କୂର୍ମ, ନାରଦୀୟ ଧର୍ମ ପ୍ରମୁଖ ପୁରାଣ ବର୍ଣ୍ଣନାରେ ଲକ୍ଷ୍ମୀ ଏବଂ ସରସ୍ୱତୀ ଶିବଙ୍କ କନ୍ୟା ଥିଲେ । ଶିବ ଓ ଦୁର୍ଗାଙ୍କ କନ୍ୟା ରୂପେ ଦେବୀ ପୁରାଣରେ ବର୍ଣ୍ଣିତା କୁଳାର୍ଣ୍ଣବତନ୍ତ୍ର ଗୃହନୀଳତନ୍ତ୍ର ଓ ଶାରଦା ତିଳକ ତନ୍ତ୍ରରେ ମଧ୍ୟ ଏହା ଦୃଷ୍ଟହୁଏ । ମାର୍କଣ୍ଡେୟ ପୁରାଣରେ ସରସ୍ୱତୀଙ୍କୁ ପୁନର୍ବାର ବିଷ୍ଣୁଜିହ୍ୱା କୁହାଯାଇଛି । ସପ୍ତଶତୀ ଚଣ୍ଡୀକୁ ଅବଲୋକନ କରି ଶାରଦୀୟ ଦୁର୍ଗା ପୂଜାରେ ଦୁର୍ଗାଙ୍କ ସହିତ ମହାଲକ୍ଷ୍ମୀ ଓ ମହାସରସ୍ୱତୀଙ୍କ ମୂର୍ତ୍ତି ଗଠିତ ହୋଇ ପୂଜିତ ହୁଅନ୍ତି ।

କୌଣସି କୌଣସି ତନ୍ତ୍ରରେ ସରସ୍ୱତୀଙ୍କୁ ପଞ୍ଚଦଶ ଶବ୍ଦ ରୂପିଣୀ ମାତୃକା ଦେବୀ ରୂପେ ବର୍ଣ୍ଣନା କରାଯାଇଛି । କେଉଁଠି ଏହାଙ୍କୁ ପାରିଜାତ ସରସ୍ୱତୀ ମଧ୍ୟ କୁହାଯାଇଛି । ତନ୍ତ୍ର ଶାସ୍ତ୍ର ତାରିଣୀ ଦେବୀଙ୍କୁ ନୀଳ ସରସ୍ୱତୀ ରୂପେ ବର୍ଣ୍ଣନା କରିଛି । ମହାକାଳିକାଙ୍କ କଣ୍ଠ ଦେଶରେ ଲମ୍ବିତ ପଞ୍ଚଦଶ ମସ୍ତକ ମୁଣ୍ଡମାଳକୁ ସଂସ୍କୃତର ଶବ୍ଦମାଳା ରୂପେ ବ୍ୟାଖ୍ୟା କରାଯାଇଛି । ଏହିଭାବରେ ହିନ୍ଦୁଶାସ୍ତ୍ର ଅନୁସାରେ ସରସ୍ୱତୀଦେବୀ ଋଗ୍‌ବେଦ ସମୟରୁ ନାନାଭାବେ ଓ ନାନା ରୂପେ ଭାରତବର୍ଷରେ ପୂଜିତା ହୋଇ ଆସୁଛନ୍ତି ।

ମା' ସରସ୍ୱତୀ ଶୁଭ୍ରତାର ପ୍ରତୀକ । ଯାହା ଧବଳ ତାହାହିଁ ସତ୍ତ୍ୱ । ସ୍ୱଚ୍ଛ ପବିତ୍ର ଓ ନିର୍ମଳ ମୂର୍ତ୍ତି ସାତ୍ତ୍ୱିକତାର ପରିପ୍ରକାଶ । ତୁଷାର ପରି ସ୍ୱଚ୍ଛ, ସୁନ୍ଦର ଓ ପବିତ୍ରତାର ପ୍ରତୀକ ଧବଳ ବର୍ଣ୍ଣର ହଂସ ଦେବୀଙ୍କର ବାହାନ । ହଂସର ଗତି ଜଳ, ସ୍ଥଳ, ଅନ୍ତରୀକ୍ଷ ମାର୍ଗରେ ପରିଲକ୍ଷିତ ହୁଏ । ଜ୍ଞାନମୟ ପରମାତ୍ମା ବିଭୂ ସର୍ବବ୍ୟାପୀ, ସ୍ଥଳେ, ଜଳେ, ଅନଳେ ସର୍ବତ୍ର ତାର ସମାନ ପ୍ରକାଶ । ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ, ସତ୍ୟ, ଊର୍ଦ୍ଧ୍ୱ ସପ୍ତଲୋକ ଏବଂ ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ପାତାଳ ଏହି ନିମ୍ନ ସପ୍ତଲୋକ ସବୁକୁ ଆବୃତ କରିଛି ସେ । ଜୀବ ହୃଦୟ ଗୁହାର ପ୍ରତ୍ୟାଗାତ୍ମା ରୂପେ ସେ ନିତ୍ୟ ବିରାଜମାନ । ପରମାତ୍ମାର ଏହି ବିଭୂତ୍ୱମୟ ସ୍ୱରୂପ ହଂସର ତ୍ରିଗତି ମଧ୍ୟରେ ଅନେକ ଭାବେ ବିଦ୍ୟମାନ । ସେଥିପାଇଁ ଚିନ୍ମୟୀ ଜ୍ଞାନମୟୀ ବା ପରମାତ୍ମାମୟୀ ଦେବୀ ସରସ୍ୱତୀଙ୍କର ବାହାନ ହଂସ ବୋଲି ନିରୂପିତ ହୋଇଛି ।

ପୂର୍ଣ୍ଣ ପ୍ରସ୍ଫୁଟିତ ଶ୍ୱେତ ପଦ୍ମଫୁଲ ତାଙ୍କର ଆସନ । ଏହି ପବିତ୍ର ଧବଳ ପଦ୍ମ ଫୁଲର ତାତ୍ପର୍ଯ୍ୟ ଅନେକ । ପଦ୍ମଫୁଲର ଜନ୍ମ ପଙ୍କିଳ ସରୋବରରୁ ହୋଇଥିଲେ ମଧ୍ୟ ତାର ସୁମଧୁର ସୁଗନ୍ଧରେ ସବୁରିଙ୍କୁ ସେ ଆନନ୍ଦ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସ୍ୱର୍ଗୀୟ ଭାବନାର ଉଦ୍ରେକ କରିଥାଏ । ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ସହସ୍ର ଦଳ ପଦ୍ମ ଚଞ୍ଚଳ ମନର ପ୍ରତୀକ । ନିମିଷକ ମଧ୍ୟେ ଏହା ସହସ୍ର ଦିଗକୁ ଗତିକରେ । ଅତି ଦ୍ରୁତ ଓ ପ୍ରବଳ ଏହାର ଗତି । ମାନବ ମନକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱୟଂ ନାରାୟଣଙ୍କ ହସ୍ତରେ ଏହି ସହସ୍ରଦଳ ପଦ୍ମ । ଏହା ହଜାର ହଜାର ଦିଗର ବିକ୍ଷିପ୍ତ ମନକୁ କବଳିତ କରିପାରେ ।

ପବିତ୍ର ମାଘମାସ ଶୁକ୍ଳପକ୍ଷ ଶୁଭ ପଞ୍ଚମୀ ତିଥିକୁ ଶ୍ରୀପଞ୍ଚମୀ ବୋଲି କୁହାଯାଏ । 'ଶ୍ରୀ' କହିଲେ ସାଧାରଣତଃ

ଲକ୍ଷ୍ମୀଙ୍କୁ ବୁଝାଏ । ଶ୍ରୀପଞ୍ଚମୀ ଅର୍ଥାତ୍ ଲକ୍ଷ୍ମୀଙ୍କ ପଞ୍ଚମୀ । କେବଳ ଓଡ଼ିଶା ନୁହେଁ, ସାରା ଭାରତରେ ଶ୍ରୀପଞ୍ଚମୀ ଦିନ ବିଦ୍ୟାଧିଷ୍ଠାତ୍ରୀ ଦେବୀ ସରସ୍ୱତୀଙ୍କର ପୂଜାର୍ଚ୍ଚନା ହୋଇଥାଏ । କେତେକ ଧାରଣା କରନ୍ତି ପୂର୍ବେ ବୋଧହୁଏ ଏହିଦିନ ଲକ୍ଷ୍ମୀଙ୍କର ଉପାସନା କରାଯାଉଥିଲା । ପରବର୍ତ୍ତୀ କାଳରେ ତାଙ୍କ ସ୍ଥାନରେ ସରସ୍ୱତୀଙ୍କୁ ପୂଜା କରାଯାଉଛି । ବାସ୍ତବରେ ଲକ୍ଷ୍ମୀ ପ୍ରାକ୍ ବୈଦିକ ଦେବୀ ହେଲାବେଳେ ସରସ୍ୱତୀ ବୈଦିକ ଦେବୀ । ଋଗ୍ ବେଦର ବହୁ ସ୍ଥାନରେ ସରସ୍ୱତୀଙ୍କର ମନ୍ତ୍ର ଦେଖିବାକୁ ମିଳେ । ବେଦରେ ସରସ୍ୱତୀଙ୍କୁ ଅନ୍ନଦାତ୍ରୀ ବୋଲି କୁହାଯାଇଛି । କେବଳ ଅନ୍ନ ନୁହେଁ, ସେ ମଧ୍ୟ ଉପାସକମାନଙ୍କୁ ପୁତ୍ରଦାନ କରନ୍ତି । ସେଥିପାଇଁ ବୋଧହୁଏ ସରସ୍ୱତୀଙ୍କୁ ଶ୍ରୀ ବୋଲି ଧାରଣା କରାଯାଇଛି ।

ଋଗ୍‌ବେଦର ୨ୟ ମଣ୍ଡଳ ୪୧ ସୂକ୍ତ ୧୬-୧୭-୧୮ ମନ୍ତ୍ରରେ ଗୃତ୍ ସମଦ ଋଷିଗାନ କରିଛନ୍ତି- ମାତୃଗଣଙ୍କ ମଧ୍ୟରେ ଶ୍ରେଷ୍ଠା, ନଦୀମାନଙ୍କ ମଧ୍ୟରେ ଶ୍ରେଷ୍ଠା ଓ ଦେବୀମାନଙ୍କ ମଧ୍ୟରେ ଶ୍ରେଷ୍ଠା, ହେ ଦେବୀ ସରସ୍ୱତୀ ! ଆମେ ଅସମୃଦ୍ଧ ହୋଇ ରହିଛୁ । ଆମ୍ଭମାନଙ୍କୁ ସମୃଦ୍ଧଶାଳୀ କର । ହେ ସରସ୍ୱତୀ ଇତ୍ୟାଦି... । ଏହି ଦୃଷ୍ଟିରୁ ମାଘ ମାସ ପଞ୍ଚମୀକୁ ଶ୍ରୀପଞ୍ଚମୀ ବୋଲି କୁହାଯାଇଛି ।

ଏହି ଶୁଭ ଦିବସରେ ଉତ୍କଳର ଚତୁର୍ଦ୍ଦିଗରେ କଳା, ସାହିତ୍ୟ, ଶିଳ୍ପ, ସଙ୍ଗୀତ ତଥା ବିଦ୍ୟାନୁଷ୍ଠାନମାନଙ୍କରେ ପରମ୍ପରା ଅନୁସରଣ କରି ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ଭଗବତୀ ସରସ୍ୱତୀଙ୍କର ପୂଜା ଆରାଧନା କରାଯାଉଛି । ଏହି ପ୍ରଥା କେବେଠାରୁ ପ୍ରଚଳିତ ହୋଇଆସିଛି କହିବା କଷ୍ଟସାଧ୍ୟ ହେଲେ ମଧ୍ୟ କେତେକ ପୁରାଣ ମତବ୍ୟକ୍ତ କରି କହିଛନ୍ତି ଯେ, ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ଏହା ଆରମ୍ଭ ହୋଇଥିଲା । 'ମାଘସ୍ୟ ଶୁକ୍ଳା ପଞ୍ଚମ୍ୟାଂ ବିଦ୍ୟାରମ୍ଭ ଦିନେ ପିଚ' ଏବଂ ପରେ ଏହି ଶୁକ୍ଳ ପଞ୍ଚମୀ ତିଥି ଶ୍ରୀପଞ୍ଚମୀ ନାମେ ଅଭିହିତ ହୋଇଆସିଛି ।

ଦୁଃଖର କଥା, ଏବେ ସର୍ବତ୍ର ସରସ୍ୱତୀ ପୂଜା ମହାସମାରୋହରେ ପାଳିତ ହେଉଥିଲେ ମଧ୍ୟ ବିଳାସ ବ୍ୟସନ ଓ ଉତ୍ସବର ଅନ୍ତରାଳରେ ବୀଜମନ୍ତ୍ରର ଶୁଦ୍ଧ ଅର୍ଥ ଲୁକ୍କାୟିତ ହୋଇ ରହିଯାଉଛି । ସରସ୍ୱତୀ କେବଳ ଉପଲକ୍ଷ୍ୟ ହୋଇ ରହିଯାଉଛନ୍ତି । ପ୍ରତିଯୋଗିତାମୂଳକ ସଙ୍ଗୀତ ପ୍ରଚାର, ମୁଖରୋଚକ ସୁଖାଦ୍ୟ ଭୋଜନ ଓ ବାଦ୍ୟଝଙ୍କାରର ପ୍ରଦର୍ଶନୀ ଚାଲିଛି । ବାସ୍ତବରେ ଅନ୍ତର୍ନିହିତ ଶୁଦ୍ଧସାର ପାଇବା ପାଇଁ ମା' ସରସ୍ୱତୀଙ୍କର ନିକଟରେ ଯେଉଁ ଏକାଗ୍ରତା ଧ୍ୟାନ ଦରକାର, ସେହି ପବିତ୍ର ଅଭ୍ୟାସ ଆଚରିତ ହେଉନାହିଁ । ସେଥିପାଇଁ ଉତ୍କଳ ଭାରତୀଙ୍କୁ ଆରାଧନା କରି ରାଧାନାଥ ଲେଖିଥିଲେ-

'ଦେବୀ ବୀଣାପାଣି କେଉଁ ପାପ ଫଳେ
କରୁଣା ତୋହର ଊଣା ଏ ଉତ୍କଳେ'

ମାତୃଭୂମି ଓ ମାତୃଭାଷାର ଉନ୍ନତି କରିବା ସଙ୍ଗେ ସଙ୍ଗେ ସମସ୍ତ ପ୍ରକାର ବିଦ୍ୟା କିଭଳି ସତ୍‌ଲୋକଙ୍କୁ ପ୍ରାପ୍ତି ହେଉ ଓ ସତ୍‌ବିନିଯୋଗ ହେଉ ଏଥିପାଇଁ ଅଜସ୍ର କର୍ମ ପ୍ରେରଣାର ଉତ୍ସ ଫିଟାଇ ଦିଅନ୍ତୁ ମା' ସରସ୍ୱତୀ ।

ସମ୍ପାଦକ
ମାସିକ ସାହିତ୍ୟ ଆସର
ବାଙ୍କୀ, କଟକ

❖ ❖ ❖

# ଓଡ଼ିଆ ଲୋକସାହିତ୍ୟରେ ଲୋକକାହାଣୀ ଓ ଲୋକଗୀତ

**ବଶିଷ୍ଠ କୁମାର ବେହେରା**

ସାହିତ୍ୟ ଓ ସଂସ୍କୃତିର ଚିରନ୍ତନ ସମ୍ପର୍କରେ ଅସ୍ୱୀକାର କରି ସଭ୍ୟତାର କୌଣସି ସ୍ଥିତି ରହିନପାରେ । ସଂସ୍କୃତି ଓ ପରମ୍ପରାକୁ ଆଧାର କରି ହୃଦୟରୁ ଉତ୍ପାଟନ କରାଯାଇପାରେ ଅନେକ କୁସଂସ୍କାର ଓ ଅନ୍ଧବିଶ୍ୱାସରୁ ସୃଷ୍ଟି କରାଯାଇପାରେ ନୂତନତ୍ୱର ଝଙ୍କାର, ଯେଉଁଠାରୁ ସଦାସର୍ବଦା ଝରୁଥିବା ଓଁଙ୍କାର ଅନୁରଣିତ ଶାନ୍ତିର ବାର୍ତ୍ତା ।

ବିଶ୍ୱ ନିୟନ୍ତାଙ୍କ ସୃଷ୍ଟିରେ ଆଉ ଏକ ଅପରୂପ ସୃଷ୍ଟି ହେଉଛି ସାହିତ୍ୟ, ମଣିଷ ସଂସାର ପରି ସାହିତ୍ୟ ସଂସାର ବ୍ୟାପକ । ସାହିତ୍ୟ ଜଗତରେ ସମସ୍ତ ଜୀବଜଗତ, ମଣିଷ, ବୃକ୍ଷଲତା ସବୁ ସ୍ଥାନ ପାଇଥାଏ, ଆଦିମାନବ ପ୍ରଥମେ ବଣ ଜଙ୍ଗଲରେ ବାସ କରୁଥିଲା । ପ୍ରକୃତି କୋଳ ତା ପାଇଁ ଥିଲା ସବୁ କିଛି, ପ୍ରକୃତି କୋଳରେ ବିଚରଣ କରୁ କରୁ ଯେତେବେଳେ ପ୍ରକୃତିର ବିଭିନ୍ନ ଦୃଶ୍ୟରାଜି ଦେଖି ପ୍ରତ୍ୟକ୍ଷ ଅନୁଭବ କଲା, ସେତେବେଳେ ତା ହୃଦୟର କଳମରୁ ଝରିପଡିଲା ସାହିତ୍ୟର ବାରିଧାରା । ଯେତେବେଳେ ମଣିଷ ହୃଦୟରେ ସ୍ୱତଃସ୍ଫୂର୍ତ୍ତ ଭାବନା ଜାଗ୍ରତ ହୁଏ, ସେତେବେଳେ ସେ ଲେଖିବସେ ଅନେକ କାବ୍ୟ କବିତା । ସେ ପାଲଟି ଯାଏ କବି । ସେଥିପାଇଁ କୁହାଯାଇଅଛି 'ଆଚାରେ କାବ୍ୟ ସଂସାରେ କବି ରେଦ ପ୍ରଜାପତି ।'

ଗଠନକଳା ଓ ବିଚାରବୋଧ ଦୃଷ୍ଟିରୁ ସାହିତ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା– ବିଦଗ୍ଧ ସାହିତ୍ୟ ଓ ଲୋକ ସାହିତ୍ୟ । ବିଦଗ୍ଧ ସାହିତ୍ୟ ସାହିତ୍ୟର ସମସ୍ତ ସଂଜ୍ଞା ଓ ପରିଚୟ ବହନ କରିଥାଏ । ବିଦଗ୍ଧବନ୍ତ ପୁରୁଷ ପାଠୁଆ ଲୋକ, ମାର୍ଜିତ ଉଚ୍ଚଚିନ୍ତା ପ୍ରସ୍ତୁତ ସାହିତ୍ୟକୁ ବିଦଗ୍ଧ ସାହିତ୍ୟ କୁହାଯାଏ । କୌଣସି ଗୋଷ୍ଠୀ କିମ୍ବା କୌଣସି ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ ହୋଇ ରହିନଥାଏ । ଏ ସାହିତ୍ୟ ସବୁ ସମୟରେ ଆଧୁନିକ । ଲୋକ ସାହିତ୍ୟ କହିଲେ ତାହା ମୌଖିକ ସାହିତ୍ୟକୁ ବୁଝାଏ । ଏହି ଲୋକ ସାହିତ୍ୟର ମୁଖ୍ୟ ଉପାଦାନ ହେଉଛି ଲୋକ, ସାହିତ୍ୟ ବିଦ୍ୟାରେ ଲୋକ ଶବ୍ଦର ପ୍ରୟୋଗ ଅର୍ବାଚୀନ ! ଇଂରାଜୀ 'ଫୋକ୍' ଶବ୍ଦଟିକୁ କେତେକ ଭାରତୀୟ ଭାଷାରେ ଲୋକ ଅର୍ଥରେ ଗ୍ରହଣ କରାଯାଇଛି । ଲୋକ ଶବ୍ଦଟି ଓଡ଼ିଶାର ସାହିତ୍ୟିକ ପରମ୍ପରାରେ ନିମ୍ନ ଜାତିର ଲୋକଙ୍କ ଉଦ୍ଦେଶ୍ୟରେ ପ୍ରଚଳିତ ଥିଲା । ଯେଉଁମାନେ ଅଶିକ୍ଷିତ ଅଛୁଆଁ ଓ ଆର୍ଥିକ ଅନଗ୍ରସର ସେହିମାନଙ୍କ ଦ୍ୱାରା ପ୍ରଚଳିତ ଲୋକ ନୃତ୍ୟ, ଲୋକ ଗୀତ ଓ ସୃଷ୍ଟି ସାହିତ୍ୟକୁ ଲୋକ ସାହିତ୍ୟ କୁହାଯାଉଥିଲା । ମାତ୍ର କାଳକ୍ରମେ ଏ ପ୍ରକାର ଚିନ୍ତାଧାରା ବଦଳାଇ ଏହା ଭିତରେ ଅନେକ ପ୍ରବେଶ କରିଛନ୍ତି । ଏହି ଲୋକ ସାହିତ୍ୟ ମୌଖିକ ଭାବରେ ହେଉ ବା ଲିଖିତ ଭାବରେ ହେଉ ତାକୁ ପ୍ରକାଶ କରି ନେଇ ମନ ପ୍ରାଣ ଆନନ୍ଦିତ କରେ ମଣିଷ । ଶ୍ରୁତି ଓ ସ୍ମୃତି ମାଧ୍ୟମରେ ଏଇ ଲୋକ ସାହିତ୍ୟ ପରିପ୍ରକାଶ ବଞ୍ଚି ରହେ ଦୁନିଆ ବୁକୁରେ ।

ବୈଦିକ ସଂସ୍କୃତିଠାରୁ ପ୍ରାଚୀନତାର ହେଉଛି ଲୋକ ସଂସ୍କୃତି । ଏହାର ପ୍ରମାଣ ସର୍ବଦିନ ଗ୍ରାହ୍ୟ । କେଉଁ କାଳରୁ ଯୁଗଯୁଗ ଧରି ମନୁଷ୍ୟ ଅନୁଭୂତି, ଜୀବନବୋଧ ଓ ବିଶ୍ୱାସବୋଧକୁ ଅତି ବିଶ୍ୱସ୍ତତାର ସାହିତ୍ୟ ସାଇତି ରଖିଛି । ଦୈନିକ ଜୀବନଯାପନ କ୍ଷେତ୍ରରେ ଏହି ମଣିଷକୁ ବାଟ ବଢାଏ । ମଣିଷକୁ ଭୁଲ ଠିକ୍ ବାଟ ଦେଖାଇଥାଏ ।

ଲୋକ କାହାଣୀ ଓ ଲୋକ ଗୀତ ଲୋକ ପରମ୍ପରାରେ ପ୍ରଚଳିତ ଓ ଭାଷାରେ ମଧ୍ୟ ଲୋକ ସଂସ୍କୃତି ଓ ଲୋକ ବିଶ୍ୱାସ ଅତି ବିଶ୍ୱାସତାର ପ୍ରତିଫଳନ । ଲୋକ ଗୀତ ହେଉଛି ଲୋକ ଜୀବନର ବେଦ । ଲୋକ ଜୀବନାନୁଭୂତିର ବିପୁଳ ସ୍ୱାକ୍ଷର ଏଥିରେ ଅଙ୍କିତ, ଲୋକର ବ୍ୟକ୍ତିଗତ, ଜୀବନ, ପାରିବାରିକ ଚଳଣି,

ଗୋଷ୍ଠୀବଦ୍ଧ ଚେତନା, ଲୋକ ସମାଜର ସାର୍ବିକ ପରିପ୍ରକାଶ ଏଇ ଲୋକ ଗୀତ ଏହାର ପରିସର ଦୀର୍ଘ ଅପରିମେୟ । ବହୁ ଶାଖା ବନସ୍ପତି ଭଳି ସନ୍ଦନ ଏହାର ବ୍ୟାପ୍ତି। ଗଭୀରତମ ଏହାର ସ୍ଥିତି । ଶିଷ୍ଟ ସାହିତ୍ୟର ମାପଚୁପ ନିୟମ ନିଗାଡ ଓ ଯାବତୀୟ କୃତ୍ରିମତାଠାରୁ ଏହାର ଅନେକ ଦୂରରେ । ଏଥିରେ ବଚନ ଦିଗ୍‌ଧତାର ଅଟୋପ ନାହିଁ । ଅଳଂକରଣରେ ଏହା ଭାରକ୍ରାନ୍ତ ନୁହେଁ । ରାଶିରାଶି ଶବ୍ଦର ଅନୁବନ୍ଧକୁ ଏହା ସ୍ୱୀକାର କରେ ନାହିଁ । ତୁଣ୍ଡେ ତୁଣ୍ଡେ ଏହାର ବ୍ୟାପ୍ତି ଓ ପ୍ରଚାର ।

ଲୋକ ସଙ୍ଗୀତ ମୌଖିକ ଗୀତ । ଏହାର କୌଣସି ନିର୍ଦ୍ଦିଷ୍ଟ ରଚୟିତା ନାହାନ୍ତି । ବଂଶ ପରମ୍ପରା ଭିତରେ ଏହାର ପ୍ରବାହ । ଲୋକ ଗୀତ ସ୍ୱତଃସ୍ଫୂର୍ତ୍ତ ପାହାଡ ଝରଣା ପରି ଏହାର ପ୍ରବାହ, ବ୍ୟାପ୍ତିହୀନ ଏହାର ଗତି ।

ଏହି ଲୋକ ଗୀତରେ ରହିଥାଏ ନାରୀମାନଙ୍କର ଏକ ସ୍ୱତନ୍ତ୍ର ଅଧିକାର । ସେ କନ୍ୟା, ମାତା, ଜାୟା, ଜନନୀ । କନ୍ୟା ଜୀବନ ପରେ ସେ ବଧୂ ସାଜି ସ୍ୱାମୀ ଗୃହକୁ ଯାଏ । ତାର ଗେଲବସର ଦିନ ସରିଯାଏ । ଶାଶୂ ଘରେ ପାଦ ଦେଲା ପରେ ସୁକୁମାରୀ ଗ୍ରାମ୍ୟବାଳା ଅସରନ୍ତି ଗଞ୍ଜଣା ଭିତରେ କାଳ କାଟିବାକୁ ବାଧ ହୁଏ । ଶାଶୂ ନଣନ୍ଦଙ୍କ ଲାଞ୍ଛନା ଭିତରେ ସ୍ମରଣ କରେ ତା'ର ଅତୀତ ଦିନକୁ ପିତ୍ରାଳୟରେ କାଟିଥିବା ଅଳିଅଳି ଜୀବନକୁ ଝିଅ ସମୟର ସୁଖ ବୋହୂ ସାଜିବା ପରେ ଗଭୀର ସନ୍ତାପରେ ପରିଣତ ହୁଏ । ନାରୀ ଜୀବନରେ ଏଇ ସନ୍ତୁଳନ ଲୋକ ଗୀତରେ ସ୍ଥାନ ପାଇଛି ଝିଅ ଜନମ ପର ଘରକୁ । ଶାଶୂ ଘରେ ପାଦ ଦେଉ ନଦେଉଣୁ ଝିଅ ଜାଣିପାରେ ତା'ର ଜୀବନ ଯନ୍ତ୍ରଣା । ଶାଶୂକୁ ଉଲୁଗୁଣା ଦେଇ କହନ୍ତି-

'ବୁଢୀ କାଳକୁ ମୋ ଆସୁଛି ଭାର<br>
ବୁଡି ନମଲୁ ତୁ ବାରିରେ ଯୋର ଲୋ ।<br>
ତା ଶୁଣି ଦେଢଶୂର ଦିଅନ୍ତି ଗାଳି<br>
ତା ଶୁଣି ଖୁଡୀ ଶାଶୂ ଲଗାନ୍ତି କଳି ଲୋ ।'

କିନ୍ତୁ କେତେକ କ୍ଷେତ୍ରରେ ପିତ୍ରାଳୟରେ ଯନ୍ତ୍ରଣାବୋଧ ଭିତରେ ରହିଥିବା କନ୍ୟା ଶାଶୂ ଘରେ ବୋହୂ ରୂପେ ଅତି ଆଦର ପାଏ । ଏହାର ଏକ ଚିତ୍ର ଲୋକ କବି ଦୃଷ୍ଟିରେ ପ୍ରକାଶ ପାଇଛି ।

'ମା ଚଣ୍ଡାଳୁଣୀ ଏଡେ ଚଣ୍ଡାଳୁଣୀ<br>
କୋଠା ତୁଚ୍ଛ କରି ଦେଲା<br>
ଭାଇ ଚଣ୍ଡାଳ ସେ ଏଡେ ଚଣ୍ଡାଳ<br>
ଅଧାବାଟେ ଛାଡି ଦେଲା ।'

ସବୁଦିନ ପାଇଁ ପିତା ଘରୁ କନ୍ୟା ବଧୂ ବେଶରେ ସ୍ୱାମୀ ଘରକୁ ବିଦାୟ ନିଏ, ଓଡ଼ିଆ ଲୋକାଚାରରେ ଏଇ ବିଦାୟ ଦୃଶ୍ୟ ଅତି ମର୍ମନ୍ତୁଦ । ନିଜର ଜନ୍ମମାଟି, ଜନ୍ମଦାତା ଓ ଜନ୍ମଦାନୀ ବନ୍ଧୁ ପରିଜନ, ସାଙ୍ଗ ସାଥି, ଭାଇ ଭାଉଜ, ସହି ସଙ୍ଗାତ, ବଉଳ, ମକର ଗାଁର ସେଇ ପରିବେଶ ଗାଁ ଆମ୍ବ ତୋଟାର ରଜଦୋଳି, ଗାଁ ପୋଖରୀର କଇଁଫୁଲ ତୋଳା ଏସବୁ ସହିତ ସେସବୁ ଦିନ ପାଇଁ ସମ୍ପର୍କ ତୁଟାଇ ଚାଲି ଯାଉଛି । ଛାତି ତା'ର ଫାଟି ଯାଉଛି ଗଭୀର ଦୁଃଖ ଓ ବେଦନାରେ । ଏଣୁ ଝିଅଟି ଏଇ ସମୟରେ ତା'ର ସ୍ୱାମୀଙ୍କୁ ନେଇ ସୁଖର ସ୍ୱପ୍ନ ଦେଖିପାରେନା ତା'ର ସ୍ମୃତି ଆଉ ଅନୁଭୂତି ଜଡିତ ଦିନଗୁଡିକ ଆଉ ଫେରିବ ନାହିଁ । ଏଇ ଦୁଃଖରେ ସେ ବାପା, ଭାଇ, ମାଆ, ଭାଉଜ, ସାଙ୍ଗ ସାଥୀଙ୍କୁ ଧରି କାନ୍ଦିବାକୁ ଆରମ୍ଭ କରେ । ଓଡ଼ିଆ ଲୋକ ଗୀତରେ ଏଇ ସବୁର କାନ୍ଦଣାକୁ ନୂଆବୋଉ କାନ୍ଦଣା, ବୁଢାବର କାନ୍ଦଣା, ବାପା ଓ ଭାଇ କାନ୍ଦଣା, ପହିଲି କାନ୍ଦଣା, ହାଣ୍ଡି ମଙ୍ଗୁଳା କାନ୍ଦଣା, ବରଧରା କାନ୍ଦଣା, କନକ ଆଞ୍ଜୁଳି କାନ୍ଦଣା (କନ୍ୟା ଆଞ୍ଜୁଳି) ଲବଣ ଚଉଁରୀ କାନ୍ଦଣା, ବେଦୀ ଫେରନ୍ତା କାନ୍ଦଣା, ବାରମାସୀ କାନ୍ଦଣା, ପହିଲି ପାଳିତିଥି କାନ୍ଦଣା ଇତ୍ୟାଦି ବିଭିନ୍ନ ବୁକୁ ବିଦାରକ କାନ୍ଦଣା ଗୀତ ସବୁ ସ୍ଥାନ ପାଇଛି । ନୂଆବୋଉକୁ ଧରି ଝିଅ କାନ୍ଦିଛି-

'ଚକୁଳି ପିଠା ଅଣ ଲେଉଟା ହେ ନୂଆବୋଉ<br>
ଆଉ କି ଦେଖିବ ଜନମ କୋଠା ହେ ନୂଆବୋଉ ।'

ଏହିପରି ଭାବରେ ତୁଣ୍ଡରୁ ତୁଣ୍ଡକୁ ଗଡିଚାଲେ ଲୋକଗୀତ ଏହାର କୌଣସି ନିର୍ଦ୍ଦିଷ୍ଟ କବି ନାହାନ୍ତି ।

ଲୋକ ଗଳ୍ପ ବା କାହାଣୀ ସମାଜର କଥା ଶିଳ୍ପ । ଲୋକ କାହାଣୀ ଲୋକ ଜୀବନର ମହାଭାଷା ଲୋକ ସମାଜର କଥନ କଳାର ସମର୍ଥ ପରିପ୍ରକାଶ । ମାନବ ପ୍ରକୃତି ସହିତ ଗଳ୍ପ କାହାଣୀ କଥନରୀତି ଘନିଷ୍ଠ । ସମାଜର ଏମିତି କୌଣସି ମଣିଷ ନାହିଁ, ଯେ ଜୀବନରେ କୌଣସି ଗୋଟିଏ ଗପ ଶୁଣିନାହିଁ । ବାଳକରୁ ବୃଦ୍ଧ ପର୍ଯ୍ୟନ୍ତ ଶିକ୍ଷିତଠାରୁ ଅଶିକ୍ଷିତ ପର୍ଯ୍ୟନ୍ତ ପ୍ରଜାଠାରୁ ରାଜା ସମସ୍ତ କାହାଣୀ ଶ୍ରୋତା ଜୀବନରେ ପ୍ରତ୍ୟେକ ନିଶ୍ଚିତ ଭାବରେ ଜାଣନ୍ତି । ପ୍ରତ୍ୟେକ ମଧ୍ୟ କହିପାରନ୍ତି । କିନ୍ତୁ କହି ଜାଣିଲେ କଥା ସୁନ୍ଦର ରୀତିରେ ସବୁରି ପରିବେଷଣର ପରିପାଟୀ ସମାନ ନୁହେଁ । କେଉଁ ପ୍ରାଚୀନ କାଳରୁ କାହାଣୀର ସୃଷ୍ଟି । ପୁଣି କାହାଣୀର ବିକାଶଧାରା ମଧ୍ୟ ସେମିତି ସୁପ୍ରାଚୀନ । ତେଣୁ ଲୋକ କାହାଣୀର ଜନ୍ମ ଲଗ୍ନ ସଠିକତା ନିର୍ଦ୍ଧାରଣ କରିବା କଷ୍ଟ ।

ଲୋକ କାହାଣୀକୁ ଓଡ଼ିଆ ଗଳ୍ପ କଳାର ଆଦ୍ୟରୂପରାଗ ଭାବରେ ଗ୍ରହଣ କରାଯାଇପାରେ ।

ପ୍ରଥମତଃ ଲୋକ କାହାଣୀ ବା ଲୋକ ମୁଖରେ ପ୍ରଚଳିତ କାହାଣୀ ହେଉଛି ଗଳ୍ପ ବା କଥା ଦିଗରେ ପ୍ରଥମ ପଦକ୍ଷେପ ।

ଜୀବନ ସଂଗ୍ରାମରେ ଅବିରତ ବ୍ୟାପୃତ ରହି କର୍ମକ୍ଳାନ୍ତ ଶରୀରରେ ଦିବାବସାନ ପରେ ପରିବାର ମଧ୍ୟକୁ ଫେରିଆସି ପୁରୁଷ ନିଜ କର୍ମମୟ ଦିବସର ବାସ୍ତବ, ବ୍ୟକ୍ତିଗତ ଅନୁଭୂତିକୁ ଅନ୍ୟମାନଙ୍କ ନିକଟରେ ପ୍ରକାଶ କରିବା ଏକାନ୍ତ ସ୍ୱଭାବିକ । ସନ୍ଧ୍ୟାର ଅଳସ ଅବସରକୁ ବିବିଧ ବିନୋଦରେ ବିନିଯୋଗ କରି ପରିବାର ଭିତରେ ସାମୟିକ ଆନନ୍ଦ ହିଲ୍ଲୋଳ ସୃଷ୍ଟି କରିବା ଦିଗରେ ପୁରୁଷର ଏଇ ବ୍ୟକ୍ତିଗତ ଅନୁଭୂତି କଥନ ଥିଲା ଏକ ଉତ୍କୃଷ୍ଟ ପନ୍ଥା, ସମୟ କ୍ରମେ ଏକ ବ୍ୟକ୍ତିର ଅନୁଭୂତି ସହିତ ପରିବାରର ତଥା ଶ୍ରେଣୀର ଅନୁଭୂତି ଓ ସେହି ଜୀବନରେ ବିଭିନ୍ନ ବିଭାଗ ମଧ୍ୟ କାହାଣୀର ବିଷୟବସ୍ତୁ ଭିତ୍ତିରେ ଦେଖା ଦେଇଥିଲା । ପରବର୍ତ୍ତୀ ସମୟରେ ଏଇ ଅନୁଭୂତି ବ୍ୟକ୍ତି ଓ ଜାତିର ଅତୀତ ସମ୍ପଦ ରୂପେ ଗୋଟିଏ କଣ୍ଠରୁ ଅନ୍ୟ କଣ୍ଠକୁ ପୁରୁଷାନୁକ୍ରମେ ଗତି କରିବାକୁ ଲାଗିଲା, ସ୍ଥୂଳତଃ କାହାଣୀର ଜନ୍ମକାଳ ମଣିଷ ଜୀବନ ପରି ଗୃହ ଜୀବନଠାରୁ ଆରମ୍ଭ ଓ ମଣିଷ ଜୀବନ ପରି ଏହା ମଧ୍ୟ କାଳସ୍ରୋତରେ ବହୁ ପରିବର୍ତ୍ତନ ମଧ୍ୟରେ ଗତିଶୀଳ ।

କାହାଣୀର ଆଭିଧାନିକ ଅର୍ଥ ହେଉଛି ବୃତ୍ତାନ୍ତ ବିବରଣୀ, କାଳ୍ପନିକ ଗଳ୍ପ ଇତ୍ୟାଦି । ତେଣୁ କାହାଣୀର ମୁଖ୍ୟ ଦିଗଟି ତାହାର କଥନ ଭଙ୍ଗୀରେ ହିଁ ବିହିତ । କାହାଣୀର ସ୍ରୋତ ସମସ୍ତେ ବକ୍ତା ମଧ୍ୟ ସମସ୍ତେ ସାହିତ୍ୟର ପ୍ରବନ୍ଧ, କବିତା ନାଟକ ଇତ୍ୟାଦି ବିଭାଗ ଭିତରେ ରସାସ୍ୱାଦନ କରିବା ପାଇଁ କିଛିଟା ବିଦଗ୍ଧତା ହୁଏତ ଥାଇପାରେ । ମାତ୍ର କାହାଣୀରୁ ସମସ୍ତେ ଭାବ ଗ୍ରହଣ କରିପାରନ୍ତି । କାହାଣୀର ଏହି ସର୍ବଜନ ଗ୍ରାହକତା ହିଁ ତାକୁ ଲୋକ ସମାଜର ଅଧିକ ଆଦରଣୀୟ କରି ଗଢି ତୋଳିଛି । ତେଣୁ ଏହାକୁ କେହି କେହି ସାର୍ବଜନୀନ ଗଣତାନ୍ତ୍ରିକ କଳା ବୋଲି କୁହନ୍ତି ।

ଲୋକ କାହାଣୀର ଆଭିଧାନିକ ଅର୍ଥ ହେଉଛି ବୃତ୍ତାନ୍ତ ବିବରଣୀ, କାଳ୍ପନିକ ଗଳ୍ପ ଇତ୍ୟାଦି । ତେଣୁ କାହାଣୀର ମୁଖ୍ୟ ଦିଗଟି ତାହାର କଥନ ଭଙ୍ଗୀରେ ହିଁ ବିହିତ । ମାତ୍ର କାହାଣୀରୁ ସମସ୍ତେ ଭାବ ଗ୍ରହଣ କରିପାରନ୍ତି । କାହାଣୀର ଏହି ସର୍ବଜନ ଗ୍ରାହକତା ହିଁ ତାକୁ ଲୋକ ସମାଜର ଅଧିକ ଆଦରଣୀୟ କରି ଗଢି ତୋଳିଛି । ତେଣୁ ଏହାକୁ କେହି କେହି ସାର୍ବଜନୀନ ଗଣତାନ୍ତ୍ରିକ କଳା ବୋଲି କୁହନ୍ତି ।

ଲୋକ କାହାଣୀ ହେଉଛି ସର୍ବସାଧାରଣଙ୍କର ଏବଂ ସମାଜର ପ୍ରତି ସ୍ତରରେ ମଣିଷ ହେଉଛି ଲୋକ ଗଳ୍ପର ଗ୍ରାହକ । ଏଥିରେ ଦୁର୍ବୋଧ କିଛି ନାହିଁ । ଏହା ରସାତ୍ମକ ଗଦ୍ୟ, ରୋମାଞ୍ଚକର ଉପନ୍ୟାସ ପରି ସୁଖ ସେବ୍ୟ । ମନରୁ ମନକୁ, ମୁଖରୁ ମୁଖକୁ ଏହାର ଗତି, ଯୁଗ ଯୁଗଧରି ଲୋକ ସାଧାରଣଙ୍କର ଜୀବନ ଜିଜ୍ଞାସା, ରୂପ ପିପାସା ଏହା ଚରିତାର୍ଥ କରୁଥିଲେ ।

ଓଡ଼ିଆ ଲୋକ କାହାଣୀରେ ଓଡ଼ିଆର ସାମାଜିକ ଜୀବନ ଯେମିତି ପ୍ରକାଶ ପାଇଛି, ସେମିତି ମଧ୍ୟ ସ୍ଥାନ ପାଇଛି ଓଡ଼ିଆର ସାଂସ୍କୃତିକ ଚେତନା, ପଲ୍ଲୀ ଜୀବନରେ ବିସ୍ତୃତ ରୂପଚିତ୍ର ହିଁ ଓଡ଼ିଶା ଲୋକ କାହାଣୀ, କାହାଣୀଗୁଡିକରେ କଳ୍ପନା ଓ ଅତି କଳ୍ପନା ସ୍ଥାନ ପାଇଛି, ତଥାପି କାହାଣୀର ବାସ୍ତବ ଆଭିମୁଖ୍ୟ କିନ୍ତୁ ସର୍ବାଧିକ ଆବେଦନ ସୃଷ୍ଟି କରିଥାଏ । ଓଡ଼ିଆର ଘର କରଣା, ଖାଦ୍ୟପେୟ, ଆଚାର, ଆଚରଣ, ପୋଷାକ, ପରିଚ୍ଛେଦ, ଓଷାବ୍ରତ ପର୍ବପର୍ବାଣି, ବାହା ପୁଆଣି, ରାଜା ପ୍ରଜା, କୃଷି ବାଣିଜ୍ୟ, ଧନୀ ଦରିଦ୍ର, ଓଡ଼ିଶାର ନଦନଦୀ, ବନ ପାହାଡ, କୁଡିଆ, ପ୍ରାସାଦ ସମାଜ ଓ ସଂସ୍କୃତିର ସ୍ୱଚ୍ଛନ୍ଦ ଓ ବିଶ୍ୱସ୍ତ ଚିତ୍ର ଅଙ୍କନ କରିବାରେ ଏହା ସକ୍ଷମ ହୋଇପାରିଛି ।

ସହାୟକ ଗ୍ରନ୍ଥସୂଚୀ

୧. ମିଶ୍ର, ଡକ୍ଟର ଶ୍ରୀନିବାସ: ଆଧୁନିକ ଓଡ଼ିଆ ଗଦ୍ୟସାହିତ୍ୟ

୨. ମିଶ୍ର, ଡକ୍ଟର ନରେନ୍ଦ୍ର ନାଥ: ଆଧୁନିକ ଓଡ଼ିଆ ଗଦ୍ୟସାହିତ୍ୟ

୩. ମିଶ୍ର, ଡକ୍ଟର କାହ୍ନୁଚରଣ: ଆଲୋଚନାମାଳା

୪. ମାନସିଂହ, ଡକ୍ଟର ମାୟାଧର: ଓଡ଼ିଆ ସାହିତ୍ୟର ଇତିହାସ

୫. ଦାସ, ପଣ୍ଡିତ ସୂର୍ଯ୍ୟନାରାୟଣ: ଓଡ଼ିଆ ସାହିତ୍ୟର ଇତିହାସ, ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଖଣ୍ଡ

ବରିଷ୍ଠ ଗବେଷକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ବଡଚଣାର ବିପ୍ଳବୀ ବାଘ ସଂଗ୍ରାମୀ ସ୍ୱର୍ଗତ କୃଷ୍ଣମୋହନ

ଗଂଗାଧର ମହାନ୍ତି

ଭାରତର ଭାଗ୍ୟାକାଶ ଯେତେବେଳେ ଗୋରା ସରକାର ଅନ୍ଧାରୀ ଶାସନରେ ଅତିଷ୍ଠ, ଅକଥନୀୟ ଅତ୍ୟାଚାରରେ ମ୍ରିୟମାଣ ସବୁ ଆକୁଳ ଆବେଦନ ଯେତେବେଳେ ପୋଲିସର ଲାଠି ଗୁଳିମାଡରେ ସ୍ତବ୍ଧ, ସେମିତି ଏକ ବିଡମ୍ବିତ ମୁହୂର୍ତ୍ତରେ ଯେଉଁ କେତେଜଣ ଅଗ୍ନିମାନ ଉଦ୍ଦାମ ଯୁବକ ଦୃପ୍ତ ସାହସରେ ନିଜକୁ ତିଳତିଳ କରି ଜାତୀୟ – ସଂଗ୍ରାମ ଯଜ୍ଞରେ ଆହୂତି ଦେଇଥିଲେ, ନିଜକୁ ନିଶେଷ କରିଥିଲେ ଜନନୀ ଜନ୍ମଭୂମିର ମୁକ୍ତି ପାଇଁ – ସେମାନଙ୍କ ମଧ୍ୟରେ ବଡଚଣା ଥାନାର ସ୍ୱର୍ଗତ କୃଷ୍ଣମୋହନ ରାଉତରାୟ ଥିଲେ ଜଣେ ଦୁଃସାହସୀ ବିପ୍ଳବୀବୀର। ଚରମ ବିପ୍ଳବର ବାର୍ତ୍ତାବହ ଭାବରେ ସେ ନିଜର ସୀମିତ ଜୀବନକୁ ଯେପରି ଲୋମହର୍ଷଣକାରୀ ରକ୍ତାକ୍ତ ସଂଗ୍ରାମରେ ନିବିଡଭାବେ ଅଂଗୀଭୂତ କରିଥିଲେ ତାର ପଟାନ୍ତର ନାହିଁ।

କୃଷ୍ଣମୋହନ ଥିଲେ ଚରମପନ୍ଥୀ– ସଂଗ୍ରାମୀ ପୁରୁଷ, ଅଦ୍ଭୁତ ସଂଗଠକ, ଅସାମାନ୍ୟ ନେତା । କେବଳ ବଡଚଣା ନୁହେଁ, ସମଗ୍ର ଯାଜପୁରର ମୁଷ୍ଟିମେୟ ଯେଉଁ କେତେଜଣ ଲଢୁଆ ଯୁବକ ଯୌବନର ଉନ୍ମାଦନା, ଯୁବକର ଯୁବକତ୍ୱ ନେଇ ଓଡ଼ିଶା ଜାତୀୟ ସଂଗ୍ରାମକୁ ଗତିଶୀଳ କରି ପ୍ରଜ୍ୱଳିତ କରି ରଖିଥିଲେ–କୃଷ୍ଣମୋହନ ଥିଲେ ସେଇ ଜ୍ୱଳମାନ ବହ୍ନି ଶିଖାର ପ୍ରଚଣ୍ଡ ଆଗ୍ନେୟ ସ୍ଫୁଲିଙ୍ଗ। ସେଇମାନଙ୍କର ଲୋମହର୍ଷଣକାରୀ ବିପ୍ଳବ ଗୋରା ଶାସକର ମହାଦ୍ରୁମକୁ ଦୋହଲାଇ ଦେଇଥିଲା ଓଡ଼ିଶା ମାଟିରେ , ବହୁଭାବରେ ଜାତୀୟ ଆନ୍ଦୋଳନକୁ ପରିପୁଷ୍ଟ କରି।

୧୮୯୯ ମସିହା ଜୁନ୍ ମାସ ୨୮ ତାରିଖର ଏକ ଶୁଭକ୍ଷଣରେ ଏହି ଯୋଗଜନ୍ମା ମହାନ୍ ବିପ୍ଳବୀ ଜନ୍ମ ନେଇଥିଲେ ବଡଚଣାର ଅଜ୍ଞାତ ଅଖ୍ୟାତ ନିପଟପଲ୍ଲୀ ଗାଁ ଡିଗିରିଆର ଏକ ମଧ୍ୟବିତ୍ତ ପରିବାରରେ। ପିତା ଆନନ୍ଦଚନ୍ଦ୍ର ଥିଲେ କନିକା ରାଜାଙ୍କର ରାଜସ୍ୱ ବିଭାଗର କର୍ମଚାରୀ। ଏକମାତ୍ର ସନ୍ତାନ କୃଷ୍ଣମୋହନ ଥିଲେ ପିତାଙ୍କର ସବୁ ଆଶା ଭରସାର ପ୍ରତୀକ। ଗାଁରେ ବାଲ୍ୟଶିକ୍ଷା ସମାପନ କରି ପରେ ମାଧ୍ୟମିକ ଶିକ୍ଷା ପାଇଁ ପିତା ତାଙ୍କୁ ନେଇ ଯାଆନ୍ତି ନିଜର କର୍ମସ୍ଥଳୀ କନିକାର ଗିରିଆ ମଠକୁ। ରାଜକନିକା ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷାର ଶୁଭାରମ୍ଭ ହୁଏ। ହେଲେ କାଳର ଗତି କୁଟୀଳ।ଚଞ୍ଚଳ ସ୍ୱଭାବର ଛାତ୍ର କୃଷ୍ଣମୋହନ କନିକାରେ ନିରୀହ ପ୍ରଜାମାନଙ୍କ ଉପରେ ରାଜତନ୍ତ୍ରର ନିର୍ମମ ଅତ୍ୟାଚାରରେ ବ୍ୟଥିତ ହୋଇ ଉଠନ୍ତି । ଜମିରେ ପ୍ରଜାମାନଙ୍କର ସ୍ୱତ୍ତ୍ୱ ନଥାଏ । ଚଉଷଠି ପ୍ରକାରର କର ଜୁଲମ କରି ଆଦାୟ ହେଉଥାଏ। ଏସବୁ ଦେଖି କୃଷ୍ଣମୋହନଙ୍କ କିଶୋର ହୃଦୟରେ ଝଡ ଉଠେ। ପିତାଙ୍କର ସବୁ ଆଶା ଆଶଙ୍କାରେ ପରିଣତ ହୁଏ । ରାଜତନ୍ତ୍ର ବିରୋଧୀ ମନ ଭିତର କୁହୁଳା ନିଆଁ ଜଳିଉଠେ ଶତ ଜିହ୍ୱା ହୋଇ । ସେ ଡେଇଁ ପଡନ୍ତି ୧୯୨୦ ମସିହାରେ ଯୁଗାନ୍ତକାରୀ କନିକା ପ୍ରଜା ଆନ୍ଦୋଳନରେ ଯେଉଁ ଛଅ ଜଣ ସ୍କୁଲ ଛାତ୍ର ପାଠ ପଢାରେ ଡୋରି ବାନ୍ଧି ଆରମ୍ଭ କରନ୍ତି ସଂଗ୍ରାମୀର ଜୀବନ । କୃଷ୍ଣମୋହନ ଥିଲେ ସେମାନଙ୍କର ଅଗ୍ରଦୂତ। ଗଣ ପାଇଁ ଯାର ଜନ୍ମ, ସେ କ'ଣ ଜଣକର ହୋଇ ଘର କୋଣରେ ଲୁଚିପାରେ। ହେଲେ ଅନ୍ୟ ପକ୍ଷରେ ପିତାଙ୍କର ଚାକିରି ବିପନ୍ନ ହୁଏ। ସବୁ ବୁଝାମଣା, ଧମକ କଡାତାଗିଦ୍ ପାଣି ଫାଟିଯାଏ ଏଇ ଜିଦ୍‌ଖୋର ପିଲା ପାଖରେ। ଶେଷରେ କୃଷ୍ଣମୋହନ କନିକା ଇଷ୍ଟେଟରୁ ବିତାଡିତ ହୋଇ ଆଶ୍ରୟ ନିଅନ୍ତି ନିଜ ଗାଁରେ ।

ମାତ୍ର ଯେତେ ଲୁଚାଇଲେ ଅଗ୍ନି ସତ୍ୟ ନ୍ୟାୟରେ ଗାଁରେ ମଧ୍ୟ ଏହି ଜ୍ୱଳନ୍ତ ଆଗ୍ନେୟଗିରି ଅଶାନ୍ତ ହୋଇ ଉଠେ ଦେଶ ଦଶ ପାଇଁ। ୧୯୨୧ ମିସିହା ଆଇନ ଅମାନ୍ୟ ଆନ୍ଦୋଳନରେ

ଯୋଗ ଦେଇ ଖଡଗପୁର ହାଟରେ ବିଲାତି ବସ୍ତ୍ର ପୋଡି ଅଭିଯୁକ୍ତ କୃଷ୍ଣମୋହନ ଭୋଗନ୍ତି ଦୁଇବର୍ଷ କାରାଦଣ୍ଡ। କାରାମୁକ୍ତି ପରେ ନବଉନ୍ମାଦନାରେ ବିପ୍ଳବ ଅନଳକୁ ଅଧିକ ଭୟଙ୍କର କରି ଜଳାଇ ଦିଅନ୍ତି ଚରମ ବିପ୍ଳବୀ କୃଷ୍ଣମୋହନ।

ଗାନ୍ଧିଜୀଙ୍କ ଆଦର୍ଶରେ ୧୯୨୬ ମସିହାରେ ପ୍ରତିଷ୍ଠା କରନ୍ତି 'ସ୍ୱରାଜ ଆଶ୍ରମ' ଖଡଗପୁରଠାରେ, ପଞ୍ଚାମୁଣ୍ଡାଇ କେନାଲର ଦିକ୍ଷଣ ପାର୍ଶ୍ୱରେ । ଏହି ଆଶ୍ରମ ହୋଇ ଉଠେ ସମଗ୍ର ବଡଚଣା ତଥା ମାହାଙ୍ଗା ବିପ୍ଳବର ପ୍ରାଣକେନ୍ଦ୍ର, ଆଉ କୃଷ୍ଣମୋହନ ହିଁ ଏହାର କେନ୍ଦ୍ରବିନ୍ଦୁ-ଚାଳକ ନେତା। ଏହି ସମୟରେ ତାଙ୍କର ସ୍ୱପ୍ନକୁ ସାର୍ଥକ କରି, ସଂଗ୍ରାମକୁ ତ୍ୱରାନ୍ୱିତ କରି ସହକର୍ମୀଭାବେ ଯୋଗ ଦିଅନ୍ତି- କଡେଇ ଶାସନର ଶଶିଭୂଷଣ ଦାଶ, କୁସୁପୁରର ରାଜେନ୍ଦ୍ର ବର୍ମା, ପିତାମ୍ବର ଜେନା, ଦିଗମ୍ବର ପଟ୍ଟନାୟକ , ବନମାଳୀପୁରର ଅଚ୍ୟୁତାନନ୍ଦ ଶତପଥୀ, ମୃଷାଟିକିରର ବ୍ରହ୍ମାନନ୍ଦ ପାତ୍ର , କାହ୍ନୁ କର ଆଦି ଦେଶପ୍ରେମୀ ବିପ୍ଳବୀ ଯୁବକଗଣ । ସମଗ୍ର ବଡଚଣାରେ ଜଳିଉଠେ ଜାତୀୟ ଆନ୍ଦୋଳନର ବହ୍ନି ପ୍ରଳୟକାରୀ ହୋଇ।

କଟକରୁ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ଗୁପ୍ତ ସଂଗଠନରୁ କଂଗ୍ରେସ ବାର୍ତ୍ତା ପ୍ରଚାର କରୁଥିଲେ ଏହି ଆଶ୍ରମ ମାଧ୍ୟମରେ ସଂଗ୍ରାମର ନିଆଁଝୁଲା ବୁଲିବୁଲି। କୃଷ୍ଣମୋହନ ଥିଲେ ସବୁ ପ୍ରେରଣା, ପରାମର୍ଶ, ଉତ୍ସାହ ଉଦ୍ଦୀପନାର ଏକମାତ୍ର ଉତ୍ସ , ସାରା ବଡଚଣାରେ। ସେ କେବଳ ବାକ୍ୟବୀର ନଥିଲେ, ଥିଲେ ବାସ୍ତବ କର୍ମଚାରୀ ଦିନରାତି ଅକ୍ଳାନ୍ତ ପରିଶ୍ରମ କରି - ସବୁ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଭୁଲି ଲାଠି, ଗୁଳିମାଡ, ଜେଲର ଆଶଙ୍କାକୁ ପଦାଘାତ କରି ଅଶିକ୍ଷିତ ଚାଷୀ-ମୂଲିଆଙ୍କ ସୁପ୍ତ ବୈପ୍ଳବିକ ଚେତନାକୁ ଜାଗ୍ରତ କରନ୍ତି ବଡଚଣାର ଗ୍ରାମେ ଗ୍ରାମେ। ସହକର୍ମୀ ସଂଗ୍ରାମୀ ବିଚିତ୍ରାନନ୍ଦ ରାୟଙ୍କ କଥାରେ, ସମଗ୍ର ବଡଚଣା ଥିଲା ତାଙ୍କ ନଖ ଦର୍ପଣରେ। କଳକଳାଠାରୁ କୋଲଣଗିରି ଯାଏ ଖଣ୍ଡିଏ ସାଇକେଲ ଧରି ଘୂରି ବୁଲନ୍ତି ବିପ୍ଳବର ନିଆଁ ଜାଳି ଜାଳି ।

କର୍ମମୁଖର ଜୀବନର ଅନ୍ୟଏକ ପର୍ଯ୍ୟାୟରେ ସେ ବାନର ସେନାଭୁକ୍ତ ହୋଇ କଟକଠାରେ ପିକେଟିଂ କରି ଭୋଗନ୍ତି ୧୫ ଦିନର କାରାବାସ। ୧୯୩୦ ଏପ୍ରିଲ ମାସରେ ଗୋପବନ୍ଧୁ ଚୌଧୁରୀଙ୍କ ସକ୍ରିୟ ସହଯୋଗୀ ଭାବେ ବାଲେଶ୍ୱର ଇଞ୍ଚୁଡି ଲବଣ ସତ୍ୟାଗ୍ରହରେ ଯୋଗଦେଇ ଭୋଗନ୍ତି ଅକଥନୀୟ ଅତ୍ୟାଚାର ।

ତତ୍‌ପରେ କଂଗ୍ରେସ ନିର୍ଦ୍ଦେଶରେ ବଡଚଣାର ବିଭିନ୍ନ ସ୍ଥାନରେ ଅବକାରୀ ଦୋକାନମାନ ପୋଡି, ଆରମ୍ଭ କରନ୍ତି ବିପ୍ଳବାତ୍ମକ ଆନ୍ଦୋଳନର ଅନ୍ୟ ପର୍ଯ୍ୟାୟ, ଆଉ ଧରାହୋଇ ପାଟନା ଜେଲରେ କାରାଦଣ୍ଡ ଭୋଗନ୍ତି।

ଏହି ସଂଗ୍ରାମୀ ପାଟନା ଜେଲରୁ ଖଲାସ ହୋଇ ପୁଣି ଆରମ୍ଭ କରନ୍ତି ଜାତୀୟ ଆନ୍ଦୋଳନ ଭୟଙ୍କର ଭାବରେ । ଏହି ସମୟରେ ତାଙ୍କ ସହ ସକ୍ରିୟ ଭାବେ ଯୋଗ ଦିଅନ୍ତି ବର୍ତ୍ତମାନ ବଡଚଣାର ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ଶ୍ରୀ ବୃନ୍ଦାବନ ତ୍ରିପାଠୀ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ତାଙ୍କର ସୁଯୋଗ୍ୟ ଅନୁଜ ଶ୍ରୀ ରତ୍ନାକର ରାଉତରାୟ, ନୀଳମଣି ସାମଲ, ଗୋଲକଚନ୍ଦ୍ର ପ୍ରଧାନ, ତିଳ ମଳିକ ତଥା ମୃଷାଡିଗିରୀର ଶ୍ରୀ ଦୁର୍ଯ୍ୟୋଧନ ମହାପାତ୍ର, ଶ୍ରୀ ଅଭିମନ୍ୟୁ ମହାପାତ୍ର, ରଂକନିଧି ମହାପାତ୍ର, ରାଇ ବଜେନା, କୋଲଣଗିରିର ଶ୍ରୀ ପୁରନ୍ଦର ମହାପାତ୍ର, ହଳଧର ମହାପାତ୍ର , ସାଉଡିଆର ଶ୍ରୀ ବିଚିତ୍ରାନନ୍ଦ ରାୟ ପ୍ରମୁଖ ଅନେକ ନିଷ୍ଠାପର କର୍ମୀ । ବୃନ୍ଦାବନ ତ୍ରିପାଠୀ, ଦୁର୍ଯ୍ୟୋଧନ ମହାପାତ୍ର , ରତ୍ନାକର ରାଉତରାୟ ଥିଲେ ଅସୀମ ସାହସୀ ଓ ନିର୍ଭୀକ ବିପ୍ଳବୀ । ପ୍ରବଳ ଭାବରେ ଆରମ୍ଭ ହୁଏ ଜାତୀୟ ଆନ୍ଦୋଳନ ବଡଚଣାରେ କୃଷ୍ଣମୋହନଙ୍କ ବଳିଷ୍ଠ ନେତୃତ୍ୱରେ।

ପରିସ୍ଥିତି ଚାପରେ ବିପ୍ଳବର ଗତି ଭିନ୍ନ ମୋଡ ନିଏ । ନିରୀହ ପ୍ରଜାମାନଙ୍କ ଉପରେ ଜମିଦାର ମହାଜନମାନଙ୍କ ଲଙ୍କାମରିଚ ଧୂଆଁ ଜୋଡିବେତ ପାହାର, ଲୁଟତରାଜ ପ୍ରଭୃତି ନିର୍ମମ ଅତ୍ୟାଚାର ବ୍ୟଥିତ କରେ କୃଷ୍ଣମୋହନଙ୍କୁ। ଅସୀମ ସାହସ ନେଇ ସେ ସରକାର ସମର୍ଥିତ ଜମିଦାର ମହାଜନମାନଙ୍କ ବିରୁଦ୍ଧରେ ଆରମ୍ଭ କରନ୍ତି ଦ୍ୱନ୍ଦ୍ୱମୂଳକ ବିରୋଧ।

ଦଳିତ, ଅତ୍ୟାଚାରିତ ଦରିଦ୍ର ଜନତାର ଆବଦ୍ଧ ଜୀବନ ଶ୍ରୋତକୁ, ଉଜଡା ସ୍ୱପ୍ନକୁ ବଞ୍ଚି ରହିବାର ଆକାଂକ୍ଷାକୁ ଦିଗଦର୍ଶନ ଦେଇ। ଗରିବ ଜନତାର ନେତୃତ୍ୱ ନେଇ ଧନଶାଳୀ ଶକ୍ତିଶାଳୀ ଜମିଦାରମାନଙ୍କୁ ସାମନା କରିବା, ନିଆଁସହ ଖେଳଖେଳିବା ହେଲେ ପଛଘୁଞ୍ଚା ନାହିଁ ବୀରର ଜାତକେ- ଡରି ଯାଇ ନଥିଲେ ଏହି ମହାବଳ ବାଘ । ଚାଷୀ ମୂଲିଆଙ୍କ ଆଖିରୁ ଅଶ୍ରୁ ପୋଛିବା ପାଇଁ ଜମିଦାରମାନଙ୍କ ସବୁ ଚକ୍ରାନ୍ତ , ବାଧାପ୍ରତିବନ୍ଧକ, ଧମକ ଚମକ ତଥା ପ୍ରଲୋଭନକୁ ଏଡାଇ ଆଗେଇ ଚାଲନ୍ତି ଜମିଦାର ମହାଜନ ବିରୋଧୀ ବିପ୍ଳବର ବନ୍ଧୁର ପଥେ ପଥେ।

ଅସାମାନ୍ୟ ସଂଗଠନ ଶକ୍ତି, ଅଗ୍ନିବର୍ଷୀ ଭାଷଣ- ବଡଚଣାର ଜନମାନସକୁ ଉଦ୍‌ବୁଦ୍ଧ କରେ-ଉନ୍ମତ୍ତ କରେ । ଶୋଷିତ ଜନତା ଏକତ୍ରିତ ହୁଏ କୃଷ୍ଣମୋହନଙ୍କର ସଂଗ୍ରାମୀ ବାହୁ ଛାୟାତଳେ। ଦୋହଲି ଯାଏ ସରକାର ତୋଷାମଦି ଜମିଦାରୀ ଶାସନର ବ୍ୟୂହ ସାରା ବଡଚଣାରେ । ଶୋଷଣ କବଳିତ ଦଳିତ ମଣିଷକୁ ନ୍ୟାୟ ଦେବାର ଅକଥନୀୟ କଷ୍ଟ ସ୍ୱୀକାର କରି ସେ ଅସାମାନ୍ୟ ଲୋକପ୍ରିୟ ହୋଇ ଉଠନ୍ତି।

ସଂଗ୍ରାମୀ ରଂକନିଧି ମହାପାତ୍ର କହନ୍ତି- ବଡଚଣାରେ କଂଗ୍ରେସ କହିଲେ କୃଷ୍ଣବାବୁ, ବିପ୍ଳବ କହିଲେ କୃଷ୍ଣବାବୁ- କି ଅଗ୍ନିବର୍ଷି ସେ ବାଣୀ-କି ନିରଳସ ସାଧନା, କୃଷ୍ଣବାବୁ ହାତ ହଲାଇଲେ-ବଡଚଣା ଦୋହଲି ଯାଉଥିଲା । ସେ ଥିଲେ ବଡଚଣା ବିପ୍ଳବର ସଂଗ୍ରାମୀ ମହାବଳ ବାଘ ଏଇଥିରୁ ସବୁ ଅନୁଭବ କରିହୁଏ, ଅନୁମାନ କରିହୁଏ।

ସବୁ ବାଧାବନ୍ଧନ ବିରୋଧକୁ ଏଡେଇ ବହିଚାଲେ କୃଷ୍ଣମୋହନଙ୍କ ବିପ୍ଳବୀ ଜୀବନ ସ୍ରୋତ। ବିଭିନ୍ନ ପ୍ରର୍ଯ୍ୟାୟରେ୧୯୩୧ମସିହାରେ ଲୋକାଲ ବୋର୍ଡ ୧୯୩୯ ମସିହାରେ ଜିଲାବୋର୍ଡ, ୧୯୪୦ ମସିହାରେ କଂଗ୍ରେସ ଜୋନାଲ କମିଟି, ୧୯୪୮ରେ ରାଜ୍ୟ କଂଗ୍ରେସ କମିଟିକୁ ବଡଚଣାର ସର୍ବସମର୍ଥିତ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବରେ ସେ ପ୍ରତିଧ୍ୱନିତ କରନ୍ତି। ଗାଁ ଗଣ୍ଡାର ଅଶିକ୍ଷିତ ଜନସାଧାରଣଙ୍କଠାରୁ ଉପରୋକ୍ତ ବିଭିନ୍ନ କମିଟିର ପ୍ରତିନିଧି ଭାବେ ତାଙ୍କର ଅସାମାନ୍ୟ ଲଢୁଆ ମନୋଭାବ ପ୍ରତ୍ୟେକ କାର୍ଯ୍ୟକ୍ରମରେ ପ୍ରତିଧ୍ୱନିତ ହେଉଥିଲା। ଉପରୋକ୍ତ ବିଭିନ୍ନ କମିଟିର ବିଶିଷ୍ଟ ବ୍ୟକ୍ତିମାନେ ପ୍ରତ୍ୟକ୍ଷଦର୍ଶୀ ଅନୁଭୂତିର ବିବରଣୀ ଦେଇ କହନ୍ତି- କୃଷ୍ଣବାବୁ ଜଣେ ସାଧାରଣ ମଣିଷ ନଥିଲେ - ଥିଲେ ପ୍ରଚଣ୍ଡ ନିଆଁର ଏକ ହୁଳା-ତେଜୋଦୀପ୍ତ ଚାହାଣୀ ନିର୍ଭୀକ କଥା, କର୍ମଚଞ୍ଚଳତା-ତାଙ୍କଠାରୁ ଶିଖିବାର କଥା।

ଏହି ବିପ୍ଳବୀ ଯୁବକଙ୍କର ପ୍ରତ୍ୟକ୍ଷ ସଂପର୍କ ଥିଲା ଉତ୍କଳ କେଶରୀ ଡଃ ମହତାବ, ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ, ଗୋପବନ୍ଧୁ ଚୌଧୁରୀ, ମା' ରମାଦେବୀ, ଶ୍ରୀମତୀ ମାଳତୀ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଶରତ ମହାରଣା, ଚୁନିଦେବୀ, ନୀଳମଣି ପ୍ରଧାନ, ଗୌରାଙ୍ଗ ଦାସ, ଯଦୁମଣି ମଂଗରାଜ, ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ପରି ତତ୍କାଳୀନ ଅନେକ ବରେଣ୍ୟ ନେତାଙ୍କ ସହ । ସେମାନେ ନିପଟ ମଫସଲର ଏହି ବିପ୍ଳବୀ ବୀରଙ୍କ ଡିଗିରିଆ ଗ୍ରାମକୁ ବହୁବାର ଆସି ଆନ୍ଦୋଳନ ସଂପର୍କରେ ଆଲୋଚନା କରୁଥିଲେ।

ବଡଚଣା ଥାନା ପୋଡିବା ପାଇଁ ନିକଟସ୍ଥ ଖଇରା ପୋଲତଳେ ଆତ୍ମଗୋପନ, ଧାନମଣ୍ଡଳ ରେଲ ଷ୍ଟେସନ ପୋଡିବାର ମସୁଧା, ଦର୍ପଣ ରାଜାଙ୍କ ଘରେ ଅତିଥେୟତା ବେଳେ ଚକ୍ରାନ୍ତକୁ ପଣ୍ଡ କରିବା, ପୋଲିସ କନେଷ୍ଟବଳକୁ ବାନ୍ଧି ବନ୍ଦରେଶ୍ୱର ଯାଏ ଚଲାଇ ଆଣିବା, ପ୍ରବଳ ପ୍ରତାପୀ ରାମଦାସପୁର ଜମିଦାରଙ୍କ କଚେରୀ ପୋଡି, କୋର୍ଟରେ ବିଚାର ବେଳେ ରାଧାଚରଣ ବାବୁ ଡିପୋଟିଙ୍କ ଆଗରେ ଗୋଡ ହଲାଇବା, ଫକୀରମିଆ ପାଟଣାର ପଣ୍ଡିତ ସ୍ୱର୍ଗତ ଭାଗବତ ନନ୍ଦଙ୍କୁ ବଲାତି ଲୁଗା କାଢି ଲଂଗଳା କରିବା, ତତ୍କାଳୀନ ଇଉନିଅନ ପ୍ରେସିଡେଣ୍ଟ ଦୁର୍ଗାଚରଣ ସାମଲ ନିଜର ମାତୁଳଙ୍କୁ କହନ୍ତି ତୁମେ କଂସ ମାମୁଁ , ମୁଁ କୃଷ୍ଣବଧ କରିବି ଆଦି ସମାଲୋଚନା କରିବା , ବାରିମୂଳଠାରେ ବଂଧୁଘରେ ଆତ୍ମଗୋପନ ବେଳେ ପୋଲିସ ଘେରାଉ ଓ ହଳୁଆ ବେଶରେ ହଳଧରି ଚମ୍ପଟ କରିବା, ପଳିଶିଙ୍ଗାରୁ ମୁଣ୍ଡରେ ପକ୍ଷୀଆ ଦେଇ ଚିରାଲୁଗା ପିନ୍ଧି ପୁଲିସ ଆଖିରେ ଧୂଳି ଦେଇ ଖସିଯିବା ପ୍ରଭୃତି ଅନେକ ରୋମାଞ୍ଚକର କାହାଣୀ ତାଙ୍କ ସହକର୍ମୀମାନଙ୍କଠାରୁ ଶୁଣି ଭାବି ହୁଏନା ସେ କ'ଣ ଥିଲେ।

ବହୁମୁଖୀ ପ୍ରତିଭାର ସମନ୍ୱୟ ଏହି ସଂଗ୍ରାମୀ ବରୀର ଗୋପବନ୍ଧୁ ଚୌଧୁରୀଙ୍କ ଆଶ୍ରମ ସହ ତଥା ବିପ୍ଳବୀ ରଙ୍ଗାଧର ଦାସ, ବାସୁଦେବ ସାମଲ, ବିପ୍ଳବୀ ପୁହାଣ, ଆର୍ତ୍ତତ୍ରାଣ ମହାନ୍ତି, ଭଗୀରଥ ଦାସ, କେନ୍ଦ୍ରାପଡାର ପୁରୁଷୋତ୍ତମ ନାୟକ, ମାହାଙ୍ଗାର ସଚ୍ଚି ଜେନା ପ୍ରଭୃତି ବିପ୍ଳବୀଙ୍କ ସହ ତାଙ୍କର ପ୍ରତ୍ୟକ୍ଷ ସଂଯୋଗ ଥିଲା।

୧୯୪୨ ମସିହା ଅଗଷ୍ଟ ଆନ୍ଦୋଳନର ସେ ଥିଲେ ସମଗ୍ର ଯାଜପୁରର ସରକାର ତ୍ରାସ ସୃଷ୍ଟିକାରୀ ଚରମ ବିପ୍ଳବୀ । ଏହି ସମୟରେ ଅନେକ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇ ନିର୍ଯ୍ୟାତନା ଦିଆଗଲା, ବରୀ କଳାମାଟିଆ ଶହୀଦ୍ ରକ୍ତରେ ଲାଲ ହୋଇ ଉଠିଲା-ଦମନର ଚରମ ଲୀଳା ଲାଗିଲା । ୧୯୪୨ ବିପ୍ଳବକୁ ଦବାଇ ଦେବାକୁ ସରକାର କୃଷ୍ଣମୋହନଙ୍କୁ ସବୁ ବିପ୍ଳବର ସୂତ୍ରଧର ବୋଲି ଭାବି ଧରିବାକୁ ସମସ୍ତ ଉଦ୍ୟମ କଲେ-ହେଲେ ଶତଚେଷ୍ଟା ବିଫଳ ହେଲା। ଶେଷରେ ଚରମ ଦେଶଦ୍ରୋହୀ ଭାବେ ତାଙ୍କୁ ଏବଂ ଜୀବନ୍ତ ଧରାଇ ଦେଲେ ପାଞ୍ଚଶହ ଟଂଙ୍କା ପୁରସ୍କାର ପୋଲିସ ଘୋଷଣା କଲା । କିନ୍ତୁ ଅପରାଜେୟ ବୀରଙ୍କୁ ଧରିବାକୁ ପୋଲିସ୍ ବାହିନୀର ସବୁ ଉଦ୍ୟମ ପଣ୍ଡ ହେଲା।

ତା ୦୮.୦୯.୧୯୪୨ ମସିହାରେ କୋଲଣଗିରି ମଠରେ ଶେଷ ଗୁପ୍ତ ବୈଠକରେ ସେ ନିଷ୍ପତ୍ତି କରନ୍ତି ଆତ୍ମସମର୍ପଣ ପାଇଁ । କାରଣ ତାଙ୍କୁ ଧରିବାକୁ ଯାଇ ବଡଚଣାର ଅନେକ ନିରୀହ, ପୋଲିସର ରୋଷାନଳରେ ଅତ୍ୟାଚାରିତ ହେଉଥିଲେ ତାଙ୍କରି ପାଇଁ । ଠିକ୍ ଏହି ସିଦ୍ଧାନ୍ତ ସମୟରେ ବିପ୍ଳବୀ ସୁରେନ୍ଦ୍ରନାଥ ଦ୍ୱିବେଦୀ ମୁସଲମାନ ବେଶରେ, ଲୁଙ୍ଗି ଓ ଟୋପି ପିନ୍ଧି ଧୂଆଁପତ୍ର ବିକ୍ରେତାର ଛଦ୍ମବେଶରେ କୃଷ୍ଣବାବୁଙ୍କୁ ପରାମର୍ଶ ଦିଅନ୍ତି ଆତ୍ମସମର୍ପଣ ନିମିତ୍ତ ।

ପରିଶେଷରେ ଏହି ଦୁର୍ଦ୍ଧର୍ଷ ବିପ୍ଳବୀ ସେପ୍ଟେମ୍ବର ୯ ତାରିଖରେ ବଡଚଣା ପୋଲିସ ଅଫିସର ନୀଳମଣି ମହାନ୍ତିଙ୍କୁ ଦଫାଦାର ବାସୁଦେବ ସାମଲଙ୍କ ଦ୍ୱାରା ଡକାଇ ନିଜେ ବନ୍ଦୀତ୍ୱ ଗ୍ରହଣ କରନ୍ତି ଗୋପାଳପୁର ଡାକବଂଗଳାଠାରେ । ତାଙ୍କୁ କଟକ ଜେଲରେ ବି ଶ୍ରେଣୀର ବନ୍ଦୀ ଭାବରେ ରଖାହୁଏ । ବିଭିନ୍ନ ଦଫାରେ ଓ ବିଭିନ୍ନ ମକଦ୍ଦମାରେ ଜଡିତ କରି ତାଙ୍କୁ ମୋଟ ୨୬ ବର୍ଷ ୬ ମାସ କାରାଦଣ୍ଡର ଆଦେଶ ମିଳେ । ଏହିପରି ଦୀର୍ଘ ବର୍ଷ କାରାଦଣ୍ଡ ବୋଧହୁଏ ସମଗ୍ର ଦେଶରେ କୋଣସି ସ୍ୱାଧୀନତା ସଂଗ୍ରାମୀଙ୍କୁ ହୋଇଥିଲା କି ନାହିଁ ସନ୍ଦେହ । ଏହି କାରାଦଣ୍ଡରୁ କୃଷ୍ଣମୋହନଙ୍କ ଦେଶ ପ୍ରେମ ପାଇଁ ଦୁଃସାହସୀ ବିପ୍ଳବୀର ଜୀବନ ବୋଧହୁଏ ବିରଳ ଘଟଣା ।

ଜେଲରେ ଥିବାବେଳେ ଜମିଦାରଙ୍କ ଦ୍ୱାରା ବାସଗୃହରେ ଅଗ୍ନି ସଂଯୋଗ, ସ୍ନେହମୟୀ ମା, ନିଃସନ୍ତାନ ଦାଦା-ଖୁଡୀଙ୍କର ମୃତ୍ୟୁ ହୁଏ ଅସହାୟ ଭାବେ । ପ୍ରଚଣ୍ଡ ଦାରିଦ୍ର୍ୟର ତାଡନ, ଭିତରେ କାରାମୁକ୍ତି ପରେ ତା ୧୮.୦୯.୫୦ ମସିହା ବମ୍ବେ (ନାସିକ) କଂଗ୍ରେସର ଯୋଗଦାନ ତାଙ୍କ ଜୀବଦ୍ଦଶାର ଶେଷ ସଭାରେ ଯୋଗଦାନ, ସେଠାରୁ ପ୍ରତ୍ୟାବର୍ତ୍ତନ କରି ବିଭିନ୍ନ ସଂଗଠନ କାର୍ଯ୍ୟରତ ଥିବା ଅବସ୍ଥାରେ ସେ ୧୦.୦୨.୫୧ ମସିହାରେ ଶେଷ ନିଃଶ୍ୱାସ ତ୍ୟାଗ କରନ୍ତି, ଅକାଳରେ ମାତ୍ର ୫୧ବର୍ଷ ବୟସରେ ଜାତୀୟ ଆନ୍ଦୋଳନର ଚରମ ଆତ୍ମୋତ୍ସର୍ଗର ଲୋକହର୍ଷଣକାରୀ କୃଷ୍ଣମୋହନଙ୍କ ସଂଗ୍ରାମୀ ଜୀବନ ଇତିହାସର ଏଇଠୁ ଯବନିକା ପଡେ । ହେଲେ ଆଜି ବଡଚଣାର ପ୍ରତି ସଂଗ୍ରାମୀଙ୍କ ହୃଦୟ କନ୍ଦରରେ, ଧୂଳିମାଟିରେ କୃଷ୍ଣମୋହନଙ୍କ ସ୍ମୃତି ପ୍ରତିଧ୍ୱନିତ । ତାଙ୍କ ଅସାମାନ୍ୟ ତ୍ୟାଗର ପଟ୍ଟାନ୍ତର ନାହିଁ ।

ପ୍ରବହମାନ ସମୟ ସ୍ରୋତର ଜୁଆର ଭଟ୍ଟା ମଧ୍ୟରେ ଆମେ ଯେଉଁମାନେ ସ୍ୱାଧୀନତାର ସ୍ୱାଦ ଉପଭୋଗ କରୁଛୁ, ସେହି ଅବସରରେ ଅତୀତ ସ୍ୱାଧୀନତା ସଂଗ୍ରାମର ରୋମାଞ୍ଚକର ଅଧ୍ୟାୟ ରୋମନ୍ଥନ କରି ସ୍ମରଣ କରୁଛି ସେହି କ୍ଷଣଜନ୍ମା କୃଷ୍ଣମୋହନଙ୍କୁ । ବିପ୍ଳବୀ ବୀର ବଡଚଣା ସଂଗ୍ରାମର ମହାବଳ ବାଘ କୃଷ୍ଣ ମୋହନଙ୍କର ଚରମ ତ୍ୟାଗ, ସଂଘର୍ଷମୟ ଜୀବନ, ଉତ୍ସର୍ଗୀକୃତ ଜୀବନର ରକ୍ତରଂଜିତ ଇତିହାସ ନିର୍ମମ ନିର୍ଯ୍ୟାତନାର କରୁଣ କାହାଣୀମାନ ଆମ ପାଇଁ ସୀମିତ ଅଧ୍ୟାୟ ହୋଇଯାଇଛି । ସେହି ତ୍ୟାଗନିଷ୍ଠଙ୍କର ଆଦର୍ଶ, ପ୍ରେରଣା, ଉଦ୍ଦୀପନା, ଦେଶ ଦେଶ ପାଇଁ ଅକୁହା ଆବେଦନ, ଉତ୍ତର ଦାୟାଦମାନଙ୍କଠାରେ ପ୍ରତିଫଳିତ ହେଉ, ପବିତ୍ର ବାଷଠିତମ ଶ୍ରାଦ୍ଧ ଉତ୍ସବ ପାଳନ ଅବସରରେ ଏହାହିଁ କାମନା ।

ସଂପାଦକ,
ସଂଗ୍ରାମୀ କୃଷ୍ଣମୋହନ
ସାଂସ୍କୃତିକ ପରିଷଦ

❖ ❖ ❖

# ରାୟଗଡ଼ର ସାହିତ୍ୟ ଓ ସଂସ୍କୃତି

ବାସୁଦେବ ପାତ୍ର

ଅତୀତର ରାଇ କନ୍ଧର ଗଡ଼ ରାଇଗଡ, ସରକାରୀ କାଗଜ ପତ୍ରରେ ରାୟଗଡ଼ା ଓ ଯଥାର୍ଥରେ ଏବର ରାୟଗଡ଼ା ହେଉଛି ମାନବ ଜାତିର ଆଦିଭୂମି । ପ୍ରସିଦ୍ଧ ନିୟମଗିରି ପର୍ବତମାଳା ସଂଲଗ୍ନ ପବିତ୍ର ବଂଶଧାରା, ନାଗାବଳୀ, ଲାଙ୍ଗଳୀ ନଦୀର ତଟବର୍ତ୍ତୀ ଏହି ଅଞ୍ଚଳ ରାୟଗଡ଼ । ପୁରାଣରେ କୁହାଯାଇଛି:-

ତ୍ରିସାମା ଋଷିକୁଲ୍ୟାଚ, ଇକ୍ଷୁକା ତ୍ରିଦିବା ଚୟା,<br>
ଲାଙ୍ଗଳିନୀ, ବଂଶଧାରା, ମହେନ୍ଦ୍ର ତନୟା ସ୍ମୃତା ॥

ପ୍ରାଚୀନ କଳିଙ୍ଗର ପବିତ୍ର ନଦୀ ବଂଶଧାରାର ପୁରାଣ ବର୍ଣ୍ଣିତ ବଳରାମଙ୍କ ଲଙ୍ଗଳ ମୂନରୁ ସମ୍ଭୂତା ଲାଙ୍ଗଳିନୀ ବା ଲାଙ୍ଗୁଳି ନଦୀ ଓ ପବିତ୍ର ନାଗାବଳୀର ତଟଦେଶରେ ମହନୀୟ ଏହାର ବହୁ ବର୍ଣ୍ଣା ଇତିହାସ । ଜାତି, ଧର୍ମ ଓ ଭାଷାର ବିବିଧତା ସତ୍ତ୍ୱେ ସମସ୍ତଙ୍କୁ ଆପଣେଇ ନେଇଛି ଏହାର ଧୂଳିମାଟି । ପ୍ରାଣ ପ୍ରାଚୁର୍ଯ୍ୟଭରା ପ୍ରାଗ୍‌ଐତିହାସିକ କଳା, ସଂସ୍କୃତି, ଶାନ୍ତ କାନ୍ତ ବନଭୂମି, ଉତ୍ତୁଙ୍ଗ ଜଳ ପ୍ରପାତ, ସଂଖ୍ୟାହୀନ ଗିରିଝରର କଳକଳ ନାଦ, ତିଖ ପାହାଡ଼ର ଘାଟିପରେ ଘାଟି, ପ୍ରଲମ୍ବିତ ଅଳସୀ କ୍ଷେତ, କୋରେଇ ଫୁଲର ବାସ୍ନା..... ସବୁ ଯେମିତି ମଣିଷକୁ ବଂଚିବାର ଖୋରାକ ଯୋଗାଏ । ଇଏ ସେହି ରାୟଗଡ଼, ପ୍ରାଚୀନ ଅଟବୀ, ଉତ୍କଳ ଓ କଳିଙ୍ଗର ଅଂଶ ବିଶେଷ । ପୁରାତନ ଓଡ୍ରାଦି ଭୂଭାଗର ବିସ୍ତୀର୍ଣ୍ଣ ସୀମାନ୍ତ ଇଲାକା । ଏହାକୁ କୁହାଯାଉଥିଲା ବ୍ରାତ୍ୟଦେଶ ବା ଝାଡ଼ଖଣ୍ଡ । ପରେପରେ ଏହାକୁ କୁହାଗଲା ମହାକାନ୍ତାର ବା ବିଦ୍ୟାଧର ଦେଶ । ସୁଦୂର ଅତୀତରେ ବ୍ୟାଘ୍ରରାଜା ଏହି ଅଞ୍ଚଳରେ ରାଜୁତି କରୁଥିଲେ ଓ ଲାଙ୍ଗୁଳୀ ନଦୀ କୂଳସ୍ଥ ଚମ୍ପାଗଡ଼ (ଅଧୁନା ଚମ୍ପିକୋଟ)କୁ ନିଜର ରାଜଧାନୀ କରିଥିବା ଇତିହାସରୁ ଜଣାଯାଏ ।

ପ୍ରାଚୀନ ତଥ୍ୟାନୁଯାୟୀ ଏହି ଅଞ୍ଚଳରେ ସାତ ବାହନ, ବକାଟକ, ନଳବଂଶୀ, ମାଧରା, ବାଂଶବଂଶୀ, ମତ୍ସ୍ୟବଂଶୀ, ଶୀଳାବଂଶୀ, ସୋମବଂଶୀ ଓ ଶେଷକୁ ସୂର୍ଯ୍ୟବଂଶୀ ରାଜାମାନେ ରାଜୁତି କରୁଥିଲେ । ଏହି କ୍ରମରେ କାଶ୍ମୀର ରାଜା କୁମ୍ଭଦେବଙ୍କ ପୁତ୍ର ବିନାୟକ ଦେବ ୧୪୪୩ ରେ ମହାକାନ୍ତାର ଅଞ୍ଚଳରେ ରାଜବଂଶ ପ୍ରତିଷ୍ଠା କରି ନନ୍ଦପୁରକୁ ନିଜର ରାଜଧାନୀ କରିଥିଲେ । ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ସୁଦୀର୍ଘ ୭୦୦ ବର୍ଷ ଧରି ଏହି ରାଜବଂଶର ଶାସନ କାଳରେ ଜୟପୁରକୁ କିଛିକାଳ ପାଇଁ ନିଜ ରାଜଧାନୀ ଉଠାଇ ଆଣିଥିଲେ । ୧୫୨୭ରୁ୧୫୭୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବିନାୟକ ଦେବଙ୍କ ଅଣନାତି ତଥା ରାଜା ଭୈରବ ଦେବଙ୍କ ପୁତ୍ର ବିଶ୍ୱନାଥ ଦେବ ନନ୍ଦପୁର ପରିବର୍ତ୍ତେ ରାୟଗଡ଼ଠାରେ ନିଜର ରାଜଧାନୀ ସହ ଇଷ୍ଟଦେବୀ ମାଆ ମଝିଘରିଆଣିଙ୍କୁ ଗଡ଼ ମଧ୍ୟରେ ପ୍ରତିଷ୍ଠା କରିଥିଲେ । ପ୍ରୋକ୍ତ ଗଡ଼ର ବହୁ ଭଗ୍ନାବଶେଷ ଓ ରାଣୀମାନଙ୍କର ଗାଧୁଆ ପୁଷ୍କରିଣୀ କିଆଝୁଲା ଏବେ ବି ନିକଟବର୍ତ୍ତୀ ଅଞ୍ଚଳରେ ଦୃଷ୍ଟି ଗୋଚର ହୁଏ । ରାଜା ବିଶ୍ୱନାଥ ଦେବ ବିଷ୍ଣୁ ଭକ୍ତ ଥିଲେ ଓ ସେସମୟରେ ବୈଷ୍ଣବ ଧର୍ମର ପ୍ରାବଲ୍ୟ ହେତୁ ବହୁ ବିଷ୍ଣୁ ମନ୍ଦିର ନିର୍ମାଣ ହୋଇଥିବା ଜଣାଯାଏ । ଗଜପତି ପ୍ରତାପରୁଦ୍ରଙ୍କ ଅନ୍ତେ ରାଜା ବିଶ୍ୱନାଥ ଦେବ ନିଜକୁ ଗଜପତି ରୂପେ ଘୋଷଣା କରି 'ନ ଉଣା ଗଜପତି' ଆଖ୍ୟା ଲାଭ କରିଥିଲେ । ଏହାଙ୍କ ବ୍ୟତୀତ କାଶୀପୁର, କଲ୍ୟାଣ ସିଂହପୁର, ବିଷମକଟକ ଓ ଗୁଣାର୍ଣ୍ଣବଙ୍କ ନାମ ଅନୁସାରେ ଗୁଣପୁରଠାରେ ସାମନ୍ତ ରାଜା ଜମିଦାର ବା ଥାଟରାଜାମାନେ ରାଜୁତି କରୁଥିଲେ । ବିଷମକଟକର ଥାଟରାଜା ଗୋବିନ୍ଦଚନ୍ଦ୍ର ଦେବ ଜଣେ ପ୍ରଜାବତ୍ସଳ ରାଜାଥିଲେ ଓ ଗୋବିନ୍ଦଚନ୍ଦ୍ର ଦେବ ଉଚ୍ଚବିଦ୍ୟାଳୟ ତାଙ୍କର ଅମ୍ଳାନ କିର୍ତ୍ତୀ । ଇଂରେଜ ରାଜତ୍ୱ ପୂର୍ବରୁ ସୂର୍ଯ୍ୟବଂଶୀ ରାଜାମାନେ ପୁନଶ୍ଚ ଜୟପୁରକୁ ନିଜର ରାଜାଧାନୀ ଉଠାଇ ଆଣିଥିଲେ ଓ ଶାସିତ ଅଞ୍ଚଳକୁ ଜୟପୁର ଜମିଦାରୀ କୁହାଯାଉଥିଲା । ଅବିଭକ୍ତ କୋରାପୁଟ ଜିଲ୍ଲା ଏହି ଜମିଦାରୀ ଅର୍ନ୍ତଭୁକ୍ତ ଥାଇ ଏହା ମାଡ୍ରାସ ପ୍ରେସିଡ଼େନ୍ସୀ

ଅଧୀନରେ ଥିଲା । ୧୯୩୬ ମସିହାରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା ଓ ରାୟଗଡ଼ ଅଞ୍ଚଳ କୋରାପୁଟ ଜିଲ୍ଲାର ଅଂଶବିଶେଷ ରୂପେ ପ୍ରସିଦ୍ଧି ଲାଭ କଲା । ପୁନଶ୍ଚ ୧୯୯୨ ମସିହା ଅକ୍ଟୋବର ୨ ତାରିଖ ଦିନ ୧୩ଟି ଜିଲ୍ଲାରୁ ୩୦ଟି ଜିଲ୍ଲାରେ ପରିଣତ ପ୍ରକ୍ରିୟାରେ ରାୟଗଡ଼ ଏକ ସ୍ୱତନ୍ତ୍ର ଜିଲ୍ଲାରେ ପରିଣତ ହେଲା । ସୁଦୀର୍ଘ ୭,୫୮୪.୭୮ ବର୍ଗ କିଲୋମିଟର ଭୌଗଳିକ ସୀମା ମଧ୍ୟରେ ୨ଟି ଉପଖଣ୍ଡ ୪ଟି ତହସିଲ୍, ୧୧ଟି ବ୍ଲକ, ୧୭୧ ଗ୍ରାମ ପଞ୍ଚାୟତ, ୨୬୬୭ଟି ଗ୍ରାମ ଓ ୨୦୦୧ ଜନଗଣନା ଅନୁସାରେ ୮,୨୩୦୧୯ ଜନସଂଖ୍ୟା ମଧ୍ୟରୁ ମୋଟ ଆଦିବାସୀଙ୍କ ସଂଖ୍ୟା ୫୬.୪ ହୋଇ ଥିବାବେଳେ ହରିଜନ ହେଉଛନ୍ତି ୧୪.୨୦ ଓ ସାଧାରଣ ବର୍ଗ ୨୨.୬୮ ଶତାଂଶ । ଆମ ରାଜ୍ୟରେ ବସବାସ କରୁଥିବା ୬୨ ପ୍ରକାର ଆଦିବାସୀଙ୍କ ମଧ୍ୟରୁ ଏ ଜିଲ୍ଲାରେ ମୁଖ୍ୟତଃ କନ୍ଧ, ସଉରା, ଜାତାପୁ, ଧରୁଆ ଓ ଜାତାପୁ ଦୋରାମାନେ ବସବାସ କରନ୍ତି । ଏହି ଆଦିମ ଅଧିବାସୀଙ୍କ ରୀତିନୀତି, ସଂସ୍କୃତି, ପର୍ବପର୍ବାଣି, ଚିତ୍ର ଓ ବୟନକଳା ଲୋକ ସାହିତ୍ୟ, ନୃତ୍ୟ ଓ ସଂଗୀତାଦିରେ ଭରି ରହିଛି ମଣିଷ ମନର ଅମାପ ସ୍ୱପ୍ନ ଓ ଜୀଇଁବାର କଳା । ନିଜସ୍ୱ ପରମ୍ପରା ଓ ପ୍ରାଚୀନତାକୁ ନେଇ ଏମାନେ ଗର୍ବ ଅନୁଭବ କରିଥାନ୍ତି ।

ଏ ଜିଲ୍ଲାର ମୁଖ୍ୟ ଜନଜାତି କନ୍ଧ ୫ ପ୍ରକାରର । ଡ଼ଙ୍ଗରିଆ କନ୍ଧ, ଝୋଡ଼ିଆ କନ୍ଧ, ମଉଳା କନ୍ଧ, ଦେଶିଆ କନ୍ଧ ଓ ବୁଢ଼ା କନ୍ଧ । ଏହି କନ୍ଧମାନେ ନିଜକୁ ଝୋଡ଼ିଆ ପରଜା, ପେଙ୍ଗୁପରଜା ପାରେଙ୍ଗ ପରଜା ଓ କନ୍ଧ ପରଜା ନାମରେ ମଧ୍ୟ ପରିଚିତ କରାଇଥାନ୍ତି । ଏମାନଙ୍କ ମଧ୍ୟରୁ ଅତି ଦୁର୍ଗମ ଡ଼ଙ୍ଗର ଅଞ୍ଚଳ ବିଶେଷତଃ କୁର୍ଲି ଓ ପାତ୍ସାଲି ଅଞ୍ଚଳରେ ଯୁଗ ଯୁଗ ଧରି ବଂଚି ରହିବାକୁ ଶିଖିଥିବା ଡ଼ଙ୍ଗରିଆ କନ୍ଧ ନିଜକୁ ବିଶ୍ୱର ଆଦି ମାନବର ବଂଶଧର ବୋଲି ଦାବି କରିଥାଏ । ବହୁ ଲୋକକଥାରେ ଏ ସଂପର୍କରେ ଚଟୁଳ ବିବରଣୀମାନ ମିଳିଥାଏ । ଏମାନଙ୍କ ପରିଧାନ, ଚିତାକୁଟା, ବେଶଭୂଷା, ଭାଷା ଓ ଅଳଙ୍କାର ଏବଂ ଆଚାର ବିଚାର ଅନେକାଂଶରେ ଅନ୍ୟ କନ୍ଧମାନଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ । ଏମାନଙ୍କ ଭଳି ସଉରା ବା ଶବର ସଂପ୍ରଦାୟ ଏ ଜିଲ୍ଲାର ଏକ ସମୃଦ୍ଧ ଜନଜାତି ଓ ଜନସଂଖ୍ୟା ଦୃଷ୍ଟିରୁ ୨ୟ ସ୍ଥାନରେ ଅଛନ୍ତି । ଏମାନେ ମୁଖ୍ୟତଃ ୪ପ୍ରକାରର । ଶୁଦ୍ଧ ସଉରା, ଲାଂଜିଆ, ସଉରା, କାଂପୁ, ସଉରା ଓ ମାଳିଆ ସଉରା । ଏମାନଙ୍କ ମଧ୍ୟରୁ ଲଂଜିଆ ସଉରା ଅତି ପୁରାତନ ପନ୍ଥୀ ଓ ପ୍ରାଚୀନ ପରଂପରାରେ ବିଶ୍ୱାସୀ ।

ସଂସ୍କୃତି

ରାୟଗଡ଼ର ମୂଳ ଅଧିବାସୀଭାବେ କୁଇକନ୍ଧ ବା କୁଭିକନ୍ଧ ସଂସ୍କୃତି ଅତୀବ ବିଚିତ୍ର । ଏମାନେ ସଂଘବଦ୍ଧ ଭାବେ ନୃତ୍ୟ ସଂଗୀତ ପରିବେଷଣ କରନ୍ତି । ଢ଼େମସା ଓ ମାଦଳ ସାଥିରେ ନୃତ୍ୟର ତାଳେ ତାଳେ ବହୁ ଢ଼ଗଢ଼ମାଳି, ଲୋକଗୀତ ଆବୃତ୍ତି କରିଥାଆନ୍ତି । ଏମାନେ ନିଜର ମୌଖିକ ସାହିତ୍ୟରେ ପ୍ରଚୁର ଲୋକ କଥା, ଲୋକଗୀତ, ସାର୍ବଜନୀନ ଚିନ୍ତନ ଏପରିକି ଜୀବନର ନିଛକ ସତକଥାକୁ ଦ୍ୱିଧାହୀନ ଭାବେ ପ୍ରକାଶ କରିଥାନ୍ତି । ଏମାନଙ୍କ ଅବିବାହିତ ପୁଅଝିଅଙ୍କୁ ଧାଙ୍ଗଡା ଧାଙ୍ଗିଡି କୁହାଯାଏ । ସେମାନଙ୍କ ପାଇଁ ଗାଁ ମୁଣ୍ଡରେ ଏକ ସ୍ୱତନ୍ତ୍ର ଘର ଥାଏ । ନାଚଗୀତର ଆସର ସେଇଠି ହୁଏ । ବୟସ୍କ ପୁରୁଷ ଓ ବୟସ୍କା ମହିଳା କେତେ ଜଣ ସେମାନଙ୍କ ଦାୟିତ୍ୱ ନେଇଥାନ୍ତି ।

ଏମାନଙ୍କ ସମାଜରେ ୫ ପ୍ରକାର ବିବାହ ପ୍ରଚଳିତ । ମାଙ୍ଗନି ବା ମଗା ବିବାହ, ଉଦୁଲିଆ, ଝିକ୍କା କନିଆ,ପଇସା ମୁଣ୍ଡି ଓ ଘର ଜୁଆଁଇ । ଘରଜୁଆଁଇ ବିବାହରେ କନ୍ୟାର ସମ୍ମତି ପ୍ରତି ପ୍ରାଧାନ୍ୟ ଦିଆଯାଇଥାଏ ।

ଏମାନଙ୍କ ପରିବାର ମାତୃକୈନ୍ଦ୍ରିକ । ଏମାନଙ୍କ ଯୌତୁକକୁ 'ଜଲ୍ଲା' କୁହାଯାଏ । ସଂଗୀତ କ୍ଷେତ୍ରରେ ଡ଼ଙ୍ଗରିଆ କନ୍ଧ ସଂପ୍ରଦାୟର ରେଢ଼ାବାଦ୍ୟ, ବାଂଶବାଦ୍ୟ ପ୍ରଚଳିତ ଥିବାବେଳେ ଅନ୍ୟ କନ୍ଧ ସଂପ୍ରଦାୟର ହାଣ୍ଡିବାଦ୍ୟ, ଘୁମୁରାବାଦ୍ୟ, ପେଁକାଳି ଓ ମହୁରୀ ପ୍ରଭୃତି ପ୍ରୟୋଜନ ହୋଇଥାଏ । ଏମାନେ ୮୪ ପ୍ରକାର ଦେବାଦେବୀଙ୍କୁ ପୂଜା କରୁଥିବା ବେଳେ କାକେରୀ ପେନୁ (ଜଗନ୍ନାଥ) , ତାନା ପେନୁ (ସୁଭଦ୍ରା) ମୁରବୀ ପେନୁ (ବଳଭଦ୍ର) , ତାଳାପେନୁ (ପୃଥିବୀ) ଓ ଚନ୍ଦ୍ର, ସୂର୍ଯ୍ୟଙ୍କୁ ମୁଖ୍ୟଦେବତା ରୂପେ ମାନିଥାନ୍ତି । ରୋଗ (ପାଙ୍ଗଣ) ହେଲେ ଏମାନେ ଝଡ଼ାଫୁଙ୍କା (ପୁଚୁଣି) କରନ୍ତି । ପଶୁପକ୍ଷୀ ବଳିରେ ବିଶ୍ୱାସ ଓ ଆରୋଗ୍ୟ ଲାଭ ପାଇଁ ଜାନି, ଦିସାରୀ, ବେଜୁଣୀ (ଗୁଣିଆ)ଙ୍କ ପରାମର୍ଶ ନିଅନ୍ତି । ଏହାଙ୍କ ସମାଜରେ ପୂର୍ବେ ମଣିଷ ବଳି ବା ମେରିଆ ବଳିପ୍ରଥା ପ୍ରଚଳନ ଥିଲା ଏବେ ଏହା ସଂପୂର୍ଣ୍ଣ ବିଲୁପ୍ତ ଓ ପରଂପରା ଦୃଷ୍ଟିରୁ ମଣିଷ ବଦଳରେ ପୋଢ଼ବଳି ପ୍ରଥା ପ୍ରଚଳିତ । ପୋଡୁଚାଷ, ଜଙ୍ଗଲଜାତ ଦ୍ରବ୍ୟ, ଫଳମୂଳ ସଂଗ୍ରହ ଓ ପଶୁ ଶିକାର ଏମାନଙ୍କ ମୁଖ୍ୟ ଜୀବିକା । ଏମାନେ କେତେଖଣ୍ଡ କାଠ ଓ ପଥରକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପୋତି ଏହାକୁ ଦେବତାର ମାନ୍ୟତା ଦେଇଥାନ୍ତି । ଗାଁ ମଝିରେ ପ୍ରତିଷ୍ଠିତ ଲୋକଦେବତାକୁ 'ଝାଙ୍କରି' କୁହାଯାଏ । ଏମାନେ ବର୍ଷସାରା ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି । ଏଗୁଡ଼ିକ

ମଧ୍ୟରୁ ପୌଷପର୍ବ ଚଇତିପର୍ବ ଏନ୍ଦ୍ରାପେନୁ ପୂଜା, ବିହନ ବୁଣାପର୍ବ ଓ ବାଲିପରବ ମୁଖ୍ୟ ପର୍ବ ରୂପେ ଯାକଜମକରେ ପାଳନ କରାଯାଏ । ଏହାଛଡ଼ା ଅତୀତରେ କାଶୀପୁର ଅଞ୍ଚଳରେ ଭିନ୍ନ ଏକ ପର୍ବ ଟୋକିମରା ପର୍ବ, ନାମରେ ପାଳନ କରାଯାଉଥିଲା । ଏହି ପର୍ବରେ ଏକ କୁମାରୀ କନ୍ୟାକୁ ଅତ୍ୟନ୍ତ ବିଭତ୍ସ ଭାବରେ ହତ୍ୟା କରାଯାଉଥିଲା । ଏବେ ଏହି ପର୍ବରେ କନ୍ୟା ବଦଳରେ ମେଣ୍ଢାଟିଏ ବଳି ଦିଆଯାଉଥିବା ଜଣାଯାଏ । ଏମାନଙ୍କ ସମାଜରେ ସ୍ତ୍ରୀ ପୁରୁଷ ମଧ୍ୟରେ ବିବାହ ବିଚ୍ଛେଦ ବ୍ୟବସ୍ଥା ପ୍ରଚଳିତ ଓ ଏହା ଅତି ସରଳ ଭାବେ ତୁଟିଥାଏ । ଏମାନଙ୍କ ବନ୍ଧୁପ୍ରଥା ଅତ୍ୟନ୍ତ ଦୃଢ଼ ଓ ସାଂସ୍କୃତିକ ସହନଶୀଳତା ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ । କଠୋର ପରିଶ୍ରମୀ ହୋଇଥିଲେ ମଧ୍ୟ ଏମାନଙ୍କ ମଧ୍ୟରୁ ଅନେକ ମଦ୍ୟ କବଳରେ ପଡି ସର୍ବସ୍ୱାନ୍ତ ହୋଇଥାନ୍ତି । ଏମାନଙ୍କ ଲିଖିତ ଭାଷା ନାହିଁ । ତଥାପି ଏମାନଙ୍କ ଭାଷା ସାହିତ୍ୟ ସମ୍ପର୍କରେ ପ୍ରଖ୍ୟାତ ଔପନ୍ୟାସିକ ସ୍ୱର୍ଗତ ଗୋପୀନାଥ ମହାନ୍ତି କୁଭିକନ୍ଧ ଭାଷାତତ୍ତ୍ୱ ନାମରେ ଏକ ପୁସ୍ତକ ପ୍ରଣୟନ କରିଛନ୍ତି । ପ୍ରସିଦ୍ଧ ଲୋକ କବି କୃଷ୍ଣଚନ୍ଦ୍ର ଝାଲିଆ ଏହି କନ୍ଧ ଭାଷାରେ ପ୍ରାୟ ୧୦/୧୨ ଖଣ୍ଡ କବିତା ବହି ପ୍ରକାଶ କରିଛନ୍ତି । ସେହିପରି ଶିକ୍ଷକ ସୁକଦେବ ସାହୁ 'ଆଦିମ' ନାମକ ଏକ ସାମୟିକ ପତ୍ରିକା କନ୍ଧ ଭାଷାରେ ଏଠାରେ ପ୍ରକାଶ କରୁଛନ୍ତି । କନ୍ଧମାନଙ୍କର କୁଇ ସଂସ୍କୃତି ଭଳି ସଉରା ସଂସ୍କୃତି ଅତୀବ ପ୍ରାଚୀନ । ଏମାନେ ଅଷ୍ଟ୍ରୋଲଏଡ୍ ବା ଅଷ୍ଟ୍ରୀକ ଭାଷା ପରିବାରର ମୁଣ୍ଡା ଗୋଷ୍ଠୀର ଏକ ଶାଖା । ଏମାନଙ୍କ ଉନ୍ନତ ତନ୍ତ୍ରବିଦ୍ୟା ଶାବରୀ ବିଦ୍ୟା ରୂପେ ସୁପରିଚିତ । ନିଜସ୍ୱ ଧର୍ମଧାରଣା, ବିଶ୍ୱାସ, ଚରିତ୍ର ଓ ଶାରୀରିକ ଗଠନରେ ଏମାନେ କନ୍ଧମାନଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ । ଏମାନଙ୍କ ପୂଜକକୁ ଶମନ ଓ ବୈଦ୍ୟକୁ ଦିସାରୀ କୁହାଯାଏ । ଗାଁ ମୁଣ୍ଡରେ ଥିବା ଏମାନଙ୍କ ଦେବତା ସ୍ଥଳୀକୁ ସାହୁଗୁଡି କୁହାଯାଏ । ମୁଖ୍ୟ ଦେବତା ହେଉଛନ୍ତି କିତୁଂ ଓ ପିତୃପୁରୁଷଙ୍କ ପୂଜାରେ ସୋନମ୍ ହେଉଛନ୍ତି ଆରାଧ୍ୟ ଦେବତା । ଦାରୁପୂଜା ହେତୁ ଏମାନଙ୍କୁ ଜଗନ୍ନାଥ ସଂସ୍କୃତିର ଆଦ୍ୟ ଦାରୁ ଉପାସକ ରୂପେ ଅଭିହିତ କରାଯାଏ । ବୈଦିକ ମନ୍ତ୍ର ସହ ଏମାନଙ୍କ ଲୋକମନ୍ତ୍ରରେ ବହୁ ସାମଞ୍ଜସ୍ୟ ଦେଖିବାକୁ ମିଳେ ।

ଏମାନଙ୍କ ବିଭିନ୍ନ ପର୍ବପର୍ବାଣି ମଧ୍ୟରୁ ଡୁମ୍ବାପୂଜା ବ୍ୟକ୍ତିକୈନ୍ଦ୍ରିକ ହୋଇଥିବା ବେଳେ ବାଲିପର୍ବ ଓ ଚଇତିପର୍ବ ସାର୍ବଜନୀନ ଲୋକପ୍ରିୟ ପର୍ବ । ବିଭିନ୍ନ ଧାର୍ମିକ ରୀତିନୀତି ମଧ୍ୟରେ ଶିଶୁର ନାମକରଣ, ଅନ୍ତେଷ୍ଟି କ୍ରିୟା ଇତ୍ୟାଦି ବିଭନ୍ନ ସଂସ୍କାର ସଂପନ୍ନ କରାଯାଏ । ଏମାନେ ବାଦ୍ୟଯନ୍ତ୍ର ପ୍ରିୟ । ଏଗୁଡିକ ମଧ୍ୟରୁ ସିଘାଂ, ତୂରୀ , ଢ଼ୋଲ, ଢ଼ୋଲକ , ଟମକ, ଖିନ୍ଦିରୀ, ସାରି, ଢ଼ାମ୍ପ, ବାଜା ପ୍ରଭୃତି ବାଦ୍ୟଯନ୍ତ୍ର ଏମାନେ ସ୍ୱୟଂ ନିର୍ମାଣ କରିଥାନ୍ତି । ସାନ୍ତାଳଙ୍କ ଅଲିଚିକି ଭଳି ଗୁଣପୁରର ଶବର ପଣ୍ଡିତ ମଙ୍ଗେଇ ଗମାଙ୍ଗ ୨୪ ଅକ୍ଷରର ବିଶିଷ୍ଟ ସୋରାଙ୍ଗ୍ ସୋମପେଙ୍ଗ୍ ବା ସୌରା ଅକ୍ଷରମାଳା ଉଦ୍ଭାବନ କରିଛନ୍ତି । ଏମାନଙ୍କର ନିଜସ୍ୱ ଚିତ୍ରକଳାର ନାଁ ହେଉଛି ଇଡ଼ିତାଲ । ଇଡ଼ି ଅର୍ଥ ଚିତ୍ର ଓ ତାଲ ଅର୍ଥ କାନ୍ଥ ଅର୍ଥାତ୍ କାନ୍ଥଚିତ୍ର । ବିଭିନ୍ନ ଦେବାଦେବୀ, ପ୍ରକୃତି ଓ ମଣିଷ ଜୀବନର ନିଚ୍ଛକ କଳାତ୍ମକ ଅଭିବ୍ୟକ୍ତି ହିଁ ହେଉଛି ଏଇ କାନ୍ଥଚିତ୍ର । କେବଳ ଭିତର କାନ୍ଥରେ ଅଙ୍କନ କରାଯାଉଥିବା ଏହି ଚିତ୍ରକୁ ଦେବତାରୁ ମାନ୍ୟତା ଦିଆଯାଇଥାଏ । ଏହା ବର୍ଗାକାର, ଆୟତକାର, ତ୍ରିଭୁଜ କିମ୍ବା ଗୋଲାକାର ଭାବେ ଅଙ୍କନ କରାଯାଏ । ଯଥାର୍ଥରେ ଏହି ଚିତ୍ରକଳାର ପଟାନ୍ତର ନାହିଁ ।

ସଉରାମାନଙ୍କ ମଧ୍ୟରେ ଲାଞ୍ଜିଆ ସଉରା ଅତ୍ୟନ୍ତ ରକ୍ଷଣଶୀଳ । ଏମାନେ ଏବେ ବି ପୁରାତନ ପ୍ରଥା ଓ ରୀତିନୀତିକୁ ଛାଡି ପାରିନାହାନ୍ତି । ଏମାନେ ପିନ୍ଧୁଥିବା ଲେଙ୍ଗୁଟିର କିଛି ଅଂଶ ଆଗକୁ ଓ ପଛକୁ ଲାଞ୍ଜ ଭଳି ଓହଳି ଥିବାରୁ ଏମାନଙ୍କୁ ଲାଞ୍ଜିଆ କୁହାଯାଏ ନିଜ ହାତରେ ସୂତାକାଟି ବିଭିନ୍ନ ରଙ୍ଗୀନ ବସ୍ତ୍ର ଏମାନେ ପରିଧାନ କରନ୍ତି । ଗୋଷ୍ଠୀବଦ୍ଧ, ସରଳ ଓ ସତ୍ୟାଶ୍ରୟୀ । ଶିକାର ଓ ପୋଡୁଚାଷ ଏମାନଙ୍କ ମୁଖ୍ୟ ଜୀବିକା । ଗମାଙ୍ଗ, ଦଳବେହେରା, ବଡ଼ଚଇତି, କାର୍ଜି ଓ ଗ୍ରାମ ସରପଞ୍ଚକୁ ନେଇ ଏମାନଙ୍କର ଗ୍ରାମ୍ୟ ସଂଗଠନ ଥାଏ ଓ ମୁଖିଆକୁ ଗମାଙ୍ଗ କୁହାଯାଏ । ଏମାନଙ୍କର ଅନ୍ୟ ଆଦିବାସୀ ଭଳି ବିଭିନ୍ନ ପ୍ରଥା ମଧ୍ୟରୁ ସେବଂ ନାମକ ସ୍ୱତନ୍ତ୍ର ଏକ ବିଧବା ବିବାହପ୍ରଥା ପ୍ରଚଳିତ । ନିୟମଗିରି, ପୁଟାସିଙ୍ଗ ଘାଟି ଅଞ୍ଚଳ, ହାତୀଖୋଲ ସଂଲଗ୍ନ ବୁଡୁଣୀ ପର୍ବତମାଳା ଓ ମୀନାଝୋଲା ତଟବର୍ତ୍ତୀ ଇଲାକାରେ ଏମାନେ ପ୍ରକୃତିର ମୁକ୍ତ ବାତାବରଣରେ ଲାଳିତ ପାଳିତ ।

ଏମାନଙ୍କ ସଂସ୍କୃତିରେ ଅଜସ୍ର ଧର୍ମ ଧାରଣା ଓ ପ୍ରକୃତି ପୂଜା ବ୍ୟତୀତ ରାୟଗଡ଼ ଜିଲ୍ଲାରେ ଘଟିଛି ଶୈବ, ଶାକ୍ତ, ବୈଷ୍ଣବ ଓ ବୌଦ୍ଧ ଧର୍ମର ଅପୂର୍ବ ମିଳନ । ବିଭିନ୍ନ ଅଞ୍ଚଳରୁ ପ୍ରାପ୍ତ ଶିଳାଲିପି, ମୁଦ୍ରା ଓ ତଥ୍ୟରୁ ଜଣାଯାଏ ଯେ, ପଦ୍ମପୁର ଅଞ୍ଚଳର ପ୍ରସିଦ୍ଧ ଜଗମଣ୍ଡା ପାହାଡରେ ବୌଦ୍ଧ ବିହାର ସ୍ଥାପନ କରାଯାଇ ଆଚାର୍ଯ୍ୟ ଧର୍ମକୀର୍ତ୍ତିଙ୍କ ଦ୍ୱାରା ବୌଦ୍ଧ ଧର୍ମର ପ୍ରଚାର ପ୍ରସାର କରାଯାଇଥିଲା । ଚନ୍ଦ୍ରଲେଖ ଓ ଉଦ୍ଧଖାନ ବୌଦ୍ଧ ସନ୍ନ୍ୟାସୀଙ୍କ ତତ୍ତ୍ୱାବଧାନରେ ଶହ ଶହ ଶ୍ରମଣ ଏଠାରେ ଅବସ୍ଥାନ କରୁଥିଲେ । ସେହି ପ୍ରାଚୀନ ବୌଦ୍ଧ ବିହାରର ଭଗ୍ନସ୍ତୂପ ଏବେ ବି ଜଗମୁଣ୍ଡା ପର୍ବତରେ ଦୃଶ୍ୟମାନ । ସେହିଭଳି ଶୈବ ଧର୍ମର ପଞ୍ଚ ଲିଙ୍ଗେଶ୍ୱର ଉପାସନା କ୍ରମରେ

ପ୍ରସିଦ୍ଧ ପାଇକପଡ଼ାର ଶୈବକ୍ଷେତ୍ର, କଲ୍ୟାଣ ସିଂହପୁରର ଦେବଗିରି ଓ ଗୁଣପୁରର ମାଛଖୁଣ୍ଟି ପ୍ରଭୃତି ସ୍ଥାନ ଶୈବଧର୍ମ ପ୍ରସାରର ପ୍ରାଣକେନ୍ଦ୍ର ଥିଲା। ଶୈବଧର୍ମର ପ୍ରାବଲ୍ୟ ସତ୍ତ୍ୱେ ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର ସାଂସ୍କୃତିକ ଜାଗରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଫଳରେ ବିଭିନ୍ନ ସ୍ଥାନରେ ମଠ ଓ ମନ୍ଦିରମାନ ଗଢି ଉଠିଥିଲା। ଗୁଣପୁର, ରାୟଗଡ଼, ମୁନିଗୁଡ଼ା, ଥେରୁବାଲି ଇତ୍ୟାଦି ଅଞ୍ଚଳରେ କ୍ଷୁଦ୍ର ବୃହତ ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିରମାନ ବୈଷ୍ଣବ ଧର୍ମର ପ୍ରସାର ଦିଗରେ ପଥପ୍ରଦର୍ଶକ ହୋଇଥିଲେ। ସେହିଭଳି ଶାକ୍ତ ଧର୍ମର ପ୍ରସାରରେ ପାଇକପଡ଼ାର ଦକ୍ଷିଣକାଳି, ରାୟଗଡ଼ର ମଝିଘରିଆଣୀ, ବିଷମକଟକର ମାର୍କମା ମନ୍ଦିରର ମହତ୍ୱ ସୁଦୂରପ୍ରସାରୀ ଓ ଶକ୍ତିପୂଜା ଜ୍ୱଳନ୍ତ ନିଦର୍ଶନ। ହିନ୍ଦୁ ସଂସ୍କୃତିର ବିଭିନ୍ନ ଧର୍ମଧାରା ଅପ୍ରତିହତ ଥିବା ବେଳେ ଇଂରେଜ ଶାସନ କାଳରେ ଏ ଅଞ୍ଚଳରେ ମିଶନାରୀମାନଙ୍କ ପ୍ରବେଶ ଘଟି ଖ୍ରୀଷ୍ଟଧର୍ମର ମଧ୍ୟ ବିକାଶ ଘଟିଅଛି। ସାଂସ୍କୃତିକ ଜାଗରଣରେ ଏ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ଓ ତୀର୍ଥସ୍ଥଳୀର ଭୂମିକା କୌଣସି ଗୁଣରେ ନ୍ୟୂନ ନୁହେଁ । ସତ୍ୟ, ତ୍ରେତୟା ଓ ଦ୍ୱାପର ଯୁଗର ବହୁ ପୁରାଣ ପ୍ରସିଦ୍ଧ ସ୍ଥାନମାନଙ୍କ ମଧ୍ୟରୁ ତାରାବାଳି, ମୁନିଖୋଲ,ହାକୁସପାଙ୍ଗା, ମୀନାଝୋଲା , ଆଗୁଳ, ଅମ୍ବାଦୋଳା, ବଜ୍ରଗଡ଼, ଗୁଡାରିକଟକ, କୁମୁଡ଼ାବାଲି, ମାଛଖୁଣ୍ଟି, ଭୈରବଗଡ଼, ଶ୍ରୀଝର, ଓମଡ଼ିଙ୍ଗ , ଦେବଗିରି, ଚାଟିକୋଣା, ହୁକୁମତୋଳା ପ୍ରଭୃତି ରମଣୀୟ ସ୍ଥାନ ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ଯୁଗପତ ଆନନ୍ଦ , ବିସ୍ମୟ ଓ ଭକ୍ତି ଭାବନାରେ ଆହ୍ଲାଦିତ କରିଥାଏ।

ବିଭିନ୍ନ ଧର୍ମଧାରଣାର ସଂଗମସ୍ଥଳୀ ଏହି ରାୟଗଡ଼ ମଧ୍ୟ ନିଜସ୍ୱ ସାହିତ୍ୟକୁ ନେଇ ଗର୍ବକରେ। ଏ ମାଟିର ପଥିତ ଯଶା ସାରସ୍ୱତ ସାଧକଙ୍କ ମଧ୍ୟରେ କବି ବ୍ରଜସୁନ୍ଦର ଦାସ ମହାରଥା ପାତ୍ର, ଶ୍ରୀରାମଚନ୍ଦ୍ର ଥାଟରାଜା, କବିରତ୍ନ ବଳଭଦ୍ର ନାୟକ, ନାଟ୍ୟକାର ଲକ୍ଷ୍ମୀନାରାୟଣ ଶତପଥୀ ଓ ଜଗନ୍ନାଥ ରଣାଙ୍କ ନାମ ସର୍ବାଗ୍ରେ ସ୍ମରଣୀୟ । ଏମାନଙ୍କ ବ୍ୟତୀତ ଯଶସ୍ୱୀ ଔପନ୍ୟାସିକ ଗୋପୀନାଥ ମହାନ୍ତି, ଖ୍ୟାତନାମା ନାଟ୍ୟକାର ବଳରାମ ମିଶ୍ର, ରହସ୍ୟ ଔପନ୍ୟାସିକ ଗିରିଧାରୀ ମହାରଣା, କବି ଓ ଔପନ୍ୟାସିକ ଭଗବତ୍ ପ୍ରସାଦ ରଥଙ୍କ ସମେତ ବର୍ତ୍ତମାନ ପର୍ଯ୍ୟନ୍ତ ସହସ୍ରାଧିକ ସାରସ୍ୱତ ସାଧକଙ୍କ ମଧ୍ୟରୁ ଅନେକ ନିରବଚ୍ଛିନ୍ନ ଭାବେ ସାଧନାରେ ତଲ୍ଲୀନ ଥିବାବେଳେ ଅନେକ କାର୍ଯ୍ୟ ଉପଲକ୍ଷେ ସ୍ଥାନାନ୍ତର ହୋଇଛନ୍ତି। କତିପୟ ସ୍ରଷ୍ଟାଙ୍କ ଅକାଳ ବିୟୋଗରେ ଏ ମାଟିରେ ଶୂନ୍ୟସ୍ଥାନ ସୃଷ୍ଟି ହୋଇଅଛି। ଏହି ଅବସରରେ ସମସ୍ତ ସ୍ରଷ୍ଟା, ସାଧକଙ୍କୁ ଆମେ ଅଜସ୍ର ପ୍ରଣତି ଜଣାଉଛୁ। ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଏ ମାଟିର ସଂକଳ୍ପବଦ୍ଧ ସାଧକମାନଙ୍କ ମଧ୍ୟରୁ ପ୍ରବନ୍ଧରେ – ଡ଼ଃ ପ୍ରଦୀପ ଚୌଧୁରୀ, ଡ଼ଃ ଦୁଷ୍ମନ୍ତ କୁମାର ମହାନ୍ତି, ଡ଼ଃ କୁମୁଦ ଚନ୍ଦ୍ର ମିଶ୍ର, ଡ଼ଃ ମୀନକେତନ ନାୟକ, ଗବେଷକ ଶ୍ରୀ ରଙ୍ଗ ନାୟକ, ହୃଷିକେଶ ଜାଲି, ସୁରେନ୍ଦ୍ର ନାଥ ଖାଡ଼ଙ୍ଗା, ଦ୍ୱିତୀଚନ୍ଦ୍ର ସାହୁ, ସଚ୍ଚିଦାନନ୍ଦ ସାବତ, ଶିବରାମ ଶତପଥୀ, ଗୋକୁଳ ଚନ୍ଦ୍ର ପତି, ଅଚ୍ୟୁତ ଦାସ, ସୀମାଞ୍ଚଳ ପ୍ରଧାନ ପ୍ରମୁଖ, ଉପନ୍ୟାସରେ– ପ୍ରସନ୍ନ କୁମାର ରଥ, ନବୀନଚନ୍ଦ୍ର ପାଢ଼ୀ, ସତ୍ୟବାନ ସାମଲ, କୈଳାଶଚନ୍ଦ୍ର ପାତ୍ର, ବ୍ୟଙ୍ଗ ସାହିତ୍ୟରେ– ଗନ୍ତାୟତ ଶିବ ପ୍ରସାଦ, ଡମ୍ବରୁଧର ପଟ୍ଟନାୟକ, ଡଃ ରତିରଞ୍ଜନ ଦାଶ, ଗୋଲକଚନ୍ଦ୍ର ଦଳାଇ, କ୍ଷୁଦ୍ରଗଳ୍ପରେ– ଦିଲ୍ଲୀପ ମହାନ୍ତି, ପ୍ରକାଶ ମହାପାତ୍ର, ଅଜୟ ମହାପାତ୍ର, ଡ଼ଃ ଲଳିତା ଆରୋରା ପ୍ରମୁଖ ଓ କବିତାରେ ନରସିଂହ ମିଶ୍ର, ସୁନୀଲ ପୃଷ୍ଟି, ବଳରାମ ନାଗା, ଦେବେନ୍ଦ୍ର ବାଉରୀ, ବଙ୍ଗାଳୀ ନନ୍ଦ, ମଂଜୁଶ୍ରୀ ମୁଖାର୍ଜୀ, ପ୍ରତିଭା ଦାସ, ଗୋବିନ୍ଦ ଖୁଣ୍ଟିଆ, ସତ୍ୟନାରାୟଣ ଗନ୍ତାୟତ, ଡ଼ଃ ରତନ ଦାସ, ପ୍ରଫୁଲ୍ଲ ପାଢ଼ୀ, ବୃନ୍ଦାବନ ନାଲ୍ଲା, ବାସୁଦେବ ପାତ୍ର, ସୁଶାନ୍ତ କୁମାର ନାୟକ, ଲାବଣ୍ୟ ଶବର, ଅରୁଣ ସାହୁ, ସୁରେନ୍ଦ୍ର ନାଥ ମଲ୍ଲିକ ପ୍ରଭୃତି ବର୍ତ୍ତମାନ ମଧ୍ୟ ସାଧନାରତ।

ଏ ମାଟିରେ ଗଢ଼ିଉଠିଥିବା ବହୁ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନର ପୃଷ୍ଠଭାଗରେ ଥାଇ ବିଭିନ୍ନ ସମୟରେ ବହୁ ପ୍ରଶାସକ ସେମାନଙ୍କ ଦିଗ୍‌ଦର୍ଶନ ଦେଇ ପାରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି– ଅଜିତ୍ ତ୍ରିପାଠୀ, ବିଜୟ କୁମାର ପଟ୍ଟନାୟକ, ଦିଲ୍ଲୀପ ମହାନ୍ତି, ରବି ମହାନ୍ତି, ଗୋକୁଳଚନ୍ଦ୍ର ପତି, ସତ୍ୟବ୍ରତ ମହାନ୍ତି, ବିଷ୍ଣୁପଦ ସେଠୀ, ଲକ୍ଷ୍ମୀଚରଣ ପାତ୍ର ଓ ଡି. ଜଗନ୍ନାଥ ପ୍ରମୁଖ । ବହୁ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ଏବେବି ସାହିତ୍ୟ ସାଧନାରେ ଉଦ୍ୟମରତ । ସେଗଡ଼ିକ ମଧ୍ୟରୁ ୧୯୭୫ରେ ଗୁଣପୁରଠାରେ ପ୍ରତିଷ୍ଠିତ ସର୍ବ ପ୍ରଥମେ ବଂଶଧାରା ସାହିତ୍ୟ ସମାଜ, ରାୟଗଡ଼ାଠାରେ ପ୍ରଥମେ ଶ୍ରୀ ରାମଚନ୍ଦ୍ର ଦେବ କ୍ଲବ ୧୯୭୪ରେ ନାଗାବଳୀ ସାହିତ୍ୟ ସଂସଦ ଓ ପରେ ପରେ ସ୍ରଷ୍ଟା ସାହିତ୍ୟ ସଂସଦ, ମନନ ସାହିତ୍ୟ ସଂସଦ, ପ୍ରଗତି ସାହିତ୍ୟ ସଂସଦ, ରାୟଗଡ଼ା ସାହିତ୍ୟ ସଂସଦ, ସରଗପୁରୀ ଶିଶୁ ସାହିତ୍ୟ ଅନୁଷ୍ଠାନ, ଉତ୍କଳ ସମ୍ମିଳନୀ ଶାଖା, ଭଞ୍ଜ କଳା ସମାଜ ଓ ଅନ୍ୱେଷା ସାହିତ୍ୟ ସଂସଦ । ସେହିଭଳି ଶିଳ୍ପାଞ୍ଚଳ ଜେ.କେ.ପୁରଠାରେ କଳିଙ୍ଗ ସାଂସ୍କୃତିକ ପରିଷଦ, ଝଙ୍କାର ସାହିତ୍ୟ ସଂସଦ ଓ ପାଞ୍ଚଜନ୍ୟ ସାହିତ୍ୟ ସମାଜ, ମୁନିଗୁଡ଼ାଠାରେ ଗିରିପଥ ସାହିତ୍ୟ ସଂସଦ ଓ ଡ଼ଙ୍ଗର ସାହିତ୍ୟ ସଂସଦ, ବିଷମକଟକଠାରେ ବନଫୁଲ ସାହିତ୍ୟ ସଂସଦ,

ରାମନାଗୁଡ଼ାଠାରେ ସୁସ୍ଥ ସାହିତ୍ୟ ସମାଜ ଏବେବି କାର୍ଯ୍ୟରତ। ବିଭିନ୍ନ ସାହିତ୍ୟୋତ୍ସବ ମଧ୍ୟରେ ରାୟଗଡ଼ କବିତା ଉତ୍ସବ ଦୀର୍ଘ ୫ ବର୍ଷ ଧରି ସାରସ୍ୱତ ସତୀର୍ଥଙ୍କ ମିଳନସ୍ଥଳୀ ପାଲଟିଥିବା ବେଳେ କୋଲନରାଠାରେ ଅପ୍ରେଲ କବିତା ଉତ୍ସବ ସାହିତ୍ୟିକଙ୍କ ମଧ୍ୟରେ ବେଶ ଆଗ୍ରହ ସୃଷ୍ଟି କରି ପାରିଛି। ଏହାଛଡା ଜିଲ୍ଲା ସ୍ତରୀୟ ସାଂସ୍କୃତିକ ଉତ୍ସବ ଚଇତି ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ଓ ରାୟଗଡ଼ ମହୋତ୍ସବ ମଧ୍ୟ ଅନେକଙ୍କ ପ୍ରେରଣାର ଉତ୍ସ ହୋଇରହିଛି । ଏ ଜିଲ୍ଲାରେ ବହୁ ପତ୍ରପତ୍ରିକା ଓ ସଂବାଦପତ୍ର ପ୍ରକାଶ ଦିଗରେ ସର୍ବଶ୍ରୀ ହରିଶ୍ଚନ୍ଦ୍ର ବିକ୍ସିପାତ୍ର, ରାମଚନ୍ଦ୍ର ବକ୍ସିପାତ୍ର, ଗଙ୍ଗାଧର ଦାସ, ଜି.ଆର.ଏନ. ଟାଗୋର, ଶିବରାମ ପାତ୍ର , ସୁନୀଲ ପୃଷ୍ଟି, ସଂଜୟ ଦାସବର୍ମା, ବିକାଶ ଦାସ, ଡ଼ମ୍ବରୁଧର ପଟ୍ଟନାୟକ, ସତ୍ୟବାଦୀ ରାଉତ, ଅକ୍ଷୟ ଦାସ, କୈଳାଶ ଆଚାର୍ଯ୍ୟ, କୈଳାଶ ପାତ୍ର, ଭଗବତ୍ ପ୍ରସାଦ ରଥ, ରାମଚନ୍ଦ୍ର ପଟ୍ଟନାୟକ, ସତ୍ୟ ନାରାୟଣ ଗନ୍ତାୟତ, ଅନ୍ନପୂର୍ଣ୍ଣା ମହାରଣା, ଶାନ୍ତିଲତା ପାତ୍ର, ଦୁର୍ଗାପ୍ରସାଦ ଶତପଥୀ, ସୁଶାନ୍ତ କୁମାର ନାୟକ, ସୁଶାନ୍ତ କୁମାର ଦେଓ, ନିବେଦିତା ରଥ, ଗୌର ଷଡ଼ଙ୍ଗୀ ସୁବ୍ରତ ରଥ, ବିଜୟ ପାଢ଼ୀ, ପ୍ରଫୁଲ ପାଢ଼ୀ, ଲଳିତ ଜେନା, ଦେବୀପ୍ରସାଦ ମିଶ୍ର , ସୁକଦେବ ସାହୁ, ରାଜକିଶୋର ସାହୁ , କାଳିନ୍ଦୀ ନାୟକ, କେଶବ ସେଠୀ ପ୍ରଭୃତି ସ୍ମରଣୀୟ।

ଏତଦ୍‌ବ୍ୟତୀତ ଏ ମାଟିର ସ୍ୱର୍ଦ୍ଧିତ ପ୍ରତିଭୂଙ୍କ ମଧ୍ୟରେ ଅଛନ୍ତି- ସୁର ସିଙ୍ଗାର ପଣ୍ଡିତ ରଘୁନାଥ ପାଣିଗ୍ରାହୀ, ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀ, ଦିବ୍ୟ ଦର୍ଶନର ସ୍ରଷ୍ଟା ସଦ୍‌ଗୁରୁ ଅର୍ଜୁନ, ବାଦ୍ୟ ବିଶାରଦ ଡ଼ଃ ଗିରିଧର ଗମାଙ୍ଗ, ସୌରା ଚିତ୍ରକାର ଲକ୍ଷ୍ମଣ ଶବର, ଶାରଳା ପୁରସ୍କାର ପ୍ରବକ୍ତା ଶ୍ରୀମତୀ ଇଲାପଣ୍ଡା, ସମାଜ ସେବୀ ବିଶ୍ୱନାଥ ପଟ୍ଟନାୟକ, ଶ୍ରୀମତୀ ଶାନ୍ତି ଦେବୀ, ମାଳ ଅପା, ସୌରା ନୃତ୍ୟଗୁରୁ ହରିଶ୍ଚନ୍ଦ୍ର ବେହେରା ଗୁରୁଦେବରାଜ ସାହୁ, ଶିକ୍ଷାବିତ୍ ନାରାୟଣ ମିଶ୍ର ଗୀତିକାର ଗୋପୀନାଥ ମହାପାତ୍ର ପ୍ରମୁଖ । ଓଡିଆ ଭାଷା ଓ ସଂସ୍କୃତିର ସୁରକ୍ଷା ଦିଗରେ ୧୯୬୮ ମସିହାରେ ଏହି ଉପାନ୍ତ ଅଞ୍ଚଳରେ ଯେଉଁ ଅଭୁତ ଜାଗରଣ ଦେଖାଦେଇଥିଲା, ତାହାର ନେତୃତ୍ୱ ନେଇଥିଲେ ଓଡିଆ ପ୍ରେମୀ ବୁଦ୍ଧିଜୀବୀ – ଜଗଦୀଶ ବକ୍ସିପାତ୍ର , ଯୋସେଫ ବାରା, ରାମନାଥ ମିଶ୍ର ଓ ଅଜାମ୍ବର ମଲ୍ଲ ପ୍ରଭୃତି। ପୁନଶ୍ଚ ୧୯୭୨ ମସିହାରେ ଓଡିଶାର ବିଭିନ୍ନ ପର୍ବପର୍ବାଣି ପାଳନ, ଭାଷା ସଂସ୍କୃତିର ସୁରକ୍ଷା ଓ ସ୍ଥାନୀୟ ପ୍ରେକ୍ଷାଳୟମାନଙ୍କରେ ଓଡିଆ ଚଳଚିତ୍ର ପ୍ରଦର୍ଶନ ଦିଗରେ ଯେଉଁ ଯୁବ ଆନ୍ଦୋଳନ ଘଟିଥିଲା ସେଥିରେ ସର୍ବଶ୍ରୀ ଗୋପୀନାଥ ସାହୁ, କେଦାରନାଥ ପଣ୍ଡା, ପ୍ରଦୀପ ପଟ୍ଟନାୟକ ଓ ରାଧାରମଣ ରଥ ପ୍ରଭୃତିଙ୍କ ଏକନିଷ୍ଠ ଉଦ୍ୟମ ଏକାନ୍ତ ପ୍ରଶଂସନୀୟ । ଏହି ଆନ୍ଦୋଳନ ଫଳରେ ତତ୍‌କାଳୀନ ସରକାର ପ୍ରତ୍ୟେକ ପ୍ରେକ୍ଷାଳୟ ଅନ୍ୟୂନ ୧୨୦ ଦିନ ଓଡ଼ିଆ ଚଳଚିତ୍ର ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ।

ବିଭିନ୍ନ ସମୟରେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅପେରା, ପାଲା, ଯାତ୍ରା ଓ ମଞ୍ଚ ନାଟକ ମାଧ୍ୟମରେ ଓ ଲବ୍ଧ ପ୍ରତିଷ୍ଠିତ ଗାୟକମାନଙ୍କୁ ଆମନ୍ତ୍ରିତ କରାଯାଇ ଓଡିଆ ସଂସ୍କୃତିର ସ୍ୱାଭିମାନ ରକ୍ଷା ଦିଗରେ ଯଥାସାଧ୍ୟ ଉଦ୍ୟମ ଅବ୍ୟାହତ ରଖାଯାଇଅଛି। ବିଶିଷ୍ଟ ବାଗ୍ମୀ ଓ ସାହିତ୍ୟିକମାନଙ୍କ ମଧ୍ୟରୁ କବି ରିବି ସିଂ, ମନମୋହନ ମିଶ୍ର, ରମାକାନ୍ତ ରଥ, ଚନ୍ଦ୍ରଶେଖର ରଥ, ଇଂ ଚନ୍ଦ୍ର ଶେଖର ନନ୍ଦ, ଶରତ କର, ହୃଦାନନ୍ଦ ରାୟ, ଡ଼ଃ କବି ପ୍ରସାଦ ମିଶ୍ର, ରଜତ କୁମାର କର, ସୌଭାଗ୍ୟ ମିଶ୍ର ଓ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଭଳି ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ବିଭିନ୍ନ ଉତ୍ସବରେ ଅତିଥି ରୂପେ ପାଇ ଏ ଅଞ୍ଚଳବାସୀ ଆନନ୍ଦିତ ।

ଆଞ୍ଚଳିକ ସଂଗଠନଗୁଡ଼ିକ ମାଧ୍ୟମରେ ରାଧାକୃଷ୍ଣ ପ୍ରେମଲୀଳା, ପ୍ରହଲ୍ଲାଦ ନାଟକ ଓ ଦେଶିଆ ନାଟକ ଗ୍ରାମ୍ୟ ଜୀବନକୁ କରିଛି ଉଲ୍ଲସିତ, ଉନ୍ମାଦିତ । ଏମାଟିର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗପୂତ ଆଦର୍ଶ, ଭୂଦାନ ଓ ସର୍ବୋଦୟ କର୍ମୀଙ୍କ ଉତ୍ସର୍ଗୀକୃତ ସେବା ମନୋଭାବ, ସ୍ଥାନୀୟ ଶିକ୍ଷାନୁଷ୍ଠାନଗୁଡ଼ିକର ଅକୁଣ୍ଠ ସହଯୋଗ ଏ ମାଟିର ସାଂସ୍କୃତିକ ବାତାବରଣରେ ଆଣିଛି ଅପୂର୍ବ ଉତ୍ସାହ ଉଦ୍ଦୀପନା। ଆଉ ମଧ୍ୟ ମହିଳା ସଶକ୍ତି କରଣରେ ମଦମୁକ୍ତି ଆନ୍ଦୋଳନର ନେତ୍ରୀ ସୁମନି ଝୋଡ଼ିଆଣୀ, ମୁକ୍ତା ଝୋଡ଼ିଆଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନରେ ବିଦ୍ୟୁଲତା ହୁଇକା, ରାଜନୀତି କ୍ଷେତ୍ରରେ ହେମା ଗମାଙ୍ଗ, କେତେକୀ ଗମାଙ୍ଗ ଓ କ୍ରୀଡ଼ାକ୍ଷେତ୍ରରେ ଆନ୍ତର୍ଜାତିକ ଭାରୋତ୍ତୋଳକ ପୂର୍ଣ୍ଣଚନ୍ଦ୍ର ବିଡ଼ିକାଙ୍କ ପ୍ରଶଂସନୀୟ ଉଦ୍ୟମ ଅତ୍ୟନ୍ତ ପ୍ରେରଣାପ୍ରଦ।

ଶେଷରେ ପ୍ରଣାମ ଏଇ ରାୟଗଡ଼ ମାଟିକୁ, ଏହାର ପ୍ରତିଟି ସରଳ ଓ ନିଷ୍ପାପ ମଣିଷକୁ । ଚିର ତାରୁଣ୍ୟରେ ଉଦ୍‌ଭାସିତ ଏହାର କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟକୁ।

ଶାନ୍ତିଲତା ଭବନ,
ଜ୍ୟୋତ୍ସ୍ନା ପ୍ରକାଶନୀ,
ରାୟଗଡ଼- ୭୬୫୦୦୧

# ଦକ୍ଷିଣ ଓଡ଼ିଶାର ପ୍ରମୁଖ ଶୈବପୀଠ: ଗୁପ୍ତେଶ୍ୱର

**ଦାଶରଥି ପାତ୍ର**





ଆମ ଓଡ଼ିଶାରେ ୩୦ ଟି ଜିଲ୍ଲା ରହିଛି ଏବଂ ପ୍ରତି ୧୦ଟି ଜିଲ୍ଲାକୁ ନେଇ ଗୋଟିଏ ଲେଖାଏଁ ରାଜସ୍ୱମଣ୍ଡଳ ଗଠନ କରାଯାଇଛି । ସେହି ରାଜସ୍ୱ ମଣ୍ଡଳଗୁଡ଼ିକ ହେଲା, ଉତ୍ତରାଞ୍ଚଳ ରାଜସ୍ୱ ମଣ୍ଡଳ ମହକୁମା ସମ୍ବଲପୁର, କେନ୍ଦ୍ରାଞ୍ଚଳ ରାଜସ୍ୱ ମଣ୍ଡଳ ମହକୁମା କଟକ ଏବଂ ଦକ୍ଷିଣାଞ୍ଚଳ ରାଜସ୍ୱ ମଣ୍ଡଳ ମହକୁମା ବ୍ରହ୍ମପୁର । ଏହି ଦକ୍ଷିଣାଞ୍ଚଳ ରାଜସ୍ୱ ମଣ୍ଡଳରେ ରହିଛି ୧୦ଟି ଜିଲ୍ଲା, ସେଗୁଡ଼ିକ ଯଥାକ୍ରମେ ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆପଡ଼ା । ଆଜିର ଆଲୋଚ୍ୟ ଶୈବପୀଠ ଗୁପ୍ତେଶ୍ୱର ରହିଛି କୋରାପୁଟ ଜିଲ୍ଲାରେ । ଏହି ଜିଲ୍ଲାର ୧୩ଟି ପର୍ଯ୍ୟଟନ ସ୍ଥଳୀକୁ ଓଡିଶା ପର୍ଯ୍ୟଟନ ବିଭାଗ ଚିହ୍ନଟ କରିଛନ୍ତି ଏବଂ ସେଥିମଧ୍ୟରୁ ଗୁପ୍ତେଶ୍ୱର ହେଉଛି ଅନ୍ୟତମ ମୁଖ୍ୟ ଦର୍ଶନୀୟ ସ୍ଥାନ । ସମସ୍ତ ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାରର ଆଦିବାସୀ ସଂପ୍ରଦାୟଙ୍କ ମଧ୍ୟରୁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ୫୦ ପ୍ରକାରର ଆଦିବାସୀ ସଂପ୍ରଦାୟର ଲୋକ ବସବାସ କରନ୍ତି । ଏଥିରୁ ପ୍ରମାଣିତ ହୁଏ ଯେ, ଏହି ଅଞ୍ଚଳର ଆଦିବାସୀ ସଂସ୍କୃତି ତଥା ପରମ୍ପରା କେତେ ବଳିଷ୍ଠ ଓ କେତେ ମହାନ । ତେଣୁ କୋରାପୁଟ ଜିଲ୍ଲାର ଗନ୍ତାଘର କହିଲେ '' ଆଦିବାସୀ ସଂସ୍କୃତି ଓ ପର୍ଯ୍ୟଟନ''କୁ ହିଁ ବୁଝାଇଥାଏ । ଏହି ସଂସ୍କୃତି ମାଧ୍ୟମରେ ଏହାର ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ପ୍ରଚେଷ୍ଟା ଜାରି ରହି କୋରାପୁଟରେ ଲୋକ ମହୋତ୍ସବ ''ପରବ'', ନବରଙ୍ଗପୁରରେ ''ମଣ୍ଡେଇ'', ମାଲକାନଗିରିରେ ''ମାଲ୍ୟବନ୍ତ ମହୋତ୍ସବ'' ଓ ରାୟଗଡ଼ାରେ ''ଚଇତ'' ପରବ ପାଳନ ହୋଇ ଆସୁଅଛି ନଭେମ୍ବର-ଡ଼ିସେମ୍ବର ମାସରେ ।

ଏହି ଶୈବପୀଠ ''ଗୁପ୍ତେଶ୍ୱର'' କୋରାପୁଟ ଜିଲ୍ଲାର ମହକୁମାଠାରୁ ୮୦ କି.ମି. ଦୂରରେ ତଥା ଜୟପୁର ସହରଠାରୁ ୬୦କିମି ଦୂରରେ ଅବସ୍ଥିତ । ଆଗନ୍ତୁକ ପର୍ଯ୍ୟଟକମାନେ ଜୟପୁର ବୈପାରୀଗୁଡ଼ା-ରାମଗିରି ରାସ୍ତାଦେଇ ପକ୍କାରୋଡ଼୍‌ରେ

''ଗୁପ୍ତେଶ୍ୱର'' ଶୈବ ପୀଠରେ ଅକ୍ଳେଶରେ ପହଞ୍ଚି ପାରିବେ । ସବୁଜ ବନାନୀ ସାଙ୍ଗକୁ ପଥର ଗୁମ୍ଫା ମଧ୍ୟରେ ''ଗୁପ୍ତେଶ୍ୱର'' ମହାଦେବଙ୍କ ଅବସ୍ଥାନ । ଗୁମ୍ଫା ମଧ୍ୟରେ ୧୦ଫୁଟ ଗୋଲେଇ ୩ଫୁଟ ଉଚ୍ଚତାର ଦୀର୍ଘ ପଥର ଲିଙ୍ଗ ଭକ୍ତଙ୍କୁ ଆକର୍ଷଣ ସହିତ ଗୁମ୍ଫା ମଧ୍ୟରେ ଅନେକ ଗୁମ୍ଫା ଦୃଷ୍ଟିଗୋଚର ହୋଇଥାଏ । ପୌରାଣିକ କିମ୍ବଦନ୍ତୀ କହେ, ଶ୍ରୀରାମଚନ୍ଦ୍ର ଦେବଙ୍କ ବନବାସ କାଳରେ ସେ ଏ ସ୍ଥାନରେ ଅବସ୍ଥାନ କରି ଶିବଙ୍କୁ ପୂଜା ଅର୍ଚ୍ଚନା କରିଥିଲେ । ଶାବେରୀ ନଦୀର ଗୁରୁ ଗମ୍ଭିର ଗର୍ଜନ ନଦୀପଠା, ପଥର ଆଞ୍ଚଡା ଦୃଶ୍ୟ ଅତ୍ୟନ୍ତ ମନୋରମ । ପଡୋଶୀ ଛତିଶଗଡ଼ ରାଜ୍ୟରେ ''ଗୁପ୍ତେଶ୍ୱର''ଙ୍କୁ ''ଗୁପ୍ତକେଦାର'' ନାମରେ ପୂଜା ଅର୍ଚ୍ଚନା କରିଥାନ୍ତି । ତେଣୁ ଏହି ପ୍ରସିଦ୍ଧ ଶୈବ ପୀଠରେ ମହାଶିବରାତ୍ରି ଜାଗର ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କର ସମାଗମ ହୋଇଥାଏ । ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ ବହୁ ଶ୍ରଦ୍ଧାଳୁ ଶାବେରୀ ନଦୀରେ ବାଉଁଶ ଆଞ୍ଚଡ଼ା ଦେଇ ପାର ହୋଇ ଗୁପ୍ତେଶ୍ୱର ଶୈବ ପୀଠକୁ ଦିନରାତି ଆସିଥାନ୍ତି । ତେଣୁ ସକ୍ରିୟ ପ୍ରଶାସନ ତରଫରୁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ଦୋକାନ ବଜାର, ଗାଡ଼ି ରଖିବା ପାଇଁ ପାର୍କିଂର ବ୍ୟବସ୍ଥା ସହ ପାନୀୟଜଳ ଓ ଗମନାଗମନର ସୁବନ୍ଦୋବସ୍ତ କରିଥାନ୍ତି । ଏତଦ୍ ବ୍ୟତୀତ କାର୍ତ୍ତିକ ପୂର୍ଣ୍ଣିମା ଓ ଶ୍ରାବଣ ପୂର୍ଣ୍ଣିମାରେ ମଧ୍ୟ ହଜାର ହଜାର ଭକ୍ତଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ । ୨୦୦୮ ଠାରୁ ୨୦୧୦ ପର୍ଯ୍ୟନ୍ତ ଆଗନ୍ତୁକ ପର୍ଯ୍ୟଟକଙ୍କର ସଂଖ୍ୟା ବୃଦ୍ଧି ପାଇଥିଲା । ପର୍ଯ୍ୟଟନ ବିଭାଗ ତରଫରୁ ମଧ୍ୟ ବିକାଶ ପାଇଁ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ମାତ୍ର ନକସଲ ସଂଖ୍ୟା ବୃଦ୍ଧି ହେବାରୁ ପର୍ଯ୍ୟଟକଙ୍କର ଆଗମନ କିଛିଟା ହ୍ରାସ ପାଇଥିବାର ଅନୁମାନ କରାଯାଉଛି । ସମୟକ୍ରମେ ଶାନ୍ତ ପରିବେଶ ସୃଷ୍ଟି ହେବା ପାଇଁ ବିଧିବଧ ଭାବେ ପ୍ରୟାସ ଜାରି ରହିଲେ ପର୍ଯ୍ୟଟକଙ୍କଠାରୁ ଅଧିକ ଆଗମନର ଆଶା କରାଯାଇ ପାରେ ଏଥିରେ ସନ୍ଦେହ ନାହିଁ ।

ଏହି ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱରକୁ ପରିଦର୍ଶନରେ ଗଲେ ଆଗନ୍ତୁକ ପର୍ଯ୍ୟଟକମାନେ କ'ଣ କ'ଣ ଦେଖି ପାରିବେ ସେ ସମ୍ବନ୍ଧରେ ଏକ ସୂଚନା ଦେବା ଆବଶ୍ୟକତାକୁ ଦେଖି ନିମ୍ନରେ ତାହା ପ୍ରଦାନ କରାଯାଉଛି ।

ଡକରି ଘାଟି:- କୋଟାପୁଟିଆ ଭାଷାରେ ଡକରି (ବୁଢ଼ୀ) ଚାଲିଲା ବେଳେ ନଇଁକି ଚାଲିଲା ପରି ଉପରେ ଚାଲିବାକୁ ପଡ଼େ ବୋଲି ଡକରି ଘାଟି ନାମରେ ନାମିତ କରାଯାଇଛି । ଘାଟି ରାସ୍ତାଟି ସିଧାଭାବରେ ଥିବା ହେତୁ ଯାତ୍ରା ସମୟରେ ସତର୍କତା ଅବଲମ୍ବନନୀୟ ।

ରାମଗିରି:- ବୈପାରୀଗୁଡ଼ା ବ୍ଲକର ଏକ ପଞ୍ଚାୟତ, ''ଗୁପ୍ତେଶ୍ୱର''କୁ ଯିବା ରାସ୍ତାରେ ପଡ଼େ । ରାମଗିରି ପର୍ବତ ମାଳାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋହର । ଏହିଠାରେ ମହାକବି କାଳିଦାସ ତାଙ୍କର ପ୍ରଥମ କାବ୍ୟ ''ମେଘଦୂତ''କୁ ରଚନା କରିଥିଲେ । ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଦେବ ତାଙ୍କର ବନବାସ କାଳରେ ଏହି ରାସ୍ତା ଦେଇ ଯାଇଥିବା ହେତୁ ରାମଗିରି ରୂପେ ପରିଚିତ । ଗୁପ୍ତେଶ୍ୱର, ରାମଗିରି ଠାରୁ ୧୪ କି.ମି. ଦୂରରେ ଅବସ୍ଥିତ । ଏଠାକୁ ଯିବା ପାଇଁ ଦୈନନ୍ଦିନ ଯାନବାହାନର ବ୍ୟବସ୍ଥା ରହିଛି । ପ୍ରତି ମଙ୍ଗଳବାର ଦିନ ରାମଗିରିରେ ସାପ୍ତାହିକ ହାଟ ବସେ । ଦୁରୁଆ, କନ୍ଧ, ଜନଜାତି ହାଟକୁ ବାଉଁଶ ତିଆରି ଜିନିଷ ବିକ୍ରି କରିବା ପାଇଁ ନେଇ ଆସିଥାନ୍ତି ।

ଡ଼ାଲଖାଇ:- ବନଦେବୀ ଗଛର ଡାଳହିଁ ତାଙ୍କରି ଆଧାର ହେତୁ ଡାଲଖାଇ ନାମରେ ପରିଚିତ । ଡାଲଖାଇଙ୍କୁ ଶୁଭ ମନାସି ଗୁପ୍ତେଶ୍ୱର ପୀଠକୁ ଗଲାବେଳେ ଏବଂ ଫେରିଲା ବେଳେ ଡାଳ ଦେଇ ଆସିବାକୁ ହୋଇଥାଏ ।

ବଜରଙ୍ଗବାଲୀ, ପୁରାତନ ଗୁମ୍ଫା:- ଗୁପ୍ତେଶ୍ୱରକୁ ଯିବା ପୂର୍ବରୁ ଏହି ପୁରାତନ ଗୁମ୍ଫାଟିକୁ ପର୍ଯ୍ୟଟକମାନେ ଦେଖି ପାରିବେ । ପୂର୍ବେ ଏହି ଦ୍ୱାରଦେଇ ଭକ୍ତମାନେ ଗୁପ୍ତେଶ୍ୱରଙ୍କ ପାଖକୁ ଯାଉଥିଲେ । ଜନଶ୍ରୁତି କୁହେ, ଜଣେ ଅଛୁଆଁ ସ୍ତ୍ରୀ ପ୍ରବେଶ ହେତୁ ଗୁମ୍ଫାଟି ବନ୍ଦ ହୋଇ ଯାଇଥିଲା । ସେହି ଦିନଠାରୁ ନୂତନ ରାସ୍ତାରେ ଯିବା ଆସିବା ହେଉଛି । ଶ୍ରୀରାମଚନ୍ଦ୍ରଙ୍କର ଶ୍ରେଷ୍ଠ ଭକ୍ତ ବଜରଙ୍ଗବାଲୀଙ୍କ ଏକ ମୂର୍ତ୍ତି ଗୁମ୍ଫାର ସମ୍ମୁଖରେ ରଖା ଯାଇଛି । ଏଠାରେ ଜଣେ ଭକ୍ତ ଶ୍ରୀ ତାରା ପ୍ରସାସ ଦାସଙ୍କ ଦ୍ୱାରା କରାଯାଇଛି । ପ୍ରତିବର୍ଷ ଶ୍ରୀରାମ ନବମୀ ଏଠାରେ ବଡ଼ ଧୂମ୍ ଧାମରେ ପାଳନ କରାଯାଇଥାଏ ।

ଶ୍ରୀଶ୍ରୀ ଗୁପ୍ତେଶ୍ୱର ମହାଦେବ:- ଭଗବାନ ଶିବ ବା ଗୁପ୍ତେଶ୍ୱର ବା ଗୁପ୍ତକେଦାରଙ୍କ ଶିବ ଲିଙ୍ଗ ଏହି ପଥର ଗୁମ୍ଫା ମଧ୍ୟରେ ରହିଛି । ଅତି ସତର୍କତାର ସହିତ ଗୁମ୍ଫା ମଧ୍ୟକୁ ପ୍ରବେଶ କରିବାକୁ ହୋଇଥାଏ । ମେଳା ସମୟରେ ଉଜ୍ଜ୍ୱଳ ଆଲୋକର ବନ୍ଦୋବସ୍ତ ହୋଇଥିଲେ ସୁଦ୍ଧା ପର୍ଯ୍ୟଟକମାନଙ୍କୁ ସାଙ୍ଗରେ ଟର୍ଚ୍ଚ ଲାଇଟ୍ ଧରି ଯିବାକୁ ବିଶେଷ ଅନୁରୋଧ । ପଥର ଗୁମ୍ଫା ମଧ୍ୟରେ ଥିବା ଶ୍ରୀଶ୍ରୀ ଗୁପ୍ତେଶ୍ୱର ମହାଦେବଙ୍କ

ଶିବଲିଙ୍ଗ ୧୦ ଫୁଟ ବ୍ୟାସାର୍ଦ୍ଧ ଓ ୩ ଫୁଟ ଉଚ୍ଚତାର ଏକ ମହାଲିଙ୍ଗ ରୂପେ ବିଦ୍ୟମାନ । ପଡୋଶୀ ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶରୁ ବହୁଯାତ୍ରୀ ମେଳା ସମୟରେ ଏଠାକୁ ଆସିଥାନ୍ତି । ଗୁମ୍ଫା ମଧ୍ୟରେ ଗୁମ୍ଫାର ଦୃଶ୍ୟ ଅତ୍ୟନ୍ତ ମନୋରମ । ଏତଦ୍‌ଭିନ୍ନ ଶ୍ରାବଣ ମାସରେ ବୋଲବମ୍ ଭକ୍ତ, କାର୍ତ୍ତିକ ପୂର୍ଣ୍ଣମା, ପ୍ରତି ସୋମବାର ଓ ସଂକ୍ରାନ୍ତିରେ ମଧ୍ୟ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କର ଭିଡ଼ ଗୁପ୍ତେଶ୍ୱରରେ ହୋଇଥାଏ ।

ପ୍ରକାଶ ଥାଉକି ଗୁପ୍ତେଶ୍ୱରଠାରେ ମହାଶିବରାତ୍ରି ଜାଗରମେଳା ଚାରିଦିନ ଧରି ଲକ୍ଷାଧିକ ଭକ୍ତଙ୍କ ସମାବେଶରେ ହୋଇଥାଏ । ଚଳିତ ବର୍ଷ ଏହି ମେଳା ମାର୍ଚ୍ଚମାସ ୯ ତାରିଖ ପର୍ଯ୍ୟନ୍ତ ହେବାର ସ୍ଥିର ହୋଇଛି । ଏଣୁ ଗୁପ୍ତେଶ୍ୱରକୁ ଯିବା ପୂର୍ବରୁ ଆବଶ୍ୟକ ସୂଚନାକୁ ପାଳନ କରି ଯିବା ଏକାନ୍ତ ପ୍ରୟୋଜନ ।

କାଳୀଗାଈ:– ଏକ ବୃହତ କଳା ପଥର ଗୁପ୍ତେଶ୍ୱର ଗୁମ୍ଫାର ଅପର ପାର୍ଶ୍ୱରେ ଅର୍ଥାତ ଗୁପ୍ତେଶ୍ୱରଙ୍କ ପଛପାଖ ଜଗମୋହନ ବା ପ୍ରାର୍ଥନା ଗୃହରେ ଅବସ୍ଥିତ । ଗାଈର ପହ୍ନା ସଦୃଶ ହେତୁ ଏହା କାଳୀଗାଈ ରୂପେ ନାମିତ । ମାନସିକ କରି ଭକ୍ତ ପାପୁଲି ଦେଇଥାଏ, ଯଦି ପାଣି ବୁନ୍ଦା କ୍ଷୀର ପରି ହାତରେ ପଡେ, ତେବେ ଅନିଷ୍ଟ ପୂର୍ଣ୍ଣ ହୁଏ ବୋଲି ଲୋକଙ୍କର ଦୃଢ଼ ବିଶ୍ୱାସ ରହିଛି ।

ଜଗମୋହନ ବା ପ୍ରାର୍ଥନାଗୃହ:– ପୂର୍ବରୁ ପୁରାତନ ମୁଖ୍ୟ ରାସ୍ତା ଦେଇ ଏହି ଘରେ ଏକତ୍ର ହୋଇ ଗୁପ୍ତେଶ୍ୱର ମହାଦେବଙ୍କୁ ଦର୍ଶନ କରୁଥିଲେ । ଏଠାରେ ଏକ ସମୟରେ ୫୦୦ରୁ ଉର୍ଦ୍ଧ୍ୱ ଭକ୍ତ ରହି ପାରିବେ । ଗୁମ୍ଫାରେ ଦୃଶ୍ୟ ଅତ୍ୟନ୍ତ ମନୋଲୋଭା, କେଉଁଠି ଗଣେଶ ମୂର୍ତ୍ତି ଓ କେଉଁଠି ଋଷିମୁନିମାନେ ଧ୍ୟାନ କରିଲା ପରି ଖମ୍ବମାନ ଭକ୍ତଙ୍କର ମନକୁ ଆକର୍ଷିତ କରିଥାଏ । ଗୁମ୍ଫାରେ ଆଲୋକର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ପର୍ଯ୍ୟଟକମାନେ ସାଥୀରେ ଟର୍ଚ୍ଚଲାଇଟ୍ ନେଇକରି ଯିବା ବିଧେୟ ।

ବାଲି ବନ୍ଧ:– ପ୍ରାର୍ଥନା ଘରର ଉପର ଭାଗରେ ଛୋଟିଆ ଗୁମ୍ଫା ରହିଛି । କେଉଁଠି ଆଣ୍ଠୁମାଡି ଅବା କେଉଁଠି ଉଠିକରି ଯିବାର ଅନୁଭୂତି ବିଶେଷ ଆମୋଦ ଦାୟକ ଅଟେ । ସ୍ଥାନଟିରେ ବାଲିଥିବା ହେତୁ ଏହା ବାଲିବନ୍ଧ ରୂପେ ପରିଚିତ । ତେବେ ଗୁପ୍ତେଶ୍ୱର ଜାଗର ମେଳା ଏବଂ ପର୍ବପର୍ବାଣି ବ୍ୟତୀତ ଅନ୍ୟ ସମୟରେ ଗଲେ ଆପଣମାନେ ଦର୍ଶନର ସୁଯୋଗ ପାଇ ପାରିବେ ।

ଔଷଧୀୟ ଗୁଳ୍ମଲତା ବଗିଚା:– ସୁନାବେଡାର ଆର.ଆର.ଟି.ଟି.ଏସ୍‌ଙ୍କ ଦ୍ୱାରା ୨୦୦୩ରେ ଏକ କ୍ଷୁଦ୍ର ଔଷଧୀୟ ଗୁଳ୍ମ ବଗିଚାର ଉନ୍ନତିକରଣ କରାଯାଇଛି । ଗୁପ୍ତେଶ୍ୱରଙ୍କ ଦର୍ଶନ ସାରି ତଳକୁ ଓହ୍ଲାଇ ବାମ ପାର୍ଶ୍ୱର ରାସ୍ତାରେ ଆସି କିଛି ଦୂର ଗଲେ ଆପଣମାନେ ଏହି ଉଦ୍ୟାନଟି ଦେଖି ପାରିବେ ।

ସ୍ୱର୍ଗଦ୍ୱାର:– ଗୁପ୍ତେଶ୍ୱର ଶୈବପୀଠର ଅପର ପାର୍ଶ୍ୱରେ ସ୍ୱର୍ଗଦ୍ୱାର ଗୁମ୍ଫା ପଡ଼େ । ସେହି ଗୁମ୍ଫା ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି ପ୍ରବେଶ କରିବାକୁ ହୋଇଥାଏ । ଲୋକେ କହନ୍ତି, ଏହି ଗୁମ୍ଫାର ମୁଖ୍ୟ ରାସ୍ତା ସହ ସଂଯୋଗ ରହିଛି । ଗୁମ୍ଫାଟି ସଫଳ ହେତୁ ଯାତ୍ରା ସମୟରେ ସତର୍କତା ଅବଲମ୍ବନୀୟ ।

ଦେବକୁଣ୍ଡ:– ସ୍ୱର୍ଗଦ୍ୱାର ଦର୍ଶନ ସାରି କିଛିଦୂର ଦକ୍ଷିଣକୁ ଗଲେ ଏକ କୁଣ୍ଡ (ପୋଖରୀ) ପଡ଼େ । କଥିତ ଅଛି ଯେ, ଶ୍ରୀରାମଚନ୍ଦ୍ରଙ୍କ ବନବାସ କାଳରେ ସୀତାଦେବୀ ଏଠାରେ ସ୍ନାନ କରୁଥିଲେ ଏବଂ ଅନ୍ୟାନ୍ୟ ଦେବଗଣ ସ୍ନାନ କରୁଥିବାରୁ ଏହା ସୀତାକୁଣ୍ଡ ବା ଦେବକୁଣ୍ଡ ନାମରେ ପରିଚିତ । ଏଣୁ ନିଜର ମନସ୍କାମନା କରି ଏ କୁଣ୍ଡରେ ସ୍ନାନ କରି ଶ୍ରୀଶ୍ରୀ ଗୁପ୍ତେଶ୍ୱରଙ୍କର ଦର୍ଶନ କଲେ ମୁକ୍ତି ମିଳିଥାଏ ।

ପାରାଭାଡ଼ି:– ଦେବକୁଣ୍ଡର ବାମ ପାର୍ଶ୍ୱରେ ଥିବା ଗୁମ୍ଫାଟି ପାରାଭାଡ଼ି ନାମରେ ପରିଚିତ । ଏଠାରେ ଅସଂଖ୍ୟ ପାରା ରହୁଥିବାରୁ ଏହାର ନାମକରଣ ପାରାଭାଡ଼ି ହୋଇଛି ବୋଲି ଦୃଢ଼ ବିଶ୍ୱାସ ରହିଛି । ଭକ୍ତ ନିଜର ମନସ୍କାମନା କରି ଶମ୍ଭୁଙ୍କର ଉଦ୍ଦେଶ୍ୟରେ ପାରା ଏହି ସ୍ଥାନରେ ଛାଡ଼ି ଦେଇ ଯାଉଥିବାରୁ ଏଠାରେ ପାରାମାନଙ୍କର ଅବସ୍ଥାନ ବୃଦ୍ଧି ହୋଇଥାଏ । ଗୁମ୍ଫା ମଧ୍ୟରେ ଦୃଶ୍ୟ ଅତି ଚମତ୍କାର, କେଉଁଠି ଶୃଙ୍ଗାକାର ଘର ଓ କେଉଁଠି ଗମ୍ଭିରା ଘର, କେଉଁଠି ନଇଁକି ତ କେଉଁଠି ଶୋଇ କରି ଯିବା ଅନୁଭୂତି ଭୁଲି ପାରିବେ ନାହିଁ । ଯାତ୍ରା ସମୟରେ ଉଜ୍ଜ୍ୱଳ ଆଲୋକ ଟର୍ଚ୍ଚ ଲାଇଟ୍ ନେଇ କରି ଯିବା ଉଚିତ । ମାତ୍ର ମହମବତୀ କିମ୍ବା କିରୋସିନି ବତୀ ନେଇକରି ଯିବା ଅନୁଚିତ ।

ପାତାଳଗଙ୍ଗା:- ପାରାଭାଡ଼ି ଗୁମ୍ଫା ମଧ୍ୟକୁ ପ୍ରବେଶ କଲେ ପ୍ରଥମେ ପଡ଼େ 'ପାତାଳଗଙ୍ଗା' । ପ୍ରବେଶ ଦ୍ୱାର ସଂକୀର୍ଣ୍ଣତା ହେତୁ ନଇଁକି ଯିବାକୁ ହୋଇଥାଏ । କୂଅ ପରି ୧୦ ଫୁଟ ଗଭୀରତା ମଧ୍ୟରେ ଗଙ୍ଗା ଅବସ୍ଥିତ । ଜଳସ୍ପର୍ଶ କରି ଭକ୍ତ ପୁଣ୍ୟ ଲାଭ କରିଥାଏ । ପାତାଳଗଙ୍ଗାକୁ ଦର୍ଶନ କରିବାକୁ ଗଲେ ସତର୍କତା ରହିବା ଉଚିତ । ବିଶେଷ କରି ଶ୍ୱାସ ରୋଗୀମାନେ ପାତାଳଗଙ୍ଗାକୁ ଯିବା ଅନୁଚିତ ।

ସଙ୍ଗମସ୍ଥଳୀ:- ପାରାଭାଡ଼ି ଏବଂ ଦେବଗୁଣ୍ଡ ମଧ୍ୟଦେଇ ୧ କି.ମି. ତଳକୁ ଗଲେ ସୁକୁନାଳା ଓ ଶାବେରୀ ନଦୀର ମିଳନ ସ୍ଥଳୀକୁ ସଙ୍ଗମ କହିଥାନ୍ତି । ସଫା ଓ ଗୋଳିଆ ପାଣିର ମିଳନ ଦର୍ଶକଙ୍କୁ ମୁଗ୍ଧ କରିଥାଏ । ଏହି ସ୍ଥାନଟିରେ ବଣଭୋଜି, ଏକାନ୍ତରେ କାଟିବା ଏବଂ ଦୁଃସାହସିକ ଅଭିଯାନ ନିମନ୍ତେ ଉପଯୁକ୍ତ ସ୍ଥାନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଶାବେରୀ ଘାଟ:- ଗୁପ୍ତେଶ୍ୱର ପୀଠରୁ କିଛି ଦୂର ପଶ୍ଚିମ ଆଡ଼କୁ ଗଲେ ପଡ଼େ 'ଶାବେରୀ ଘାଟ' । ଶାବେରୀ (କୋଲାବ) ନଦୀର ଗୁରୁ ଗମ୍ଭୀର ଗର୍ଜନ ଶୁଣି କିଛି ସମୟ ନିଜକୁ ହଜାଇ ଦେବାକୁ ହୋଇଥାଏ । ଭକ୍ତମାନଙ୍କ ସ୍ନାନ କରିବା ପାଇଁ ଶିକୁଳିଘେରା କରାଯାଇଛି । ସ୍ଥାନଟି ବିପଦ ସଂକୁଳ ହେତୁ ସ୍ନାନ କରିବା ସମୟରେ ପହଁରିବା ନିମନ୍ତେ ବାରଣ କରାଯାଇଛି ।

ଅସ୍ଥିକୁଣ୍ଡ:- ଏହି ଶାବେରୀ ନଦୀରେ ଏକ ହ୍ରଦ ରକମର ପଥର ଘେରା ମଧ୍ୟରେ ଅସ୍ଥିକୁଣ୍ଡ ରହିଛି । ଏଠାକାର ସ୍ଥାନୀୟ ଆଦିବାସୀଲୋକଙ୍କର ଦୃଢ଼ ବିଶ୍ୱାସ ରହିଛି ଯେ, ଏଠାରେ ଅସ୍ଥି ବିସର୍ଜନ କଲେ ପ୍ରେତାତ୍ମାର ମୋକ୍ଷ ପ୍ରାପ୍ତି ହୋଇଥାଏ । ସାଧାରଣ ଲୋକମାନେ ମଧ୍ୟ ଏହି ନଦୀ ଘାଟରେ କେଶ ମୁଣ୍ଡନ କରିଥାନ୍ତି । ଶାବେରୀ ନଦୀର ପଥର ଚଟାଣ ସମୂହକୁ କେହି ଜଣେ ଶିଳ୍ପୀର କଳାକୃତିର ସମାବେଶ ହୋଇଛି ବୋଲି ପ୍ରତୀୟମାନ ହୋଇଥାଏ । ଅସ୍ଥିକୁଣ୍ଡକୁ ଯିବା ସମୟରେ ସବୁବେଳେ ସତର୍କତାର ସହିତ ଯିବାକୁ ହୋଇଥାଏ ।

ଛତିଶଗଡ଼ ଘାଟ:- ଗୁପ୍ତେଶ୍ୱର ପୀଠରୁ କିଛି ଦୂର ପଶ୍ଚିମ ଆଡ଼କୁ ଗଲେ ଶାବେରୀ ନଦୀରେ 'ଛତିଶଗଡ଼ ଘାଟ' ପଡ଼େ । ଅନେକ ପଥର ଶଯ୍ୟାରେ ଏକ ମନୋରମ ପରିବେଶ ମଧ୍ୟରେ ଥିବା ପଥର ଶଯ୍ୟା ଆଗନ୍ତୁକ ପର୍ଯ୍ୟଟକମାନଙ୍କୁ ବିଶେଷ ଆକୃଷ୍ଟ କରିଥାଏ । ଛତିଶଗଡ଼ ରାଜ୍ୟର ଜଗଦଲପୁର ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତମାନେ ତଥା ରାୟପୁର ଦେଇ ଆସୁଥିବା ବିଦେଶୀ ପର୍ଯ୍ୟଟକମାନେ ଏହି ନଦୀ ଶଯ୍ୟା ଦେଇ ଆବଡ଼ା, ଖାବଡ଼ା ନଦୀପଠାରେ ବାଉଁଶ ପାତିଆ ମଧ୍ୟଦେଇ ଛତିଶଗଡ଼ ଘାଟକୁ ଅତିକ୍ରମ କରି ଗୁପ୍ତେଶ୍ୱର ଶୈବପୀଠରେ ଅହୋରାତ୍ର ଜାଗର ମେଳାକୁ ପରିଦର୍ଶନ କରିଥାନ୍ତି ।

ଗମନାଗମନାର ସୁବିଧା:- ଜୟପୁର ସହର ଠାରୁ ୬୦ କି.ମି ଦୈନନ୍ଦିନ ରାମଗିରି ପର୍ଯ୍ୟନ୍ତ ଯାନବାହାନର ସୁବିଧା ରହିଛି । ବୈପାରିଗୁଡ଼ାରୁ ଅଟୋ, କମାଣ୍ଡର ଜିପ୍ ଓ ବୋଲେରୋ ଗାଡ଼ିର ବ୍ୟବସ୍ଥା ମଧ୍ୟ ରହିଛି । ମହାଶିବରାତ୍ରି ଜାଗର ମେଳା ସମୟରେ କୋରାପୁଟ-ଜୟପୁରଠାରୁ ସ୍ପେଶାଲ୍ ବସ୍ ସେବା ଉପଲବ୍ଧ ହୋଇଥାଏ ।

ଖାଇବାର ସୁବିଧା:- ପାନ୍ଥଶାଳା ଗୁପ୍ତେଶ୍ୱରରେ ନିରାମିଷ ଭୋଜନର ସୁବିଧା କରାଯାଇଥାଏ । ଏତଦ୍‌ଭିନ୍ନ ମେଳା ସମୟରେ ମେଳା ପରିସରରେ ରେଷ୍ଟୁରାଣ୍ଟର ସୁବିଧା କରାଯାଇଥାଏ ।

ସୂଚନା ଓ ସହାୟତା ପାଇଁ ଯୋଗାଯୋଗ କରନ୍ତୁ: ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, କୋରାପୁଟ ସ୍ପେଶାଲ ସର୍କିଟ ହାଉସ୍ ପରିସର ଯୋଗାଯୋଗ ଫୋନ୍-୦୬୮୫୨-୨୫୦୩୧୮

ପର୍ଯ୍ୟଟକ ସୂଚନା କେନ୍ଦ୍ର, ବିଜୟନଗରମ୍ ରେଲ୍‌ୱେ ଷ୍ଟେସନ୍ ଫୋନ୍- ୦୮୯୨୨-୨୨୭୧୮୨, ଟୋଲ ଫି ନମ୍ବର-୧୮୦୦୨୦୯୭୧୨୩

ପରିସଂଖ୍ୟାନ ଓ ଗବେଷଣା ପ୍ରକୋଷ୍ଠ
ପର୍ଯ୍ୟଟନ ନିର୍ଦ୍ଦେଶାଳୟ,
ପର୍ଯ୍ୟଟନ ଭବନ ୨ୟ ମହଲା
ଭୁବନେଶ୍ୱର-୭୫୧୦୧୪

❖ ❖ ❖

# ଆମର ସ୍ୱାସ୍ଥ୍ୟ ଓ ସେଲିନିୟମ

ବସନ୍ତ କୁମାର ଦାସ

ସଂପ୍ରତି ବୈଜ୍ଞାନିକମାନେ ଗବେଷଣାରୁ ଜାଣି ପାରିଛନ୍ତି ଯେ, ମଣିଷ ଶରୀରରେ ସେଲିନିୟମ ରୋଗ ପ୍ରତିରୋଧ ଶକ୍ତି ବଢ଼େଇବାରେ ସାହାଯ୍ୟ କରେ । କର୍କଟ ରୋଗ ପ୍ରତିରୋଧକ ଶକ୍ତି ଏହି ସେଲିନିୟମରେ ରହିଛି । ଏଣୁ ଏହାକୁ କେତେକ କ୍ଷେତ୍ରରେ ରୋଗୀମାନଙ୍କୁ ପରୋକ୍ଷ ଭାବରେ ଦିଆଯାଉଛି । କିନ୍ତୁ ଏହାକୁ ବେଶୀ ମାତ୍ରାରେ ସେବନ କଲେ କିମ୍ବା ଏହାର ମାତ୍ରା ଶରୀରରେ ବଢ଼ିଗଲେ ବାନ୍ତି, ପାଟି ଅଠାଳିଆ ହୋଇଯିବ, ଧାତୁ ଭଳି ସ୍ୱାଦ ଲାଗିବା, ରସୁଣିଆ ବାସନା ହେବା ସଙ୍ଗେ ସଙ୍ଗେ ପାକସ୍ଥଳୀର କାର୍ଯ୍ୟରେ ଅନିୟମିତତା ଦେଖାଯାଇଥାଏ ।

ସେଲିନିୟମ ଏକ ମୌଳିକ ପଦାର୍ଥ । ସୁଇଡ଼େନ୍‌ର ରସାୟନବିତ୍ ବର୍ଜିଲିଅସ ଏହି ମୌଳିକ ପଦାର୍ଥକୁ ଆବିଷ୍କାର କରିଥିଲେ । ଏହା ଅଧାତୁ ଅଟେ । ପର୍ଯ୍ୟାୟ ସାରଣୀର ଷଷ୍ଠ (କ) ଶ୍ରେଣୀ ଓ ଚତୁର୍ଥ ପର୍ଯ୍ୟାୟରେ ଏହା ସ୍ଥାନ ପାଇଛି । ଏହାର ଗନ୍ଧକ ସହିତ ଅନେକ ସାମଞ୍ଜସ୍ୟ ଅଛି । ତମ୍ବାର ମିଶ୍ରଧାତୁମାନଙ୍କରେ ଓ ଷ୍ଟିଲ ପ୍ରସ୍ତୁତ ସମୟରେ ଏହାକୁ ବ୍ୟବହାର କରାଯାଏ । କେତେକ ଧାତୁକୁ ଖୁବ୍ ଚକ୍ ଚକ୍ କରିବା ନିମିତ୍ତ ଏହାକୁ ବ୍ୟବହାର କରାଯାଇଥାଏ । ଅନେକ ସମୟରେ ବନ୍ଧୁକକୁ ଖୁବ୍ ଉଜ୍ଜ୍ୱଳ ଓ ଚକ୍ ଚକ୍ କରିବା ପାଇଁ ସେଲିନିୟମ ଅମ୍ଳ ବା ହାଇଡ୍ରୋଜେନ୍ ସେଲିନାଇଡ୍ ବ୍ୟବହାର କରାଯାଏ । ଏହା ସେଲିନିୟମର ଯୌଗିକ ପଦାର୍ଥ ଅଟେ । ସାଧାରଣତଃ କାଚରେ ରଙ୍ଗ ଦେବା ପାଇଁ ପ୍ରଶାଧାନ ସାମଗ୍ରୀ ତିଆରି କରିବା ପାଇଁ ସେଲିନିୟମ ବ୍ୟବହାର କରାଯାଏ । ମୁଣ୍ଡରୁ ରୂପି ଛଡ଼େଇବା ପାଇଁ ଯେଉଁସବୁ ସାମ୍ପୁ ବ୍ୟବହାର କରାଯାଏ, ସେଥିରେ ସେଲିନିୟମ ଥାଏ । ସେଲିନିୟମ ଡାଇସଲଫାଇଡ୍ ସେବୋରିଆ ନାମକ ଚର୍ମରୋଗ ଭଲ କରିବାରେ ସାମ୍ପୁ ରୂପେ ବ୍ୟବହାର ହୁଏ । ଅଧିକାଂଶ ସମୟରେ ଏହି ସାମ୍ପୁରେ ଥିବା ସେଲିନିୟମ ମୁଣ୍ଡର କେଶ ମୂଳରେ ଶୋଷି ହୋଇଯାଏ ଓ ଏଥିଯୋଗୁଁ ମୋଟର ନ୍ୟୁରନ୍ ରୋଗ ଭଳି ଭୟାବହ ସ୍ନାୟବିକ ଦୁର୍ବଳରୋଗ ମଣିଷଠାରେ ଦେଖାଯିବାର ସମ୍ଭାବନା ଥାଏ ।

ବିଶେଷତ୍ୱ:- ଏହା ଏକ ରାସାୟନିକ ମୌଳିକ ଯାହାର ପ୍ରତ୍ୟେକ ପରମାଣୁ କ୍ରମାଙ୍କ-୩୪ । ଗ୍ରୀକ ଶବ୍ଦ 'ସେଲିନ୍'ରୁ ଏହାର ନାମକରଣ 'ସେଲିନିୟମ' ହୋଇଛି । ଗ୍ରୀକ ଭାଷାରେ ସେଲିନ୍‌ର ଅର୍ଥ ଚନ୍ଦ୍ର । ୧୮୧୭ ମସିହାରେ ଜନ୍‌ସ୍ ଜ୍ୟାକବ୍ ବରଜିଲିୟସଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା । ସାଧାରଣତଃ ଏହା କଳା ଓ ଲାଲ୍ ରଙ୍ଗରେ ଉପଲବ୍ଧ ହେଉଥିବାରୁ ଏହା ବହୁରୂପିତା ପ୍ରଦର୍ଶନ କରେ ଓ ସଲ୍‌ଫାଇଡ୍ ଧାତୁପିଣ୍ଡରେ ଅପଦ୍ରବ ହିସାବରେ ଏହା ମିଳିଥାଏ । କାଚ ଓ ରଙ୍ଗ ପ୍ରସ୍ତୁତ, ମାଙ୍ଗାନିଜର ବୈଦ୍ୟୁତିକ ବିଶ୍ଳେଷଣ, ମିଶ୍ରଧାତୁ, ସୌର କୋଷ, ଇଲେକ୍ଟ୍ରୋନିକ୍ସ ଫ୍ଲୋରୋସେଣ୍ଟ କ୍ୱାଣ୍ଟମ୍ ଡଟ୍, ସେଲିନାଇଡ୍ ପ୍ରସ୍ତୁତି ଏବଂ ସିଲିକନ୍ ସେମିକଣ୍ଡକ୍ଟର୍‌ରେ ଯନ୍ତ୍ରାଂଶ ପ୍ରସ୍ତୁତି କରିବାରେ ବ୍ୟବହୃତ ହୁଏ । ଆମ ଜୀବନ ଜଗତ ଓ ସ୍ୱାସ୍ଥ୍ୟ ସହିତ ଏହାର ସଂପର୍କ ରହିଛି । ବହୁଳ ମାତ୍ରାରେ ସେଲିନିୟମ ଯୁକ୍ତ ଲବଣ ଉଦ୍ଭିଦ ଜଗତ ଓ ପ୍ରାଣୀ ଜଗତ ପାଇଁ କ୍ଷତିକାରକ । ଏହାର ସ୍ୱଳ୍ପମାତ୍ରା ଏନଜାଇମ୍ ଆକାରରେ ଜୀବଜଗତ ପାଇଁ ଉପକାରୀ । ଅତି ସୂକ୍ଷ୍ମ ମାତ୍ରାରେ ଗ୍ଲୁଟାଥାୟୋନ୍ ପେରୋକ୍ସିଡ଼ୋଜ୍ ଓ ଥାଇରେଡ଼େକ୍ସିନ୍ ରିଡ଼କ୍ଟେଜ୍ ଆଣ୍ଟିଅକ୍ସିଡ଼ାଣ୍ଟ ହିସାବରେ ଜୀବଜଗତରେ ବ୍ୟବହୃତ ହୋଇଥାଏ । ଯାହା ମଣିଷକୁ ପରୋକ୍ଷଭାବେ, ସୁସ୍ଥ, ସବଳ ଓ ଦୀର୍ଘାୟୁ କରି ରଖିଥାଏ । ଏହା ମଧ୍ୟ କେତେକ ଆୟୋଡ଼ିନ୍ ଯୁକ୍ତ ଏନ୍‌ଜାଇମ୍‌ରେ

ମିଶିକରିଥାଏ । ଯାହାକି ଗଳଗଣ୍ଡରୋଗ କିଛି ମାତ୍ରାରେ ଭଲ କରିଥାଏ । ବିଭିନ୍ନ ଜାତିର ଉଦ୍ଭିଦ ପାଇଁ ସେଲିନିୟମ୍‌ର ଆବଶ୍ୟକତା ଭିନ୍ନ ଭିନ୍ନ । କେତେକ ଉଦ୍ଭିଦ ପାଇଁ ଏହା ଅଧିକ ମାତ୍ରାରେ ଆବଶ୍ୟକ ହେଉଥିବାବେଳେ କେତେକ କ୍ଷେତ୍ରରେ ପୋଷଣ ପାଇଁ ଏହା ଖୁବ୍ କମ୍ ମାତ୍ରାରେ ଆବଶ୍ୟକ ହୋଇଥାଏ ବା ଆଦୌ ଆବଶ୍ୟକ ହୁଏ ନାହିଁ । ଦେଖାଯାଇଛି ସୁସ୍ଥ ସବଳ ଲୋକଙ୍କଠାରେ ସାଧାରଣତଃ ସେଲିନିୟମ୍ ମାତ୍ରା ଠିକ୍ ଭାବେ ଥାଏ । ଖୁବ୍ ବୟସ୍କ ଲୋକ, ପାକସ୍ଥଳୀଜନିତ ରୋଗ ଓ ମା'ର ଖାଦ୍ୟ ଉପରେ ସଂପୂର୍ଣ୍ଣ ଭାବେ ନିର୍ଭର କରୁଥିବା ଶିଶୁମାନଙ୍କଠାରେ ବେଳେବେଳେ ସେଲିନିୟମ୍‌ର ମାତ୍ରା ଅଭାବ ହୋଇଥାଏ । ଯେଉଁ ମୃତ୍ତିକାରେ ସେଲିନିୟମ୍ ମାତ୍ରା ନଥାଏ ସେଠାରେ ଉତ୍ପନ୍ନ ହେଉଥିବା ପନିପରିବା ଓ ଫସଲରେ ସେଲିନିୟମ୍ ପରିମାଣ କମ୍ ହୋଇଥିବା ଯୋଗୁଁ ଏହାର ଅଭାବଜନିତ ରୋଗର ଆଶଙ୍କା ଯଥେଷ୍ଟ ଅଧିକଥାଏ । ବଡ଼ ଆଶ୍ଚର୍ଯ୍ୟର କଥା ନିଉଜିଲ୍ୟାଣ୍ଡ ଭଳି ଦେଶରେ ମାଟିରେ ଆଜି ଅଳ୍ପ ମାତ୍ରାରେ ସେଲିନିୟମ ଥିଲେ ହେଁ ସେଠାରେ କେହି ସେଲିନିୟମ ଅଭାବ ଜନିତ ରୋଗର ଶିକାର ହୋଇ ନାହାନ୍ତି ବୋଲି ବୈଜ୍ଞାନିକମାନେ ମତବ୍ୟକ୍ତ କରିଛନ୍ତି । ମୁଣ୍ଡ ରୂପି ସାଧାରଣତଃ 'ମାଲାସେଜିଆ' ନାମକ କବକ ଯୋଗୁଁ ହୋଇଥାଏ । ଦୀର୍ଘଦିନ ଧରି ମୁଣ୍ଡ ରୂପି ଭଲ ନ ହେଲେ କେତେକ ସମ୍ପୋରେ ସେଲିନିୟମ ସଲଫାଇଡ୍ ନାମକ ରାସାୟନିକ ପଦାର୍ଥ ମିଶାଇ ସାମ୍ପ ପ୍ରସ୍ତୁତ କଲେ ରୂପି କମିଯାଏ ।

ମାଟିରେ ଅଧିକାଂଶ ସମୟରେ ସେଲିନିୟମର ଉପସ୍ଥିତି ଯୋଗୁଁ ଗୋରୁ ଗାଈ ଓ ଅନ୍ୟାନ୍ୟ ପଶୁପକ୍ଷୀ ନାନା ପ୍ରକାର ରୋଗର ଶିକାର ହୁଅନ୍ତି । ଘାସ ଓ ଉଦ୍ଭିଦ ବି ସେଲିନିୟମ୍ ଗ୍ରହଣ କରି ବିଷାକ୍ତ ହୁଏ । ଯୁକ୍ତରାଷ୍ଟ୍ର ଆମେରିକାର ଦକ୍ଷିଣ ଦାକୋଟା ରାଜ୍ୟର ମୃତ୍ତିକାରେ ସେଲିନିୟମ୍ ବେଶୀ ମାତ୍ରାରେ ଥିବାରୁ ସେଠାକାର ଗୋରୁଗାଈମାନଙ୍କଠାରେ ବ୍ଲାଇଣ୍ଡ ଷ୍ଟାଗାରସ୍ ନାମକ ଏକ ରୋଗ ଦେଖାଯାଏ । ଏହି ରୋଗ ହେଲେ ଗୋରୁଗାଈ ଅନ୍ଧ ହୋଇ ଯାଆନ୍ତି । ସେମାନଙ୍କର ଲୋମ ଓ ଖୁରା ନଷ୍ଟ ହେବା ସଙ୍ଗେ ସଙ୍ଗେ କ୍ଷତିଗ୍ରସ୍ତ ହୁଏ । ସେଲିନିୟମ ଯୋଗୁଁ ମଣିଷ ବି ଅନ୍ଧ ହେବାର ସମ୍ଭାବନା ଅଛି ।

ପ୍ରାୟ ସବୁ ପ୍ରକାର ସେଲିନିୟମ ଯୌଗିକ ଚର୍ମ, ସ୍ନାୟୁ ଓ ଶ୍ୱାସନଳୀ ପ୍ରତି କ୍ଷତିକାରକ ଅଟନ୍ତି । ପୂର୍ବେ ସେଲିନିୟମ ଯୌଗିକଗୁଡ଼ିକ କୀଟନାଶକ ରୂପେ ବ୍ୟବହାର ହେଉଥିଲା । ମାତ୍ର ଏହାର ମଣିଷ ପ୍ରତି ବିଷ ପ୍ରଭାବ ଯୋଗୁଁ ଏବେ ବ୍ୟବହାର କରାଯାଉନାହିଁ । ହାଇଡ୍ରୋଜେନ୍ ସେଲିନାଇଡ୍ ରଙ୍ଗହୀନ ଓ ଗନ୍ଧହୀନ ହୋଇଥିବାରୁ ଅନେକ ସମୟରେ ଛୋଟ ପିଲାମାନେ ଏହାକୁ ପାନ କରି ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହା ଆଘ୍ରାଣ କଲେ ରସୁଣ ଭଳି ଗନ୍ଧ ହୁଏ । ଡାଇମିଥାଇଲ୍‌ରୁ ନିର୍ମିତ ଯୋଗୁଁ ଏହି ରସୁଣ ଗନ୍ଧ ବାହାରିଥାଏ । ରାସାୟନିକ କାରଖାନା ଓ କାଚ କାରଖାନାମାନଙ୍କରେ ସେଲିନିୟମର ଭୟବହତା ଖୁବ୍ ବେଶୀ । ସଂପ୍ରତି ବୈଜ୍ଞାନିକମାନେ ଗବେଷଣାରୁ ଜାଣି ପାରିଛନ୍ତି ଯେ, ମଣିଷ ଶରୀରରେ ସେଲିନିୟମ ରୋଗ ପ୍ରତିରୋଧ ଶକ୍ତି ଏହି ସେଲିନିୟମରେ ରହିଛି । ଏଣୁ ଏହାକୁ କେତେକ କ୍ଷେତ୍ରରେ ରୋଗୀମାନଙ୍କୁ ପରୋକ୍ଷ ଭାବରେ ଦିଆଯାଉଛି । କିନ୍ତୁ ଏହାକୁ ବେଶୀ ମାତ୍ରାରେ ସେବନ କଲେ କିମ୍ବା ଏହାର ମାତ୍ରା ଶରୀରରେ ବଢ଼ିଗଲେ ବାନ୍ତି, ପାଟି ଅଠାଳିଆ ହୋଇଯିବା ଧାତୁ ଭଳି ସ୍ୱାଦ ଲାଗିବା, ରସୁଣିଆ ବାସନା ହେବା ସଙ୍ଗେ ସଙ୍ଗେ ପାକସ୍ଥଳୀର କାର୍ଯ୍ୟରେ ଅନିୟମିତତା ଦେଖାଯାଇଥାଏ ।

ସାଧାରଣତଃ ୨୪୦-୨୮୦ ମି.ଗ୍ରା. ଓଜନର ସେଲିନିୟମ୍ ମଣିଷ ଶରୀରରେ ହେଲେ ମଣିଷ ମୃତ୍ୟୁ ମୁଖରେ ପଡ଼େ । ଏଥିରୁ ଏହା କେତେ ବିଷାକ୍ତ ସ୍ୱଷ୍ଟ ଅନୁମାନ କରିହେବ । ଏବେ ଏହା ଏକ ମାରାତ୍ମକ ବିଷ ରୂପେ ପରିଗଣିତ ହେଉଛି ଓ ପ୍ରାୟ ୩୦-୬୦ ମିନିଟ୍ ଭିତରେ ଏହା ମଣିଷକୁ ମାରି ଦେଇପାରେ । ସେଲିନିୟମ ଭଳି ଆର୍ସେନିକ୍ ଓ କାଡ୍‌ମିଅମ୍ ମଧ୍ୟ ଆମ ଶରୀର ପକ୍ଷେ ବହୁତ କ୍ଷତିକାରକ । ମାତ୍ର ଉଚିତ୍ ମାତ୍ରା ବ୍ୟବହାର କରି ଏବେ ଏହିସବୁ ଧାତୁରୁ ଔଷଧ ପ୍ରସ୍ତୁତ ହେଉଛି । ଏଣ୍ଟି-ଅକ୍ସିଡ଼େଣ୍ଟ ନାମକ ଯେଉଁ ଔଷଧ ବର୍ତ୍ତମାନ ଡାକ୍ତରଗଣ ରୋଗୀମାନଙ୍କୁ ବ୍ୟବହାର କରିବା ପାଇଁ ଦେଉଛନ୍ତି ତହିଁରେ ଯେଉଁ ସାତଗୋଟି ଉପାଦାନ ରହିଛି ତନ୍ମଧ୍ୟରୁ ସେଲିନିୟମ ଅନ୍ୟତମ । ମାତ୍ର ଏହା ତାର ଲବଣ ସୋଡ଼ିୟମ ସେଲିନେଟ୍ ରୂପରେ ସେହି ଔଷଧରେ ମାତ୍ର ୨ ମିଲିଗ୍ରାମ ଥାଏ । ଏହାକୁ ମିଶାଇ ସେହି ଏଣ୍ଟି-ଅକ୍ସିଡ଼େଣ୍ଟ-୭ କ୍ୟାପ୍‌ସୁଲରେ ଆଉ ଯେଉଁସବୁ ଉପାଦାନଗୁଡ଼ିକ ଥାଏ ସେଗୁଡ଼ିକ ହେଲା ବିଟା କେରୋଟିନ୍-୬ମିଲିଗ୍ରାମ, ଭିଟାମିନ୍ ସି- ୧୫୦ ମିଲିଗ୍ରାମ, ଭିଟାମିନି ଇ-୨୫ ମିଲିଗ୍ରାମ, ଜିଙ୍କ୍- ୪୦ ମିଲିଗ୍ରାମ, ସେଲିନିୟମ-

୨ମିଲିଗ୍ରାମ୍(ସୋଡିୟମ୍ ସିଲିକେଟ୍), ତାମ୍ର (କପର)- ୨ ମିଲିଗ୍ରାମ(କ୍ୟୁ ପ୍ରିକ୍ ଅକ୍ସାଇଡ୍), ମାଙ୍ଗାନିଜ୍ ସଲଫେଟ୍- ୫ ମିଲିଗ୍ରାମ୍ । ଏହି ଔଷଧର ବିଶେଷତ୍ୱ ହେଉଛି ଏଥିରୁ ଦୈନିକ ଗୋଟିଏ ବଟିକା ଖାଇଲେ ଚମଡ଼ା ଲୋଚାକୋଚା ହେବ ନାହିଁ । ଆଖି ତଳ କଳା ପଡ଼ିବ ନାହିଁ । ଅନ୍ୟାନ୍ୟ ମାରାତ୍ମକ ରୋଗ ମଧ୍ୟ ସହଜରେ ହେବ ନାହିଁ ।

ବେଳେବେଳେ ମାଲାସେଜିଆ କବକ ସଂକ୍ରମଣ ଯୋଗୁଁ ଶରୀରରୁ ସେଲିନିୟମ୍ କାଟି ଛାଡ଼ିଯାଏ । ଏହି ସେଲିନିୟମ ସଲ୍‌ଫାଇଡ଼କୁ ବଡ଼ି ଲୋସନରେ ଶରୀରରେ ଲଗେଇଲେ ଏହି ରୋଗ ଭଲ ହୁଏ । ଏହି ରୋଗର ନାମ ଟିନିଆ ଭରସିକଲର । କର୍କଟରୋଗୀ ପ୍ରତିଦିନ ସେଲେନୋ ଆୟାନାଇନ୍ ନାମକ ଔଷଧ ସେବନ କରିବା ଦ୍ୱାରା ସେମାନଙ୍କ ରକ୍ତରେ ପ୍ଲାଜମା ପରିମାଣ ଅତିମାତ୍ରାରେ ବୃଦ୍ଧି ପାଏ । ଅପରାଧୀମାନଙ୍କୁ ଚିହ୍ନଟ କରିବାରେ ମଧ୍ୟ ସେଲିନିୟମର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ରକ୍ତ ଓ ମୂତ୍ର ପରୀକ୍ଷା କରିବା ପାଇଁ ବେଳେବେଳେ ସେଲିନିୟମ ସହାୟକ ହୋଇଥାଏ । ଯଥାବିଧି ମୁତାବକ ସେଲିନିୟମ୍ ସେବନ ଆମ ସ୍ୱାସ୍ଥ୍ୟ ପାଇଁ ଉପକାରୀ । କିନ୍ତୁ ଅଧିକ ମାତ୍ରାରେ ଏହାକୁ ସେବନ କରିବା ଦ୍ୱାରା ସେଲିନୋସିସ୍ ନାମକ ରୋଗ ହୋଇଥାଏ ।

ଏ ପ୍ରକାର ରୋଗ ହେଲେ ନିଃଶ୍ୱାସ ପ୍ରଶ୍ୱାସରେ ରସୁଣ ଗନ୍ଧ ହୁଏ । ହଜମ ପ୍ରକ୍ରିୟାରେ ବାଧା ଉପୁଜେ । ମୁଣ୍ଡବାଳ ଉପୁଡ଼ିବା, କ୍ଲାନ୍ତି ଲାଗିବା, ନଖ ଚିକ୍କଣ ନ ରହିବା, ଚିଡ଼ା ସ୍ୱଭାବ ଦେଖାଦେବା ଓ ସ୍ନାୟୁ ନଷ୍ଟ ହୋଇଯାଏ । ଏହାର ମାତ୍ରା ଶରୀରରେ ବୃଦ୍ଧି ପାଇଲେ ଯକୃତ ଓ ଫୁସ୍‌ଫୁସ୍ ଠିକ୍ ଭାବେ କାମ ନକରିବାରୁ ମଣିଷ ମୃତ୍ୟୁମୁଖରେ ପଡ଼େ । ଏହାର ମାତ୍ରା ୪୦୦ ମାଇକ୍ରୋଗ୍ରାମ୍ ଶରୀର ପାଇଁ କ୍ଷତିକାରକ ନୁହେଁ । କିନ୍ତୁ ଯଦି ଏହି ସେଲିନିୟମରୁ ମାତ୍ରା ଖାଦ୍ୟରେ ୪୦୦ ମାଇକ୍ରୋଗ୍ରାମରୁ ଅଧିକ ହୁଏ ସେତେବେଳେ ସେଲିନୋସିସ୍ ରୋଗ ହେବାର ଯଥେଷ୍ଟ ସମ୍ଭାବନା ଥାଏ । ୨୦୦୯ ମସିହା ଏପ୍ରିଲ୍ ୧୯ ତାରିଖରେ ଆମେରିକାର ପୋଲୋ ଖେଳରେ ସହାୟତା କରୁଥିବା ୨୧ଟି ଘୋଡ଼ାଙ୍କର ମୃତ୍ୟୁ ଘଟିଥିଲା । ପରୀକ୍ଷାରୁ ଜଣାପଡ଼ିଲା ଯେ, ଘୋଡ଼ାଗୁଡ଼ିକ ଖଣିଜ ଲବଣ ଓ ଭିଟାମିନ୍ ସହିତ ନିର୍ଦ୍ଧାରିତ ମାତ୍ରାଠାରୁ ୧୦-୧୫ ଗୁଣ ଅଧିକ ମାତ୍ରାରେ ସେଲିନିୟମ୍ ଔଷଧରେ ଖାଇଥିବାରୁ ଏପରି ହୋଇଥିଲା । ପାଣିରେ ଯଦି ସେଲିନିୟମ୍ ଅଧିକ ମାତ୍ରାରେ ଥାଏ ତେବେ ଏହା ଜୀବଜଗତ ପାଇଁ କ୍ଷତିକାରକ । ପକ୍ଷୀମାନଙ୍କର ଏହି ସେଲିନିୟମ୍ ମିଶ୍ରିତ ପାଣି ଖୁବ୍ କ୍ଷତିକାରକ । ଧଳା ମାଂସପେଶୀ ରୋଗ (White Muscle Disease) ଭଲ କରିବାରେ ସେଲିନିୟମ୍‌ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହାର ଶରୀର ଉପରେ ପାର୍ଶ୍ୱକ୍ରିୟା ରହିଥିବାର ଦୃଷ୍ଟାନ୍ତ ରହିଛି । ଡାକ୍ତରଙ୍କ ପରାମର୍ଶକ୍ରମେ ସେଲିନିୟମ୍ ଉପାଦାନର ରହିଥିବା ଔଷଧ ସେବନ କରିବା ସର୍ବାଦୌ ଉଚିତ । ସେଲିନିୟମ୍ ଔଷଧ ପ୍ରସ୍ତୁତ ବେଳେ ଭାରତୀୟ ଭେଷଜ ଗବେଷଣା ପ୍ରତିଷ୍ଠାନ କେନ୍ଦ୍ରୀୟ ଔଷଧ ଗବେଷଣା ପ୍ରତିଷ୍ଠାନ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନଗୁଡ଼ିକର ପରାମର୍ଶ ଗ୍ରହଣ କଲେ ଆମେ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ କରିପାରିବା ।

ବି/୧୧୩, ସେକ୍ଟର-୧, ନାଲ୍‌କୋଟାଉନ୍‌ସିପ୍
ଦାମନଯୋଡ଼ି-୭୬୩୦୦୮, କୋରାପୁଟ

❖ ❖ ❖

# ବିଜୁବାବୁ ପରି କିଏ ହେବ



**ବିକ୍ରମ ମହାରଣା**

ବିଜୁବାବୁଙ୍କର ୭୯ତମ ଜନ୍ମଦିନରେ ଜଣେ ସାମ୍ବାଦିକ ତାଙ୍କୁ ପ୍ରଶ୍ନ କଲେ କି, 'ସେ କିପରି ମରିବାକୁ ଭଲ ପାଇବେ?' ପ୍ରତ୍ୟୁତ୍ପନ୍ନମତି ବିଜୁବାବୁ ପ୍ରତ୍ୟୁତ୍ତରରେ ତୁରନ୍ତ କହିଲେ ଯେ, 'ସେ ବିମାନ ଦୁର୍ଘଟଣା ବା ବହୁକାଳ ପୀଡ଼ିତ ରହି ମରିବାକୁ ଚାହିଁବେନି ।' ସେମିତି ପ୍ରାୟ ହେଲା । ନିରେଖି ବୁଝିଲେ ଉକ୍ତ ଉଦ୍ଧୃତାଂଶରେ ତାଙ୍କର ବୃତ୍ତି ପ୍ରତି ନିଷ୍ଠା ଓ ଆତ୍ମବିଶ୍ୱାସ ବାରି ହୋଇପଡୁଥିଲା । ନିର୍ମଳ ମନ ଯୋଗୁ ଦୀର୍ଘକାଳ ଶଯ୍ୟାଶାୟୀ ନହୋଇ ସ୍ୱଳ୍ପ ସମୟରେ ଚାଲିଗଲେ । କି ଶାନ୍ତିରେ ମରଣ! ଭାଗବତରେ ଅଛି, 'ପ୍ରାଣୀର ଭଲମନ୍ଦ ବାଣୀ-ମରଣ କାଳେ ତାହା ଜାଣି।' ନା ମରଣର ପରାଭବ ନା କିଛି ଅବସୋସ୍ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ପାର୍ଥିବ ଶରୀରର ସତ୍କାରାର୍ଥେ ଆୟୋଜିତ ଶେଷଯାତ୍ରାରେ ଭୁବନେଶ୍ୱର ବିମାନ ବନ୍ଦରରୁ ପୁରୀ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଅଭୂତପୂର୍ବ ଲୋକାରଣ୍ୟ ସୂଚିତ କରୁଥିଲା ତାଙ୍କର ଅମାପ ଲୋକପ୍ରିୟତା । ସ୍ୱତଃ ପ୍ରମାଣିତ କରୁଥିଲା ଯେ, ସାର୍ଥକ ଥିଲା ତାଙ୍କର ଜନ୍ମ ଓ ଜୀବନ। ସେ ନିଜେ ହସିହସି ଧରାବକ୍ଷରୁ ବିଦାୟ ନେଉଥିଲା ବେଳେ ଜନସମୁଦ୍ରରେ ଭାଙ୍ଗୁଥିଲା ଲୁହର ଲହଡି ।

ଉତ୍କଳ ଜନନୀର 'ବୀରପ୍ରସବିନୀ' ନାମକୁ ଯଥାର୍ଥ ପ୍ରତିପାଦିତ କରିଥିବା ଏହି ସାହସୀ ପୁରୁଷଙ୍କ ଜନ୍ମ ହୁଏ ୧୯୧୬ ମସିହା ମାର୍ଚ୍ଚ ମାସ ୫ ତାରିଖର ଏକ ଅମୃତ ବେଳାରେ, ସଂସ୍କାର ମଣ୍ଡିତ ସଂଭ୍ରାନ୍ତ ପରିବାରରୁ ଆସିଥିବା ସ୍ୱାଭିମାନୀ ପିତା ଲକ୍ଷ୍ମୀନାରାୟଣ ଓ ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ଆସିଥିବା ମାତା ଆଶାଲତା ଦେବୀଙ୍କ ଔରସରୁ କଟକ ତୁଳସୀପୁରସ୍ଥିତ ଆନନ୍ଦ ଭବନରେ । ପାରିବାରିକ ଓ ପାରିବେଶିକ ପ୍ରଭାବ ବାଲ୍ୟକାଳରୁ ତାଙ୍କ ମନରେ ଦେଶଭକ୍ତି ଓ ଜନସେବାର ଭାବନା ଉଦ୍ରେକ କରିବାରେ ସହାୟକ ହୋଇଥିଲା। ୧୯୨୬ ମସିହାରେ ତାଙ୍କୁ ମାତ୍ର ୧୦ ବର୍ଷ ବୟସ ହୋଇଥିବା ସମୟରେ ସେ ବ୍ରିଟିଶ୍ ଅଧିକାରୀଙ୍କୁ ଉଚିତ୍ କଥା କହିବାରେ ପଛେଇଯାଇ ନଥିଲେ । ରେଭେନ୍ସା କଲେଜରେ ପଢୁଥିବା ସମୟରେ ଦୁଇଜଣ ସାଥୀଙ୍କ ସହ ସାଇକେଲ୍‌ରେ କଟକରୁ ସୁଦୂର ପେଶୱାରକୁ ଦୁର୍ଗମ ଅଭିଯାନରେ ଯାଇଥିଲେ । ଉଚ୍ଚଶିକ୍ଷା କାଳରେ ସେ ବୈମାନିକ ହେବାର ସ୍ୱପ୍ନ ଦେଖୁଥିଲେ । ପାଇଲଟ୍ ଟ୍ରେନିଂ ପରେ ରୟାଲ୍ ଇଣ୍ଡିଆ ଏୟାର୍ ଫୋର୍ସ ଓ ଇଣ୍ଡିଆନ୍ ନ୍ୟାସନାଲ୍ ଏୟାର୍‌ୱେଜ୍‌ରେ ଭର୍ତ୍ତି ହୋଇ ପରବର୍ତ୍ତୀ ସମୟରେ ସେ ଜଣେ ସାହସୀ ଓ ସୁଦକ୍ଷ ପାଇଲଟ୍ ଭାବରେ ବହୁ ଅସାଧ୍ୟ କାର୍ଯ୍ୟ ସାଧନ ପୂର୍ବକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିଲେ । ଭାରତର ବଡଲାଟ୍ ଲର୍ଡ ୱାଭେଲ୍‌ଙ୍କର ସେ ପାଇଲଟ୍ ଥିଲେ । ବଡଲାଟ୍‌ଙ୍କ ଗୁପ୍ତ ଦଲିଲ୍ ସବୁ ସେ ଗୋପନରେ ଗାନ୍ଧିଜୀଙ୍କୁ ଯୋଗାଇ ଦେଉଥିଲେ । ୧୯୪୦ ମସିହାରେ ଜୟପ୍ରକାଶ ନାରାୟଣଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା ଏବଂ ବିଜୁବାବୁ ତାଙ୍କୁ ନିଜର ରାଜନୈତିକ ଗୁରୁ ରୂପେ ଗ୍ରହଣ କରି ନେଇଥିଲେ । ସେହିବର୍ଷ

ସେ ପାଇଲଟ୍ ଚାକିରି ଛାଡି ଜାତୀୟ ନେତାମାନଙ୍କ ସଂସ୍ପର୍ଶରେ ଆସିଥିଲେ । 'ଭାରତ ଛାଡ' ଆନ୍ଦୋଳନରୁ ତାଙ୍କର ରାଜନୈତିକ ଜୀବନର ଅୟମାରମ୍ଭ ହୋଇଥିଲା । ୧୯୪୩ ମସିହାରେ ସେ ଦିଲ୍ଲୀରେ ଗିରଫ୍ ହୋଇ ଲାଲ୍‌କିଲ୍ଲାରେ ବନ୍ଦୀ ହୋଇ ରହିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ, ବର୍ମା ଆକ୍ରମଣ କଲାବେଳେ ବିଜୁବାବୁ ନିଜ ଜୀବନ ବିପନ୍ନ କରି କେତେକ ବ୍ରିଟିଶ୍ ପରିବାରଙ୍କୁ ମୃତ୍ୟୁ ମୁଖରୁ ଉଦ୍ଧାର କରିଥିଲେ । ହିମାଳୟ ଉପରେ ବିମାନ ନେଇ ସେ ଚୀନ୍‌ର ବିପ୍ଳବୀମାନଙ୍କୁ ସାହାଯ୍ୟ କରିଥିଲେ । ଭାରତଛାଡ ଆନ୍ଦୋଳନ ସମୟରେ ଜୟପ୍ରକାଶ ନାରାୟଣ, ଅରୁଣା ଆସଫ୍ ଅଲ୍ଲୀ, ରାମ ମନୋହର ଲୋହିଆ ଓ ଅଚ୍ୟୁତ ପଟ୍ଟବର୍ଦ୍ଧନ ଆଦି ଜାତୀୟ ନେତାମାନଙ୍କୁ ନିଜ ଘରେ ଲୁଚାଇ ରଖିଥିଲେ । ଗୋପନରେ ନେତାଜୀଙ୍କ ପ୍ରଚାରପତ୍ର ବିମାନରୁ ବିତରଣ କରୁଥିଲେ । ୧୯୪୭ରେ ଡଚ୍-ଇଣ୍ଡୋନେସିଆ ଯୁଦ୍ଧ ଚାଲିଥିବାବେଳେ ବିଜୁବାବୁ ପଣ୍ଡିତ ନେହରୁଙ୍କ ନିର୍ଦ୍ଦେଶକ୍ରମେ ଇଣ୍ଡୋନେସିଆର ପ୍ରଥମ ପ୍ରଧାନମନ୍ତ୍ରୀ ସୁଲତାନ୍ ସାହାରିୟାର୍, ମହମ୍ମଦ ହଟ୍ଟା ଏବଂ ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କୁ ଦିଲ୍ଲୀ ନେଇ ଆସିଥିଲେ । ସେ ରାଷ୍ଟ୍ରପତି ସୁକର୍ଣ୍ଣଙ୍କ ଜୀବନ ମଧ୍ୟ ରକ୍ଷା କରିଥିଲେ । ତାଙ୍କର ଏହି ଅପୂର୍ବ ସାହସ ଓ ବୀରତ୍ୱ ପାଇଁ ଇଣ୍ଡୋନେସିଆ ସରକାର ତାଙ୍କୁ ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର' ଉପାଧିରେ ଭୂଷିତ କରିଥିଲେ । ଇଣ୍ଡୋନେସିଆ ସ୍ୱାଧିନତା ସଂଗ୍ରାମରେ ସହଯୋଗ ନିମନ୍ତେ କୃତଜ୍ଞତା ସ୍ୱରୂପ ସେ ଦେଶର ସରକାର ୧୯୫୦ ମସିହାରେ ତାଙ୍କୁ ୫୦୦ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ । କିନ୍ତୁ ବିଜୁବାବୁ ସେହି ଅର୍ଥରାଶିକୁ ଇଣ୍ଡୋନେସିଆବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଦାନ କରି ନିଜର ମହାନୁଭବତା ପ୍ରଦର୍ଶନ କରିଥିଲେ । ୧୯୪୮ ମସିହାରେ ପାକିସ୍ଥାନର ଭାରତ ଆକ୍ରମଣ କାଳରେ ବିଜୁବାବୁ ସର୍ବପ୍ରଥମେ ଭାରତୀୟ ସୈନ୍ୟମାନଙ୍କୁ ବିମାନରେ ନେଇ ଶ୍ରୀନଗରରେ ପହଂଚାଇ ଥିଲେ । ୧୯୬୨ ମସିହାରେ ଚୀନ୍ ଆକ୍ରମଣ କାଳରେ ସେ ପଣ୍ଡିତ ନେହରୁଙ୍କ ନିର୍ଦ୍ଦେଶକ୍ରମେ ଗୋପନରେ ଆମେରିକା ଯାତ୍ରା କରିବା ସହ ନେହରୁଙ୍କୁ ପ୍ରତିରକ୍ଷା ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପରାମର୍ଶ ଦେଉଥିଲେ । ୧୯୬୫ ମସିହାରେ ଭାରତ-ପାକିସ୍ଥାନ ଯୁଦ୍ଧ କାଳରେ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୂର୍ ଶାସ୍ତ୍ରୀ ତାଙ୍କୁ ଇଣ୍ଡୋନେସିଆ ପଠାଇଥିଲେ । ବିଜୁବାବୁଙ୍କ ଉଦ୍ୟମର ଫଳସ୍ୱରୂପ ଇଣ୍ଡୋନେସିଆ ପାକିସ୍ଥାନକୁ ଯୁଦ୍ଧ ବିମାନ ବିକ୍ରୀ ବନ୍ଦ କରିଦେଇଥିଲା ।

୧୯୬୧ ମସିହାରେ ସେ ପ୍ରଦେଶ କଂଗ୍ରେସ ସଭାପତି ଭାବେ ନିର୍ବାଚିତ ହେବା ପରେ କଂଗ୍ରେସ ରାଜନୀତିରେ ଯୁବ ନେତୃତ୍ୱର ଅଭ୍ୟୁଦୟ ହୋଇଥିଲା । ଜୁନ୍ ମାସରେ ଓଡିଶା ବିଧାନସଭାର ମଧ୍ୟବର୍ତ୍ତୀକାଳୀନ ତୃତୀୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ନୂତନ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠିତ ହୋଇଥିଲା । ସେ ସମୟରେ ରାଜ୍ୟର ଶିଳ୍ପ କ୍ଷେତ୍ରରେ ବିକାଶ ପାଇଁ ବହୁ ପ୍ରଗତିଶୀଳ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରେ ପାରାଦୀପ ବନ୍ଦର, ଖଣି ଅଂଚଳକୁ ସଂଯୋଗ ପାଇଁ ଦଇତାରୀ-ପାରାଦୀପ ଏକ୍ସପ୍ରେସ୍ ହାଇୱେ, ବାଲିମେଳା ଜଳ ବିଦ୍ୟୁତ୍ ଯୋଜନା, ତାଳଚେର ଥର୍ମାଲ୍ ପ୍ରକଳ୍ପ, ସୁନାବେଡା ମିଗ୍ ବିମାନ କାରଖାନା, ବଡବିଲ୍ ଲୁହା କାରଖାନା, ନାଲ୍‌କୋ ଆଲୁମିନିୟମ୍ ପ୍ରକଳ୍ପ ଏବଂ ପଂଚାୟତ ସ୍ତରରେ ବହୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ଆଦି ଉଲ୍ଲେଖଯୋଗ୍ୟ । ବିଜୁବାବୁ ପଂଚାୟତସ୍ତରୀୟ ଶିଳ୍ପର ପ୍ରବର୍ତ୍ତକ । ତାଙ୍କ ଶାସନ କାଳରେ ବିଭିନ୍ନ ନିଗମ ପ୍ରତିଷ୍ଠା, ରାଉରକେଲାଠାରେ ଆଞ୍ଚଳିକ ଇଞ୍ଜିନିୟରିଂ କଲେଜ ଏବଂ ବିଭିନ୍ନ ଅଞ୍ଚଳରେ ବିଜ୍ଞାନ କଲେଜ, ଇଞ୍ଜିନିୟରିଂ ଓ ପଲିଟେକ୍‌ନିକ୍ ଅନୁଷ୍ଠାନଗୁଡ଼ିକ ସ୍ଥାପନ କରାଯାଇଥିଲା । ଶିକ୍ଷାର ପ୍ରସାର ବିଶେଷତଃ ବୈଷୟିକ ଶିକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟ ପାଠ୍ୟପୁସ୍ତକଗୁଡ଼ିକୁ ଜାତୀୟକରଣ କରାଯାଇଥିଲା । ଚାରିବାଟିଆ ସାମରିକ ବିମାନ ଅବତରଣ କେନ୍ଦ୍ର, ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ବୁର୍ଲାଠାରେ ଇଂଜିନିୟରିଂ ଓ ମେଡ଼ିକାଲ କଲେଜ ପ୍ରତିଷ୍ଠା ପ୍ରଭୃତି ବିଜୁବାବୁଙ୍କ ଶାସନର କୃତିତ୍ୱ । ବିଜୁବାବୁ ୧୯୬୩ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ରହି ଓଡ଼ିଶାରେ ନିର୍ମାଣ ଯୁଗର ଶୁଭାରମ୍ଭ କରିଥିଲେ । କାମରାଜ ଯୋଜନାରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଉଦାହରଣ ରଖିଥିଲେ ।

ବିଜୁବାବୁଙ୍କ ନେତୃତ୍ୱରେ 'ଉତ୍କଳ କଂଗ୍ରେସ' ନାମକ ଏକ ଆଞ୍ଚଳିକ ଦଳ, ପରବର୍ତ୍ତୀ କାଳରେ ୧୯୭୩ରେ ଉତ୍କଳ କଂଗ୍ରେସ, ସ୍ୱତନ୍ତ୍ର ଦଳ, ଜନକଂଗ୍ରେସ ଓ କେତେକ ସ୍ୱାଧୀନ ସଭ୍ୟ

ମିଶି ପ୍ରଗତି ଦଳ ଗଠିତ ହୋଇଥିଲା । ୧୯୭୭ ମସିହାରେ ଜରୁରିକାଳୀନ ପରିସ୍ଥିତି କୋହଳ ହେବାପରେ ଜାତୀୟ ସ୍ତରରେ 'ଜନତା ଦଳ' ନାମକ ଏକ ନୂତନ ଦଳ ଗଠନ ହୋଇଥିଲା । ଓଡ଼ିଶାର ସମସ୍ତ ଅଣକମ୍ୟୁନିଷ୍ଟ ବିରୋଧୀ ଦଳକୁ ନେଇ ବିଜୁବାବୁଙ୍କ ନେତୃତ୍ୱରେ ରାଜ୍ୟରେ ଜନତା ଦଳ ଗଠିତ ହୋଇଥିଲା । ପ୍ରଗତି ଦଳରେ ଥାଇ ୧୯୭୩ରେ ସଂକ୍ଷିପ୍ତ ସମୟ, ୧୯୭୪ରୁ ୧୯୭୭ ଓ ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ପରେ ୧୯୯୫ରେ ସଂକ୍ଷିପ୍ତ ସମୟ ବିରୋଧୀଦଳ ନେତା ଭାବେ ସେ ରାଜ୍ୟ ବିଧାନସଭାରେ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଥିଲେ ।

୧୯୯୦ ଫେବୃଆରୀ ମାସରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଜନତା ଦଳ ବିପୁଳ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା ଓ ମାର୍ଚ୍ଚ ୫ ତାରିଖରେ ବିଜୁବାବୁ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ । ସରକାରର ଅବଧି ମଧ୍ୟରେ ରାଜ୍ୟରେ ବେକାରୀ ଓ ଦାରିଦ୍ର୍ୟ ଦୂରୀକରଣ ପାଇଁ ବହୁ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରାଯାଇଥିଲା । ମହିଳାଙ୍କ ନିଯୁକ୍ତି କ୍ଷେତ୍ରରେ ବୟସସୀମା କୋହଳ କରାଯାଇଥିଲା । ଶ୍ରମିକମାନଙ୍କ ଦୈନିକ ସର୍ବନିମ୍ନ ମଜୁରି ପ୍ରଥମ ଥର ପାଇଁ ଆଖିଦୃଶିଆ ୨୫ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ବୃଦ୍ଧ, ଅକ୍ଷମ ଓ ବିଧବା ଭତ୍ତା ୧୦୦ ଟଙ୍କାକୁ ବୃଦ୍ଧି ହୋଇଥିଲା । କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଆର୍ଥିକ ସାହାଯ୍ୟ ଯୋଜନା ଏବଂ ଗ୍ରାମାଞ୍ଚଳ ଦରିଦ୍ର ଲୋକଙ୍କ ବାସଗୃହ ନିର୍ମାଣ ପାଇଁ କଳିଙ୍ଗ କୁଟୀର ଯୋଜନା ଆଦି ପ୍ରବର୍ତ୍ତନ କରାଯାଇଥିଲା । ବିଧବା ଭତ୍ତା ପାଇଁ ହିତାଧିକାରୀମାନଙ୍କ ବୟସସୀମା ଉଚ୍ଛେଦ ହୋଇଥିଲା । ରାଜ୍ୟରେ ମହିଳା ବିକାଶ ନିଗମ, ମହିଳା ବ୍ୟାଙ୍କ ଓ ରାଜ୍ୟ ମହିଳା କମିଶନ ପ୍ରତିଷ୍ଠା କରାଯାଇଥିଲା । ରାଜ୍ୟରେ ଲୋକାଭିମୁଖୀ ପ୍ରଶାସନ ନିମନ୍ତେ ଜିଲ୍ଲା ପୁନର୍ଗଠନ କରାଯାଇ ଜିଲ୍ଲା ସଂଖ୍ୟା ୧୩ରୁ ୩୦କୁ ବୃଦ୍ଧି କରାଯାଇଥିଲା । ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରାଯାଇଥିଲା । ଛଅଟି ଜିଲ୍ଲାରେ ସଂପୂର୍ଣ୍ଣ ସାକ୍ଷରତା ଯୋଜନା ଆରମ୍ଭ କରାଯାଇଥିଲା ।

କେନ୍ଦ୍ରରେ ମିଳିତ ସାମ୍ମୁଖ୍ୟ ସରକାର ଗଠନରେ ସେ ଥିଲେ କର୍ଣ୍ଣଧାର । ୧୯୭୭ରୁ ୧୯୭୯ ଜଣେ ସାଂସଦ ଓ କେନ୍ଦ୍ରମନ୍ତ୍ରୀ, ୧୯୮୦ ମସିହାରେ ପୁନଶ୍ଚ ସାଂସଦ ଓ ୧୯୯୬ରୁ ଶେଷନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସାଂସଦ ରୂପେ ତାଙ୍କର ଭୂମିକା ଦେଶ ଜାତିର ହିତ ନିମନ୍ତେ ଉଦ୍ଦିଷ୍ଟ ଥିଲା । ସ୍ୱାଭିମାନ ଓ ଆତ୍ମବିଶ୍ୱାସ ଥିଲା ତାଙ୍କ ପ୍ରେରଣାର ଉତ୍ସ । ସ୍ପଷ୍ଟବାଦିତା ଥିଲା ତାଙ୍କର ସ୍ୱଭାବସିଦ୍ଧ ଗୁଣ । ପ୍ରଶାସନ କ୍ଷେତ୍ରରେ ସଂସ୍କାର ଓ ଦକ୍ଷତା ବୃଦ୍ଧି ପାଇଁ ସେ ସତତ ଉଦ୍ୟମ କରୁଥିଲେ । ସରକାରୀ କଳରେ ଅପବ୍ୟୟ ରୋକିବା ପାଇଁ ସେ ବହୁ କଟକଣା ଜାରି କରିଥିଲେ । ଛୁଟି ଦିନରେ ସରକାରୀ ଗାଡ଼ି ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ ହୋଇଥିଲା । ବୟସର ଅପରାହ୍ଣରେ ନିଜେ ରିକ୍ସା ଓ ସାଇକେଲରେ ସଚିବାଳୟ ଆସି ଅନ୍ୟ ପାଇଁ ମିତବ୍ୟୟତାର ଉଦାହରଣ ସୃଷ୍ଟି କରିଥିଲେ । ସୁଦୀର୍ଘ ଶରୀର ସହ ବାହାରକୁ ଅତ୍ୟନ୍ତ କଠୋର ଜଣା ପଡୁଥିଲେ ମଧ୍ୟ ତାଙ୍କର ହୃଦୟ ଥିଲା ଅତି କୋମଳ । ବିଜୁବାବୁଙ୍କ ଜୀବନ ଥିଲା ଯେତିକି ଆଭିଜାତ୍ୟପୂର୍ଣ୍ଣ, ସେତିକି ସରଳ ଓ ନିରାଡ଼ମ୍ବର । ରାଜ୍ୟର ହିତ ପାଇଁ ସରକାରୀ ପଦାଧିକାରୀଙ୍କ ନିକଟକୁ ଚାଲିଆସି ନଥିର ପ୍ରକ୍ରିୟା ତ୍ୱରାନ୍ୱିତ କରିବାରେ ସେ ଦ୍ୱିଧାଗ୍ରସ୍ତ ନଥିଲେ । ସବୁ ପରିସ୍ଥିତି ସହିତ ଖାପ ଖୁଆଇ ଚାଲିବା ଏବଂ ସବୁ ଶ୍ରେଣୀର ଲୋକଙ୍କ ସଙ୍ଗେ ମିଶି ଚଳିବା ଥିଲା ତାଙ୍କ ଜୀବନର ଆଦର୍ଶ । ତେଣୁ ଧନୀ, ଦରିଦ୍ର, ଶିଶୁ, ବୃଦ୍ଧ ସମସ୍ତଙ୍କର ସେ ଥିଲେ ଅତି ଆପଣାର । ଦାମ୍ଭିକତା ଥିଲା ତାଙ୍କର ସହଜାତ ପ୍ରକୃତି । ସେଥିରେ ତିଳେମାତ୍ର ଅହମିକା ବା ଆତ୍ମ ବଡ଼ିମା ନଥିଲା । ସଂଘୀୟ ଶାସନ ବ୍ୟବସ୍ଥାରେ ରାଜ୍ୟପ୍ରତି କେନ୍ଦ୍ରର ପକ୍ଷପାତ ବିରୁଦ୍ଧରେ ଯୁଦ୍ଧ ଡାକରା ଦେଇ ଦେଶରେ ସାମରିକ ଶାସନ ପାଇଁ ସେ ଏକଦା ସ୍ୱର ଉତ୍ତୋଳନ କରିଥିଲେ । ଜୀବନକାଳ ମଧ୍ୟରେ ସେ ଯଥେଷ୍ଟ ପ୍ରଶଂସା ଓ ଯଶ ଅର୍ଜନ କରିଛନ୍ତି । ଓଡ଼ିଶାର ପ୍ରାଚୀନ ନାମ 'କଳିଙ୍ଗ', ତା'ର ଗୌରବମୟ ଐତିହ୍ୟକୁ ଯଦି କେହି ଓଡ଼ିଆ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ଦୁଃସାହସିକ ଓ ଦୃଷ୍ଟାନ୍ତ ସୃଷ୍ଟିକାରୀ କାର୍ଯ୍ୟଦ୍ୱାରା ପ୍ରଚାରିତ ଓ ପ୍ରତିପାଦିତ କରିଯାଇଛନ୍ତି, ସେ ହେଉଛନ୍ତି ବିଜୁ ପଟ୍ଟନାୟକ । ସେ ସର୍ବଦା କହୁଥିଲେ ''ମୁଁ ଖାରବେଳ ଜାତିର ଦାୟାଦ, ପୁରୁଷୋତ୍ତମ ଜାତିର ବଂଶଧର - ମୋ ସଂସ୍କୃତି ଜଗନ୍ନାଥ ସଂସ୍କୃତି, କଳାର ଉତ୍କର୍ଷ ପାଇଁ ମୋ ରାଜ୍ୟର ନାମ ଉତ୍କଳ । ଏହି ଉତ୍କଳ ହେଉଛି ମୋ' ମା, ତା' ପାଇଁ ନିଜ ଜୀବନ ବିନିମୟରେ ଯଦି କିଛି କରିପାରିଲି, ତେବେ ମୋ' ଜୀବନର ଲକ୍ଷ୍ୟ ସଫଳ ହୋଇଛି ବୋଲି ମନେ କରିବି ।''

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ତାଙ୍କର ଅବଦାନ ଓ ମହାତ୍ମା ଗାନ୍ଧୀଙ୍କ 'ଗାଁରେ ଭାରତ ବଂଚେ' ହୃଦୟଙ୍ଗମ ସହ

ପଞ୍ଚାୟତିରାଜ ପ୍ରତିଷ୍ଠାନ ପ୍ରତି ତାଙ୍କର ବିଚାରବୋଧ ନିମନ୍ତେ ଓଡ଼ିଶାବାସୀ ବିଜୁବାବୁଙ୍କ ଜନ୍ମଦିନ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରିଆସୁଛନ୍ତି । ବିଜୁବାବୁ ତାଙ୍କ ଶାସନ କାଳରେ ନାରୀ ପ୍ରଗତି, ଆଦିବାସୀ ଉନ୍ନୟନ, ସାଂପ୍ରଦାୟିକ ସଦ୍‌ଭାବ, ପ୍ରବାସୀ ଭାରତୀୟଙ୍କ ସହଯୋଗରେ ରାଜ୍ୟର ଆର୍ଥିକ ସ୍ଥିତିରେ ଉନ୍ନତି ସକାଶେ ବିଭିନ୍ନ ପଦକ୍ଷେପମାନ ନେଇଥିଲେ । ନାରୀମାନେ ଆତ୍ମନିର୍ଭରଶୀଳା ହେଲେ ସେମାନଙ୍କର ଅଧିକାଂଶ ସମସ୍ୟାର ସମାଧାନ ହୋଇପାରିବ ଓ ଏହା ସାମାଜିକ ଉନ୍ନତି ଓ ସଶକ୍ତିକରଣର ମୌଳିକ ବ୍ୟବସ୍ଥା ଦ୍ୱାରା ହିଁ ସମ୍ଭବ-ଏହା ବିଜୁବାବୁ ଭଲ ଭାବରେ ବୁଝିଥିଲେ । ଛାତ୍ରୀମାନଙ୍କ ବିଜ୍ଞାନ, ବୈଷୟିକ ଶିକ୍ଷା ଓ ସେମାନଙ୍କ ପ୍ରତିଭା ବିକାଶରେ ବିଜୁବାବୁ ଗୁରୁତ୍ୱ ଦେଉଥିଲେ । ମହିଳାମାନଙ୍କ ପାଇଁ ବିଭିନ୍ନ ସରକାରୀ ଓ ସରକାରଙ୍କ କର୍ତ୍ତୃତ୍ୱାଧୀନ ନିଗମମାନଙ୍କରେ ଶତକଡ଼ା ୩୦ ଭାଗ ଚାକିରି ସଂରକ୍ଷଣ କରିବାର ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଥିଲେ । ନାରୀମାନଙ୍କ ନିର୍ଯ୍ୟାତନା ରୋକିବାକୁ 'ଶାଶୂ ହାତକଡି-ନଣନ୍ଦ ବେଡି'ର ପରିକଳ୍ପନା କରିଥିଲେ । କୌଣସି ସରକାରୀ କର୍ମଚାରୀ ଯୌତୁକଜନିତ ଅପରାଧରେ ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି ତାଙ୍କୁ ଚାକିରିରୁ ନିଲମ୍ବିତ କରାଯିବାର ସରକାରୀ ଆଦେଶନାମା ଜାରି କରିଥିଲେ । ଯୌତୁକ ପ୍ରଥାର ବିଲୋପ ଦିଗରେ ବିଜୁବାବୁ ବିବାହ ଖର୍ଚ୍ଚ ୨୫ ହଜାର ଟଙ୍କା ମଧ୍ୟରେ ସୀମିତ ରଖିବାକୁ ପ୍ରଶାସନିକ ନିର୍ଦ୍ଦେଶ ଦେଇଥିଲେ । ତାଙ୍କର ଏକ ସ୍ଲୋଗାନ ଥିଲା - 'ଗାଁକୁ କାମ- ମାଆକୁ ସମ୍ମାନ' । ବିଜୁବାବୁ ମାଆମାନଙ୍କ ମାଧ୍ୟମରେ ଏକ ସୁସ୍ଥ, ସୁନ୍ଦର, ସ୍ୱାଭିମାନୀ, ସାହସୀ ଓ ବୀରଜାତି ଗଢ଼ିବାରେ ସ୍ୱପ୍ନ ଦେଖିଥିଲେ । ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଛାତ୍ର-ଛାତ୍ରୀଙ୍କର ନାମ ଲେଖା ସମୟରେ ରେଜିଷ୍ଟାରରେ ବାପାଙ୍କ ନାମ ସହିତ ମା'ଙ୍କ ନାମ ଲେଖାଯିବାକୁ ବିଜୁବାବୁ ବାଧ୍ୟତାମୂଳକ କରିଥିଲେ । ଓଡିଶାର ଉନ୍ନତି ପାଇଁ ବିଜୁବାବୁ ଗ୍ରହଣ କରିଥିବା ବିଭିନ୍ନ ଯୋଜନାର ସୁଫଳ ବର୍ତ୍ତମାନ ସମାଜରେ ଉପଲବ୍‌ଧ ହୋଇପାରିଛି ।

ବର୍ଣ୍ଣାଡ ଶ'ଙ୍କ ଆତ୍ମଦର୍ଶନରେ, 'ମୁଁ ମୋର ଜୀବନ ପ୍ରଦୀପକୁ ସ୍ୱଳ୍ପ ସମୟ ପାଇଁ ପାଇଛି । ଏହା ଅନ୍ୟକୁ ହସ୍ତାନ୍ତର କରିବା ପୂର୍ବରୁ ମୁଁ ଏହାର ପ୍ରଜ୍ୱଳନ ଚାହେଁ ଏବଂ ଏହି ପ୍ରଜ୍ୱଳନର ପ୍ରଧାନ ଆୟୁଧ ହେଉଛି 'ପୌରୁଷ' ।' ପୌରୁଷ ଦ୍ୱାରା ବ୍ୟକ୍ତିତ୍ୱ ଶାଣିତ ହୋଇଥାଏ । ଉକ୍ତିଟିର ଉଦ୍ଦେଶ୍ୟ ଏହି ଯେ, ପ୍ରସଙ୍ଗର ମହାନାୟକ ସୁଦୀର୍ଘ ବଳିଷ୍ଠ ଶରୀର ସହ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ବିଜୟାନନ୍ଦ ପଟ୍ଟନାୟକ ଏହାର ଭୂରିଭୂରି ପ୍ରମାଣ ।

୧୯୯୭ ମସିହା ଅପ୍ରେଲ ୧୭ ତାରିଖରେ ଏହି ବିସ୍ମୟ ପ୍ରତିଭାଙ୍କର ଦେହାନ୍ତ ଘଟିବା ପରେ ବିଶ୍ୱବ୍ୟାପୀ ଦଳମତ ନିର୍ବିଶେଷରେ ସଭିଏଁ ତାଙ୍କର ଅମ୍ଳାନ ସ୍ମୃତିଚାରଣ କରିବା ସୂଚାଏ କି, ସେ ଥିଲେ ଧରାପୃଷ୍ଠର ଜଣେ ବିରଳ ବ୍ୟକ୍ତିତ୍ୱ ।

ସୂଚନା ଓ ଲୋକସଂପର୍କ ବିଭାଗ,
ଭୁବନେଶ୍ୱର

❖ ❖ ❖

# କଟକରେ ଭୂମିଷ୍ଠ ଭୂମିପୁତ୍ର

**ବରଦା ପ୍ରସନ୍ନ ଦାସ**

ବିଜୟାନନ୍ଦ ପଟ୍ଟନାୟକ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖରେ ହଜାର ବର୍ଷର ଐତିହ୍ୟ ସଂପନ୍ନ କଟକ ତୁଳସୀପୁର ଆନନ୍ଦ ଭବନରେ ଜନ୍ମ ଗ୍ରହଣ କରିଥିଲେ । ପିତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଗଂଜାମ ଜିଲ୍ଲାର ଅଧିବାସୀ ହୋଇଥିଲେ ହେଁ କଟକରେ ଉପଜିଲ୍ଲା ନ୍ୟାୟାଧୀଶ ଥିବାରୁ କଟକରେ ରହୁଥିଲେ । ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ ଯିଏକି ପରେ ଶ୍ରୀ ବିଜୁ ପଟ୍ଟନାୟକ ନାମରେ ସମଗ୍ର ବିଶ୍ୱରେ ପରିଚିତ ।

୧୯୨୩ ମସିହା କଥା । ଲକ୍ଷ୍ମୀନାରାୟଣଙ୍କ ପରିବାରରେ ଶୋକର ଛାୟା । ମାତ୍ର ୮ ବର୍ଷର ଶିଶୁ ପୁତ୍ର ବିଜୟାନନ୍ଦ ଅସୁସ୍ଥ । କର୍ତ୍ତବ୍ୟନିଷ୍ଠ ଜଣେ ଗୋରାସର୍ଜନ ଡଃ ପିବଲସ ଅପରେସନ କରି ତାଙ୍କୁ ଭଲ କରିଥିଲେ । ଉଡ଼ାଜାହାଜ ଶିକ୍ଷା ସମୟରେ ଗୋଟିଏ ଉଡ଼ାଜାହାଜ ଆକାଶରେ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଥିଲେ ସୁଦ୍ଧା ଅତି ଆଶ୍ଚର୍ଯ୍ୟଜନକ ଭାବେ ବିଜୁବାବୁ ରକ୍ଷା ପାଇଯାଇଥିଲେ । ସେ ମିଶନ ପ୍ରାଥମିକ ବିଦ୍ୟାଳୟ କଟକରୁ ଶିକ୍ଷା ସମାପ୍ତ ପରେ ମିଶନ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କଲେ । ପ୍ରଧାନ ଶିକ୍ଷକ ମିଷ୍ଟର.ଓ.ଜେ.ମିଲ୍‌ମ୍ୟାନ୍ ଅନୁଭବ କଲେ କୁସ୍ତି କସରତ, ସ୍କାଉଟ, କ୍ରୀଡ଼ା, ସନ୍ତରଣ ବିଭିନ୍ନ ପ୍ରତିଯୋଗିତାର ସଫଳତା ପାଇଁ ବିଜୁ ହିଁ ବିଜୟର ଅନ୍ୟନାମ । ପରେ ମିଶନ ସ୍କୁଲରୁ ରେଭେନସା କଲେଜରୁ ଆଇ.ଏସସି ଓ ପରେ ବି.ଏସ୍‌ସି ପରୀକ୍ଷା ସମୟରେ ଉଡ଼ାଜାହାଜ ଶିକ୍ଷାରେ କୃତିତ୍ୱ ଅର୍ଜନ କଲେ ।

୧୯୪୭ ମସିହାରେ ପଣ୍ଡିତ ନେହେରୁଙ୍କ ପରାମର୍ଶକ୍ରମେ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହିତ ଯୋଗସୂତ୍ର ରକ୍ଷା କରିଥିଲେ । ନୂଆଦିଲ୍ଲୀଠାରେ ୧୯୪୭ ମସିହାରେ ଏସିଆନ୍ କନଫରେନ୍ସ ଚାଲିଥାଏ । ପଣ୍ଡିତ ନେହେରୁ ଓ ଅନ୍ୟ ଭାରତୀୟ ନେତାମାନେ ଅନ୍ୟ ଦେଶର ନେତାମାନଙ୍କୁ ସେମାନଙ୍କ ଦେଶର ସମସ୍ୟା ଓ ଭଲମନ୍ଦ ପଚାରି ବୁଝୁଥାନ୍ତି । ଏହି ସମୟରେ ଜଣେ ଇଣ୍ଡୋନେସିଆ ପ୍ରତିନିଧି ଡଚ୍‌ମାନଙ୍କ କବଳରୁ ସୁଲତାନ ସାହାରିୟରଙ୍କୁ ଉଦ୍ଧାର କରିବାକୁ ଅନୁରୋଧ କଲେ । ନେହେରୁ ଏହି ପରିସ୍ଥିତିରେ ବିଜୁଙ୍କ ସାହାଯ୍ୟ ମାଗିଲେ । ବିନା ଦ୍ୱିଧାରେ ବିଜୁ ବିମାନ ଯୋଗେ ଆରମ୍ଭ କଲେ ତାଙ୍କର ଇଣ୍ଡୋନେସିଆ ଅଭିଯାନ । ସାଙ୍ଗରେ ଏକମାତ୍ର ସହଯୋଗୀ ପତ୍ନୀ ଜ୍ଞାନ ପଟ୍ଟନାୟକ । ସେତେବେଳେ ଇଣ୍ଡୋନେସିଆ ଡଚମାନଙ୍କ କବଳରେ ଥାଏ । ରାଷ୍ଟ୍ରପତି ଡଃ ସୁକର୍ଣ୍ଣଙ୍କର ନେତୃତ୍ୱରେ ଇଣ୍ଡୋନେସିଆବାସୀ କ୍ଷମତା ହାସଲ ପାଇଁ ଚେଷ୍ଟା କରୁଥାଆନ୍ତି । କିନ୍ତୁ ଯୋଗାଯୋଗ ଅଭାବରୁ ଡଃ ସୁକର୍ଣ୍ଣଙ୍କର ସରକାର ଆନ୍ତର୍ଜାତିକ ସହଯୋଗ ହାସଲ କରିପାରୁ ନଥାଏ  କି ବିପ୍ଳବ ମଧ୍ୟ ଯୋରଦାର ହୋଇପାରୁ ନଥାଏ । ବିଜୁ ଇଣ୍ଡୋନେସିଆରେ ପହଞ୍ଚି ଡଃ. ସୁକର୍ଣ୍ଣଙ୍କ ସହ ଦେଖାକଲେ । ବିଜୁଙ୍କ ସହ ଭାରତ ଆସିବାକୁ ସୁକର୍ଣ୍ଣ ଅମଙ୍ଗ ହେଲେ । କାରଣ ସେତେବେଳେ ତାଙ୍କ ସ୍ତ୍ରୀ ଥିଲେ ଆସନ୍ନ ପ୍ରସବା । ବିଜୁ ପହଞ୍ଚିବାର ଅଳ୍ପ ସମୟ ପରେ ଝିଅଟିଏ ଜନ୍ମ ହେଲା । ପରିବେଶ ପରିସ୍ଥିତିକୁ ଲକ୍ଷ୍ୟ କରି ବିଜୁ ଝିଅର ନାମ ଦେଲେ ମେଘାବତୀ ସୁକର୍ଣ୍ଣ ପୁତ୍ରୀ । ବର୍ତ୍ତମାନ ସେ ଇଣ୍ଡୋନେସିଆର ରାଜନୀତି କ୍ଷେତ୍ରରେ ସୁପ୍ରତିଷ୍ଠିତା ।

ପ୍ରଥମେ କଳିଙ୍ଗର ଇତିହାସ ବିଜୁବାବୁ ତାଙ୍କ ବାପାଙ୍କଠାରୁ ଜାଣିଥିଲେ । ଅତୀତର ଓଡ଼ିଆ ସାଧବମାନେ ବେପାର ବଣିଜ କରିବାକୁ ବୋଇତରେ ଜାଭା, ସୁମାତ୍ରା, ବାଲି ଓ ବୋର୍ଣ୍ଣିଓ ଆଦି ଦ୍ୱୀପକୁ ଯାଉଥିଲେ । ସେତେବେଳେ ବିଜୁ ପ୍ରଥମେ ବାଲିଦ୍ୱୀପ ବିଷୟରେ ଜାଣିଥିଲେ ।

ବିଜୁ ଡଚ୍‌ମାନଙ୍କର ଅବରୋଧ ଭଙ୍ଗ କରି ବିମାନ ଚଳାଇ ସୁଲତାନ ସାହାରିୟରଙ୍କୁ ଉଦ୍ଧାର କରି ସିଙ୍ଗାପୁର ଅଭିମୁଖେ ଯାତ୍ରା କଲେ । ପୁଣି ଡଃ ମହମ୍ମଦ ହଟ୍ଟାଙ୍କୁ ଉଦ୍ଧାର କରି ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ସୁଲତାନ ସାହାରିୟର ଓ ଡଃ ହଟ୍ଟାଙ୍କୁ ରେଙ୍ଗୁନ ବାଟେ କଲିକତା ଆଣିଲେ ଓ ସେଠାରୁ ଦିଲ୍ଲୀରେ ଓହ୍ଲାଇଲେ । ସାହାରିୟର ଓ ହଟ୍ଟାଙ୍କ ସହ ନେହେରୁଙ୍କ ଆଲୋଚନା ହେଲା । ସାହାରିୟର ଓ ଡଃ ହଟ୍ଟା ସେତେବେଳେ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ଓ ଉପରାଷ୍ଟ୍ରପତି ଥାଆନ୍ତି । ଇଣ୍ଡୋନେସିଆ ସ୍ୱାଧୀନ ହେବା ପରେ ବିଜୁବାବୁଙ୍କୁ ଭୂମିପୁତ୍ର ଉପାଧିରେ ଭୂଷିତ କରାଯାଇଥିଲା । ରାଷ୍ଟ୍ରପତି ସୁକର୍ଣ୍ଣ ଇଣ୍ଡୋନେସିଆରେ ବିଜୁଙ୍କୁ ଏକ ତୈଳଖଣି, ଶିଳ୍ପ ପ୍ରତିଷ୍ଠା ପାଇଁ ସୁଯୋଗ, ୫୦୦ ବର୍ଗ ପରିମିତ ଜଙ୍ଗଲ, ଡଚ୍‌ମାନଙ୍କ ପରିତ୍ୟକ୍ତ ଏକ ବିଶାଳ ପ୍ରାସାଦ ଉପହାର ଭାବେ ଦେଇଥିଲେ ।

କିନ୍ତୁ ପତ୍ନୀ ଜ୍ଞାନଦେବୀଙ୍କ ଅନୁରୋଧରେ ବିଜୁ ଏହି ବିଶାଳ ଉପହାରକୁ ନମ୍ରତାର ସହ ଫେରାଇ ଦେଇଥିଲେ । ଏହା ତାଙ୍କ ମହାନୁଭବତା ଓ ବିଶାଳ ହୃଦୟର ପରିଚୟ ଦିଏ ।

୧୯୩୯ ମସିହାରେ ବିଜୁ ବାବୁଙ୍କର ବିବାହ ହୋଇଥିଲା ଜ୍ଞାନଦେବୀଙ୍କ ସହିତ କାଶ୍ମୀରର ଏକ ସମ୍ଭ୍ରାନ୍ତ ପରିବାରରେ । ତାଙ୍କର ବଡ଼ ଭିଣୋଇ ସେତେବେଳେ ଇଣ୍ଡିଆନ ନେସ୍‌ନାଲ ଏୟାରୱେଜରେ ବିଜୁବାବୁଙ୍କ ସହ ଚାକିରି କରୁଥିଲେ । ଜ୍ଞାନଦେବୀଙ୍କ ପରିବାର ଅତି ଧନୀ ଥିଲେ । ସେମାନଙ୍କର ଏମ.ଏନ. ରାଧାକ୍ରିଷ୍ଣନ ଆଣ୍ଡ କୋ ଲିମିଟେଡ ନାମରେ ଏକ କମ୍ପାନୀ ଥିଲା । ପତ୍ୟୁତ୍ପନ୍ନମତି, ନିର୍ଭୀକ ଚଳଚଞ୍ଚଳ ବିଜୁବାବୁଙ୍କୁ ଯେତେ ଭୟଙ୍କର କାର୍ଯ୍ୟ ଆସୁନା କାହିଁକି ଜ୍ଞାନଦେବୀ ସବୁଥିରେ ସ୍ୱାମୀଙ୍କୁ ଉତ୍ସାହିତ କରୁଥିଲେ । ବିଶେଷକରି ସ୍ୱାଧୀନତା ସଂଗ୍ରାମରେ ବିଜୁବାବୁଙ୍କର ଏ ସହଯୋଗକୁ ସେ ଖୁବ୍ ପସନ୍ଦ କରୁଥିଲେ ଏବଂ କେତେକ କ୍ଷେତ୍ରରେ ନିଜେ ଅଣ୍ଟାଭିଡ଼ି ବାହାରି ଆସୁଥିଲେ ।

ମଣିଷ ଚରିତ୍ର ଅଧ୍ୟୟନରେ ପିତା ଲକ୍ଷ୍ମୀନାରାୟଣ ବାବୁ ଖୁବ କୁଶଳୀ ଥିଲେ । ପାରଳାଖେମୁଣ୍ଡିର ଶିଙ୍ଗ କାରୁକାର୍ଯ୍ୟ ସମଗ୍ର ବିଶ୍ୱରେ ପରିଚିତ । ଲକ୍ଷ୍ମୀନାରାୟଣ ବାବୁ ସେଠାରେ ଅବସ୍ଥାନ କରୁଥିବା ସମୟରେ ପୁଅର ଚରିତ୍ରର ବିଶ୍ଳେଷଣ ପାଇଁ ଏକ ସିମ୍ବଲିକ୍ ଶିଙ୍ଗ କାର୍ଯ୍ୟ ନିଜେ ବରାଦ ଦେଇ କରାଇଥିଲେ । ଲକ୍ଷ୍ମୀନାରାୟଣ ବାବୁଙ୍କ ମୃତ୍ୟୁ ପରେ ମଧ୍ୟ ସେହି ଶିଙ୍ଗ କାର୍ଯ୍ୟଟି ଯତ୍ନରେ ରଖା ଯାଇଥିଲା । ପୁଅଙ୍କ ଚରିତ୍ରର ପରିସ୍ଫୁଟନ ପାଇଁ ଗୋଟିଏ ଶିଙ୍ଗରେ ତିନୋଟି ଚଢ଼େଇ ତିଆରି କରାଯାଇଥିଲା ।

ତିନିଥିଣ୍ଟିଆ ଚଢ଼େଇଙ୍କ ସଂପର୍କରେ ବୁଝାଇବାକୁ ଯାଇ କହନ୍ତି– 'ଉପରକୁ ମୁହଁ ଟେକିଥିବା ଚଢ଼େଇଟି ବିଜୁର ଚରିତ୍ରର ଏକ ପ୍ରତିଛବି । ଜୀବନରେ ସେ କେବେ ଛୋଟ କଥା ଚିନ୍ତା କରିନାହିଁ କି କରିବ ବି ନାହିଁ । ପିଲାଟି ଦିନରୁ ଟଙ୍କା ପଇସାକୁ ସେ କେବେ ଖାତିର କରିନାହିଁ । ପ୍ରଥମ ଚଢ଼େଇ ଭଳି ସେ ସବୁବେଳେ ଉପରକୁ ଚାହିଁଛି ଦୂରଦୃଷ୍ଟି ସଂପନ୍ନ ହୋଇ ।

ତା'ପରେ ଦ୍ୱିତୀୟ ଚଢ଼େଇଟିର କଥା । 'ଭୂମି ସହ ସମାନ୍ତରାଳ ଭାବରେ ରହିଛି ତାର ଥଣ୍ଟ । ଏଇଟି ହେଉଛି ଜର୍ଜବାବୁଙ୍କର ସିମ୍ବଲିକ୍ ପ୍ରତିଛବି । ଯେତିକି ଚୂନାକୁ ସେତିକି ପିଠା । ବାପା ଯାହା ହାତ ଖର୍ଚ୍ଚ ଦିଅନ୍ତି ତା'ଠାରୁ ଅଧିକ ଖର୍ଚ୍ଚ କରିବା ଜର୍ଜବାବୁଙ୍କ ନୀତି ବିରୁଦ୍ଧ ।

ତୃତୀୟ ଚଢ଼େଇଟିର କଥା ଅନ୍ୟ ଦୁଇ ଚଢ଼େଇଙ୍କଠାରୁ ସ୍ୱତନ୍ତ୍ର । ତଳକୁ ଥଣ୍ଟ କରି ନିରବରେ ଛିଡା ହୋଇଛି । ତୃତୀୟ ପୁତ୍ର ସିଜୁବାବୁଙ୍କ କଥା । ହାତେ ମାପି ଚାଖଣ୍ଡେ ଚାଲିବା ଲୋକଟିଏ । ମା ଯଦି ସିଜୁବାବୁଙ୍କୁ ଶହେଟଙ୍କା ଦେଇଥାଆନ୍ତି ତେବେ ବହୁ କଷ୍ଟରେ ଚାଳିଶ ଟଙ୍କା ଖର୍ଚ୍ଚ କରି ଅବଶିଷ୍ଟ ଷାଠିଏ ଟଙ୍କା ବଳକା ରଖୁଥିଲେ । ନିରବରେ ବଗ ଅନ୍ୟ ଉଦେଶ୍ୟରେ ହିଁ ବସି ରହିଥାଏ । ସୁଯୋଗ ପଡ଼ିଲେ ଶିକାର ଖସିଯିବାର କୌଣସି ଉପାୟ ନଥାଏ ।

ବାସ୍ତବିକ ଏକଦା ସାହିତ୍ୟ ସଂସ୍କୃତିର ପ୍ରାଣକେନ୍ଦ୍ର ଥିବା କଟକରେ ଭୂମିଷ୍ଠ ହୋଇ ଭୂମିପୁତ୍ର ଉପାଧିରେ ଭୂଷିତ ହେବା ସଙ୍ଗେ ସଙ୍ଗେ କଳିଙ୍ଗର ଉପଯୁକ୍ତ ବରପୁତ୍ର ଭାବେ ବିଜୁବାବୁ ବିଶ୍ୱବାସୀଙ୍କ ପାଇଁ ତାଙ୍କର ଅଲିଭା ଦାଗ ଛାଡ଼ି ଯାଇ ସବୁଦିନ ପାଇଁ ଅମର ହୋଇ ଯାଇଛନ୍ତି । ତାଙ୍କର ପ୍ରତିଟି ଆହ୍ୱାନ ଆଜି ଯୁବ ସମାଜର ଧ୍ୟେୟ ହେଉ ଏତିକି କାମନା ।

କ୍ୱାର୍ଟର–ଭିଏ ୨୧/୨
ୟୁନିଟ–୨, ଭୁବନେଶ୍ୱର

# ଉତ୍କଳ ପ୍ରସଙ୍ଗର

## ସ୍ୱତ୍ୱ ତଥା ଅନ୍ୟାନ୍ୟ ସୂଚନା ସମ୍ପର୍କିତ ବିବରଣୀ

### ଫର୍ମ ନଂ – ୪

### (ନିୟମାବଳୀ – ୮)

| | | | |
|---|---|---|---|
| ୧. | ପ୍ରକାଶନର ସ୍ଥାନ | ... | ଭୁବନେଶ୍ୱର |
| ୨. | ପ୍ରକାଶନର ସମୟ କାଳ | ... | ମାସିକ |
| ୩. | ମୁଦ୍ରଣକାରୀଙ୍କ ନାମ | ... | ଶ୍ରୀ ବାଳକୃଷ୍ଣ ବେହେରା<br>ଓଡ଼ିଶା ସରକାରଙ୍କ ନିମନ୍ତେ ଓ ତରଫରୁ । |
| | ଜାତୀୟତା | ... | ଭାରତୀୟ |
| | ଠିକଣା | ... | ନିର୍ଦ୍ଦେଶକ, ଓଡ଼ିଶା ସରକାରୀ ମୁଦ୍ରଣାଳୟ, ମଧୁପାଟଣା, କଟକ – ୭୫୩୦୧୦ । |
| ୪. | ପ୍ରକାଶକଙ୍କ ନାମ | ... | ଶ୍ରୀ ଦେବେନ୍ଦ୍ର ପ୍ରସାଦ ଦାସ<br>ନିର୍ଦ୍ଦେଶକ<br>ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର–୭୫୧୦୦୧ |
| ୫. | ସଂପାଦକଙ୍କ ନାମ | ... | ଡକ୍ଟର ହୁସେନ ରବିଗାନ୍ଧୀ |
| | ଜାତୀୟତା | ... | ଭାରତୀୟ |
| | ଠିକଣା | ... | ସଂପାଦକ, ଉତ୍କଳ ପ୍ରସଙ୍ଗ<br>ସୂଚନା ଓ ଲୋକ ସଂପର୍କ ବିଭାଗ<br>ଓଡ଼ିଶା ସରକାର, ଭୁବନେଶ୍ୱର – ୭୫୧୦୦୧ |
| | ଯେଉଁ ବ୍ୟକ୍ତିବିଶେଷ ସମ୍ବାଦପତ୍ର ସ୍ୱତ୍ୱାଧିକାରୀ ହୋଇଥିବେ ଓ ଅଂଶୀଦାର ହୋଇଥିବେ କିମ୍ବା ସମୁଦାୟ ମୂଳଧନର ଏକ ଶତାଂଶରୁ ଅଧିକ ମୂଳଧନ ବିନିଯୋଗ କରିଥିବେ ସେମାନଙ୍କ ନାମ ଓ ଠିକଣା | ... | ଓଡ଼ିଶା ସରକାର, ଭୁବନେଶ୍ୱର |

ମୁଁ ଶ୍ରୀ ଦେବେନ୍ଦ୍ର ପ୍ରସାଦ ଦାସ, ନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର, ଏତଦ୍ୱାରା ଘୋଷଣା କରୁଅଛି ଯେ, ଉପର ଲିଖିତ ବିବରଣୀମାନ ମୋ ଜାଣିବାରେ ସତ୍ୟ ଅଟେ ।

ସ୍ୱା–

ପ୍ରକାଶକଙ୍କ ସ୍ୱାକ୍ଷର
ନିର୍ଦ୍ଦେଶକ
ସୂଚନା ଓ ଲୋକ ସଂପର୍କ ବିଭାଗ
ଭୁବନେଶ୍ୱର

# ଓଡ଼ିଶା ବିଧାନସଭାରେ ରାଜ୍ୟପାଳ ଶ୍ରୀ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେଙ୍କ ଅଭିଭାଷଣ

ବାଚସ୍ପତି ମହୋଦୟ ଓ ମାନ୍ୟବର ସଭ୍ୟ ବୃନ୍ଦ,

ଚତୁର୍ଦ୍ଦଶ ଓଡିଶା ବିଧାନସଭାର ଦ୍ୱାଦଶ ଅଧିବେଶନ ପ୍ରାରମ୍ଭରେ ଆପଣମାନଙ୍କୁ ସ୍ୱାଗତ ଜଣାଇ ମୁଁ ବିଶେଷ ଆନନ୍ଦିତ । ଆପଣମାନଙ୍କୁ ଏବଂ ଓଡିଶାବାସୀଙ୍କୁ ଏ ଅବସରରେ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

୨. ଏହି ପବିତ୍ର ଗୃହ, ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଇନ୍ଦର କୁମାର ଗୁଜରାଲ, ପୂର୍ବତନ ରାଜ୍ୟପାଳ ସ୍ୱର୍ଗତଃ ବି. ସତ୍ୟନାରାୟଣ ରେଡ୍ଡି, ରାଜ୍ୟର ସାମଗ୍ରିକ ବିକାଶରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ନିତ୍ୟାନନ୍ଦ ମହାପାତ୍ର, ନଳିନୀକାନ୍ତ ମହାନ୍ତି, ଭାଗିରଥି ଗମାଙ୍ଗୋ ଏବଂ ହରିହର ସ୍ୱାଇଁ, ଏହି ପବିତ୍ର ଗୃହର ପୂର୍ବତନ ସଦସ୍ୟ ସ୍ୱର୍ଗତଃ ରାଧା ମୋହନ ନାୟକ, ଚନ୍ଦ୍ରମାଧବ ମିଶ୍ର, ସତ୍ୟସୁନ୍ଦର ମିଶ୍ର, କେଶବ ଚନ୍ଦ୍ର ସାହୁ, ଅଜିତ ହେମ୍ବ୍ରମ୍, ବୀର କେଶରୀ ଦେଓ, ସାରଙ୍ଗଧର ପ୍ରଧାନ, ମାନସ ରଂଜନ ମଲ୍ଲିକ, ଜଗମୋହନ ନାୟକ ଏବଂ କୁଳିଏନ୍ ବାଗେଙ୍କ ଦୁଃଖଦ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଅଛି । ଏହି ଗୃହ ମଧ୍ୟ ଓଡିଶା ପୋଲିସ୍‌ର ପୂର୍ବତନ ସବ୍-ଇନିସ୍ପେକ୍ଟର୍ ସ୍ୱର୍ଗତଃ କୃଷ୍ଣଚନ୍ଦ୍ର ରଥ, ପୂର୍ବତନ ଆସିଷ୍ଟାଣ୍ଟ ସବ୍-ଇନିସ୍ପେକ୍ଟର୍ ସ୍ୱର୍ଗତଃ କୃପାରାମ ମାଝି ଓ ନରେନ୍ଦ୍ର କୁମାର ପଟେଲ, କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ବଳର ପୂର୍ବତନ ଆସିଷ୍ଟାଣ୍ଟ ସବ୍-ଇନିସ୍ପେକ୍ଟର୍ ସ୍ୱର୍ଗତଃ ଆର୍.ଏନ୍.ମହାକୁଡ, ପୂର୍ବତନ ଜବାନ ସ୍ୱର୍ଗତଃ ବିଶ୍ୱଜିତ୍ ବାରିକ, ସୀମା ସୁରକ୍ଷା ବଳର ପୂର୍ବତନ ଜବାନ ସ୍ୱର୍ଗତଃ କୁମୁଦ ଚନ୍ଦ୍ର ସ୍ୱାଇଁ, ପୂର୍ବତନ କନେଷ୍ଟବଲ୍ ସ୍ୱର୍ଗତଃ ଜାଭିୟର କିଣ୍ଡୋ, ପ୍ରତିରକ୍ଷା ବାହିନୀର ପୂର୍ବତନ ଲାନ୍ସ ନାୟକ ସ୍ୱର୍ଗତଃ ଲମ୍ବୋଦର ସାହୁ, ପୂର୍ବତନ ଗାର୍ଡ ସ୍ୱର୍ଗତଃ ବସନ୍ତ କୁମାର ବେହେରା, ଓଡ଼ିଶା ପୋଲିସର ପୂର୍ବତନ କନେଷ୍ଟବଲ୍ ସ୍ୱର୍ଗତଃ ଶଶୀଭୂଷଣ ରାଉତ, ସୁନିଲ୍ ଦତ୍ତ ସିଂ ଏବଂ ଅଜୟ କୁମାର ସାହୁ, ପୂର୍ବତନ ହାବିଲ୍‌ଦାର୍ ସ୍ୱର୍ଗତଃ ରଂଜନ କୁମାର ଷଡଙ୍ଗୀ, ପୂର୍ବତନ ଏସ୍.ପି.ଓ. ସ୍ୱର୍ଗତଃ ଅଜିତ୍ ସୋଡି, ପୂର୍ବତନ ଗୃହରକ୍ଷୀ ସ୍ୱର୍ଗତଃ ନାରାୟଣ ସୁନା, ପୂର୍ବତନ ଗ୍ରାମରକ୍ଷୀ ସ୍ୱର୍ଗତଃ ମାଣିକ ଖିଲ୍ଲା, ଜବନ୍ଧୁ ଖେମୁଡୁ, ଗୌର ଚନ୍ଦ୍ର ଦଳାଇ ଏବଂ ଭଗବାନ ନାୟକ ଯେଉଁମାନେକି ଦେଶ ପାଇଁ ଉଲ୍ଲେଖନୀୟ ଓ ନିଃସ୍ୱାର୍ଥପର ସେବା ପ୍ରଦାନ ପୂର୍ବକ ନିଜର ଜୀବନ ଉତ୍ସର୍ଗ କରିଛନ୍ତି, ସେମାନଙ୍କ ଦୁଃଖଦ ବିୟୋଗରେ ଶୋକ ପ୍ରକାଶ କରିଅଛି । ଏହି ଗୃହର ପୂର୍ବତନ ସଦସ୍ୟ ସ୍ୱର୍ଗତଃ ବୈଷ୍ଣବ ଚରଣ ପଟ୍ଟନାୟକ, କୁମର ମାଝି ଏବଂ ସତ୍ୟନାରାୟଣ ପ୍ରଧାନ ଏବଂ ୧୯-ଇନ୍‌ଫ୍ୟାନ୍‌ଟ୍ରି, ଡିଭିଜ୍‌ନାଲ୍ ସିଗ୍‌ନାଲ୍ ରେଜିମେଣ୍ଟର ପୂର୍ବତନ ନାୟକ ସ୍ୱର୍ଗତଃ ରାମଚନ୍ଦ୍ର ସେଠୀ, ସୀମା ସୁରକ୍ଷା ବଳର ପୂର୍ବତନ ହେଡ୍ କନଷ୍ଟେବଲ୍ ସ୍ୱର୍ଗତଃ ଘାସିରାମ ମାଝି, ୮୨ ଆର୍ମୋର୍ଡ଼ ରେଜିମେଣ୍ଟର ସ୍ୱର୍ଗତଃ ଦୀପକ କୁମାର ରାଉତ ଓ ୧୮୮୦ ରକେଟ୍ ରେଜିମେଣ୍ଟର ପୂର୍ବତନ ଗନର ଅପରେଟର୍ ସ୍ୱର୍ଗତଃ ପୂର୍ଣ୍ଣଚନ୍ଦ୍ର ନାୟକ ଯେଉଁମାନେକି ଆଉ ଆମ ଗହଣରେ ନାହାନ୍ତି, ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଂଜଳି ଜ୍ଞାପନ କରିବା ପାଇଁ ମୋ' ସହିତ ଯୋଗ ଦେବାକୁ ମୁଁ ମାନ୍ୟବର ସଦସ୍ୟମାନଙ୍କୁ ଅନୁରୋଧ କରୁଛି । ଏହି ଗୃହ ମାଧ୍ୟମରେ ଦିବଂଗତ ସଦସ୍ୟମାନଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ ଆମ୍ଭମାନଙ୍କ ହୃଦୟର ଗଭୀରତମ ପ୍ରଦେଶରୁ ଆନ୍ତରିକ ସମବେଦନା ଜଣାଉଅଛୁ ।

୩. ଏକ ସହନୀୟ ଓ ସର୍ବତୋଗ୍ରାହୀ ଉଚ୍ଚତର ଅର୍ଥନୈତିକ ଅଭିବୃଦ୍ଧି ହାସଲ, ଦ୍ରୁତତର ସାମଗ୍ରିକ ବିକାଶ, ଆଂଚଳିକ, ସାମାଜିକ ଏବଂ ଲିଙ୍ଗଭିତ୍ତିକ ବୈଷମ୍ୟ ହ୍ରାସ ଓ କ୍ଷିପ୍ରତର ଦାରିଦ୍ର୍ୟ ହାର ହ୍ରାସ ନିମନ୍ତେ ମୋ' ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ରାଜ୍ୟର ଦ୍ୱାଦଶ ପଂଚବାର୍ଷିକ ଯୋଜନାକାଳ (୨୦୧୨-୧୭) ମଧ୍ୟରେ ୧,୨୪,୩୭୩ କୋଟି ଟଙ୍କାର ଏକ ପ୍ରସ୍ତାବିତ ବ୍ୟୟ ଅଟକଳ ସହିତ ୯ ପ୍ରତିଶତ

ହାରାହାରି ବାର୍ଷିକ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଛି । ରାଜ୍ୟର ଯୋଜନାଭିତ୍ତିକ ବିକାଶ ନିମନ୍ତେ ଅଧିକରୁ ଅଧିକ ସମ୍ବଳ ବ୍ୟବସ୍ଥା କରିବା ନିମନ୍ତେ ରାଜ୍ୟ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ।

୪. ଅର୍ଥନୈତିକ ଅଭିବୃଦ୍ଧି ଏବଂ ଦାରିଦ୍ର୍ୟ ହାର ହ୍ରାସ କ୍ଷେତ୍ରରେ ଓଡିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏକାଦଶ ପଂଚବାର୍ଷିକ ଯୋଜନା କାଳରେ ୨୦୦୪-୦୫ ମୂଲ୍ୟ ଭିତ୍ତିରେ ୮.୨୩ ପ୍ରତିଶତ ହାରାହାରି ପ୍ରକୃତ ବାର୍ଷିକ ଅଭିବୃଦ୍ଧି ହାର ହାସଲ କରାଯାଇପାରିଛି । ୨୦୦୪-୦୫ ମୂଲ୍ୟ ଭିତ୍ତିରେ ଓଡିଶାରେ ମୁଣ୍ଡ ପିଛା ଆୟ ୧୯୯୯-୨୦୦୦ରେ ୧୪,୮୬୨ ଟଙ୍କା ଥିବା ସ୍ଥଳେ ୨୦୧୧-୧୨ରେ ଏହା ୨୬,୯୦୦ ଟଙ୍କାକୁ ବୃଦ୍ଧି ପାଇଛି । ଓଡିଶାରେ ଦାରିଦ୍ର୍ୟ ହାର ୨୦୦୪-୦୫ରେ ୫୭.୨ ପ୍ରତିଶତ ଥିବା ବେଳେ ୨୦୦୯-୧୦ରେ ଏହା ୩୭ ପ୍ରତିଶତକୁ ଖସି ଆସିଛି ।

୫. ପଶ୍ଚିମ ଓଡିଶାରେ ଆଂଚଳିକ ତାରତମ୍ୟ ହ୍ରାସ ଏବଂ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମାଧ୍ୟମରେ କେନ୍ଦ୍ରିତ ଉପକ୍ରମମାନ ହାତକୁ ନିଆଯାଉଛି । ୨୦୧୨-୧୩ରେ ୯୬.୪୭ କୋଟି ଟଙ୍କା ବ୍ୟୟ ଆକଳନରେ ୨୭୨୯ଟି ନୂତନ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି ।

୬. ୨୦୧୨-୧୩ ବର୍ଷରେ ରାଜ୍ୟରେ 'ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମ' ନୂଆକରି କରାଯାଇଛି । ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟୟରେ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଏହି ଯୋଜନାର ମୂଳ ଲକ୍ଷ୍ୟ । ଏଥିନିମନ୍ତେ ୨୦୧୨-୧୩ ବଜେଟରେ ୭୩.୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପ୍ରତି ଜିଲ୍ଲା ପାଇଁ ୩୦ କୋଟି ଟଙ୍କା ବ୍ୟୟ ବରାଦରେ ୧୮ଟି ଜିଲ୍ଲାରେ ସମନ୍ୱିତ କ୍ରିୟାଭିମୁଖୀ ଯୋଜନା (ଆଇ.ଏ.ପି) କାର୍ଯ୍ୟକାରୀ କରାଯାଉଛି ।

୭. ୨୦୧୨-୧୩ ଆର୍ଥିକ ବର୍ଷର କାର୍ଯ୍ୟ ଖସଡ଼ାରେ ୨୫୦ କୋଟି ଟଙ୍କାର ବ୍ୟୟବରାଦ ସହ ସଂଶୋଧିତ ଦୀର୍ଘମିଆଦୀ କାର୍ଯ୍ୟାନ୍ୱୟନ ଯୋଜନା କେବିକେ ଜିଲ୍ଲାଗୁଡ଼ିକ ନିମନ୍ତେ କାର୍ଯ୍ୟକାରୀ କରାଯାଉଛି । କୃଷି, ଜଳସେଚନ, ବିଦ୍ୟୁତିକରଣ, ସହରାଞ୍ଚଳ ପାନୀୟ ଜଳ ଯୋଗାଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କଲ୍ୟାଣ, ସାମାଜିକ ନିରାପତ୍ତା ବଳୟ ସୃଷ୍ଟି ଏବଂ ଗ୍ରାମ୍ୟ ସଂଯୋଗୀକରଣ କ୍ଷେତ୍ରରେ ଅତ୍ୟାବଶ୍ୟକୀୟ ଅଭାବ ପୂରଣ ନିମନ୍ତେ ଉଦ୍ଦିଷ୍ଟ ପ୍ରକଳ୍ପଗୁଡ଼ିକୁ ଏହି ଯୋଜନାର କାର୍ଯ୍ୟ ଖସଡ଼ାରେ ଅନ୍ତର୍ଭୁକ୍ତ କରାଯାଇ ସଂପୃକ୍ତ ବିଭାଗମାନଙ୍କ ଦ୍ୱାରା ଏଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି ।

୮. ରାଜ୍ୟ ଯୋଜନାରୁ ୧୨୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇ ୨୦୧୨-୧୩ ବର୍ଷ ପାଇଁ ବିଜୁ କେବିକେ ଯୋଜନା କାର୍ଯ୍ୟକାରୀ କରାଯାଉଛି । ରାଜ୍ୟ ଯୋଜନା ଅଧୀନରେ ରାଜ୍ୟର ନିଜସ୍ୱ ସମ୍ବଳରୁ ୨୦୦୯-୧୦ ଠାରୁ କନ୍ଧମାଳ ଓ ଗଜପତି ଜିଲ୍ଲାରେ ବିଜୁ କନ୍ଧମାଳ ଓ ଗଜପତି ଯୋଜନା କାର୍ଯ୍ୟକାରୀ କରାଯାଉଛି । ୨୦୧୨-୧୩ ବର୍ଷରେ କନ୍ଧମାଳ ଓ ଗଜପତି ଜିଲ୍ଲା ପାଇଁ ଯଥାକ୍ରମେ ୧୮ କୋଟି ଓ ୧୦.୫୦ କୋଟି ଟଙ୍କା ମଂଜୁର କରାଯାଇଛି । ଏହି ଯୋଜନାରେ ବିଜୁଳି, ସଡ଼କ ଏବଂ ପାଣି ସମ୍ବନ୍ଧିତ ପ୍ରକଳ୍ପ ଯଥା : ଷ୍ଟ୍ରିଟ ଲାଇଟ୍ ସହ ଗ୍ରାମ୍ୟ ବିଦ୍ୟୁତିକରଣ, ଗାଁ ଭିତର ରାସ୍ତାକୁ କଂକ୍ରିଟ କରିବା ବା ଅନ୍ୟାନ୍ୟ ସଂଯୋଗୀ ରାସ୍ତା ତିଆରି କରିବା, ଜଳସେଚନ/ ପାନୀୟ ଜଳ ଉତ୍ସ ସୃଷ୍ଟି କରିବା ଭଳି କାର୍ଯ୍ୟ ସମୂହ ହାତକୁ ନିଆଯାଇଛି ।

୯. ମୋ' ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବ୍ୟୟ ସମୀକରଣ ଏବଂ ରାଜସ୍ୱ ସୃଷ୍ଟି ଭଳି ଆର୍ଥିକ ସଂସ୍କାର ପଦକ୍ଷେପ ସମୂହ ରାଜ୍ୟର ଆର୍ଥିକ ସ୍ଥିତିରେ ଆଖିଦୃଶିଆ ପରିବର୍ତ୍ତନ ଆଣିଛି । ଏହା ମୋ ପାଇଁ ଆନନ୍ଦର ବିଷୟ ଯେ ବର୍ତ୍ତମାନ ରାଜ୍ୟରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହାତକୁ ନିଆଯିବା ନିମନ୍ତେ ଆବଶ୍ୟକୀୟ ସମ୍ବଳ ଯୋଗାଡ଼ ପାଇଁ ରାଜ୍ୟର ଆର୍ଥିକ ସ୍ଥିତି ବେଶ୍ ସୁଦୃଢ଼ ଅଛି । ବିଗତ କିଛି ବର୍ଷରେ ରାଜ୍ୟର ଆର୍ଥିକ ସ୍ଥିତିରେ ଅଣାଯାଇଥିବା ଆଖିଦୃଶିଆ ଉନ୍ନତି ରାଜ୍ୟରେ ପ୍ରଭୂତ ପୁଞ୍ଜି ବିନିଯୋଗ ତଥା ଯୋଜନା ବ୍ୟୟବରାଦ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଛି । ଏହା ହେବା ଫଳରେ ଋଣ ଉଠାଣ ଉପରେ ଆମର ନିର୍ଭରଶୀଳତା ହ୍ରାସ ପାଇଛି ।

୧୦. ପୁଞ୍ଜି ବିନିଯୋଗ ଯାହାକି ୨୦୦୫-୦୬ ଆର୍ଥିକ ବର୍ଷରେ ୧୦୩୮.୦୬କୋଟି ଟଙ୍କାରେ ସୀମିତ ଥିଲା, ତାହା ୨୦୧୧-୧୨ ଆର୍ଥିକ ବର୍ଷରେ ୪୪୯୬.୦୯କୋଟି ଟଙ୍କାକୁ ବୃଦ୍ଧି ପାଇଛି । ରାଜସ୍ୱ ଆୟବ୍ୟୟରେ ହିସାବ ଉଦ୍‌ବୃତ ଜମା ସୃଷ୍ଟି ଓ ଋଣରେ ଅଣାଯାଇଥିବା ପୁଞ୍ଜିକୁ ସ୍ଥାୟୀ ସମ୍ପତ୍ତି ସୃଷ୍ଟି ନିମନ୍ତେ ବିନିଯୋଗ କରାଯିବା ଦ୍ୱାରା ଏହି ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ସମ୍ଭବ ହୋଇପାରିଛି । ୨୦୦୫-୦୬ ଆର୍ଥିକ ବର୍ଷଠାରୁ ଋଣ ଆକାରରେ ଅଣାଯାଇଥିବା ଅର୍ଥକୁ ରାଜସ୍ୱ ବ୍ୟୟ ନିମନ୍ତେ ଅବସ୍ଥାନ୍ତର ନକରାଯିବା ବିଗତ କିଛିବର୍ଷ ମଧ୍ୟରେ

କରାଯାଇଥିବା ବିଜ୍ଞ ଆର୍ଥିକ ପରିଚାଳନାର ନିଦର୍ଶନ ଅଟେ । ସେହିଭଳି ୨୦୦୬–୦୭ରେ ୩୫୦୦ କୋଟି ଟଙ୍କାରେ ସୀମିତ ଥିବା ରାଜ୍ୟ ବାର୍ଷିକ ଯୋଜନାର ଆକାର ବହୁଧା ବୃଦ୍ଧି ପାଇ ୨୦୧୨–୧୩ ବର୍ଷରେ ୧୭୨୫୦ କୋଟି ଟଙ୍କାରେ ପହଞ୍ଚିପାରିଛି ।

୧୧. ମୋ ସରକାର ସରକାରୀ ଋଣ ପରିଚାଳନା କ୍ଷେତ୍ରରେ ଏକାଧିକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛି । ୨୦୦୧–୦୨ରେ ନିଟ୍ ଋଣ ପରିମାଣ ମୋଟ ରାଜ୍ୟ ଘରୋଇ ଉତ୍ପାଦର ୪୬.୪୮ ପ୍ରତିଶତ ଥିବାବେଳେ ୨୦୧୧–୧୨ ବର୍ଷରେ ଏହାକୁ ମୋଟ ରାଜ୍ୟ ଘରୋଇ ଉତ୍ପାଦର ୧୭.୮୭ ପ୍ରତିଶତକୁ ଆଶାନୁରୂପ ଭାବେ ହ୍ରାସ କରାଯାଇ ତ୍ରୟୋଦଶ ଅର୍ଥ କମିଶନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ୨୫ ପ୍ରତିଶତ ମଧ୍ୟରେ ସୀମିତ ରଖାଯାଇପାରିଛି । ରାଜସ୍ୱ ପ୍ରାପ୍ତି ଓ ସୁଧଦେୟର ୧୫% ଅନୁମୋଦିତ ଆଦର୍ଶ ଅନୁପାତକୁ ଆମ ରାଜ୍ୟରେ ୨୦୦୭–୦୮ବର୍ଷରେ ୧୪.୪୩% ଏବଂ ୨୦୧୧–୧୨ ବର୍ଷରେ ୬.୪୦%ରେ ସୀମିତ ରଖାଯାଇପାରିଛି । ଋଣର ପୁନରୁଠାଣ, ଅଧିକ ସୁଧହାର ଯୁକ୍ତ ଋଣର ଆଗୁଆ ପରିଶୋଧ ତଥା ଋଣ ପ୍ରତିବଦଳ ଦ୍ୱାରା ଋଣ ପରିମାଣ ଓ ସୁଧ ବୋଝକୁ କମାଯାଇପାରିଛି । ଆର୍ଥିକ ସ୍ଥିତିରେ କ୍ରମାଗତ ଉନ୍ନତି ଘଟୁଥିବାରୁ ରାଜ୍ୟ ସରକାର ଖୋଲା ବଜାରରୁ ୨୦୦୫–୦୬ ବର୍ଷଠାରୁ କୌଣସି ଋଣ ଉଠାଣ କରିନାହାନ୍ତି, ଯାହାଫଳରେ ରାଜ୍ୟ ସରକାର ଭିନ୍ନ ଭିନ୍ନ ଅର୍ଥ କମିଶନ୍‌ର ଅନୁମୋଦିତ ଋଣ ପ୍ରତିପାଳନ ସୂଚକାଙ୍କ ମଧ୍ୟରେ ଋଣଭାରକୁ ଏକ ସହନୀୟ ସ୍ତରରେ ସୀମିତ ରଖିପାରିଛନ୍ତି ।

୧୨. ଅଧୁନା ଏକ ସମୁନ୍ନତ ଆର୍ଥିକ ସ୍ଥିତିରେ ଥିବା ମୋ' ସରକାରଙ୍କ ଦୃଷ୍ଟି ଏବେ ସରକାରୀ ବ୍ୟୟର ଦକ୍ଷତା ଏବଂ ଗୁଣବତ୍ତା ଉପରେ ନିବିଷ୍ଟ । ବଜେଟ୍‌ରେ କେବଳ ଅର୍ଥ ବରାଦ ନକରି ଏବେ ସୁଦକ୍ଷ ଏବଂ ଫଳପ୍ରସୂ ସରକାରୀ ବ୍ୟୟ ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି । ସରକାରୀ ବ୍ୟୟକୁ ଅଧିକ ଦକ୍ଷ, ସ୍ୱଚ୍ଛ ତଥା ଫଳପ୍ରଦାୟୀ କରିବା ନିମନ୍ତେ ମୋ' ସରକାର ନିମ୍ନୋକ୍ତ ଆନୁଷ୍ଠାନିକ ସଂସ୍କାର କାର୍ଯ୍ୟକ୍ରମମାନ ଗ୍ରହଣ କରିଛନ୍ତି :

କ) ବ୍ୟୟ ଅଟକଳକୁ ପରିମେୟ ପରିଣାମ ସହ ସଂଯୋଗ ଉଦ୍ଦେଶ୍ୟରେ ୧୩ଟି ପ୍ରମୁଖ ବିଭାଗରେ ପରିଣାମଦର୍ଶୀ ବଜେଟ୍ ପ୍ରଚଳନ କରାଯାଇଛି ।

ଖ) ବଜେଟ୍‌ରେ ବ୍ୟୟ ବରାଦ କରାଯାଇଥିବା ଅର୍ଥର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବ୍ୟୟ ନିଶ୍ଚିତ କରାଇବା ଉଦ୍ଦେଶ୍ୟରେ ସରକାରଙ୍କ ୧୫ଟି ବିଭାଗରେ ବିତ୍ତୀୟ ପରିଚାଳନା ପଦ୍ଧତି ଅନୁସରଣ କରାଯାଇଛି ।

ଗ) ପୁଞ୍ଜି ସମ୍ପତ୍ତିର ସଠିକ୍ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ବଜେଟ୍ ବ୍ୟବସ୍ଥିତ ବ୍ୟୟ ବରାଦର ସୁଦକ୍ଷ ଏବଂ ଫଳପ୍ରସୂ ବିନିଯୋଗ ଉଦ୍ଦେଶ୍ୟରେ ବାର୍ଷିକ ରକ୍ଷଣାବେକ୍ଷଣ ଯୋଜନା ଅନୁସୃତ ହେଉଛି ।

୧୩. ରାଜ୍ୟରେ ବାଣିଜ୍ୟ ଏବଂ ବ୍ୟବସାୟରେ ଅଭିବୃଦ୍ଧି ହାସଲ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ବାଣିଜ୍ୟକର ଅନୁଷ୍ଠାନରେ ଇଲେକ୍‌ଟ୍ରୋନିକ୍ ମାଧ୍ୟମରେ ଟିକସ୍ ପ୍ରଦାନ ଓ ରିଟର୍ଣ୍ଣ ଦାଖଲ ବ୍ୟବସ୍ଥା ପ୍ରଚଳନ କରାଯାଇଛି । ଇଚ୍ଛୁକ ବ୍ୟବସାୟୀମାନଙ୍କର ପଞ୍ଜିକରଣ ମଧ୍ୟ ଏହି ମାଧ୍ୟମରେ କରାଯାଉଛି । ବର୍ତ୍ତମାନ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ବାଣିଜ୍ୟକର ଟିକସ୍ ଇଲେକ୍‌ଟ୍ରୋନିକ୍ ମାଧ୍ୟମରେ ଗୃହୀତ ହେଲାଣି । ଆମ ଟିକସ୍ ପ୍ରଶାସନର ଦକ୍ଷତା ଏବଂ ସ୍ୱଚ୍ଛତା ବୃଦ୍ଧି ପାଇଁ ନିକଟ ଭବିଷ୍ୟତରେ ଏହିଭଳି ଅନେକ ବ୍ୟବସାୟିକ ଇଲେକ୍‌ଟ୍ରୋନିକ୍ ସେବା ଯୋଗାଇ ଦିଆଯିବାର ପ୍ରସ୍ତାବ ରହିଛି ।

୧୪. ରାଜ୍ୟ ସରକାରଙ୍କ ପେନ୍‌ସନ୍ ପ୍ରଶାସନ ପଦ୍ଧତିର ସମ୍ପୂର୍ଣ୍ଣ ପୁନର୍ବିନ୍ୟାସ କରାଯାଇଛି । ଏହି ନୂତନ ପଦ୍ଧତିରେ ରାଜ୍ୟ ସରକାରଙ୍କ ସମସ୍ତ ପେନ୍‌ସନ୍‌ଭୋଗୀଙ୍କ ବ୍ୟାଙ୍କ ଜମାଖାତାକୁ ମାସିକ ପେନ୍‌ସନ୍ ସ୍ୱତଃ ହସ୍ତାନ୍ତରିତ ହୋଇପାରୁଛି । ଫଳରେ କୌଣସି ପେନ୍‌ସନ୍‌ଭୋଗୀଙ୍କୁ ନିଜର ମାସିକ ପେନ୍‌ସନ୍ ଗ୍ରହଣ କରିବା ପାଇଁ ଆଉ କୋଷାଗାର ଆସିବାକୁ ପଡୁ ନାହିଁ । ପ୍ରତ୍ୟେକ ପେନ୍‌ସନ୍‌ଭୋଗୀଙ୍କ ମାସିକ ପେନ୍‌ସନ୍ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହେବା ମାତ୍ରେ ମୋବାଇଲ ଏସ୍.ଏମ୍.ଏସ୍. ସୂଚନା ମାଧ୍ୟମରେ ସଂପୃକ୍ତ ପେନ୍‌ସନ୍‌ଭୋଗୀଙ୍କୁ ତୁରନ୍ତ ଜଣାଇ ଦିଆଯାଉଛି ।

୧୫. ସରକାରୀ ବ୍ୟୟରେ ପୁନଃ ନିୟନ୍ତ୍ରଣ ଅଣାଯିବା ଉଦ୍ଦେଶ୍ୟରେ ସମନ୍ୱିତ ଓଡ଼ିଶା କୋଷାଗାର ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ୪୦ ବର୍ଷ ଧରି ପ୍ରଚଳିତ ଏଲ୍‌ସି ବ୍ୟବସ୍ଥାର ଉଚ୍ଛେଦ କରାଯାଇଛି ଏବଂ ରାଜ୍ୟର ସମସ୍ତ ସରକାରୀ ବିଭାଗଗୁଡ଼ିକର ବ୍ୟୟ

ବ୍ୟବସ୍ଥାକୁ ଏହାର ପରିସରଭୁକ୍ତ କରାଯାଇଛି । ଏହି ବ୍ୟବସ୍ଥା ମାଧ୍ୟମରେ ବର୍ତ୍ତମାନ ଉଭୟ ରାଜସ୍ୱ ପ୍ରାପ୍ତି ଏବଂ ବ୍ୟୟର ସମୟାନୁକ୍ରମୀ ପ୍ରକୃତ ସ୍ଥିତି ସମ୍ପର୍କିତ ତଥ୍ୟକୁ ପର୍ଯ୍ୟାଲୋଚନା କରାଯାଇପାରୁଛି । ଏହି ବ୍ୟବସ୍ଥା ଦ୍ୱାରା ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଅର୍ଥ ବଣ୍ଟନ, ପୁନଃବଣ୍ଟନ ଏବଂ ପୁନଃ ବ୍ୟୟବରାଦ ମନୁଷ୍ୟର ବିନା ସହାୟତାରେ କରାଯାଇପାରୁଛି । ଏହି ବ୍ୟବସ୍ଥା ମାଧ୍ୟମରେ ସମସ୍ତ ବ୍ୟୟ ଆବଣ୍ଟନ ମୁତାବକ କରାଯାଉଥିବାରୁ ଅଧିକ ବ୍ୟୟର ସମ୍ଭାବନାକୁ ନ୍ୟୂନତମ କରାଯାଇପାରିଛି ।

୧୬. ରାଜ୍ୟ ସରକାର ରାଜ୍ୟବଜେଟ୍ ପ୍ରସ୍ତୁତି ନିମନ୍ତେ ଅନ୍‌ଲାଇନ୍ ବଜେଟ୍ ସଙ୍କଳନ ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି । ବଜେଟ୍ ପ୍ରସ୍ତୁତିର ସମଗ୍ର ପ୍ରକ୍ରିୟା ଏହି ବ୍ୟବସ୍ଥା ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି । ଏତଦ୍‌ବ୍ୟତୀତ ସମସ୍ତ ପୁନଃବିନିଯୋଗ ପ୍ରସ୍ତାବଗୁଡିକର ଅନ୍‌ଲାଇନ୍ ସମ୍ପାଦନା ଏବଂ ମଞ୍ଜୁରୀ କରାଯାଉଛି । ଏହି ସବୁଜ ଉଦ୍ୟମ ଦ୍ୱାରା ବାର୍ଷିକ ୫ହଜାର ମାନବ ଘଣ୍ଟାର ଶ୍ରମ ବିନିଯୋଗ ଏବଂ ୫୦୦ ରିମ୍ କାଗଜ ସଞ୍ଚୟ କରାଯାଇପାରୁଛି ।

୧୭. କୃଷି ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ ସଦୃଶ ରହିଆସିଥିବା ବେଳେ ଏବଂ ଏହା ଉପରେ ରାଜ୍ୟର ୬୦ ପ୍ରତିଶତ ଜନସଂଖ୍ୟା ନିର୍ଭରଶୀଳ ହୋଇଥିବା ଯୋଗୁଁ ମୋ' ସରକାର କୃଷି କ୍ଷେତ୍ରର ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଦ୍ୱାଦଶ ଯୋଜନା କାଳରେ ଆମ ରାଜ୍ୟ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ୪ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛି ।

୧୮. ଫସଲର ଉତ୍ପାଦକତା ବୃଦ୍ଧି ପାଇଁ ବିହନ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କୃଷି ସାମଗ୍ରୀ । ବିଭିନ୍ନ ଶସ୍ୟର ବିହନ ପ୍ରତିବଦଳ ହାର ବୃଦ୍ଧି ପାଇଁ ସରକାର ଫଳପ୍ରଦ ପଦକ୍ଷେପମାନ ଗ୍ରହଣ କରିଛନ୍ତି । ଦଶମ ଯୋଜନା ଅବଧି ଶେଷରେ ଧାନର ବିହନ ପ୍ରତିବଦଳ ହାର ୬.୩୫% ଥିଲା । ଏକାଦଶ ଯୋଜନା ଅବଧି ଶେଷରେ ଏହା ୨୧.୬୪%କୁ ବୃଦ୍ଧି ପାଇ ୨୦୧୨ ଶେଷସୁଦ୍ଧା ୨୭% ପର୍ଯ୍ୟନ୍ତ ପହଞ୍ଚିପାରିଛି । ୨୦୧୩-୧୪ରେ ବିହନ ପ୍ରତିବଦଳ ହାର ୩୦.୫୬% ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପ୍ରସ୍ତାବ ରଖାଯାଇଛି । କୃଷକଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣର ଗୁଣାତ୍ମକ ବିହନ ପହଞ୍ଚାଇବାର ସମସ୍ତ ପ୍ରଚେଷ୍ଟା କରାଯାଉଛି । ଏତଦ୍‌ବ୍ୟତୀତ ଏକାଦଶ ଯୋଜନାରେ ୪ଟି ସ୍ଥାୟୀ ଓ ୬ଟି ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷା ପ୍ରୟୋଗଶାଳା ସ୍ଥାପନ କରାଯାଇଛି ଏବଂ ଆଉ ୬ଟି ଅଧିକ ସ୍ଥାୟୀ ମୃତ୍ତିକା ପରୀକ୍ଷା ପ୍ରୟୋଗଶାଳା ସ୍ଥାପନ କରାଯାଉଛି । ଏକାଦଶ ଯୋଜନା ଅବଧିରେ ପ୍ରାୟ ୫ ଲକ୍ଷ ହେକ୍ଟର ଅମ୍ଳ ମୃତ୍ତିକା ଜମିର ଉପଚାର କରାଯାଇଛି ଏବଂ ୨୦୧୨-୧୩ ବର୍ଷରେ ୨୫,୦୦୦ ହେକ୍ଟର ଜମି ପାଇଁ ଏଭଳି ପ୍ରୟାସ ଜାରି ରହିଛି । ଫସଲର ଉତ୍ପାଦକତା ବୃଦ୍ଧି ପାଇଁ ୨୦୧୩-୧୪ ବର୍ଷରେ ଏହି ପଦକ୍ଷେପକୁ ବ୍ୟାପକ କରାଯିବ । ୨୦୦୭-୦୮ ବର୍ଷରେ ସାର ପ୍ରୟୋଗ ହେକ୍ଟର ପ୍ରତି ୫୨ କି.ଗ୍ରା. ଥିଲାବେଳେ ଏକାଦଶ ଯୋଜନା ଶେଷ ସୁଦ୍ଧା ଏହା ହେକ୍ଟର ପିଛା ୬୦.୪ କି.ଗ୍ରା.କୁ ବୃଦ୍ଧିପାଇଛି । ୨୦୧୨-୧୩ରେ ସାର ବ୍ୟବହାର ହେକ୍ଟର ପ୍ରତି ୬୬ କି.ଗ୍ରା. ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ପୁନଶ୍ଚ ୨୦୧୩-୧୪ରେ ସାର ବ୍ୟବହାର ହେକ୍ଟର ପ୍ରତି ୯୭ କି.ଗ୍ରା.କୁ ବୃଦ୍ଧି କରାଯିବାର କାର୍ଯ୍ୟକ୍ରମ ରହିଛି । କୃଷି କାର୍ଯ୍ୟକ୍ରମ ପରିଚାଳନାର ଯନ୍ତ୍ରୀକରଣ ଉଦ୍ଦେଶ୍ୟରେ ୨୦୧୩-୧୪ ବର୍ଷରେ ୬,୬୦୦ ଟ୍ରାକ୍ଟର, ୧୭,୦୦୦ ପାୱାର ଟିଲର, ୨୦୦୦ ଧାନକଟା ଯନ୍ତ୍ର, ୧୮୦ ଧାନରୁଆ ଯନ୍ତ୍ର, ୯୦୦ ରୋଟାଭେଟର, ୪,୦୦୦ ଶକ୍ତି ଚାଳିତ ଅମଳଯନ୍ତ୍ର, ୩୦୦ ଟି କମ୍ବାଇନ୍ ହାର୍ଭେଷ୍ଟର, ୩,୦୦୦ ହାଇଡ୍ରଲିକ୍ ଟ୍ରଲର, ୪,୨୦୦ ଶକ୍ତି ଚାଳିତ ଯନ୍ତ୍ରପାତି ଓ ୧୪,୦୦୦ ହସ୍ତଚାଳିତ/ବଳଦଟଣା ସାଧନ ସଂଗ୍ରହର କାର୍ଯ୍ୟକ୍ରମ ରହିଛି ।

୧୯. ରାଜ୍ୟରେ ସଂପ୍ରତି ଜଳଛାୟା ଉନ୍ନୟନ ଅନ୍ତର୍ଗତ ବିଭିନ୍ନ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଯଥା- ସମନ୍ୱିତ ପତିତ ଜମି ବିକାଶ କାର୍ଯ୍ୟକ୍ରମ (ଆଇ.ଡବ୍ଲ୍ୟୁ. ଡି.ପି.) ମରୁଡି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ (ଡି.ପି.ଏ.ପି) ଏବଂ ସମନ୍ୱିତ ଜଳଛାୟା ପରିଚାଳନା ଯୋଜନା (ଆଇ.ଡବ୍ଲ୍ୟୁ.ଏମ୍.ପି) କାର୍ଯ୍ୟକାରୀ କରାଯାଉଛି । ସଂଶୋଧିତ ଦୀର୍ଘ ମିଆଦୀ କ୍ରିୟାଭିମୁଖୀ କାର୍ଯ୍ୟକ୍ରମର ସ୍ୱତନ୍ତ୍ର ଯୋଜନା ଅଧୀନରେ ୮ଗୋଟି କେବିକେ ଜିଲ୍ଲାରେ ଜଳଛାୟା ଉନ୍ନୟନ କାର୍ଯ୍ୟକ୍ରମ ମଧ୍ୟ କାର୍ଯ୍ୟକାରୀ ହେଉଛି । ଉପରୋକ୍ତ ଯୋଜନାଗୁଡ଼ିକରେ ଡିସେମ୍ବର ୨୦୧୨ ଶେଷ ସୁଦ୍ଧା ଜଳଛାୟା ପରିଚାଳନା କାର୍ଯ୍ୟକ୍ରମରେ ୦.୮୭୬ ଲକ୍ଷ ହେକ୍ଟର ଜମି ଉପଚାର କରାଯାଇଛି । ୮,୪୭୨ ଭୂମିହୀନ ଓ ସମ୍ବଳହୀନ ପରିବାରର ଜୀବିକାରେ ଉନ୍ନତି ନିମନ୍ତେ ଜଳଛାୟା ବିକାଶ କାର୍ଯ୍ୟକ୍ରମରେ ୭୧୩ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି । ୨୩,୩୪୪ ଜଳାଧାର, ୪୭,୫୩୨ କ୍ଷୁଦ୍ର ମୃତ୍ତିକା ଓ ଜଳ ସଂରକ୍ଷଣ ବ୍ୟବସ୍ଥା ସୃଷ୍ଟି କରାଯାଇଛି ଏବଂ ରାଜ୍ୟରେ ଜଳଛାୟା ଉନ୍ନୟନ କାର୍ଯ୍ୟକ୍ରମରେ ୫୫,୭୨୮ ହେକ୍ଟର ଜମିରେ ବୃକ୍ଷରୋପଣ କରାଯାଇଛି ।

୨୦. କୋରାପୁଟ, ନବରଙ୍ଗପୁର, ରାୟଗଡା, ମାଲକାନଗିରି, କନ୍ଧମାଳ ଓ ମୟୂରଭଞ୍ଜ ଏହି ଛଅଗୋଟି ଜିଲ୍ଲାକୁ ସାମିଲ କରି ଆଇ.ଡବ୍ଲ୍ୟୁ.ଡି.ପି. ଏବଂ ଡି.ପି.ଏ.ପି. ଅଧୀନରେ ଚାଲୁ ରହିଥିବା ୪୬୦ ଜଳଛାୟା ପ୍ରକଳ୍ପରେ ଅତିରିକ୍ତ ଜୀବିକା ନିର୍ବାହ ଉପାଦାନ ପ୍ରଦାନ ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିବା ଓଡ଼ିଶା ଗ୍ରାମୀଣ ଜୀବିକା କାର୍ଯ୍ୟକ୍ରମ (ଜୀବିକା) ଏକ ଅଭିନବ ପ୍ରୟାସ ଅଟେ ।

୨୧. କୃଷି ନିମନ୍ତେ ଜଳସେଚନ ଏକ ପ୍ରମୁଖ ଆବଶ୍ୟକତା । 'ଜଳନିଧି' ଯୋଜନାରେ କୃଷକମାନଙ୍କୁ ୫୦% ରିହାତି ଦେଇ ଘରୋଇ ଉଠା ଜଳସେଚନ ପ୍ରକଳ୍ପ ନିମନ୍ତେ ପ୍ରୋତ୍ସାହିତ କରାଯାଉଛି । ଏକାଦଶ ଯୋଜନା ମଧ୍ୟରେ 'ଜଳନିଧି' ଯୋଜନାରେ ୧,୦୦,୫୨୪ଟି ଘରୋଇ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରାଯାଇ ୧,୯୩,୯୪୬ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ନିଶ୍ଚିତ କରାଯାଇଛି । ୨୦୧୨-୧୩ ବର୍ଷର ଡିସେମ୍ବର ମାସ ୨୦୧୨ ସୁଦ୍ଧା ଏପରି ୯,୫୧୩ଟି ଘରୋଇ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରାଯାଇ ପ୍ରାୟ ୧୬,୪୦୦ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ନିଶ୍ଚିତ କରାଯାଇଛି । ୨୦୧୩-୧୪ ବର୍ଷରେ ଏହିଭଳି ୩୭,୦୦୯ଟି ଘରୋଇ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରିବା ପାଇଁ କାର୍ଯ୍ୟକ୍ରମ ରଖାଯାଇଛି ।

୨୨. ମୋ' ସରକାର ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାରେ ସଫଳ ହୋଇଛନ୍ତି । ୬୧.୬୫ ଲକ୍ଷ ହେକ୍ଟର ଚାଷୋପଯୋଗୀ ଜମି ମଧ୍ୟରୁ ୨୦୧୧-୧୨ ଶେଷ ସୁଦ୍ଧା ୩୦.୮୯ ଲକ୍ଷ ହେକ୍ଟର ଜମି ପାଇଁ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇପାରିଛି । ରାଜ୍ୟରେ ଅଧିକ ଚାଷ ଜମିରେ ସେଚ ସାମର୍ଥ୍ୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବାହ୍ୟ ଅନୁଦାନ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଣ୍ଠି ବିନିଯୋଗ ମାଧ୍ୟମରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି । ରାଜ୍ୟରେ ୨.୧୮ ଲକ୍ଷ ହେକ୍ଟର ଜମିରେ ଜଳସେଚନର ଦୃଢ଼ୀକରଣ ତଥା ୬୦୦୦ ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିବା ନିମନ୍ତେ ୧୦୮୪.୧୯ କୋଟି ଟଙ୍କାର ଅର୍ଥ ବିନିଯୋଗରେ ଏସିଆନ ଡ଼େଭେଲପମେଣ୍ଟ ବ୍ୟାଙ୍କ ସହାୟତାରେ ଓଡିଶା ଏକୀଭୂତ ଜଳସେଚିତ କୃଷି ଏବଂ ଜଳ ପରିଚାଳନା ପ୍ରକଳ୍ପ ମାଧ୍ୟମରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବା ପାଇଁ ଲକ୍ଷ୍ୟ ସ୍ଥିରୀକୃତ ହୋଇଛି । ୨୦୧୨ ମାର୍ଚ୍ଚ ଶେଷସୁଦ୍ଧା ମରାମତି, ପୁନରୁଦ୍ଧାର ଓ ନବୀକରଣ ଯୋଜନାରେ ୪୬୨ଟି ଜଳାଧାରର ନବୀକରଣ ସମ୍ପୂର୍ଣ୍ଣ କରାଯାଇ ୧୭,୬୧୨ ହେକ୍ଟର ଜମିକୁ ଜଳସେଚନର ସୁବିଧା କରାଯାଇଛି । ରାଜ୍ୟରେ ବିଜୁ କୃଷକ ବିକାଶ ଯୋଜନା, ଗଭୀର ନଳକୂପ ସ୍ଥାପନ, ଆଡିବନ୍ଧ ନିର୍ମାଣ, ବୃହତ ଉଠା ଜଳସେଚନ ବ୍ୟବସ୍ଥା ଭଳି ବିଭିନ୍ନ କୃଷକ କଲ୍ୟାଣକର ଯୋଜନା କାର୍ଯ୍ୟକାରୀ କରାଯାଉଅଛି । ୨୦୧୨-୧୩ ଆର୍ଥିକ ବର୍ଷରେ ୧୭୨୩ଟି ଆଡିବନ୍ଧ, ୨୬୭ଟି ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । ୨୦୧୨ ଡିସେମ୍ବର ମାସ ସୁଦ୍ଧା ୩୬୫୨ଟି ଗଭୀର ନଳକୂପକୁ ଶକ୍ତି ସଂଯୋଗ କରାଯାଇଛି । ବୃହତ, ମଧ୍ୟମ, କ୍ଷୁଦ୍ର (ପ୍ରବାହ ଓ ଉଠା) ଜଳସେଚନ ପ୍ରକଳ୍ପ ଜରିଆରେ ୨୦୧୨ ଡିସେମ୍ବର ମାସ ଶେଷ ସୁଦ୍ଧା ୯.୬୬ ହଜାର ହେକ୍ଟର ଜମି ନିମନ୍ତେ ଅତିରିକ୍ତ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇଛି । ଚାଲୁ ରହିଥିବା ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ନିମନ୍ତେ ଉଦ୍ୟମ କରାଯାଉଛି। ୧.୦୮୪ ଲକ୍ଷ ହେକ୍ଟର ଜମିରେ ଅତିରିକ୍ତ ସେଚ ସାମର୍ଥ୍ୟ ସୃଷ୍ଟି କରିବା ପାଇଁ ୨୦୧୩-୧୪ ବର୍ଷରେ ୩୦୦୦ ଆଡିବନ୍ଧ, ୨୦,୦୦୦ ଗଭୀର ନଳକୂପ ଏବଂ ୧୨୦୦ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ କାର୍ଯ୍ୟକ୍ରମ ରହିଛି।

୨୩. ଇତ୍ୟବସରରେ ୨୦୧୨ ଡିସେମ୍ବର ମାସ ଶେଷ ସୁଦ୍ଧା ୧୪.୬୩ ଲକ୍ଷ ହେକ୍ଟର ଜଳସେଚିତ ଜମି ୨୦୪୧୮ ପାଣିପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି । ୨୦୧୨ ଡିସେମ୍ବର ମାସ ଶେଷସୁଦ୍ଧା ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା କାର୍ଯ୍ୟକ୍ରମ ଅଧୀନରେ ୨୪୩୪୦ ହେକ୍ଟର ଚାଷ ଜମିରେ କ୍ଷେତ୍ରନାଳୀ ଏବଂ ୭୨୭୯ ହେକ୍ଟର ଜମିରେ କ୍ଷେତ୍ର ନିଷ୍କାସନ ନାଳୀର କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି । ଜଳସେଚନର ସୁପରିଚାଳନା ନିମନ୍ତେ ୪୦୪୯୮ ହେକ୍ଟର ଜଳସେଚିତ ଜମିରେ କ୍ଷେତ୍ରନାଳୀ ନିର୍ମାଣ କରିବାର ଯୋଜନା ରଖାଯାଇଛି । ସେହିପରି ୨୦୧୩-୧୪ରେ ୧୪୯୬୩ ହେକ୍ଟର ଜମିରେ କ୍ଷେତ୍ର ନିଷ୍କାସନ ନାଳୀ ନିର୍ମାଣ ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।

୨୪. ଓଡ଼ିଶାରେ ସ୍ୱଳ୍ପମିଆଦୀ ସମବାୟ ଋଣ ରାଜ୍ୟରେ କୃଷକମାନଙ୍କୁ ଦିଆଯାଉଥିବା ସମୁଦାୟ କୃଷି ଋଣର ଶତକଡା ୬୫ ଭାଗ ଅଟେ । ୨୦୧୨-୧୩ରେ ୧୭.୮୭ ଲକ୍ଷ କୃଷକଙ୍କୁ ୩୮୦୦ କୋଟି ୩୪ଲକ୍ଷ ଟଙ୍କା କୃଷି ଋଣ ଆକାରରେ ପ୍ରଦାନ କରାଯାଇଛି । ୨୦୧୩-୧୪ରେ ୫୫୦୦ କୋଟି ଟଙ୍କା କୃଷି ଋଣ ଆକାରରେ ପ୍ରଦାନ କରାଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

୨୫. ଗ୍ରାମାଞ୍ଚଳର ଗରିବ ଲୋକଙ୍କ ଋଣ ଆବଶ୍ୟକତା ପୂରଣ କରି ଏବଂ ସେମାନଙ୍କ ପାଖରେ ବ୍ୟାଙ୍କ ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କମାନଙ୍କ ଦ୍ୱାରା ୭୬,୩୫୮ଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି ଓ ତନ୍ମଧ୍ୟରୁ ୫୮,୨୯୫ଟି ଗୋଷ୍ଠୀଙ୍କୁ

ଋଣ ସହାୟତା ପ୍ରଦାନ କରାଯାଇଛି । ଏହାଛଡା ୯୪୫୯ଟି ପ୍ରଜାଚାଷୀ ଗୋଷ୍ଠୀ ଓ ୪୪,୮୭୭ଟି ଯୁଗ୍ମ ଦାୟିତ୍ୱ ଗୋଷ୍ଠୀ ଗଠନ କରାଯାଇଛି, ଯେଉଁଥିରୁ ୭୬୮୩ଟି ପ୍ରଜାଚାଷୀ ଗୋଷ୍ଠୀ ଓ ଯୁଗ୍ମ ଦାୟିତ୍ୱ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯାଇଛି । ୨୦୧୩-୧୪ରେ ୧୧,୦୦୦ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

୨୬. ବୈଜ୍ଞାନିକ ପଦ୍ଧତିରେ କୃଷିଜାତ ଦ୍ରବ୍ୟକୁ ମହଜୁଦ ରଖିବା ପାଇଁ ପର୍ଯ୍ୟାପ୍ତ ଭଣ୍ଡାର ସୁବିଧା ସୃଷ୍ଟି ଓ ୱେୟାରହାଉସିଂ (ବିକାଶ ଓ ବିନିୟମ) ଆଇନରେ ପ୍ରଦତ୍ତ ପଣ୍ୟାଗାର ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ନିଜ ସମ୍ବଳରୁ ୧ ଲକ୍ଷ ୧୨ ହଜାର ମେଟ୍ରିକ ଟନ୍ କୃଷିଜାତ ଦ୍ରବ୍ୟ ମହଜୁଦ ରହି ପାରିବା ଭଳି ସୁବିଧା ଥିବା ଗୋଦାମ ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେଇଛି । ପ୍ରାଥମିକ କୃଷି ସମବାୟ ସମିତିଗୁଡିକୁ ୮୯,୪୦୦ ମେଟ୍ରିକ ଟନ୍ କୃଷିଜାତ ଦ୍ରବ୍ୟ ମହଜୁଦ୍ ରଖିବା ସୁବିଧା ସୃଷ୍ଟି କରିବା ନିମନ୍ତେ ୪୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ଓ ନିୟନ୍ତ୍ରିତ ବଜାର କମିଟିଗୁଡିକ ଦ୍ୱାରା ୩୩,୦୦୦ ମେଟ୍ରିକ୍ ଟନ୍ କୃଷିଜାତ ଦ୍ରବ୍ୟ ମହଜୁଦ ରଖିବା ପାଇଁ ଗୋଦାମଗୃହ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି ।

୨୭. ଜାତୀୟ ବନୀକରଣ କାର୍ଯ୍ୟକ୍ରମ, ହେନ୍ତାଳ ବଣ କାର୍ଯ୍ୟଯୋଜନା, ଅର୍ଥକରୀ ବୃକ୍ଷରୋପଣ, ବାଉଁଶ ମିଶନ ସହାୟତାରେ ବାଉଁଶ ବୃକ୍ଷରୋପଣ, ଶିଳ୍ପାଞ୍ଚଳ ବନୀକରଣ, କ୍ଷତିପୂରକ ବନୀକରଣ ତଥା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଭଳି ବିଭିନ୍ନ ପରିଯୋଜନା ମାଧ୍ୟମରେ ମୋ' ସରକାରଙ୍କ ଦ୍ୱାରା ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୫୨୦୦୦ ହେକ୍ଟର ଜମିରେ ବୃକ୍ଷରୋପଣ ଏବଂ ୧.୪୮ ଲକ୍ଷ ହେକ୍ଟର ଜଙ୍ଗଲ ଜମିରେ ବନ ଆବାଦୀୟ କାର୍ଯ୍ୟକ୍ରମ କରାଯାଇ ସମୁଦାୟ ୨ ଲକ୍ଷ ହେକ୍ଟର ଉଜୁଡ଼ା ଜଙ୍ଗଲ ଅଞ୍ଚଳରେ ବନୀକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ୩୦୬୮ କି.ମି. ମାର୍ଗ ଉଭୟପାର୍ଶ୍ୱ ବୃକ୍ଷରୋପଣ କରାଯାଇଛି। ବୃକ୍ଷରୋପଣ ପାଇଁ ୨୧୨ ଲକ୍ଷ ଚାରା ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ କରାଯାଇଛି। ୨୦୧୩-୧୪ରେ ଏହିଭଳି ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ ଚାଲୁ ରଖାଯିବାର ଯୋଜନା ରହିଛି। ୧୯ ଟି ଏ.ପି.ଆର୍ ୟୁନିଟ ଏବଂ ୨୭୬ ଜଙ୍ଗଲ ସୁରକ୍ଷା ସ୍କ୍ୱାର୍ଡ ସମେତ ବନ ସୁରକ୍ଷା ସମିତି ଭଳି ଗୋଷ୍ଠୀସ୍ତରୀୟ ଅନୁଷ୍ଠାନଗୁଡ଼ିକୁ ଜଡ଼ିତ କରାଯାଇ ଜଙ୍ଗଲ ସୁରକ୍ଷା କରାଯାଉଛି ।

୨୮. ମୋ' ସରକାର ୨୦୧୩ ବର୍ଷ ପାଇଁ ଅମଳଯୋଗ୍ୟ କେନ୍ଦୁପତ୍ର କ୍ରୟମୂଲ୍ୟରେ ଉଲ୍ଲେଖନୀୟ ବୃଦ୍ଧି ଘୋଷଣା କରିଛି ଯାହାଦ୍ୱାରା ରାଜ୍ୟର ୮ ଲକ୍ଷ କେନ୍ଦୁପତ୍ର ତୋଳାଳୀ ଉପକୃତ ହୋଇପାରିବେ ।

୨୯. ମୋ' ସରକାର ୧୪ଟି ହସ୍ତୀ ଯାତାୟାତ ପଥ ଚିହ୍ନଟ ପୂର୍ବକ ଏକ ''ହସ୍ତୀ ଯାତାୟାତ ପଥ ଉନ୍ନୟନ ପରିଚାଳନା ଯୋଜନା'' କାର୍ଯ୍ୟକାରୀ କରୁଛି। ଏହି ଯୋଜନାରେ ହାତୀ ବାସସ୍ଥାନର ଉନ୍ନତିକରଣ, ହାତୀ ଖାଦ୍ୟଚାରା ରୋପଣ, ସୌର ବିଦ୍ୟୁତ ବାଡ ଲଗାଣ, ହାତୀ ଗତିରୋଧକ ଟ୍ରେଞ୍ଚ ନିର୍ମାଣ, ଜଳାଶୟ/ ଜଳ ଅମଳ ପ୍ରକଳ୍ପ ନିର୍ମାଣ, ହାତୀ ଯାତାୟାତ ପଥର ପୁନରୁଦ୍ଧାରଏବଂ ଶିକାର ନିରୋଧ ଓ ଲୁଣ୍ଠନ ବିରୋଧୀ ସ୍କ୍ୱାର୍ଡ ଗଠନ, ଅନୁକମ୍ପାମୂଳକ ଅନୁଦାନ ତୁରନ୍ତ ପ୍ରଦାନ ତଥା ଜନସଚେତନତା ସୃଷ୍ଟି ଆଦି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ୨୦୧୨-୧୩ ବର୍ଷରେ ମାନବ-ପଶୁ ସଂଘର୍ଷ ଜନିତ ସୃଷ୍ଟ ବେଦନା ଲାଘବ କରିବା ପାଇଁ ଆହତ ବ୍ୟକ୍ତିମାନଙ୍କୁ ଅନୁକମ୍ପାମୂଳକ ଅନୁଦାନ ରାଶି ପ୍ରଦାନ, ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା, ଶସ୍ୟହାନୀ ଜନିତ କ୍ଷୟକ୍ଷତି ଭରଣା, ଗୋରୁଗାଈଙ୍କ ମୃତ୍ୟୁ, ଘରଭଙ୍ଗା ଇତ୍ୟାଦି ପାଇଁ କ୍ଷତିପୂରଣ ବାବଦକୁ ୭୩୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

୩୦. ବିଶ୍ୱବ୍ୟାଙ୍କର ସହାୟତାରେ ଓଡିଶାର ଗୋପାଳପୁରଠାରୁ ଚିଲିକା ଏବଂ ପାରାଦୀପଠାରୁ ଧାମରା ପର୍ଯ୍ୟନ୍ତ ୨ଟି ଉପକୂଳବର୍ତ୍ତୀ ବିସ୍ତୃତିର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ବିଶ୍ୱବ୍ୟାଙ୍କ ସହାୟତାରେ 'ସମନ୍ୱିତ ଉପକୂଳ ଅଞ୍ଚଳ ପରିଚାଳନା ଯୋଜନା' କାର୍ଯ୍ୟକାରୀ ହେଉଛି । ସାମଗ୍ରିକ ଭାବରେ ଉପକୂଳର କ୍ଷୟ ରୋକିବା, ପ୍ରତ୍ନତାତ୍ତ୍ୱିକ ଓ ସାଂସ୍କୃତିକ ବିଭବର ସଂରକ୍ଷଣ ତଥା ଉନ୍ନତିକରଣ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ବାସିନ୍ଦାମାନଙ୍କର ଜୀବିକା ନିର୍ବାହକୁ ସୁନିଶ୍ଚିତ କରିବା ଏହି ଯୋଜନାର ଲକ୍ଷ୍ୟ । ୧୬.୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ''ଆଞ୍ଚଳିକ ସମୁଦ୍ର ତଟବର୍ତ୍ତୀ ପ୍ରଣାଳୀ ଅଧ୍ୟୟନ'' ପ୍ରାଧିକୃତ ହୋଇଛି ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ଏକ ବିଜ୍ଞାନ ସମ୍ମତ ଉପକୂଳ ପରିଚାଳନା ଯୋଜନା ପ୍ରସ୍ତୁତ କରିବାରେ ସହାୟକ ହେବ ।

୩୧. ଆର୍ଦ୍ରଭୂମି ପରିଚାଳନାର ଏକ ସଫଳ ଗାଥା ଭାବରେ ଚିଲିକା ହ୍ରଦ ଆନ୍ତର୍ଜାତିକ ଗୋଷ୍ଠୀ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି। ଚିଲିକା ହ୍ରଦର ପରିବେଶ ପୁନରୁଦ୍ଧାର ଦ୍ୱାରା ୧୪,୨୦୦ ମେଟ୍ରିକଟନ୍ ମତ୍ସ୍ୟ ଉତ୍ପାଦନ କରାଯାଇ ଏକ ସର୍ବକାଳୀନ ରେକର୍ଡ ସୃଷ୍ଟି

କରାଯାଇପାରିଛି । ଆର୍ଥିକ ଓ ଭିତ୍ତିଭୂମି ସହାୟତା ଦିଆଯାଇ ୮୦ଟି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ସୁଦୃଢ଼ୀକରଣ କରାଯାଇଛି । ଚିଲିକା ହ୍ରଦ ଜଳର ଗୁଣବତ୍ତା ବୃଦ୍ଧି ଅନୁଧ୍ୟାନ ପ୍ରକ୍ରିୟାକୁ ସୁଦୃଢ଼ କରିବା ନିମନ୍ତେ ୧୦ଟି ସ୍ଥାନରେ ସେନସର୍ ରଖାଯାଇଛି, ଯାହା ଜଳର ଗୁଣବତ୍ତା ସମ୍ପର୍କିତ ତଥ୍ୟ ନିର୍ଦ୍ଧାରିତ ସମୟରେ ପ୍ରଦାନ କରୁଛନ୍ତି।

୩୨. ବିଏଆଇଏଫ୍ ସହଯୋଗରେ ରାଜ୍ୟର ୧୪ଟି ଜିଲ୍ଲାରେ ସମନ୍ୱିତ ପଶୁଧନ ବିକାଶ ଯୋଜନା (ଆଇ.ଏଲ୍.ଡି.ପି) 'କଲ୍ୟାଣୀ' ହାତକୁ ନିଆଯାଇଛି । ଗତ ୧ ବର୍ଷ ମଧ୍ୟରେ ୬୨୮ ଟି ବ୍ଲକ୍ ସ୍ତରୀୟ ଗୋବନ୍ଧ୍ୟା ଦୂରୀକରଣ ଶିବିର ଓ କୃଷକ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି । ରାଜ୍ୟର ୯ ଟି ଜିଲ୍ଲାରେ ଶଙ୍କର ଜାତୀୟ ଗାଈ ଓ ମଇଁଷିମାନଙ୍କର ପଶୁଧନ ବୀମା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

୩୩. ଶଙ୍କର ଜାତୀୟ ଷଣ୍ଢ ଉତ୍ପାଦନ ନିମନ୍ତେ କଟକ ଖପୁରିଆସ୍ଥିତ ଗୋ-ପ୍ରଜନନ ଫାର୍ମର ଉନ୍ନତିକରଣ କରାଯାଇଛି । ଗୁଣାତ୍ମକ ମାନର ଶୁକ୍ରାଣୁ ନିମନ୍ତେ ଉଚ୍ଚମାନର ଷଣ୍ଢ ବାଛୁରୀ ପାଇଁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ କେଉଁଝର ଓ ଚିପିଲିମାସ୍ଥିତ ପ୍ରଜନନ ଫାର୍ମର ଉନ୍ନତିକରଣ କରାଯାଉଛି । ଡାଇରୀ ଉଦ୍ୟୋଗ ବିକାଶ ଯୋଜନାରେ ୩୭,୫୩୮ ଜଣ ଉଦ୍ୟୋଗୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ବ୍ୟାଙ୍କ ମାଧ୍ୟମରେ ଋଣ ସୁବିଧା ପ୍ରଦାନ ପାଇଁ ପଦକ୍ଷେପ ନିଆଯାଇଛି ।

୩୪. ୭୨.୫୬ ଲକ୍ଷ କୁକୁଡା ପାଳନ ଓ ଦୈନିକ ୨୪୨.୪୨ ମେଟ୍ରିକ୍ ଟନ୍ କୁକୁଡା ମାଂସ ଯୋଗାଣ କ୍ଷମତା ଥିବା ୪୬୮୦ ଟି ବ୍ରୟଲର କୁକୁଡା ଫାର୍ମ ରାଜ୍ୟରେ ସ୍ଥାପନ କରାଯାଇଛି । ସେହିପରି ରାଜ୍ୟରେ ଦୈନିକ ୩୪.୮୭ ଲକ୍ଷ ଅଣ୍ଡା ଉତ୍ପାଦନ କ୍ଷମତା ସହିତ ୭୨.୫୬ ଲକ୍ଷ ଲେୟର କୁକୁଡା ପାଳନ କ୍ଷମତା ଥିବା ୮୧ଟି ଲେୟର ଫାର୍ମ ନିର୍ମାଣ କରାଯାଇଛି । ଗ୍ରାମାଞ୍ଚଳରେ ବାଡ଼ି ଅଗଣାରେ କୁକୁଡା ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଚଳିତ ବର୍ଷ ୪,୭୩,୬୨୪ଟି ଉନ୍ନତମାନର କୁକୁଡା ଚିଆଁ ଓ ୩୩,୨୮୪ଟି ବତକ ଚିଆଁ ଉତ୍ପାଦନ କରାଯାଇଛି । ରାଜ୍ୟର ଦୁଗ୍ଧ ଚାଷୀଙ୍କ ମଧ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଏବଂ ଔଦ୍ୟୋଗିକ କୌଶଳ ବିକାଶ ଉଦ୍ଦେଶ୍ୟରେ ଡାଇରୀ ଉଦ୍ୟୋଗ ବିକାଶ ଯୋଜନାରେ ୬୦୦୦ ଡାଇରୀ ଫାର୍ମ ପ୍ରତିଷ୍ଠା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

୩୫. ଗୋଷ୍ଠୀ ଦୁର୍ଘଟଣା ବୀମା ଯୋଜନାରେ ସର୍ବାଧିକ ସଂଖ୍ୟକ ମତ୍ସ୍ୟଚାଷୀଙ୍କୁ ଅନ୍ତର୍ଭୁକ୍ତ କରିପାରିଥିବାରୁ ରାଜ୍ୟ ଗତ ୩ ବର୍ଷ ଧରି ଲଗାତର ଭାବେ ଜାତୀୟ "ସ୍ୱର୍ଣ୍ଣ ମୟୂର" ପୁରସ୍କାର ପାଇ ଆସୁଛି । ୨୦୧୨-୧୩ ବର୍ଷରେ ଏହି ବୀମା ଯୋଜନାରେ ୧୦ଲକ୍ଷ ମତ୍ସ୍ୟଜୀବୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ୨୦୧୩-୧୪ ବର୍ଷରେ ୧୧ଲକ୍ଷ ମତ୍ସ୍ୟଜୀବୀଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯିବାର ପ୍ରସ୍ତାବ ରହିଛି ।

୩୬. ମୋ' ସରକାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ଲୋକମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ଏକ ସାମଗ୍ରିକ ଏବଂ ଏକୀକୃତ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସେବାଶ୍ରମ, ଆଶ୍ରମ ସ୍କୁଲ ଭଳି ନୂତନ ଶିକ୍ଷା ସଂସ୍ଥାନ, ହାଇସ୍କୁଲ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ବିଜ୍ଞାନ ଓ ବାଣିଜ୍ୟ), ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ଓ ବି.ଇଡି. ଟ୍ରେନିଂ କଲେଜ ଖୋଲିବା ସହିତ ଛାତ୍ରଛାତ୍ରୀମାନେ ଯେଉଁଭଳି ଶିକ୍ଷାନୁଷ୍ଠାନଗୁଡ଼ିକରୁ ଅଧାରୁ ପାଠ ନଛାଡ଼ି ସେମାନଙ୍କ ପାଠପଢ଼ାରେ ନିରନ୍ତରତା ବଜାୟ ରଖିବେ ତା' ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରାଯାଇଛି । ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କୁ କମ୍ପ୍ୟୁଟର ସାକ୍ଷର କରିବା ନିମନ୍ତେ ଅନୁସୂଚିତ ଜାତି ଓ ଜନଜାତି ହାଇସ୍କୁଲଗୁଡ଼ିକରେ କମ୍ପ୍ୟୁଟର ଶିକ୍ଷା ଆରମ୍ଭ କରାଯାଇଛି । ସୈନିକ ସ୍କୁଲରେ ପଢ଼ିବା ପାଇଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ମେଧାବୃତ୍ତି ପ୍ରଦାନ କରାଯାଉଛି ।

୩୭. ୨୦୧୩-୧୪ରେ ୩୦ଟି ନୂଆ ଆଶ୍ରମ ସ୍କୁଲ ଖୋଲାଯିବ ଏବଂ ୧୪ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାର୍ଯ୍ୟକ୍ଷମ ହେବ । ମାଲକାନଗିରି, ନବରଙ୍ଗପୁର, ରାୟଗଡା, ସୁନ୍ଦରଗଡ ଓ ମୟୂରଭଞ୍ଜ ଜିଲ୍ଲାରେ ପର୍ଯ୍ୟାୟକ୍ରମେ ଗୋଟିଏ ଲେଖାଏଁ ଏହିଭଳି ସର୍ବମୋଟ ୫ଟି ବି.ଇଡି. କଲେଜ ପ୍ରତିଷ୍ଠା କରାଯିବ । 'ବାବୁ ଜଗଜ୍ଜୀବନ ରାମ ଛାତ୍ରାବାସ ଯୋଜନା'ରେ ଅନୁସୂଚିତ ଜାତି ଛାତ୍ରୀଙ୍କ ପାଇଁ ୪୪ଟି ହଷ୍ଟେଲ ଓ ସେହି ବର୍ଗର ଛାତ୍ରଙ୍କ ପାଇଁ ୧୨ଟି ଛାତ୍ରାବାସର ନିର୍ମାଣ କାର୍ଯ୍ୟ ଚାଲିଛି ଏବଂ ଏହି କାର୍ଯ୍ୟ ୨୦୧୩ ମାର୍ଚ୍ଚ ମାସ ସୁଦ୍ଧା ସମ୍ପୂର୍ଣ୍ଣ ହେବ ।

୩୮. ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଭୁବନେଶ୍ୱର, ବ୍ରହ୍ମପୁର ଓ ରାଉରକେଲାରେ ସହରାଞ୍ଚଳ ଛାତ୍ରାବାସ କଂପ୍ଲେକ୍ସ ନିର୍ମାଣ କରିବା ପାଇଁ ମୋ' ସରକାର ନିଷ୍ପତ୍ତି ନେଇଛନ୍ତି । ସେଥିମଧ୍ୟରୁ ଭୁବନେଶ୍ୱରରେ ୧୦୦୦ ଶଯ୍ୟା ବିଶିଷ୍ଟ ଗୋଟିଏ ଛାତ୍ରାବାସ ଏବଂ ବ୍ରହ୍ମପୁର ଓ ରାଉରକେଲାରେ ୩୦୦ ଶଯ୍ୟା ବିଶିଷ୍ଟ ଗୋଟିଏ ଲେଖାଏଁ ଛାତ୍ରାବାସ ଖୋଲାଯିବ । ଭୁବନେଶ୍ୱରର ପୋଖରୀପୁଟ, ଘାଟିକିଆ ଓ ଚନ୍ଦ୍ରଶେଖରପୁରଠାରେ ଏହି ସହରାଞ୍ଚଳ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ୫ଟି ନକ୍ସଲ ଅଧ୍ୟୁଷିତ ଜିଲ୍ଲା ଯଥା–

ମାଲକାନଗିରି, ରାୟଗଡା, ଗଜପତି, ଦେବଗଡ ଓ ସମ୍ବଲପୁରଠାରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ନିମନ୍ତେ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏହି ୫ଟି ଜିଲ୍ଲା ପାଇଁ ୪୭୮ଟି ହଷ୍ଟେଲ ମଞ୍ଜୁର କରାଯାଇଛି ।

୩୯. ଅର୍ଥନୈତିକ ସଶକ୍ତିକରଣର ଅଂଶ ସ୍ୱରୂପ ଅନୁସୂଚିତ ଜାତି ଓ ଜନଜାତି ଯୁବକମାନଙ୍କ ଆତ୍ମନିଯୁକ୍ତି ନିମନ୍ତେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଅର୍ଥ ଉନ୍ନୟନ ସମବାୟ ନିଗମ (ଓ.ଏସ୍.ଏଫ୍.ଡି.ସି) ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଆତ୍ମନିଯୁକ୍ତି ନିମନ୍ତେ ବ୍ୟାଙ୍କ ଜରିଆରେ ରୋଜଗାର ସୃଷ୍ଟିକାରୀ ଯୋଜନାରେ ଏ ପର୍ଯ୍ୟନ୍ତ ୬,୪୦୦ ଅନୁସୂଚିତ ଜାତି ଓ ୨,୩୧୯ ଜଣ ଅନୁସୂଚିତ ଜନଜାତି ବର୍ଗର ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଏହି ଉଦ୍ଦେଶ୍ୟରେ ୨୦୧୨-୧୩ ବର୍ଷରେ ଓ.ଏସ୍.ଏଫ୍.ଡି.ସି ସବ୍‌ସିଡି ବାବଦରେ ୮୭୧.୯୬ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ।

୪୦. ନିଯୁକ୍ତି ଭିତ୍ତିକ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ନିମନ୍ତେ ୨,୫୯୦ ଜଣ ଅନୁସୂଚିତ ଜାତିର ପ୍ରାର୍ଥୀଙ୍କୁ ଅଗ୍ରଣୀ ତାଲିମ ପ୍ରତିଷ୍ଠାନରେ ପ୍ରଶିକ୍ଷଣ ଦିଆଯାଇଛି । ସେମାନଙ୍କ ମଧ୍ୟରୁ ୪୩୧ ଜଣ ନିଯୁକ୍ତି ପାଇଛନ୍ତି ।

୪୧. ଜଙ୍ଗଲ ଅଧିକାର ଅଧିନିୟମ, ୨୦୦୬ ଅଧୀନରେ ଜନଜାତି ପରିବାରମାନଙ୍କୁ ଜଙ୍ଗଲ ଜମି ଉପରେ ସର୍ବାଧିକ ଭୂମି ଅଧିକାର ପ୍ରଦାନ କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଅଦ୍ୟାବଧି ୧୭,୨୨୯ଟି ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ବର୍ଗ (ପି.ଭି.ଟି.ଜି.)ର ଦାବୀ ସମେତ ୩,୨୪,୭୩୭ ଟି ବ୍ୟକ୍ତିଗତ ଦାବିର ଫଏସଲା କରାଯାଇଛି ।

୪୨. ୨୦୧୨-୧୩ ବର୍ଷରେ ଓଡ଼ିଶା ଜନଜାତି ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପରିସରଭୁକ୍ତ ୯୬,୫୨୮ଟି ବି.ପି.ଏଲ୍. ବର୍ଗର ଅନୁସୂଚିତ ଜନଜାତି ପରିବାରକୁ ଜୀବିକା ନିର୍ବାହ ସାଧନ ଯୋଗାଣ ନିମନ୍ତେ ୧୬୦.୯୫ ଲକ୍ଷ ଟଙ୍କାର ବିନିଯୋଗ ପ୍ରସ୍ତାବ ରହିଛି । ନିଯୁକ୍ତି ଭିତ୍ତିକ ଦକ୍ଷତା ବୃଦ୍ଧି ତାଲିମ ଯୋଜନା ଯଥା:-ପୋଷାକ ଡିଜାଇନ, ମୋବାଇଲ୍ ଫୋନ୍ ମରାମତି, କମ୍ପ୍ୟୁଟର ସଫ୍ଟୱେୟାର୍ ଓ ହାର୍ଡୱେୟାର ତାଲିମ୍, ଡ୍ରାଇଭିଂ, ଫିଟର, ଇଲେକ୍‌ଟ୍ରିକାଲ ଓ ଇଲେକ୍‌ଟ୍ରୋନିକ୍‌ସ ଉପକରଣ ମେକାନିକ, ୱେଲଡିଂ ଓ ଫେବ୍ରିକେସନ୍, ପାଇପ ମିସ୍ତ୍ରୀ, ହସ୍‌ପିଟାଲ୍ ପରିଚାଳନା, ମେଡିକାଲ ଟେକ୍‌ନିସିଆନ୍, ଗୃହକର୍ମ ପରିଚାଳନା, ଖାଦ୍ୟ ଓ ପାନୀୟ ପ୍ରକ୍ରିୟାକରଣ, ପ୍ଲାଷ୍ଟିକ୍ ଇଞ୍ଜିନିୟରିଂ, କାଠ ଖୋଦେଇ ଇତ୍ୟାଦି କାର୍ଯ୍ୟକ୍ରମଗୁଡ଼ିକ ଉପରେ ଏହାଦ୍ୱାରା କେନ୍ଦ୍ରୀଭୂତ ଧ୍ୟାନ ପ୍ରଦାନ କରାଯାଉଛି ।

୪୩. ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ ସେମାନଙ୍କ ଗର୍ଭାବସ୍ଥା ଓ ପ୍ରସବ ପରବର୍ତ୍ତୀ ବିଶ୍ରାମଜନିତ ସାମୟିକ କର୍ମନିବୃତ୍ତି ସମୟରେ ଯଥେଷ୍ଟ ବିଶ୍ରାମ ନିମନ୍ତେ ତଥା ସେମାନଙ୍କୁ ଆଂଶିକ ମଜୁରି କ୍ଷତିପୂରଣ ଯୋଗାଇ ଦେବା ଉଦ୍ଦେଶ୍ୟରେ ମୋ'ସରକାର 'ମମତା' ନାମକ ଏକ ସର୍ତ୍ତ ଭିତ୍ତିକ ଅର୍ଥ ହସ୍ତାନ୍ତର ମଙ୍ଗଳ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ କରୁଥିବା ହିତାଧିକାରୀ ଚାରୋଟି କିସ୍ତିରେ ସମୁଦାୟ ୫,୦୦୦ଟଙ୍କା (ପାଞ୍ଚ ହଜାର ଟଙ୍କା) ଇ-ଟ୍ରାନ୍‌ସଫର ମାଧ୍ୟମରେ ସହାୟତା ରାଶି ଆକାରରେ ପାଉଛନ୍ତି । ୨୦୧୨ ନଭେମ୍ବର ଶେଷ ସୁଦ୍ଧା ଏହି ଯୋଜନାରେ ୫,୮୭,୭୪୫ ଜଣ ହିତାଧିକାରୀ ୧୫୭.୩୧୭କୋଟି ଟଙ୍କା ପାଇ ସାରିଛନ୍ତି ।

୪୪. ୨୦୦୧ ମସିହାଠାରୁ 'ମିଶନ ଶକ୍ତି' ମାଧ୍ୟମରେ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ୨୦୧୨ ଅକ୍ଟୋବର ମାସ ଶେଷ ସୁଦ୍ଧା ୪.୫ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ଏଥିରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ୫୮ ଲକ୍ଷ ମହିଳାଙ୍କୁ ସାମିଲ କରାଯାଇଛି ।

୪୫. ମହିଳାମାନଙ୍କ ବିରୋଧରେ ହେଉଥିବା ନିର୍ଯ୍ୟାତନାର ପ୍ରତିରୋଧ ନିମନ୍ତେ ପାରିବାରିକ ହିଂସା ଅଧିନିୟମ, ୨୦୦୫ ବଳରେ ମହିଳାମାନଙ୍କୁ ପାରିବାରିକ ହିଂସାରୁ ସୁରକ୍ଷା ଦେବା ପାଇଁ ଜିଲ୍ଲାସ୍ତରରେ ସୁରକ୍ଷା ଅଧିକାରୀଙ୍କୁ ନିଯୁକ୍ତ ଦିଆଯାଇଛି। ଗ୍ରାମାଞ୍ଚଳର ଲୋକମାନେ ଏହି ଆଇନକୁ ଭଲ ଭାବରେ ବୁଝିବା ପାଇଁ ପାରିବାରିକ ହିଂସା ବିରୋଧୀ ଅଭିଯାନ 'ବେଲ୍ ବଜାଓ' ଓଡ଼ିଆରେ ଆରମ୍ଭ କରାଯାଇଛି । ମହିଳାମାନଙ୍କ ବିରୋଧରେ ହେଉଥିବା ହିଂସାର ପ୍ରତିରୋଧ ଓ ପ୍ରତିକାର ନିମନ୍ତେ ରାଜ୍ୟର ୬ଟି ଜିଲ୍ଲା ରାୟଗଡା, କଳାହାଣ୍ଡି, କନ୍ଧମାଳ, ଢେଙ୍କାନାଳ, ଭଦ୍ରକ ଓ କଟକଠାରେ 'ଅକ୍ସଫାମ୍ ଇଣ୍ଡିଆ' ସହଯୋଗରେ ମହିଳା ସହାୟତା କେନ୍ଦ୍ର କାର୍ଯ୍ୟ କରୁଛି । ଭୁବନେଶ୍ୱର ସହରରେ ଯତ୍ନ ଏବଂ ସୁରକ୍ଷା ଲୋଡୁଥିବା ପ୍ରତ୍ୟେକ ଅସହାୟ ମହିଳାମାନଙ୍କ ନିକଟରେ ପହଞ୍ଚିବା

ପାଇଁ 'ରୁଚିକା' ସମାଜ ସେବା ସଙ୍ଗଠନ ଦ୍ୱାରା ଏକ ସମର୍ପିତ ଚବିଶି ଘଣ୍ଟିଆ ମହିଳା ହେଲପ୍ ଲାଇନ୍ ୧୦୯୨୦ କାର୍ଯ୍ୟ କରୁଛି । ଏହି ହେଲପ୍ ଲାଇନ୍‌କୁ ସମଗ୍ର ଓଡ଼ିଶାକୁ ସମ୍ପ୍ରସାରିତ କରାଯାଉଛି ।

୪୬. ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର କଲ୍ୟାଣ ଓ ସଶକ୍ତିକରଣ ନିମନ୍ତେ ସମସ୍ତ ବର୍ଗର ପେନ୍‌ସନ୍‌ଧାରୀମାନଙ୍କର ମାସିକ ପେନ୍‌ସନ୍‌କୁ ୩୦୦ଟଙ୍କାକୁ ବୃଦ୍ଧି କରାଯାଇଛି । ସମସ୍ତ ପେନ୍‌ସନ୍‌ଧାରୀଙ୍କୁ 'ଜନସେବା ଦିବସ' ଦିନ ଏକକାଳୀନ ଶୀତବସ୍ତ୍ର ଭତ୍ତା ୨୦୦ଟଙ୍କା ପ୍ରଦାନ କରାଯାଇଥିଲା । ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ସୁବିଧା ପାଇଁ ପ୍ରତ୍ୟେକ ବ୍ଲକ୍‌ରେ 'ଭୀମଭୋଇ ସାମର୍ଥ୍ୟ ଅଭିଯାନ' କାର୍ଯ୍ୟକାରୀ କରାଯାଉଛି ।

୪୭. ରାଜ୍ୟରେ ଶିଶୁମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିଛନ୍ତି । ଶିଶୁମାନଙ୍କୁ ସୁରକ୍ଷା ଓ ଆଇନଗତ ସହାୟତା ଯୋଗାଇ ଦେବା ସହିତ ଶିଶୁମାନଙ୍କର ବିକାଶ ପାଇଁ ଆବଶ୍ୟକୀୟ ବାତାବରଣ ସୃଷ୍ଟି କରିବା ନିମନ୍ତେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କାଉନସିଲ ଓ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିକୁ କାର୍ଯ୍ୟକ୍ଷମ କରାଯାଇଛି ।

୪୮. ମୋ' ସରକାର ସମ୍ବିଧାନର ୭୩ତମ ସଂଶୋଧନ ପ୍ରକାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସ୍ୱୟଂ ଶାସିତ ଅନୁଷ୍ଠାନ ଭାବେ କାର୍ଯ୍ୟ କରିବାକୁ ସକ୍ଷମ ହେବା ପାଇଁ ଆବଶ୍ୟକୀୟ କ୍ଷମତା ଏବଂ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ତଦନୁଯାୟୀ ଏଗାରଟି ବିଭାଗର ୨୧ଟି ବିଷୟକୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଅଧୀନକୁ ଅଣାଯାଇଛି । ପଲ୍ଲୀସଭା ଓ ଗ୍ରାମସଭାର ସୁଦୃଢ଼ୀକରଣ, ତଫସିଲଭୁକ୍ତ ଜନଜାତିଙ୍କ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାରେ ଆସନ ସଂରକ୍ଷଣ ବ୍ୟବସ୍ଥା ପଞ୍ଚାୟତ (ତଫସିଲଭୁକ୍ତ ଅଞ୍ଚଳ ସମ୍ପ୍ରସାରଣ) ଅଧିନିୟମ–୧୯୯୬(ପେସା) ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଛି । ୨୦୧୨ ମସିହାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ପାଇଁ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି ।

୪୯. ସ୍ୱଚ୍ଛତାର ସହ ବିଭିନ୍ନ ପ୍ରକଳ୍ପ ଓ ହିତାଧିକାରୀ ଚୟନ କ୍ଷେତ୍ରରେ ଜନସାଧାରଣଙ୍କ ପ୍ରତ୍ୟକ୍ଷ ଅଂଶ ଗ୍ରହଣକୁ ନିଶ୍ଚିତ କରିବା ଲକ୍ଷ୍ୟରେ ମୋ' ସରକାର ୨୦୧୨ ଅକ୍ଟୋବର ୨ ରୁ ୧୮ ତାରିଖ ମଧ୍ୟରେ ଗ୍ରାମସଭା ସଶକ୍ତିକରଣ କାର୍ଯ୍ୟକ୍ରମ–୨୦୧୨ ନାମକ ଏକ ଅଭିନବ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ କରାଇଛନ୍ତି । ଏହା ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ସଶକ୍ତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ । ରାଜ୍ୟର କୋଣ ଅନୁକୋଣରୁ ଲୋକଙ୍କ ଅଭିଯୋଗ ଶୁଣାଣି କରିବା ପାଇଁ ଏକ ନିଃଶୁଳ୍କ ହେଲପ୍ ଲାଇନ୍‌ର ପ୍ରବର୍ତ୍ତନ କରାଯାଇଛି, ଯାହା ପ୍ରତ୍ୟେକ ସରକାରୀ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୮ ଘଟିକାରୁ ସନ୍ଧ୍ୟା ୮ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟ କରୁଛି ।

୫୦. ଭାରତ ସରକାରଙ୍କ ଅଗ୍ରଗଣ୍ୟ କାର୍ଯ୍ୟକ୍ରମ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ପଛୁଆ ଅଞ୍ଚଳ ବିକାଶ ପାଣ୍ଠି ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରାଯାଉଛି । ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି ଏବଂ ଏହି ଆର୍ଥିକ ବର୍ଷର ଡିସେମ୍ବର ୨୦୧୨ ସୁଦ୍ଧା ସର୍ବମୋଟ ୬୧୮.୫୭ କୋଟି ଟଙ୍କା ବିନିଯୋଗ କରାଯାଇ ୩୧୩.୬୯ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଏହି ସମୟସୀମା ମଧ୍ୟରେ ୧୩.୪୯ ଲକ୍ଷ ପରିବାର ଶ୍ରମ ନିୟୋଜନ ଦାବୀ କରିଥିବାବେଳେ ୧୩.୪୨ ଲକ୍ଷ ପରିବାରକୁ ଏହା ଦିଆଯାଇଛି ଏବଂ ସେମାନଙ୍କ ମଧ୍ୟରୁ ୧୬,୯୪୮ଟି ପରିବାରକୁ ୧୦୦ ଦିନର କର୍ମ ଯୋଗାଣ କରାଯାଇଛି ।

୫୧. ଡିସେମ୍ବର ୨୦୧୨ ସୁଦ୍ଧା ଗ୍ରାମପଞ୍ଚାୟତ ମୁଖ୍ୟାଳୟଠାରେ ୫୯୬୬ଟି ଏବଂ ବ୍ଲକ୍ ମୁଖ୍ୟାଳୟଠାରେ ୩୦୯ଟି ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ କାର୍ଯ୍ୟ ହାତକୁ ନିଆ ଯାଇଛି, ଯହିଁରୁ ୨୮୦୨ଟି ଗ୍ରାମପଞ୍ଚାୟତ ସ୍ତରରେ ଏବଂ ୧୧୯ଟି ବ୍ଲକ୍‌ସ୍ତରରେ ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି ।

୫୨. ଇଲେକ୍‌ଟ୍ରୋନିକ ପଦ୍ଧତିରେ ଶ୍ରମ ଦାବୀ କରିଥିବା ଶ୍ରମିକଙ୍କ ନାମ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ତଥ୍ୟ ସହିତ ଆଗୁଆ ପ୍ରସ୍ତୁତ ହେଉଥିବା ଇ–ମଷ୍ଟରରୋଲ୍ ପ୍ରଚଳନ ଫଳରେ ମଷ୍ଟରରୋଲ୍ ଜରିଆରେ ଜାଲ୍ ଶ୍ରମିକଙ୍କ ନାମ ପ୍ରବେଶକୁ ରୋକାଯାଇପାରିଛି । ଇ–ଏଫ୍.ଏମ୍.ଏସ୍ ପ୍ରକଳ୍ପ ପ୍ରଚଳନ କରାଯାଇ କାମ କରିଥିବା ହିତାଧିକାରୀଙ୍କ ଜମାଖାତାକୁ ସିଧାସଳଖ ଅର୍ଥ ସ୍ଥାନାନ୍ତରିତ କରି ମଜୁରୀ ଦେୟ ଜନିତ ବିଳମ୍ବକୁ ରୋକାଯାଇ ପାରିଛି । ରାଜ୍ୟରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ଉତ୍ତରଦାୟିତ୍ୱକୁ ସାମାଜିକ ସମୀକ୍ଷା ଜରିଆରେ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସୋସାଇଟି ଫର୍ ସୋସିଆଲ୍ ଅଡିଟ , ଆକାଉଣ୍ଟେବିଲିଟି ଆଣ୍ଡ ଟ୍ରାନ୍ସପ୍ୟାରେନ୍ସି (ଓ.ଏସ୍.ଏସ୍.ଏ.ଏ.ଟି) ନାମରେ ଏକ ସ୍ୱୟଂଚାଳିତ ସୋସାଇଟି ସ୍ଥାପନ କରାଯାଇଛି ।

୫୩. ଦାରିଦ୍ର୍ୟ ସୀମାରେଖାତଳେ ଥିବା ପରିବାରମାନଙ୍କୁ ବର୍ଷକୁ ୩୦,୦୦୦ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବା ଉଦ୍ଦେଶ୍ୟରେ ଚାଲୁ ରହିଥିବା ପ୍ରମୁଖ କାର୍ଯ୍ୟକ୍ରମ 'ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା'ରେ ଚଳିତ ଆର୍ଥିକ ବର୍ଷରେ ୩୩ ଲକ୍ଷରୁ ଉର୍ଦ୍ଧ୍ୱ ବିପିଏଲ୍ ପରିବାର ଉପକୃତ ହୋଇଛନ୍ତି ।

୫୪. ମୋ' ସରକାର ବିଭିନ୍ନ ବର୍ଗର ଶ୍ରମିକମାନଙ୍କର ନ୍ୟୂନତମ ମଜୁରୀ ହାରରେ ମଧ୍ୟ ସଂଶୋଧନ ଆଣିଛନ୍ତି । ପ୍ରଥମ ଥର ପାଇଁ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ସହ ଉଭୟ ରାଜ୍ୟର ରାଜ୍ୟ ଦ୍ୱୟକୁ ଶ୍ରମିକ ଚାଲାଣ ଉପରେ ସତର୍କ ନଜର ରଖିବା ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଅଛି । ଅନ୍ୟାନ୍ୟ ବିଷୟ ସହିତ ସେହି ବୁଝାମଣା ପତ୍ରରେ ଚାଲାଣ ଶ୍ରମିକମାନଙ୍କର ପିଲାମାନଙ୍କୁ ପୂର୍ବରୁ ଓଡ଼ିଶାରେ ମିଳୁଥିବା ଶିକ୍ଷା, ବାସଗୃହ, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ନିରାପତ୍ତା ଦିଗ ପ୍ରତି ଧ୍ୟାନ ଦିଆଯିବାର ବ୍ୟବସ୍ଥା ରହିଛି ।

୫୫. ଏକ କାର୍ଯ୍ୟଦକ୍ଷ ଓ ସ୍ୱଚ୍ଛ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ସମାଜର ଦରିଦ୍ର ଏବଂ ଦୁର୍ବଳ ବର୍ଗଙ୍କୁ ଖାଦ୍ୟ ନିରାପତ୍ତା ନିଶ୍ଚିତ କରିବା ପାଇଁ ମୋ' ସରକାର ଅଗ୍ରାଧିକାର ଦେଇଆସୁଛନ୍ତି । ୨୦୧୨ ଏପ୍ରିଲ ୧ ତାରିଖରୁ ରାଜ୍ୟରେ ବେସରକାରୀ ଷ୍ଟୋରେଜ୍ ଏଜେନ୍ସି ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ତା' ସ୍ଥାନରେ ବିଭାଗୀୟ ଷ୍ଟୋରେଜ୍ ଏଜେନ୍ସି ବ୍ୟବସ୍ଥା ପ୍ରଚଳନ କରାଯିବା ସହିତ ସୁଲଭ ମୂଲ୍ୟ ଦୋକାନଗୁଡ଼ିକ ଜରିଆରେ ଖାଦ୍ୟଶସ୍ୟ ଓ ଚିନି ଯୋଗାଇ ଦିଆଯାଉଛି । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବେସରକାରୀ ସମ୍ପୃକ୍ତିକୁ ହ୍ରାସ କରିବା ପାଇଁ ଗ୍ରାମପଞ୍ଚାୟତ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସମବାୟ ସଂସ୍ଥା ଭଳି ଅନୁଷ୍ଠାନଗୁଡ଼ିକୁ ସୁଲଭ ମୂଲ୍ୟ ଦୋକାନର ପରିଚାଳନା (ଡିଲର୍‌ସିପ୍) ପାଇଁ ଉତ୍ସାହିତ କରାଯାଉଛି । ଏ ପର୍ଯ୍ୟନ୍ତ ୪୦୦୯ଟି ଗ୍ରାମପଞ୍ଚାୟତ, ୬୭୬୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୭୩୪ଟି ସମବାୟ ସଂସ୍ଥାଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ନିୟୋଜିତ କରାଯାଇଛି ।

୫୬. ମୋ' ସରକାର ରାଜ୍ୟର ୩୬.୯୦ ଲକ୍ଷ ବିପିଏଲ୍ ପରିବାର, ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ୧୨.୫୨ଲକ୍ଷ ପରିବାର ଏବଂ ଆଠଗୋଟି କେବିକେ ଜିଲ୍ଲାର ୫.୩୫ ଲକ୍ଷ ଏ.ପି.ଏଲ୍ ପରିବାରଙ୍କୁ ୨ଟଙ୍କା ପରିବର୍ତ୍ତେ ୧ଟଙ୍କାରେ ୧ କିଲୋ ଚାଉଳ ୨୦୧୩ ଫେବୃଆରୀ ମାସରୁ ଯୋଗାଇ ଦେଉଛନ୍ତି । ଏଥିସହିତ ଅନୁସୂଚିତ ଜାତି ଓ ଜନଜାତିବର୍ଗର ଛାତ୍ରାବାସ/ଛାତ୍ରୀ ନିବାସଗୁଡ଼ିକର ସମୁଦାୟ ୪.୧୫ଲକ୍ଷ ଅନ୍ତେବାସୀ ଓ ୭୫,୦୦୦ଜଣ ଅତ୍ୟନ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଏହି ଚାଉଳ ମଧ୍ୟ ଯୋଗାଇ ଦିଆଯିବ । ଏହି କାର୍ଯ୍ୟକ୍ରମ ରାଜ୍ୟର ଗରିବ ତଥା ଦୁର୍ବଳ ବର୍ଗର ଲୋକମାନଙ୍କ ପାଇଁ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବାରେ ଅନେକାଂଶରେ ସଫଳ ହେବ ।

୫୭. ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ମାନ ବଜାୟ ରଖିବା ନିମନ୍ତେ ଏକ ଉତ୍ସର୍ଗୀକୃତ ସେଲ୍ ଖୋଲାଯାଇ ସାରା ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକର କାର୍ଯ୍ୟକାରିତା ଅନୁଧ୍ୟାନ କରାଯାଉଛି । ଶିକ୍ଷା ଅଧିକାର ଆଇନ୍‌ରେ ରହିଥିବା ପ୍ରାବଧାନ ଦୃଷ୍ଟେ ପ୍ରାଥମିକ ସ୍ତରରେ ଯୋଗ୍ୟ ଏବଂ ଉପଯୁକ୍ତ ଶିକ୍ଷକମାନଙ୍କ ନିଯୁକ୍ତି ନିମନ୍ତେ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ପରିଚାଳନା କରାଯାଇଛି । ଶିକ୍ଷା ଅଧିକାର ଆଇନର ବ୍ୟବସ୍ଥା ଅନୁଯାୟୀ ପ୍ରାଥମିକ ଶିକ୍ଷକମାନଙ୍କୁ ସ୍ୱଳ୍ପମିଆଦି ପାଠ୍ୟକ୍ରମ ସହାୟତାରେ ଆବଶ୍ୟକ ସର୍ବନିମ୍ନ ଯୋଗ୍ୟତା ହାସଲ କରାଇବା ନିମନ୍ତେ ସରକାର ଜାତୀୟମୁକ୍ତ ବିଦ୍ୟାଳୟ ସଂସ୍ଥାନ (ଏନ୍.ଆଇ.ଓ.ଏସ୍) ସହ ଅନୁବନ୍ଧିତ ହୋଇଛନ୍ତି । ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା ତଥା ଶିକ୍ଷା ଅଧିକାର ଆଇନ ଓ ସର୍ବଶିକ୍ଷା ଅଭିଯାନର ମାନାଦର୍ଶ ଅନୁଯାୟୀ ଛାତ୍ର-ଶିକ୍ଷକ ଅନୁପାତ ହାସଲ କରିବା ନିମନ୍ତେ ୧୪,୫୪୭ଜଣ ଶିକ୍ଷା ସହାୟକଙ୍କୁ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୧୨ ମସିହାରେ ନିଯୁକ୍ତି ଦିଆଯାଇଛି ।

୫୮. ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ସୁପରିଚାଳନା ତଥା ଉପଯୁକ୍ତ ତଦାରଖ ପାଇଁ ଏକ ରାଜ୍ୟସ୍ତରୀୟ ପ୍ରକଳ୍ପ ପରିଚାଳନା ୟୁନିଟ୍ ଖୋଲାଯିବା ସହିତ ସମସ୍ତ ଜିଲ୍ଲାରେ ମଧ୍ୟ ଆବଶ୍ୟକ ଜନବଳ ସହ ପ୍ରକଳ୍ପ ପରିଚାଳନା ୟୁନିଟ୍‌ମାନ ଖୋଲାଯାଇଛି ।

୫୯. ବିଦ୍ୟାଳୟ ପ୍ରଶାସନ ପରିଚାଳନାକୁ ସୁନିୟନ୍ତ୍ରିତ କରିବା ପାଇଁ ସରକାର ରାଜ୍ୟରେ ଅଧିକ ୧୧ଟି ଶିକ୍ଷା ସର୍କଲ ସୃଷ୍ଟି କରିଛନ୍ତି, ଯଦ୍ୱାରା ପ୍ରତ୍ୟେକ ରାଜସ୍ୱ ଜିଲ୍ଲାରେ ଗୋଟିଏ ଶିକ୍ଷା ସର୍କଲ ରହିପାରିଛି । ମାଧ୍ୟମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ତଥା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ସଫଳତା ହାର ବୃଦ୍ଧି କରାଇବା ନିମନ୍ତେ ବିଜ୍ଞାନ, ଗଣିତ ଏବଂ ଇଂରାଜୀ ବିଷୟରେ ଶିକ୍ଷା ଦେବା ପାଇଁ ଯୋଗ୍ୟ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବଳ ଶିକ୍ଷକଭାବେ ନିୟୋଜିତ କରାଯାଇଛି । ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପଦ୍ଧତିର ସଂସ୍କାର ସ୍ୱରୂପ ଚଳିତ ବର୍ଷ ବାର୍ଷିକ ହାଇସ୍କୁଲ ପରୀକ୍ଷାରେ ପ୍ରଶ୍ନପତ୍ର ସଂଯୁକ୍ତ ଉତ୍ତର ଖାତା ପ୍ରଚଳନର ବ୍ୟବସ୍ଥା କରାଯିବା ପାଇଁ ସ୍ଥିର ହୋଇଛି । ଏହା ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ଉତ୍ତର ଲେଖିବାରେ ସହାୟକ ହେବ । ମାଟ୍ରିକ ପରୀକ୍ଷା ନଦେଇ ପାଠପଢ଼ା ଛାଡ଼ିଦେଉଥିବା ପିଲା ବିଶେଷ କରି ଛାତ୍ରୀମାନଙ୍କ ବିଦ୍ୟାଳୟ ପରିତ୍ୟାଗ ହାରକୁ କମାଇବା

ପାଇଁ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଫଳାଫଳ ବାହାରିବା ପରେ ପରେ ତୁରନ୍ତ ସପ୍ଲିମେଣ୍ଟାରୀ ପରୀକ୍ଷା କରିବାର ବ୍ୟବସ୍ଥା କରାଯାଇଛି, ଯଦ୍ୱାରା ଛାତ୍ରଛାତ୍ରୀମାନେ ଆଉଥରେ ପରୀକ୍ଷା ଦେବା ପାଇଁ ବର୍ଷେ ଅପେକ୍ଷା କରିବେ ନାହିଁ ।

୬୦. ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବ୍ଲକଗ୍ରାଣ୍ଟ ହାଇସ୍କୁଲ ସଂସ୍କୃତଟୋଲ୍ ଓ ମଦ୍ରାସାର ଦଶମ ଶ୍ରେଣୀର ସମସ୍ତ ଛାତ୍ରୀ, ୧୦ମ ଶ୍ରେଣୀରେ ପଢୁଥିବା ସମସ୍ତ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତିର ଛାତ୍ର ତଥା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରମାନଙ୍କୁ ନିରନ୍ତର ବିଦ୍ୟା ଅଧ୍ୟୟନ ପାଇଁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ରାଜ୍ୟରେ ମାଗଣା ସାଇକେଲ ଯୋଜନା ପ୍ରଚଳନ କରାଯାଇଛି । ଏଥି ନିମନ୍ତେ ପ୍ରତ୍ୟେକଙ୍କୁ ୨୬୦୦ଟଙ୍କାର ନିଜ ବ୍ୟାଙ୍କ ଜମାଖାତାରେ ଜମାପରେ ଉଠାଣ କରାଯାଇପାରୁଥିବା ଚେକ୍ ଯୋଗାଇ ଦିଆଯାଉଛି । ମାଧ୍ୟମିକ ସ୍ତରରେ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ହାର ହ୍ରାସ କରିବା ଏବଂ ଏହି ସ୍ତର ପର୍ଯ୍ୟନ୍ତ ଶିକ୍ଷାଲାଭ ସଂପୂର୍ଣ୍ଣ କରାଇବା ଏହାର ମୂଳ ଉଦ୍ଦେଶ୍ୟ । ଉକ୍ତ ଯୋଜନାରେ ଅନ୍ୟୂନ ୪,୭୫,୮୭୪ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି ।

୬୧. ସମାଜରେ ସାମାଜିକ ତଥା ଅର୍ଥନୈତିକ ଦୃଷ୍ଟିକୋଣରୁ ପଛୁଆ ତଥା ଅବହେଳିତ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଚିହ୍ନଟ କରି ସେମାନଙ୍କର ପାରଦର୍ଶିତାକୁ ବୃଦ୍ଧି କରିବା ନିମନ୍ତେ ସରକାର ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ନାମକ ଏକ ନୂତନ ମେଧାବୃତ୍ତି ଆରମ୍ଭ କରିଛନ୍ତି । ଏହାଦ୍ୱାରା ଗଣିତରେ ଉତ୍କର୍ଷତା ପ୍ରଦର୍ଶନ କରୁଥିବା ୭,୫୦୦ ଛାତ୍ରଛାତ୍ରୀ ପ୍ରତିବର୍ଷ ଏହି ବୃତ୍ତି ପାଇପାରିବେ । ବିଦ୍ୟାଳୟରେ ଆଦ୍ୟସ୍ତରରୁ ଯଥା ୬ଷ୍ଠ ଶ୍ରେଣୀରୁ ପ୍ରତିଭା ଚିହ୍ନଟ ପାଇଁ 'ଇନ୍‌ସ୍ପାୟାର' ପୁରସ୍କାରର ବ୍ୟବସ୍ଥା କରାଯାଇଛି । ଇନ୍‌ସ୍ପାୟାର ପୁରସ୍କୃତ ଛାତ୍ରଛାତ୍ରୀମାନେ ଏକକାଳୀନ ୫୦୦୦ଟଙ୍କାର ପୁରସ୍କାର ରାଶି ପାଇବେ ।

୬୨. ରାଜ୍ୟରେ ଆଇଆଇଟି, ଏନଆଇଟି ଏବଂ ନାଇଜର ଭଳି ଜାତୀୟସ୍ତରର ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ପ୍ରତିଷ୍ଠା ହେବା ଫଳରେ ଓଡ଼ିଶା ଉଚ୍ଚଶିକ୍ଷାର ଅଭିବୃଦ୍ଧିରେ ଏକ ପ୍ରମୁଖ କେନ୍ଦ୍ରରେ ପରିଣତ ହୋଇଛି ।

ନାମ ଲେଖାଇବା ପ୍ରକ୍ରିୟାକୁ ଅଧିକ ଦକ୍ଷ ଓ ସ୍ୱଚ୍ଛ କରାଇବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ୨୦୦୯-୧୦ ବର୍ଷରୁ ଇ-ଆଡ୍‌ମିଶନ ବ୍ୟବସ୍ଥା ଆରମ୍ଭ କରାଯାଇଛି । ୨୦୧୨-୧୩ ବର୍ଷରେ ସମସ୍ତ ଯୁକ୍ତ ଦୁଇ ମହାବିଦ୍ୟାଳୟ ଓ ୬୭୫ଟି ଡିଗ୍ରୀ ମହାବିଦ୍ୟାଳୟକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ୨୦୧୩-୧୪ ବର୍ଷରେ ଏହି ଯୋଜନାରେ ସମସ୍ତ ଡିଗ୍ରୀ ମହାବିଦ୍ୟାଳୟଗୁଡିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

୬୩. ରାଜ୍ୟ ସରକାର ମେଧାବୃତ୍ତି ଛାତ୍ରଛାତ୍ରୀ ସଂଖ୍ୟା ଯୁକ୍ତ ଦୁଇ, ଯୁକ୍ତ ତିନି ଏବଂ ସ୍ନାତକୋତ୍ତର ଶ୍ରେଣୀ ପାଇଁ ଯଥାକ୍ରମେ ୧୦,୦୦୦, ୩,୦୦୦ ଓ ୧୫୦୦କୁ ବୃଦ୍ଧି କରିଛନ୍ତି । ଯୁକ୍ତ ଦୁଇ, ଯୁକ୍ତ ତିନି ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କ ପାଇଁ ମେଧାବୃତ୍ତି ରାଶି ବାର୍ଷିକ ୩୦୦୦, ୫୦୦୦ ଏବଂ ୧୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ପିତାମାତାଙ୍କର ବାର୍ଷିକ ଆୟ ସୀମାକୁ ୪.୫ଲକ୍ଷ ଟଙ୍କାରୁ ୬.୦୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇ ଏହାଦ୍ୱାରା ୨୪,୫୦୦ ଶିକ୍ଷାର୍ଥୀଙ୍କୁ ଉପକୃତ କରାଯାଇଛି । ଛାତ୍ରୀମାନଙ୍କ ନିମନ୍ତେ ବୃତ୍ତି ପାଇବାକୁ ଆବେଦନ କରିବା ନିମନ୍ତେ ଆବଶ୍ୟକ ସର୍ବନିମ୍ନ ନମ୍ବର ହାର ୭୦ ପ୍ରତିଶତରୁ ୬୦ ପ୍ରତିଶତକୁ ହ୍ରାସ କରାଯାଇଛି । ସେହିଭଳି ବୃତ୍ତିଗତ ପାଠ୍ୟକ୍ରମରେ ଉଚ୍ଚତର ଶିକ୍ଷାଲାଭ କରୁଥିବା ୧୦,୦୦୦ ମେଧାବୀ ଶିକ୍ଷାର୍ଥୀଙ୍କୁ ବାର୍ଷିକ ୧୦,୦୦୦ ଟଙ୍କା ଲେଖାଏଁ ମେଧାବୃତ୍ତି ପ୍ରଦାନ କରାଯାଉଛି । ରାଜ୍ୟ ସରକାର ବିଏସଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍‌ର ମିଳିତ ସହଯୋଗରେ ୭୦୦ଡିଗ୍ରୀ ମହାବିଦ୍ୟାଳୟ ଓ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟକୁ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ଯୋଗାଇ ଦେଇଛନ୍ତି । ୨୦୧୨-୧୩ ବର୍ଷ ଶେଷସୁଦ୍ଧା ଏନ୍‌ଏମ୍‌ଇ-ଆଇସିଟି ପ୍ରକଳ୍ପରେ ଅବଶିଷ୍ଟ କଲେଜଗୁଡ଼ିକୁ ସାମିଲ କରାଯିବ ।

୬୪. ୨୦୧୨-୧୩ ମସିହାରେ କ୍ରୀଡ଼ାରେ ଯୁବଗୋଷ୍ଠୀ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରିବା, ଉତ୍କର୍ଷ ହାସଲ କରିବା ତଥା ଯୁବକ ଯୁବତୀମାନଙ୍କୁ ପ୍ରଗତିଧାରାର ମୁଖ୍ୟସ୍ରୋତରେ ସାମିଲ କରାଇବା ପାଇଁ ମୋ' ସରକାର ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ବିଦ୍ୟାଳୟ ପାଠ୍ୟ ଖସଡ଼ାରେ କ୍ରୀଡ଼ା ଓ ଶାରୀରିକ ଶିକ୍ଷାକୁ ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ସାମିଲ କରିବା ପାଇଁ ପଦକ୍ଷେପ ନିଆଯାଇଛି । ସମସ୍ତ 'ପାଇକା' ଖେଳ ପଡ଼ିଆକୁ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ସ୍ଥାନିତ କରିବା ପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଛି ଏବଂ ସେଥିରେ ଅଦ୍ୟାବଧି ପ୍ରାୟ ୨୦୦୦ ଖେଳପଡ଼ିଆକୁ ଅନ୍ତର୍ଭୁକ୍ତ କରାଯାଇଛି । ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଥିବା ଶିକ୍ଷା ଅଧିକାର ଆଇନ୍ ପରିଚାଳନାଧୀନ ବିଦ୍ୟାଳୟମାନଙ୍କରେ ସାମୟିକ ଶାରୀରିକ ଶିକ୍ଷା ପ୍ରଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ।

୬୫. କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ପାଇଁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ସ୍ପୋର୍ଟସ୍ କଂପ୍ଲେକ୍ସଠାରେ ଫୁଟବଲ ଏବଂ ହକି ଏକାଡେମୀ, ଗୋପାଳପୁରଠାରେ ଭାରୋତ୍ତୋଳନ ଏକାଡେମୀ, ସୁନ୍ଦରଗଡ଼ଠାରେ ତୀରନ୍ଦାଜ ଏକାଡେମୀ, ସମ୍ବଲପୁରଠାରେ ସନ୍ତରଣ ଏକାଡେମୀ ଏବଂ ଏଥି ସହିତ କେନ୍ଦୁଝରଠାରେ ତୀରନ୍ଦାଜୀ, ବାରିପଦାଠାରେ ଫୁଟବଲ ଓ କୋରାପୁଟଠାରେ ଭାରୋତ୍ତୋଳନ ଫିଡର ସେଣ୍ଟର ସ୍ଥାପନ ନିମନ୍ତେ ପଦକ୍ଷେପ ନିଆଯାଇଛି । ବ୍ଲକ୍ ସ୍ତରରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ଏକ ମିନି ଷ୍ଟାଡିୟମ୍ ନିର୍ମାଣ ନିମନ୍ତେ ଏକ ନୂଆ ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଜନାରେ ସମନ୍ୱିତ କ୍ରିୟାଭିମୁଖୀ ଯୋଜନା କାର୍ଯ୍ୟକାରୀ ହେଉଥିବା ଜିଲ୍ଲାମାନଙ୍କୁ ପ୍ରାଥମିକତା ଦେଇ ୫୦ଟି ଏ ଧରଣର ଷ୍ଟାଡିୟମ୍ର ବିକାଶ କରାଯାଉଛି । କ୍ରୀଡ଼ା ଛାତ୍ରାବାସ ଯୋଜନାରେ ଛାତ୍ରାବାସଗୁଡ଼ିକରେ ଅନ୍ତେବାସୀମାନଙ୍କ ସଂଖ୍ୟା ୭୫୦ରୁ ୧୫୦୦କୁ ବୃଦ୍ଧି କରାଯାଇଛି ଏବଂ ଅତିରିକ୍ତ କ୍ରୀଡ଼ାନବୀଶ ଗ୍ରହଣ କରାଯିବା ପାଇଁ ଉଦ୍ୟମ ଜାରି ରହିଛି ।

୬୬. ସହରାଞ୍ଚଳର ଯୁବ ଅନୁଷ୍ଠାନଗୁଡ଼ିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଯୁଥ କ୍ଲବ ପାଇଁ ୧୦ ହଜାର ଟଙ୍କା ଯାଏଁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଏକ ନୂଆ ଯୋଜନା ଆରମ୍ଭ କରାଯାଇଛି । ରାଜ୍ୟ ଯୁବନୀତିର ପ୍ରସ୍ତୁତି ନିମନ୍ତେ ଏକ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି, ଯାହା ସଂପୃକ୍ତ ସରକାରୀ ବିଭାଗ, ବେସରକାରୀ ଅନୁଷ୍ଠାନ, ବିଶାରଦ, ପ୍ରଖ୍ୟାତ ବ୍ୟକ୍ତି ବିଶେଷ, ଯୁବ ସଂଗଠନ ଏବଂ ଅନ୍ୟ ସହଭାଗୀମାନଙ୍କ ସହ ଆଲୋଚନା ପୂର୍ବକ ଏହି ଯୁବନୀତି ପ୍ରସ୍ତୁତ କରିବ । ଏହି ଯୁବ ନୀତି ଯୁବକଯୁବତୀମାନଙ୍କୁ ପ୍ରଗତିଧାରାର ମୁଖ୍ୟ ସ୍ରୋତରେ ସାମିଲ କରିବା, ସେମାନଙ୍କର ଦକ୍ଷତା ବୃଦ୍ଧି, ଲିଙ୍ଗ ଭିତ୍ତିକ ଅଗ୍ରାଧିକାର ଏବଂ ଜୀବିକା ନିର୍ବାହ ଭଳି ପ୍ରସଙ୍ଗ ପ୍ରତି ସମୁଚିତ ଧ୍ୟାନ ଦେବ ।

୬୭. ମୋ' ସରକାର ଜାତୀୟ ସ୍ୱାସ୍ଥ୍ୟ ନୀତି ଆଧାରରେ ରାଜ୍ୟବାସୀଙ୍କୁ ଉଚ୍ଚମାନର ସ୍ୱାସ୍ଥ୍ୟସେବା ପ୍ରଦାନକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଯୋଜନାମାନ ପ୍ରଣୟନ ଓ କାର୍ଯ୍ୟକାରୀ କରିବା ପାଇଁ ନିରନ୍ତର ସମ୍ମିଳିତ ଉଦ୍ୟମ କରି ଆସୁଛନ୍ତି । ଏହା ଫଳରେ ୨୦୦୩ରେ ମାତୃ ମୃତ୍ୟୁ ହାର ୧୦୦୦ରେ ୩୫୮ ରହିଥିବାବେଳେ ୨୦୦୯ରେ ଏହା ୨୫୮କୁ ହ୍ରାସ ପାଇଛି । ୨୦୦୫ରେ ଶିଶୁ ମୃତ୍ୟୁ ହାର ୧୦୦୦ରେ ୭୫ ରହିଥିବାବେଳେ ୨୦୧୧ରେ ଏହା ୫୭କୁ ହ୍ରାସ ପାଇଛି । ଏହା ଗତ ୭ ବର୍ଷ ମଧ୍ୟରେ ସମଗ୍ର ଦେଶରେ ସର୍ବାଧିକ ହ୍ରାସ । ଶିଶୁ ଓ ନବଜାତ ମୃତ୍ୟୁ ହାରରେ ମଧ୍ୟ କ୍ରମାଗତ ହ୍ରାସ ଘଟୁଛି । ଶିଶୁ ମୃତ୍ୟୁ ହାର ହ୍ରାସ ସହ ତାଳ ଦେଇ ୨୦୦୫ରେ ୧୦୦୦ ପିଛା ୫୩ରେ ରହିଥିବା ନବଜାତ ମୃତ୍ୟୁହାର ୨୦୧୦ରେ ୪୨କୁ ହ୍ରାସ ପାଇଛି । ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟାରେ ମଧ୍ୟ ହ୍ରାସ ଘଟିଛି । ଏହା ଫଳରେ ରାଜ୍ୟର ଏ.ପି.ଆଇ ମଧ୍ୟ ୧୦ରୁ ୮.୮କୁ ଖସି ପାରିଛି । ଆନୁଷ୍ଠାନିକ ପ୍ରସୂତି ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି । ୨୦୦୫ରେ ଏହା ୩୬% ଥିବାବେଳେ ୨୦୧୦-୧୧ରେ ଏହା ୮୫%ରେ ପହଞ୍ଚିଛି । ସମ୍ପୂର୍ଣ୍ଣ ଟୀକାକରଣ ୫୩%ରୁ ୮୧%କୁ ବୃଦ୍ଧି ପାଇଛି । ରାଷ୍ଟ୍ରୀୟ ପ୍ରଜନନ ହାରଠାରୁ ଆମ ରାଜ୍ୟର ପ୍ରଜନନ ହାର ଅଧିକ ହୋଇଛି ।

୬୮. ୨୦୧୨ ଅଗଷ୍ଟରୁ ଭୁବନେଶ୍ୱରରେ ନିଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ ୫୦ଜଣ ଛାତ୍ରଛାତ୍ରୀଙ୍କୁ ନେଇ କାର୍ଯ୍ୟାରମ୍ଭ କରିଛି। ମୋ' ସରକାର ରୋଗୀମାନଙ୍କୁ ତ୍ୱରିତ ଜରୁରିକାଳୀନ ଚିକିତ୍ସା ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ 'ଜରୁରିକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା' ଶୀଘ୍ର ପ୍ରଚଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଓ ଭୟାନକ ଜୀବନନାଶକାରୀ ରୋଗରେ ଆକ୍ରାନ୍ତ ରୋଗୀମାନଙ୍କୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ଉପଚାର ପାଣ୍ଠି (ଓ.ଏସ୍.ଟି.ଏଫ୍) ସୃଷ୍ଟି କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ କୋଟି ଟଙ୍କା ଓଡ଼ିଶା ରାଜ୍ୟ ଉପଚାର ପାଣ୍ଠିକୁ ଯୋଗାଇ ଦିଆଯାଇଛି ।

୬୯. ଗ୍ରାମାଞ୍ଚଳରେ ଉନ୍ନତ ସଡକ ଯୋଗାଯୋଗ ଏବଂ ଆନୁଷ୍ଠାନିକ ସହାୟତା ପ୍ରଦାନ କରିବା ପାଇଁ ମୋ' ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ବିଜୁ ସେତୁ ଯୋଜନା, ଆର୍.ଆଇ.ଡି.ଏଫ୍. ଓ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଆଦି ବହୁବିଧ ଯୋଜନା ମାଧ୍ୟମରେ ୨୦୧୨-୧୩ ମଧ୍ୟରେ ୧୦୦ଟି ସେତୁର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୩ ବର୍ଷ ମଧ୍ୟରେ ୬୦୦ଟି ନୂତନ ସେତୁ କେବଳ ବିଜୁ ସେତୁ ଯୋଜନା ଅଧୀନରେ ନିର୍ମାଣ କରାଯିବା ପାଇଁ ସ୍ଥିର ହୋଇଛି । ଚଳିତ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ୩୦୦୦କି.ମି. ଗ୍ରାମ୍ୟ ରାସ୍ତା ସମ୍ପୂର୍ଣ୍ଣ କରିବାକୁ କାର୍ଯ୍ୟକ୍ରମ ରହିଛି। ୨୦୧୩-୧୪ରେ ୫୦୦୦କି.ମି. ଗ୍ରାମ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ଉକ୍ତ ଯୋଜନା ମାଧ୍ୟମରେ ସମ୍ପୂର୍ଣ୍ଣ କରାଯିବାକୁ ମଧ୍ୟ ସ୍ଥିରୀକୃତ ହୋଇଛି । ସେହିଭଳି ୨୦୧୩-୧୪ରେ ୨୨୫ଟି ଗ୍ରାମ୍ୟ କୋଠାବାଡି ସମ୍ପୂର୍ଣ୍ଣ କରିବା ଓ ୧୭୬୬ଟି ନୂତନ ଗ୍ରାମ୍ୟ ଅଟ୍ଟାଳିକା ଓ ଡାକ୍ତରଖାନା ନିର୍ମାଣ କାର୍ଯ୍ୟ ହାତକୁ ନେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

୭୦. ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ଯୋଗାଇ ଦେବା ଉଦ୍ଦେଶ୍ୟରେ ଏ ପର୍ଯ୍ୟନ୍ତ ୩,୩୦,୫୪୩ଟି ପାନୀୟ ଜଳ ଉତ୍ସ ଓ ୭୯୪୬ଟି ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି । ଫ୍ଲୋରାଇଡ୍ ପ୍ରଭାବିତ ଜିଲ୍ଲାଗୁଡିକରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ପାଇପ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ସୁବିଧା ନଥିବା ଗ୍ରାମପଞ୍ଚାୟତଗୁଡିକୁ ଅଗ୍ରାଧିକାର ଭିତ୍ତିରେ ପାନୀୟ ଜଳ ଯୋଗାଇବା ଉପରେ ଗୁରୁତ୍ୱାରୋପ କରାଯାଉଛି ।

୭୧. କେନ୍ଦ୍ର ସରକାରଙ୍କ କେନ୍ଦ୍ର ପ୍ରାୟୋଜିତ ରାସ୍ତା ଯୋଜନା ଅନ୍ତର୍ଗତ ଅର୍ଥନୈତିକ ଗୁରୁତ୍ୱ ଯୋଜନାରେ ଅଦ୍ୟାବଧି ୧୦ଟି ରାସ୍ତା ପ୍ରକଳ୍ପ କେନ୍ଦ୍ର ଓ ରାଜ୍ୟ ଉଭୟର ସମାନୁପାତିକ ଅଂଶଦାନରେ ମଞ୍ଜୁର କରାଯାଇଛି, ଯେଉଁଥିରୁ ୮ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ବାକି ଥିବା ଦୁଇଟି ପ୍ରକଳ୍ପରୁ ଅନ୍ୟତମ ପ୍ରମୁଖ ପ୍ରକଳ୍ପ 'ନାରଣପୁର-ପଣ୍ଡାପଡା-ହରିଚନ୍ଦନପୁର-ବ୍ରାହ୍ମଣୀପାଳ-ଡୁବୁରୀ ରାସ୍ତାର ଉନ୍ନତିକରଣ' ୩୦୨.୦୯କୋଟି ଟଙ୍କା ବ୍ୟୟରେ ଚାଲୁ ରହିଛି, ଯାହା ୨୦୧୩-୧୪ ସୁଦ୍ଧା ପୂର୍ଣ୍ଣାଙ୍ଗ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଆନ୍ତଃରାଜ୍ୟ ଯୋଗାଯୋଗ ଯୋଜନାରେ ମଞ୍ଜୁର କରାଯାଇଥିବା ସମସ୍ତ ୭ଟି ରାସ୍ତା ପ୍ରକଳ୍ପର କାର୍ଯ୍ୟ ୫୭.୯୪କୋଟି ଟଙ୍କା ବ୍ୟୟ କରାଯାଇ ସମ୍ପୂର୍ଣ୍ଣ କରାଯାଇଛି ।

୭୨. ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଏବଂ ବାମପନ୍ଥୀ ଉଗ୍ରବାଦ ଉପଦ୍ରୁତ ଅଞ୍ଚଳ ଦେଇ ଯାଇଥିବା ୧୨୧୯ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏକ ମେଗା ପ୍ରକଳ୍ପ ମୋଟୁ-ମାଲକାନଗିରିରୁ ଯଶୀପୁର-ରାଇରଙ୍ଗପୁରକୁ (ବିଜୟୱାଡା-ରାଞ୍ଚି କରିଡରର ଅଂଶ ବିଶେଷ) ସଂଯୋଗ କରୁଥିବା ଦକ୍ଷିଣ-ଉତ୍ତର କରିଡର ରାଜ୍ୟରେ ନିର୍ମାଣ ହେବାକୁ ରହିଛି । ଏହି କରିଡରରେ ୫୧.୭୦୦କି.ମି. ରାସ୍ତାର ଉନ୍ନତିକରଣ ପାଇଁ ୧୦୦ କୋଟି ଟଙ୍କାର ୪ ଗୋଟି ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁଦାନରୁ ଯୋଜନା କମିଶନ ଅନୁମୋଦନ ପ୍ରଦାନ କରିଥିଲେ । ଏହି ସମସ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ ହୋଇଛି । ପୁନଶ୍ଚ ରାଜ୍ୟ ସରକାରଙ୍କ ଏସ୍.ଏ.ଆର.ସି.ଏ ପାଣ୍ଠିରୁ ୧୨୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତାରେ ବିଜୟୱାଡା-ରାଞ୍ଚି କରିଡର ଅଧୀନସ୍ଥ କୋରାପୁଟ-ରାୟଗଡା ୩୮.୨୫୦ କି.ମି. ଅଂଶ ଏବଂ ଜୟପୁର-ମାଲକାନଗିରି ୧୮.୨୦୦ କି.ମି. ଅଂଶ ରାସ୍ତାର ଉନ୍ନତିକରଣ କାମ ହାତକୁ ନିଆଯାଇଛି । ଏହି ଯୋଜନାରେ କାର୍ଯ୍ୟ କରାଯାଉଥିବା ସମୁଦାୟ ୫୬.୪୫୦ କି.ମି. ରାସ୍ତା ମଧ୍ୟରୁ ୪୫.୭୫୦କି.ମି. ଦୈର୍ଘ୍ୟ ରାସ୍ତାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।

୭୩. ବ୍ରହ୍ମପୁରର ଲାଞ୍ଜିପଲ୍ଲୀ, ଭୁବନେଶ୍ୱରର ପୁନମାଗେଟ୍ ଏବଂ ଭଦ୍ରକର ରାଣିଆଠାରେ ୩ଟି ରୋଡ୍ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । ଏତଦ୍‌ବ୍ୟତୀତ ରାଉରକେଲାର ବାସନ୍ତୀକଲୋନୀ, ଗଞ୍ଜାମର ହଳଦିଆପଦର, କଣ୍ଡାବାଂଝିର ଟିଟିଲାଗଡ, ଯାଜପୁରର ମାନଗୋବିନ୍ଦପୁର, ଢେଙ୍କାନାଳର ସିମୁଳିଆ, ଭୁବନେଶ୍ୱରର ଶହୀଦ୍‌ନଗର, ଲିଙ୍ଗରାଜ ମନ୍ଦିର ରୋଡ୍ ଏବଂ ମଞ୍ଚେଶ୍ୱର ଲେଭଲ୍ କ୍ରସିଂଠାରେ ୮ଟି ରୋଡ୍ ଓଭରବ୍ରିଜ୍ ନିର୍ମାଣାଧୀନ ରହିଛି । ଭୁବନେଶ୍ୱରର ରାଜମହଲଠାରେ ଫ୍ଲାଇଓଭର୍ ସମ୍ପୂର୍ଣ୍ଣ ହେଲାପରେ ଲୋକାର୍ପିତ ହୋଇସାରିଛି ଏବଂ କଟକ ମହାନଗରୀର ନୟାବଜାରଠାରେ ଏହାର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲୁରହିଛି ।

୭୪. ମୋ' ସରକାର ଶିଳ୍ପନୀତି ନିର୍ଦ୍ଧାରଣ-୨୦୦୭ ଏବଂ ଶିଳ୍ପ (ସାଧନ ସୁଯୋଗ) ନିୟମ, ୨୦୦୪ ପରି ଗୁରୁତ୍ୱପୂର୍ଣ୍ଣ ନୀତି ପ୍ରଣୟନ କରି ଏକ ପ୍ରଗତିଶୀଳ ଶିଳ୍ପକ୍ଷେତ୍ର ସୃଷ୍ଟି ନିମନ୍ତେ ବହୁବିଧ ଆଗୁଆ ପଦକ୍ଷେପମାନ ଗ୍ରହଣ କରିଛନ୍ତି । ଏହା ଦ୍ୱାରା ଶିଳ୍ପ ଅଭିବୃଦ୍ଧି ଓ ପୁଞ୍ଜି ବିନିଯୋଗ ନିମନ୍ତେ ପ୍ରୋତ୍ସାହନ କ୍ଷେତ୍ର ବ୍ୟାପକ ହେବା ସହିତ ରାଜ୍ୟର ମୋଟ ଘରୋଇ ଉତ୍ପାଦରେ ଶିଳ୍ପ ଉତ୍ପାଦନ ହାର ବୃଦ୍ଧି କରାଯାଇ ପାରିବା ସଙ୍ଗେ ସଙ୍ଗେ ବ୍ୟାପକ ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପୋଷଣୀୟ ନିଯୁକ୍ତି ସହ ସର୍ବତୋଗ୍ରାହୀ ବିକାଶର ଲକ୍ଷ୍ୟ ହାସଲ କରାଯାଇପାରିବ । ଭାରତ ସରକାରଙ୍କ ଦ୍ୱାରା ଆମ ରାଜ୍ୟ ପାଇଁ ଅନୁମୋଦିତ ୯ଟି ସ୍ୱତନ୍ତ୍ର ଆର୍ଥିକ ଜୋନ୍ ମଧ୍ୟରୁ ୫ଟି ପ୍ରକଳ୍ପର ବିଜ୍ଞପ୍ତି ପ୍ରକାଶ ପାଇସାରିଛି ।

୭୫. ପ୍ଲାଷ୍ଟିକ୍ ଓ ପଲିମର ଶିଳ୍ପର ବିକାଶ ପାଇଁ ଆଇ.ଓ.ସି.ଏଲ.ର ପି.ସି.ପି.ଆଇ.ଆର୍ ରିଫାଇନାରୀ ପରିସରରେ ଗୋଟିଏ ପ୍ଲାଷ୍ଟିକ୍ ପାର୍କ ପ୍ରତିଷ୍ଠା କରାଯାଉଛି । ଭାରତ ସରକାରଙ୍କ ପ୍ଲାଷ୍ଟିକ୍ ପାର୍କ ଯୋଜନା ଅଧୀନରେ ଏହି ପ୍ଲାଷ୍ଟିକ୍ ପାର୍କର ବିକାଶ କରାଯାଉଛି । ଭାରତ ସରକାରଙ୍କ ମେଗା ଫୁଡ୍ ପାର୍କ ଯୋଜନା ଅଧୀନରେ ରାୟଗଡାରେ ମେସର୍ସ ମିଟସ୍ ମେଗା ଫୁଡ୍ ପାର୍କ ଲିଃ(ଏମ୍.ଏମ୍.ଏଫ୍.ପି.ଏଲ୍.) ଓ ଇଡ୍‌କୋ ଦ୍ୱାରା ଅଂଶୀଦାରୀ ସୂତ୍ରେ ସରକାରୀ-ଘରୋଇ ସହଭାଗିତା (ପିପିପି) ଭିତ୍ତିରେ ଏକ ବୃହତ୍ ଖାଦ୍ୟ ପାର୍କ ପ୍ରତିଷ୍ଠା କରାଯାଉଛି । ଅନୁଗୋଳର ନାଲକୋ ସ୍ମେଲଟର୍ ପ୍ଲାଣ୍ଟ ନିକଟରେ ୪୫୦ ଏକର ଜମିରେ ଇଡ୍‌କୋ ଓ ନାଲ୍‌କୋ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହୋଇ ଏକ

ସହାୟକ ଏବଂ ଅନୁଗାମୀ ଆଲୁମିନିୟମ୍ ପାର୍କ ପ୍ରତିଷ୍ଠା କରାଯାଉଛି । ମେସର୍ସ ଅନୁଗୋଳ ଆଲୁମିନିୟମ୍ ପାର୍କ ଲିଃ (ଏ.ଏ.ପି.ଏଲ) ନାମରେ ଏକ ଯୁଗ୍ମ ପରିଚାଳନା କମ୍ପାନୀ ଇଡ୍କୋ ଓ ନାଲକୋ ମଧ୍ୟରେ ଯଥାକ୍ରମେ ୫୦.୫:୪୯.୫ ଅଂଶଧନରେ ଗଠନ କରାଯାଇଛି ।

୭୬. କୋଲବ୍ଲକଗୁଡ଼ିକରୁ ବାର୍ଷିକ ୧୮୭ ମିଲିଅନ ଟନ୍ କୋଇଲା ଉତ୍ତୋଳନ ନିମନ୍ତେ ମୋ' ସରକାର ୬୦୦୦ କୋଟି ଟଙ୍କା ପୁଞ୍ଜି ବିନିଯୋଗରେ ଅନୁଗୋଳ - ଛେଣ୍ଡିପଦା ରେଳ କରିଡରର ବିକାଶ ପାଇଁ ରେଳଲାଇନ୍ ବିଛେଇବା, ଚାରି ଲେନ୍ ବିଶିଷ୍ଟ ରାସ୍ତା ତିଆରି କରିବା ଏବଂ ଜଳଯୋଗାଣର ସୁବନ୍ଦୋବସ୍ତ କରାଇବା ଭଳି କେତେଗୁଡ଼ିଏ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

୭୭. ଗୋଟିଏ ଦେଶର ଆର୍ଥିକ ଓ ସାମାଜିକ ବିକାଶ କ୍ଷେତ୍ରରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ଉପଲବ୍ଧି କରି ମୋ' ସରକାର ଗତବର୍ଷ ନୂଆକରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସୃଷ୍ଟି କରିଥିଲେ ଏବଂ ଏହି କ୍ଷେତ୍ରକୁ ପରିପୁଷ୍ଟ କରିବା ପାଇଁ ବିଭାଗ ଅନେକଗୁଡିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଭବିଷ୍ୟାପେକ୍ଷୀ ଉଦ୍ୟୋଗୀମାନଙ୍କୁ ଅବାଧ ସେବା ପ୍ରଦାନ କରିବା ପାଇଁ ଅନ୍‌ଲାଇନରେ ଉଦ୍ୟୋଗ- ବିବରଣୀ ପତ୍ର ଦାଖଲ କରିବା ଆରମ୍ଭ କରାଯାଇଛି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକୁ ବିପଣନ ସହାୟତା ପ୍ରଦାନ କରିବା ପାଇଁ ୨୦୧୩ ଜାନୁଆରୀ ୧ରୁ ୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ଓଡ଼ିଶା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆନ୍ତର୍ଜାତିକ ବାଣିଜ୍ୟ ମେଳା ଅନୁଷ୍ଠିତ ହୋଇଥିଲା, ଯାହା ଘଟଣାକ୍ରମେ ସମସ୍ତ ଔଦ୍ୟୋଗିକ କାର୍ଯ୍ୟକଳାପ ପାଇଁ ଏକକ ବିପଣନ ପେଣ୍ଠସ୍ଥଳ ସଦୃଶ ହୋଇପାରିଥିଲା । ୨୦୦ଟି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏଥିରେ ଅଂଶଗ୍ରହଣ କରି ନିଜ ନିଜର ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ କରିଥିଲେ । ଏହି ବାଣିଜ୍ୟ ମହାକୁମ୍ଭରେ ୧ ଲକ୍ଷ ୪୦ ହଜାର ପରିଦର୍ଶକ ୨୦କୋଟି ଟଙ୍କାର ବ୍ୟବସାୟକୁ ରୂପାନ୍ତରିତ ହୋଇପାରିବାର ସାମର୍ଥ୍ୟ ରଖିଥିବା ବାଣିଜ୍ୟିକ ଅନୁସନ୍ଧାନ କରିଥିଲେ ଏବଂ ୨ କୋଟି ଟଙ୍କା ମୂଲ୍ୟର ଭବିଷ୍ୟତ ବ୍ୟବସାୟିକ ଆଦେଶନାମା ମିଳିଥିଲା । ଏହି ମେଳାରେ ଆତ୍ମନିଯୁକ୍ତି ସୁଯୋଗ ବୃଦ୍ଧି ନିମନ୍ତେ ୪୦,୦୦୦ ଯୁବକଯୁବତୀଙ୍କୁ ପ୍ରଦର୍ଶିତ ବିଭିନ୍ନ ବୈଷୟିକ ଜ୍ଞାନକୌଶଳ ବ୍ୟାଖ୍ୟା କରାଯାଇଥିଲା । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶର ବିଭିନ୍ନ ଦିଗ ଉପରେ ଆଲୋଚନା ଚକ୍ର ଏବଂ ବୃହତ୍ ଉଦ୍ୟୋଗ ଓ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକ ମଧ୍ୟରେ ବାଣିଜ୍ୟିକ ବୈଠକମାନ ଅନୁଷ୍ଠିତ ହୋଇଥିଲା ।

୭୮. ବିଭିନ୍ନ ସରକାରୀ ବିଭାଗ ଓ କେନ୍ଦ୍ରୀୟ ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଙ୍ଗଗୁଡିକ ଦ୍ୱାରା କ୍ରୟ କରାଯାଉଥିବା ଯନ୍ତ୍ରାଂଶ ଓ ଅନ୍ୟାନ୍ୟ ସାମଗ୍ରୀଗୁଡିକର ଠିକା ମୂଲ୍ୟ ସ୍ଥାନୀୟ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଙ୍କ ସହିତ ଚୁକ୍ତି ଦ୍ୱାରା ନିର୍ଦ୍ଧାରଣ କରାଯାଇ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକୁ ବିପଣନ ସହାୟତା ଯୋଗାଇ ଦିଆଯାଇଛି । ସମ୍ପ୍ରତି ୮୧୪ଟି ଅଣୁ ଓ କ୍ଷୁଦ୍ର ଉଦ୍ୟୋଗକୁ ୬୩ଟି ଷ୍ଟୋର ସାମଗ୍ରୀର ସ୍ଥିରୀକୃତ ଠିକା ମୂଲ୍ୟର ଚୁକ୍ତି ପ୍ରାପ୍ତ ହୋଇସାରିଛି । ପ୍ରମାଣପତ୍ର ପଞ୍ଜୀକରଣ ପାଇଁ ନିର୍ଦ୍ଧାରିତ ସମୟ ସୀମାକୁ ଏକ ମାସରୁ ୧୫ ଦିନକୁ କମାଇ ଦିଆଯାଇଛି । ରପ୍ତାନୀ ବୃଦ୍ଧି ନିମନ୍ତେ ଓଡ଼ିଶା ରାଜ୍ୟ ରପ୍ତାନୀ ନୀତିର ଚିଠା ପ୍ରସ୍ତୁତ ସରିଛି ଓ ଏହା ଚୂଡାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି । ୨୦୧୩-୧୪ ମଧ୍ୟରେ ୬୩୦ କୋଟି ଟଙ୍କା ପୁଞ୍ଜିନିବେଶ ମାଧ୍ୟମରେ ୬୩୦୦ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ପ୍ରୋତ୍ସାହନ ଦିଆଯାଇ ୩୭,୮୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବାର ଲକ୍ଷ୍ୟଧାର୍ଯ୍ୟ ହୋଇଛି । ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ବର୍ଷକୁ ୩୧,୧୭୦ଟି ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପକୁ ପ୍ରୋତ୍ସାହିତ କରାଯାଇ ୬୨,୩୪୦ ଜଣ କାରିଗରମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ଓ ୩,୧୧,୭୦୦ ଲୋକଙ୍କ ପାଇଁ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ସହ ୧୦୭.୩୫ କୋଟି ଟଙ୍କା ସବ୍‌ସିଡି ଆକାରରେ ପ୍ରଦାନ କରାଯିବା ପାଇଁ ପ୍ରସ୍ତାବ ରଖାଯାଇଛି ।

୭୯. ଗ୍ରାମାଞ୍ଚଳରେ ବସବାସ କରୁଥିବା ନାଗରିକମାନଙ୍କୁ ସେମାନଙ୍କ ଦ୍ୱାରଦେଶରେ ଏକୀକୃତ ତଥା ବ୍ୟୟସାପେକ୍ଷ ସରକାରୀ, ଘରୋଇ ଓ ସାମାଜିକ କ୍ଷେତ୍ରର ସେବା ତତ୍କାଳ ଉପଲବ୍ଧ କରାଇବା ନିମନ୍ତେ ଜାତୀୟ ଇ-ଗଭର୍ଣ୍ଣାନ୍ସ୍ ଯୋଜନା (ଏନ୍‌ଇଜିପି) ଅଧୀନରେ ୫୩୧୭ଟି ଜନସେବା କେନ୍ଦ୍ର ଖୋଲାଯାଇଛି ।

ଆୟ, ଜାତି, ବାସସ୍ଥାନ, ସଲ୍‌ଭେନ୍‌ସି ଓ ଉତ୍ତରାଧିକାରୀ ପ୍ରମାଣପତ୍ର ଭଳି ୫ଟି ସେବା ଯୋଗାଇଦେବା ଲକ୍ଷ୍ୟରେ ଗଞ୍ଜାମ ଓ ମୟୂରଭଞ୍ଜ ଜିଲ୍ଲାରେ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇଥିବା ଇ-ଜିଲ୍ଲା ପ୍ରକଳ୍ପକୁ ୨୦୧୩-୧୪ ବର୍ଷରୁ ରାଜ୍ୟର ଅନ୍ୟ ଜିଲ୍ଲାଗୁଡିକୁ ସମ୍ପ୍ରସାରିତ କରାଯାଉଛି ।

ଜାତୀୟ ଇ-ଗଭର୍ଣ୍ଣାନ୍ସର ଏକ ସମର୍ପିତ ପ୍ରକଳ୍ପ ଭାବେ ପୌରାଞ୍ଚଳଗୁଡ଼ିକ ପାଇଁ ଇ-ମ୍ୟୁନିସିପାଲିଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ନାଗରିକମାନଙ୍କୁ ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ଦକ୍ଷତାର ସହିତ ଫଳପ୍ରଦ ସମନ୍ୱିତ ପୌରସେବା ଯୋଗାଇଦେବା ହେଉଛି ଏହି ପ୍ରକଳ୍ପର ଉଦ୍ଦେଶ୍ୟ ।

ଏକ ପ୍ରମୁଖ ଇ-ଗଭର୍ଣ୍ଣାନ୍ସ ଉପକ୍ରମ ଭାବରେ ଭୂ-ସମ୍ପତ୍ତି ରେଜିଷ୍ଟ୍ରେସନ ସମ୍ପର୍କିତ ସମସ୍ତ ସେବା (ଯଥା: ସମ୍ପତ୍ତି ରେଜିଷ୍ଟ୍ରେସନ୍, ମୂଲ୍ୟାୟନ,ଦଲିଲ୍ କମ୍ପ୍ୟୁଟରୀକରଣ ଓ ସଂରକ୍ଷଣ ପୁରୁଣା ନଥିପତ୍ରର ଅନ୍‌ଲାଇନ୍ ଠାବ ତଥା ରେକର୍ଡ ପରିଚାଳନା) ଅନାୟାସରେ ସ୍ୱଚ୍ଛତା ଓ ବିଶ୍ୱସନୀୟତାର ସହ ଉପଲବ୍ଧ କରାଇବା ହେଉଛି 'ଇ-ଧରଣୀ' (ଇ-ରେଜିଷ୍ଟ୍ରେସନ୍ ) ପ୍ରକଳ୍ପର ଲକ୍ଷ୍ୟ । ରାଜ୍ୟର ସମସ୍ତ ୧୭୭ଟି ସମ୍ପତ୍ତି ପଞ୍ଜିକରଣ (ରେଜିଷ୍ଟ୍ରେସନ୍) କାର୍ଯ୍ୟାଳୟରେ ଏହି ପ୍ରକଳ୍ପକୁ ଓଡ଼ିଶା ଇ-ଗଭର୍ଣ୍ଣାନ୍ସ୍ ସେବା ସଂସ୍ଥା (ଓକାକ୍ ଓ ଆଇଏଲ୍ ଆଣ୍ଡ୍ ଏଫ୍ଏସ୍‌ର ସ୍ୱତନ୍ତ୍ର ସଂସ୍ଥା) ଦ୍ୱାରା ସରକାରୀ ଘରୋଇ ସହଭାଗିତାରେ କାର୍ଯ୍ୟକାରୀ କରାଯାଇଛି । ସମ୍ପତ୍ତି ରେଜିଷ୍ଟ୍ରେସନ ବ୍ୟବସ୍ଥାରେ ସଂସ୍କାର ଆଣି ଏହାକୁ ଅଧିକ ସରଳ, ସଠିକ୍, ନିର୍ଭୁଲ ଏବଂ ତ୍ୱରିତ କରାଯାଇ ବିକ୍ରୀ-ଖରିଦ୍ କବଲା ପାଇବାରେ ପୂର୍ବରୁ ଘଟୁଥିବା ବିଳମ୍ବକୁ ବହୁ ପରିମାଣରେ କମାଯାଇପାରିଛି ।

୮୦. ଜଙ୍ଗଲ ଭିତରେ କିମ୍ବା ଜଙ୍ଗଲ ସୀମାରେ ଅବସ୍ଥିତ ୧୨ଟି ଗ୍ରାମରେ 'ଗ୍ରାମ୍ୟ ବିଦ୍ୟୁତ୍ ଶକ୍ତି ସୁରକ୍ଷା କାର୍ଯ୍ୟକ୍ରମ' (ଭି.ଇ.ଏସ୍.ପି) ଅଧୀନରେ ୧୨ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଯେଉଁ ଅପହଞ୍ଚ ଜନବସତି ଓ ଗ୍ରାମଗୁଡ଼ିକରେ ଗ୍ରୀଡ୍ ମାଧ୍ୟମରେ ବିଦ୍ୟୁତ୍ ସଂଯୋଗୀକରଣ ସମ୍ଭବ କିମ୍ବା ବ୍ୟୟସାଶ୍ରୟୀ ନୁହେଁ ସେଠାରେ 'ଅଗମ୍ୟ ଗ୍ରାମ ବିଦ୍ୟୁତୀକରଣ ଯୋଜନା' ମାଧ୍ୟମରେ ଅଣ ପାରମ୍ପରିକ ଶକ୍ତି (ସୌର ଶକ୍ତି) ଦ୍ୱାରା ବିଦ୍ୟୁତ୍ ସଂଯୋଗ କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ରାଜ୍ୟର ୧୮ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ବର୍ତ୍ତମାନ ସୁଦ୍ଧା ୮୯୩ଟି ଅଗମ୍ୟ ଗ୍ରାମ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି ।

ସୌର ଫଟୋ ଭୋଲ୍‌ଟାଇକ (ଏସ୍.ପି.ଭି.) କାର୍ଯ୍ୟକ୍ରମ ଅଧୀନରେ ଏକ ୬୫୦ ୱାଟ କ୍ଷମତା ବିଶିଷ୍ଟ ସୌର ଫଟୋ ଭୋଲ୍‌ଟାଇକ ଶକ୍ତି ଉତ୍ପାଦନ କେନ୍ଦ୍ର ବଡଚେମେରା ସେବାଶ୍ରମଠାରେ ଏବଂ ୨ କିଲୋୱାଟ୍ କ୍ଷମତା ବିଶିଷ୍ଟ ସୌର ଶକ୍ତି ଉତ୍ପାଦନ କେନ୍ଦ୍ର ନବରଙ୍ଗପୁର ଜିଲ୍ଲାର ପାଲିଆ ସେବାଶ୍ରମଠାରେ ସ୍ଥାପନ କରାଯାଇଛି । ଏତଦ୍‌ବ୍ୟତୀତ ୬୫୦ ୱାଟ୍ କ୍ଷମତା ବିଶିଷ୍ଟ ସୌର ଫଟୋ ଭୋଲଟାଇକ୍ ଶକ୍ତି ଉତ୍ପାଦନ କେନ୍ଦ୍ର କଳାହାଣ୍ଡି ଜିଲ୍ଲାର ଗୁଣୁପୁର ଉଚ୍ଚ ବିଦ୍ୟାଳୟଠାରେ ସ୍ଥାପନ କରାଯାଇଛି । ଚଳିତବର୍ଷ ଗଜପତି ଜିଲ୍ଲାରେ ଦୁଇଟି ଏବଂ ସୁନ୍ଦରଗଡ ଜିଲ୍ଲାରେ ଦୁଇଟି ଏହିଭଳି ଚାରୋଟି ଆଶ୍ରମ ସ୍କୁଲ୍‌ରେ ୨କିଲୋୱାଟ୍ କ୍ଷମତା ବିଶିଷ୍ଟ ସୌର ଫଟୋଭୋଲଟାଇକ୍ ଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯାଇଛି । ଏତଦ୍‌ବ୍ୟତୀତ ୨କିଲୋୱାଟର ଏକ ସୌର ଫଟୋ ଭୋଲ୍‌ଟାଇକ୍ ଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯାଇ ମା'କାଳିଜାଈ ମନ୍ଦିରର ଆଲୋକୀକରଣ କରାଯାଇଛି ।

୮୧. ରାଜ୍ୟର ନିଜସ୍ୱ ମାଲିକାନାରେ ଥିବା ଉଦ୍ୟୋଗଗୁଡ଼ିକର ସୁପରିଚାଳନା ତଥା ଏହି କ୍ଷେତ୍ରରେ ସର୍ବାଧିକ ଅଭିବୃଦ୍ଧି ହାସଲ ନିମନ୍ତେ ଅର୍ଥନୈତିକ ଏବଂ ମାନବସମ୍ବଳ ପୁନର୍ବିନ୍ୟାସ ଭଳି ବହୁବିଧ ଉପକ୍ରମ ମୋ' ସରକାର ସରକାରୀ ଉଦ୍ୟୋଗଗୁଡ଼ିକର ସଂସ୍କାର ନିମନ୍ତେ ଗ୍ରହଣ କରିଛନ୍ତି । ରାଜ୍ୟ ସରକାରୀ ଉଦ୍ୟୋଗଗୁଡ଼ିକର କାର୍ଯ୍ୟ ପ୍ରଣାଳୀରେ ଅଧିକ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱବୋଧ ଆଣିବା ପାଇଁ ତଥା ଏକ ସୁସ୍ଥ ପ୍ରଶାସନିକ ରୀତି ଅନୁସୃତ କରାଇବାର ଏକ ବ୍ୟବସ୍ଥା ପ୍ରଚଳନ କରିବା ଉଦ୍ଦେଶ୍ୟରେ ମୋ' ସରକାର କର୍ପୋରେଟ୍ ଗଭର୍ଣ୍ଣାନ୍ସ ମାନୁଆଲର ପ୍ରବର୍ତ୍ତନ କରିଛି । ରାଜ୍ୟ ସରକାର କେନ୍ଦ୍ର ସରକାରୀ ଉଦ୍ୟୋଗ ଢ଼ାଞ୍ଚାରେ ରାଜ୍ୟ ସରକାରୀ ଉଦ୍ୟୋଗଗୁଡ଼ିକୁ ସେମାନଙ୍କର କାର୍ଯ୍ୟ ଦକ୍ଷତା ଅନୁଯାୟୀ ପ୍ଲାଟିନମ୍, ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ଆଦିରେ ବର୍ଗୀକରଣ ପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ସେମାନଙ୍କୁ କାର୍ଯ୍ୟ ନିର୍ବାହର କେତେକ ନିର୍ବାଚିତ କ୍ଷେତ୍ରରେ ପର୍ଯ୍ୟାପ୍ତ ସ୍ୱଶାସନ କ୍ଷମତା ପ୍ରଦାନ କରିଛନ୍ତି । ସରକାରୀ ଉଦ୍ୟୋଗଗୁଡ଼ିକର ବହକା ଇଚ୍ଛୁକ କର୍ମଚାରୀମାନଙ୍କୁ ସୋସିଆଲ୍ ସେଫ୍‌ଟି ନେଟ୍ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କ ଦକ୍ଷତା ଏବଂ ମାନ ବୃଦ୍ଧି ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱରୋଜଗାରକ୍ଷମ କରାଯାଇଛି ।

୮୨. ମୋ' ସରକାର ଓଡ଼ିଶା ଜନସେବା ଅଧିକାର ଅଧିନିୟମ, ୨୦୧୨ ପ୍ରଣୟନ କରି ଜାନୁଆରୀ ୨୦୧୩ରୁ ଏହାକୁ କାର୍ଯ୍ୟକାରୀ କରାଇବା ଆରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୭ଟି ବିଭାଗର ୩୪ଟି ଜନସେବା ନିର୍ଦ୍ଧାରିତ ସମୟସୀମା ଭିତରେ ପ୍ରଦାନ କରିବା ଲକ୍ଷ୍ୟରେ ଏହା ପ୍ରବର୍ତ୍ତନ କରାଯାଇଛି ।

୮୩. ରାଜ୍ୟରେ ସର୍ବତୋଗ୍ରାହୀ ସହରାଞ୍ଚଳ ବିକାଶ ବ୍ୟବସ୍ଥା ପ୍ରବର୍ତ୍ତନ କରିବା ଉଦ୍ଦେଶ୍ୟରେ ମୋ’ ସରକାର ଅନେକଗୁଡ଼ିଏ ଉପକ୍ରମ ଗ୍ରହଣ କରିଛନ୍ତି । ୨୦୧୨-୧୩ରେ ବ୍ୟୟ ସାପେକ୍ଷ ବାସଗୃହ ଯୋଜନା ଓଡ଼ିଶା ବସ୍ତିବାସିନ୍ଦାଙ୍କ ସମ୍ପତ୍ତି ଅଧିକାର ଓ ନୂତନ ବସ୍ତି ନିର୍ମାଣ ପ୍ରତିରୋଧ ବିଲ୍, ରାସ୍ତା ଆଲୋକୀକରଣ, କଠିନ ବର୍ଜ୍ୟବସ୍ତୁ ଅପସାରଣ ଓ ସହରାଞ୍ଚଳ ବସ୍ ସେବା ପାଇଁ ସରକାରୀ-ଘରୋଇ ଭାଗିଦାରୀକୁ ପ୍ରୋତ୍ସାହନ, ସହରାଞ୍ଚଳର ଯୁବକଯୁବତୀମାନଙ୍କୁ ନିଯୁକ୍ତି ଭିତ୍ତିକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ, ଓଡିଶା ସହରାଞ୍ଚଳ ଉଠାଦୋକାନୀ ନୀତି, କଟକ, ଭୁବନେଶ୍ୱର, ରାଉରକେଲା ଓ ପୁରୀ ନିମନ୍ତେ ବସ୍ତିମୁକ୍ତ ନଗର ଯୋଜନା ଏବଂ ଆଠଟି ସହରରେ ସହରାଞ୍ଚଳ ପରିମଳ ଯୋଜନା ଆଦି ପ୍ରମୁଖ ପଦକ୍ଷେପ ଗ୍ରହଣ କରିଛନ୍ତି।

୮୪. ପୁରୀ-କୋଣାର୍କ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ପାରାଦୀପ, ତାଳଚେର-ଅନୁଗୋଳ, କଳିଙ୍ଗନଗର ଓ ଝାରସୁଗୁଡ଼ା ଆଦି ୭ଟି ଉନ୍ନୟନ କର୍ତ୍ତୃପକ୍ଷ ଅଧୀନସ୍ଥ ସହରାଞ୍ଚଳରେ ଭୌଗଳିକ ସୂଚନା ପ୍ରଣାଳୀ ଆଧାରିତ ବିସ୍ତୃତ ବିକାଶ ଯୋଜନା ପ୍ରସ୍ତୁତି ପ୍ରକ୍ରିୟା ଚାଲୁ ରହିଛି। ସେହିପରି, ପୁରୀ-କୋଣାର୍କ, ବ୍ରହ୍ମପୁର, ସମ୍ବଲପୁର, ତାଳଚେର-ଅନୁଗୋଳ-ମେରାମୁଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷମାନଙ୍କ ପାଇଁ କୋଠାବାଡ଼ି ମାନକ ନିୟାମକ ଚୂଡାନ୍ତ କରାଯାଇଛି।

୮୫. ରାତ୍ରି ଆଶ୍ରୟସ୍ଥଳୀ ଏବଂ ଗୋଷ୍ଠୀ ଓ ସର୍ବସାଧାରଣ ଶୌଚାଳୟ ନିର୍ମାଣ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଚେଷ୍ଟା ଆରମ୍ଭ କରାଯାଇଛି। ରାଜୀବ ଆବାସ ଯୋଜନା ଅଧୀନରେ କଟକ ଓ ଭୁବନେଶ୍ୱର ମହାନଗର ପାଇଁ ୨୬୮ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ନୂତନ ପ୍ରକଳ୍ପ ସବୁ କାର୍ଯ୍ୟାନ୍ୱୟନର ବିଭିନ୍ନ ସ୍ତରରେ ରହିଛି। ୨୦୧୨-୧୩ ବର୍ଷରେ ୩୬୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୧୮ ଗୋଟି ବୃହତ୍ ପାନୀୟଜଳ ପ୍ରକଳ୍ପ ଓ ୪୩୪ଟି କ୍ଷୁଦ୍ର ପ୍ରକଳ୍ପ ହାତକୁ ନିଆଯାଇଛି, ଯାହାଦ୍ୱାରା ୧,୧୮,୦୦୦ ପରିବାର ଉପକୃତ ହେବା ଆଶା ରଖାଯାଇଛି। ଜଳାଭାବ ଥିବା ସହରାଞ୍ଚଳରେ ୨୦୦୦ଟି ନଳକୂପ ଖନନ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ସିମେଣ୍ଟ କଂକ୍ରିଟ୍ ରୋଡ୍, କଲ୍ୟାଣମଣ୍ଡପ, ବସ୍‌ଷ୍ଟାଣ୍ଡ ଏବଂ କମ୍ୟୁନିଟି ହଲ୍ ନିର୍ମାଣ କରାଯିବା ସକାଶେ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାକୁ ଅର୍ଥ ସହାୟତା ପ୍ରଦାନ କରିବା ପାଇଁ ଏକ ବୃହତର ପ୍ରୟାସ ହାତକୁ ନିଆଯାଇଛି। ସହରାଞ୍ଚଳର ସବୁ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରକୁ ପାଇପ୍ ଜଳ ଯୋଗାଣ ଏବଂ ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଛି।

୮୬. ସହରାଞ୍ଚଳ ଗମନାଗମନରେ ବସ୍ ସେବା ପରିସର ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ଓ ପୁରୀ ଟ୍ରାନ୍ସପୋର୍ଟ ଲିମିଟେଡ୍‌କୁ କଟକ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି ଏବଂ ପ୍ରଚଳିତ ରୁଟ୍‌ରେ ତଥା ନୂଆ ବର୍ଦ୍ଧନଯୋଗ୍ୟ ରୁଟ୍‌ରେ ଅଧିକ ୬୦ଟି ବସ୍ ଚଳାଚଳ ନିମନ୍ତେ ଅର୍ଥ ମଞ୍ଜୁର କରାଯାଇଛି। ବ୍ରହ୍ମପୁର ସହରରେ ସିଟି ବସ୍ ସେବା ଆରମ୍ଭ ସହିତ ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ହିଞ୍ଜିଳିକାଟୁ ମଧ୍ୟରେ ଆନ୍ତଃସହର ବସ୍ ସେବା ପାଇଁ ମଧ୍ୟ ଅର୍ଥ ମଞ୍ଜୁର କରାଯାଇଛି।

୮୭. ଜନ୍ମମୃତ୍ୟୁ ପ୍ରମାଣପତ୍ର, ବିବାହ ପ୍ରମାଣପତ୍ର, ବ୍ୟବସାୟ ଲାଇସେନ୍ସ, କୋଠାବାଡି ପ୍ଲାନ୍ ଅନୁମୋଦନ, ଭୋଗ ଦଖଲ ପ୍ରମାଣପତ୍ର, ଜଳଯୋଗାଣ ସଂଯୋଗ, ନଳକୂପ ମରାମତି ଭଳି ଅନେକଗୁଡ଼ିଏ ପୌର ସେବାକୁ ଓଡ଼ିଶା ଜନସେବା ପ୍ରଦାନ ଆଇନ ପରିସରଭୁକ୍ତ କରାଯାଇ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାକୁ ଅଧିକ ଦାୟିତ୍ୱ ସମ୍ପନ୍ନ କରାଯାଇଛି।

୮୮. ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ଶକ୍ତି ଯୋଗାଣ ଏବଂ ସମସ୍ତ ଗ୍ରାମ ତଥା ବସତିଗୁଡ଼ିକର ବିଦ୍ୟୁତିକରଣକୁ ମୋ’ ସରକାର ଅଗ୍ରାଧିକାର ଦେଉଛନ୍ତି। ବିଜୁ ଗ୍ରାମ ଜ୍ୟୋତିରେ ଏଯାବତ୍ ୧୦,୭୭୮ ବସତି ଓ ୧,୩୦,୦୬୪ ବିପିଏଲ୍ ପରିବାରକୁ ବିଦ୍ୟୁତ ଯୋଗାଇ ଦିଆଯାଇଛି। ବିଜୁ ସହରାଞ୍ଚଳ ବିଦ୍ୟୁତିକରଣ ଯୋଜନାରେ ୧୦୫୮ ବସତି ଓ ୮୬୩୬ ବିପିଏଲ୍ ପରିବାରକୁ ବିଦ୍ୟୁତ ଯୋଗାଣ କରାଯାଇଛି । ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନାରେ ବିଦ୍ୟୁତ ସଂଯୋଗ ନଥିବା ଓ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ୧୪,୩୦୩ଟି ଗ୍ରାମ ଏବଂ ଆଂଶିକ ବିଦ୍ୟୁତିକରଣ ହୋଇଥିବା ୨୪,୦୪୪ଟି ଗ୍ରାମରେ ବିଦ୍ୟୁତ ସଂଯୋଗ ପ୍ରଦାନ କରାଯାଇଛି, ୨୭,୯୪,୨୭୮ଟି ବିପିଏଲ କିଟ୍ ସ୍ଥାପିତ ହୋଇଛି ଓ ୧୬,୨୦,୫୬୯ଟି ବିପିଏଲ ତାଲିକାଭୁକ୍ତ ପରିବାରର ଗୃହ ବିଦ୍ୟୁତିକରଣ କରାଯାଇଛି । ୧୯୨ଟି ୩୩/୧୧ କେଭି ସବଷ୍ଟେସନ୍‌ର କ୍ଷମତା ବୃଦ୍ଧି କରାଯାଇଛି, ୧୩ଟି ୩୩/୧୧ କେଭି ନୂଆ ସବ୍‌ଷ୍ଟେସନ ସ୍ଥାପନ କରାଯାଇଛି, ୩୪୭ ସର୍କିଟ୍ କିଲୋମିଟରର ୩୩ କେଭି ଫିଡର ଲାଇନ ଓ ୨୮୪୦ ସର୍କିଟ୍ କିଲୋମିଟରର ୧୧ କେଭି ଫିଡର ବିଦ୍ୟୁତ ଲାଇନ ଟଣା ଯାଇଛି ।

୮୯. କେବିକେ ଜିଲ୍ଲାଗୁଡିକରେ ବିଦ୍ୟୁତ ଯୋଗାଣକୁ ସୁଦୃଢ଼ କରିବାର ଲକ୍ଷ୍ୟ ନେଇ ଜିଲ୍ଲାର ଦୁର୍ଗମ, ପାହାଡିଆ ଓ ବିଚ୍ଛିନ୍ନାଞ୍ଚଳଗୁଡ଼ିକୁ ବିଦ୍ୟୁତ ଯୋଗାଣ ନିମନ୍ତେ ସଂଶୋଧିତ ଦୀର୍ଘମିଆଦୀ କାର୍ଯ୍ୟାନ୍ୱୟନ ଯୋଜନା (ଆର.ଏଲ.ଟି.ଏ.ପି)ରେ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି। ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣ ଓ ଅଣଲାଭପ୍ରଦ ସଂଯୋଗୀ ସରବରାହ ଲାଇନ ଟାଣିବା ପାଇଁ ରାଜ୍ୟ ସରକାର ଓ.ପି.ଟି.ସି.ଏଲ୍.କୁ ୫ ବର୍ଷ ଅବଧି ପାଇଁ ମୋଟ ୩୦୦ କୋଟି ଟଙ୍କାର ଇକ୍ୱିଟି ସହାୟତା ଆକାରରେ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଦୁର୍ଘଟଣା ଏଡାଇବା ନିମନ୍ତେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅଙ୍ଗନବାଡି ପରିସରରୁ ଟ୍ରାନ୍ସଫର୍ମର ସ୍ଥାନାନ୍ତର ନିମନ୍ତେ ଏକ ପ୍ରସ୍ତାବ ଗ୍ରହଣ କରାଯାଇଛି।

୯୦. ରାଜ୍ୟରେ ଅଣପାରମ୍ପରିକ ଶକ୍ତି ଉତ୍ସର ବିକାଶ ନିମନ୍ତେ ଓ.ଏଚ୍.ପି.ସି.ର ଏକ ସହାୟକ ସଂସ୍ଥା ରୂପେ ସବୁଜ ଶକ୍ତି ଉନ୍ନୟନ ନିଗମ (ଜି.ଇ.ଡ଼ି.ସି.ଓ) ଗଠିତ ହୋଇଛି। ଚଳିତ ବର୍ଷ ପର୍ଯ୍ୟାପ୍ତ ବର୍ଷା ଓ ଜଳର ସୁପରିଚାଳନା ଯୋଗୁଁ ଜଳବିଦ୍ୟୁତ ଶକ୍ତି ଉତ୍ପାଦନ କ୍ଷେତ୍ରରେ ରାଜ୍ୟ ଉତ୍ତମ ସ୍ଥିତିରେ ଅଛି।

୯୧. ୧୦୦ ଗ୍ରୀଡ୍ ସବ୍‌ଷ୍ଟେସନ୍, ୧୦୮୯୭ ଏମ୍.ଭି.ଏ ରୂପାନ୍ତରଣ କ୍ଷମତା ଏବଂ ୧୧,୩୪୪ ସର୍କିଟ କିଲୋମିଟର ଏକ୍ସଟ୍ରା ହାଇଟେନସନ୍ (ଇ.ଏଚ୍.ଟି.) ଲାଇନ ଟଣାଯିବା ସହିତ ଓଡ଼ିଶା ଶକ୍ତି ସରବରାହ ନିଗମ ଲିମିଟେଡ (ଓ.ପି.ଟି.ସି.ଏଲ୍) ୯୯.୮୪% ସରବରାହ କ୍ଷମତା ହାସଲ କରିପାରିଛି। ରାଜ୍ୟରେ ଗଢ଼ି ଉଠୁଥିବା ପ୍ରସ୍ତାବିତ ଶକ୍ତି ପ୍ରକଳ୍ପଗୁଡିକରୁ ରାଜ୍ୟ ଅଂଶ ଶକ୍ତି ଗ୍ରହଣ ଓ ବହିଷ୍କରଣ ପାଇଁ ଅଧିକ ରୂପାନ୍ତରଣ କ୍ଷମତା ଓ ବିଭିନ୍ନ ଭୋଲଟେଜ୍ ସ୍ତରରେ ଇ.ଏଚ୍.ଟି ଲାଇନ ଟଣା ଓ ପରସ୍ପର ସହ ଲାଇନ୍ ଦ୍ୱାରା ସଂଯୁକ୍ତ ୪୦୦ କେଭି ନୂଆ ସବ୍‌ଷ୍ଟେସନ ସ୍ଥାପନ ଭଳି ବ୍ୟାପକ ବିଦ୍ୟୁତ ସଂଚାଳନ ସଂପ୍ରସାରଣ କାର୍ଯ୍ୟକ୍ରମ ସରକାରୀ-ଘରୋଇ ସହଭାଗିତାରେ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ରହିଛି । ଦ୍ୱାଦଶ ଯୋଜନା କାଳରେ ଆନ୍ତଃରାଜ୍ୟ ବିଦ୍ୟୁତ ସଞ୍ଚାରଣ ବ୍ୟବସ୍ଥାରେ ଉନ୍ନତିସାଧନ ପାଇଁ ଓ.ପି.ଟି.ସି.ଏଲ ଓ ପି.ଜି.ସି.ଆଇ.ଏଲ୍‌ର ଯୌଥ ସହଭାଗୀ ଉଦ୍ୟୋଗ କଳିଙ୍ଗ ବିଦ୍ୟୁତ ପ୍ରସାରଣ ନିଗମ ପ୍ରାଇଭେଟ ଲିମିଟେଡ୍ ଏବଂ ଓ.ପି.ଟି.ସି.ଏଲ ଓ ଏମ.ସି.ଏଲ୍‌ର ଯୌଥ ସହଭାଗୀରେ ଅନ୍ୟ ଏକ ଉଦ୍ୟୋଗ ନୀଳାଚଳ ପାୱାର ଟ୍ରାନ୍ସମିଶନ କମ୍ପାନୀ ପ୍ରାଇଭେଟ ଲିମିଟେଡ୍ ଗଠିତ ହୋଇଛି। ୨୦୧୩-୧୪ ପାଇଁ ଅନ୍ୟୁନ ୧୩୬୦ ଏମ.ଭି.ଏ ରୂପାନ୍ତରଣ କ୍ଷମତା ସଂପନ୍ନ ନୂତନ ପ୍ରକଳ୍ପ, ୬୪୬ କିଲୋମିଟରର ଇ.ଏଚ୍.ଟି ଲାଇନ ଏବଂ ୩୫୫ ଏମ.ଭି.ଏ କ୍ଷମତା ସଂପନ୍ନ ୧୪ଟି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର କ୍ଷମତା ବୃଦ୍ଧି ନିମନ୍ତେ ଯୋଜନା କରାଯାଇଛି । ଦୁଇ ବର୍ଷ ସମୟସୀମା ମଧ୍ୟରେ ୫୫୦ଟି ନୂଆ ୩୩/୧୧ କେଭି ସବ୍‌ଷ୍ଟେସନ ନିର୍ମାଣ କରାଯିବ।

୯୨. ଗ୍ରାମ୍ୟ ବିଦ୍ୟୁତିକରଣକୁ ପରିପୂର୍ଣ୍ଣ ପର୍ଯ୍ୟାୟରେ ପହଞ୍ଚାଇବା ପାଇଁ ବିଦ୍ୟୁତିକରଣ ହୋଇନଥିବା ସମସ୍ତ ବସତି ଚିହ୍ନଟ କରାଯିବା ନିମନ୍ତେ ଏକ ରାଜ୍ୟବ୍ୟାପୀ ବସତି ସର୍ବେକ୍ଷଣ ଆରମ୍ଭ କରାଯାଇଛି, ଯାହାଦ୍ୱାରା ବାଦ୍ ପଡିଥିବା ବସତି ସମୂହ ଚିହ୍ନଟ କରାଯାଇ ବିଦ୍ୟୁତିକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିହେବ । ସରକାର ମଧ୍ୟ ପ୍ରଥମ ଥର ପାଇଁ ଅଧିକ ବିଦ୍ୟୁତ ଶକ୍ତି ଆବଶ୍ୟକ କରୁଥିବା କୃଷି/ମତ୍ସ୍ୟ ଚାଷ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଫିଡ଼ର ଯୋଗାଇବା ନିମନ୍ତେ ଏକ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

୯୩. ଖଣି ପରିଚାଳନା କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ ବିଗତ ବର୍ଷ ପାଇଲଟ ପଦ୍ଧତିରେ ଆରମ୍ଭ କରାଯାଇଥିବା ସମନ୍ୱିତ ଖଣି ଏବଂ ଖଣିଜ ପଦାର୍ଥ ପରିଚାଳନା ପ୍ରଣାଳୀ (ଆଇ-୩ ଏମ୍.ଏସ୍) ସମ୍ପ୍ରତି ସାରା ରାଜ୍ୟକୁ ପୂର୍ଣ୍ଣାଙ୍ଗ ଭାବରେ ସମ୍ପ୍ରସାରିତ କରାଯାଇଛି । ଏହି ଅନ୍‌ଲାଇନ୍ ଇ-ଟ୍ରାଞ୍ଜିଟ୍ ପରମିଟ୍ ଏବଂ ପାଶ୍ ପ୍ରଣାଳୀ ଦ୍ୱାରା ଖଣିଜ ଦ୍ରବ୍ୟ ପରିବହନ ପରମିଟ୍ ନିର୍ଗମନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହିତ ଜାଲ୍ ପରମିଟ୍ ବ୍ୟବହାରର ସମ୍ଭାବନାକୁ ଏଡାଇ ଦିଆଯାଇପାରୁଛି ।

୯୪. ଏହିସବୁ ପଦକ୍ଷେପ କେବଳ ଯେ ଖଣି ପ୍ରଶାସନରେ ଉନ୍ନତି ସାଧନ କରିପାରିଛି ତାହା ନୁହେଁ, ବରଂ ଏହାଦ୍ୱାରା ୨୦୧୨ ଡିସେମ୍ବର ସୁଦ୍ଧା ୩୮୦୦ କୋଟି ଟଙ୍କାର ଖଣି ରାଜସ୍ୱ ସଂଗ୍ରହ କରାଯାଇ ପାରିଛି । ୨୦୧୨-୧୩ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଖଣି ରାଜସ୍ୱ ଆଦାୟ ଗତ ଆର୍ଥିକ ବର୍ଷରେ ଆଦାୟ ହୋଇଥିବା ୪୫୮୬ କୋଟି ଟଙ୍କାରୁ ମଧ୍ୟ ଅଧିକ ହେବ ବୋଲି ଆଶା କରାଯାଉଛି । ବଳକା ଦେୟର ୫୦ ପ୍ରତିଶତ ଖଣିଜ ସମ୍ପଦ ଦେୟ ଶୁଳ୍କ ଲାଗୁ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଦେଇଥିବା ପ୍ରସ୍ତାବ ଅନୁମୋଦିତ ହେଲେ ଖଣି ରାଜସ୍ୱ ଆହୁରି ବୃଦ୍ଧି ପାଇବା ଆଶା କରାଯାଉଛି ।

୯୫. ''ପ୍ରୋଜେକ୍ଟ ଓଡିଶା ସେଲ୍''ର ତତ୍ତ୍ୱାବଧାନରେ ରାଜ୍ୟର ପ୍ରାଚୀନ କୀର୍ତ୍ତିରାଜି ଓ ବୌଦ୍ଧ ଐତିହ୍ୟର ସଂରକ୍ଷଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଅଛି । ଏହିଭଳି ୨୯୫ଟି ସ୍ଥାନରୁ ୨୦୧୨-୧୩ରେ ''ପ୍ରୋଜେକ୍ଟ ଓଡିଶା ସେଲ୍'' (ପ୍ରତ୍ନତତ୍ତ୍ୱ) ମାଧ୍ୟମରେ

ଏବଂ ୯୭ଟି କୀର୍ତ୍ତିରାଜି ଏବଂ ଉତ୍କଳୀୟ ନୌବାଣିଜ୍ୟ ଓ ଦକ୍ଷିଣ ପୂର୍ବ ଏସୀୟ ଗବେଷଣା ପ୍ରତିଷ୍ଠାନ ମାଧ୍ୟମରେ ୩୩ଟି କୀର୍ତ୍ତିରାଜିର ସଂରକ୍ଷଣ କାର୍ଯ୍ୟ ହାତକୁ ନିଆଯାଇଅଛି । ସମନ୍ୱିତ ଉପକୂଳ ଅଞ୍ଚଳ ପରିଚାଳନା ପ୍ରକଳ୍ପ (ଆଇ.ସି.ଜେଡ୍.ଏମ୍.ପି) ଦ୍ୱାରା ୮ଟି କୀର୍ତ୍ତିରାଜି ଚୟନ କରାଯାଇଅଛି ଓ ତନ୍ମଧ୍ୟରୁ ପୁରୀ ଜିଲ୍ଲାର ମାଣିକପାଟଣାସ୍ଥିତ ଭବକୁଣ୍ଡଳେଶ୍ୱର ମନ୍ଦିର ଏବଂ ଗଂଜାମ ଜିଲ୍ଲାର ଗଂଜାମ ଦୁର୍ଗର ସଂରକ୍ଷଣ କାର୍ଯ୍ୟ ଚାଲିଛି ।

୯୬. ସରକାର ପାରମ୍ପରିକ ଲୋକ କଳାକାରମାନଙ୍କର ଜୀବିକା ନିର୍ବାହ, ବିଭିନ୍ନ ଲୋକକଳାଗୁଡ଼ିକର ପ୍ରଚାର ଓ ପ୍ରସାର ନିମନ୍ତେ ବିଭିନ୍ନ ବିଭାଗର କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକ ପାରମ୍ପରିକ କଳା ଏବଂ କଳାକାରମାନଙ୍କ ମାଧ୍ୟମରେ ପ୍ରଦର୍ଶନକୁ ସୁସଂହତ କରିବା ଦିଗରେ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି ।

୯୭. ମୋ' ସରକାର ଓଡ଼ିଶାରେ ପର୍ଯ୍ୟଟନ ସମ୍ଭାବନାକୁ ସୁଦୃଢ଼ କରିବା, ପର୍ଯ୍ୟଟନ ଶିଳ୍ପରେ ଘରୋଇ ସହଭାଗିତା ବୃଦ୍ଧି ଘଟାଇବା, ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରିବା, ପର୍ଯ୍ୟଟନ ବିପଣନ ତଥା ଚାହିଦାରେ ଉନ୍ନତି ପୂର୍ବକ ଓଡ଼ିଶା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏକ ନୂତନ ପର୍ଯ୍ୟଟନ ନୀତି ପ୍ରଣୟନ କରିବା ଦିଗରେ ଗୁରୁତ୍ୱର ସହ ବିଚାର କରୁଛନ୍ତି ।

୯୮. ସମସ୍ତ ଅଣ-ବୃହତ ବନ୍ଦରଗୁଡିକର ନିୟନ୍ତ୍ରଣ, ପରିଚାଳନା ତଥା କାର୍ଯ୍ୟନିର୍ବାହନ ପାଇଁ ବିଧି ସମ୍ମତ ଓଡ଼ିଶା ମାରିଟାଇମ୍ ବୋର୍ଡ ଗଠନ କରିବାକୁ ମୋ' ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବିଜ୍ଞାପିତ ବନ୍ଦର ଅଞ୍ଚଳରେ ସବୁଦିନିଆ ଗଭୀର ସାମୁଦ୍ରିକ ବନ୍ଦର ବିକଶିତ ତଥା ଆଧୁନିକୀକରଣ କରିବା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଉଛି । ଏହା କେବଳ ଯେ ସାମୁଦ୍ରିକ ବାଣିଜ୍ୟ ବୃଦ୍ଧିରେ ପ୍ରେରଣା ଯୋଗାଇବ ତା' ନୁହେଁ, ପରନ୍ତୁ ଏହାଦ୍ୱାରା ଅନେକ ବନ୍ଦରଭିତ୍ତିକ ଶିଳ୍ପାନୁଷ୍ଠାନ ଗଢି ଉଠିବା ସହ ପର୍ଯ୍ୟାପ୍ତ ପୁଞ୍ଜି ବିନିଯୋଗ ନିମନ୍ତେ ସୁଯୋଗ ସୃଷ୍ଟି କରିବ । ସରକାରୀ-ଘରୋଇ ଭାଗିଦାରୀରେ ବିକଶିତ ହୋଇଥିବା ଧାମରା ବନ୍ଦରର ବାଣିଜ୍ୟିକ କାରବାର ୬.୫.୨୦୧୧୦ରୁ ଆରମ୍ଭ ହୋଇଛି । ୨୦୧୨ ନଭେମ୍ବର ଶେଷସୁଦ୍ଧା ୧୬୦ଟି ଜାହାଜ ଦ୍ୱାରା ପ୍ରାୟ ୧୧.୬ନିୟୁତ ମେଟ୍ରିକଟନ୍ ପଣ୍ୟଦ୍ରବ୍ୟ କାରବାର ହୋଇ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ୪୨୪.୮୩କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଛି, ଯହିଁରୁ ସରକାରଙ୍କ ରାଜସ୍ୱ ଭାଗ ହେଉଛି ୨୧.୨୪କୋଟି ଟଙ୍କା । ଗୋପାଳପୁର, ସୁବର୍ଣ୍ଣରେଖା ଏବଂ ଅସ୍ତରଙ୍ଗ ବନ୍ଦରର ବିକାଶ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ପହଞ୍ଚିଛି ।

୯୯. ଇ-ବାହନ (ଯାନବାହନ ପଞ୍ଜିକରଣ), ଇ- ସାରଥି(ଡ୍ରାଇଭିଂ ଲାଇସେନ୍ସ ନିର୍ଗମନ) ଏବଂ ଇ-ଦିଶା(ଅନ୍‌ଲାଇନ୍ ଟ୍ୟାକ୍ସ ପ୍ରଦାନ) କାର୍ଯ୍ୟକ୍ରମ ସହିତ ଅଣ ପରିବାହୀ ଯାନବାହନଗୁଡିକ ପାଇଁ ଡିଲରସ୍ତରରେ ପଞ୍ଜିକରଣ ଏବଂ ପରମିଟ୍ ନିର୍ଗମନ ପରିଚାଳନା ପଦ୍ଧତି ମାଧ୍ୟମରେ ଅନ୍‌ଲାଇନ୍ ପରମିଟ୍ ପ୍ରଦାନ ପ୍ରଭୃତି ବ୍ୟବସ୍ଥା ପ୍ରଚଳନ କରାଯାଇ ପରିବହନ ସେବା ପ୍ରଦାନ ବ୍ୟବସ୍ଥାକୁ ଉଚ୍ଚମାନର କରାଯିବା ସଙ୍ଗେ ସଙ୍ଗେ ଏଥିରେ ସ୍ୱଚ୍ଛତା ଓ ଦକ୍ଷତା ଅଣାଯାଇପାରିଛି ।

୧୦୦. ରାଜ୍ୟର ଅଗମ୍ୟ ଓ ପଛୁଆ ଅଞ୍ଚଳଗୁଡିକରେ ପରିବହନ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ପାଇଁ ଚଳିତ ଆର୍ଥିକ ବର୍ଷରେ ୨୩.୪୦କୋଟି ଟଙ୍କା ବିନିଯୋଗରେ ୧୦୦ଟି ନୂତନ ବସ୍ କ୍ରୟ କରାଯିବା ପାଇଁ ସ୍ଥିର କରାଯାଇଛି ।

୧୦୧. ରାଜ୍ୟରେ ହସ୍ତତନ୍ତ ବସ୍ତ୍ରର ସମୃଦ୍ଧ ପରମ୍ପରାର ସଂରକ୍ଷଣ ଓ ପ୍ରୋତ୍ସାହନ ପାଇଁ ମୋ' ସରକାର ପ୍ରତିଶ୍ରୁତିବଦ୍ଧ ଏବଂ ତଦନୁସାରେ ଏହି କ୍ଷେତ୍ରର ବ୍ୟାପକ ବିକାଶ ପାଇଁ କାର୍ଯ୍ୟକ୍ରମମାନ ଆରମ୍ଭ କରିଛନ୍ତି । ୨୦୧୨-୧୩ ବର୍ଷରେ ମୋ' ସରକାର ବୁଣାକାରମାନଙ୍କ ନିମନ୍ତେ ୧୫୦୦ କର୍ମଶାଳା ନିର୍ମାଣ ପାଇଁ ୬୭୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ସେହିପରି ଆତ୍ମନିଯୁକ୍ତି କାର୍ଯ୍ୟକ୍ରମରେ ୭୦୦ ବୁଣାକାରଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ ପ୍ରଦାନ କରାଯିବା ପାଇଁ ୮୬.୬୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଭୁବନେଶ୍ୱରଠାରେ ଏକ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସଂଗ୍ରହାଳୟ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ବୁଣାକାରମାନଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ୨୦୧୨-୨୦୧୩ରେ ଓଡ଼ିଶାର ପାଞ୍ଚଟି ହସ୍ତତନ୍ତ ବସ୍ତ୍ରର ଭୌଗଳିକ ସୂଚାଙ୍କ ମାଧ୍ୟମରେ ପଞ୍ଜିକରଣ କରାଯାଇଛି । ବୁଣାକାରମାନଙ୍କ ହିତ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ପ୍ୟାକେଜ୍‌ର ଦ୍ୱିତୀୟ ପର୍ଯ୍ୟାୟ ଘୋଷଣା କରାଯାଇଛି । ପ୍ୟାକେଜ୍ ଅନୁଯାୟୀ ଦୁଇପ୍ରକାର ବୀମା ଯୋଜନା

ଯଥା 'ସ୍ୱାସ୍ଥ୍ୟ ବୀମା' ଏବଂ 'ମହାତ୍ମାଗାନ୍ଧୀ ବୁଣାକାର ବୀମା ଯୋଜନା'ରେ ଅନ୍ତର୍ଭୁକ୍ତ ବୁଣାକାରମାନଙ୍କ ପ୍ରିମିୟମ ରାଜ୍ୟ ଯୋଜନାରୁ ସରକାର ଭରଣ କରିବେ । 'ମୋ କୁଡିଆ' ଏବଂ ମଧୁବାବୁ ପେନ୍‌ସନ୍ ଯୋଜନା'ରେ ଅଧିକ ବୁଣାକାରଙ୍କୁ ଅନ୍ତର୍ଭୁକ୍ତ କରାଯିବ । ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ୨୦ଟି ହସ୍ତତନ୍ତ ପୁଞ୍ଜକୁ ସହାୟତା ରାଶି ଯୋଗାଇ ଦିଆଯିବ । ରାଜ୍ୟ ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ଜରିଆରେ ରାଜ୍ୟର ସମସ୍ତ ବୁଣାକାର ପରିବାରକୁ ପର୍ଯ୍ୟାୟକ୍ରମେ ସୌରଲଣ୍ଠନ ଯୋଗାଇ ଦିଆଯିବ ।

ହସ୍ତଶିଳ୍ପ କ୍ଷେତ୍ରର ବିକାଶ ପାଇଁ ୧୨୪୭୧ କାରିଗରଙ୍କୁ ନେଇ ବିଭିନ୍ନ ଜିଲ୍ଲାରେ ୨୫୭ଟି ହସ୍ତଶିଳ୍ପ ପୁଞ୍ଜ ଗଠନ କରାଯାଇଛି । କାରିଗରମାନଙ୍କୁ ସେମାନଙ୍କର ଉତ୍ପାଦିତ ସାମଗ୍ରୀର ସୁଲଭ ବିକ୍ରିବଟା ପାଇଁ ବଜାର ସହାୟତା ଏବଂ ନମୂନା ଉନ୍ନୟନ ସହାୟତା ଯୋଗାଇ ଦିଆଯାଉଛି ।

୧୦୨. ରାଜ୍ୟ ସରକାର ୨୦୧୨ ମସିହାରେ ଖୋର୍ଦ୍ଧା, କନ୍ଧମାଳ, ନୟାଗଡ଼, କଳାହାଣ୍ଡି ଏବଂ ଗଞ୍ଜାମ ଜିଲ୍ଲାରେ ଦେଖା ଦେଇଥିବା ଆକସ୍ମିକ ବନ୍ୟା ପରିସ୍ଥିତିରେ ଲୋକଙ୍କ ଦୁର୍ଦ୍ଦଶା ଲାଘବ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିଥିଲେ । ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଯଥେଷ୍ଟ ଅର୍ଥ ଯୋଗାଇ ଦିଆଯାଇଥିଲା । ଏତଦ୍‌ବ୍ୟତୀତ ଗୃହ ନିର୍ମାଣ ସହାୟତା ବାବଦରେ ୧୦୦.୦୩ ଲକ୍ଷ ଟଙ୍କା ଏବଂ ବାଲିଚର ସହାୟତା ବାବଦରେ ୭୩.୯୨ ଲକ୍ଷ ଟଙ୍କା ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ଯୋଗାଇ ଦିଆଯାଇଛି । ତା'ଛଡ଼ା କ୍ଷତିଗ୍ରସ୍ତ କୋଠାବାଡି, ରାସ୍ତାଘାଟର ମରାମତି ଏବଂ ପୁନରୁଦ୍ଧାର ପାଇଁ ପଞ୍ଚାୟତିରାଜ ବିଭାଗକୁ ୧୭୬.୦୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ।

୧୦୩. ୨୦୧୨ ମସିହା ଏପ୍ରିଲ ପହିଲା ସୁଦ୍ଧା ଆକଳନ କରାଯାଇଥିବା ୧,୬୯,୧୧୬ଟି ଘରଡିହହୀନ ପରିବାର ମଧ୍ୟରୁ ୮୨,୫୯୧ଟି ପରିବାରଙ୍କୁ ୨୦୧୨ ଡିସେମ୍ବର ୧୫ ତାରିଖ ସୁଦ୍ଧା ୩୦୯୦.୧୦୬ ଏକର ପରିମିତ ଜମି ଘରଡିହ ଆକାରରେ ଯୋଗାଇ ଦିଆଯାଇଛି, ଯେଉଁଥିରେ ୪୩,୮୯୮ ତଫସିଲଭୁକ୍ତ ଜନଜାତି, ୧୮,୦୯୮ ତଫସିଲଭୁକ୍ତ ଜାତି ଏବଂ ୨୦,୫୯୫ ଅନ୍ୟାନ୍ୟ ବର୍ଗର ପରିବାର ଅର୍ନ୍ତଭୁକ୍ତ । ସେହିଭଳି ୨୦୧୨ ମସିହା ଏପ୍ରିଲ ୧ ତାରିଖ ସୁଦ୍ଧା ରାଜ୍ୟର ୧,୯୮,୭୬୩ ଭୂମିହୀନ ପରିବାର ମଧ୍ୟରୁ ୧୮,୭୪୫ ତଫସିଲଭୁକ୍ତ ଜନଜାତି, ୨୦୨୩ ତଫସିଲଭୁକ୍ତ ଜାତି ଏବଂ ୧୮୬୬ ଅନ୍ୟାନ୍ୟ ବର୍ଗର ପରିବାର ଏହିଭଳି ମୋଟ ୨୨,୬୩୪ ପରିବାରକୁ ୨୭,୯୮୯.୭୭ ଏକର ସରକାରୀ ପତିତ ଜମି ଚାଷ କରିବା ନିମନ୍ତେ ୨୦୧୨ ଡିସେମ୍ବର ୧୫ ତାରିଖ ସୁଦ୍ଧା ଯୋଗାଇ ଦିଆଯାଇଛି । ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଅବଶିଷ୍ଟ ଘରଡିହ ଏବଂ ଭୂମିହୀନ ପରିବାରଙ୍କୁ ଘରଡିହ ଓ ଚାଷ ନିମନ୍ତେ ସରକାରୀ ପତିତ ଜମି ଏକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

୧୦୪. ରାଜ୍ୟର ସାମଗ୍ରିକ ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଛି । ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରଖାଯାଇ ପାରିଛି । ୨୦୧୨ରେ ରାଜ୍ୟରେ ବାମପନ୍ଥୀ ଉଗ୍ରବାଦ ସମସ୍ୟାର ମୁକାବିଲା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ପରିଲକ୍ଷିତ ହୋଇଛି । ଆଗୁଆ ସୁରକ୍ଷା ସାଧନ ପ୍ରତିକ୍ରିୟା କାରଣରୁ ୧୦ଜଣ ମାଓବାଦୀଙ୍କ ନିଧନ, ୧୬୭ ଜଣଙ୍କୁ ଗିରଫ ଏବଂ ସର୍ବାଧିକ ୩୫ଜଣ କାଡର ମାଓବାଦୀଙ୍କ ଆତ୍ମସମର୍ପଣ ସମ୍ଭବ ହୋଇପାରିଛି । ଏତଦ୍‌ବ୍ୟତୀତ ୨୦୧୨ ମସିହାରେ ସମୁଦାୟ ୮୩ଟି ଆଗ୍ନେୟାସ୍ତ୍ର, ୧୨୫ଟି ଉନ୍ନତ ଲ୍ୟାଣ୍ଡମାଇନ୍ ବିସ୍ଫୋରକ ଉପକରଣ, ବହୁଳ ପରିମାଣର ବିସ୍ଫୋରକ ଏବଂ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଛି । ଗତବର୍ଷ ନିରନ୍ତର ମାଓବିରୋଧୀ କାର୍ଯ୍ୟାନୁଷ୍ଠାନ ହେତୁ ଯାଜପୁର, ଢେଙ୍କାନାଳ, ନୟାଗଡ, ଦେବଗଡ, ମୟୁରଭଞ୍ଜ ଏବଂ ସମ୍ବଲପୁର ଜିଲ୍ଲାରେ କୌଣସି ହିଂସାତ୍ମକ ଘଟଣା ଘଟି ନାହିଁ ।

୧୦୫. ୨୦୧୨ ମସିହାରେ ରାଜ୍ୟ ସରକାର ୨୭୩ ଜଣ ସବ୍-ଇନ୍‌ସ୍ପେକ୍ଟର, ୯୪ଜଣ ଡେପୁଟି ସୁବେଦାର୍ ଏବଂ ୩୭ଜଣ ସର୍ଜେଣ୍ଟଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିଛନ୍ତି । ଏଥିସହିତ ସରକାର ୧୫୨୧ଜଣ ଅନୁସୂଚିତ ଜନଜାତିର ଯୁବକ (ଏସ୍.ପି.ଓ)ମାନଙ୍କୁ କନେଷ୍ଟବଳ ପଦବୀରେ ନୂତନ ଭାବରେ ସୃଷ୍ଟି ହୋଇଥିବା ଓଡ଼ିଶା ଅତିରିକ୍ତ ପୋଲିସ ବଳ (ଓ.ଏ.ପି.ଏଫ୍)ରେ ନିଯୁକ୍ତି ଦେଇଛନ୍ତି । ଶିଳ୍ପାଞ୍ଚଳ ସମ୍ବେଦନଶୀଳ ପ୍ରକଳ୍ପ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାପନଗୁଡିକୁ ପର୍ଯ୍ୟାପ୍ତ ତଥା ସଂପୂର୍ଣ୍ଣ ସୁରକ୍ଷା ଯୋଗାଇ ଦେବା ନିମନ୍ତେ ଓଡ଼ିଶା ଶିଳ୍ପ ନିରାପତ୍ତା ବାହିନୀ ଅଧିନିୟମ ପ୍ରଣୟନ କରାଯାଇଛି । ପୁନଶ୍ଚ ସ୍ୱତନ୍ତ୍ର ଇଣ୍ଡିଆ ରିଜର୍ଭ ବାଟାଲିୟନ୍‌ର ୧୭୦୪ଟି ପଦବୀ, ଟ୍ରାଫିକ୍ ପୋଲିସ୍‌ର ୧୬୫ଟି ପଦବୀ, ଅର୍ଥନୈତିକ ଅପରାଧ ଶାଖା ଏବଂ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଶାଖାଗୁଡିକ ନିମନ୍ତେ ୧୦୫ଟି ପୋଲିସ୍ କର୍ମଚାରୀ ପଦବୀ ମଞ୍ଜୁର

କରାଯାଇଛି । ରାଜ୍ୟ ଫୋରେନ୍‌ସିକ୍ ଲାବୋରେଟୋରୀର ପୁନର୍ବିନ୍ୟାସ ଓ ସୁଦୃଢ଼ୀକରଣ ଉଦ୍ଦେଶ୍ୟରେ ୨୧୮ଟି ପଦବୀ ବିଭିନ୍ନ ବର୍ଗରେ ସୃଷ୍ଟି କରାଯାଇଛି ।

୧୦୬. ପୋଲିସ ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଥାନାଗୁଡ଼ିକରେ ଆବଶ୍ୟକୀୟ ମୌଳିକ ସୁବିଧା ସହିତ ଅଭ୍ୟର୍ଥନା କେନ୍ଦ୍ର ପର୍ଯ୍ୟାୟକ୍ରମେ ନିର୍ମାଣ କରାଯାଉଛି । ରାଜ୍ୟରେ ବିଭିନ୍ନ ଥାନାଗୁଡ଼ିକରେ ୧୪୦ଗୋଟି ଅଭ୍ୟର୍ଥନା କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ୨୦୧୨-୧୩ ମସିହାରେ ପ୍ରଥମ ପର୍ଯ୍ୟାୟରେ ପାଣ୍ଠି ଯୋଗାଇ ଦିଆଯାଇଛି । ୨୦୧୩-୧୪ ବର୍ଷରେ ୧୩୫ଟି ଅଧିକ ପୋଲିସ ଥାନାରେ ଅଭ୍ୟର୍ଥନା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ହାତକୁ ନେବା ପାଇଁ ପ୍ରସ୍ତାବ ରହିଛି ।

୧୦୭. ଉତ୍ପୀଡ଼ିତ କ୍ଷତି ପୂରଣ ଯୋଜନାର ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ଯୋଜନାରେ ଜୀବନହାନି, ଧର୍ଷଣ, କୌଣସି ଅଙ୍ଗହାନି, କ୍ଷତି କିମ୍ବା କ୍ଷତଜନିତ ଗଭୀର ମାନସିକ ଯାତନାପ୍ରାପ୍ତ ଓ ଉତ୍ପୀଡ଼ିତ ଶିଶୁମାନଙ୍କ ସାମାନ୍ୟତମ ଆଘାତ ନିମନ୍ତେ ୧୦,୦୦୦ ଟଙ୍କାରୁ ୧,୫୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ଷତି ପୂରଣ ପ୍ରଦାନର ବ୍ୟବସ୍ଥା ରଖାଯାଇଛି ।

୧୦୮. ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଅଗ୍ନିଶମ ସେବାକେନ୍ଦ୍ର ପ୍ରତିଷ୍ଠା କରିବା ଲକ୍ଷ୍ୟ ନେଇ ୨୦୧୨-୧୩ ବର୍ଷରେ ପୁଣି ୪୧ଟି ନୂତନ ଅଗ୍ନିଶମ ସେବାକେନ୍ଦ୍ର ମଞ୍ଜୁର କରାଯାଇଛି । ବଳକା ୩୯ଗୋଟି ବ୍ଲକକୁ ୨୦୧୩-୧୪ ବର୍ଷରେ ଅନ୍ତର୍ଭୁକ୍ତ କରାଯାଉଛି, ଯଦ୍ୱାରା କି ରାଜ୍ୟର ସମସ୍ତ ବ୍ଲକ ଏହି ଯୋଜନାରେ ସାମିଲ ହୋଇପାରିବେ ।

୧୦୯. କାରାଗାର ଚତୁଃପାର୍ଶ୍ୱ ପ୍ରାଚୀରର ଉଚ୍ଚତାବୃଦ୍ଧି ଓ ଦୁର୍ଗ ନିର୍ମାଣ କରାଯାଇ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି । ୧୮ଟି କାରଗାରରେ କ୍ଲୋଜ ସର୍କିଟ ଟିଭି ବ୍ୟବସ୍ଥା, ୭ଗୋଟି କାରାଗାରରେ ସେଲ୍‌ଫୋନ୍ ଜାମର୍ ସ୍ଥାପନ ଏବଂ ୩ଟି କାରାଗାରରେ ବ୍ୟାଗେଜ୍ ସ୍କାନର୍ ଲଗାଯାଇଛି । ଏହି ବ୍ୟବସ୍ଥା ଅଧିକ କାରାଗାରରେ କାର୍ଯ୍ୟକାରୀ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କୁ ବିଚାରାଳୟକୁ ନଆଣି ଭିଡିଓ କନ୍‌ଫରେନ୍ସିଂ ବ୍ୟବସ୍ଥା ମାଧ୍ୟମରେ ବିଚାର କରିବାକୁ ୮ଗୋଟି କାରାଗାରରେ ଏହି ବ୍ୟବସ୍ଥା ପ୍ରଚଳନ କରାଯାଇଛି । ଆଉ ୨୩ଟି କାରାଗାରରେ ଏହି ବ୍ୟବସ୍ଥା ପ୍ରଚଳନ ପାଇଁ ଅର୍ଥ ମଞ୍ଜୁର କରାଯାଇଛି । ବନ୍ଦୀମାନଙ୍କ ସନ୍ତାନସନ୍ତତିଙ୍କ ଶିକ୍ଷା ନିମନ୍ତେ ଭୁବନେଶ୍ୱରଠାରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସର ନିର୍ମାଣ କାର୍ଯ୍ୟ ଚାଲୁରହିଛି । ଦୋଷୀ ସାବ୍ୟସ୍ତ ବନ୍ଦୀମାନଙ୍କୁ ସହଜ ଓ ସରଳ ଉପାୟରେ ସମାଜ ସହିତ ସାମିଲ କରିବାର ଲକ୍ଷ୍ୟ ନେଇ ସମ୍ବଲପୁର ଓ ବାଲେଶ୍ୱରଠାରେ ଦୁଇଗୋଟି ନୂତନ ମୁକ୍ତାକାଶ କାରାଗାର ପ୍ରତିଷ୍ଠା କରାଯିବା ନିମନ୍ତେ ପ୍ରସ୍ତାବ ରହିଛି ।

୧୧୦. ଆଜିର ଏହି ଅବସରରେ, ମୋ' ବକ୍ତବ୍ୟ ମାଧ୍ୟମରେ ମୋ' ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ନୀତି ଓ କାର୍ଯ୍ୟକ୍ରମଗୁଡ଼ିକର ରୂପରେଖ ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ହାସଲ କରାଯାଇଥିବା ଉଲ୍ଲେଖନୀୟ ସଫଳତାର ଚିତ୍ର ପ୍ରଦାନ କରାଯାଇଛି । ମୋ' ସରକାର ଏକ ସମର୍ଥ ପରିବେଶ ସୃଷ୍ଟି କରିବା ନିମନ୍ତେ ଉତ୍ସାହ ଏବଂ ତତ୍ପରତାର ସହିତ ନିରନ୍ତର କାର୍ଯ୍ୟ କରିବ, ଯାହା ରାଜ୍ୟର ପ୍ରତ୍ୟେକ ନାଗରିକକୁ ଦାରିଦ୍ର୍ୟ, ନିରକ୍ଷରତା, କ୍ଷୁଧା ଓ ନିରାଶ୍ରୟତାର ବନ୍ଧନରୁ ମୁକ୍ତ ରଖିବ । ଆମ ସମ୍ବିଧାନରେ ପ୍ରଦତ୍ତ ଅଧିକାର ସମୂହର ଆଧାରରେ ସଭିଙ୍କୁ ଜୀବନ ନିର୍ବାହ କରିବା ନିମନ୍ତେ ସାମର୍ଥ୍ୟ ଯୋଗାଇ ଦେବା ପାଇଁ ଆମେ ଦୃଢ଼ପ୍ରତିଜ୍ଞ ।

ମୁଁ ବର୍ତ୍ତମାନ ଆଲୋଚନା ଜାରି ରଖିବା ପାଇଁ ଆପଣଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରି ଏହି ଅଧିବେଶନର ସଫଳତା କାମନା କରୁଛି ।

❖ ❖ ❖

ଜୟ ହିନ୍ଦ୍ ।